ଘାସଫୁଲ

ପଞ୍ଚଦଶ ବର୍ଷ ରଥ ସଂଖ୍ୟା- ୨୦୨୪
15th Year Ratha Issue -2024

ପ୍ରତିଷ୍ଠାତା ସମ୍ପାଦକ: **ବିଷ୍ଣୁ ସେଠୀ**

ସଂପାଦିକା : **ଉର୍ମିଳାରାଣୀ ପାଣିଗ୍ରାହୀ**
ଅତିଥି ସଂପାଦକ : **ସୂର୍ଯ୍ୟବଂଶୀ ସୂରଜ**

ସୃଜନୀ ସମ୍ପାଦକ : **ଅଭୟ ଦ୍ୱିବେଦୀ**

ନିର୍ବାହୀ ସଂପାଦକ: **ବ୍ୟୋମକେଶ ସେନାପତି**
କଳା-ସଂପାଦକ : **ଚୂଡ଼ାମଣି ଦାସ**

ଅକ୍ଷର ସଜ୍ଜା : **ମା' ସନ୍ତୋଷୀ କମ୍ପ୍ୟୁଟର**
ମୁଦ୍ରଣ : **ରିକି ପ୍ରମୋଟର**


"ଇତିହାସରୁ ଏହା ପ୍ରମାଣିତ, ଯେଉଁ କାଳଖଣ୍ଡରେ ଓଡ଼ିଆ ଭାଷା ସଶକ୍ତ ଓ ସୁଦୃଢ଼, ସେହି ଅବଧିରେ ଓଡ଼ିଆ ଜାତିର ଅସ୍ମିତା ଶିଖର ସ୍ପର୍ଶ କରିଛି । ଅପର ପକ୍ଷେ ଯେଉଁ ସମୟରେ ଭାଷା ରୁଗ୍ଣ ଓ ଦୁର୍ବଳ, ଓଡ଼ିଆ ଜାତିର ସ୍ୱାଭିମାନ ଭୂଲୁଣ୍ଠିତ ଓ ପରାହତ ହୋଇଛି ।"

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦
ମୋ: ୯୪୩୭୧୯୩୫୦, ୯୯୩୭୬୧୧୨୮
E-mail: ghasaphula.2010@gmail.com

ମୂଲ୍ୟ
୫୦ଟଙ୍କା ମାତ୍ର

ସୃଜନୀର ସ୍ୱର ଓ ସ୍ୱାକ୍ଷର





ମାଆର ପଣତକାନି

ଏସିଆ ମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କର ବାହ୍ୟ ପରିପାଟୀ ଅତ୍ୟନ୍ତ କଠିନ ଜଣା ପଡୁଥିଲେ ବି ଉଭୟ ହୃଦୟରେ ପ୍ରାୟତଃ ଉଦାରଶୀଳ ଏଥିରେ ସଂଦେହ ନାହିଁ । କାରଣ ଉଭୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପାକିସ୍ଥାନର ପ୍ରଧାନମନ୍ତ୍ରୀ ଜନାବ ନୱାବ ସରିଫ୍ ନିଜ ନିଜ ମାଆ ପାଖରେ ଅତ୍ୟନ୍ତ ଦୁର୍ବଳ ଏବଂ ସମ୍ବେଦନଶୀଳ ଯାହା ସଦ୍ୟ ସମାପିତ ନରେନ୍ଦ୍ର ମୋଦିଙ୍କ ଶପଥ ଗ୍ରହଣ କାଳରେ ଲୋକଲୋଚନରେ ପ୍ରକଟିତ ହୋଇସାରିଛି । ସମସ୍ତ ପାର୍ଥକ୍ୟ ଓ ଭେଦଭାବ ସତ୍ତ୍ୱେ ଯଦି ଦୁଇ ଜଣ ରାଜନୈତିକ- ହସ୍ତୀଙ୍କର ଗୋଟିଏ ଚରିତ୍ରରେ ଶତପ୍ରତିଶତ ମେଳ ଖାଉଥାଏ, ତେବେ ତାହା ହିଁ ସେମାନଙ୍କର ମାତୃଭକ୍ତି ଚରିତ୍ରବତ୍ତା ।

କାଳେ କାଳେ ମାତୃଭକ୍ତିର ନିଦର୍ଶନ ଭାରତୀୟ ମୂଳମୂଲକରେ ପ୍ରତିପାଦିତ ହୋଇଛି ଶ୍ରୀ ଗଣେଶଙ୍କ ଠାରୁ ଛତ୍ରପତି ଶିବାଜୀ ମହାରାଜାଙ୍କ ପର୍ଯ୍ୟନ୍ତ । ଏହି ମାତୃଶକ୍ତିକୁ ଆଧାର କରି ଭାରତବର୍ଷର ବହୁ ଯୋଦ୍ଧା ନିଜକୁ ଯୁଦ୍ଧବେଦୀରେ ସମର୍ପିତ କରିଯାଇଛନ୍ତି । ଅଖଣ୍ଡ ଭାରତରେ ମାତୃଭକ୍ତିର ପ୍ରାବଲ୍ୟ ଅଦ୍ୟାବଧି ବି ଉଜ୍ଜୀବିତ ହୋଇ ରହିଛି - ଏ କଥାର ସାକ୍ଷ୍ୟ ପ୍ରମାଣ ନରେନ୍ଦ୍ର ମୋଦି ଓ ନୱାଜ ସରିଫ୍ । ସଦା ଅନୁଷ୍ଠିତ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ରାଷ୍ଟ୍ରୀୟସ୍ତରର ଆଲୋଚନା କାଳରେ ସୂତ୍ରପାତ ହୁଏ ସ୍ୱମାତୃପ୍ରେମର କାହାଣୀ ।

ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ସବୁଥର ପରି ନିଜ ମାଆ ହୀରାବେନ୍‌ଙ୍କ ପାଖକୁ ଯାଇଥିଲେ ଆଶୀର୍ବାଦ ଭିକ୍ଷା କରିବା ପାଇଁ । ଏକ ସାଧାରଣ ପରିବାର ଭଳି ଚଳୁଥିବା ପରିବାରରେ ମୋଦି ପହଂଚିବା ପରେ ମାଆ ହୀରାବେନ୍ ତାଙ୍କୁ ଏକ ପ୍ଲାଷ୍ଟିକ୍ ଚେୟାରରେ ପାଖରେ ବସାଇ, ମିଠା ଖୁଆଇ ରୁମାଲରେ ମୁହଁ ପୋଛି ଦେଲେ ଏବଂ ୧୦୦ ଟଙ୍କା ତାଙ୍କ ପ୍ରଧାନମନ୍ତ୍ରୀ ପୁତ୍ରକୁ ଶୁଭେଚ୍ଛା ଭାବରେ ପ୍ରଦାନ କଲେ । ମାଆ - ପୁଅଙ୍କର ଏଭଳି ଅନାବିଳ ଦୃଶ୍ୟକୁ ଟି.ଭି.ରେ ଦେଖୁଥିଲେ ନୱାଜ ସରିଫ୍ ଓ ତାଙ୍କ ମାଆ ନସିମ୍ ଅଖତର । ହୀରାବେନ୍ ଓ ନସିମ୍ ଅଖତରଙ୍କ ବୟସ ନବେ ବର୍ଷରୁ ଅଧିକ । ଟି.ଭିରେ ଏପରି ଦୃଶ୍ୟ ଦେଖି ଭାବପ୍ରବଣ ହୋଇ ଉଠିଥିଲେ ଲାହୋରରେ ରହୁଥିବା ନୱାଜ ସରିଫଙ୍କ ସମୁଦାୟ ପରିବାର । ନରେନ୍ଦ୍ର ମୋଦିଙ୍କ ଭଳି ନୱାଜ ସରିଫଙ୍କ ମାଆ ମଧ୍ୟ ପୁଅ ଠାରୁ ଦୂରରେ ଥାନ୍ତି । ପ୍ରତି ସପ୍ତାହରେ ନୱାଜ ମାଆଙ୍କୁ ଦେଖା କରିବା ପାଇଁ ଲାହୋର ଯାଇଥାନ୍ତି । ମୋଦି ମଧ୍ୟ ବିଭିନ୍ନ ଆନୁଷ୍ଠାନିକ ମାଂଗଳିକ କାର୍ଯ୍ୟର ଅବ୍ୟବହିତ ପୂର୍ବରୁ ମାଆଙ୍କୁ ସାକ୍ଷାତ କରିବାକୁ ଗାନ୍ଧୀନଗର ଯାଇଥାନ୍ତି । ଶପଥ ଗ୍ରହଣ ପୂର୍ବରୁ ପାର୍ଲାମେଣ୍ଟର ସେଣ୍ଟ୍ରାଲ୍ ହଲ୍‌ରେ ମୋଦି ତାଙ୍କ ଅଭିଭାଷଣ କାଳରେ କାନ୍ଦି ପକାଇଥିଲେ । କାନ୍ଦିବାର କାରଣ ମୋଦିଙ୍କ ପୂର୍ବରୁ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡ଼ଭାନି ତାଙ୍କ ବକ୍ତବ୍ୟ ଛଳରେ କହିଥିଲେ ଯେ ମୋଦିଙ୍କ କୃପାରୁ ଆଜି ଦଳ ଏହି ସଫଳତା ପାଇଛି .... ଇତ୍ୟାଦି ଇତ୍ୟାଦି । ଏହି 'କୃପା' ଶବ୍ଦଟିକୁ ସହଜରେ ଗ୍ରହଣ କରିପାରି ନଥିଲେ ନରେନ୍ଦ୍ର ମୋଦି । କହୁ କହୁ ସେ କହି ପକାଇଥିଲେ ଯେ ବିଜେପି ମୋର ମାଆ ସଦୃଶ୍ୟ । ମାଆ ପ୍ରତି ସନ୍ତାନ କେବେ କୃପା କରେନା, କେବଳ ସେବା କରିଥାଏ । ଏଥିପାଇଁ ଟି.ଭି. ଭାଷ୍ୟକାରମାନେ ନରେନ୍ଦ୍ରଙ୍କୁ 'ଇମୋସ୍‌ନାଲ୍' ନ କହି 'ନମୋସ୍‌ନାଲ୍' ବୋଲି କହିଥିଲେ ।

ଏକଥା ସତ୍ୟ ଯେ ଯେଉଁ ବ୍ୟକ୍ତିର ମାଆ ପ୍ରତି ବନ୍ଧନ ଅତୁଟ ଥାଏ - ସେ ବ୍ୟକ୍ତି ଜୀବନରେ ବହୁ ଶୀର୍ଷ ସ୍ଥାନକୁ ଯାଇପାରେ । ଯିଏ ମାଆ ପ୍ରତି ସମ୍ବେଦନଶୀଳ, ସେ ସେହି ମାଟି ପ୍ରତି, ମଣିଷ ପ୍ରତି ସମ୍ବେଦନଶୀଳ ହେବାକୁ ବାଧ୍ୟ । ବୋଧେ ଏହି ତଥ୍ୟଟି ଉଭୟ ମୋଦି ଓ ସରିଫଙ୍କ କ୍ଷେତ୍ରରେ ପ୍ରଜୁଯ୍ୟ । ବୈଦିକ ବିଚାରଧାରାରେ

ସନାତନୀମାନେ କେବଳ ନିଜର ଜନ୍ମିତ ମାଆଙ୍କୁ ମାଆ ବୋଲି ବିଚାର କରନ୍ତି ନାହିଁ। ମୋଦି ତାଙ୍କ ମନ୍ତ୍ରିମଣ୍ଡଳରେ କେବଳ ଗଂଗାନଦୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ବିଭାଗ ପ୍ରଚଳନ କରିବା ବୋଧେ ନରେନ୍ଦ୍ର ମୋଦିଙ୍କର ମାତୃପ୍ରେମର ଅନ୍ୟ ଏକ ନିଦର୍ଶନ। ପବିତ୍ର ପତିତପାବନୀ ଗଂଗାଙ୍କୁ ମାଆ ଭାବେ, ଗୋସଂପଦକୁ ମାଆ ଭାବେ ଓ ସର୍ବୋପରି ଏ ଭୂଖଣ୍ଡକୁ ମାଆ ଭାବେ ବିଚାର କରିବାର ସମୟ ବୋଧେ ଆଜି ଉପନୀତ। କାହିଁକି ଏହି ନଦୀ, ଜୀବଜନ୍ତୁ ଓ ମାଟିକୁ ମାଆ ବୋଲି ସନାତନୀଟିଏ ଗ୍ରହଣ କରିଥାଏ - ତାହା ଏକ ସ୍ୱତନ୍ତ୍ରବିଚାର୍ଯ୍ୟ ପ୍ରସଂଗ। ହେଲେ ଶପଥ ନେବାର ଚବିଶ ଘଣ୍ଟା ନ ପୂରୁଣୁ ମୋଦିଙ୍କର କଳାଧନ ଫେରେଇ ଆଣିବାର ମାନସିକତା ଓ ବନାରସରେ ଭୋଟରମାନଙ୍କ ସାମ୍ନାରେ ଉଦ୍‌ବୋଧନ କାଳରେ କହିଥିବା ଶବ୍‌ଦଗୁଡ଼ିକୁ ଯଥା ସମୟରେ ପୂର୍ଣ୍ଣାଙ୍ଗ କରିବାକୁ ବଚନବଦ୍ଧତାର ପ୍ରମାଣିତ କରିଛି। ଭାଷଣ କାଳରେ ମୋଦି କହିଥିଲେ " ଏଠିକୁ (ବନାରସ) ଆସିବା ପାଇଁ ମୋତେ କେହି କହି ନଥିଲେ, ଯଦି କେହି କହିଥିଲା ସେ ମୋର ଗଂଗାମାତା"। ବାସ୍ତବିକ ଗଂଗା କହିଲେ ଏକ ସାମାନ୍ୟ ନଦୀକୁ ହିଁ ଭାରତରେ ବୁଝାଯାଏନି। ଗଂଗାନଦୀର କୋଳେ କୋଳେ ଭରିରହିଛି ଭାରତୀୟ ଜନ-ଜୀବନର ଅର୍ଦ୍ଧାଧିକ ସାଂସ୍କୃତିକ, ଅର୍ଥନୈତିକ ଓ ସାମାଜିକ ଅସ୍ମିତା। ତେଣୁ ଗଂଗାମାଆର ସେବା କରିବାକୁ ନରେନ୍ଦ୍ରମୋଦି ସରକାର ପ୍ରତିଷ୍ଠାର ପ୍ରାରମ୍ଭରେ ତାଙ୍କର ଉଦ୍ୟମ, ବାସ୍ତବିକ ଧନ୍ୟର୍ବାଦାହ।

ଆଲୋଚନା କାଳରେ ନରେନ୍ଦ୍ରମୋଦିଙ୍କ ମାଆ ଓ ମୋଦିଙ୍କ ପ୍ରସଙ୍ଗରେ ଅବଗତ ହେବା ପରେ ସରିଫଙ୍କ ପରିବାର ପ୍ରବଳ ପରିମାଣରେ ଭାବପ୍ରବଣ ହୋଇ ଯାଇଥିଲେ। ସେଥିପାଇଁ ପରେ ମୋଦି ସରିଫଙ୍କ ମାଆ ଅଖତରଙ୍କ ପ୍ରତି ସ୍ନେହ- ସଦିଚ୍ଛା ସ୍ୱରୂପ ସରିଫ୍‌ଙ୍କ ହାତରେ ପଠାଇଲେ ତାଙ୍କ ପାଖକୁ ଏକ କାଶ୍ମିରୀ ଶାଲ୍। ହୋଇପାରେ ଏକ ରାଷ୍ଟ୍ରମୁଖ୍ୟଙ୍କ ମାଆ ପ୍ରତି ତାହା ଏକ ମାମୁଲି ସାମଗ୍ରୀ। କିନ୍ତୁ ସେଇ ବସ୍ତ୍ର ଖଣ୍ଡିକରେ ବୋଳାଯାଇଛି ଆଉ ଏକ ମୂଲକର ଏକ ଅଜଣା ପୁତ୍ରର ଅନାବିଳ ସ୍ନେହ- ମମତା। ଆଖିରେ କେହି କାହାରିକୁ ଦେଖି ନଥିଲେ ବି ଟି.ଭି. ପରଦାରେ ସେଦିନ ଗୁଞ୍ଜରିତ ହୋଇଥିବା ବାତ୍ସଲ୍ୟ ପ୍ରେମର ବାସ୍ନା ଉଭୟ ମୁଲକ ହିଁ ଆସ୍ୱାଦନ ଠିକ୍ ଭାବେ କରିପାରିଥିଲେ ବୋଧେ।

***



ଉର୍ମିଳାରାଣୀ ପାଣିଗ୍ରାହୀ

"ଶ୍ରୀଯୁକ୍ତ ବିଷ୍ଣୁ ବାବୁ"

ରାଜନୀତିଜ୍ଞ, ସାହିତ୍ୟନୁରାଗୀ ବିଷ୍ଣୁ ସେଠୀଙ୍କର ଦେହାନ୍ତକୁ ଦୁଇବର୍ଷ ପୂରିବାକୁ ଯାଉଛି; କିନ୍ତୁ ତାଙ୍କର କାର୍ଯ୍ୟଧାରା, ଜୀବନଶୈଳୀ ଘରଠାରୁ ମେଡ଼ିକାଲ ପର୍ଯ୍ୟନ୍ତ କାଲି ପରି ଲାଗୁଛି । ତାଙ୍କର ପ୍ରତ୍ୟେକଟି ବ୍ୟବହୃତ କଲମ କାଗଜଠୁ ଆରମ୍ଭ କରି ଆଲମିରା ଭର୍ତ୍ତି ଥାକ ଥାକ ଅସୁମାରୀ ବହିପତ୍ରରେ ରୁଚି ଓ ରାଜନୀତିରେ ଥାଇ ଗୁରୁ ଦାୟିତ୍ୱକୁ ବହନ କରୁଥିବା ମଣିଷଟି ତିଳ ତିଳ କରି ନିଜକୁ ବଳିଦାନ ଦେଇଦେଲେ ସତ, ଆମେ ତାଙ୍କରି କଥା ଓ କାମକୁ ପ୍ରେରଣାର ଭିତ୍ତିଭୂମି ଭାବି ଆଗକୁ ଚାଲିବା ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଆଶୀର୍ବାଦର ଭିକ୍ଷା ମାଗୁଛୁ । ତାଙ୍କ ଜୀବଦ୍ଦଶାରେ ଦୀର୍ଘ ବର୍ଷ ଧରି ନିୟମିତ ତ୍ରୟ ମାସିକ ପତ୍ରିକା "ଘାସଫୁଲ"କୁ ପ୍ରକାଶ କରିବାରେ ସେ ଯେଉଁ ଆନନ୍ଦ ଅନୁଭବ କରନ୍ତି, ତାହା ଆମେ ପାଖରୁ ଦେଖିଛୁ ।

ବିଶେଷ କରି ଦୁର୍ଗା ପୂଜା ବିଶେଷାଙ୍କ ପତ୍ରିକା ସବୁ ମାର୍କେଟକୁ ଆସିଲାମାତ୍ରେ ଖୋଜି ଖୋଜି ସେ ସବୁକୁ କିଣନ୍ତି । କବିତା ହେଉ ବା ଗଳ୍ପ କିମ୍ବା ପ୍ରବନ୍ଧ ଯଦି ମନକୁ ପାଇଛି ଘଣ୍ଟା ଘଣ୍ଟା ଧରି ଫୋନ୍‌ରେ ସାହିତ୍ୟିକ ବନ୍ଧୁମାନଙ୍କ ସହିତ ଆଲୋଚନା କରନ୍ତି । ସେଥିରେ ସେ ଏମିତି ମଜ୍ଜିଥାନ୍ତି ଯେ, ଦିନରାତି ତାଙ୍କୁ ଜଣାପଡ଼େ ନାହିଁ । ଏଭଳି ବିରଳ ବ୍ୟକ୍ତିତ୍ୱ, ବହୁ ପ୍ରତିଭାର ଅଧିକାରୀ, ରୋକ୍‌ଠୋକ୍ ଜବାବ ରଖିବାରେ ଧୂରୀଣ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଅଧିକାଂଶ ଗୀତକୁ ସଭାସମିତିରେ ଗାନ କରି ପ୍ରଶଂସା ସାଉଁଟୁଥିବା ଲୋକଟିକୁ ହରାଇ ଆମେ କେତେ ଯେ ମର୍ମାହତ, ଦୁଃଖିତ ତାହା ନିକଟରେ ରହୁଥିବା ଲୋକମାନେ ଦେଖିଛନ୍ତି, ଜାଣିଛନ୍ତି । ଯେଉଁଠି ଯେଉଁ ରୂପରେ ସେ ଥାଆନ୍ତୁ ନାଁ କାହିଁକି ତାଙ୍କର ଅମର ଆତ୍ମା ଶାନ୍ତି ପାଉ, ଏତିକି ବିଭୁଙ୍କ ନିକଟରେ ପ୍ରାର୍ଥନା ।

***



ସୂର୍ଯ୍ୟବଂଶୀ ସୂରଜ

ତିନୋଟି ଫୁଲର ମହକ

ନା ତା'ର ମହକ ଅଛି, ନା ଜିନିଆ ଡାଫୋଡିଲମାନଙ୍କ ପରି ଅଛି ସମ୍ଭ୍ରାନ୍ତ ପରିପାଟୀ । ମାଟି ଉପରେ ମୁହଁ ଥୋଇ ଜିଉଥିବା ଜୀବନ ତା'ର ଶେଷ ହୁଏ କେବେ ଗାଡିର ଚକରେ ଅବା କେବେ ପଲିସମରା ଓଜନିଆ ବୁଟ୍‌ର ଚାପରେ । ପାଣି ଫୋଟକା ପ୍ରାୟ ତା' ଜୀବନ ; ତଥାପି ଦଲକାଏ ପବନରେ ହସିଦିଏ ଖିଲିଖିଲି ।

ସେ କିଛି ନୁହେଁ ; କିନ୍ତୁ ଏକ ପ୍ରତୀକ । ସେଇମାନଙ୍କର ପ୍ରତୀକ ଯେଉଁମାନଙ୍କୁ ଆହା ପଦେ କହିବା ପାଇଁ ନାହିଁ କେହି । ପଣ୍ଡିତ ଦୀନଦୟାଲଙ୍କର 'ଅନ୍ତ୍ୟୋଦୟ' ହେଉ ବା ଜନ୍ ରସ୍କିନଙ୍କର 'ଅନ୍ ଟୁ ଦିସ୍ ଲାଷ୍ଟ' ; ସବୁଥିରେ ସେହି ସାମାନ୍ୟ ଫୁଲର କଥା ବିଦିତ । ସେହି ସାମାନ୍ୟ ଶ୍ରେଣୀର ବ୍ୟଥା ଅଙ୍କିତ । ଭୂମିରୁ ଭୂମାକୁ ନିଜର କେଇ ସେଣ୍ଟିମିଟର ଉଚ୍ଚତା ବଳରେ ସଂଯୋଗ କରିବାର ସାହାସ ରଖୁଥିବା ଫୁଲ : ଘାସଫୁଲ ।

ପବିତ୍ର ଘୋଷଯାତ୍ରା ଅବସରରେ 'ଘାସଫୁଲ' ପତ୍ରିକାର ରଥ ସଂଖ୍ୟା ପ୍ରକାଶ ପାଉଛି । ମୁଁ ଏହି ଅବସରରେ ପ୍ରଭୋ ଶ୍ରୀଜଗନ୍ନାଥଙ୍କର ଆଶିଷ ଭିକ୍ଷା କରୁଛି ।

ଘାସଫୁଲର ପ୍ରତିଷ୍ଠାତା ସଂପାଦକ ମୋ ବାପା ବିଷ୍ଣୁ ସେଠୀଙ୍କର ଜୀବନ ଓ ଜୀବନର ସାମଗ୍ରୀକ ଅନୁଭବ ତିନୋଟି ଫୁଲର ସୁବାସରେ ମହକି ଉଠିଥିଲା : ପଦ୍ମଫୁଲ, ଗୋଲାପ ଫୁଲ (ଯେଉଁ ରଙ୍ଗର ଶାଢ଼ୀ ପିନ୍ଧି ମୋ ମା ସ୍କୁଲକୁ ଯାଆନ୍ତି) ଏବଂ ଘାସଫୁଲ । ପ୍ରଥମ ଦୁଇଟିର ସୁଗନ୍ଧ ତାଙ୍କ ସ୍ଥୂଳ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିବାବେଳେ, ଶେଷ ଫୁଲର ବାସ୍ନା ତାଙ୍କ ଅନ୍ତଃକରଣକୁ ଆଚ୍ଛାଦିତ କରି ରଖିଥିଲା । ଏ କଥା ସେ ଅନେକ ସାକ୍ଷାତକାରରେ ଏବଂ ବକ୍ତବ୍ୟରେ ପ୍ରକାଶ କରିଛନ୍ତି ।

ଆଜକୁ ପନ୍ଦର ବର୍ଷ ପୂର୍ବେ ମୋ କୈଶୋରରେ ଘାସଫୁଲର ଜନ୍ମ । ବିଭିନ୍ନ ସମୟରେ ଅନେକ ପ୍ରତିବନ୍ଧକ ଭିତରେ ଏହାର ଲାଳନପାଳନ ଓ ପ୍ରତିପୋଷଣରେ ମୋ ବାପା-ମା ଉଭୟଙ୍କର ନିଷ୍ଠା ଓ ଆନ୍ତରିକତା ଲକ୍ଷ୍ୟ କରିଛି । ଫଳରେ ବାପାଙ୍କ ଜୀବନକାଳ ଭିତରେ ଏହାର ପ୍ରକାଶନ ନିରବଚ୍ଛିନ୍ନ ରହିଥିଲା । ଘାସଫୁଲର ଅନେକ ସଂଖ୍ୟା ମୁଁ ରାଜ୍ୟ

ପାଠାଗାର ସମେତ ଅନେକ ରୁଚିଶୀଳ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ଘରେ ଦେଖି ଅଭିଭୂତ ହୋଇଛି । ପତ୍ରିକାର ଗୁଣାତ୍ମକ ଦିଗ ପ୍ରତି ମୋ ବାପା ଅତ୍ୟନ୍ତ ସଚେତନ ଥିଲେ । ସେଥିପାଇଁ ରାଜନୀତିର ବ୍ୟସ୍ତବହୁଳ ଜୀବନ ଭିତରେ ରାତିର ଦୀର୍ଘ ସମୟ ଘାସଫୁଲ ପାଇଁ ବିତାଉଥିଲେ । ରୋଗରେ ଆକ୍ରାନ୍ତ ହେବା ପରେ ମଧ୍ୟ ଘାସଫୁଲର ସଂପାଦନାରେ କେବେ ଅବହେଳା କରି ନ ଥିଲେ । ଆଜି ତାହା ସ୍ମରଣ କରି ତାଙ୍କୁ ପ୍ରଣିପାତ କରିବା ସହିତ ବିସ୍ମୟ -ପୁଲକରେ ଶିହରି ଉଠୁଛି ।

କୈଶୋରରେ 'ଘାସଫୁଲ' ପ୍ରତି ମୋର ଅନୁସନ୍ଧିତ୍ସା କ୍ରମଶଃ ଆଗ୍ରହରେ ଓ ଆଗ୍ରହ ସ୍ୱତଃ ଶ୍ରଦ୍ଧାରେ ବଦଳିଗଲା ପରେ ପତ୍ରିକା ସହିତ ଘନିଷ୍ଠ ଭାବେ ସଂପୃକ୍ତ ରହି ପରିଚାଳନା ସଂପାଦକ ଦାୟିତ୍ୱ ଗ୍ରହଣ କରିଥିଲି ।

ଚଳିତ ସଂଖ୍ୟାରେ 'ପ୍ରତିଷ୍ଠାତା ସଂପାଦକଙ୍କ ପୃଷ୍ଠା'ରେ 'ମାଆର ପଣତକାନି' ଶୀର୍ଷକ ଏକ ନିବନ୍ଧ ପ୍ରକାଶ ପାଇଛି । ଏଥିରେ ଏସିଆ ମହାଦେଶର ଦୁଇ ପାରଂପରିକ ପ୍ରତିଦ୍ୱନ୍ଦ୍ୱୀ ନରେନ୍ଦ୍ର ମୋଦି ଓ ନୱାଜ ସରିଫ ସେମାନଙ୍କ ମା'ଙ୍କ ପ୍ରତି କିପରି ସମ୍ବେଦନଶୀଳ ଥିଲେ ତାହାର ନିଛକ ଚିତ୍ର ରହିଛି । ସେଥିରେ ଉଲ୍ଲେଖ ଅଛି - 'ଏକଥା ସତ୍ୟ ଯେ ଯେଉଁ ବ୍ୟକ୍ତିର ମାଆ ପ୍ରତି ବନ୍ଧନ ଅତୁଟ ଥାଏ, ସେ ବ୍ୟକ୍ତି ଜୀବନରେ ବହୁ ଶୀର୍ଷକୁ ଯାଇପାରେ । ଯିଏ ମାଆ ପ୍ରତି ସମ୍ବେଦନଶୀଳ, ସେ ମାଟି ପ୍ରତି, ମଣିଷ ପ୍ରତି ସମ୍ବେଦନଶୀଳ ହେବାକୁ ବାଧ୍ୟ ।' ମୋ ମାଆର ପଣତକାନି ସବୁକାଳ ମୋ ମଥାରେ ଥାଉ, ଏହା ହିଁ ମୋର ପ୍ରାର୍ଥନା । ମାଆର ପଣତକାନି ମୋର ଶେଷ ଶେଯ ହେଉ, ଏତିକି ମୋର କାମନା ।

ମୋ ମାଆ ଉର୍ମିଳାରାଣୀ ପାଣିଗ୍ରାହୀ ଏବଂ ଅଭୟ ଦାଦା (ଯଶସ୍ୱୀ ସ୍ତମ୍ଭକାର ତଥା ସୁଲେଖକ ଅଭୟ ଦ୍ୱିବେଦୀ) ପତ୍ରିକାର ସଂପାଦନା ଓ ପରିଚାଳନା ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଶ୍ୱାସ, ପରିପାଟୀ ଓ ଗୁଣାତ୍ମକ ଦୃଷ୍ଟିରୁ ପତ୍ରିକା ଶୀର୍ଷରେ ଉପନୀତ ହେବ ।

ନିଲୁ ଦାଦା (ବ୍ୟୋମକେଶ ସେନାପତି) ଏବଂ ଚୂଡାମଣି ଦାଦା (ଶିଳ୍ପୀ ଚୂଡାମଣି ଦାସ) ପ୍ରଥମ ସଂଖ୍ୟା ପ୍ରକାଶ କାଳରୁ ପତ୍ରିକା ସହିତ ସଂପୃକ୍ତ ରହିଛନ୍ତି । ଆଶା କରୁଛି, ସେମାନଙ୍କର ସେହିଭଳି ସହଯୋଗ ରହିବ ।

ସର୍ବୋପରି ଘାସଫୁଲର ବିଦଗ୍ଧ ପାଠକ ସମାଜ ନିକଟରେ ମୋର ମଥାନତ କୃତଜ୍ଞତା । ଆପଣମାନଙ୍କର ନିସର୍ତ୍ତ ଭଲପାଇବା ଓ ସହଯୋଗ ଘାସମୂଳରେ ମୁନ୍ଦେ ମୁନ୍ଦେ ପାଣି ଦେଇ ଫୁଲକୁ ବଞ୍ଚାଇ ରଖିଛି ।

ଦେଢ଼ ଦଶନ୍ଧି କାଳ 'ଘାସଫୁଲ' ପତ୍ରିକା ଓଡିଆ ଭାଷା ଓ ସାହିତ୍ୟକୁ ରଙ୍ଗିମନ୍ତ କରିବା ସହିତ ସଂସ୍କୃତିର ଜୟଗାନ କରିଛି । ଏହି ଜୟଯାତ୍ରା ଅବ୍ୟାହତ ରହିବ, ଏ ବିଶ୍ୱାସ ମୋର ରହିଛି ।

ସୁନନ୍ଦା ସୁରଭି

ସୂଚୀପତ୍ର

କ୍ରମାଙ୍କ	ବିଷୟ	ଲେଖକ	ପୃଷ୍ଠା
	ପ୍ରତିଷ୍ଠାତାଙ୍କ ପୃଷ୍ଠା	ବିଷ୍ଣୁ ସେଠୀ	୩
	ସମ୍ପାଦିକାଙ୍କ ପୃଷ୍ଠା	ଉର୍ମିଳାରାଣୀ ପାଣିଗ୍ରାହୀ	୬
	ଅତିଥି ସମ୍ପାଦକଙ୍କ ପୃଷ୍ଠା	ସୂର୍ଯ୍ୟବଂଶୀ ସୂରଜ	୭
	ସୃଜନୀ ସମ୍ପାଦକଙ୍କ ପୃଷ୍ଠା	ଅଭୟ ଦ୍ୱିବେଦୀ	୧୯୫

ପ୍ରବନ୍ଧ

୧.	ରଥଯାତ୍ରା ବିଧାନ	ସ୍କନ୍ଦପୁରାଣ (ଉତ୍କଳଖଣ୍ଡ)	୧୩
୨.	ଶ୍ରୀଜଗନ୍ନାଥ ତତ୍ତ୍ୱ	ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର	୨୦
୩.	ଓଡ଼ିଆ ଲୋକ ସଂସ୍କୃତିରେ ଶ୍ରୀଜଗନ୍ନାଥ	ଡକ୍ଟର ମନୀନ୍ଦ୍ର ମହାନ୍ତି	୨୭
୪.	ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାରତ-ଭାରତୀ	ଡକ୍ଟର ବ୍ରଜମୋହନ ମିଶ୍ର	୩୧
୫.	ଶ୍ରୀଜଗନ୍ନାଥ ଓ ପଞ୍ଚସଖା ସାହିତ୍ୟ	ଡକ୍ଟର ଚିତ୍ତରଂଜନ ବେହେରା	୩୮
୬.	ଶ୍ରୀଜଗନ୍ନାଥ ଚେତନା ଓ ଖ୍ରୀଷ୍ଟଧର୍ମ: ଏକ ଅଧ୍ୟୟନ	ସୁଶ୍ରୀ ପ୍ରୀତିଲତା ପଣ୍ଡା	୪୫
୭.	ଓଡ଼ିଶା ଇତିହାସ ଲେଖନର ପୃଷ୍ଠଭୂମି	ଡକ୍ଟର ସୋମା ଚାନ୍ଦ	୫୦
୮.	ଲୋକକଥାରେ ଶ୍ରୀଜଗନ୍ନାଥ	ଅଭୟ ଦ୍ୱିବେଦୀ	୫୭
୯.	ରଥ ନିର୍ମାଣର ଶାସ୍ତ୍ରୀୟ ପଦ୍ଧତି	ଭାସ୍କର ମିଶ୍ର	୧୪୫

ଗଳ୍ପ

୧.	ସଂଗୋପନ କାହାଣୀ	ମନୋଜ ଦାସ	୬୭
୨.	ଗୋଟେ ପାରାଗ୍ରାଫ୍‌ର କାଳ୍ପନିକ ପୁନର୍ଲିଖନ	ଡ. ରାମଚନ୍ଦ୍ର ବେହେରା	୭୪

୩.	ଋଷି	ରଜନୀକାନ୍ତ ମହାନ୍ତି	୮୮
୪.	ପୁଣିଥରେ ଈଶପ୍	ଡ. କଇଳାଶ ପଟ୍ଟନାୟକ	୧୦୧
୫.	ସୁନ୍ଦରବନର ଡାଏରୀ	ବଙ୍ଗଳା : ଅଭିଜିତ ସେନଗୁପ୍ତ ଅନୁବାଦ : ଡ. ଶୁଭ୍ର ପ୍ରକାଶ ଦାସ	୧୦୫
୬.	ଅମାନତ	ପବିତ୍ର ପାଣିଗ୍ରାହୀ	୧୧୩
୭.	କାଲୁଣୀ ମାଉସୀ	କୀର୍ତ୍ତନ ଦାଶ	୧୨୪
୮.	ସନାଇ	ବାସୁଦେବ ବାରିକ୍	୧୨୮
୯.	ଦିବ୍ୟ ଅନୁଭବ	ଝରଣା ପଟ୍ଟନାୟକ	୧୩୪
୧୦.	ଈଶ୍ୱରଙ୍କ ଦରବାରରେ କନ୍ୟାପିତାଙ୍କ ସମ୍ମିଳନୀ	ରାଧୁ ମିଶ୍ର	୧୩୭
୧୧.	ବାପାଙ୍କ ବ୍ୟାଗ୍	କୈଳାସ ବେହେରା	୧୪୨

କବିତା

୧.	ଖିଲେ ପାନ	ସ୍ୱର୍ଗତ ପଦ୍ମନାଭ ବେହେରା	୧୫୦
୨.	କବିଟିଏ, ନାରୀଟିଏ	ପ୍ରତିଭା ଶତପଥୀ	୧୫୩
୩.	ଭେଟାଭେଟି	ଡ. ଗିରିବାଳା ମହାନ୍ତି	୧୫୫
୪.	ମୁଁ ନଗଡ଼ା	ହୃଷିକେଶ ମଲ୍ଲିକ	୧୫୬
୫.	ମାଟି ଉଠାଇନିଏ ଫଟୋ	ଅବନୀ କୁମାର ପ୍ରଧାନ	୧୫୮
୬.	ପଖାଳ ସଭାଗ	ହୃଦାନନ୍ଦ ପାଣିଗ୍ରାହୀ	୧୬୦
୭.	ମାୟା	ପ୍ରଭାତ ନିଳନୀ ମହାପାତ୍ର	୧୬୨
୮.	କହିବ	କିଶୋର ପାଣିଗ୍ରାହୀ	୧୬୩
୯.	ଆସ ବାରେ	ସୁକାନ୍ତି ମହାପାତ୍ର	୧୬୫
୧୦.	କୋରୋନା	ବିଜୟ ମହାପାତ୍ର	୧୬୬
୧୧.	ଯାଯାବର	ଡ. ମମତା ସାହୁ	୧୬୭
୧୨.	ବାଡ଼ିରୁ ଆଣିଲି କୋଶିଳା ଶାଗ	ଡକ୍ଟର ଅରୁଣ କୁମାର ପଣ୍ଡା	୧୬୮
୧୩.	ଅପରାହ୍ନର ସୂର୍ଯ୍ୟୋଦୟ	ହରେକୃଷ୍ଣ ବାରିକ	୧୭୦
୧୪.	ଦୁଃଖ ସହ ସନ୍ଧି	ରଘୁନାଥ ପାତ୍ର	୧୭୨

୧୫	କେହି ଜଣେ ତମ ପାଇଁ	ମନୋଜ କୁମାର ଭଲ	୧୭୪
୧୬.	ରଜ ପରବ	ନିମାଇଁ ମିଶ୍ର	୧୭୫
୧୭.	ବିଶ୍ୱନିୟନ୍ତା ତୁ ଜଗତର ନାଥ	ଶୁଭ୍ରାଂଶୁ ଶେଖର ମାହୁନ୍ତ	୧୭୬
୧୮.	ସଂଜ୍ଞା ସନ୍ଧାନ	ବିପ୍ଳବ ରଞ୍ଜନ ପତି	୧୭୮
୧୯.	ସୃତିରେ ରଜ	ଶାନ୍ତିଲତା ଗିରି	୧୮୦
୨୦.	ଜଗନ୍ନାଥ ଜଣାଣ	ମଥୁରା ମୋହନ ବେହେରା	୧୮୨
୨୧.	ସେବେକାର ରଜ	ଶଶୀକାନ୍ତ ବେହେରା	୧୮୩
୨୨.	କାହିଁକି ଏମିତି ହେଲା	ବାବୁରାମ ରାଉତ	୧୮୪
୨୩.	ଦେହ ଓ ମନ	ଜୟନ୍ତ କୁମାର ମହାନ୍ତି	୧୮୫
୨୪.	କାଳିଆକୁ ଜଣେଇ ଦେଲି	ଦମୟନ୍ତୀ ରାଉତ	୧୮୬
୨୫.	ବରଷକ ପରେ ଆସିଛି ରଜ	ଗୋଲକ ପ୍ରସାଦ ବୈୟାରୀ	୧୮୭
୨୬.	ଏଠି ଫିକା ଫିକା ଲାଗେ ରଜ	ବୈକୁଣ୍ଠନାଥ ଓଝା	୧୮୮
୨୭.	ସମୟର ତାଳେ ତାଳେ	ବିଶ୍ୱମୈତ୍ରୀ ନାୟକ	୧୯୦
୨୮.	ଜହ୍ନ ଆଉ କଳଙ୍କ	କୃପାସିନ୍ଧୁ ମହାନ୍ତି	୧୯୧
୨୯.	ସେ ଆମ ବାପା	ଗୟାଧର ସେଠୀ	୧୯୨
୩୦.	ନିଜକୁ କରିଛି ମୁଁ ଚୋରି	ସୁବାସ ମହାନ୍ତି	୧୯୩

***

"ଘାସଫୁଲ" ସଂପର୍କରେ

୧. ଘାସଫୁଲ ପତ୍ରିକା ବର୍ଷରେ ୪ଥର ପ୍ରକାଶ ପାଇଥାଏ - ମକର ସଂଖ୍ୟା (ଜାନୁୟାରୀ, ଫେବୃୟାରୀ, ମାର୍ଚ୍ଚ) ବିଷୁବ ସଂଖ୍ୟା (ଏପ୍ରିଲ, ମଇ, ଜୁନ୍) ରଥ ସଂଖ୍ୟା (ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର) ପାର୍ବଣ ବିଶେଷାଙ୍କ (ଅକ୍ଟୋବର, ନଭେମ୍ବର, ଡିସେମ୍ବର) ।

୨. ଘାସଫୁଲ ପତ୍ରିକାରେ ଗବେଷଣାଧର୍ମୀ ନିବନ୍ଧ, ସୁଖପାଠ୍ୟ ଗଳ୍ପ ଏବଂ ରୁଚିଶୀଳ କବିତା ପ୍ରକାଶ ପାଇଥାଏ ।

୩. ଓଡ଼ିଆ ଅକ୍ଷରରେ ଡି.ଟି.ପି. ମାଧ୍ୟମରେ ଲେଖା ପଠାଇବାକୁ ଅନୁରୋଧ ।

୪. ଅମନୋନୀତ ଲେଖା ଫେରସ୍ତ ଦେବା ସମ୍ଭବ ନୁହେଁ ।

୫. ଦୟାକରି ଜେରସ୍କ ଏବଂ ହ୍ୱାଟସଆପ ମାଧ୍ୟମରେ ଲେଖା ପଠାନ୍ତୁ ନାହିଁ ।

୬. ଲେଖା ସହିତ ନିଜର ସଂକ୍ଷିପ୍ତ ପରିଚୟ, ପୂର୍ଣ୍ଣ ଠାକ ଠିକଣା ଏବଂ ଏବେକାର ଫଟୋ ପଠାଇବାକୁ ଅନୁରୋଧ ।

୭. ଇତିହାସ ସଂପର୍କୀୟ ସ୍ୱତନ୍ତ୍ର ଫିଚରକୁ ଅଗ୍ରାଧିକାର ଦିଆଯାଇଥାଏ ।

୮. ଗ୍ରନ୍ଥ ସମୀକ୍ଷା ନିମନ୍ତେ ପୁସ୍ତକର ଦୁଇଟି କପି ପଠାଇବାକୁ ଅନୁରୋଧ ।

୯. ଲେଖା ପ୍ରକାଶ ସଂପର୍କରେ ସଂପାଦକମଣ୍ଡଳୀର ନିଷ୍ପତ୍ତି ଚୂଡ଼ାନ୍ତ ।

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦

ମୋ: ୯୪୩୭୧୯୧୩୫୦, ୯୯୩୭୬୧୧୨୮

E-mail: ghasaphula.2010@gmail.com

ରଥଯାତ୍ରା ବିଧାନ

ଗୋପୀନାଥ ମହାନ୍ତି,
ଦାଶରଥୀ ସାମନ୍ତରାୟ,
ଶ୍ରୀମନ୍ତ କୁମାର ମହାପାତ୍ରଙ୍କ
ରଚିତ ସ୍କନ୍ଦପୁରାଣ (ଉତ୍କଳଖଣ୍ଡ)ରୁ
ସଂଗ୍ରହ କରାଯାଇଛି

"ଭଗବାନ ଜଗନ୍ନାଥ ସ୍ୱୟଂ ମୁକ୍ତିପ୍ରଦ ହେଲେ ମଧ୍ୟ ମାୟାଗ୍ରସ୍ତ, ବିଶ୍ୱାସହୀନ ଜୀବମାନଙ୍କର ବିଶ୍ୱାସ ଜନ୍ମାଇବା ନିମନ୍ତେ ରଥଯାତ୍ରାର ଲୀଳା କରିଥାନ୍ତି ।"

ଜୈମିନି କହିଲେ - ହେ ମୁନିଗଣ । ଏବେ ମୁଁ ମହାବେଦୀ ମହୋତ୍ସବ ପ୍ରସଙ୍ଗ କହୁଛି ଶୁଣନ୍ତୁ । ମହାବେଦୀ ମହୋତ୍ସବ ମାନେ ରଥ ନିର୍ମାଣ ପାଇଁ କାଷ୍ଠଚୟନ, ରଥ ନିର୍ମାଣ ଏବଂ ରଥମାନଙ୍କରେ ଶ୍ରୀବିଗ୍ରହ ମାନଙ୍କର ଆରୋହଣ ଅର୍ଥାତ୍ ରଥଯାତ୍ରା । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା (ଅକ୍ଷୟ ତୃତୀୟା), ରୋହିଣୀ ନକ୍ଷତ୍ର ଯୁକ୍ତହେଲେ ସକଳ ପାପନାଶିନୀ ହୁଏ । ଏହି ଦିନ ନୃପତି ଆଚାର୍ଯ୍ୟ, ପାରିଷଦମାନଙ୍କୁ ନେଇ ଅରଣ୍ୟ ଯାତ୍ରା କରିବେ ଏବଂ ରଥ ନିର୍ମିତ ଉଦ୍ଦିଷ୍ଟ କାଷ୍ଠ ପାଇଁ ନିର୍ଦ୍ଦିଷ୍ଟ ବୃକ୍ଷ ମୂଳରେ ଘୃତ ଧାରା ଦେଇ ହୋମ ଆରମ୍ଭ କରିବେ । କ୍ଷେତ୍ରପାଳମାନଙ୍କୁ ବଳି ପ୍ରଦାନ କରି ବୃକ୍ଷମାନଙ୍କୁ କ୍ଷୀର, ଅରୁଣା ଚାଉଳ ଦେଇ ବରଣ କରିବେ । ଭଗବାନ ଗରୁଡଧ୍ୱଜଙ୍କୁ ଚିନ୍ତା କରି ବୃକ୍ଷମାନଙ୍କୁ ଅଳ୍ପ ଛେଦନ କରିବେ । ବୃକ୍ଷ ଛେଦନ ପାଇଁ କଟାଳିମାନଙ୍କୁ ନିଯୁକ୍ତ କରି ଗୀତ, ବାଦ୍ୟ ନାଦରେ ଛେଦନ କାର୍ଯ୍ୟ କରିବେ । ଯଦି ରଥ ନିର୍ମାଣ ପାଇଁ ପୂର୍ବରୁ ରଖାଯାଇଥିବା କାଷ୍ଠ ଉପଯୁକ୍ତ ବିବେଚନା କରାଯାଏ ତେବେ ତାହାକୁ ହୋମାଦି ସଂସ୍କାର

ବିଧାନ କରି କାର୍ଯ୍ୟରେ ଲଗାଇବେ । ବିଘ୍ନ ବିନାଶନ ଗଣପତିଙ୍କୁ ପୂଜାର୍ଚ୍ଚନା କରି ରଥ ନିର୍ମାଣ ଆରମ୍ଭ କରିବେ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥର ଚକ ସଂଖ୍ୟା ଷୋହଳ ହେବ ଏବଂ ପ୍ରତ୍ୟେକ ଚକରେ ଷୋହଳଟି ଅର ରହିବ, ପହି ଏବଂ ତୁମ୍ବି ଅତି ଦୃଢ ଭାବରେ ନିର୍ମିତ ହେବା ଆବଶ୍ୟକ । ଦୁଇ ଚକକୁ ସଂଯୋଗ କରୁଥିବା ଅଖ ମଧ୍ୟ ଖୁବ୍ ମଜଭୁତ୍ ହେବା ଦରକାର । ରଥର ମଧ୍ୟ ଭାଗରେ ସୁଦୃଢ ବେଦୀକା ଏବଂ ଚତୁଃପାର୍ଶ୍ୱରେ ବିଭିନ୍ନ କାଷ୍ଠ ପୁତ୍ତଳିକା ଶୋଭା ପାଇବେ । ରଥର ଚାରୋଟି ଦ୍ୱାର ଏବଂ ଚାରୋଟି ତୋରଣ ରହିବ । ରଥଟି ନାନାଦି କାରୁକାର୍ଯ୍ୟରେ ବିମଣ୍ଡିତ ହେବ । ରଥ ଉପରେ ୨୨ହାତ ପତାକା ଲଗାଇବେ ଏବଂ ପତାକା ରକ୍ତ ଚନ୍ଦନରେ ଗରୁଡଙ୍କର ଛବି ଅଙ୍କିତ ହେତୁ ତାହାକୁ ଗରୁଜଧ୍ୱଜ କୁହାଯିବ । ଗରୁଡର ଦେହ ସ୍ଥୁଳ, ନାଶିକା ଦୀର୍ଘ, କର୍ଣ୍ଣଦ୍ୱୟ କୁଣ୍ଡଳ ବିଭୁଷିତ ଏବଂ ସର୍ବାଙ୍ଗ ବିବିଧ ଅଳଙ୍କାରରେ ସଜ୍ଜିତ କରିବେ । ଚଞ୍ଚୁରେ ଗରୁଡ ଏକ ସର୍ପ ଧରିଥିବେ ଏବଂ ପକ୍ଷଦ୍ୱୟ ଏପରି ଭାବରେ ଚିତ୍ରିତ କରିଥିବେ ଯେମିତି ଦେଖିଲେ ମନେହେବ ଗରୁଡ ପକ୍ଷଦ୍ୱୟ ବିସ୍ତାର କରି ଆକାଶ ମାର୍ଗରେ ଉଡ୍ଡୀୟମାନ । ଭଗବାନ ହରିଙ୍କର (ଶ୍ରୀଜଗନ୍ନାଥ) ରଥ ସୁସଜ୍ଜିତ, ପରିଷ୍କୃତ କରି ବେଦୀକାମଧ୍ୟରେ ଭଗବାନ ଉପବେଶନ କରିବା ପାଇଁ ସମସ୍ତ ପ୍ରଯତ୍ନ କରିବେ ।

ଏହିପରି ଭାବରେ ବଳଭଦ୍ରଙ୍କ ଚତୁର୍ଦ୍ଦଶ ଚକ ବିଶିଷ୍ଟ ରଥ ଏବଂ ସୁଭଦ୍ରାଙ୍କର ଦ୍ୱାଦଶ ଚକଯୁକ୍ତ ରଥ ନିର୍ମାଣ କରିବେ । ବଳଭଦ୍ର ଲାଙ୍ଗଳ ଧ୍ୱଜ ଏବଂ ଦେବୀ ସୁଭଦ୍ରା ପଦ୍ମଧ୍ୱଜ ହୋଇଥିବାରୁ ସେମାନଙ୍କ ଧ୍ୱଜାରେ ଲଙ୍ଗଳ ଏବଂ ପଦ୍ମ ଚିହ୍ନିତ କରିବେ । ଏହିପରି ତିନିଗୋଟି ରଥ ନିର୍ମାଣ କରି ବିଧାନ ଅନୁସାରେ ରଥ ପ୍ରତିଷ୍ଠା କରିବେ । ଭଗବାନ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା ବ୍ରାହ୍ମଣମାନଙ୍କୁ ପ୍ରତିଷ୍ଠା କାର୍ଯ୍ୟରେ ନିୟୋଜିତ କରିବେ । ଆଷାଢ ମାସ ଶୁକ୍ଳ ପକ୍ଷରେ ଶୁଭ ତିଥି ଦେଖି ରଥ ପ୍ରତିଷ୍ଠା କରିବେ । ଦୃଷ୍ଟିରେ ରଖିବେ ଯେପରି ରଥ ଉପରେ ମନୁଷ୍ୟ, ପକ୍ଷୀ, ମାର୍ଜାର, ନେଉଳ କିମ୍ବା ଅନ୍ୟ ଅଶୁଭ ପ୍ରାଣୀ ଆରୋହଣ ନ କରନ୍ତି । ତିନିଦିନ ପରେ ରଥ ତ୍ରୟୋର ଉତ୍ତର ଦିଗରେ ଅଙ୍କୁରାରୋପଣ କରିବେ । ଭଗବାନ ରଥ ଆରୋହଣ କରି ଯେଉଁ ମାର୍ଗରେ ମହାବେଦୀଙ୍କୁ ଗମନ କରିବେ ସେହି ମାର୍ଗକୁ ସଂସ୍କାର କରିବେ ଏବଂ ଦୈବବଶରେ ମାର୍ଗରେ କିମ୍ବା ରଥ ଉପରେ ଯଦି କିଛି ଅଘଟଣ ଘଟେ ତେବେ ତାହାର ଶାନ୍ତି ବିଧାନ ନିମନ୍ତେ ଶାସ୍ତ୍ରୀୟ ମତରେ ବିଧାନ କରିବେ । ରାସ୍ତାର ଉଭୟ ପାର୍ଶ୍ୱକୁ ପୁଷ୍ପମାଲ୍ୟ, ତୋରଣ, ଚାମର ଦ୍ୱାରା ସଜ୍ଜିତ କରି ଗୁଳ୍ମ ଲତା ଆଦି ରଖିବେ ଯେପରି ତାହା ଅରଣ୍ୟର ଭ୍ରମ ସୃଷ୍ଟି କରିବ । ଗମନ ରାସ୍ତା, କଙ୍କରିଳ, ପଙ୍କିଳ କିମ୍ବା ଉଠାଣି ଗଡାଣି ନ ହୋଇ ସମତଳ ହେବା ଆବଶ୍ୟକ ଯେପରି ସମସ୍ତେ ରାସ୍ତାରେ ସୁଖରେ ବିଚରଣ କରିପାରିବେ । ମାର୍ଗରେ ସୁଗନ୍ଧ ଦ୍ରବ୍ୟର ସମ୍ଭାର ଏବଂ

ଚନ୍ଦନ ଜଳ ସିଞ୍ଚନ କରିବେ । ନୃତ୍ୟଗୀତାଦିରେ ରଥ ଗମନ ରାସ୍ତା ମୁଖରିତ ହେଉଥିବ, ପୁଷ୍ପବର୍ଷଣ କରାଯାଉଥିବ ଏବଂ ନଗରବଧୂ (ବେଶ୍ୟାମାନେ) ଅଳଙ୍କାର ଭୂଷିତା ହୋଇ ନୃତ୍ୟ କରୁଥିବେ । ଧ୍ୱଜଦଣ୍ଡ ମାନଙ୍କରେ ବିଭିନ୍ନ ରଙ୍ଗର ପତାକା ଉଡୁଥିବ ଏବଂ ବାଦ୍ୟ ନାଦରେ ଦାଣ୍ଡ ମୁଖରିତ ହେଉଥିବ । ଅଶ୍ୱ, ଗଜମାନଙ୍କୁ ସୁସଜ୍ଜିତ କରି ପଟୁଆର ଆଗରେ ଚଲାଉଥିବେ । ନୃପତି ସମସ୍ତ କାର୍ଯ୍ୟକୁ ନିରୀକ୍ଷଣ କରି ପରମ ଭକ୍ତିରେ କାର୍ଯ୍ୟ ସମ୍ପାଦନ କରିବେ ।

ଆଷାଢ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟ ପୁଷ୍ୟା ନକ୍ଷତ୍ରଯୁକ୍ତ ତିଥିରେ ପ୍ରଭାତରୁ ମହାପ୍ରଭୁ ଜଗନ୍ନାଥଙ୍କୁ କୃତାଞ୍ଜଳି ପୁଟରେ ରଥଯାତ୍ରା ନିମନ୍ତେ ପ୍ରାର୍ଥନା କରିବେ - ହେ ପ୍ରଭୋ । ଆପଣଙ୍କର ଜୟ ହେଉ । ପୂର୍ବେ ଆପଣ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ରଥଯାତ୍ରା ପାଇଁ ଯେଭଳି ଆଦେଶ କରିଥିଲେ ମୁଁ ଠିକ୍ ସେହିପରି କାର୍ଯ୍ୟ କରିବାକୁ ଉଦ୍ୟତ ହୋଇଛି । କୃପାକରି ତାହା ପୂର୍ଣ୍ଣ କରନ୍ତୁ ଏବଂ ଆପଣଙ୍କ କଟାକ୍ଷ ପାତରେ ଚରାଚର ସମସ୍ତେ ପବିତ୍ର ହୁଅନ୍ତୁ ଏବଂ ମୁକ୍ତିଲାଭ କରନ୍ତୁ ।

ଅବତାର କୃତହ୍ୟେଷ ଲୋକାନୁଗ୍ରହକାମ୍ୟୟା ।
ତଦେହି ଭଗବାନ୍ ପ୍ରିତ୍ୟା ଚରଣଂ ନ୍ୟସ୍ୟ ଭୂତଳେ ।

ହେ ପ୍ରଭୋ !ଲୋକମାନଙ୍କୁ ଅନୁଗ୍ରହ କରିବାପାଇଁ ଆପଣ ଏ ଘୋଷ ଯାତ୍ରାର ସୃଷ୍ଟି କରିଛନ୍ତି । ଏବେ ପ୍ରସନ୍ନ ହୋଇ ଭୂ ପୃଷ୍ଠରେ ପାଦ ପକାଇ ଆଗମନ କରନ୍ତୁ । ଗମନ କାଳରେ ସେବକମାନେ ଶାକୁନସୂକ୍ତ ପାଠ କରୁଥିବେ ଏବଂ ଶ୍ରୀ ଜୀଉଙ୍କ ଅଙ୍ଗରେ କସ୍ତୁରୀ, କୁକୁମ, କର୍ପୂର ଚୂର୍ଣ୍ଣସହ ପୁଷ୍ପ ବର୍ଷଣ କରୁଥିବେ । ସେହି କାଳରେ "ଜିତଂ" ମନ୍ତ୍ର । ଜୟଧ୍ୱନି ଏବଂ ମଙ୍ଗଳ ଗୀତ ପାଠ ହେଉଥିବ । ସୂତ,ବନ୍ଦୀ,ମାଗଧଗଣ ଭଗବାନଙ୍କର ସ୍ତୁତି ପାଠ କରୁଥିବେ ଏବଂ ନାରୀମାନଙ୍କର କରକଙ୍କଣ ଧ୍ୱନୀ ଉତ୍ସବକୁ ମୁଖରିତ କରୁଥିବ । ଜୟ ଜୟ ଧ୍ୱନି ମଧ୍ୟରେ ସମବେତ ହୋଇ ପ୍ରଥମେ ବଳଭଦ୍ର, ସୁଭଦ୍ରା ତାପରେ ପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରି ରଥ ନିକଟକୁ ନେଇଯିବେ । ଭଗବାନଙ୍କର ଅଗ୍ରରେ ସୁନ୍ଦର ଛତ୍ର ସମୂହ ଧାରଣ କରି ଆଚାଣ୍ଡଳ ବ୍ରାହ୍ମଣ ସମସ୍ତେ ନିଜକୁ ସମାନ ମଣୁଥିବେ । ପହଣ୍ଡିରେ କ୍ଲାନ୍ତ ସେବକମାନେ ରାସ୍ତାର ତୁଳିକା ଆସ୍ତରଣ (ଗଦି) ଉପରେ ଶ୍ରୀବିଗ୍ରହମାନଙ୍କୁ ବିରାଜମାନ କରାଇ ପୁନର୍ବାର ପହଣ୍ଡି କରିବେ । ଗୀତ, ବାଦ୍ୟ, ନାଦ ଏବଂ ଜୟଜୟକାର ଧ୍ୱନି ମଧ୍ୟରେ ତ୍ରିମୂର୍ତ୍ତିଙ୍କୁ ନିଜ ନିଜ ରଥ ଅଭିମୁଖେ ନେଇ ପୁଷ୍ପ, ମାଲ୍ୟ, ବସ୍ତ୍ର, ଅଳଙ୍କାର ଦ୍ୱାରା ସୁଶୋଭିତ ରଥବେଦୀମାନଙ୍କ ମଧ୍ୟରେ ବିରାଜମାନ କରାଇବେ । ସମ୍ପୂର୍ଣ୍ଣ ଭକ୍ତି ସହକାରେ ଷୋଡ଼ଶ ଉପଚାର ଦ୍ୱାରା ପୂଜାର୍ଚ୍ଚନା କରିବେ । ଭଗବାନ ସ୍ୱୟଂ ନିଜେ କହିଥିବା ଅନୁସାରେ ଗୁଣ୍ଡିଚା ମଣ୍ଡପକୁ ଗମନ କରୁଥିବାରୁ ଏହାଠାରୁ ଉତ୍କୃଷ୍ଟ ଯାତ୍ରା ଅନ୍ୟ କିଛି ନାହିଁ । ଏହି ମହାବେଦୀ ମହୋତ୍ସବ ଯାତ୍ରା ଦର୍ଶନ କଲେ ବୈକୁଣ୍ଠ

ବାସ ହୁଏ, କାରଣ ଏପରି ଅନ୍ୟ କିଛି ପାବନ ଯାତ୍ରା ଶାସ୍ତ୍ରମାନଙ୍କରେ ଉଲ୍ଲେଖ ନାହିଁ। ଦେବତାମାନେ ସ୍ୱର୍ଗରୁ ଏହି ଉତ୍ସବକୁ ଦର୍ଶନ କରି ଧନ୍ୟ ହୋଇଥାନ୍ତି। ଏହି ମହୋତ୍ସବର ନାମ ସଂକୀର୍ତ୍ତନ ସକଳ ପାପହାରୀ। ଅଧିକ କ'ଣ କହିବା? ରଥାରୁଢ ଭଗବାନଙ୍କୁ ଦର୍ଶନ କଲେ ମନୁଷ୍ୟ ମାନଙ୍କର ସାତକୋଟି ଜନ୍ମର ପାପ କ୍ଷୟ ହୋଇଥାଏ। ରଥ ଛାୟା ସ୍ପର୍ଶ କଲେ ବ୍ରହ୍ମହତ୍ୟା ପାପ ବିଦୂରିତ ହୁଏ। ରଥଧୂଳି ଶରୀରରେ ଲାଗିଲେ ତ୍ରିତାପର ବିନାଶ ହୁଏ। ବୃଷ୍ଟିପାତ ହେତୁ ରଥମାର୍ଗ ପଙ୍କିଳ ହୋଇଥିଲେ ମଧ୍ୟ ତାହାକୁ ଖାତିର ନକରି ରଥଯାତ୍ରା ସମାପନ କରିବେ। ରଥାରୁଢ ଭଗବାନଙ୍କୁ ପ୍ରଣିପାତ କଲେ କୋଟି ଗୋଦାନ, କନ୍ୟାଦାନ, ଅଶ୍ୱମେଧ ଯଜ୍ଞରଫଳ ଲାଭହୁଏ। ଅନ୍ତରରେ ଭକ୍ତି ନଥାଇ କେବଳ କୌତୁକ ବଶତଃ ରଥଯାତ୍ରା ଦର୍ଶନ କଲେ ଦେବତା ମଧ୍ୟ ତାହାର ପଶ୍ଚାତ୍‌ଗମନ କରିଥାନ୍ତି।

ଏହି ସମୟରେ ଯେଉଁମାନେ ସନାତନ ଦାରୁବ୍ରହ୍ମଙ୍କର ସ୍ତୋତ୍ର, ମନ୍ତ୍ରାଦି କିମ୍ବା ସ୍ୱରଚିତ ପଦାବଳୀ ଗାନ କରି ତାଙ୍କୁ ସନ୍ତୁଷ୍ଟ କରିଥାନ୍ତି ସେମାନେ ନିଷ୍ପାପ ହୋଇ ନାରଦାଦି ମହର୍ଷିମାନଙ୍କ ସହ ବୈଷ୍ଣବ ଭାବରେ ନିତ୍ୟାନନ୍ଦ ଲାଭ କରିଥାନ୍ତି। ଯେଉଁମାନେ ଜୟଜୟକାର ଉଚ୍ଚାରଣ କରୁଥାନ୍ତି, ନୃତ୍ୟ ଗୀତପ୍ରତି ଆକୃଷ୍ଟ ହୋଇପଡନ୍ତି କିମ୍ବା ତାଳ, ଲୟ ଛନ୍ଦ କିଛି ଜାଣିନଥାନ୍ତି ସେମାନେ ମଧ୍ୟ ଉପଯୁକ୍ତ ବୈଷ୍ଣବଙ୍କ ମର୍ଯ୍ୟାଦା ଲାଭ କରନ୍ତି। ଯେଉଁମାନେ ଭଗବାନଙ୍କର ନାମ କୀର୍ତ୍ତନ କରି କରି ତାହାଙ୍କ ଅନୁଗମନ କରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥାନ୍ତି ସେମାନଙ୍କୁ ଆଉ ଗର୍ଭବାସ କଷ୍ଟ ଭୋଗିବାକୁ ପଡେନାହିଁ। ଯେଉଁମାନେ ପରଂବ୍ରହ୍ମଙ୍କ ସମ୍ମୁଖରେ ଚାମର ବ୍ୟଜନ କରନ୍ତି, ପୁଷ୍ପ ବୃଷ୍ଟି କରନ୍ତି ଆଲଟ ପକାନ୍ତି ସେମାନେ ଅପସରା ପରିବେଷ୍ଟିତ ହୋଇ ସ୍ୱର୍ଗକୁ ଗମନ କରି ବହୁ କଳ୍ପ ପର୍ଯ୍ୟନ୍ତ ବ୍ରହ୍ମଲୋକ ପ୍ରାପ୍ତ ହୋଇ ପରିଶେଷରେ ମୁକ୍ତିଲାଭ କରିଥାନ୍ତି। ଯେଉଁମାନେ ପ୍ରଭୁଙ୍କର ସହସ୍ରନାମ ପାଠ କରି ରଥ ସହିତ ଗମନ କରନ୍ତି ସେମାନଙ୍କୁ ଦେବତାମାନେ ମଧ୍ୟ ମାନ୍ୟ କରନ୍ତି ଏବଂ ତାଙ୍କର ବୈକୁଣ୍ଠ ବାସ ହୁଏ। ରଥଯାତ୍ରା କାଳରେ ସ୍ୱୟଂ ବ୍ରହ୍ମ ନିଜ ମାୟା ବଳରେ ତ୍ରିଧାରେ ବିଭକ୍ତ ହୋଇ ରଥଯାତ୍ରାରେ ଯାଇଥାନ୍ତି। ଏହି ମହୋତ୍ସବ ସମସ୍ତ ନରପତିମାନେ ନିଜ ନିଜ ରାଜ୍ୟରେ କରିବା ଉଚିତ। ରଥଯାତ୍ରା କାଳରେ ଇନ୍ଦ୍ରାଦି ଦେବତାମାନେ, ସ୍ୱୟଂ ଭଗବାନ ବ୍ରହ୍ମା, ସମସ୍ତେ ଆତ୍ମ ସମ୍ମାନ ଏବଂ ଅଭିମାନ ତ୍ୟାଗକରି ରଥ ଯାତ୍ରାରେ ସାମିଲ ହୋଇ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥାନ୍ତି ଏବଂ ରାସ୍ତାରେ ଅନେକ ବୈଦିକ ମନ୍ତ୍ରରେ ଭଗବାନଙ୍କୁ ସ୍ତବ, ସ୍ତୁତି କରିଥାନ୍ତି। ଯଦିଓ ଭଗବାନ ଜଗନ୍ନାଥ ଏବଂ ବ୍ରହ୍ମାଙ୍କ ଭିତରେ କିଛି ପ୍ରଭେଦ ନାହିଁ; ତଥାପି ମହୋତ୍ସବରେ ମହିମା ଦୃଷ୍ଟିରୁ ଏହା କୁହାଯାଇଛି। ଏହି ରଥଯାତ୍ରା ଅବସରରେ ଭଗବାନଙ୍କୁ ସମର୍ପିତ କିଞ୍ଚିତ୍ ମାତ୍ର ଦ୍ରବ୍ୟ ମେରୁତୁଲ୍ୟ ଫଳପ୍ରଦାନ କରିଥାଏ। ଯାହା କିଛି ସତ୍‌କାର୍ଯ୍ୟ ବା ଶୁଭାନୁଷ୍ଠାନ ରଥଯାତ୍ରାରେ

ଅନୁଷ୍ଠିତ ହୁଏ ସେଥିରେ କୌଣସି ବିଧି ନିଷେଧ ଦେଖାଯାଏ ନାହିଁ ଏବଂ ତାହା ଅକ୍ଷୟ ପୁଣ୍ୟ ଫଳପ୍ରଦ ହୋଇଥାଏ । ଧୂଳି ଧୂସରିତ ହୋଇ ମଧ୍ୟ ନିଜକୁ ସଂପୂର୍ଣ୍ଣ ଭାବେ ରଥଯାତ୍ରାରେ ନିୟୋଜିତ କରିଥିବା ଭକ୍ତମାନେ ସମସ୍ତ ବ୍ରତ, ଯଜ୍ଞ ତୀର୍ଥର ଫଳ ଲାଭ କରିଥାନ୍ତି । ଭକ୍ତବତ୍ସଳ ଭଗବାନ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ସହିତ ରଥଯାତ୍ରା ଛଳରେ ଦଶ ଦିଗକୁ ପୁଣ୍ୟମୟ କରି ନିଜର ଶ୍ରୀଅଙ୍ଗ ସ୍ପର୍ଶିତ ବାୟୁଦ୍ୱାରା ଜୀବମାନଙ୍କର ସମସ୍ତ ପାପପୁଞ୍ଜକୁ ବିଦୂରିତ କରିଥାଆନ୍ତି ।

ଭଗବାନ ଜଗନ୍ନାଥ ସ୍ୱୟଂ ମୁକ୍ତିପ୍ରଦ ହେଲେ ମଧ୍ୟ ମାୟାଗ୍ରସ୍ତ, ବିଶ୍ୱାସହୀନ ଜୀବମାନଙ୍କର ବିଶ୍ୱାସ ଜନ୍ମାଇବା ନିମନ୍ତେ ରଥଯାତ୍ରାର ଲୀଳା କରିଥାନ୍ତି । ରଥଯାତ୍ରା କାଳରେ ମଧ୍ୟାହ୍ନ ସମୟ ଉପସ୍ଥିତ ହେଲେ ସୂର୍ଯ୍ୟଙ୍କ କିରଣରେ ସମସ୍ତେ ସନ୍ତାପିତ ହୋଇଯାନ୍ତି ଏଣୁ କ୍ଲାନ୍ତି ଆସେ । ରଥାରୂଢ ଭଗବାନ ମଧ୍ୟ ଏଥିରେ ସନ୍ତାପିତ ଏହା ଭାବି ଚନ୍ଦନ କସ୍ତୁରୀ, କର୍ପୂରଦ୍ୱାରା ସେମାନଙ୍କ ଶ୍ରୀଅଙ୍ଗ ବିଲେପନ କରିବେ । ସୁଶୀତଳ ଜଳ ଦ୍ୱାରା ସେମାନଙ୍କର ଦର୍ପଣିଆ ସ୍ନାନକରାଇବେ ଏବଂ ଶୀତଳ ଉପଚାର ମାନ କରିବେ । ଶର୍କରା, ସୁମଧୁର ପେୟ, ମିଷ୍ଟାନ୍ନ, ଖଜୁରୀ ନଡିଆ, କଦଳୀ, ପଣସ, ଆଖୁ, ଦୁଗ୍ଧ ଏବଂ ନାନାବିଧ ସୁସ୍ୱାଦୁ ଫଳ ଭଗବାନଙ୍କୁ ନୈବେଦ୍ୟ କରି କର୍ପୂର ଲବଙ୍ଗ, ତାମ୍ବୁଳ ଅର୍ପଣ କରିବେ । ଏହି ସମୟରେ ଶ୍ରୀହରିଙ୍କର ଦର୍ଶନ, ସ୍ତବ, ସ୍ତୁତି ମନୁଷ୍ୟମାନଙ୍କୁ ପ୍ରଶଂସନୀୟ କରିଥାଏ । ରଥସ୍ଥିତ ଦେବତାମାନଙ୍କୁ ଯେଉଁମାନେ ତ୍ରିବାର, ଚତୁର୍ବାର ସପ୍ତବାର ବା ଦଶବାର ପ୍ରଦକ୍ଷିଣ କରି ବ୍ରହ୍ମାକର୍ତ୍ତକସ୍ତୋତ୍ର ମନ୍ତ୍ରାଦି ପାଠ କରିଥାଆନ୍ତି ସେମାନେ ଦେହାନ୍ତ ପରେ ନିଶ୍ଚୟ ବ୍ରହ୍ମଲୋକକୁ ଗମନ କରିଥାଆନ୍ତି । ଅପରାହ୍ନରେ ପୂର୍ବବାର ପହଣ୍ଡି ଆରମ୍ଭ କରିବେ । ସେତେବେଳେ ସୁଶୀତଳ ଦକ୍ଷିଣାପବନ ବହୁଥିବ । ବୀଣା, ବେଣୁ, କାହାଳୀ ଧ୍ୱନିରେ ଗାୟକମାନେ ସଂଗୀତଗାନ କରି ଗମନ କରିବେ । ସୂର୍ଯ୍ୟାସ୍ତ ସମୟ ହେଲେ ସହସ୍ର ସହସ୍ର ଦୀପମାଳା ପ୍ରଜ୍ୱଳିତ କରିବେ ଯେପରି ସେହି ଆଲୋକରେ ପଥ ଆଲୋକିତ ହେଉଥିବ । ଏଥି ସହିତ ସନ୍ଧ୍ୟା ବନ୍ଦାପନା, ଆରତ୍ରିକ କରିବେ ଯାହାକୁ ଦେଖିବାକୁ ପ୍ରବଳ ଜନଗହଳି ହୋଇଥାଏ । ଗୁଣ୍ଡିଚା ମନ୍ଦିରର ବେଦୀ ପୂର୍ବରୁ ସୁସଜ୍ଜିତ ହୋଇଥାଏ । ତଥାପି ତାହାକୁ ଚନ୍ଦ୍ରାତପ, ମାଲ୍ୟ, ଚାମର ଦ୍ୱାରା ସୁଶୋଭିତ କରିବେ । ବିଭିନ୍ନ ରତ୍ନ ଖଚିତ ତୋରଣ, ଆଭ୍ୟନ୍ତରର ସ୍ୱର୍ଣ୍ଣ ବେଦୀକା, ଚତୁର୍ଦ୍ଦିଗର ପ୍ରାଚୀର ସବୁ କିଛି ସୁଧାଲିପ୍ତ ହୋଇଥିବା ଦରକାର । ଆସ୍ଥାନ ମଣ୍ଡପକୁ ପାବଚ୍ଛ ଶ୍ରେଣୀ ଏବଂ ସୁପ୍ରଶସ୍ତ ଚାରି ଗୋଟି ଦ୍ୱାର ସଂଯୁକ୍ତ ହୋଇ ଏପରି ବୋଧ ହେଉଥିବ ଯେ ଏହି ସ୍ଥାନଟି ତ୍ରୈଲୋକ୍ୟର ଆଡମ୍ବରଯୁକ୍ତ ଯଜ୍ଞ ମହାବେଦୀ, ଯହିଁରେ ସ୍ୱୟଂ ମହାପ୍ରଭୁ ଦାରୁବ୍ରହ୍ମ ବିରାଜମାନ ହୋଇଛନ୍ତି ।

ମହାବେଦୀରେ ନବ ଦିନାତ୍ମକ ବ୍ରତ ଦର୍ଶନ

ଜୈମିନି କହିଲେ - ହେ ମୁନିଗଣ। ଇନ୍ଦ୍ରଦ୍ୟୁମ୍ନ ସରୋବର ଏବଂ ଶ୍ରୀନୃସିଂହଦେବଙ୍କ ଦକ୍ଷିଣରେ ଅବସ୍ଥିତ ଗୁଣ୍ଡିଚା ମଣ୍ଡପରେ ପରଂବ୍ରହ୍ମ ଅଚିନ୍ତ୍ୟ ମହିମାମେରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ବିରାଜମାନ ହେବାରୁ ମନେ ହେଲା ଯେପରି ସେ ମନୁଷ୍ୟ ଦେହରେ ଅବତୀର୍ଣ୍ଣ ହୋଇ ଲୀଳା କରୁଛନ୍ତି। ମହାପ୍ରଭୁଙ୍କର ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନକାଳରେ ନାନାଦି ପୁଷ୍ପମାଲ୍ୟ ସୁଗନ୍ଧ କୃଷ୍ଣାଗୁରୁ, ଭକ୍ଷ, ଭୋଜ୍ୟ, ଲେହ, ପେୟ ଆଦି ସମସ୍ତ ଅନ୍ନବ୍ୟଞ୍ଜନ ପ୍ରଭୁଙ୍କୁ ନିବେଦନ କରିବେ। ପୂର୍ବେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଭଗବାନ ଏହି ବର ଦେଇଥିଲେ ଯେ ପ୍ରତିବର୍ଷ ସେ ବିନ୍ଦୁତୀର୍ଥ (ଇନ୍ଦ୍ରଦ୍ୟୁମ୍ନ ସରୋବର) ନିକଟ ଗୁଣ୍ଡିଚା ମନ୍ଦିରରେ ସପ୍ତମଦିନ ଅବସ୍ଥାନ କରିବେ ଏବଂ ସମସ୍ତ ତୀର୍ଥ ସେହି ସମୟରେ ଇନ୍ଦ୍ରଦ୍ୟୁମ୍ନରେ ପତିତ ହେବେ। ତେଣୁ ଏବେ ସେ ସେଠାରେ ଅବସ୍ଥାନ କରୁଛନ୍ତି। ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ କରି ଗୁଣ୍ଡିଚା ମଣ୍ଡପସ୍ଥିତ ଭଗବାନ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଯେଉଁମାନେ ଦର୍ଶନ କରନ୍ତି, ସେମାନେ ସାଯୁଜ୍ୟ ମୁକ୍ତି ଲଭନ୍ତି। ଯେଉଁ ବ୍ୟକ୍ତି ସପ୍ତାହବ୍ୟାପୀ ଇନ୍ଦ୍ରଦ୍ୟୁମ୍ନ ସ୍ନାନ, ଭଗବାନ ନୃସିଂହଙ୍କ ଦର୍ଶନ ଏବଂ ଗୁଣ୍ଡିଚା ମଣ୍ଡପସ୍ଥିତ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରନ୍ତି ସେମାନେ ନିଶ୍ଚିତ ବୈଷ୍ଣବ। ମହାବେଦୀରେ ଦିନବେଳେ ଭଗବାନଙ୍କୁ ଗୁଣ୍ଡିଚା ମଣ୍ଡପରେ ଦର୍ଶନ କଲେ ଯେତିକି ଫଳମିଳେ, ରାତ୍ରିରେ ଦର୍ଶନ କଲେ ତାର ଦଶଗୁଣ ପୁଣ୍ୟ ହୁଏ କାରଣ ଜଗଦୀଶଙ୍କର ସମ୍ମୁଖରେ ସମସ୍ତ କର୍ମ ସୁଫଳ ହୋଇଥାଏ। ମହାବେଦୀରେ ଭଗବାନଙ୍କ ଅବସ୍ଥାନ ଅତ୍ୟନ୍ତ ଦୁର୍ଲ୍ଲଭ ହୋଇଥିବାରୁ ସେଠାରେ ସାମାନ୍ୟମାତ୍ର ଦାନ ମଧ୍ୟ ମେରୁତୁଲ୍ୟ ଫଳପ୍ରଦ ହୋଇଥାଏ। ହେ ବିପ୍ରଗଣ। ଯେଉଁ ଅର୍ଦ୍ଧୋଦୟ ଯୋଗ କଥା ମୁଁ ପୂର୍ବେ ଆପଣମାନଙ୍କୁ କହିଛି ତାର ପୁଣ୍ୟ ଫଳ ଏହାର ଷୋଳ ଭାଗରୁ ଭାଗେ ମଧ୍ୟ ହେବ ନାହିଁ।


ଏହି କ୍ଷେତ୍ରରେ (ଇନ୍ଦ୍ରଦ୍ୟୁମ୍ନ ସରୋବର, ଭଗବାନ ନୃସିଂହ ଏବଂ ଗୁଣ୍ଡିଚା ମନ୍ଦିର) ଯେଉଁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ, ତର୍ପଣ କରନ୍ତି ସେମାନଙ୍କର ପିତୃପୁରୁଷ ଯେଉଁ ଯୋନି(ନର, ପଶୁ ପକ୍ଷୀ ଇତ୍ୟାଦି) ପ୍ରାପ୍ତ ହୋଇଥାନ୍ତୁ ନା କାହିଁକି, ସେମାନେ ସଂପୂର୍ଣ୍ଣ ମୁକ୍ତ ହୋଇଥାନ୍ତି। ମାଘ ନକ୍ଷତ୍ରରେ ଏହା ହିଁ ପ୍ରୀତିପଦ। ତେଣୁ ଆଷାଢ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଶ୍ରାଦ୍ଧ,ତର୍ପଣ କରା ଯାଇଥାଏ। ସେହି ତିଥିରେ ପୁତ୍ର ଯଦି ସେହି କ୍ଷେତ୍ରରେ ପିଣ୍ଡଦାନ କରନ୍ତି ତେବେ ନିଜର ସପ୍ତ ପୁରୁଷ ତ ଉଦ୍ଧାର ହୋଇଥାନ୍ତି, ସେ ନିଜେ ମଧ୍ୟ ବ୍ରହ୍ମଲୋକ ଗମନ କରିଥାଏ। ସୂର୍ଯ୍ୟଙ୍କ ରଶ୍ମି ଅଳ୍ପ ମ୍ଳାନ ହେଲେ ସେହି ଆଠ ମୁହୂର୍ତ୍ତ ଶ୍ରାଦ୍ଧ ପାଇଁ ପ୍ରଶସ୍ତ କାଳ। ଏହି କାଳରେ ଶ୍ରାଦ୍ଧାଦି ସଂପୂର୍ଣ୍ଣ କରି ବ୍ରାହ୍ମଣମାନଙ୍କୁ ଦାନ, ଦକ୍ଷିଣା, ଭୋଜନରେ ତୃପ୍ତ କରାଇବେ। ଏଥିପାଇଁ ଅସମର୍ଥ

ହେଲେ କେବଳ ପିତୃତର୍ପଣ କରି ପିତୃପୁରୁଷଙ୍କୁ ଚଣାଦାନ କରିବେ ଏବଂ ଅତି କମ୍‌ରେ ଜଣେ ବ୍ରାହ୍ମଣଙ୍କୁ ଭୋଜନ କରାଇବେ । ସେହି ଯୋଗ କାଳରେ କିଏ ଭଲ ବ୍ରାହ୍ମଣ କିଏ ଖରାପ ବା ଶାସ୍ତ୍ର ଅନଭିଜ୍ଞ ଏପରି ବିଚାର କରିବେ ନାହିଁ, କାରଣ ସେହି ଯୋଗରେ ସମସ୍ତ ବ୍ରାହ୍ମଣ ମୁନିମାନଙ୍କସହ ସମାନ ହୋଇଥାନ୍ତି । ଆଷାଢ ଶୁକ୍ଳ ପଞ୍ଚମୀ ମାଘ ନକ୍ଷତ୍ର ଏବଂ ଭଗବାନଙ୍କର ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ଏହା ହେଲା ତ୍ରିପାଦ ଯୋଗ । ଏଥିରେ ଇନ୍ଦ୍ରଦ୍ୟୁମ୍ନ ସ୍ନାନ ମିଶିଲେ ଚତୁଷ୍ପାଦ ଯୋଗ ହୁଏ । ଏହିକାଳ ପିତୃତର୍ପଣ ପାଇଁ ପ୍ରଶସ୍ତ ହେତୁ କେବେ ହେଲେ ଏହାକୁ ହାତଛଡ଼ା କରିବା ଉଚିତ ନୁହେଁ ।

ହେ ବିପ୍ରଗଣ । ଏବେ ଆପଣମାନଙ୍କୁ ଅନ୍ୟ ଶ୍ରାଦ୍ଧ ବିଷୟରେ କହୁଛି, ଶୁଣନ୍ତୁ । ଚତୁର୍ଯୁଗରେ ଭାଦ୍ରବ ମାସ ଅମାବାସ୍ୟା ଶ୍ରାଦ୍ଧ ନିମିତ୍ତ ପ୍ରଶସ୍ତ । ତେଣୁ ଯେଉଁ ବ୍ୟକ୍ତି ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ କରି ଏହି ଅମାବାସ୍ୟା ତିଥିରେ ପିତୃ ଶ୍ରାଦ୍ଧ କରନ୍ତି ସେମାନେ ଗୟା ଶ୍ରାଦ୍ଧର ଫଳ ଲାଭ କରନ୍ତି । ଭଗବାନଙ୍କର ଗୁଣ୍ଡିଚା ମଣ୍ଡପ ଅବସ୍ଥାନ କାଳରେ ଜପ ହୋମ ଆଦି କଲେ ଅନେକ ପାପରୁ ମୁକ୍ତି ମିଳିଥାଏ । ଆଷାଢ ଶୁକ୍ଳ ଦ୍ୱିତୀୟା ପ୍ରାତଃ କାଳରେ ଇନ୍ଦ୍ରଦ୍ୟୁମ୍ନରେ ସ୍ନାନକରି ନୃସିଂହ ଭଗବାନଙ୍କୁ ଦର୍ଶନକରି ଯଥାବିଧି ସଂକଳ୍ପକରି ଭଗବାନଙ୍କ ପ୍ରୀତି ଉଦ୍ଦେଶ୍ୟରେ ବନ ଜାଗରଣ ନାମକ ବ୍ରତ ଗ୍ରହଣ କରିବେ । ଏହି ବ୍ରତ ସପ୍ତ ଦିବସବ୍ୟାପୀ ଏବଂ ଏହି ସପ୍ତ ଦିବସ ସଂପୂର୍ଣ୍ଣ ମୌନ ରହି ତ୍ରିସନ୍ଧ୍ୟାକରି କଳସ ଉପରିସ୍ଥ ଭଗବାନଙ୍କୁ ପୂଜା କରିବେ । ଦିବା ରାତ୍ରି ସାତ ଦିନ ପର୍ଯ୍ୟନ୍ତ ପ୍ରଭୁଙ୍କ ସମ୍ମୁଖରେ ଘିଅ ଦୀପ ଜାଳିବେ ଏବଂ ତାହା ଯେପରି ନିର୍ବାପିତ ନ ହେବ ସେଥିପ୍ରତି ଦୃଷ୍ଟି ଦେବେ । ପ୍ରତ୍ୟେକ ରାତ୍ରିରେ ଭାଗବତ ମନ୍ତ୍ର ଜପ କରିବେ । ଅଷ୍ଟମ ଦିବସ ପ୍ରାତଃରୁ ଇନ୍ଦ୍ରଦ୍ୟୁମ୍ନରେ ସ୍ନାନସାରି ଘରକୁ ଆସି ସର୍ବତୋ ଭଦ୍ରମଣ୍ଡଳ ଉପରେ କୁମ୍ଭ ସ୍ଥାପନ କରିବେ । ତା ଉପରେ ଭଗବାନଙ୍କୁ ଆବାହନକରି କୌଣସି ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଇବେ । ଘଟର ପଶ୍ଚିମରେ ଯଜ୍ଞକୁଣ୍ଡ ସ୍ଥାପନ କରି ଶତ ସଂଖ୍ୟକ ଆହୁତି ପ୍ରଦାନ କରିବେ । ବୈଷ୍ଣବ ଗାୟତ୍ରୀ ମନ୍ତ୍ରରେ ହିଁ ହୋମ କରିବେ । ବ୍ରତ ସମାପନ କରି ବ୍ରାହ୍ମଣଙ୍କୁ ଗାଭୀ, ସ୍ୱର୍ଣ୍ଣ, ବସ୍ତ୍ର, ଅଳଙ୍କାର ଭୋଜନ ଦାନ କରିବେ । ଏହି ବ୍ରତରେ ଅଭୀଷ୍ଟ ପୂର୍ଣ୍ଣ ହୋଇଥାଏ । କେବଳ ରାଜା ନୁହନ୍ତି, ଯେ କୌଣସି ବ୍ୟକ୍ତି ଏ ବ୍ରତ କଲେ ଚତୁବର୍ଗ ଫଳ ପ୍ରାପ୍ତି ହୋଇଥାଏ । ନାରୀମାନେ ମଧ୍ୟ ଏ ବ୍ରତ କରି ପାରିବେ । ରଥଯାତ୍ରା ଦର୍ଶନ କଲେ ଯେପରି ଫଳପ୍ରାପ୍ତି ହୁଏ, ଏହି ବ୍ରତକଲେ ମଧ୍ୟ ସେହି ଫଳ ଲାଭ ହୁଏ । ଏ କଥା ମୁଁ ଅତ୍ୟନ୍ତ ଆନନ୍ଦ ସହକାରେ ଆପଣମାନଙ୍କ ଆଗରେ ପ୍ରକାଶ କଲି ।

***

ଶ୍ରୀଜଗନ୍ନାଥ ତତ୍ତ୍ୱ



ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର
ଆନନ୍ଦନଗର, ଢେଙ୍କାନାଳ
ମୋ: ୮୮୯୫୨୩୦୭୨୨

"ସମନ୍ୱୟର ମହାମେରୁ ଶ୍ରୀଜଗନ୍ନାଥଙ୍କ ଠାରେ ଭାରତ ବର୍ଷରେ ଜନ୍ମ ନେଇଥିବା ପ୍ରତ୍ୟେକ ଦାର୍ଶନିକ ଚିନ୍ତା ଓ ଚେତନାର ମହାମିଳନ ସଂଘଟିତ ହୋଇଛି ।"

ପୁରୁଷୋତ୍ତମ ଜଗନ୍ନାଥ ନୀଳାଚଳରେ ଅନାଦି କଳରୁ ଦିବ୍ୟ ଦାରବୀଲୀଳା ସଂରଚନା କରୁଛନ୍ତି । ମହୋଦଧି ତଟରେ ପରମ ବିଷ୍ଣୁଙ୍କ ଦିବ୍ୟ ବୈକୁଣ୍ଠ ଶୈଳୀରେ ନିର୍ମିତ ଶ୍ରୀବତ୍ସ ଖଣ୍ଡଶାଳ ଶ୍ରୀମନ୍ଦିର । ସେହି ନଭଶ୍ଚୁମ୍ବୀ ଶ୍ରୀମନ୍ଦିର ଶୀର୍ଷରେ ନୀଳଚକ୍ର ଉପରେ ଫରଫର ହୋଇ ଉଡୁଛି ପତିତପାବନ ବାନା । ଶ୍ରୀମନ୍ଦିର ଗର୍ଭଗୃହରେ ରତ୍ନସିଂହାସନରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତି । ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁଶରୀର ଅଭ୍ୟନ୍ତରରେ ରହିଛି ଗୋପନୀୟ ଜ୍ଞାନଗମ୍ୟ ଅନିର୍ବଚନୀୟ ବ୍ରହ୍ମ । ସେ ହେଉଛନ୍ତି ଦାରୁ ଓ ବ୍ରହ୍ମଙ୍କର ଅପୂର୍ବ ସମନ୍ୱୟ ଅର୍ଥାତ ନଶ୍ୱର ଓ ଈଶ୍ୱରଙ୍କର ସମ୍ମିଳିତ ସ୍ୱରୂପ । ଅନ୍ୟ ଭାଷାରେ କହିଲେ ସେ ହେଉଛନ୍ତି ସୂକ୍ଷ୍ମତମ ଅଦୃଶ୍ୟ ବ୍ରହ୍ମଙ୍କର ଏକ ସ୍ଥୂଳ ତଥା ଦୃଶ୍ୟମାନ ପରିପ୍ରକାଶ । ଯୁଗ ଯୁଗ ଧରି ଅଗଣିତ ସାଧୁ, ସନ୍ଥ, ସିଦ୍ଧ, ଯୋଗୀ, ମହାତ୍ମା, ଜ୍ଞାନୀ, ବିଜ୍ଞ, ପ୍ରାଜ୍ଞ, ବେଦାନ୍ତୀ, ସାଂଖ୍ୟଶାସ୍ତ୍ରୀ, ଶୈବାଚାର୍ଯ୍ୟ, ବୈଷ୍ଣବାଚାର୍ଯ୍ୟ, ଶୂନ୍ୟବାଦୀ ଓ ଗବେଷକ ତାଙ୍କ ଦାରୁମୂର୍ତ୍ତିର ତତ୍ତ୍ୱ ନିର୍ଣ୍ଣୟ କରିବାକୁ ସମର୍ଥ ହୋଇନାହାନ୍ତି ।

'ସର୍ବଂ ରହସ୍ୟଂ ପୁରୁଷୋତ୍ତମସ୍ୟ ଦେବା ନଜାନାନ୍ତି କୁତଃମନୁଷ୍ୟଃ'

ବେଦରେ ସର୍ବବ୍ୟାପୀ, ସର୍ବଶକ୍ତିମାନ, ସର୍ବଜ୍ଞ, ସର୍ବେନ୍ଦ୍ରିୟ ଗୁଣାଭାସ ତଥା ବ୍ରାହ୍ମଣ୍ଡର ଅପରିବର୍ତ୍ତନଶୀଳ ତତ୍ତ୍ୱଙ୍କୁ ପରଂବ୍ରହ୍ମ କୁହାଯାଇଛି । ଭାରତୀୟ ପ୍ରଚେତାବୃନ୍ଦ କ୍ଷଣ କ୍ଷଣକେ ପରିବର୍ତ୍ତିତ ବ୍ରହ୍ମାଣ୍ଡର ଅନ୍ତଃସ୍ଥଳରେ ବିଦ୍ୟମାନ ଥିବା ଅପରିବର୍ତ୍ତନଶୀଳ ତତ୍ତ୍ୱର ସତ୍ତାକୁ ବ୍ରହ୍ମାଣ୍ଡର ନିୟାମକ ବା ପରଂବ୍ରହ୍ମ ନାମରେ ନାମିତ କରିଯାଇଛନ୍ତି । ମହନୀୟତା ହେଉଛି, ସେହି ପରଂବ୍ରହ୍ମ ତତ୍ତ୍ୱକୁ ସରଳ, ସହଜ ଓ ସୁଗମ କରିବା ନିମିତ୍ତ ବେଦରେ ପୁରୁଷୋତ୍ତମ ତତ୍ତ୍ୱର ଅବତାରଣା କରାଯାଇଛି । ବେଦୋକ୍ତ ପୁରୁଷୋତ୍ତମ ତତ୍ତ୍ୱର ପ୍ରତିଭୂ ହେଉଛନ୍ତି ପୁରୁଷୋତ୍ତମ ଜଗନ୍ନାଥ । ପରଂବ୍ରହ୍ମ ହେଉଛନ୍ତି ଅବିନାଶୀ, ଅଥଚ ବ୍ରହ୍ମଧାମ ନୀଳାଚଳରେ ନାଶଶୀଳ ଦାରୁରୂପରେ ବିରାଜମାନ । ସେ ସ୍ଥୁଳ ଓ ସୂକ୍ଷ୍ମ ଅର୍ଥାତ୍ ଅକ୍ଷର ଓ କ୍ଷର ପୁରୁଷଠାରୁ ଉର୍ଦ୍ଧ୍ୱରେ ଏକ ଉତ୍ତମ ପୁରୁଷ ବା ପୁରୁଷୋତ୍ତମ । ତାଙ୍କ ଦାରୁଶରୀର ଅଭ୍ୟନ୍ତରରେ ଯେଉଁ ବ୍ରହ୍ମ ସଂସ୍ଥାପିତ, ସେ ହେଉଛନ୍ତି 'ଅକ୍ଷର ପୁରୁଷ' । ଯେଉଁ ଦାରୁରୂପରେ ସେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ତାହା ହେଉଛନ୍ତି 'କ୍ଷର ପୁରୁଷ' । ବେଦୋକ୍ତ ପୁରୁଷୋତ୍ତମ ତତ୍ତ୍ୱକୁ ଆଧାର କରି ପରଂବ୍ରହ୍ମ ଏହି ଦାରବୀଲୀଳା ସଂରଚନା କରିଛନ୍ତି । ଏହି ଦିବ୍ୟ ଦୃଷ୍ଟିରେ ଶ୍ରୀମଦ୍ ଭଗବତ ଗୀତାରେ କୁହାଯାଇଛି :-

ଯସ୍ମାତ୍ କ୍ଷରୋଽତୀତୋଽହମକ୍ଷରା ଦପି ଚୋତ୍ତମ,
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।

ପୁରୁଷୋତ୍ତମଙ୍କ ଠାରେ ବେଦର 'ସହସ୍ର ଶୀର୍ଷା' ପୁରୁଷର ପରିକଳ୍ପନା କରାଯାଇଛି । ଦାରୁବ୍ରହ୍ମଙ୍କର ପ୍ରାଣ ପ୍ରତିଷ୍ଠା ମଧ୍ୟ ବେଦୋକ୍ତ ପୁରୁଷସୂକ୍ତ ମନ୍ତ୍ରରେ କରାଯାଇଛି । ବେଦ ଓ ଉପନିଷଦରେ ବହୁ ସ୍ଥଳରେ ପରଂବ୍ରହ୍ମଙ୍କୁ ପୁରୁଷ ନାମରେ ଅଭିହିତ କରାଯାଇଛି । ଏହାର ମୂଳସୂତ୍ର ହେଉଛି ଋକବେଦୋକ୍ତ ପୁରୁଷସୂକ୍ତ ମନ୍ତ୍ର :-

ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ,
ସ ଭୂମିଂ ସର୍ବତୋ ବ୍ୟାପ୍ୟ ଅଧତିଷ୍ଠତ୍ ଦଶାଙ୍ଗୁଳମ୍,
ଯଃ ପୁମାନ୍ ପରଂବ୍ରହ୍ମ ପରମାସ୍ମେତ ଗୀୟତେ
ଭୂତାଂ ଭବ୍ୟଂ ଭବିଷ୍ୟଂ ତ ସର୍ବଂ ପୁରୁଷ ଏବତତ୍ ।

ଋଗବେଦରେ ସେ ଅପୌରୁଷେୟ ଦାରୁବ୍ରହ୍ମ, ବେଦାନ୍ତରେ ବ୍ରହ୍ମ, ସାଂଖ୍ୟରେ ପୁରୁଷ ଓ ଗୀତାରେ ପୁରୁଷୋତ୍ତମ । ସେ ହିଁ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରଣବର ବାଚ୍ୟରୂପ ଭାବରେ ଦାରୁ ଶରୀରରେ ବିରାଜିତ । ସରଳ ଭାଷାରେ ଲେଖିଲେ, ପ୍ରତିମାବାଦର ଝଲକରେ ପରଂବ୍ରହ୍ମଙ୍କର ପ୍ରତୀକବାଦର ରହସ୍ୟ ଦାରବୀ ଲୀଳାରେ ପ୍ରତିଭାତ । ନିର୍ଗୁଣ ନିରାକାର ପରଂବ୍ରହ୍ମଙ୍କର ପ୍ରଥମ ସାକାର ବିଗ୍ରହ ହେଉଛି ଦାରୁ ଶରୀର । ମୂର୍ତ୍ତିତତ୍ତ୍ୱରୁ ଉର୍ଦ୍ଧ୍ୱରେ ସଂସ୍ଥିତ ତାଙ୍କ ସ୍ୱରୂପ ଚିନ୍ତନରେ ସ୍କନ୍ଦପୁରାଣରେ କୁହାଯାଇଛି :-

ନେକାନେକ ସ୍ଥୁଳ ସୂକ୍ଷ୍ମାଣୁ ମୁର୍ତ୍ତେ,
ବ୍ୟୋମାତୀତଂ ବ୍ୟୋମ ରୂପଂ ପ୍ରକାଶଂ ।
ବ୍ୟୋମାକାରଂ ବ୍ୟାପିନୋ ବ୍ୟୋମସଂସ୍ଥ
ବ୍ୟୋମାରୁଢ଼ଂ ବ୍ୟୋମ କେଶାଢ଼ ଯୋନେ ।

ଅର୍ଥାତ୍ ସେ ଏକ, ଅଥଚ ଅନେକ । ସେ ସ୍ଥୁଳ, ସୂକ୍ଷ୍ମ, ସଗୁଣ, ନିର୍ଗୁଣ, ଶୂନ୍ୟ ଓ ଅଶୂନ୍ୟ । ବେଦୋକ୍ତ ମୂର୍ତ୍ତିର ପ୍ରତୀକ ଏହି ଦାରୁବ୍ରହ୍ମଙ୍କର ହସ୍ତ, ପଦ, ନେତ୍ର ଓ ଶ୍ରବଣ ପ୍ରଭୃତିର ଆଭାସ ଥିଲେ ହେଁ ପୂର୍ଣ୍ଣ ଅବୟବ ନାହିଁ । ସେ ସର୍ବେନ୍ଦ୍ରିୟ ବିବର୍ଜିତ ତଥା ସର୍ବେନ୍ଦ୍ରିୟ ଧର୍ମର ସ୍ଥୁଳ ପ୍ରତିନିଧି ମାତ୍ର, ଦୁରାଧିଗମ୍ୟ ଭାବକୁ ସ୍ଥୁଳ ଭାବରେ ପ୍ରକାଶ କରିବାକୁ ତାଙ୍କର ଏହି ସ୍ୱରୂପ । ବର୍ଣ୍ଣ, ଧର୍ମ, ଆଶ୍ରମ ସବୁ ତାଙ୍କ ଠାରେ ବିଲୁପ୍ତ ।

ମୂର୍ତ୍ତିତତ୍ତ୍ୱ ଦୃଷ୍ଟିରୁ ସେ ଦାରୁବ୍ରହ୍ମ ହେଲେ ହେଁ ବେଦୋକ୍ତ ପୁରୁଷୋତ୍ତମ । ମହାଦାରୁରୁ ପ୍ରତିମା ନିର୍ମାଣ ପରେ ତାଙ୍କର ପ୍ରାଣ ପ୍ରତିଷ୍ଠା ପୁରୁଷସୂକ୍ତ ମନ୍ତ୍ରରେ କରାଯାଇଥିଲା ।

ତ୍ରୟାଂ ପ୍ରସିଦ୍ଧଂ ଯତସୂକ୍ତଂ ପାବନଂ ପୌରୁଷଂ ମହତ୍,
ତେଜ ନାରାୟଣଂ ଭୂପଃ ପଜୟାମାସ ଶକ୍ତିତଃ ।

କେବଳ ପୁରୁଷସୂକ୍ତ ମନ୍ତ୍ରରେ ଦାରୁବ୍ରହ୍ମଙ୍କର ପ୍ରାଣପ୍ରତିଷ୍ଠା ହୋଇ ନଥିଲା, ନିତ୍ୟନୈମିତ୍ତିକ ପୂଜା ପ୍ରକରଣରେ ପ୍ରଣବନ୍ୟାସ ସମୟରେ ବଳଭଦ୍ରଙ୍କୁ 'ଅ' କାର, ସୁଭଦ୍ରାଙ୍କୁ 'ଉ' କାର ଓ ଜଗନ୍ନାଥଙ୍କୁ 'ମ'କାର ରୂପେ ଚିନ୍ତନ କରାଯାଏ ।

ଓଁ କାର ସତ୍ତ୍ୱଗୁଣଂ ଶୁକ୍ଳବର୍ଣ୍ଣଂ ନମଃ ନଭୈ
ଓଁ ଉକାର ରଜୋଗୁଣଂ ରକ୍ତବର୍ଣ୍ଣଂ ନମଃ ହୃଦୟେ
ଓଁ ମକାର ତମୋଗୁଣଂ କୃଷ୍ଣବର୍ଣ୍ଣଂ ନମଃ ମୂର୍ଦ୍ଧନି ।

ଏହି ଦିବ୍ୟ ଦୃଷ୍ଟିରେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଓଁକାର ବିଗ୍ରହ ଭାବରେ ମାନ୍ୟତା ପ୍ରଦତ୍ତ । ଉପନିଷଦମାନଙ୍କରେ ଏ ସମ୍ପର୍କରେ ବିଶେଷ ବ୍ୟାଖ୍ୟା କରାଯାଇଛି, ଯାହା ଏକ ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥାଏ ।

ପୁରୁଷୋତ୍ତମ ଜଗନ୍ନାଥ ହେଉଛନ୍ତି ବିଶ୍ୱର ପ୍ରଥମ ସାକାର ବିଗ୍ରହ । ସାକାର ଉପାସନାର ପ୍ରାଚୀନ ପ୍ରମାଣ ପାଞ୍ଚରାତ୍ର ସାହିତ୍ୟରୁ ଉପଲବ୍ଧ ହୋଇଥାଏ । ଭକ୍ତିଶାସ୍ତ୍ରାଚାର୍ଯ୍ୟ ଦେବର୍ଷି ନାରଦ ଶ୍ୱେତଦୀପକୁ ଯାଇ ନାରାୟଣ ଋଷିଙ୍କ ଠାରୁ ପାଞ୍ଚରାତ୍ର ଆଗମ ଶିକ୍ଷା କରିଥିଲେ ଏବଂ ଏହାର ପ୍ରଚାର ପ୍ରସାର ନିମିତ୍ତ ନାରଦ ପାଞ୍ଚରାତ୍ର ରଚନା କରିଥିଲେ । ପରବର୍ତ୍ତୀ କାଳରେ ଈଶ୍ୱର ସଂହିତା, ଜୟାଖ୍ୟ ସଂହିତା, ଅହିର୍ବୁଧ୍ନ୍ୟ ସଂହିତା ପ୍ରଭୃତି ପରମଶାସ୍ତ୍ର ସମୂହରେ ଏହାର ବିଶଦ ବ୍ୟାଖ୍ୟା କରାଯାଇଛି । ପାଞ୍ଚରାତ୍ରର ମୂଳ ସିଦ୍ଧାନ୍ତ ଶ୍ରୁତିରେ ପ୍ରତିପାଦିତ । ତେଣୁ ପାଞ୍ଚରାତ୍ର ଆଗମକୁ ବେଦମୂଳକ କୁହାଯାଇଛି । ପାଞ୍ଚରାତ୍ର ସିଦ୍ଧାନ୍ତ ଅନୁସାରେ 'ଚତୁର୍ବ୍ୟୁହ' ଉପାସନା ହିଁ ମୁକ୍ତିର ସର୍ବଶ୍ରେଷ୍ଠ ପନ୍ଥା । ଚତୁର୍ବ୍ୟୁହ

ମତାନୁସାରେ ବାସୁଦେବଙ୍କ ଠାରୁ ସଙ୍କର୍ଷଣ ବା ଜୀବର ଉତ୍ପତ୍ତି ଘଟିଥାଏ, ସଙ୍କର୍ଷଣଙ୍କ ବା ଜୀବଙ୍କ ଠାରୁ ପ୍ରଦ୍ୟୁମ୍ନ ବା ମନର ଉତ୍ପତ୍ତି ଘଟେ, ପ୍ରଦ୍ୟୁମ୍ନ ବା ମନଙ୍କ ଠାରୁ ଅନିରୁଦ୍ଧ ବା ଅହଙ୍କାରର ଉତ୍ପତ୍ତି ହୁଏ । ଏହି ମତାନୁସାରେ ଚତୁର୍ବ୍ୟୂହ ହେଲେ ବାସୁଦେବ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ । ବାସୁଦେବ ଜ୍ଞାନ, ଐଶ୍ୱର୍ଯ୍ୟ, ଶକ୍ତି, ବଳ, ବୀର୍ଯ୍ୟ ଓ ତେଜ ରୂପକ ଷଡ଼ ଐଶ୍ୱର୍ଯ୍ୟର ଅଧିକାରୀ । ସଙ୍କର୍ଷଣ ଜ୍ଞାନ ଓ ବଳର ପ୍ରତିଭୂ । ପ୍ରଦ୍ୟୁମ୍ନଙ୍କ ଠାରେ ଐଶ୍ୱର୍ଯ୍ୟ ଓ ବୀର୍ଯ୍ୟ । ଅନିରୁଦ୍ଧଙ୍କ ଠାରେ ଶକ୍ତି ଓ ତେଜ ବିଦ୍ୟମାନ । ଚତୁର୍ବ୍ୟୂହ ଧାରାରେ ଚତୁର୍ଦ୍ଧା ମୂର୍ତ୍ତି ହେଉଛନ୍ତି ଶ୍ରୀଜଗନ୍ନାଥ (ବାସୁଦେବ), ଶ୍ରୀ ବଳଭଦ୍ର (ସଙ୍କର୍ଷଣ), ଶ୍ରୀସୁଭଦ୍ରା (ପ୍ରଦ୍ୟୁମ୍ନ) ଏବଂ ଶ୍ରୀସୁଦର୍ଶନ (ଅନିରୁଦ୍ଧ) । ସୂଚନା ଯୋଗ୍ୟ ଯେ ପାଞ୍ଚରାତ୍ର ଆଗମନରେ ବାସୁଦେବଙ୍କୁ ପରମବିଷ୍ଣୁ ଭାବରେ ପ୍ରତିପାଦନ କରାଯାଇଛି । ଅର୍ଥାତ୍ ଶ୍ରୀଜଗନ୍ନାଥ ହେଉଛନ୍ତି ପରମବିଷ୍ଣୁ । ଲକ୍ଷ୍ମୀତନ୍ତ୍ର ମତରେ :-

ଜ୍ଞାନ ଶକ୍ତି ବଳୈଶ୍ୱର୍ଯ୍ୟ ବୀର୍ଯ୍ୟ ତେଜାଂସ୍ୟ ଶେଷତଃ
ଉନ୍ମିଷ୍ୟନ୍ତି ଯଦା ତୁଲ୍ୟଂ ବାସୁଦେବସ୍ତଦୋଚ୍ୟତେ ।

ଷଡ଼ଗୁଣର ଅଧିକାରୀ ଦାରୁବ୍ରହ୍ମ ହିଁ ବାସୁଦେବ । ପରବର୍ତ୍ତୀ କାଳରେ ପାଞ୍ଚରାତ୍ର ଧାରାରେ ଦାରୁବ୍ରହ୍ମ ଉପାସନା ପଲ୍ଲବିତ, ପୁଷ୍ପିତ ଓ ସୁରଭିତ ହୋଇଥିଲା । ପାଞ୍ଚରାତ୍ର ଉପାସନା ଧାରାରେ ଶରଣାଗତି ମାଧ୍ୟମରେ ଜୀବ ମୁକ୍ତି ଲାଭ କରିଥାଏ । ଅସଂଖ୍ୟ ଭକ୍ତ ସ୍ୱକୀୟ ଶରଣାଗତି ପ୍ରକରଣ ଅନୁଯାୟୀ ଚାରି ପ୍ରକାର ମୁକ୍ତି ଅର୍ଥାତ ସାଲୋକ୍ୟ, ସାଯୁଜ୍ୟ, ସାମୀପ୍ୟ ଓ ସ୍ୱରୂପ୍ୟ ମୁକ୍ତିର ଅଧିକାରୀ ହୋଇଛନ୍ତି ।

ପାଞ୍ଚରାତ୍ର ଉପାସନା ହିଁ ଭକ୍ତି ଧାରାର ମୂଳ, ପାଞ୍ଚରାତ୍ର ହେଉଛି ଆଗମ ବା ତନ୍ତ୍ର । ଏହି ଧାରାରେ ଓଁକାରମୟ ତତ୍ତ୍ୱରୂପୀ ବେଦୋକ୍ତ ପୁରୁଷୋତ୍ତମ ସଗୁଣ ସାକାର ଉପାସନାର ରୂପ ଗ୍ରହଣ ପୂର୍ବକ ଅଗଣିତ ମୁମୁକ୍ଷୁଜନଙ୍କ ସିଦ୍ଧି ପ୍ରାପ୍ତି ସହଜ, ସରଳ ଓ ସୁଗମ ବୋଧ ହେଲା । ଅନ୍ୟ ଭାଷାରେ କହିଲେ ପୁରୁଷୋତ୍ତମ ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ଉପାସନା ଦ୍ୱାରା ବେଦ ବର୍ଣ୍ଣିତ ଜ୍ଞାନର କ୍ରିୟାତ୍ମକ ରୂପ ବିଧାନାତ୍ମକ ଆଚାର ସ୍ୱରୂପରେ ପ୍ରତିଭାତ ହେଲା । ବୈଦିକ ଯଜ୍ଞ ମାଧ୍ୟମରେ ନିର୍ଗୁଣ ନିରାକାର ପରମ ବିଷ୍ଣୁଙ୍କର ଉପାସନା ପ୍ରବର୍ତ୍ତିତ ହୋଇଥିଲେ ହେଁ ପାଞ୍ଚରାତ୍ର ଆଗମ ବା ତନ୍ତ୍ରରେ ବିଗ୍ରହ ମାଧ୍ୟମରେ ପରମ ବିଷ୍ଣୁଙ୍କର ଉପାସନା ପ୍ରବର୍ତ୍ତନ ହେଲା । ମହନୀୟତା ହେଉଛି, ଏହି ପ୍ରବର୍ତ୍ତନ ପ୍ରଥମ ସାକାର ବିଗ୍ରହ ପୁରୁଷୋତ୍ତମ ଜଗନ୍ନାଥଙ୍କ ଠାରୁ ଆରମ୍ଭ ହୋଇଛି । ବୈଦିକ ଯଜ୍ଞରେ ଅଭିଳଷିତ ବସ୍ତୁ ସ୍ୱର୍ଗ ଏବଂ ବିଗ୍ରହ ଉପାସନାର ପରମ ଲକ୍ଷ୍ୟ ବୈକୁଣ୍ଠ । ବୈକୁଣ୍ଠ ପ୍ରାପ୍ତି ନିମିତ୍ତ ବିଷ୍ଣୁଙ୍କର ଉପାସନା ହେଉଛି ବୈଷ୍ଣବତନ୍ତ୍ର । ସେହି ଦିବ୍ୟଦୃଷ୍ଟିରେ ପରମବୈକୁଣ୍ଠସ୍ଥିତ ବିଷ୍ଣୁଙ୍କର ନିବାସସ୍ଥଳୀ ଶ୍ରୀବତ୍ସଖଣ୍ଡଶାଳ ରୀତିରେ ମନ୍ଦିର ନିର୍ମାଣ ହୋଇ ବୈଷ୍ଣବତନ୍ତ୍ର ବିଧିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା ଉପାସନାର ଉନ୍ମେଷ ଘଟିଥିଲା । ବୈଷ୍ଣବ ତନ୍ତ୍ରକୁ କେନ୍ଦ୍ର

କରି ଅନେକ ବୈଷ୍ଣବ ସମ୍ପ୍ରଦାୟ ଜନ୍ମ ନେଲା । ପ୍ରତ୍ୟେକ ସମ୍ପ୍ରଦାୟର ଇଷ୍ଟ ହେଲେ ଶ୍ରୀଜଗନ୍ନାଥ । ବୈଷ୍ଣବତନ୍ତ୍ରବାଦୀଙ୍କ ସଦୃଶ ଶୈବତନ୍ତ୍ରବାଦୀ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ଆପଣାର ଇଷ୍ଟ ବିବେଚନା କଲେ । ବୈଷ୍ଣବତନ୍ତ୍ର ଓ ଶୈବତନ୍ତ୍ର ସଦୃଶ ଶାକ୍ତତନ୍ତ୍ର ସାଧକଙ୍କ ଦିବ୍ୟ ଦୃଷ୍ଟିରେ କଳାଶ୍ରୀମୁଖି ଶ୍ରୀଜଗନ୍ନାଥ ହେଉଛନ୍ତି ମହାକାଳୀ । ଶାକ୍ତତନ୍ତ୍ର ସିଦ୍ଧାନ୍ତ ଅନୁଯାୟୀ ସେ ହେଉଛନ୍ତି ଆଦ୍ୟନ୍ତରହିତ, ନିର୍ବିକାର ତଥା ସଚ୍ଚିଦାନନ୍ଦ ସ୍ୱରୂପା ଦକ୍ଷିଣ କାଳିକା । ଶାକ୍ତ ତନ୍ତ୍ରର ଉତ୍ତରଣରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଠାରେ ଦଶମହାବିଦ୍ୟା ଆରୋପିତ କରାଗଲା । ଗୁହ୍ୟାତିଗୁହ୍ୟ ତନ୍ତ୍ରରେ କୃଷ୍ଣରୂପୀ ଜଗନ୍ନାଥଙ୍କୁ କାଳୀ ଓ ଅନ୍ୟାନ୍ୟ ଦେବତାଙ୍କୁ ଭିନ୍ନ ଭିନ୍ନ ମହାବିଦ୍ୟା ରୂପେ ବର୍ଣ୍ଣନା କରାଯାଇଛି ।

କୃଷ୍ଣମୂର୍ତ୍ତି କାଳିକାସ୍ୟାତ୍ ରାମମୂର୍ତ୍ତିସୁ ତାରିଣୀ,
ଛିନ୍ନମସ୍ତା ନୃସିଂହସ୍ୟାଦ୍ ବାମନୋ ଭୁବନେଶ୍ୱରୀ
ଜାମଦଗ୍ନ୍ୟଃ ସୁନ୍ଦରୀସ୍ୟାଦ୍ ମୀନୋ ଧୂମାବତୀ ଭବେତ୍,
ବଗଳା କୂର୍ମ ମୂର୍ତ୍ତିସ୍ୟାଦ୍ ବଳଭଦ୍ରଶ୍ଚ ଭୈରବୀ
ମହାଲକ୍ଷ୍ମୀ ଭବେଦ୍ ବୃଦ୍ଧୋ ଦୁର୍ଗାସ୍ୟାତ୍ କଲ୍କୀ ରୂପିଣୀ
ସ୍ୱୟଂ ଭଗବତୀ କାଳୀ କୃଷ୍ଣସ୍ତୁ ଭଗବାନ ସ୍ୱୟମ୍ ।

ଅଧିକନ୍ତୁ ନୀଳତନ୍ତ୍ରରେ ଅନୁଗାମୀବୃନ୍ଦ ବଳଭଦ୍ରଙ୍କୁ ତାରା, ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ଓ ଜଗନ୍ନାଥଙ୍କୁ ଦକ୍ଷିଣକାଳିକା ରୂପେ ଉପାସନା କରି ଶାକ୍ତତନ୍ତ୍ରର ଔଜଲ୍ଲ୍ୟ ବୃଦ୍ଧି କଲେ ।

ତାରାଯନ୍ତ ମହାଶେଷ ସୁଭଦ୍ରା ଭୁବନେଶ୍ୱରୀମ୍
ଶ୍ୟାମ ଚକ୍ରେ ଜଗନ୍ନାଥଃ ଦକ୍ଷିଣ କାଳିକା ସ୍ୱୟମ୍ ।

କେବଳ ସେତିକି ନୁହେଁ ତନ୍ତ୍ର ଶାସ୍ତ୍ରରେ ଶ୍ରୀକ୍ଷେତ୍ରକୁ ଭୂସ୍ୱର୍ଗ କୁହାଗଲା । ଅଦ୍ୱୈତ ବେଦାନ୍ତର ମହାନ ପ୍ରବକ୍ତା ଆଦି ଶଙ୍କରାଚାର୍ଯ୍ୟଙ୍କ ଦିବ୍ୟ ଦୃଷ୍ଟିରେ ଶ୍ରୀଜଗନ୍ନାଥ ହିଁ ପୁରୁଷୋତ୍ତମ । ଋଗବେଦୋକ୍ତ ପୁରୁଷୋତ୍ତମ ପରମ୍ପରାକୁ ଭାରତୀୟ ଆଧ୍ୟାତ୍ମିକ ଭାବଧାରାରେ ଉଜ୍ଜୀବିତ ରଖିବା ନିମିତ୍ତ ସେ ପୁରୁଷୋତ୍ତମ ଋଗବେଦର ମୂଳମନ୍ତ୍ର 'ପ୍ରଜ୍ଞାନଂ ବ୍ରହ୍ମ' ଆପ୍ତବାକ୍ୟ ଆଧାରିତ ଗୋବର୍ଦ୍ଧନ ପୀଠ ପ୍ରତିଷ୍ଠା କରିଥିଲେ । ବିଶିଷ୍ଟାଦ୍ୱୈତର ପ୍ରଧାନ ଆଚାର୍ଯ୍ୟ ରାମାନୁଜଙ୍କ ମତରେ ଶ୍ରୀଜଗନ୍ନାଥ ହିଁ ପରମପୁରୁଷ ପୂର୍ଣ୍ଣବ୍ରହ୍ମ ନାରାୟଣ ତଥା ଭକ୍ତିଜ୍ଞାନର ମୂଳ ସ୍ରୋତ ।

ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ,
ସୁଭଦ୍ରା ପ୍ରାଣନାଥାୟ ଜଗନ୍ନାଥାୟ ମଙ୍ଗଳମ୍ ।

ରାମାନୁଜ ଓ ତତପରବର୍ତ୍ତୀ ବିଶିଷ୍ଟାଦ୍ୱୈତ ସାହିତ୍ୟରେ ମହାପୁରୁଷ ନିର୍ଣ୍ଣୟ ବା ବିଷ୍ଣୁଙ୍କ ଶ୍ରେଷ୍ଠତା ପ୍ରତିପାଦନ ଉପରେ ପ୍ରାଧାନ୍ୟ ନିଆଯାଇଛି । ଅଦ୍ୱୈତମତରୁ ତାଙ୍କ ମତ ଭିନ୍ନ ହେଲେ ହେଁ ସେ ଭାଗବତ ସମ୍ପ୍ରଦାୟରୁ ପଞ୍ଚରୂପର କଳ୍ପନା ଗ୍ରହଣ କରି ଶ୍ରୀଜଗନ୍ନାଥଙ୍କ

ଠାରେ ଆରୋପିତ କରିଛନ୍ତି । ତାଙ୍କ ମତରେ ପୁରୁଷୋତ୍ତମ ଜଗନ୍ନାଥ ହିଁ ସର୍ବାନ୍ତର୍ଯ୍ୟାମୀ ତଥା ସକଳ ଜଗତର ଅଭିନ୍ନ ନିମିତ୍ତୋପାଦନ କାରଣ ଏବଂ ତାଙ୍କରି ଅନୁଗ୍ରହରୁ ଜୀବ ମୁକ୍ତି ଲାଭ କରେ । ଦ୍ୱୈତବାଦର ପ୍ରବର୍ତ୍ତନ ମଧ୍ୱାଚାର୍ଯ୍ୟଙ୍କ ଦୃଷ୍ଟିରେ ପୁରୁଷୋତ୍ତମ ଜଗନ୍ନାଥ ହିଁ ପରିପୂର୍ଣ୍ଣତମ ବ୍ରହ୍ମ । ଦ୍ୱୈତାଦ୍ୱୈତ ବାଦର ପ୍ରବର୍ତ୍ତକ ନିମ୍ବାକାଚାର୍ଯ୍ୟ ଓ ତାଙ୍କ ଅନୁଗାମୀଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ପ୍ରତ୍ୟକ୍ଷ କୃଷ୍ଣ, ବଳଦେବ କୃଷ୍ଣାନୁଜ ଓ ସୁଭଦ୍ରା ଭକ୍ତି ଅଟନ୍ତି । ଶୁଦ୍ଧା ଦ୍ୱୈତବାଦର ପ୍ରଧାନ ପ୍ରଚାରକ ବଲ୍ଲଭାଚାର୍ଯ୍ୟଙ୍କ ମତରେ ସର୍ବଧର୍ମ ବିଶିଷ୍ଟ ଶ୍ରୀଜଗନ୍ନାଥ ହିଁ ପରମ ବ୍ରହ୍ମ । ତାଙ୍କ ଦିବ୍ୟଦୃଷ୍ଟିରେ ଅଖିଳ ରସାମୃତମୂର୍ତ୍ତି ନିଖିଳ ଲୀଳାଧାମ ଶ୍ରୀକୃଷ୍ଣ ହିଁ ପରଂବ୍ରହ୍ମ ଶ୍ରୀଜଗନ୍ନାଥ । ଗୌଡ଼, ମାଧ୍ୱ, ନିମ୍ବାର୍କ ତଥା ଅନ୍ୟାନ୍ୟ କୃଷ୍ଣବାସୁଦେବବାଦୀଗଣ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ପୂର୍ଣ୍ଣବ୍ରହ୍ମ ପୁରୁଷୋତ୍ତମ ରୂପେ ସ୍ୱୀକାର କରନ୍ତି । ମଧୁର କୀର୍ତ୍ତନ ମାଧ୍ୟମରେ ପୁରୁଷୋତ୍ତମ ଚେତନାର ମହାଭାବ ସୃଷ୍ଟିକାରୀ ପ୍ରେମାବତାର ଶ୍ରୀଚୈତନ୍ୟ ଶ୍ରୀଜଗନ୍ନାଥଙ୍କ ଠାରେ ପୂର୍ଣ୍ଣବ୍ରହ୍ମତ୍ୱ ଦର୍ଶନ କରିଥିଲେ । ଶ୍ରୀଜଗନ୍ନାଥରୂପୀ ଶ୍ରୀକୃଷ୍ଣଙ୍କର ଚରଣାବିନ୍ଦ ସେବାକରି ଯେଉ ଲାଭ ହୁଏ, ତାହାହିଁ ଚୈତନ୍ୟଙ୍କ ମତରେ ବିଶିଷ୍ଟତା ।

ବୈଷ୍ଣବ ମତବାଦୀଙ୍କ ବ୍ୟତୀତ ଯୋଗୀବୃନ୍ଦ ମଧ୍ୟ ପୁରୁଷୋତ୍ତମ ଜଗନ୍ନାଥଙ୍କ ଜ୍ୟୋତିରୂପୀ ବିବେଚନା କରି ଧ୍ୟାନସ୍ଥ ହୋଇଥାନ୍ତି ।

ସର୍ବ ଲକ୍ଷଣ ସମ୍ପୂର୍ଣ୍ଣଂ ସର୍ବେନ୍ଦ୍ରିୟ ବିବର୍ଜିତମ୍,
କୂଟସ୍ଥମଚଳଂ ସୂକ୍ଷତମଂ ଜ୍ୟୋତିରୂପ ସନାତନମ ।
ଭାବ ଭାଷା ବିନିର୍ମୁକ୍ତଂ ବ୍ୟାପିନଂ ପ୍ରକୃତତଃ ପରମ୍,
ନମସ୍ୟାମି ଜଗନ୍ନାଥମୀଶ୍ୱରଂ ସୁଖଦଂ ପ୍ରଭୁମ୍ ।

ପୁରୁଷୋତ୍ତମ ଉପାସନା ସମ୍ପର୍କୀୟ ରାମାନନ୍ଦୀ ସମ୍ପ୍ରଦାୟର ଦାର୍ଶନିକ ବିଚାରବୋଧ ହେଉଛି :-

ଲକ୍ଷ୍ମଣଂ ବଳରାମଞ୍ଚ ରାଘବାଃ ପୁରୁଷୋତ୍ତୋମଃ
ମୈଥିଳୀ ଭକ୍ତିରପାଃ ସୁଭଦ୍ରା ଚାରୁହାସିନୀ ।
ଆଞ୍ଜନେୟ ମହାବୀରଂ କ୍ଷେତ୍ରସ୍ୟ ରକ୍ଷକୋତ୍ତମ,
ରାମାନନ୍ଦ ଗୁରୁର୍ବନ୍ଦେ ଶ୍ରୀକ୍ଷେତ୍ରେ ଧ୍ୱଜରକ୍ଷକମ ।

ଉତ୍କଳୀୟ ବୈଷ୍ଣବ ଚେତନାରେ ଶ୍ରୀଜଗନ୍ନାଥ ହିଁ ପରଂବ୍ରହ୍ମ । ସେ ସର୍ବ ଅବତାରର ମୂଳ । ଓଡ଼ିଆ ବୈଷ୍ଣବ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ଭାବରେ ବର୍ଣ୍ଣନା କରାଯାଇଛି ।

ସେହୁ ଗୋଲକ ନିତ୍ୟସ୍ଥଳ, ସେହିଟି ଗିରିନୀଳାଚଳ ।
କୋଟିଏ ଯୁଗ ଯେବେ ଯାଇ, ଏଥିରେ ଲୀଳା ନସରଇ ।
ଶ୍ରୀଜଗନ୍ନାଥ ଯେ ଷୋଳକଳା, ଏଣୁ କଳାଏ ନନ୍ଦବାଳା ।

କଳାକେ ଷୋଳକଳା ହୋଇ ଘେନି ଜନ୍ମିଲେ ଗୋପେ ଯାଇ ।

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଭାଷାରେ :-

ଅବତାର ଦଶ ଏହି ଦାରୁରୂପ ଏହି ଦାରୁରେ ସେ ଲୀନ,
ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ ବିଜେ ରତ୍ନ ସିଂହାସନ ।

ଭକ୍ତ କବି ବଳରାମ ଦାସ ବେଦାନ୍ତ ସାର ଗ୍ରନ୍ଥଗୀତାରେ ଉଲ୍ଲେଖ କରିଛନ୍ତି :-

ସର୍ବଦା ନୀଳାଦ୍ରିରେ ସ୍ଥିତି, ଏଥୁ ସକଳ ଜାତ ହୋନ୍ତି ।
ସମସ୍ତ ଅବତାର ମାନ, ଜାତ ହୋଇଣ ପଶେ ପୁଣ ।
ବେଦାନ୍ତ ସାର ବ୍ରହ୍ମ ଏହି, ବେଦ ହିଁ ବର୍ଣ୍ଣି ନପାରଇ ।

ଅଧିକନ୍ତୁ ଉତ୍କଳୀୟ ବୈଷ୍ଣବଗଣ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚାରିବେଦର ସ୍ୱରୂପ ଭାବରେ ବିବେଚନା କରିଛନ୍ତି ।

ବଳଭଦ୍ର ଯେ ସାମ ହୋଇ, ଋକ ଯେ ସୁଭଦ୍ର ବୋଲାଇ
ଯଜୁର୍ବେଦ ଯେ ଜଗନ୍ନାଥ, ଅଥର୍ବ ସୁଦର୍ଶନ ପାର୍ଥ ।

ସଂକ୍ଷେପରେ ଉଲ୍ଲେଖକଲେ, ସମନ୍ୱୟର ମହାମେରୁ ଶ୍ରୀଜଗନ୍ନାଥଙ୍କ ଠାରେ ଭାରତ ବର୍ଷରେ ଜନ୍ମ ନେଇଥିବା ପ୍ରତ୍ୟେକ ଦାର୍ଶନିକ ଚିନ୍ତା ଓ ଚେତନାର ମହାମିଳନ ସଂଘଟିତ ହୋଇଛି । ବିଶ୍ୱର ସର୍ବପ୍ରାଚୀନ ଦେବତା ସର୍ବଦର୍ଶନ ସାର ଶ୍ରୀଜଗନ୍ନାଥ ହିଁ ସଭିଙ୍କ ଦୃଷ୍ଟିରେ ବପୁଷ୍ମନ୍ତ ପରଂବ୍ରହ୍ମ ଏବଂ ତାଙ୍କୁ ହିଁ କେନ୍ଦ୍ରକରି ସକଳ ଦର୍ଶନର ଧାରା ସମନ୍ୱୟର ମହାଭାବରେ ରୂପାନ୍ତରିତ ହୋଇଛି । ଅନେକ ରୂପାତ୍ମକ ତଥା କ୍ଷଣ କ୍ଷଣକେ ବିଲକ୍ଷଣ ରୂପଧାରଣ କରୁଥିବା ବିଶ୍ୱରେ ପୁରୁଷୋତ୍ତମ ଜଗନ୍ନାଥ ଭାରତୀୟ ତତ୍ତ୍ୱଜ୍ଞାନର ବ୍ୟାପକ ଦୃଷ୍ଟିଦର୍ଶନରେ ରୂପାନ୍ତର କରି ପିଣ୍ଡ ଓ ବ୍ରହ୍ମାଣ୍ଡର ପ୍ରଭେଦକୁ ପ୍ରଜ୍ଞାନରେ ପରିଣତ କରିଛନ୍ତି । ଏହାଦ୍ୱାରା ଜୀବ ଓ ନିର୍ଜୀବର ଅନ୍ତଃସ୍ଥଳରେ ବିଦ୍ୟମାନ ଥିବା ଏକରୂପତା ସହଜ ବୋଧଗମ୍ୟ ହୋଇପାରିଛି । ସେହି ଦିବ୍ୟ ପଥର ଅନୁସନ୍ଧାନରେ ଅଗଣିତ ସାଧୁ, ସନ୍ଥ, ପଣ୍ଡିତ, ଜ୍ଞାନୀ, ତତ୍ତ୍ୱଦର୍ଶୀ, ମହାତ୍ମା ଦିବ୍ୟ ନୀଳାଚଳରେ ପର୍ଦାପଣ କରିବାପରେ ସଭିଏଁ ତାଙ୍କ ବଡ଼ଦାଣ୍ଡରେ ଶରଧାବାଲି ଛୁଇଁବା ମାତ୍ରକେ ଆପଣାର ଜ୍ଞାନ, ପାଣ୍ଡିତ୍ୟ, ତତ୍ତ୍ୱସବୁକୁ ଭୁଲିଯାଇଛନ୍ତି । ସେ ତତ୍ତ୍ୱାତୀତ ହୋଇଥିବାରୁ ତାଙ୍କ ତତ୍ତ୍ୱ ନିର୍ଣ୍ଣୟରେ ସଭିଏଁ ଅସମର୍ଥ ହୋଇ ତାଙ୍କୁ ସର୍ବବେଦାନ୍ତ ସାର, ସର୍ବତତ୍ତ୍ୱାନୁତତ୍ତ୍ୱ ତଥା ଭବଜଳଧିର ତରଣୀ ସ୍ୱରୂପରେ ପ୍ରଣତି ଜଣାଇଛନ୍ତି ତଥା ଶ୍ରୀଜଗନ୍ନାଥ ଦୁଇବାହୁ ପ୍ରସାରି ସଭିଙ୍କୁ ଆପଣାର କରିନେଇଛନ୍ତି ।

ଯୋ ଦାରୁବ୍ରହ୍ମମୂର୍ତ୍ତିଃ ପ୍ରଣବ ତନୁଧରଃ ସର୍ବବେଦାନ୍ତସାରଃ,
ଭକ୍ତାନାଂ କଳ୍ପବୃକ୍ଷୋ ଭବ ଜଳତରଣିଃ ସର୍ବ ତତ୍ତ୍ୱାନୁତତ୍ତ୍ୱମ୍ ।

***

ଓଡ଼ିଆ ଲୋକ ସଂସ୍କୃତିରେ ଶ୍ରୀଜଗନ୍ନାଥ



ଡକ୍ଟର ମନୀନ୍ଦ୍ର ମହାନ୍ତି
ଅପର୍ଣ୍ଣା ସଦନ, ଭଦ୍ରକ
ମୋ: ୯୨୩୮୫୦୬୨୬୨

"ବଡ଼ ଠାକୁର ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତିର ପ୍ରତୀକ।"

ବଡ଼ ଠାକୁର ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତିର ପ୍ରତୀକ। ବହୁ ବର୍ଷର ଚଳଣି, ପ୍ରଥା, ଧର୍ମଧାରା ମଧ୍ୟରେ ଶ୍ରୀଜଗନ୍ନାଥ ଓଡ଼ିଶାରେ କେବଳ ଜଣେ ମାଦଳ ଦାରୁ ଦେବତା ନୁହନ୍ତି, ସେ ଓଡ଼ିଆର ଅତି ନିଜର ହୋଇ ପଡ଼ିଛନ୍ତି। ତେଣୁ ଓଡ଼ିଶାର ଲୋକ ଜୀବନ ମଧ୍ୟରେ ସେ ଆଉ ବାଇଶି ପାହାଚ ଉଚ୍ଚରେ ରତ୍ନ ସିଂହାସନରେ ଆସୀନ ଦେବତା ନୁହନ୍ତି, ସେ ଓଡ଼ିଆର ଜୀବନ ସୀମା ମଧ୍ୟରେ ଲୀନ ହୋଇଯାଇଛନ୍ତି। ତେଣୁ, ଓଡ଼ିଶାର ଲୋକସଂସ୍କୃତିରେ ଶ୍ରୀଜଗନ୍ନାଥଙ୍କ ଆସନ ଅଧିକ ଦୃଢ଼ ହୋଇ ଉଠିଛି। ବର୍ତ୍ତମାନ ଲୋକସଂସ୍କୃତିର ବିଭିନ୍ନ ଉପାଦାନ ସହିତ ସାରା ଜଗତର ନାଥ ଶ୍ରୀଜଗନ୍ନାଥ କିପରି ସଂପୃକ୍ତ, ତାହା ଏଠାରେ ଚର୍ଚ୍ଚା କରାଯାଉଛି।

ପ୍ରଥମତଃ, ଲୋକ ସଂସ୍କୃତିର ସବୁଠାରୁ ବଳିଷ୍ଠ ଉପାଦାନ ହେଲା- ଚଳଣି, ପ୍ରଥା। ଓଡ଼ିଶାର ଲୋକ ଚଳଣି ମଧ୍ୟରେ ଶ୍ରୀଜଗନ୍ନାଥଙ୍କର ଭୂମିକା ଆଦୌ ଏଡ଼ାଇ ଦେବାର ନୁହେଁ। ପ୍ରତ୍ୟେକ ଓଡ଼ିଆ ଧର୍ମପ୍ରାଣ ବ୍ୟକ୍ତି ପ୍ରତ୍ୟହ ସ୍ନାନ ପରେ ଠାକୁର ପୂଜା ପରେ ପରେ ଶ୍ରୀଜଗନ୍ନାଥଙ୍କ ମାହାର୍ଦ୍ଦ ବା ଶୁଖିଲା ମହାପ୍ରସାଦ (ନିର୍ମାଲ୍ୟ) ସେବନ କରି ନିଜକୁ ଭାଗ୍ୟବାନ ମନେ କରନ୍ତି। ତେଣୁ କୋଥଳି

ଭିତରେ ତିଲିକ ଓ ପାଦୁକା ସହିତ ମାହାର୍ଦ୍ଦର ଛୋଟ ପୁଡ଼ିଆଟିଏ ସବୁବେଳେ ସ୍ଥାନ ପାଇଥାଏ ।

ବିବାହୋତ୍ସବରେ ବର ଓ ବରଯାତ୍ରୀମାନେ କନ୍ୟା ଘରକୁ ଆସି ପାଦ ଧୋଇ ସୁସଜ୍ଜିତ ସ୍ଥାନରେ ବସିଲାବେଳେ ସର୍ବପ୍ରଥମେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଲାଗି ହୁଏ । ବର, ବରର ଅଭିଭାବକ ଓ ବୟୋଜ୍ୟେଷ୍ଠ ବରଯାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଭଣ୍ଡାରୀ, ଶଙ୍ଖୁଆ ପର୍ଯ୍ୟନ୍ତ ନିର୍ବିଘ୍ନରେ ଅନୁଷ୍ଠିତ ହେଉ- ତାହା ମନାସନ୍ତି । ଏହି ମହାପ୍ରସାଦ ସେବନ କାର୍ଯ୍ୟକ୍ରମଟି ନହେଲା ପର୍ଯ୍ୟନ୍ତ ବିବାହର କୌଣସି କାର୍ଯ୍ୟ ଆରମ୍ଭ ହୁଏନାହିଁ ।

ଦ୍ୱିତୀୟତଃ, ଓଡ଼ିଆ 'ଲୋକବାଣୀ' ବା 'ଢଗଢ଼ମାଳି' ମଧ୍ୟରେ ବି ଶ୍ରୀଜଗନ୍ନାଥଙ୍କ ସ୍ଥାନ ଗୁରୁତ୍ୱହୀନ ନୁହେଁ । ଏହି ଢଗ- ଢମାଳି ହେଉଛି ଲୋକ ଜୀବନର ଏକ ଚଳନ୍ତି ଜୀବନ ମାଧ୍ୟମ । ଗୋଟିଏ ଦୃଷ୍ଟାନ୍ତ -

"ଆପ୍‌ନା ହାତ୍, ଜଗନ୍ନାଥ"

"ସର୍ବ ମଙ୍ଗଳ, ଜଗନ୍ନାଥ" । ପ୍ରଭୃତି

'ଲୋକଗୀତ' ହେଉଛି ଲୋକସଂସ୍କୃତିର ଅନ୍ୟ ଏକ ପ୍ରଭାବଶାଳୀ ଦିଗ । ହଳିଆଗୀତ, ଶଗଡ଼ଗୀତ, ପ୍ରଭୃତିରେ ଶ୍ରୀଜଗନ୍ନାଥଙ୍କ ନାମ ଓ ଚରିତ ସ୍ଥାନ ପାଇଛି । ହଳିଆ ଗୀତର ପଦେ ଦେଖନ୍ତୁ ।

"ଓଡ଼ିଶା ଜଗନ୍ନାଥ ଓଡ଼ିଶାକୁ ଗଲେ
ବଡ଼ ଦେଉଳକୁ ବେଢ଼ି ମୁଗଲ ରହିଲେ
ଜାତି ବିଟାଳିଆ ମୁଗଲ ଦେଉଳ ମାରା କଲେ ହେ,
ଓଡ଼ିଶା ଭିତରେ ଯେ ମୁଗୁନି ପଥର,
ଟେକି କଚାଡ଼ିଲେ ହୋ କମା ବିମଳା ଉପର ।"

ଲୋକଗଳ୍ପ ଲୋକ ସଂସ୍କୃତିର ଏକ ବିଶିଷ୍ଟ ଦିଗ । ଶ୍ରୀଜଗନ୍ନାଥଙ୍କ ଚରିତରେ ବିଦ୍ୟାପତି ଓ ଲଳିତାଙ୍କ ପ୍ରେମୋପାଖ୍ୟାନ, ମାଣିକ ଗଉଡୁଣୀ ଓ ଶ୍ରୀଜଗନ୍ନାଥ ଓ ବଳଦେବଙ୍କର କଳାଧଳ ଘୋଡ଼ାରେ କାଞ୍ଚିଯାତ୍ରା ଓ ବୀରତ୍ୱମୟ କାହାଣୀ, ସ୍ତ୍ରୀ ବୁଦ୍ଧିରେ ଶ୍ରୀଜଗନ୍ନାଥଙ୍କର ଖଣ୍ଡିଆ, ଏବଂ ବଳରାମ ଦାସ, ଜଗନ୍ନାଥ ଦାସ, ଦାସିଆ ବାଉରୀ, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତ, ପ୍ରଭୃତି ଭକ୍ତମାନଙ୍କ ଗଳ୍ପ ମଧ୍ୟରେ ଶ୍ରୀଜଗନ୍ନାଥଙ୍କର ମହିମା ଓଡ଼ିଶାର ଲୋକ ଜୀବନରେ ବେଶ୍ ପ୍ରତିଷ୍ଠା ଲାଭ କରିଛି ।

ଲୋକ ଚିତ୍ରକଳା- ଲୋକ ସଂସ୍କୃତିର ଅନ୍ୟ ଏକ କଳାତ୍ମକ ବିଭାଗ । ଶ୍ରୀମନ୍ଦିରର ନାଟ ମନ୍ଦିର ଓ ମହାଲକ୍ଷ୍ମୀ ମନ୍ଦିରର କାନ୍ଥରେ ଯେଉଁ ଚିତ୍ର ଅଙ୍କିତ ହୋଇଛି, ସେସବୁର ଏକ ବିଶିଷ୍ଟ ଶୈଳୀ ରହିଛି । ଲାଲ, ହଳଦୀ ଏବଂ କଳା ରଂଗରେ ଯେଉଁ କାଞ୍ଚି ବିଜୟ ଓ ଶ୍ରୀଜଗନ୍ନାଥଙ୍କ ଚରିତ ଚିତ୍ରିତ ହୋଇଛି, ତାହା ସ୍ୱତନ୍ତ୍ର । ପଟ୍ଟଚିତ୍ର କ୍ଷେତ୍ରରେ ମଧ୍ୟ ଏହି ଲୋକକଳାର ସ୍ୱାତନ୍ତ୍ର୍ୟ ସ୍ୱୀକୃତ ।

ଓଡ଼ିଶାର ପୁରପଲ୍ଲୀରେ ଲୋକଚିତ୍ରକଳା ମଧ୍ୟରେ ଝୁଣ୍ଟି ଏବଂ ମୁରୁଜ ପ୍ରଧାନ । ମାର୍ଗଶୀର ମାସ 'ଗୁରୁବାର ଓଷା' ବା 'ଧାନମାଣିକ' ଓଷା ଏବଂ କାର୍ତ୍ତିକ ମାସରେ 'କାର୍ତ୍ତିକବ୍ରତ' ଯଥାକ୍ରମେ ଝୁଣ୍ଟି ଓ ମୁରୁଜର ଯେଉଁ ଚିତ୍ର ଓଡ଼ିଆଣୀ କୁଳବୋହୂ ଆଙ୍କିଥାଏ ସେଥିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥାଏ ।

ଓଡ଼ିଶାର ଲୋକ ଜୀବନରେ ଭାତ ଓ ତରକାରୀ ହେଉଛି ପ୍ରଧାନ ଖାଦ୍ୟ । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ମଧ୍ୟ ସେହି ଅନ୍ନ ଓ ତରକାରୀ । ଏହା ସହିତ ଶାଗ, ଗ୍ରୀଷ୍ମ ଦିନେ ପଖାଳ ମଧ୍ୟ ଭୋଗ ଲାଗେ । ପ୍ରସାଦସେବନ ପରେ ଶ୍ରୀଜଗନ୍ନାଥଙ୍କର ଅତି ପ୍ରିୟ ପୋଡ଼ପିଠା ମଧ୍ୟ ଓଡ଼ିଶାର ଲୋକଖାଦ୍ୟ ।

'ଓଷା' ଓଡ଼ିଆ ନାରୀର ଏକ ବିଶିଷ୍ଟ ଉପାସନା । ମନସ୍କାମନା ପୂର୍ଣ୍ଣ ପାଇଁ ସେ କେତେବେଳେ ସ୍ୱାମୀ କେତେବେଳେ ସନ୍ତାନ ଅଥବା କେତେବେଳେ ଭାବୀ ସ୍ୱାମୀ ଉଦ୍ଦେଶ୍ୟରେ ମଧ୍ୟ ଓଷା କରିଥାନ୍ତି । ଭଦ୍ରକ ନିକଟସ୍ଥ ଗୁଆମାଳ ଅଞ୍ଚଳରେ କୁମାରୀମାନଙ୍କର ସୁଆଙ୍ଗବୁଡ଼ ଓଷା' ଏହି ପ୍ରସଙ୍ଗରେ ଉଦାହରଣ ଦିଆଯାଇପାରେ ।

'ଭାଗବତ ସପ୍ତାହ'(ହପ୍ତା) ଉତ୍କଳୀୟ ଲୋକ - ସଂସ୍କୃତିର ଅନ୍ୟ ଏକ ଆକର୍ଷଣୀୟ ଧାର୍ମିକ ଅନୁଷ୍ଠାନ । ସାତଦିନ ଧରି ଭାଗବତ ପାଠ କରାଯାଏ । ଶ୍ରୀଜଗନ୍ନାଥଙ୍କର ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଏ ଏବଂ ତାଙ୍କର ସେହି କେତେଦିନ ପୂଜା ଅର୍ଚ୍ଚନା କରାଯାଏ ।

ଲୋକ ସଂସ୍କୃତିର ସବୁଠାରୁ କଳାତ୍ମକ ଓ ମଧୁରତମ ଦିଗଟି ହେଲା ଲୋକନୃତ୍ୟ । ଏହି ଲୋକନୃତ୍ୟ ମଧ୍ୟରେ ଗୋଟିଏ ଜାତି ବା ସଂପ୍ରଦାୟର ବୈଶିଷ୍ଟ୍ୟ ପ୍ରକଟିତ ହେବା ସଙ୍ଗେ ସଙ୍ଗେ ସେହି ଜାତିର 'ମାନ' ବୃଦ୍ଧିରେ ସହାୟକ ହୋଇଥାଏ । ଏଣୁ ଏବେକୁ ଲୋକନୃତ୍ୟକୁ ସାଂସ୍କୃତିକ ସଚେତନ ବ୍ୟକ୍ତି ନୁହେଁ, ରାଜନୈତିକ ତଥା ପ୍ରଶାସକମାନଙ୍କ ଦୃଷ୍ଟିକୋଣରୁ ଏହାର ସ୍ୱତନ୍ତ୍ର ମୂଲ୍ୟାୟନ କରାଯାଉଛି । ଏହି ଲୋକନୃତ୍ୟ ଦେଶର, ସମାଜ, ପରିବେଶ, ଭୌଗୋଳିକ ପରିସ୍ଥିତି, ଧର୍ମଧାରା, ଦୃଷ୍ଟିକୋଣ ଆଦିର ମୂର୍ତ୍ତିମନ୍ତ ପ୍ରତୀକ । ଏଥିପାଇଁ ବହୁ ଲୁପ୍ତପ୍ରାୟ ଲୋକନୃତ୍ୟର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି ।

ଶ୍ରୀମନ୍ଦିରରେ 'ଦେବଦାସୀ' ନୃତ୍ୟର ପ୍ରଚଳନ ଓଡ଼ିଆ ଲୋକସଂସ୍କୃତିକୁ ଅଧିକ ରସବନ୍ତ କରି ତୋଳିଛି । ରାତିରେ 'ଗୀତଗୋବିନ୍ଦ' ପାଠ ପରେ ଶ୍ରୀଜଗନ୍ନାଥଙ୍କ ନାଟ ମନ୍ଦିରରେ ଦେବଦାସୀମାନେ ନୃତ୍ୟ କରିବାର ପ୍ରଚଳନ ରହିଛି । ସେହି ଦେବଦାସୀ ନୃତ୍ୟ, କ୍ରମେ ଗୋଟିପୁଅ (ଗୋଟପ) ବା ଦକ୍ଷିଣୀନାଟରେ ପରିଣତ ହୋଇ ଶେଷରେ 'ଓଡ଼ିଶୀ' ଭାବରେ ଏବେ, ଶାସ୍ତ୍ରୀୟ ରୂପରେ ପରିଣତ ହୋଇଛି ।

ପୁରୀର 'ଜେଗାଘର' ବା 'ଯାଗାଘର'ରେ ଯେଉଁସବୁ ଲୀଳା, ସୁଆଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୁଏ, ସେ ସବୁକୁ ମଧ୍ୟ, ଏହି ଅବସରରେ ସ୍ମରଣ କରାଯାଇପାରେ । 'ନାଗା' ଲୋକନୃତ୍ୟର ଅବଦାନ ଏହି ପରିପ୍ରେକ୍ଷୀରେ ସ୍ମରଣ କରାଯାଇପାରେ । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ପୁରୀର ଜାଗା ଆଖଡ଼ାର ସୃଷ୍ଟି । ଏହାର ସୃଷ୍ଟି ଏକାଦଶ ବା ଦ୍ୱାଦଶ ଶତାବ୍ଦୀରେ । ଏହା ସୃଷ୍ଟିର ଉଦ୍ଦେଶ୍ୟ - ଶ୍ରୀଜଗନ୍ନାଥ ମନ୍ଦିରକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା । ଏହାପରେ ସାତଗୋଟି ସାହିର ସୃଷ୍ଟି ହେଲା । ଯଥା- କୁଣ୍ଢେଇବେଣ୍ଢ, ଦୋଳମଣ୍ଡପ, ହରଚଣ୍ଡୀ, ବାଲିସାହି, କାଳିକାଦେବୀସାହି, ମାର୍କଣ୍ଡେଶ୍ୱରସାହି ଓ ବାଶେଳୀସାହି । ପ୍ରତ୍ୟେକ ସାହିରେ ଗୋଟିଏ ଲେଖାଏଁ ଆଖଡ଼ା ଗଢ଼ାହେଲା । ରାମନବମୀ ଉପଲକ୍ଷେ ନାଗା ନୃତ୍ୟ, କେଳାକେଲୁଣୀ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ସ୍ଥାନ ସ୍ମରଣୀୟ । ଏହା ବ୍ୟତୀତ ରାମନବମୀ ଉପଲକ୍ଷେ ରାମାୟଣର ବିଭିନ୍ନ ଚରିତ୍ର ବେଶଭୂଷା ହୋଇ ଶୋଭାଯାତ୍ରା ମଧ୍ୟ କରିଥାନ୍ତି । ଲୋକନୃତ୍ୟର ତାଳେ ତାଳେ ଗୀତର ଲହର ଛୁଟେ-

"ରସର କେଲିବୋ
ଲକ୍ଷ୍ମୀଗଲେ ବାପ୍‌ଘର ଦେବୀ ରୁଷିଗଲେ
ଜଗନ୍ନାଥ ନାଇଁ ପାଇଲେ ଭିକ ମୁଠେ ବୋ"- ଇତ୍ୟାଦି-

ଲୋକନାଟକ ଲୋକ ସଂସ୍କୃତିକୁ ଅଧିକ ରସବନ୍ତ କରି ତୋଳିଥାଏ । କଥାବସ୍ତୁ, ଚରିତ୍ର ଚିତ୍ରଣ, ଘଟଣା ପ୍ରବାହ ମଧ୍ୟରେ ଅଭିନୟଗୀତ, ନୃତ୍ୟ ଓ ବାଦ୍ୟର ସୁଲଳିତ ସ୍ୱର ସମସ୍ତଙ୍କୁ ମୁଗ୍ଧ କରାଏ । ବାଲେଶ୍ୱର ଅଞ୍ଚଳର 'ଲଳିତାପାଲା' ଓ ଲଳିତାଯାତ୍ରା' ଏକ ବିଶିଷ୍ଟ ଲୀଳା । ବିଦ୍ୟାପତି ଓ ଲଳିତା ପ୍ରେମୋପାଖ୍ୟାନ ଏବଂ ନୀଳମାଧବଙ୍କ ଅପହରଣ ଓ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ ଏହାର କଥାବସ୍ତୁ । ଏହାର ଭାଷା ଓଡ଼ିଆ ଓ ବଂଗଳା ମିଶା ।

***

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାରତ-ଭାରତୀ



ଡକ୍ଟର ବ୍ରଜମୋହନ ମିଶ୍ର
ବହୁବଚନ, ଭଦ୍ରକ
ମୋ: ୮୦୧୮୦୮୭୮୩୧

"ଶ୍ରୀଅରବିନ୍ଦଙ୍କ ଭାରତ ଭାବନା ଆଦୌ ଭାବାଳୁତା ବା ଭାବପ୍ରବଣତା ନଥିଲା ବରଂ ତାହା ଥିଲା ଏକ ଅନ୍ତରଙ୍ଗ ଅନୁଭୂତିର ଅକୃତ୍ରିମ, ଅକପଟ ଅଥଚ ଅଭ୍ରାନ୍ତ ପରିପ୍ରକାଶ ।"

ଏକ ବିଚିତ୍ର ବିସ୍ମୟ ରୂପେ ଭାରତବର୍ଷ କାହାକୁ କିପରି ପ୍ରତୀୟମାନ ହୋଇଛି- କିଏ ହୁଏତ ଏହାର ଭୌତିକ ସମ୍ପଦରେ ଉତ୍ତେଜିତ ହୋଇ ତାହା ହାସଲ କରିବାକୁ ଏକ ଲୁଣ୍ଠକର ଭୂମିକାରେ ଅବତୀର୍ଣ୍ଣ ହୋଇଥିବାବେଳେ ଆଉ କିଏ ତା'ର ସାତ୍ତ୍ୱିକତାରେ ଅବଗାହନ କରି ଆପଣାକୁ ଶୁଚିମନ୍ତ କରିପାରିଛି । ତା'ସତ୍ତ୍ୱେ ଚିରନ୍ତନ ଭାରତର "ଅସାଧାରଣ ଦିବ୍ୟ ବୈଭବ" ସହଜ ବୋଧଗମ୍ୟ ହୋଇ ପାରିନାହିଁ । ଯେପରି ଆଖି ଥାଇ ଦର୍ଶନ ଶକ୍ତି ନଥିଲେ ବସ୍ତୁ ସହ ବ୍ୟକ୍ତିର ଠିକଣା ପରିଚୟ ହୋଇପାରେ ନାହିଁ, ଠିକ୍ ସେହିପରି ଭାରତ ଦର୍ଶନ ପାଇଁ ଯେଉଁ ପ୍ରକାର ଅନ୍ତରଙ୍ଗ ଆଧ୍ୟାତ୍ମିକ ପରିପକ୍ୱତା ଆବଶ୍ୟକ ତାହା ନଥିଲେ ନା ଭାରତ - କବିତାର ଆଙ୍ଗିକ ନା ତା'ର ଆତ୍ମିକସମ୍ଭାର ସହ ଶୂନ୍ୟ ରମଣ କରିହୁଏ ? ତୁଚ୍ଛା ଭାବପ୍ରବଣତାରେ ଅନେକେ ଏ ଭୂଖଣ୍ଡର ଭାଷ୍ୟକାର ହୋଇଛନ୍ତି, ଯାହାକୁ ଉଗ୍ର ଜାତୀୟତାବାଦୀ ବୋଲି ନାମିତ କରାଯାଇପାରେ । ସେମାନେ କେବଳ ଭାରତରେ 'ସବୁ' ସମ୍ଭବ ଏବଂ ପୃଥିବୀରେ ଅନ୍ୟ କେଉଁ ଦେଶ ଏପରି ନୁହଁ ବୋଲି ଭାରି ନିର୍ଜୀବ ହିମତରେ ରଡ଼ି ଛାଡିଛନ୍ତି । ଅନ୍ୟ

ପକ୍ଷରେ ଭାରତକୁ ଭିନ୍ନ ଏକ ତମସାଚ୍ଛନ୍ନ ଆଫ୍ରିକା କହି ଏଠାରେ ଅସଲ କିଛି ନାହିଁ ବୋଲି କହି ଆଉ କେହି କେହି ଏହାକୁ ପୂରା ଫାଙ୍କି ଉଡ଼େଇ ଦେଇଛନ୍ତି । ଏମାନଙ୍କ ବହୁ ଉର୍ଦ୍ଧ୍ୱରେ ଥିବା ଖୁବ୍ ଅଳ୍ପସଂଖ୍ୟକ ଭାରତପଥିକ, ଭାରତର ଆତ୍ମା ସହ ଯଥାର୍ଥରେ ପରିଚାଳିତ ହୋଇ ତା'ର ପ୍ରକୃତ ରୂପାୟଣ କରିବାରେ ସମର୍ଥ ହୋଇଛନ୍ତି । ହେନରି ଡିରୋଜିଓ, ରୋମାଁରୋଲା, ପଲ୍ ବ୍ରଣ୍ଟନ୍, ସ୍ୱାମୀ ବିବେକନାନ୍ଦ ଇତ୍ୟାଦିଙ୍କ ପରି ମହାଯୋଗୀ ଶ୍ରୀ ଅରବିନ୍ଦ ଭାରତ ଦର୍ଶନ କରି ତା'ର ଅନନ୍ୟ ଅସାଧାରଣତାକୁ ସ୍ୱକୀୟ ଠାଣିରେ ବାଙ୍ମୟ କରି ଯାଇଛନ୍ତି ଯାହା ପୃଥିବୀର, ବିଶେଷକରି ଏବର ନବ ଭାରତୀୟଙ୍କର ଧେୟ ହେବା ବିଧେୟ । ଶ୍ରୀ ଅରବିନ୍ଦଙ୍କ ଭାରତ ଦର୍ଶନ, ଭାରତ ଅଧ୍ୟୟନ, ଭାରତ ଚିନ୍ତନ ତେଣୁ ଭାରତ ପ୍ରେମ ଆଦୌ ସଂକୀର୍ଣ୍ଣ ସ୍ୱଦେଶ ପ୍ରେମ ନଥିଲା କି ନଥିଲା ଉଗ୍ର ଜାତୀୟତାବାଦର ଉତ୍କଟ ଶୃଙ୍ଗାର ।

ଦୀପ୍ତ ମନୀଷା, ତୀକ୍ଷ୍ଣ ତର୍କଣା, ମରମୀ ଆଧ୍ୟାତ୍ମିକତା ତଥା ଅଭୂତପୂର୍ବ ପ୍ରଜ୍ଞାମୟ ସ୍ୱପ୍ନରେ ବିଂଶ ଶତାବ୍ଦୀର ଭିନ୍ନ ଜଣେ ଅତିମାନବ (ନୀତ୍ସେଙ୍କ ସୁପରମ୍ୟାନ୍ ନୁହଁ) ଭାବେ, ଶ୍ରୀ ଅରବିନ୍ଦଙ୍କ ଚିନ୍ତାଚେତନା, କାବ୍ୟକବିତା, ଦାର୍ଶନିକତା ତଥା ଜୀବନଚର୍ଯ୍ୟା ମୁଖ୍ୟତଃ 'ଭାରତୀୟତା'ରେ ପର୍ଯ୍ୟବସିତ ହୋଇଥିଲେ ହେଁ ତହିଁରେ ସନ୍ନିବିଷ୍ଟ ଥିଲା ମହାଜାଗତିକତା ଅର୍ଥାତ୍ ଭାରତମୟ ହୋଇ ସୁଦ୍ଧା ଶ୍ରୀ ଅରବିନ୍ଦ ବିଶ୍ୱଗତ ଓ ବିଶ୍ୱାତୀତ ହେବାର ସାର୍ଥକ ହୋଇଥିଲେ । ସତେ ଯେପରି ଭାରତର ବିଶ୍ୱମୟତା ଓ ବିଶ୍ୱର ଭାରତମୟତା ତାଙ୍କ ଆଧ୍ୟାତ୍ମିକ ଉପଲବ୍ଧିର ଏକ ସଂଗୁପ୍ତ କୋଷଥିଲା । ପାଶ୍ଚାତ୍ୟ ବିଦ୍ୟାରେ ପ୍ରତୁଳ ପାରଦର୍ଶୀ ଶ୍ରୀ ଅରବିନ୍ଦ କୌଣସି ଗୁଣରେ ପ୍ରାଚ୍ୟ ଅବା ଭାରତ ବିଦ୍ୟାରେ କମ୍ ନଥିଲେ । ଏହାର ପ୍ରାମାଣିକତା ପାଇଁ ତାଙ୍କର ବହୁ ସୃଷ୍ଟି ମଧ୍ୟରୁ "ଦ ଫ୍ୟୁଚର ପୋଏଟ୍ରି" ଗ୍ରନ୍ଥକୁ ନିଆ ଯାଇପାରେ । ଏଯାବତ ଇଂରାଜୀ କବିତାର ଇତିହାସ ସମ୍ପର୍କିତ ରାଶି ରାଶି ପୁସ୍ତକ ମଧ୍ୟରେ ଦିବ୍ୟଦୃଷ୍ଟି ସମ୍ଭୂତ ଉକ୍ତ କାଳଜୟୀ ସମାଲୋଚନା ପୁସ୍ତକ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । କାରଣ ଏଥିରେ ଶ୍ରୀ ଅରବିନ୍ଦ କେବଳ ଇଂରାଜୀ କବିମାନଙ୍କର ଏକ ବୌଦ୍ଧିକ ତର୍ଜମା କରିନାହାନ୍ତି ଅଧିକନ୍ତୁ ମାଥ୍ୟୁ ଆର୍ନଲଡଙ୍କ ପରି ପୁଣି ତାଙ୍କ ଠାରୁ ବହୁ ଉର୍ଦ୍ଧ୍ୱ ଚେତନାରେ କବିତାର ଅସଲ ସଂଜ୍ଞା, ସ୍ୱରୂପ, ସ୍ୱଭାବ, ସଂସ୍କୃତି ତଥା ମନ୍ତ୍ରଶକ୍ତି ବିଷୟରେ ଗଭୀର ଆଲୋଚନା କରିଛନ୍ତି । ତାଙ୍କର ଦୃଷ୍ଟି ଓ ଦର୍ଶନ ଯେ ତାଙ୍କ ଭାରତପ୍ରାଣତାର ଅଭ୍ରାନ୍ତ ପରିଚାୟକ, ଏଥିରେ ସନ୍ଦେହ ନାହିଁ । ଏ ସମ୍ପର୍କରେ କିଞ୍ଚିତ ଆଲୋକପାତ କରିବା ସମୀଚୀନ ମନେହୁଏ ।

ପାଶ୍ଚାତ୍ୟ ଶିକ୍ଷାଲାଭ ସମୟରେ ହିଁ ଶ୍ରୀ ଅରବିନ୍ଦଙ୍କ ପ୍ରାଚ୍ୟପ୍ରୀତି ଅବା ଭାରତପ୍ରୀତିର ଅଙ୍କୁରୋଦ୍‌ଗମ ଘଟେ ସେ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଛାତ୍ର ଥିବା ଅବସ୍ଥାରେ (୧୮୯୦-୯୩) । ବିଦେଶରେ ଥିବା ଅନ୍ୟ ଅନେକ ଭାରତୀୟ ଯୁବକଙ୍କ ପରି ସେ ସ୍ୱ ମାତୃଭୂମି

ଭାରତର ପରଧୀନତାରେ ଅତ୍ୟନ୍ତ ମ୍ରିୟମାଣ ହୋଇ ପଡ଼ିଥିଲେ । ପିତା କୃଷ୍ଣଧନ ଘୋଷ ତାଙ୍କ ପାଖକୁ ନିୟମିତ 'The Bangalee' ଖବର କାଗଜ ପ୍ରେରଣ କରୁଥିଲେ ଏବଂ ସେଥିରେ ଯେଉଁ ଅଂଶରେ ଭାରତୀୟମାନଙ୍କ ପ୍ରତି ଇଂରେଜମାନଙ୍କର ନିଷ୍ଠୁରତାର ସମ୍ବାଦ ଉଲ୍ଲିଖିତ ଥିଲା, ସେଇ ଅଂଶ ସେ ରେଖାଙ୍କିତ କରୁଥିଲେ ପୁତ୍ରର ବିଶେଷ ଦୃଷ୍ଟି ଆକର୍ଷଣ କରିବା ପାଇଁ । କୃଷ୍ଣଧନ ପୁତ୍ରଙ୍କ ପ୍ରତି ତାଙ୍କ ପତ୍ରରେ ମଧ୍ୟ ଇଂରେଜ ସରକାରଙ୍କ କୁଶାସନର ଘୋର ନିନ୍ଦା କରୁଥିଲେ । ପୂର୍ବରୁ ମାତ୍ର ସାତବର୍ଷ ବୟସରୁ ଶ୍ରୀ ଅରବିନ୍ଦ ପୃଥିବୀର ଏକ ବିରାଟ ପରିବର୍ତ୍ତନ ହେବ ଏବଂ ତହିଁରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଦୃଢଧାରଣା ଲାଭ କରିଥିଲେ । କ୍ୟାମ୍ବ୍ରିଜ୍‌ରେ ଛାତ୍ରବସ୍ଥାରେ ସେ ଭାରତର ସ୍ୱାଧୀନତା ସମ୍ପର୍କରେ ଗଭୀର ଚିନ୍ତିତ ଥିଲେ । ସେଥିସକାଶେ ସେଠାରେ ପ୍ରତିଷ୍ଠିତ 'ଇଣ୍ଡିଆନ୍ ମଜ୍‌ଲିସ୍'ର ସମ୍ପାଦକ ଭାବରେ ସେ ଏ ସମ୍ପର୍କରେ ଅଗ୍ନିବର୍ଷୀ ବକ୍ତୃତାମାନ ପ୍ରଦାନ କରିଥିଲେ ଯାହା ପରବର୍ତ୍ତୀ ସମୟରେ ଆଇ.ସି.ଏସ୍.ପରୀକ୍ଷାରେ ତାଙ୍କୁ ବାଦ୍ ଦେବାରେ ଇଂରେଜ କର୍ତ୍ତୃପକ୍ଷଙ୍କୁ ବେଶ୍ ଖୋରାକ୍ ଯୋଗାଇଥିଲା । ଅଧିକନ୍ତୁ ଇଂଲଣ୍ଡରେ ଭାରତୀୟ ଛାତ୍ରମାନଙ୍କ ଦ୍ୱାରା ଗଠିତ "ଲୋଟସ ଆଣ୍ଡ ଡାଗର" ସଭାର ଜଣେ ସକ୍ରିୟ ସଦସ୍ୟ ଭାବରେ ତାଙ୍କର ଯୋଗଦାନ ଭାରତର ସ୍ୱାଧୀନତା ପ୍ରତି ତାଙ୍କ ଅଭିନିବେଶର ଥିଲା ଅନ୍ୟ ଏକ ସୁଷ୍ଠୁ ପରିଚାୟକ । ୧୮୯୩ ମସିହା ଜାନୁୟାରୀ ୧୨ରେ ଶ୍ରୀ ଅରବିନ୍ଦ ଇଂଲଣ୍ଡ ଛାଡି ଭାରତ ପ୍ରତ୍ୟାବର୍ତ୍ତନ କଲେ । ଫେବୃୟାରୀ ୬ ତାରିଖରେ ବମ୍ବେର ଆପୋଲୋ ବନ୍ଦରରେ ସେ ଜଳଜାହାଜରୁ ଅବତରଣ କରି ମାତୃଭୂମିରେ ପାଦସ୍ପର୍ଶ କଲା ମାତ୍ରେ ଏକ ଅପୂର୍ବ ଆଧ୍ୟାତ୍ମିକ ଶିହରଣ ଅନୁଭବ କଲେ । ଏଥିରୁ ସଞ୍ଜାତ ଏକ ଗଭୀର ପ୍ରଶାନ୍ତି ମାସମାସ ଧରି ତାଙ୍କୁ ଆଚ୍ଛାଦିତ କରିଥିଲା । ଠିକ୍ ପରେ ପରେ ୮ ଫେବୃୟାରୀ ୧୮୯୩ରେ ସେ ବରୋଦା ଷ୍ଟେଟ ସର୍ଭିସ୍‌ରେ ଯୋଗଦାନ କଲେ । ବାସ୍ତବିକ କ୍ୟାମ୍ବ୍ରିଜ୍‌ରେ ସେ ମାତୃଭୂମିର ଆହ୍ୱାନ ଶୁଣିପାରିଥିଲେ ବୋଲି ଶ୍ରୀ ଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ନୀରଦବରଣ ଉଲ୍ଲେଖ କରିଛନ୍ତି ଯାହା ବରୋଦାରେ ଆହୁରି ଗଭୀର ହେଲା । ଫଳରେ ଭାରତକୁ ସ୍ୱାଧୀନ କରିବାର ସ୍ୱପ୍ନ ଓ ସାଧନା ତାଙ୍କର ଅଧିକ ବିସ୍ତୃତ ହେଲା । ଏହି ମର୍ମରେ ସେ ଅଧ୍ୟାପନା ସଙ୍ଗେ ସଙ୍ଗେ ତାଙ୍କର କାର୍ଯ୍ୟକଳାପ ବଜାୟ ରଖି ଚାଲିଲେ । କେତେବେଳେ ହୁଏତ କଲିକତାର ଜାତୀୟ କଲେଜରେ ଅଧ୍ୟାପନା କଲେ ଓ କେତେବେଳେ 'ଇନ୍ଦୁପ୍ରକାଶ' ପତ୍ରିକାରେ ଭାରତ ସମ୍ପର୍କୀୟ ପ୍ରବନ୍ଧ ପ୍ରକାଶ ତଥା 'ବନ୍ଦେ ମାତରମ୍'ର ସମ୍ପାଦକ ହୋଇ ଭାରତର ସ୍ୱାଧୀନତା ପାଇଁ ସେ ଅସଂଖ୍ୟ ପ୍ରେରଣାଦାୟୀ ଲେଖାମାନ ପ୍ରକାଶ କଲେ । ଏହି ଲେଖାମାନଙ୍କ ମଧ୍ୟରୁ ଏକ ଲେଖାରେ ସେ ସ୍ପଷ୍ଟ କରିଦେଲେ, ତାଙ୍କ ରାଜନୈତିକ ଆଭିମୁଖ୍ୟ ଯାହା (ତାଙ୍କ ଭାଷାରେ) ତିନିଧାରା ଉପରେ ଗତିଶୀଳ ଥିଲା - (୧) ବିପ୍ଳବ - ଏକ ଗୁପ୍ତ ବୈପ୍ଳବିକ ସଂଗଠନ ପ୍ରତିଷ୍ଠା କରି ତା' ମାଧ୍ୟମରେ ଭାରତରେ କ୍ରାନ୍ତିବାର୍ତ୍ତା

ପ୍ରଚାର ଓ ପ୍ରସାର କରିବା (୨) ଏକ ଗଣ ଆନ୍ଦୋଳନ ସଂଗଠିତ କରି ପୂର୍ଣ୍ଣ ସ୍ୱରାଜ ପାଇଁ ଜନତାଙ୍କୁ ଉଦ୍‌ବୁଦ୍ଧ କରାଇବା କାରଣ ସେତେବେଳେ ଅଧିକାଂଶ ଭାରତୀୟଙ୍କ ଧାରଣା ଥିଲା ଯେ ଦୁର୍ଦ୍ଧର୍ଷ ଇଂରେଜ ଶାସନ ବିରୁଦ୍ଧରେ ସଂଗ୍ରାମ କରି ସ୍ୱାଧୀନତା ହାସଲ କରିବା କଥା ଭାବିବା ପାଗଳର ପ୍ରଳାପ ବ୍ୟତୀତ ଆଉ କିଛି ନୁହେଁ, (୩) ସରକାରୀ କଳକୁ ଅଚଳ କରିଦେବା ସକାଶେ ଅସହଯୋଗ ତଥା ସତ୍ୟାଗ୍ରହ ସକାଶେ ଜନସାଧାରଣଙ୍କୁ ପ୍ରସ୍ତୁତ କରିବା ।

ଉକ୍ତ କର୍ମଯୋଗର ସଫଳ ରୂପାୟନ ନିମିତ୍ତ ସେ କେତେକ ଗୁପ୍ତ ସମିତି ସହ ସମ୍ପର୍କ ବି ରଖିଥିଲେ । ଏହା ମୂଳରେ କେବଳ ଏକମାତ୍ର ଲକ୍ଷ୍ୟଥିଲା ଭାରତର ସ୍ୱାଧୀନତା, ଯେଉଁ ଭାରତ ତାଙ୍କ ଦୃଷ୍ଟିରେ, "the Guru of the nations, the physician of the human soul in its profoundest maladies. She is destined once more to remould the life of the world and restore the place of the human spirit." (ବନ୍ଦେ ମାତରମ୍, ମାର୍ଚ୍ଚ ୨, ୧୯୦୮) । ଅଧିକନ୍ତୁ ଭାରତ ସମ୍ପର୍କରେ ତାଙ୍କର ଏକ ପାଗଳାମି ବା ନିର୍ବୋଧତା ଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି । ତାଙ୍କର ତିନିଟି ପାଗଳାମି ମଧ୍ୟରୁ ତୃତୀୟଟି ହେଉଛି ଏହିପରି, "The third folly is this: Whereas others regard the country as an inert object, and know it is the plains, the fields, the forests, the mountains and rivers, I look upon my country as the mother, I worship her and adore her as the mother. What would a son do when a demon sitting on the breast of his mother is drinking her blood? Would he sit content to take his meals, and go on enjoying himself in the company of his wife and children, or would he rather, run to the rescuse of his mother?" ଉକ୍ତ ଉଦ୍ଧୃତିଦ୍ୱୟରୁ ଶ୍ରୀ ଅରବିନ୍ଦଙ୍କ ସ୍ୱଦେଶବତ୍ସଳତା ଯେ କେତେ ନିର୍ମଳ, ଅବିଚଳିତ ଓ ଗଭୀର ଆଧ୍ୟାତ୍ମିକ ଥିଲା, ତାହା ଅନୁମେୟ । ଭାରତ ତାଙ୍କ ପାଇଁ ନଥିଲା ସାମାନ୍ୟ ଭୂଖଣ୍ଡ, ତାହାଥିଲା ଆଦ୍ୟାଶକ୍ତି ଯାହା ଅଧିକ ପ୍ରାଞ୍ଜଳ ଭାବେ ଫୁଟିଉଠିଛି ତାଙ୍କର "ଭବାନୀ ମନ୍ଦିର" ଇସ୍ତାହାରରେ ।

୧୯୦୪-୦୫ ମସିହାରେ ଶ୍ରୀ ଅରବିନ୍ଦଙ୍କ ଭାରତ ଭାବନା, ଭାରତ ଚେତନା ଓ ଭାରତ ସ୍ୱପ୍ନର ଏକ ଅମୃତ ପ୍ରକାଶ ଘଟେ ଉକ୍ତ ଇସ୍ତାହାରରେ । ପ୍ରକାଶଥାଉକି ଉକ୍ତ ଇସ୍ତାହାରଟି ଇଂରେଜ ସରକାରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିଲା । ଏ ଇସ୍ତାହାରର ପୃଷ୍ଠଭୂମି ଏହିପରି - ଶ୍ରୀ ଅରବିନ୍ଦଙ୍କ ଅନୁଜ ବାରୀନ୍ଦ୍ର ଭାରତର ମହାନତାରେ ଉଦ୍‌ବୁଦ୍ଧ ତଥା ତା'ର ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ ଯୁବକମାନଙ୍କ ସକାଶେ ଏକ ଆଶ୍ରମ ନିର୍ମାଣ କରି ସେମାନଙ୍କୁ ତାଲିମ ଦେବା କଥା ଚିନ୍ତା କରି ଏହାର ଆଭିମୁଖ୍ୟ ସମ୍ପର୍କରେ ଏକ ଯୋଜନାର ନକ୍ସା ପ୍ରସ୍ତୁତ କରିବାକୁ ଶ୍ରୀ ଅରବିନ୍ଦଙ୍କୁ ଅନୁରୋଧ କରନ୍ତେ, ଶ୍ରୀ ଅରବିନ୍ଦ 'ଭବାନୀ ମନ୍ଦିର' ଇସ୍ତାହାର ରଚନା କଲେ । ତାଙ୍କ ଦୃଷ୍ଟିରେ ସେ ଭବାନୀ ଆଉ କେହି ନୁହନ୍ତି, ସେ

ହେଉଛନ୍ତି ଶକ୍ତି, ଭାରତଶକ୍ତି, ସେ ହେଉଛନ୍ତି ଭବାନୀ ଭାରତୀ :- "What is our mother - country? It is not a piece of earth, nor a figure of speech, nor a fiction of the mind. It is a mighty Shakti, composed of Shaktis of all the millions of units that make up the nation, just as Bhawani Mahisha Mardini sprang into being from the Shakti of all the millions of gods assembled in one mass of force and welded into unity. The Shakti we call India, Bhawani Bharati, is the living unity of the Shaktis of three hundred million people. But she is inactive, imprisoned in the magic circle of Tamas, the selfindulgent inertia and ignorance of her sons...."

ଅଜ୍ଞାନ, ଆଳସ୍ୟ ଓ ଆତ୍ମମ୍ଭରିତାରେ ଆଚ୍ଛନ୍ନ ଭାରତୀୟମାନଙ୍କୁ ଆପଣାର ସ୍ୱଭାବ ପରିବର୍ତ୍ତନ କରିବାକୁ ହେବ ବୋଲି ଶ୍ରୀ ଅରବିନ୍ଦ ପ୍ରକାଶ କରିଛନ୍ତି । ତାହା କେବଳ ଶକ୍ତି ଦ୍ୱାରା ସମ୍ଭବ କାରଣ ଶକ୍ତି ହେଉଛି ଜାଳେଣି ଏବଂ ଭକ୍ତି ତା'ର ଶିଖା । ସେ ଶକ୍ତି ଶାରୀରିକ, ମାନସିକ, ନୈତିକ ଓ ଆଧ୍ୟାତ୍ମିକ । ଏ ଶକ୍ତି ଅଭାବରେ କିଛି କରିହେବ ନାହିଁ କାରଣ, "In the absence of strength we are like men in a dream who have hands but can't seize or strike, who have feet but can't run । ଉକ୍ତ 'ଭବାନୀ ମନ୍ଦିର' ପୁସ୍ତିକାରେ ଶ୍ରୀ ଅରବିନ୍ଦ ଭାରତର ଭବିଷ୍ୟତ ସମ୍ପର୍କରେ ଯଥେଷ୍ଟ ଆଶାବାଦୀ ଓ ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିଛନ୍ତି । ଏହି ଦୃଷ୍ଟିଭଙ୍ଗୀ ତାଙ୍କର ସୁଗଭୀର ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟି ଉଦ୍ଭୂତ । ସେ ଦୃଢ ବିଶ୍ୱାସୀ, "India must be reborn, because her Rebirth is Demanded by the Future of the world" । ପୁନଶ୍ଚ ସେ ପ୍ରକାଶ କରନ୍ତି, "ଭାରତର ବିଲୟ ଘଟି ନ ପାରେ; ଆମ ଜାତି କେବେ ବି ମରିପାରେନା କାରଣ ଭବିଷ୍ୟତ ମାନବ ଜାତି ପାଇଁ ଅତ୍ୟନ୍ତ ଆବଶ୍ୟକ ଏକ ସୁନ୍ଦର ଓ ସର୍ବୋତ୍ତମ ଭାଗ୍ୟ ନିର୍ମାଣ କରିବାକୁ କେବଳ ଭାରତ ହିଁ ନିର୍ଦ୍ଦିଷ୍ଟ । କେବଳ ସେ ହିଁ ନିଖିଳ ବ୍ରାହ୍ମଣ୍ଡକୁ ପ୍ରେରଣ କରିପାରିବ ତା'ର ଭବିଷ୍ୟତ ଧର୍ମ" ଏବଂ ସେ ଧର୍ମ ହେଉଛି, "to harmonies all religion, science and philosophies and make mankind one soul. In the sphere of morality, likewise, it is her mission to purge barbarism (mlecchhood) out of humanity, and to aryanise the world. In order to do this she must first rearyanise herself..." ଉକ୍ତ ବକ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଉଠେ ଯେ ଭାରତର ଭବିଷ୍ୟତ (ପୁନର୍ଜନ୍ମ) ସହ ପୃଥିବୀର ଭବିଷ୍ୟତ ନିହିତ । ଅନ୍ୟ କଥାରେ କହିଲେ ମାନବ ଜାତିର ନବନିର୍ମାଣ ଭାରତର ଭବିଷ୍ୟତ ସହ ସଂଶ୍ଳିଷ୍ଟ । ଶ୍ରୀ ଅରବିନ୍ଦ ଭଲଭାବେ ହୃଦୟଙ୍ଗମ କରିପାରିଥିଲେ ଯେ ଏଥିସକାଶେ ଭାରତ ପ୍ରଥମେ ସ୍ୱାଧୀନ ହେବା ଦରକାର । କାରଣ ତା' ନହେଲେ ମାନବଜାତି ସ୍ୱାଧୀନ ହୋଇ ପାରିବ ନାହିଁ । ଭାରତର ସ୍ୱାତନ୍ତ୍ର୍ୟ ହେଉଛି, ଅନ୍ୟ ରାଷ୍ଟ୍ରର ଜନଗଣ କେବଳ ଆପଣା ସ୍ୱାର୍ଥରେ ଘାଣ୍ଟି ହେଉଥିବାବେଳେ ଭାରତୀୟମାନେ ସ୍ୱଦେଶ ହିତ ଚିନ୍ତା କଲାବେଳେ ବି ବସୁଧୈବ

କୁଟୁମ୍ବକମ୍ କଥା ଚିନ୍ତା କରନ୍ତି । ଭାରତ ସ୍ୱାଧୀନ ହେବାର ଧାରଣା ସୃଷ୍ଟି ହୋଇସାରିଲାଣି ଏବଂ ତାହା ନିଶ୍ଚିତ ଭାବେ ପୂର୍ଣ୍ଣତା ଲାଭ କରିବ ଅର୍ଥାତ୍ ଭାରତ ନିଶ୍ଚୟ ସ୍ୱାଧୀନ ହେବା ବିଧି ନିର୍ଦ୍ଦିଷ୍ଟ । କାରଣ, "For this thing is written in the book of God and nothing can prevent it... that the national life of India shall meet and possess its divine and mighty destiny" (୨୪ ଏପ୍ରିଲ ୧୯୦୮) । ଚିରନ୍ତନ ଭାରତର ନିରନ୍ତର ଆଧ୍ୟାତ୍ମିକ ସମ୍ପଦରେ ଘନିଷ୍ଠ ବିଶ୍ୱାସୀ ଶ୍ରୀ ଅରବିନ୍ଦ ମଧ୍ୟ ପ୍ରକାଶ କରିଥିଲେ ଯୁଗଯୁଗର ଭାରତ ମୃତ ନୁହଁ ଓ ସେ ତା'ର ଶେଷ ସର୍ଜନାତ୍ମକ ବାଣୀ ଶୁଣାଇସାରି ନାହିଁ । ସେ ଜୀବନ୍ତ; ନିଜ ପାଇଁ ଓ ମାନବ ଜାତି ପାଇଁ ତା'ର କିଛି କରିବାର ଅଛି । ସେଥିସକାଶେ ସେ ଅଗଷ୍ଟ ୧୯୨୦ ରେ ଭାରତର ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । କାରଣ କେବଳ ଯୁବକମାନେ ହିଁ ଏକ ନୂତନ ବିଶ୍ୱନିର୍ମାଣ କରିପାରିବେ । ଯେଉଁମାନେ ପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତିବାଦ, ପୁଞ୍ଜିବାଦ ଅବା ପାଶ୍ଚାତ୍ୟର ଭୌତିକ ସାମ୍ୟବାଦକୁ ଭାରତର ଭବିଷ୍ୟତ ଆଦର୍ଶ ବୋଲି ଗ୍ରହଣ କରନ୍ତି ଅବା ଯେଉଁମାନେ ପ୍ରାଚୀନ ଧର୍ମୀୟ ସୂତ୍ରରେ ନିଜକୁ ଛନ୍ଦି ଦେଇ ଆତ୍ମଦ୍ୱାରା ଜୀବନଧାରଣ ଓ ପରିବର୍ତ୍ତନରେ ବିଶ୍ୱାସୀ ନୁହନ୍ତି ସେମାନେ ଏହି ନୂତନ ବିଶ୍ୱ ନିର୍ମାଣ କରିପାରିବେ ନାହିଁ । ଏହା ସମ୍ଭବ ହେବ କେବଳ ସେହିମାନଙ୍କ ଦ୍ୱାରା ଯେଉଁମାନେ ମୁକ୍ତ ମନ ତଥା ଶୁଦ୍ଧ ହୃଦୟରେ ଏକ ପୂର୍ଣ୍ଣ ସତ୍ୟକୁ ଗ୍ରହଣ ତଥା ଧାରଣ କରି ଏକ ମହତ୍ତର ଅବା ଦିବ୍ୟ ଆଦର୍ଶ ପାଇଁ ପ୍ରୟାସ କରନ୍ତି ।

ଏକ ନୂତନ ବିଶ୍ୱ ନିର୍ମାଣ କରିବାରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅରବିନ୍ଦଙ୍କ ଉକ୍ତି ଭାରତର ପ୍ରଥମ ସ୍ୱାଧୀନତା ଦିବସ ଉପଲକ୍ଷେ ସେ ପ୍ରଦାନ କରିଥିବା ବାର୍ତ୍ତାରେ ଅଧିକ ମର୍ମସ୍ପର୍ଶୀ ଭାବେ ପ୍ରକାଶିତ । ଭାରତ ସ୍ୱାଧୀନ ହୋଇଥିଲେ ବି ତା'ର ଏକତା ନଥିବାର ସତ୍ୟଟିକୁ ପରିବେଷଣ କରି ସେ ଦେଶ ବିଭାଜନ ନିଶ୍ଚୟ ଅନ୍ତର୍ହିତ ହେବ ବୋଲି ପ୍ରକାଶ କରିଥିଲେ (the division must go....) । ଏହି ଦିବସରେ ଶ୍ରୀ ଅରବିନ୍ଦଙ୍କର ଏକ ସ୍ୱପ୍ନ ଥିଲା ଏସୀୟମାନଙ୍କର ପୁନର୍ଜାଗରଣ ଓ ମୁକ୍ତି ଏବଂ ମାନବ ସଭ୍ୟତାର ପ୍ରଗତି ସକାଶେ ସେମାନଙ୍କର ମହତ୍ ଭୂମିକା", "Asia has arisen: large parts are now quite free or are at this moment being liberated; Its other still subject or partly subject parts are moving through whatever struggles towards freedom. Only a little has to be done and that will be done today or tomorrow. There India has her part to play and has begun to play it with an energy and ability which already indicates the measure of her possebilities and the place she can take in the council of the nations."

ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା ପୃଥିବୀର ଐକ୍ୟ ଯାହା ମଣିଷ ଜାତିର ଉଜ୍ଜ୍ୱଳତର, ମହତ୍ତର ଜୀବନର ବାହ୍ୟ କାରଣ । ମଣିଷ ଜାତିର ଏକତା କ୍ରିୟା ଆରମ୍ଭ ହୋଇ ସାରିଲାଣି

ଯଦିଓ ତାହା ଏକ ସଠିକ୍ ଆରମ୍ଭ ନୁହଁ; କିନ୍ତୁ ସେହି ପ୍ରକ୍ରିୟା ଅବ୍ୟାହତ ଅଛି ଏବଂ ତାହା ନିଶ୍ଚିତ ଭାବେ ବୃଦ୍ଧିପ୍ରାପ୍ତ ହୋଇ ବିଜୟୀ ହେବ । ଏ କ୍ଷେତ୍ରରେ ଭାରତକୁ ଏକ ବିଶିଷ୍ଟ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡିବ । ଏହି ଏକୀକରଣ ସାର୍ବଜନୀନ । କେବଳ ମାନସିକ ଶ୍ଳଥତା ଓ ସ୍ୱାର୍ଥ ଏହାର ପ୍ରତିରୋଧ କରିପାରେ; କିନ୍ତୁ ଏ ସବୁ ପ୍ରତିବନ୍ଧକ ସବୁଦିନ ପାଇଁ ରହିପାରିବ ନାହିଁ କାରଣ ପ୍ରକୃତି ଓ ଭଗବାନ (Nature and Divine) ଙ୍କର ଏହା ଏକ ଆବଶ୍ୟକତା । ଏକ ନୂତନ ଆତ୍ମିକ ଐକ୍ୟ ମଣିଷ ଲାଭ କରିବ ବୋଲି ଶ୍ରୀ ଅରବିନ୍ଦ ସେଦିନ ଭବିଷ୍ୟତ ବାଣୀ କରିଗଲେ । ତାଙ୍କର ଅନ୍ୟ ଏକ ସ୍ୱପ୍ନ ମଧ୍ୟରେ ପୃଥିବୀରେ ଭାରତର ଭବିଷ୍ୟତ ଭୂମିକା ମଧ୍ୟ ସୂଚିତ । ସେ ସ୍ୱପ୍ନ ହେଲା ପୃଥିବୀର ନବଜାଗରଣ ସକାଶେ ଭାରତର ଆଧ୍ୟାତ୍ମିକ ଦାନ ଯାହା ଆରମ୍ଭ ହୋଇଗଲାଣି ବୋଲି ସେ ପ୍ରକାଶ କଲେ :- "India's spirituality is entering Europe and America in an even increasing measure. That movement will grow; amid the disasters of the time more and more eyes are turning towards her with hope and there is even an increasing resort not only to her teachings, but to her psychic and spritual practics" (Sri Aurobindo for All Ages - ପୃଷ୍ଠା- ୨୪୧)

ପ୍ରବନ୍ଧର ଉପସଂହାରରେ କୁହାଯାଇପାରେ ଯେ ଶ୍ରୀ ଅରବିନ୍ଦଙ୍କ ଭାରତ ଭାବନା ଆଧ୍ୟାତ୍ମିକ ଥିଲା । ତାହା ଆଦୌ ଭାବାଳୁତା ବା ଭାବପ୍ରବଣତା ନଥିଲା ବରଂ ତାହା ଥିଲା ଏକ ଅନ୍ତରଙ୍ଗ ଅନୁଭୂତିର ଅକୃତ୍ରିମ, ଅକପଟ ଅଥଚ ଅଭ୍ରାନ୍ତ ପରିପ୍ରକାଶ । ସମଗ୍ର ମାନବ ଜାତିର ଭବିତବ୍ୟ ଦିବ୍ୟାୟନରେ ଭାରତର କଳାତ୍ମକ ଯୋଗଦାନକୁ ସେ ବେଶ ଗୁରୁତ୍ୱ ଦେଇଥିଲେ । ଶ୍ରୀ ଅରବିନ୍ଦଙ୍କ ସାବିତ୍ରୀ ମହାକାବ୍ୟ ଓ ତାଙ୍କର ଭାରତ ଭାବନା ମଧ୍ୟରେ ଏକ ଚମତ୍କାର ଭାବଗତ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଇପାରେ । ସାବିତ୍ରୀ ଯେପରି ମୃତ୍ୟୁ କବଳିତ ଆପଣାର ପତିଦେବଙ୍କୁ ଯମଙ୍କ ଠାରୁ ଫେରାଇ ଆଣି ପାରିଥିଲେ ଭାରତ ଠିକ୍ ସାବିତ୍ରୀ ଭୂମିକାରେ ଅବତୀର୍ଣ୍ଣ ହୋଇ ଅନେକ ଅଦିବ୍ୟତା, ଅପୂର୍ଣ୍ଣତା କବଳିତ ତଥା ନିଷ୍ପେଷିତ ମାନବଜାତିକୁ ଦିବ୍ୟତା ରୂପକ ପୂର୍ଣ୍ଣତା ଲାଭ କରିବାରେ ଭଗବାନଙ୍କର ଏକ ସାଧନ ହେବ । ଅତିମାନସର ଅବତରଣରେ ମଣିଷ ଯଥାର୍ଥରେ ହେବ ବେଦ କଥିତ 'ଅମୃତର ପୁତ୍ର' । ମଣିଷ ସେତେବେଳେ ଅନୁଭବ କରିବ ଓ ହେବ ଭଗବାନଙ୍କର, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ପାଇଁ । ଏହି ଅବଧାରିତ ନିୟତି ଲାଗି ମାନବ ସମାଜକୁ ଯୋଗ୍ୟ, ସମର୍ଥ, ବିଶ୍ୱାସୀ ତଥା ଶ୍ରଦ୍ଧାମୟ ହେବାରେ ଚିରନ୍ତନ ଭାରତର ପ୍ରେମମୟ ପ୍ରଜ୍ଞା, ଭକ୍ତିମୟ କର୍ମ ତଥା ଯୋଗମୟ ପ୍ରେମର ଦିବ୍ୟ ଜୀବନ ଅବଶ୍ୟ ସଖା ଓ ସହାୟକ ହେବ । ବାସ୍ତବରେ ଶ୍ରୀ ଅରବିନ୍ଦଙ୍କ ଭାରତ - ଭାରତୀ ଲେଶମାତ୍ର ଅମୂଳକ ସ୍ତୁତି ନୁହଁ ବରଂ ତାହା ଏକ ଦିବ୍ୟ ଆତ୍ମାର ଦିବ୍ୟ ଦର୍ଶନ, ଦିବ୍ୟ ମନନ ତଥା ଦିବ୍ୟ ମନନ ତଥା ଦିବ୍ୟ ସମ୍ଭାଷଣ ଯାହା ସମଗ୍ର ବିଶ୍ୱର ଦିବ୍ୟକରଣ ନିମିତ୍ତ ଅଭିପ୍ରେତ ।

***

ଶ୍ରୀଜଗନ୍ନାଥ ଓ ପଞ୍ଚସଖା ସାହିତ୍ୟ



ଡକ୍ଟର ଚିତ୍ତରଂଜନ ବେହେରା

ଯଶୋଧାରା, ଶିଶୁଆ, ବେଣ୍ଟକାର
କଟକ-୭୫୪୧୧୨,
ଫୋନ୍: ୮୭୬୩୪୭୫୬୫୭

"ଶ୍ରୀଜଗନ୍ନାଥ ଓଡ଼ିଆ ଭକ୍ତି ସାହିତ୍ୟର ପ୍ରାଣବିନ୍ଦୁ । ପଞ୍ଚସଖା ସାହିତ୍ୟର ଆର୍ତ୍ତିକ ଚେତନା । ପଞ୍ଚସଖା ସାହିତ୍ୟରେ ଜଗନ୍ନାଥଙ୍କୁ ଘେନି ଯେପରି ବର୍ଣ୍ଣନା କରାଯାଇଛି, ତାହା ବଳିଷ୍ଠ ନିଶ୍ଚୟ ।"

ଉତ୍କଳର ଆରାଧ୍ୟ ଦେବତା ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ । ଓଡ଼ିଆଙ୍କ ଇଷ୍ଟ ଦେବ । ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର । ଓଡ଼ିଆ ଅସ୍ମିତାର ପ୍ରତୀକ । ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣର ଠାକୁର । ଓଡ଼ିଶାର ସଂସ୍କୃତି ଜଗନ୍ନାଥ ସଂସ୍କୃତି । ଏହି ସଂସ୍କୃତିର ମୂଳମନ୍ତ୍ର ହେଲା ସାମ୍ୟଭାବ ଓ ଉଦାର ମାନସିକତା । ଏକତାର ପ୍ରତୀକ । ମୁକ୍ତିର ମହାମନ୍ତ୍ର । ପୁରୀର ଶ୍ରୀମନ୍ଦିରରେ ପୂଜା ପାଇ ଆସୁଛନ୍ତି । ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗ ଦେବ (୧୦୭୮-୧୧୪୭ଖ୍ରୀ.ପୂ) ଏହି ମନ୍ଦିର ତୋଳାଇଥିଲେ । ମୂଳତଃ ଜଗନ୍ନାଥ ହେଉଛନ୍ତି ଶବର ଦେବତା । ଦାରୁ ଦେବତା (ଦାରୁବ୍ରହ୍ମ) ଭାବରେ ପୂଜିତ । ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଯିବା ସହିତ ପୂଜା କରାଯାଇ ଆସୁଛି । ଜଗନ୍ନାଥ କୈନ୍ଦ୍ରିକ ଓଡ଼ିଶାରେ ବୈଷ୍ଣବ ଧର୍ମ ଧାରାରେ ଏହାର ଶାନ୍ତି, ମୈତ୍ରୀ ଓ ପ୍ରୀତିର ବାଣୀ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । କବି ନୀଳାମ୍ବର ଦାସଙ୍କ ପରେ ପଞ୍ଚସଖା

ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଏବଂ ଶିଶୁ ଅନନ୍ତ ଦାସ ।

ପଞ୍ଚସଖା ମଧ୍ୟରେ ବଳରାମ ଥିଲେ ବୟୋଜ୍ୟେଷ୍ଠ । ବଳରାମଙ୍କ 'ଦାଣ୍ଡି ରାମାୟଣ', ଯଶୋବନ୍ତଙ୍କ 'ପ୍ରେମଭକ୍ତି ଗୀତା', ଜଗନ୍ନାଥ ଦାସଙ୍କ 'ଶ୍ରୀମଦ୍‌ଭାଗବତ' ଓ ଦାରୁବ୍ରହ୍ମ ଗୀତା ଏବଂ ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା' ଆଦିଗ୍ରନ୍ଥରେ ଜଗନ୍ନାଥଙ୍କ ସମ୍ପର୍କରେ ନାନା ଅବତାରଣା କରାଯାଇଛି । କବି ବଳରାମ 'ଦାଣ୍ଡି ରାମାୟଣ'ରେ ପ୍ରଥମେ ଜଗନ୍ନାଥଙ୍କୁ ପ୍ରଣତି ଜଣାଇଛନ୍ତି । ଆଦିକାଣ୍ଡରେ ଲେଖିଛନ୍ତି– 'ଶ୍ରୀ ଜଗନ୍ନାଥଙ୍କର ଆଜ୍ଞା ଶିରୋଧରି, ଗ୍ରନ୍ଥ ବଖାଣିବି ମୁଁ ଆଦ୍ୟପ୍ରାନ୍ତ କରି ।' ଗ୍ରନ୍ଥ ଶେଷରେ – 'ଜଗମୋହନ ରାମାୟଣ ବୋଲି ଗ୍ରନ୍ଥ, ଏଥିରେ କବି ସେ ନୀଳଗିରି ନାଥ ।' ଯଶୋବନ୍ତ ଦାସ କହିଛନ୍ତି– ନୀଳାଚଳସ୍ଥ ରତ୍ନବେଦୀ ଉପରେ ଯେଉଁ ମୂର୍ତ୍ତି ବିରାଜମାନ, ସେ ହେଉଛନ୍ତି ଓଁକାର ରୂପ ହ୍ରିଂ-ଶ୍ରିଂ-କ୍ଲିଂ । ହ୍ରିଂ ହେଉଛନ୍ତି ବଳଭଦ୍ର ବା ରୁଦ୍ର, କ୍ଲିଂ ହେଉଛନ୍ତି ଜଗନ୍ନାଥ ବା ବିଷ୍ଣୁ, ଶ୍ରିଂ ହେଉଛନ୍ତି ସୁଭଦ୍ରା । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରରେ ବଇଠି ରୂପରେ ଅବସ୍ଥିତ । ଏହା ବ୍ୟତୀତ ସୁଦର୍ଶନ 'ମହାଶୂନ୍ୟ ବ୍ରହ୍ମଜ୍ୟୋତି' ରୂପେ ପରିଗଣିତ । ସେତିକି ନୁହେଁ ଏହି ଚତୁର୍ଦ୍ଧାମୂର୍ତ୍ତି ହରେକୃଷ୍ଣ ମହାମନ୍ତର ରୂପାନ୍ତର ଓ ସୁଭଦ୍ରା ରାଧାଙ୍କର ରୂପାନ୍ତର ବୋଲି ଅଭିହିତ କରାଯାଇଛି । ସେ କହିଛନ୍ତି–

ଓଁକାର ବ୍ରହ୍ମବିନ୍ଦୁ ସେହି ଅନନ୍ତ ଶେଷଦେବ ସେହି
ତିଥି ଉପରେ ଚକାମାନ ଅଟେ ପୃଥିବୀ ଆୟତନ ।।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନି ବଇଠି ସ୍ୱରୂପେ ଜନମି ।
ତାହାଣେ ବଳଭଦ୍ର ରୂପ ଏହି ଯେ ବିରାଟ ସ୍ୱରୂପ ।।
ଅନନ୍ତ ଅଙ୍ଗ ଏ ପ୍ରଚ୍ଛନ୍ନ ଓଁକାର ହ୍ରିଁ ଅଙ୍ଗଜନମ ।
ବାମେ ଶ୍ରୀ ଜଗନ୍ନାଥ ସେହି କ୍ଲିଁ ଅଙ୍ଗରେ ବିଜେ ସେହି ।।

କବି ଯଶୋବନ୍ତ ଦାସ ତାଙ୍କ 'ଶିବ ଶରୋଦୟ' ଗ୍ରନ୍ଥରେ ଲେଖିଛନ୍ତି –

ଜୟ ଜୟ ଜଗନ୍ନାଥ ଜଗତ ଧାରଣ
ଜୟ ବଳଭଦ୍ର ଭଦ୍ରା ଜୟ ସୁଦର୍ଶନ ।

ସେ ଜଗନ୍ନାଥଙ୍କୁ ଚତୁର୍ଦ୍ଧା ମୂର୍ତ୍ତି ରୂପେ ବର୍ଣ୍ଣନା କରିଛନ୍ତି । 'ପ୍ରେମଭକ୍ତି ବ୍ରହ୍ମଗୀତା'ରେ ଜଗନ୍ନାଥଙ୍କ ସ୍ତୁତି ଗାନ କରାଯିବା ସହିତ ଶ୍ରୀକ୍ଷେତ୍ରର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା କରାଯାଇଛି ।

ଭକ୍ତକବି ଜଗନ୍ନାଥ ଦାସ 'ଦାରୁବ୍ରହ୍ମ ଗୀତରେ ଲେଖିଛନ୍ତି – ଶବରର ଶରାଘାତରେ କୃଷ୍ଣ ଦେହତ୍ୟାଗ କରିବାର ଖବର ପାଣ୍ଡବଙ୍କ ନିକଟରେ ପହଞ୍ଚିବା ପରେ ସେମାନେ ତାଙ୍କ ପିଣ୍ଡ ଦାହ କରିବାକୁ ଚାହିଁଛନ୍ତି । ସହଦେବଙ୍କ ନିର୍ଦ୍ଦେଶକ୍ରମେ ଦେହତ୍ୟାଗ ସ୍ଥାନରୁ ଚବିଶ

କୋଶ ଅନ୍ତରରେ ଥିବା ନୀଳଗିରି ନିକଟସ୍ଥ ସ୍ୱର୍ଗଦ୍ୱାରରେ ପିଣ୍ଡ ଦାହ ହୋଇ ଛତିଆ ମାଟିକୁ ସମ୍ଭାବନା ଓ ସିଦ୍ଧିର ମାଟି ଭାବରେ ଆଦରି ନେଇଥିଲେ । ସାଧନାର ପୀଠ ଭାବେ ଗ୍ରହଣ କରିଥିଲେ ।

ହାଡ଼ି ଦାସ ! ହାଡୁ ଦାସ ! ହାଡ଼ିଆ ଦାସ ! ମାଝିରୁ ଦାସ ! ମହାପୁରୁଷ ! ସନ୍ଥ । ହାଡ଼ିର ଅର୍ଥ ଭଗବାନ ବିଷ୍ଣୁଙ୍କ ଆଜ୍ଞାବହ । ସେ ବନିଗଲେ ଈଶ୍ୱରଙ୍କ ଆଜ୍ଞାବହ । ସକଳ ଘାତ ପ୍ରତିଘାତକୁ ଏଡ଼େଇ ଜୀବନରେ ନୂତନ ପ୍ରସ୍ଥ ନିର୍ମାଣ କରିବାରେ ସମର୍ଥ ହୋଇଥିଲେ ।

ସେ ଲେଖିଛନ୍ତି ଅଜସ୍ର ଭଜନ, ଚଉତିଶା, ଚଉପଦି, ସ୍ତୁତି । ଲେଖିଛନ୍ତି ଅନନ୍ତ ଗୁପ୍ତ ଗୀତା, ହନୁମନ୍ତ ଗୀତା, ନୀଳମାଧବ ଗୀତା, ଶଙ୍ଖନାଭି, ଭାବନାବର । ମାଳିକା ତାଙ୍କର ପରିଚିତ ଲେଖା । ସେ ଶୂନ୍ୟବାଦୀ, ନିରାକାର, ଅଣାକାର । ବଞ୍ଚିଥିଲେ ମାତ୍ର ୫୮ ବର୍ଷ । ଶୂନ୍ୟବାଦ ତାଙ୍କ ଧର୍ମ ଓ ଦର୍ଶନରୁ ବେଶ ପ୍ରତିଭାତ ।

ଅଷ୍ଟାଦଶ ଶତାବ୍ଦୀ ବେଳକୁ ଓଡ଼ିଶାକୁ ଆସି ନଥିଲା ମୁଦ୍ରଣଯନ୍ତ୍ର । ଲେଖାଲେଖି ପାଇଁ ମାଧ୍ୟମ ଥିଲା ତାଳପତ୍ର, ଭୂର୍ଜ ପତ୍ର, କର୍ପାସ ପଟ୍ଟା ଇତ୍ୟାଦି । ଅନୁଗାମୀମାନେ ହାଡ଼ି ଦାସଙ୍କ କଥାକୁ ସେଥିରେ ଲିପିବଦ୍ଧ କରିବାକୁ ଆରମ୍ଭ କରିଥିଲେ । ସେହି ଲେଖା ଆଜି ସର୍ବଜନବିଦିତ ।

ଓଡ଼ିଆ ଭାଷାର ସନ୍ଥ ସାହିତ୍ୟର ପରମ୍ପରା ପ୍ରାଚୀନ । ସେ ଦୃଷ୍ଟିରୁ ହାଡ଼ି ଦାସ ଅଷ୍ଟାଦଶ ଶତାବ୍ଦୀର ଧର୍ମ ଓ ସାହିତ୍ୟର ଜଣେ କ୍ରାନ୍ତିକାରୀ ପୁରୁଷ । ତାଙ୍କ ଭାବାଦର୍ଶ ଅତ୍ୟନ୍ତ ମର୍ମସ୍ପର୍ଶୀ । ଆବେଗଚ୍ଛଳା ରାଶି ରାଶି ଚଉପଦୀ, ଚଉତିଶା ଲେଖି ସେ ମଣିଷ ସମାଜକୁ ସତର୍କ କରାଇ ଦେଇଛନ୍ତି ।

କବି ଚଉତିଶାରେ ଲେଖିଛନ୍ତି–

ଦିନୁ ଦିନୁ ମହାପ୍ରବଳ କଳିଗୋଳ ହୋଇବ
ଦିବସେ ଅକାଳ କୁହୁଡ଼ି ବଢ଼ି ମାଡ଼ି ଆସିବ ।
ଧନ୍ଦି ହୋଇ ଲୋକେ ମରିବେ ଧର୍ମ ହୋଇବ ନଷ୍ଟ
ଧୂମ ଉଦେ ହେବ ଶୂନ୍ୟରୁ ଘୋର ନାଦ ପ୍ରକଟ ।
ନୀଚ ଲୋକ ଉଚ୍ଚ ହୋଇବେ ନାମ ଟେକ ଦେଖାଇ
ନିଗମ ବଚନ ନିନ୍ଦିବେ କହୁଥିବେ ବଢ଼ାଇ ।
ପରଦ୍ରବ୍ୟ ପର ନାରୀଙ୍କି ବଳେ ହରିବେ ଦୁଷ୍ଟ
ପ୍ରମାଦ ପଡ଼ିବ ଅନେକ ପ୍ରାଣୀ ହୋଇବେ ନଷ୍ଟ ।

ଶୂନ୍ୟ ସଂହିତାର କବି ଅଚ୍ୟୁତାନନ୍ଦ ଦାସ ‘ଗରୁଡ଼ ଗୀତା’ରେ କହିଛନ୍ତି –

ଶ୍ରୀ ନୀଳକନ୍ଦରରେ ବିଜେ କରିଛନ୍ତି ବଉଧ ରୂପେ ବହିଛି
ଭକତ ନିମନ୍ତେ ତୁମର ଏ ସବୁ ଭିଆଣ ପ୍ରଭୁ ଶ୍ରୀବତ୍ସୀ ।

ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ନେଇ ବିଶ୍ୱ ଭ୍ରାତୃତ୍ୱର ପରିକଳ୍ପନା କରାଯାଇଥାଏ । ବିଶ୍ୱର ସମସ୍ତ ସଂସ୍କାର ଜନିତ ଅଜ୍ଞାନକୁ ଦୂର କରିବା ନିମନ୍ତେ ଜଗନ୍ନାଥ ଗଣଦେବତା ରୂପେ ବିଶ୍ୱବନ୍ଦିତ । ସେ ପରମଦୟାଳୁ ପ୍ରଭୁ ପରମେଶ୍ୱର । ସେ ହିଁ ତାରଣର କାରଣ । ପତିତପାବନ । ନୀଳକନ୍ଦରବାସୀ ନଟିଆ ନାଗର, ହଟିଆ ଠାକୁର । ମଣିଷ ବ୍ୟକ୍ତିତ୍ୱ ଅହଂକାରରୁ ଓହ୍ଲାଇ ଆସି ପରମପ୍ରଭୁଙ୍କ ନିକଟରେ ଆତ୍ମସମର୍ପଣ କରିଦେଲେ ସବୁ ଅଜ୍ଞାନ ଦୂର ହେଇଯିବ । ବିଶ୍ୱର କଲ୍ୟାଣ ସାଧିତ ହେବ । ଅତିବଡ଼ୀ ଜଗନ୍ନାଥ ଦାସ 'ଶ୍ରୀମଦ୍ ଭାଗବତ'ରେ ଲେଖିଛନ୍ତି –

ସେ ସର୍ବଜନଙ୍କ ଈଶ୍ୱର । ଯାହାର ମାୟାରେ ସଂସାର ।
ସର୍ବଇ ପାଳଇ ସଂହାରେ । ତ୍ରିଗୁଣ ବଳେ ସେ ବିହରେ ।
ନିବୃତ୍ତ ପ୍ରବୃତ୍ତିର ମାର୍ଗେ । ପ୍ରାଣୀ ତରିବେ ଯେଉଁ ଭାବେ ।
ହରି ଚରିତ ଦୀପକର । ଜନଙ୍କୁ ଅନ୍ଧାରୁ ଉଦ୍ଧାର ।
ଆସକ୍ତି ନ ରଖି କର୍ମରେ । କୃଷ୍ଣ ଭାବ ରଖି ଚିତ୍ତରେ ।
କର୍ମଫଳ ଆଶା ତେଜିବ । ଜନସେବା ମନେ ବହିବ ।

ଏ ସଂସାର ମାୟାପୂର୍ଣ୍ଣ । ମୋହମାୟାରେ ବନ୍ଧା ଜୀବନ । କାମ, କ୍ରୋଧ, ଲୋଭ ଓ ମୋହର ବଶବର୍ତ୍ତୀ ଏ ମଣିଷ । ଅଜ୍ଞାନରେ ଜଡ଼ିଭୂତ । ତଥାପି ମଣିଷ ଶ୍ରେଷ୍ଠ ଜୀବ । ଜଗନ୍ନାଥ ଦାସ କହିଛନ୍ତି –

ଏ କଳିଯୁଗେ ଯେତେ ନରେ । ପଡ଼ିବେ ମାୟା ଅନ୍ଧକାରେ ।
ତାହାଙ୍କୁ ତପନ ଉଦିତ । ହୋଇବେ ଭାବେ ଭାଗବତ ।
ସର୍ବ ଆତ୍ମାକୁ ଆତ୍ମା ଭାବେ । ଭଜନ୍ତି ନିତ୍ୟ ବାସୁଦେବ ।
ଏମନ୍ତ ଭାବେ ସେ ଭଜଇ । ଏ ମାୟା ତାକୁ ନ ଲାଗଇ ।

ଜଗନ୍ନାଥ ହେଉଛନ୍ତି ପରମ ପୁରୁଷ ପରମାତ୍ମା । ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ । ଶ୍ରୀ ଜଗନ୍ନାଥ ବିଷ୍ଣୁ ରୂପରେ ବିରାଜମାନ । ସେ ମଧ୍ୟ ଆତ୍ମାରୂପୀ ଈଶ୍ୱର । ଏହି ଆତ୍ମରୂପୀ ଈଶ୍ୱର ସର୍ବଜୀବଙ୍କ ଦେହରେ ବିଦ୍ୟମାନ । ଜଗନ୍ନାଥ ଦାସ କହିଛନ୍ତି –

ପ୍ରାଣୀଙ୍କ ବାହ୍ୟ ଅଭ୍ୟନ୍ତରେ । ସେ ମନେ ସମୀର ସଂଚରେ ।
ଆତ୍ମାକୁ ଆତ୍ମା ସାକ୍ଷୀ ରୂପେ । ନିତ୍ୟେ ବିହରେ ନିଜ ସୁଖେ ।

ପଞ୍ଚସଖା ଯୁଗର କୃଷ୍ଣୈକତ୍ୱ ଧାରଣ ଶ୍ରୀଚୈତନ୍ୟଙ୍କଠାରୁ ଉତ୍ପତ୍ତି ଲାଭ କରିଥିବା କୁହାଯାଏ । ଶୂନ୍ୟ ସଂହିତାରେ ଅଚ୍ୟୁତାନନ୍ଦ ଦାସ ଲେଖିଛନ୍ତି –

କଳ୍ପବଟ ମୂଳେ ନୀଳ ସୁନ୍ଦର ଗିରିରେ
ସୁନ୍ଦର ରୂପରେ ବିଜେ ଶଙ୍ଖଚକ୍ର କରେ ।
ଚିହ୍ନିଲେ ଚୈତନ୍ୟ ଯେ ବ୍ରହ୍ମାଣ୍ଡ କର୍ତ୍ତା ହରି
କଳାରେ କଳା ମିଶିଲା ନୋହିଲା ଯେ ବାରି ।

ହସ୍ତେ ଶଙ୍ଖଚକ୍ର, ସୁନ୍ଦର ସୁଠାମ ଚେହେରା । ପ୍ରଭୁ ବିରାଜମାନ କରିଛନ୍ତି ନୀଳଗିରିର କଳ୍ପବଟେ ମୂଳେ । ସେହି ହଟିଆ ନାଗର ନବ ନାଟୁଆଙ୍କୁ ଚୈତନ୍ୟ ଚିହ୍ନି ପକାଇଲେ । କଳାରେ କଳା ମିଶିଗଲା ବୋଲି ଅଚ୍ୟୁତ୍ୟନନ୍ଦ ବର୍ଣ୍ଣନା କରିଛନ୍ତି ।

ପଞ୍ଚସଖା ଜଗନ୍ନାଥଙ୍କୁ ଶୂନ୍ୟ ରୂପରେ ବର୍ଣ୍ଣନା କରିଛନ୍ତି । ଜ୍ଞାନମିଶା ଭକ୍ତି ସାଧକ ପଞ୍ଚସଖା ଏବଂ ତାଙ୍କ ଶିଷ୍ୟଗଣ ନିଷ୍ଠାପର ଭାବରେ ଶୂନ୍ୟର ଉପାସକ ଥିଲେ । ଶୂନ୍ୟବାଦ ସେମାନଙ୍କର ଧର୍ମ ଓ ଦର୍ଶନକୁ ବେଶ ପ୍ରଭାବିତ କରିଥିଲା । ଯଶୋବନ୍ତ ଦାସ ତାଙ୍କ 'ପ୍ରେମ ଭକ୍ତି ଗୀତା'ରେ ଲେଖିଛନ୍ତି–

ପାରୁଷେ ସୁଦର୍ଶନ ଯତି, ସେ ମହାଶୂନ୍ୟ ବ୍ରହ୍ମଜ୍ୟୋତି ।
ନାହିଁ ତାହାର ପାଦପାଣି, ଶିର ନାସିକା କର୍ଣ୍ଣ ପୁଣି ।
ଅମନମନ ଭିନ୍ନ ନାହିଁ, ସେ ସଦାନନ୍ଦ ରୂପ ଦେହୀ ।

ଉତ୍କଳୀୟ ବୈଷ୍ଣବମାନେ ଶ୍ରୀଜଗନ୍ନାଥଙ୍କୁ ଶୂନ୍ୟପୁରୁଷ ଭାବରେ ବାରମ୍ବାର ବର୍ଣ୍ଣନା କରିଛନ୍ତି । ସନ୍ଥ ଅରକ୍ଷିତ ଦାସ ତାଙ୍କ 'ମହୀମଣ୍ଡଳ ଗୀତା'ରେ କହିଛନ୍ତି –

ହେ ଦେବ ଦେବ ଜଗତକର୍ତ୍ତା, ହେ ଦେବ ଦେବ ଜଗତଦିଶ
ହେ ଦେବ ଦେବ ବ୍ରହ୍ମାଶିକ, ହେ ଦେବ ଦେବ ସର୍ବ ଦେବ
ହେ ଦେବ ଦେବ ବିଷ୍ଣୁ ତୁହି, ତୋହର ରୂପ ବର୍ଣ୍ଣ ନାହିଁ
ହେ ତ ଦେବ ଦେବ ଶୂନ୍ୟଦେହି, ସକଳ ଘଟେ ଅଛୁ ତୁହି ।

ଏ ସୃଷ୍ଟି, ସ୍ଥିତି ଓ ପ୍ରଳୟ-ସବୁ ସେଇ ଭଗବାନଙ୍କ ଲୀଳା ବୋଲି ବୈଷ୍ଣବଗଣ ବର୍ଣ୍ଣନା କରିଛନ୍ତି । ଜଗତକର୍ତ୍ତା, ଜଗଦୀଶ୍ୱର ହିଁ ଏହି ସୃଷ୍ଟିସର୍ଜନାର ମୂଳାଧାର । ତାଙ୍କ ବିନା ପତ୍ର ବି ହଲିବ ନାହିଁ । ଶରୀର ମଧ୍ୟସ୍ଥ ପିଣ୍ଡକୁ ସାଧନାର କେନ୍ଦ୍ରବିନ୍ଦୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କ ମତରେ ଏହି ପିଣ୍ଡ ହେଉଛି ବ୍ରହ୍ମାଣ୍ଡ । ଅଚ୍ୟୁତାନନ୍ଦ ଦାସ ତାଙ୍କ 'ଛୟାଳିଶ ପଟଳ' ଗ୍ରନ୍ଥରେ ନିଜର ଭାବକୁ ଗମ୍ଭୀରତାର ସହିତ ପ୍ରକାଶ କରି ଅନେକ କଥା କହିଛନ୍ତି ।

ଉତ୍କଳର ଧର୍ମଧାରଣା ବଳିଷ୍ଠ । ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଆରାଧ୍ୟ ଦେବତା । ଇଷ୍ଟ ଦେବ । ସେ ସକଳ ଜୀବନର ତ୍ରାଣକର୍ତ୍ତା । ତାଙ୍କୁ ନେଇ ଗଢ଼ି ଉଠିଛି ଏକ ମହାନ ସଂସ୍କୃତି– 'ଶ୍ରୀ ଜଗନ୍ନାଥ ସଂସ୍କୃତି ।' ଯାହା ବିଶ୍ୱ ବିଦିତ ।

ଜଗନ୍ନାଥ ଆଦି, ଅନାଦି, ପରମବ୍ରହ୍ମ ସେ ପୁରୁଷୋତ୍ତମ । ସେ ତ୍ରିଗୁଣ ରହିତ । ସବୁ ଧର୍ମର ଉର୍ଦ୍ଧ୍ୱରେ ସେ । ସେ ବୁଦ୍ଧ, ସେ ଶ୍ରୀକୃଷ୍ଣ । ତାଙ୍କ ମହିମା ଅପାର । ତାଙ୍କୁ ଛାଡ଼ି ପୁଣ୍ୟଭୂମି ଉତ୍କଳର ଆଉ କିଛି ଚିନ୍ତା କରାଯାଇ ପାରେନା । ତାଙ୍କୁ କେନ୍ଦ୍ର କରି ଓଡ଼ିଶାରେ ପ୍ରସାରିତ ହୋଇଛି ବୈଷ୍ଣବ ଧର୍ମ । ଯାହାଙ୍କ ଦେବତା ହେଉଛନ୍ତି ତ୍ରାଣକର୍ତ୍ତା ବିଷ୍ଣୁ । ଯିଏ ବୈଦିକ ଯୁଗରୁ ଉପାସିତ । ବେଦ କୁହନ୍ତୁ କି ପୁରାଣ କି ସଂହିତା ସବୁଠି ବିଷ୍ଣୁଙ୍କ ମହିମା ବର୍ଣ୍ଣିତ ।

କ୍ରମେ ବୈଷ୍ଣବ ଧର୍ମ ତା'ର କାୟାବିସ୍ତାର କରି ଚାଲିଲା । ସୋମବଂଶ ଦେଇ ଗଙ୍ଗବଂଶ ରାଜତ୍ୱ କାଳରେ ବୈଷ୍ଣବ ଧର୍ମ ପ୍ରମୁଖ ଧର୍ମ ଭାବରେ ଗ୍ରହଣଯୋଗ୍ୟ ହେଲା । ସେହି ସମୟରୁ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି ଓଡ଼ିଆ ସାହିତ୍ୟରେ ଭକ୍ତି ଧର୍ମ ବିକାଶ ଲାଭ କରିବାକୁ ଲାଗିଲା । ଷୋଡ଼ଶ ଶତାବ୍ଦୀରେ ପଞ୍ଚସଖା (ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ, ଶିଶୁ ଅନନ୍ତ ଦାସ)ଙ୍କ ସାହିତ୍ୟ ଶ୍ରୀଜଗନ୍ନାଥଙ୍କୁ ନେଇ ଗଢ଼ି ଉଠିଲା ।

ମହାପୁରୁଷ ହାଡ଼ି ଦାସ ଥିଲେ ଜଗନ୍ନାଥଙ୍କର ପରମ ଭକ୍ତ । ତାଙ୍କ ଦୃଷ୍ଟିରେ ଜଗନ୍ନାଥ ହେଉଛନ୍ତି ନିଗୁଣ-ସଗୁଣ । ଜଗନ୍ନାଥ ହେଉଛନ୍ତି ପରମ ଆରାଧ୍ୟ । ସେ ଅପାଣିପାଦ । ମାତ୍ର ତାଙ୍କ ପାଦ ତଳେ ରହିଛି ଅଷ୍ଟସିଦ୍ଧି-ଅଷ୍ଟନିଧି । ସକଳ ତୀର୍ଥ ବିରାଜିତ । ସନ୍ଥ ହାଡ଼ି ଦାସଙ୍କ 'କ୍ଷେତ୍ର ମାହାତ୍ମ୍ୟ' ଜଗନ୍ନାଥ ଭାବଧାରାକୁ ପ୍ରମାଣିତ କରେ ।

ଏତେ କହି ଗୋବିନ୍ଦ ଧଇଲେ ଯେ ଲକ୍ଷ୍ମୀଙ୍କର ହସ୍ତ
ଜଗତ ମାତା କହିଲେ ତୁମ୍ଭେ କର ସତ୍ୟ
ଚଣ୍ଡାଳୁ ବ୍ରାହ୍ମଣ ଯାଏ ଖୁଆଖୁଇ ହେବେ
ସମସ୍ତେ ଖାଇଣ ହସ୍ତ ଜଳେ ନ ଧୋଇବେ
ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ
ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ
ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ
ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ ।

ଲକ୍ଷ୍ମୀଠାକୁରାଣୀ ଜଗନ୍ନାଥଙ୍କୁ ଶପଥ କରାଇ ନେଇଛନ୍ତି । ଯଦି ସିଏ ବଡ଼ ଦେଉଳକୁ ଯିବେ, ସେଥିପାଇଁ ତାଙ୍କୁ ଲକ୍ଷ୍ମୀଙ୍କର ସବୁ ସର୍ତ୍ତ ମାନିବାକୁ ପଡ଼ିବ । ପ୍ରଭୁ ତଥାସ୍ତୁ କହିଛନ୍ତି । ବଡ଼ ଦେଉଳ ଛାଡ଼ି ଚାଲି ଯାଇଥିବା ମହାଲକ୍ଷ୍ମୀ ଏଥର ବଡ଼ ଦେଉଳକୁ ଫେରି ଆସିଛନ୍ତି । ସେହି ଦିନଠାରୁ ସବୁ ଭେଦଭାବ ଦୂର ହୋଇଯାଉଛି ।

ଶ୍ରୀଜଗନ୍ନାଥ ଓଡ଼ିଆ ଭକ୍ତି ସାହିତ୍ୟର ପ୍ରାଣବିନ୍ଦୁ । ପଞ୍ଚସଖା ସାହିତ୍ୟର ଆତ୍ମିକ ଚେତନା । ପଞ୍ଚସଖା ସାହିତ୍ୟରେ ଜଗନ୍ନାଥଙ୍କୁ ଘେନି ଯେପରି ବର୍ଣ୍ଣନା କରାଯାଇଛି, ତାହା ବଳିଷ୍ଠ ନିଶ୍ଚୟ ।

ଭାରତୀୟ ସଂସ୍କୃତିର ଅନ୍ୟତମ ବାର୍ତ୍ତାବହ ରାମକୃଷ୍ଣ ପରମହଂସଙ୍କ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ପରମାରାଧ୍ୟ, ବିଶ୍ୱବନ୍ଦନୀୟ, ବିଶ୍ୱ ଦେବତା । ଶ୍ରୀକ୍ଷେତ୍ର ତାଙ୍କର ଲୀଳାଭୂମି, ଯେଉଁଠି ଘଟିଛି ସର୍ବଧର୍ମର ସମନ୍ୱୟ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଛାଡ଼ି ଦେଇ ବିଶ୍ୱ ଭ୍ରାତୃଭାବ କଳ୍ପନା କରାଯାଇ ପାରେ ନାହିଁ । ସେ ହିଁ ପରମକାରୁଣିକ ପରମନାଥ ଯାହାର ନାହିଁ ଆଦିଅନ୍ତ । ସମସ୍ତ କୁସଂସ୍କାରଜନିତ ଅଜ୍ଞାନକୁ ବିନାଶ କରିବା ପାଇଁ ଗଣଦେବତା ରୂପେ ଶ୍ରୀଜଗନ୍ନାଥ ବିଶ୍ୱବନ୍ଦ୍ୟ । ମଣିଷ ନିଜର ବ୍ୟକ୍ତିଗତ ଅହଂକାର ଓହ୍ଲାଇ ଆସିଲେ ବିଶ୍ୱରେ ଭ୍ରାତୃତ୍ୱ, ଐକ୍ୟ, ସଂହତି ପ୍ରତିଷ୍ଠା ହୋଇପାରିବ । କେବଳ ପଞ୍ଚସଖା ନୁହଁନ୍ତି ଆହୁରି ଅନେକ କବି ଲେଖକ ଜଗନ୍ନାଥଙ୍କ ମହିମାଗାନ କରିଛନ୍ତି । ପୁରୁଷୋତ୍ତମ ଦାସଙ୍କ 'କାଞ୍ଚିକାବେରୀ' କାବ୍ୟ ଗ୍ରନ୍ଥ କୁହନ୍ତୁ କି ରାମଶଙ୍କର ରାୟଙ୍କ 'କାଞ୍ଚିକାବେରୀ' ନାଟ୍ୟକୃତି (୧୮୮୦) ସବୁଥିରେ ପରମେଶ୍ୱର ବିଶ୍ୱନିୟନ୍ତା ପ୍ରଭୁ ଜଗନ୍ନାଥ ବିରାଜିଛନ୍ତି । ମାଟିର ମହାକବି ସାରଳା ଦାସ ମଧ୍ୟ ଜଗନ୍ନାଥଙ୍କୁ ଛାଡ଼ି ପାରି ନାହାନ୍ତି । ସେ କହିଛନ୍ତି– ଯିଏ ଜଗନ୍ନାଥ, ସିଏ ଶ୍ରୀକୃଷ୍ଣ, ସିଏ ବୁଦ୍ଧ ।

ସପ୍ତଦଶ ଶତାବ୍ଦୀର କବି ଲୋକନାଥ ବିଦ୍ୟାଧର 'ନୀଳାଦ୍ରି ମହୋତ୍ସବ' ନାମରେ ଏକ ରୋଚକପୂର୍ଣ୍ଣ କାବ୍ୟ ଲେଖିଲେ । ସେଥିରେ ଜଗନ୍ନାଥଙ୍କ ବିଭିନ୍ନ ରୀତିନୀତି ଏବଂ ପର୍ବପର୍ବାଣି ସମ୍ପର୍କରେ ଉଲ୍ଲେଖ ରହିଛି । ସେହିପରି ୧୮୨୦ ମସିହାରେ ଗୋପୀନାଥ ସିଂହ ନାମକ ଆଉ ଜଣେ କବି 'ନୀଳାଦ୍ରି ବିହାର' ନାମରେ ଅନ୍ୟ ଏକ କାବ୍ୟଗ୍ରନ୍ଥ ରଚନା କରି ଜଗନ୍ନାଥଙ୍କ ବିଭିନ୍ନ ବେଶ ସମ୍ପର୍କରେ ଉଲ୍ଲେଖ କରିଥିଲେ ।

ବାୟୁ ପୁରାଣରେ କୁହାଯାଇଛି– 'ଉତ୍କଳସ୍ୟ ସମୋ ଦେଶୋ, ଦେଶୋ ନାସ୍ତି ମହୀତଳେ ।' ଉତ୍କଳ ପରି ଦେଶ ଏ ବିଶ୍ୱବ୍ରହ୍ମାଣ୍ଡରେ ନାହିଁ । ଯେଉଁଠି ଜଗନ୍ନାଥ ପୂଜା ପାଉଛନ୍ତି, ତାହାର ସଂସ୍କୃତି ଅନନ୍ୟ । ଜଗନ୍ନାଥ ହେଉଛନ୍ତି ଓଡ଼ିଆମାନଙ୍କ ପ୍ରାଣର ଦେବତା । ଓଡ଼ିଆମାନଙ୍କ ଅସ୍ମିତା । ତାଙ୍କ ବିନା ଓଡ଼ିଶାର ଅସ୍ତିତ୍ୱ ନାହିଁ । ସେ ଜାତୀୟ ଦେବତା, ଜଗଦ୍ଗୀଶ୍ୱର ।

***

ଶ୍ରୀଜଗନ୍ନାଥ ଚେତନା ଓ ଖ୍ରୀଷ୍ଟଧର୍ମ: ଏକ ଅଧ୍ୟୟନ



ସୁଶ୍ରୀ ପ୍ରୀତିଲତା ପଣ୍ଡା
ନରାଜପୁର, ଆଗରପଡ଼ା, ଭଦ୍ରକ
ମୋ : ୯୦୪୦୫୮୮୬୬୦

"ଯୀଶୁ ଭାରତ ଆଗମନ ସମ୍ପର୍କରେ ଅନେକ ସୂଚନା ମିଳେ । ସର୍ବୋପରି ଜଗନ୍ନାଥ ମନ୍ଦିରରେ ତାଙ୍କର ରହଣି ଏବଂ ବିଦ୍ୟାଧ୍ୟୟନ ଆହୁରି କୌତୁହଳପ୍ରଦ ମନେହୁଏ ।"

ସର୍ବ ଧର୍ମ ସମନ୍ୱୟର ପ୍ରତୀକ ତଥା କୃଷ୍ଣଧର୍ମର ପରିବର୍ତ୍ତିତ ରୂପ ପୁରୁଷୋତ୍ତମ ପୀଠର ଅଧିପତି ଶ୍ରୀଜଗନ୍ନାଥଙ୍କ ଅଲୌକିକ ଚେତନାର ବ୍ୟାପକତା ସାରା ବିଶ୍ୱର ଅଧ୍ୟାତ୍ମିକ ଅନୁଭବକୁ ଗଭୀର ଭାବେ ପ୍ରଭାବିତ କରିଥିବାବେଳେ, କେତେକ ପାଶ୍ଚାତ୍ୟ ଗବେଷକ ଏହି ଦର୍ଶନକୁ ଖ୍ରୀଷ୍ଟଧର୍ମର ଏକ ଅଂଶ ଭାବେ ବିବେଚନା କରନ୍ତି । ଏକଥା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ସେମାନଙ୍କ ମତବାଦକୁ ପ୍ରାଚ୍ୟ ଭୂଖଣ୍ଡର କିଛି ଗବେଷକ ମଧ୍ୟ ସମର୍ଥନ କରିଥାନ୍ତି ଏବଂ ସେହି ମତବାଦକୁ ନିଜ ଜୀବନ କ୍ଷେତ୍ରରେ ସେମାନେ ବ୍ୟବହାର କରିବାର ପ୍ରବଣତା ମଧ୍ୟ ଦୃଷ୍ଟିଗୋଚର ହୁଏ । ଅନ୍ୟ ପକ୍ଷରେ ହେମଚାନ୍ଦ ଓ ରମା ପ୍ରସାଦଙ୍କ ପରି ବିଦ୍ୱାନମାନେ ଏଭଳି ଯୁକ୍ତିକୁ କୃଷ୍ଣଧର୍ମର ପ୍ରାଚୀନତାକୁ ଦୃଷ୍ଟିରେ ରଖି ଏହା ସମ୍ପୂର୍ଣ୍ଣ ନିରାଧାର ବୋଲି ମତ ପୋଷଣ କରନ୍ତି ।

ତେବେ ସାଂପ୍ରତିକ ସମୟରେ କୃଷ୍ଣଙ୍କୁ ଛାଡ଼ି ଜଗନ୍ନାଥ ଓ ଯୀଶୁଙ୍କ ସଂପର୍କକୁ ନେଇ ବିଚାର ଆଲୋଚନା କରିବାର ପ୍ରାସଙ୍ଗିକତା ରହିଛି ବୋଲି ମନେହୁଏ । ଏକଥା ଅବଶ୍ୟ ଅନସ୍ୱୀକାର୍ଯ୍ୟ ଯେ

ଖ୍ରୀଷ୍ଟଧର୍ମର ଅନେକ ନୀତି ଓ ଉପଦେଶ ଉପରେ ବୈଦିକ ବିଚାରର ପ୍ରଭାବ ସୁସ୍ପଷ୍ଟ । ବିଶେଷତଃ ଜଗନ୍ନାଥ ପୀଠ, ଭାରତୀୟ ବୈଦିକ ଓ ଆର୍ଯ୍ୟ ଧର୍ମ ଓ ସଂସ୍କୃତିର ମୂଳାଧାର ଓ ହୃତ୍‌ପିଣ୍ଡ ହୋଇଥିବାରୁ ଜଗନ୍ନାଥ ଧର୍ମ ଓ ବୈଦିକ ଚେତନା ଖ୍ରୀଷ୍ଟଧର୍ମକୁ କୌଣସି ପ୍ରକାର ପ୍ରଭାବିତ କରି ରଖିବା ବିଷୟରେ ସାଧାରଣ ଓ ଅନୁସନ୍ଧିତ୍ସୁ ଗବେଷକଙ୍କ ଦ୍ୱାରା ଅନୁମିତ ହୁଏ । ଯାହାକୁ ବିଶ୍ୱାସ କରିବାର ଅନେକ ବଳିଷ୍ଠ ଯୁକ୍ତି ମଧ୍ୟ ରହିଥିବାର ଦେଖାଯାଏ ।

ବାସ୍ତବରେ ବୈଦିକ ଏକେଶ୍ୱରବାଦ, ଅଦ୍ୱୈତବାଦ ତଥା ବିଶିଷ୍ଟ ଦ୍ୱୈତବାଦର ସୁଦୂରପ୍ରସାରୀ ପ୍ରଭାବ ଯୀଶୁଙ୍କ ଉପଦେଶାବଳୀ ଉପରେ ପ୍ରତିଫଳିତ ହୋଇଥିବାର ଲକ୍ଷ୍ୟ କରାଯାଏ । ସେଣ୍ଟ ଜେନ୍‌ଙ୍କ ଗୋସ୍‌ପେଲ (Gospel) ଅନୁଯାୟୀ "And othersheep I have, which are not of this fold : them also I must bring and they shall hear my voice, and there shall be one fold, and shepherd."

ଯୀଶୁଙ୍କର ଏହି ଉପଦେଶଗୁଡ଼ିକ ଉପରେ ବୈଦିକ ମତବାଦର ପ୍ରଭାବ ଯେ ସୁସ୍ପଷ୍ଟ ଏହା ଉଲ୍ଲେଖ କରିବା ଅନାବଶ୍ୟକ । ଋଗ୍‌ବେଦର ଜଗତ ସୃଷ୍ଟିର ରହସ୍ୟ ସଂପର୍କରେ ଯେଉଁ ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ, ତା'ର ଆଂଶିକ ପ୍ରତିଫଳନ ମଧ୍ୟ ଦେଖିବାକୁ ମିଳେ ବାଇବେଲରେ । ଅବଶ୍ୟ ବେଦର ବର୍ଣ୍ଣନାରେ ଅନେକ ପ୍ରାସଂଗିକତା ଥିବାବେଳେ ବାଇବେଲର ବର୍ଣ୍ଣନା ସେତେଟା ଶକ୍ତିଶାଳୀ ନୁହେଁ ।

ତୈତ୍ତିରୀୟ ଉପନିଷଦ ମତରେ ପରମାତ୍ମା ଇଚ୍ଛାକରି ବହୁ ରୂପରେ ନିଜକୁ ପ୍ରକାଶପୂର୍ବକ ଏହି ସୃଷ୍ଟିର ସର୍ଜନା କଲେ ଏବଂ ସେଥିରେ ଅନୁପ୍ରବିଷ୍ଟ ହେଲେ । ବାଇବେଲ ବର୍ଣ୍ଣନାନୁଯାୟୀ, "So God created man in his own immage the lord had formed man of the dust of the ground and breathed into his nustrils, the breath of life, and man became a living being." Soul (Genesis ch-I)

ଯୀଶୁଙ୍କ ଜୀବନ ବସ୍ତୁତଃ ତ୍ୟାଗ ଉପରେ ପ୍ରତିଷ୍ଠିତ ଯାହା ସାଧାରଣ ମଣିଷଙ୍କୁ ମହାପୁରୁଷ ସ୍ତରଯାଏ ନେଇଯାଏ । ଐଶ୍ୱରିକ ଗୁଣାବଳୀକୁ ସାଧରଣ ମଣିଷ ନିକଟରେ ପହଞ୍ଚାଇବାକୁ ସେ ଜୀବନବ୍ୟାପୀ ସାଧନା କରି ଯାଇଛନ୍ତି ଏବଂ ଶେଷରେ ସେଥିପାଇଁ ନିଜ ଜୀବନୋତ୍ସର୍ଗ କରିଛନ୍ତି ମଧ୍ୟ । ଏ ସମ୍ପର୍କରେ ଆଚାର୍ଯ୍ୟ କେଶବଚନ୍ଦ୍ର ସେନ୍‌ଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ, "The best exeperession of creation, so far as we have been able to trace in sonship, the best menifetation of divinity is divine humanity."

ଏହି ଦୃଷ୍ଟିରୁ ବିଚାର କଲେ ଯୀଶୁ ଈଶ୍ୱରଙ୍କର ଶ୍ରେଷ୍ଠତମ ସନ୍ତାନ ଓ ମାନବାତ୍ମାର ଆଧାତ୍ମିକ ପ୍ରଗତି ଇତିହାସରେ ତାଙ୍କର ଅମୃତ ସ୍ୱାକ୍ଷର ଚିର ଉଜ୍ଜ୍ୱଳ ହୋଇ ରହିଥିବ – ଏଥିରେ ସନ୍ଦେହ ନାହିଁ । ତାଙ୍କର ଆରାଧ୍ୟ ପରମାତ୍ମାକୁ ଅନୁଭବ କରିବା ପାଇଁ ମାନବାତ୍ମାକୁ

ତାଙ୍କର ଯେଉଁ କରୁଣ ଆହ୍ୱାନ, ତାହା ବାଇବେଲରେ ପ୍ରତି ପତ୍ରରେ ଅତି ମାର୍ମିକ ଭାବେ ପ୍ରତିଧ୍ୱନିତ ହୋଇଉଠିଛି ।

ଦମ, ଦାନ, ଦୟା ତିନୋଟି ଶ୍ରେଷ୍ଠ ଐଶ୍ୱରିକଗୁଣ । ଯେଉଁ ମାନବାତ୍ମା ଏହି ତିନୋଟି ସ୍ୱର୍ଗୀୟ ଗୁଣର ଅଧିକାରୀ ସେ ଅନ୍ତରରେ ଈଶ୍ୱରଙ୍କ ସତ୍ତା ଅନୁଭବ କରିବାକୁ ସକ୍ଷମ । ଏହି ତିନୋଟି ସାତ୍ତ୍ୱିକ ଗୁଣର ଅଧିକାରୀ ହେବା ନିମିତ୍ତ ଉପନିଷଦ ଆମକୁ ସର୍ବଦା ଉପଦେଶ ଦେଇ ଆସୁଛି । ସେଥିପାଇଁ କୁହାଯାଏ ସଂଯମ, ଦୟା ଓ ଦାନ ଜୀବନର ସବୁଠାରୁ ବଳି ବଡ଼ ବୈଶିଷ୍ଟ୍ୟ । ବାଇବେଲରେ ଏମିତି ଅନେକ ଉପଦେଶ ଦୃଷ୍ଟିରେ ପଡ଼େ ।

"Jesus said, "Unto him if thou will be perfect, go and sell that thou hast, and give to the poor, and that shall have treasure in heaven, and come and follow me." (St. Mathew - 1)

ବାଇବେଲରେ ଯେଉଁ "The father, the son, the holy ghost" କଥା କୁହାଯାଇଛି ତାହା ବୈଦିକ ଧର୍ମାନୁଭୂତିର ସତ୍, ଚିତ୍, ଆନନ୍ଦ ସ୍ୱରୂପର ନିମନ୍ତେ ମାନବ ତା'ର ଆଚରଣରେ ଶିଶୁ ପରି ସରଳ ଓ ସହଜ ହେବାକୁ ଉପନିଷଦ ନିର୍ଦ୍ଦେଶ ଦେଇଥାଏ ।

ବାଇବେଲରେ କୁହାଯାଇଛି, "And said verily I say up to you. Expect ye be Converted and become as little children, ye shall not enter into the kingdom of heaven."

ତେବେ ବୈଦିକ ଧର୍ମ ଓ ଦର୍ଶନ ସହ ଖ୍ରୀଷ୍ଟଧର୍ମର ନୀତିଗତ ସାମଞ୍ଜସ୍ୟ ସମ୍ପର୍କରେ ଆଲୋଚନା କାଳରେ କିଛି ଗବେଷକ କେତେକ ତଥ୍ୟଭିତ୍ତିରେ ସେ ଭାରତ ଭ୍ରମଣରେ ଆସିଥିବା ମତବାଦକୁ ପୂର୍ଣ୍ଣ ପ୍ରାଣରେ ସ୍ୱୀକାର କରନ୍ତି । ରୁଷର ଜଣେ ପରିବ୍ରାଜକ ତଥା ସୁଲେଖକ ନିକୋଲାସ୍ ନାଟୋଭିଚ୍ (Nicolas Natovitch) ଙ୍କ ରଚିତ ପୁସ୍ତକ "The Mysterious Eighteen years" ରେ ଯୀଶୁ ଭାରତ ସମେତ ଅନ୍ୟାନ୍ୟ ଦେଶ ପରିଭ୍ରମଣ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯୀଶୁଙ୍କ ଜୀବନୀକାରଗଣ ତାଙ୍କ ଜୀବନର ଦ୍ୱାଦଶ ବର୍ଷ ଠାରୁ ଆରମ୍ଭ କରି ତିରିଶ ବର୍ଷ ପର୍ଯ୍ୟନ୍ତ ଘଟଣାବଳୀର କିଛି ମାତ୍ର ସୂଚନା ନଦେବା ବିସ୍ମୟକର ମନେହୁଏ । ତେଣୁ ଏହି ରହସ୍ୟଜନକ ଅଠରବର୍ଷକୁ ନେଇ ନିକୋଲାସଙ୍କ ରଚିତ ପୁସ୍ତକ ଯଥେଷ୍ଟ ଆଲୋକପାତ କରେ । ନିକୋଲାସ ପରିବ୍ରାଜକ ଜୀବନରେ ତିବ୍ଦତର ଗୋଟିଏ ବୌଦ୍ଧ ମଠରୁ ଏକ ପୁରାତନ ପାଣ୍ଡୁଲିପି ପ୍ରାପ୍ତ ହୋଇଥିବା କଥା ନିଜ ଆଲୋଚନାରେ ସ୍ୱୀକାର କରିଛନ୍ତି । ସେହି ପାଣ୍ଡୁଲିପି ହିଁ ତାଙ୍କ ପୁସ୍ତକର ଆଧାର । ୧୯୩୮ ମସିହାରେ ଉକ୍ତ ପାଣ୍ଡୁଲିପିର

ତଥ୍ୟକୁ ପାଥେୟ କରି "Unknown life of Jishus" ନାମକ ଏକ ପୁସ୍ତକ ସର୍ବ ପ୍ରଥମେ ଫରାସୀ ଭାଷାରେ ରଚନା କରିଛନ୍ତି । ଏହି ଗ୍ରନ୍ଥ ଅବଲମ୍ବନରେ ଜଣେ ସୁଲେଖକ ଲଓରେସ ନରମେନ । (Lowris Nerman) ଉଲ୍ଲେଖ କରିଛନ୍ତି, "Jesus reached the country of five rivers and the Rajputana where the worshippers of the God Jain begs him to remain with them. However , he dissapproved of their way and opnions so he left them and went to Jagannath. Where the white priests of Brahma greeted him joyfully there he is said to have learned the read and write the language and to understand and interpret the Vedas".

ଅର୍ଥାତ୍ ପଞ୍ଜାବ - ରାଜପୁତନାରେ ପହଞ୍ଚି ଜୈନ ସନ୍ନ୍ୟାସୀମାନଙ୍କୁ ସାକ୍ଷାତ କଲାପରେ ତାଙ୍କ ଚଳଣି ଓ ମତ ଉପରେ ସନ୍ତୁଷ୍ଟ ନହୋଇ ସେ ଜଗନ୍ନାଥଙ୍କ ନିକଟକୁ, ଯେଉଁଠି ଜଗନ୍ନାଥ ପୂଜକମାନେ ତାଙ୍କୁ ସ୍ୱାଗତ କରିଥିଲେ, ଯାଇ ସେଠାରେ ରହିଲେ ଓ ସେ ଲେଖାପଢ଼ା ଶିଖିବା ସହ ବେଦ ଅଧ୍ୟୟନ କରିଥିଲେ ।

ପୁନଶ୍ଚ ସୁପ୍ରସିଦ୍ଧ ଫରାସୀ ଐତିହାସିକ M.Sylvain Leni ତାଙ୍କର ରଚିତ ପୁସ୍ତକ "The Aquariam Gospael of Jesus, the Christ" ରେ ଉପରୋକ୍ତ ମତକୁ ସଂପୂର୍ଣ୍ଣ ସମର୍ଥନ କରିଥିବାର ଜଣାଯାଏ । ଅର୍ଥାତ୍ ଯୀଶୁଙ୍କ ଭାରତ ଆଗମନକୁ ନିଃସନ୍ଦେହରେ ସମର୍ଥନ କରାଯାଇପାରେ ।

After many days the parents gave consent. They crossed the Sind and the Brahmin Priests with farvour received the Jeswish boy. Jesus was accepted as a pupil in the temple of Jagannath and here he learned the Veda and the manic laws."

Leni ପୁଣି ଲେଖିଛନ୍ତି ପରବର୍ତ୍ତୀକାଳରେ ସେ ବନାରସ ଯାଆନ୍ତି ହିନ୍ଦୁ ପରଂପରାର ଜଣେ ପ୍ରସିଦ୍ଧ ସାଧକ ଉତ୍ତ୍ରକଙ୍କର ଶିଷ୍ୟତ୍ୱ ଗ୍ରହଣ କରନ୍ତି ଏବଂ ଦୀର୍ଘ ଚାରିବର୍ଷ କାଳ ଜଗନ୍ନାଥ ମନ୍ଦିରରେ ଅବସ୍ଥାନ କରନ୍ତି । ଏବଂ "Soon began to teach the Sudars and farmers in parables of the car of Jagannath." ସେ କହିଥିବାର ଜଣାଯାଏ ଯେ ସେ ରଥଟି କୃଷ୍ଣଙ୍କର କିନ୍ତୁ ସେଥିରେ କୌଣସି ବିଗ୍ରହ ନଥିଲା । (This car said to be of Krishna is an empty thing for Krishna is not there)

ଉପରୋକ୍ତ ଦୁଇଟି ପୁସ୍ତକରେ ବର୍ଣ୍ଣିତ ତଥ୍ୟର ଅଧାରରେ ଯୀଶୁ ଭାରତ ଆଗମନ ସମ୍ପର୍କରେ ଅନେକ ସୂଚନା ମିଳେ । ସର୍ବୋପରି ଜଗନ୍ନାଥ ମନ୍ଦିରରେ ତାଙ୍କର ରହଣି ଏବଂ ବିଦ୍ୟାଧ୍ୟୟନ ଆହୁରି କୌତୁହଳପ୍ରଦ ମନେହୁଏ । କୁହାଯାଏ ଏଠାରେ ବେଦଶାସ୍ତ୍ର ଆଦି ଅଧ୍ୟୟନ କଲାପରେ ସେ ଜେରୁଜେଲମ ଫେରିଯାଇ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ ଯାହା ଜଗନ୍ନାଥ ଧର୍ମର ଆଲୋକରେ ଆଲୋକିତ ହୋଇଥିଲା ।

ତେବେ ବୌଦ୍ଧ ଶାସ୍ତ୍ରରେ ସୁପଣ୍ଡିତ, ଭାଷାବିତ୍ ଶରତ ଚନ୍ଦ୍ର ଦାସ ମହାଶୟଙ୍କ ମତରେ ବୌଦ୍ଧଧର୍ମ ମହାଯାନର ପ୍ରଭାବ ପ୍ରାଚ୍ୟରୁ ପାଶ୍ଚାତ୍ୟ ଆଡ଼କୁ ସଂପ୍ରସାରିତ ହୋଇଥିବାରୁ ଏହାର ପ୍ରଭାବ ଖ୍ରୀଷ୍ଟଧର୍ମ ଉପରେ ପଡ଼ିଥିବା ଅଧିକ ସମୀଚିନ । ଏତଦ୍‌ବ୍ୟତୀତ ଅନ୍ୟ କେତେକ ଆଲୋଚକ ଶ୍ରୀକୃଷ୍ଣଙ୍କ ନିଷ୍କାମ, ଗୌତମଙ୍କର ନିର୍ବାଣ ଏବଂ ଯୀଶୁଙ୍କର ତ୍ରାଣ ଏକାର୍ଥବୋଧକ ବୋଲି ବିଚାର କରନ୍ତି । ଯୀଶୁଙ୍କର Ten Commandmentts ଭଗବାନ ବୁଦ୍ଧଙ୍କ ଦଶ ଆଜ୍ଞାରୁ ପରିକଳ୍ପିତ ବୋଲି କେହି କେହି ବି ମତବ୍ୟକ୍ତ କରିଥାନ୍ତି । ପୁଣି ପୌରାଣିକ ତ୍ରିମୂର୍ତ୍ତି, ବୌଦ୍ଧ ତ୍ରିରତ୍ନ ଓ ଖ୍ରୀଷ୍ଟୀୟ ତ୍ରି-ନୀତି (Triniti) ଏକାର୍ଥ ବୋଲି କହିଥାନ୍ତି ।

ତେବେ ଉପରୋକ୍ତ ଆଲୋଚନାକାଳରେ ଅନ୍ୟତମ ଫରାସୀ ଦାର୍ଶନିକ ରେଦାନଙ୍କ ମତ ପ୍ରଣିଧାନଯୋଗ୍ୟ ।

"Whatever may be the unexpected phenomena of the future, Jesus ..... not be surpassed. The tale of his life will cause ceaseless tears, his sufferings will soften the best hearts; all the ages will proclaim that among sons of man there is none born who is greater than Jesus."

***

ଓଡ଼ିଶା ଇତିହାସ ଲେଖନର ପୃଷ୍ଠଭୂମି



ଡକ୍ଟର ସୋମା ଚାନ୍ଦ
ମହେନ୍ଦ୍ର ଭବନ, ଭଦ୍ରକ
ମୋ: ୯୪୩୬୩୮୦୩୬

"ସ୍ୱାଧୀନୋତ୍ତର ଓଡ଼ିଶାର ସ୍ୱାଧୀନ ପରିବେଶରେ ରାଜ୍ୟର ବହୁ ବିଦ୍ୱାନ ଓ ଗବେଷକଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା, ନିଷ୍ଠା ଓ ପ୍ରଯତ୍ନରୁ ଓଡ଼ିଶା ଇତିହାସର ଏକ ତଥ୍ୟନିଷ୍ଠ ପୂର୍ଣ୍ଣାଙ୍ଗ ରୂପରେଖ ଏବେ ଆମ ସାମ୍ନାରେ ପ୍ରତିଭାତ ।"

ଗବେଷଣା ଲବ୍ଧଜ୍ଞାନ ଅନୁସନ୍ଧାନପ୍ରାପ୍ତ ତଥ୍ୟ ଓ ବିଶ୍ଳେଷଣାତ୍ମକ ସମୀକରଣକୁ ଭିତ୍ତି କରି ଇତିହାସ ଲେଖନ ପ୍ରକ୍ରିୟା ଆରମ୍ଭ ହୋଇଛି ନିକଟ ଅତୀତରୁ । ଏହି ଧାରାରେ ଭାରତ ଇତିହାସ ଲେଖନରେ ଇଂରେଜଙ୍କର ଅଗ୍ରଗଣ୍ୟ ପ୍ରଚେଷ୍ଟାକୁ ଉପେକ୍ଷା କରାଯାଇନପାରେ । ପ୍ରଚଳିତ ଧାରଣା ଅନୁସାରେ ଗ୍ରୀକ୍ ବା ଚୀନମାନଙ୍କ ପରି ଭାରତୀୟମାନେ ଇତିହାସ ସଚେତନ ନ ଥିଲେ । କିନ୍ତୁ ଏ ପ୍ରକାର ଧାରଣା ସଂପୂର୍ଣ୍ଣ ଭ୍ରମାତ୍ମକ ଯାହା ସମକାଳୀନ ଉପାଦାନ ବିଶ୍ଳେଷଣରୁ ସୂଚିତ ହୁଏ ।

ଇଂରେଜମାନଙ୍କ ବହୁପୂର୍ବରୁ ଭାରତୀୟ ପ୍ରଜ୍ଞାମାନସରେ ବେଶ ସଚେତନ ଭାବେ ବିରାଜମାନ କରିଥିଲା ଇତିହାସ - ମନସ୍କତା । ଏହି ଇତିହାସ ପ୍ରବଣତା ହିଁ ଥିଲା ସେମାନଙ୍କର ଇତିହାସ କୈନ୍ଦ୍ରିକ ରଚନା ଭିତ୍ତିଭୂମି । ରଗ୍‌ବେଗର ଦାନସ୍ତୁତିଠାରୁ ଆରମ୍ଭ କରି ପୁରାଣର ବଂଶାନୁଚରିତ ବିଭିନ୍ନ ପ୍ରକାର ଗାଥା ସାହିତ୍ୟ, ନାରଂଶସୀ, ରାଜା ବା ନାୟକ କୈନ୍ଦ୍ରିକ ଉପାଖ୍ୟାନ, ଆଖ୍ୟାୟିକା ଓ କଥା - ପ୍ରାଚୀନ ଭାରତୀୟଙ୍କ ଇତିହାସ ସମଚେତନାର ବଳିଷ୍ଠ ପ୍ରତୀକ ଚିତ୍ର ମାତ୍ର ।

ଭାରତୀୟଙ୍କ ଇତିହାସ ସଚେତନାର ଏଇ ପୃଷ୍ଠଭୂମିରେ ଆମେ ଦୃଷ୍ଟିଦେବା ଓଡ଼ିଶା ଇତିହାସ ରଚନା କ୍ଷେତ୍ରକୁ । ପ୍ରାଚୀନ ଓଡ଼ିଶାର ବିସ୍ତୃତ ଇତିହାସ ଲେଖନ ପାଇଁ ଅନେକ କ୍ଷେତ୍ରରେ ଉପାଦାନର ଘୋର ଅଭାବ ଅନ୍ତରାୟ ସୃଷ୍ଟି କରିଛି । ଆମ ପାଖରେ ପୁରାଣ, ଧର୍ମଶାସ୍ତ୍ର ପରି ବିଶେଷ ଧର୍ମୀୟ ସାହିତ୍ୟିକ ଉପାଦାନ ନାହିଁ ଯାହା ଇତିହାସ, ସମାଜ ଓ ସଂସ୍କୃତି ଉପରେ ସାମଗ୍ରିକ ଆଲୋକପାତ କରିବ । ଅବଶ୍ୟ କିଛି କିଛି ଧର୍ମୀୟ ସାହିତ୍ୟ ଯେମିତି ଭାଗବତ, ସ୍କନ୍ଦପୁରାଣ, କପିଳ ସଂହିତାରୁ ଓଡ଼ିଶା ବିଷୟକ ତଥ୍ୟ ମିଳିଥାଏ, ତେବେ ପୂର୍ଣ୍ଣାଙ୍ଗ ଇତିହାସ ଠାରୁ ଏସବୁ ବହୁତ ଦୂରରେ । ଉପଲବ୍ଧ ଅଭିଲେଖ, ମୁଦ୍ରା, ପ୍ରତ୍ନତାତ୍ତ୍ୱିକ ଅବଶେଷ ଅବା ବୈଦେଶିକ ବିବରଣୀରୁ ଓଡ଼ିଶା ଇତିହାସର ସୌଧ କିଛିଟା ନିର୍ମିତ ହେଲେ ବି ଅନେକ ଅଂଶ ଏବେ ସୁଦ୍ଧା ଅସମ୍ପୂର୍ଣ୍ଣ । ତେବେ ସମୟର ଅଗ୍ରଗତିରେ ଅନେକ ଉନ୍ନତି ଘଟିଛି ଅବସ୍ଥାର । ଅନେକ ନୂତନ ତଥ୍ୟ ଲୋକଲୋଚନକୁ ଆସି ପ୍ରାଚୀନ ଓଡ଼ିଶାର ଇତିହାସ ଲେଖନ ପ୍ରକ୍ରିୟାକୁ କରିଛି ପ୍ରସାରିତ ଓ ବିସ୍ତୃତ ।

ମଧ୍ୟଯୁଗୀୟ ଓଡ଼ିଶା ଇତିହାସ ରଚନାର ପରିଧି କିନ୍ତୁ ତୁଳନାତ୍ମକ ଭାବେ ବିସ୍ତାରିତ, ଦ୍ୱାଦଶ ଶତାବ୍ଦୀରେ (୧୧୪୯ ଖ୍ରୀଷ୍ଟାବ୍ଦ) ରାଜକବି କହ୍ଲଣଙ୍କ ରଚିତ କାଶ୍ମୀର ଇତିବୃତ୍ତ 'ରାଜତରଙ୍ଗିଣୀ' ଇତିହାସ ରଚନା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ । ଏହା ପରଠାରୁ ସମୟର ଗତିରେ ବିଭିନ୍ନ ଅଞ୍ଚଳରୁ ରଚିତ ହୋଇଛି ରାଜବଂଶାବଳୀ । ଓଡ଼ିଶା ମଧ୍ୟ ପ୍ରଭାବିତ ହୋଇଛି ଏଇଧାରାରେ । ମଧ୍ୟଯୁଗୀୟ ଓଡ଼ିଶାରେ ଆତ୍ମପ୍ରକାଶ କରିଛି କାଳଜୟୀ କୃତି ଯାହାର ଐତିହାସିକ ମୂଲ୍ୟବୋଧ ପ୍ରଶଂସନୀୟ ।

ଏହି ସମୟରେ ଜଗନ୍ନାଥ ମନ୍ଦିରରେ ମାଦଳାପାଞ୍ଜି ଠାରୁ ଆରମ୍ଭ କରି କଟକ ରାଜବଂଶାବଳୀ, ରାଜକବି ବାସୁଦେବ ରଥ ସୋମାୟାଜୀଙ୍କ ଗଙ୍ଗବଂଶାନୁଚରିତମ୍, କବି ଗଙ୍ଗାଧର ମିଶ୍ରଙ୍କର କୋଶଳାନନ୍ଦ କାବ୍ୟ, ସୂର୍ଯ୍ୟମଣି ଚାଉ ପଟ୍ଟନାୟକଙ୍କ ଭଞ୍ଜବଂଶାବଳୀ, ନୀଳକଣ୍ଠ ମିଶ୍ରଙ୍କର ଭଞ୍ଜ ମହୋଦୟମ୍, ପ୍ରହ୍ଲାଦ ଦୁବେଙ୍କ ଜୟଚନ୍ଦ୍ରିକା ଆଦି ଉପାଦେୟ ଉପାଦାନ ସମକାଳୀନ ଓଡ଼ିଶା ଇତିହାସ ରଚନାରେ ସହାୟତା ପ୍ରଦାନ କରିଥାଏ । ଏହାଛଡ଼ା ଭଞ୍ଜମାଳିକା ଓ ରାୟକୂଳବଂଶାନୁ ଏହି କ୍ରମରେ ଅନ୍ୟ ଦୁଇଟି ଇତିହାସ ସମ୍ବଳିତ ମୂଲ୍ୟବାନ ଗ୍ରନ୍ଥ ଯାହାର ଲେଖକଙ୍କ ବିଷୟରେ ଆମ ପାଖରେ କୌଣସି ତଥ୍ୟ ନାହିଁ ।

ଭାରତର ଅନ୍ୟାନ୍ୟ ଅଞ୍ଚଳର ଇତିହାସ ପରି ଓଡ଼ିଶା ଇତିହାସର ଆବିଷ୍କାର ଓ ପୁନର୍ଲିଖନ ଏକ ନିର୍ଦ୍ଦିଷ୍ଟ ରୂପରେଖ ନେବାକୁ ଆରମ୍ଭ କରେ ଇଂରେଜ ଶାସନକାଳରୁ । ଓଡ଼ିଶା ଇତିହାସ ରଚନାର ପୃଷ୍ଠଭୂମିକୁ ତର୍ଜମା କଲେ ଦେଖାଯାଏ ଯେ ଏହି ସମୟରେ ସ୍ୱାଧୀନତା ସଂଗ୍ରାମ ସହ ଓଡ଼ିଶାବାସୀଙ୍କୁ ଯୁଝିବାକୁ ପଡ଼ିଛି ଭାଷା ସଙ୍କଟ ଓ ସ୍ୱତନ୍ତ୍ର ଓଡ଼ିଆ ପରିଚିତି ପାଇଁ । ୧୯୧୨ ମସିହାରେ ଓଡ଼ିଶା ଅଲଗା ହୁଏ ବଙ୍ଗ ପ୍ରେସିଡ଼େନ୍ସିରୁ କିନ୍ତୁ ଭାଷାଭିତ୍ତିରେ ବିହାର ଠାରୁ ଅଲଗା ହୋଇ ଓଡ଼ିଶା ନିଜର ସ୍ୱାତନ୍ତ୍ର୍ୟ ଲାଭକରେ ୧୯୩୬

ମସିହା ଏପ୍ରିଲ ୧ ତାରିଖରେ । ଏହି ପରିପ୍ରେକ୍ଷୀରେ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ଭାଷା ସଙ୍କଟ ଆନ୍ଦୋଳନରେ ବହୁ ଜାତୀୟତାବାଦୀ ନେତା ଓ ବୁଦ୍ଧିଜୀବୀ ନିଜର ଭାଷାଗତ ଭିତ୍ତିପାଇଁ ଓଡ଼ିଆରେ ଓଡ଼ିଶା ଇତିହାସ ରଚନାର ଆବଶ୍ୟକତା ଅନୁଭବ କରିଥିଲେ ।

ଔପନିବେଶିକ ଲେଖନକାର ଗୋଷ୍ଠୀ

ଅବଶ୍ୟ ଏସବୁ ଘଟଣାର ବହୁପୂର୍ବରୁ ଇଂରେଜମାନେ ଏଇ ମାଟିର ଇତିହାସ ଲେଖନରେ ମାର୍ଗ ପ୍ରଦର୍ଶକର ଭୂମିକା ନେଇଥିଲେ ଯେଉଁମାନଙ୍କୁ କୁହାଯାଏ ଔପନିବେଶକ ଲେଖନକାର ଗୋଷ୍ଠୀ ବା Colonial Listroriographers । ପ୍ରଥମ ଥର କରି ସେମାନେ ଲେଖନ୍ତି ଓଡ଼ିଶାର ଆଂଶିକ ବା ସାମଗ୍ରିକ ଇତିହାସ । ପରବର୍ତ୍ତୀ ସମୟରେ ନୂତନ ତଥ୍ୟ, ନୂତନ ବ୍ୟାଖ୍ୟା ଓ ନୂତନ ଦୃଷ୍ଟିଭଙ୍ଗୀ ସହିତ ଇତିହାସ ଲେଖନୀର ଧାରା ହୋଇଛି ଅଧିକ ବିଜ୍ଞାନସମ୍ମତ ଓ ଶୃଙ୍ଖଳିତ । ପ୍ରଥମ ଗୋଷ୍ଠୀର ଏହି ଔପନିବେଶିକ ଇତିହାସ ଲେଖନୀକାରଙ୍କ ମଧ୍ୟରୁ ଏଶ୍ଟଷ୍ଟାର୍ଲିଂ, ପାଦ୍ରୀ ଆମସ ସଟନ୍, ଏଫ୍. ବି. ଲରି, ଉଇଲିୟମ୍ ଉଇଲସନ୍ ହଣ୍ଟର, ଜର୍ଜ ଟଏନବୀ, ଜନ୍ ବିମସ୍ ଆଦି ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରାଯାଇପାରେ ।

ଭାରତ ସରକାରଙ୍କ ପାର୍ସିଆନ୍ ସେକ୍ରେଟେରୀ ଭାବେ ଅବସ୍ଥାପିତ ଏଶ୍ଟଷ୍ଟାର୍ଲିଂ ୧୮୨୫ ମସିହାରେ Asiatic Researches ପତ୍ରିକାର ୧୫ଶ ଖଣ୍ଡରେ ପ୍ରକାଶ କରନ୍ତି । An Account, Geographical, Statistical and Historical of Orissa Proper or Cuttack ଯାହା ଥିଲା ଓଡ଼ିଶା ଇତିହାସ ଲେଖନପର୍ବର ଶୁଭାରମ୍ଭ ପର୍ଯ୍ୟାୟ । ଏହାର ୧୫ ବର୍ଷପରେ ୧୮୪୦ ମସିହାରେ ଓଡ଼ିଆ ଭାଷାରେ ପ୍ରକାଶିତ ହୁଏ ପ୍ରଥମ ଓଡ଼ିଶା ଇତିହାସ ଗ୍ରନ୍ଥ – 'ଇତିହାସ ସାର ସଂଗ୍ରହକ ଅଥଃ ଓଡ଼ିଶା ଆଦି ବିବରଣ ସଂକ୍ଷେପ । ଲେଖକ ପାଦ୍ରୀ ଆମସ ସଟନ୍ ଯିଏ କି ଓଡ଼ିଶା ସମ୍ବନ୍ଧୀୟ ଅନ୍ୟ ଏକ ପୁସ୍ତକ ପ୍ରକାଶ କରନ୍ତି । ୧୮୫୦ ମସିହାରେ ପ୍ରକାଶିତ ହୁଏ ଉଇଲିୟମ୍ ଏଫ୍. ବି ଲଭିଙ୍କ Orissa, the Garden of Superstition and Idolatry: Including an Account of the British Connection with the Temple of Jagannath ଏହା ପରେ ପରେ ବହୁ ଇଂରେଜ ବୁଦ୍ଧିଜୀବୀ,ପ୍ରାଗତତ୍ତ୍ୱବିଦ୍ ଓ ଗବେଷକ ଏହି ଧାରାରେ ଯୋଗଦେଇ ଏହାକୁ ସମୃଦ୍ଧ କରନ୍ତି । ୧୮୭୨ରେ ଦୁଇଖଣ୍ଡରେ ପ୍ରକାଶ ପାଏ ହଣ୍ଟର ସାହେବଙ୍କ Orissa ଓ ଜର୍ଜ ଟଏନବିଙ୍କର A sketch of Historty of Orissa from 1803 to1828 ।

ଓଡ଼ିଶା ଇତିହାସ ଲେଖନର ଧାରା ଅଧିକ ବଳିଷ୍ଠ ହୁଏ ସାର୍ ଜନ୍ ବିମ୍ସଙ୍କର Notes on History of Orissa under Mohemmadan, Maratha and English Role (୧୮୮୩) More Buddhist Remains from Orissa (୧୮୭୨) ଆଦି ରଚନା ସମୂହ ଦ୍ୱାରା ଯାହା ଓଡ଼ିଶା ଇତିହାସ ରଚନା କ୍ଷେତ୍ରରେ ଆଣିଥିଲା ନୂତନତ୍ୱର

ଭାବଧାରା । ଏହାଛଡ଼ା ୱାଲଟେର ଏଓ୍ୱେରଙ୍କ Correspondence of the settlement of Khoordass in Pooree (୧୮୧୮), ଲେଫ୍‌ଟେନାଣ୍ଟ ମାରଖମ୍ କିଟୋ ଓ ବେଗଲରଙ୍କ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ଦ୍ୱାରା ଲୋକଲୋଚନକୁ ଆସିଛି ବହୁ ଅନାବିଷ୍କୃତ ତଥ୍ୟ ।

ଏହିପରି ଭାବରେ ଊନବିଂଶ ଶତାବ୍ଦୀର ତୃତୀୟ ଦଶକରୁ ଆରମ୍ଭ ହୋଇଛି ଓଡ଼ିଶା ଇତିହାସ ଲେଖନ ପ୍ରକ୍ରିୟା । ଯଦିଓ ଏସବୁ ରଚନାକୁ ଆମେ ତଥ୍ୟନିଷ୍ଠ ଇତିହାସ ବା ନିରପେକ୍ଷ ଇତିହାସ କହିପାରିବା ନାହିଁ, ତଥାପି ଇଂରେଜଙ୍କର ଏହି ଆଦ୍ୟ ଇତିହାସ ଚର୍ଚ୍ଚା ପରମ୍ପରା ପ୍ରଭାବିତ କରିଛି ଭାରତୀୟ ପ୍ରଜ୍ଞାମାନସକୁ ।

ବଙ୍ଗୀୟ ଲେଖନକାର ଗୋଷ୍ଠୀ

ଇଂରେଜମାନଙ୍କ ପ୍ରାରମ୍ଭିକ ପ୍ରୟାସ ପରେ ପରେ ଓଡ଼ିଶା ଇତିହାସ ରଚନା କରିବାକୁ ଆଗେଇ ଆସିଛନ୍ତି ପଡ଼ୋଶୀ ବଙ୍ଗାଳିମାନେ । କିଛି ଇଂରାଜୀ ଭାଷାକୁ ମାଧ୍ୟମ କରିଥିବାବେଳେ କେତେକ ପ୍ରବୃତ୍ତ ହୋଇଛନ୍ତି ବଙ୍ଗଳା ଭାଷାରେ ଓଡ଼ିଶାର ଇତିହାସ ଲେଖିବାକୁ । କେତେକ ଆଂଶିକ ବା ଖଣ୍ଡିତ ଇତିହାସ ଲେଖିଥିବାବେଳେ ଅନ୍ୟ କେତେକ ରଚନା କରିଛନ୍ତି ଓଡ଼ିଶାର ସାମଗ୍ରିକ ଇତିହାସ । ୧୮୪୪ଭବାନୀ ଚରଣ ବନ୍ଦୋପାଧ୍ୟାୟଙ୍କ ରଚିତ 'ପୁରୁଷୋତ୍ତମ ଚନ୍ଦ୍ରିକା : ଶ୍ରୀକ୍ଷେତ୍ର ଧାମେର ବିବରନ' ଅର୍ଥାତ୍ ଶ୍ରୀକ୍ଷେତ୍ର ଧାମର ବିବରଣୀ, ଜଣେ ବଙ୍ଗାଳୀଙ୍କ ଦ୍ୱାରା ଲିଖିତ ପ୍ରଥମ ପୁସ୍ତକ ଓଡ଼ିଶାର ଆଂଶିକ ଇତିହାସ ଉପରେ । ଏହାପରେ ଶଶୀଚନ୍ଦ୍ର ଦତ୍ତଙ୍କର The Republic of Orissa : A Page from the Annals of Twentielth Centuary(୧୮୫୫), ବ୍ରଜକିଶୋର ଘୋଷଙ୍କ A History of Poorice with and Account of Jagannath (୧୮୪୮), ରଙ୍ଗଲାଲ ବନ୍ଦୋପାଧ୍ୟାୟଙ୍କ ଉତ୍କଳ ବର୍ଣ୍ଣନ (୧୮୬୪), ଶିବଚନ୍ଦ୍ର ସୋମଙ୍କର ଉଡ଼ିଷ୍ୟାର ଇତିହାସ (୧୮୬୬), ରାଜେନ୍ଦ୍ରଲାଲ ମିତ୍ରଙ୍କର Antiquities of Orissa, Vol I & II (୧୮୭୫ ଓ ୧୮୮୦) ଆଦି ରଚନାଗୁଡ଼ିକ ଓଡ଼ିଶା ଇତିହାସ ଲେଖନଧାରାରେ ସମୃଦ୍ଧ ସଂଯୋଜନ ।

କେବଳ ଓଡ଼ିଶା ଇତିହାସ ଲେଖନ ପ୍ରକ୍ରିୟାକୁ ଏହି ବଙ୍ଗାଳୀ ଲେଖକଗଣ ସମୃଦ୍ଧ କରିନାହାନ୍ତି, ଅଧିକନ୍ତୁ ସେମାନଙ୍କ ଜଗନ୍ନାଥ ଉକ୍ତି ଓ ଆକର୍ଷଣରୁ ଏଇ ସମୟରେ ଆତ୍ମପ୍ରକାଶ କରିଛି ବହୁ ବଙ୍ଗଳା ଗ୍ରନ୍ଥ ଯାହା ଜଗନ୍ନାଥକୈନ୍ଦ୍ରିକ ଓଡ଼ିଆ ପରିଚିତ ସୃଷ୍ଟି କରି ପ୍ରଶସ୍ତ କରିଛି ଇତିହାସ ରଚନାଧାରାକୁ । ଯାଦବେନ୍ଦ୍ର ଆଢ୍ୟଙ୍କର ନୀଳାଦ୍ରି ମାଧୁରୀ, ସୁନ୍ଦରାବନ ବିଦ୍ୟା ବିନୋଦଙ୍କ ଶ୍ରୀକ୍ଷେତ୍ର ଓ ଉତ୍କଳତୀର୍ଥ, ଗୁରୁଦାସ ସରକାରଙ୍କ ମନ୍ଦିରରେ କଥା (ଚୁନିଲାଲ ବସୁଙ୍କର ନୀଳାଚଳ, ବିଶ୍ୱମ୍ଭର ଦାସଙ୍କର ଜଗନ୍ନାଥ ମଙ୍ଗଳ) ଜେ. ଦାସ ମାହେଶ୍ୱରୀଙ୍କ ଜଗନ୍ନାଥ ମାହାତ୍ମ୍ୟ, ହରିଦାସ ଗୋସ୍ୱାମୀଙ୍କର ମହାପ୍ରଭୁ ନୀଳାଚଳ ଲୀଳା ଆଦି ରଚନାକୁ ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରାଯାଇପାରେ ।

ଓଡ଼ିଆ ଲେଖନକାର ଗୋଷ୍ଠୀ

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ୧୮୭୯ ମସିହା ଅଗଷ୍ଟ ମାସରେ ପ୍ରକାଶ ପାଏ ଏଇ ମାଟିର ପ୍ରାତଃସ୍ମରଣୀୟ ଓଡ଼ିଆ ସନ୍ତାନ ପ୍ୟାରୀମୋହନ ଆଚାର୍ଯ୍ୟଙ୍କର ଓଡ଼ିଆ ଭାଷାରେ ଲିଖିତ 'ଓଡ଼ିଶାର ଇତିହାସ' ଗ୍ରନ୍ଥ । ସମକାଳୀନ ଓଡ଼ିଶାର ବିଦ୍ୟାଳୟ ସମୂହରେ ବିଶେଷ ଭାବରେ ଅନୁଭୂତ ଓଡ଼ିଆ ଇତିହାସ ପାଠ୍ୟପୁସ୍ତକର ଅଭାବ ପୂରଣ ଉଦ୍ଦେଶ୍ୟରେ ଗ୍ରନ୍ଥଟି ଲିଖିତ । ଏହାପରେ ଅନ୍ୟ ଏକ କ୍ଷୁଦ୍ର ସ୍କୁଲ୍ ପାଠ୍ୟପୁସ୍ତକ 'ଉତ୍କଳର ଇତିବୃତ୍ତ' ସଂକଳିତ ହୁଏ ସୀତାନାଥ ରାୟଙ୍କ ଦ୍ୱାରା ।

ପ୍ରାକ୍ ସ୍ୱାଧୀନତା କାଳର ଇତିହାସ ରଚନା

ଓଡ଼ିଶା ଇତିହାସ ଲେଖନ ଧାରାରେ ଏସବୁ ଥିଲା ଊନବିଂଶ ଶତାବ୍ଦୀର ଘଟଣାପ୍ରବାହ । ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଏଇ ଧାରାରେ ହୋଇଛି ଅଧିକ ସଂଯୋଜନ । ଇଂରେଜ, ବଙ୍ଗାଳୀ ଓ ଓଡ଼ିଆ ଲେଖକଙ୍କ ସହିତ ଅନ୍ୟ ଭାରତୀୟମାନେ ମଧ୍ୟ ନିଜକୁ ସାମିଲ କରିଛନ୍ତି ଓଡ଼ିଶା ଇତିହାସ ଲେଖିବାରେ । ସାମଗ୍ରିକ ଭାବରେ ଦେଖିବାକୁ ଗଲେ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେଉଁ ଓଡ଼ିଶା ଇତିହାସ ବିଷୟକ ଗ୍ରନ୍ଥଗୁଡ଼ିକ ରଚନାର ପରିଧିକୁ ଅଧିକ ତଥ୍ୟନିଷ୍ଠ କରିଛି ସେଗୁଡ଼ିକ ହେଲା - ଯତୀନ୍ଦ୍ର ମୋହନ ସିଂହଙ୍କର ଉଡ଼ିଷ୍ୟାର ଚିତ୍ର (୧୯୦୩), ବିଶେଷ ସ୍ୱରୂପଙ୍କ Korank : The Black Pagoda of Orissa (୧୯୧୦) ନଗେନ୍ଦ୍ର ନାଥ ବସୁଙ୍କର Archaeological Remains of Mayurbhanj ଓ The Modern Buddhism and its followers in Odisha (୧୯୧୧), ମନମୋହନ ଗାଙ୍ଗୁଲିଙ୍କର Orissa and her Remains(୧୯୧୨), ବିଜୟ ଚନ୍ଦ୍ର ମଜୁମଦାରଙ୍କ Sonepur and Sambalpur Tract (୧୯୧୧) ଓ Orissa in making (୧୯୨୫), ସତୀନ୍ଦ୍ର ନାରାୟଣ ରାୟଙ୍କ ଉଡ଼ିଷ୍ୟାର କଥା (୧୯୨୮), ବେଣୀ ମାଧବ ବରୁଆଙ୍କର Old Brahmi Inscriptions in Udaygiri and Khandagiri Caves (୧୯୨୯) ଓ Hatigumpha Inscriptions of Kharavela (୧୯୩୮), ରାଖାଲ ଦାସ ବାନାର୍ଜୀଙ୍କର History of Orissa (୧୯୩୦) ନିର୍ମଳ କୁମାର ବସୁଙ୍କର (Canons of Orssan Architecture) (୧୯୩୨) ଇତ୍ୟାଦି ଇତ୍ୟାଦି ।

ଅନ୍ୟପକ୍ଷରେ ଓଡ଼ିଆମାନେ ମଧ୍ୟ ଏଇ ଦିଗରେ ନୈପୁଣ୍ୟ ପ୍ରଦର୍ଶନର କାର୍ପଣ୍ୟ କରିନାହାନ୍ତି । ତାରିଣୀ ଚରଣ ରଥଙ୍କର ଘୁମୁସର ଇତିହାସ (୧୯୧୨) ଶ୍ରୀରାମ ଚନ୍ଦ୍ର ମଲ୍ଲିକଙ୍କର ସଂକ୍ଷିପ୍ତ କୋଶଳ ଇତିହାସ (୧୯୨୭), ଅପ୍ରକାଶିତ ବୃହତ ପାଟଣା ଇତିହାସ ଓ History of Kosala(ଅଭିଲେଖାଗାରରେ ସଂରକ୍ଷିତ) ପରେ ୧୯୨୯ରେ ଯଥାକ୍ରମେ ପ୍ରକାଶ ପାଇଛି ଜଗବନ୍ଧୁ ସିଂହଙ୍କ ପ୍ରାଚୀନ ଉତ୍କଳ ଓ କୃପାସିନ୍ଧୁ ମିଶ୍ରଙ୍କର ଉତ୍କଳର ଇତିହାସ, ଅବଶ୍ୟ ୧୯୧୪ରେ କୃପାସିନ୍ଧୁ ମିଶ୍ରଙ୍କ 'ବାରବାଟୀ ଦୁର୍ଗ' ପ୍ରକାଶିତ ହୋଇଥିଲେ ହେଁ

ତାଙ୍କ 'ଉତ୍କଳର ଇତିହାସ'ରେ ରହିଛି ରାଜ୍ୟର ସାମଗ୍ରିକ ଇତିହାସର ସଂକ୍ଷିପ୍ତ ପ୍ରତିଫଳନ । ଏହି କ୍ରମରେ ପଣ୍ଡିତ ବିନାୟକ ମିଶ୍ରଙ୍କ Dynasties of medieval Orissa(୧୯୩୩) ଓ Orissa under the Bhaskar Kings (୧୯୩୪) ବିରୂପାକ୍ଷ କରଙ୍କ ଉତ୍କଳ ସାହିତ୍ୟ ଓ ସତ୍ୟବାଦୀରେ ପ୍ରକାଶିତ ପ୍ରାଚୀନ ଉତ୍କଳର ଇତିହାସ ନୌବାଣିଜ୍ୟ, ଧର୍ମ ଓ ସଂସ୍କୃତି ସମ୍ବନ୍ଧୀୟ ରଚନା ପ୍ରାକ୍ - ସ୍ୱାଧୀନତା କାଳରେ ଓଡ଼ିଶା ଇତିହାସ ଲେଖନର ମାର୍ଗକୁ କରିଛି ସୁଗମ ଓ ତଥ୍ୟସମୃଦ୍ଧ ।

ସ୍ୱାଧୀନତା ଲାଭର ଠିକ୍ ପରେ ପରେ ପ୍ରକାଶିତ ହୋଇଛି ହରେକୃଷ୍ଣ ମହତାବଙ୍କ ଓଡ଼ିଶାର ଇତିହାସ (୧୯୪୮)ଯାହା ଉନ୍ମୋଚନ କରିଛି ଲେଖନ ଧାରାରେ ଏକ ନୂତନ ଅଧ୍ୟାୟ । ଭାରତଛାଡ଼ ଆନ୍ଦୋଳନ ସମୟରେ ଅହମ୍ମଦନଗର ଦୁର୍ଗ ଜେଲରେ ରାଜନୈତିକ ବନ୍ଦୀ ଥିବା ଅବସ୍ଥାରେ ଏହି ଗ୍ରନ୍ଥ ସେ ରଚନା କରିଥିଲେ ଯାହାର ଇଂରାଜୀ ସଂସ୍କରଣ ପ୍ରକାଶ ପାଏ ୧୯୫୮ ମସିହାରେ । ତାଙ୍କରି ମୁଖ୍ୟ ସମ୍ପାଦନା ଓ ପୃଷ୍ଠପୋଷକତାରେ ୫ଟି ଖଣ୍ଡରେ ପ୍ରକାଶିତ History of Freedom Movement in Orissa ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଦଲିଲ ଯେଉଁଥିରେ ସୁଶୀଲ ଚନ୍ଦ୍ର ଦେ, ଘନଶ୍ୟାମ ଦାସ, ସୁଧାକର ପଟ୍ଟନାୟକ ଓ ପ୍ରଭାତ ମୁଖାର୍ଜୀଙ୍କର ରହିଛି ଅବିସ୍ମରଣୀୟ ଅବଦାନ ।

ସ୍ୱାଧୀନୋତ୍ତର ଓଡ଼ିଶାର ସ୍ୱାଧୀନ ପରିବେଶରେ ରାଜ୍ୟର ବହୁ ବିଦ୍ୱାନ ଓ ଗବେଷକଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା, ନିଷ୍ଠା ଓ ପ୍ରଯତ୍ନରୁ ଓଡ଼ିଶା ଇତିହାସର ଏକ ତଥ୍ୟନିଷ୍ଠ ପୂର୍ଣ୍ଣାଙ୍ଗ ରୂପରେଖ ଏବେ ଆମ ସାମ୍ନାରେ ପ୍ରତିଭାତ । ଏହି ପରିପ୍ରେକ୍ଷୀରେ ପରମାନନ୍ଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କେଦାରନାଥ ମହାପାତ୍ର, ସତ୍ୟନାରାୟଣ ରାଜଗୁରୁ, ସୁଶୀଲ ଚନ୍ଦ୍ର ଦେ, ନବୀନ କୁମାର ସାହୁ, ପ୍ରଭାତ ମୁଖାର୍ଜୀ ଆଦି ମନୀଷୀଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରାଯାଇପାରେ । ଏମାନଙ୍କ ବ୍ୟତୀତ ଆହୁରି ଅନେକ ଗବେଷକ ଓ ଐତିହାସିକଙ୍କ ତଥ୍ୟପୂର୍ଣ୍ଣ ଅବଦାନରେ ଓଡ଼ିଶା ଇତିହାସ ଲେଖନୀର ପୃଷ୍ଠଭୂମି ରଙ୍ଗିମନ୍ତ ।

ରାଜ୍ୟ ସଂଗ୍ରହାଳୟ ଓ ରାଜ୍ୟ ଅଭିଲେଖାଗାରର ମଧ୍ୟ ରହିଛି ଓଡ଼ିଶା ଇତିହାସ ଲେଖନ ପ୍ରକ୍ରିୟାରେ ଯଥେଷ୍ଟ ଭୂମିକା । ଏଠାରେ ସଂରକ୍ଷିତ ଐତିହାସିକ ଉପାଦାନ ହିଁ ତ୍ୱରାନ୍ୱିତ କରିଛି ଲେଖନ ପ୍ରକ୍ରିୟାର ଧାରକୁ । ପୁନଶ୍ଚ ବିହାର ଓଡ଼ିଶା ଗବେଷଣା ପରିଷଦ ପତ୍ରିକା, ମହାକୋଶଳ ଗବେଷଣା ପରିଷଦର ପତ୍ରିକା, Kalinga Historical Research Journal ୧୯୫୧ରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରୁ ପ୍ରକାଶିତ Orissa Historical Research Journal ଆଦି ଅନେକ ଗବେଷଣାଧର୍ମୀ ପତ୍ରିକା ଲୋକଲୋଚନକୁ ଆଣିଛି ଓଡ଼ିଶା ଇତିହାସର ଅନେକ ଅନାଲୋଚିତ ଦିଗକୁ ।

ପ୍ରାରମ୍ଭରୁ ଅଦ୍ୟାବଧି ଓଡ଼ିଶା ଇତିହାସ ଲେଖନୀର ଧାରା ଏକ କାଳଜୟୀ ସ୍ରୋତସ୍ୱିନୀ ପରି ଚିରନ୍ତନ ଗତିରେ ବହି ଚାଲିଛି । ବହୁ ବରେଣ୍ୟ ଐତିହାସିକ ତଥା

ଏକନିଷ୍ଠ ଗବେଷକଙ୍କ ଉଚ୍ଚକୋଟୀର ତଥ୍ୟ ପ୍ରଜ୍ଞାତ୍ମକ ବିଶ୍ଳେଷଣ ଓ ମୁକ୍ତ ମନନ ଦ୍ୱାରା ସେମାନେ ଏହି ଇତିହାସର ପରିଧିକୁ କରିଛନ୍ତି ବ୍ୟାପ୍ତ ଓ ବିସ୍ତୃତ । ନୂଆ ନୂଆ ମୌଳିକ ଉପାଦାନ ଆବିଷ୍କାର କରି ଭିନ୍ନ ଦୃଷ୍ଟିକୋଣରୁ ତାତ୍ତ୍ୱିକ ଅନୁଶୀଳନ ମାଧ୍ୟମରେ ଇତିହାସ ରଚନା ଶୈଳୀରେ ଯୋଗ କରିଛନ୍ତି ନବ ନବ ପରିବର୍ତ୍ତିତ ଭାବଧାରା ।

ଏକବିଂଶ ଶତାବ୍ଦୀରେ ଇତିହାସ ତେଣୁ ପାଠ୍ୟପୁସ୍ତକ ଭିତରେ ସୀମିତ ନ ରହି ଜନାଭିମୁଖୀ ହୋଇପାରିଛି । ନିଜ ରାଜ୍ୟ ଓ ରାଜ୍ୟ ଅଧିବାସୀଙ୍କ ଇତିହାସ ଜାଣିବା ପାଇଁ ବୃଦ୍ଧି ପାଇଛି ଉତ୍ସାହ ଓ ଆଗ୍ରହ ।

ଏହି ପ୍ରସଙ୍ଗରେ ଜଗଦୀଶ ନାରାୟଣ ସରକାରଙ୍କ ଉକ୍ତିକୁ ଉଦ୍ଧୃତ କରାଯାଇପାରେ ।

"ଇତିହାସର ରହିଛି ଦୁଇଟି ଦୃଷ୍ଟିକୋଣ । ଏହା ଉଭୟ ବିଜ୍ଞାନ ଓ କଳାରେ ଅନ୍ତର୍ଭୁକ୍ତ । ତେଣୁ ଐତିହାସିକ ହେଉଛି ଉଭୟ ବୈଜ୍ଞାନିକ ଓ ଶିଳ୍ପୀ । ବିଜ୍ଞାନ ରୂପରେ ଇତିହାସ ଅତ୍ୟଧିକ ନିରପେକ୍ଷ । ସତ୍ୟସ୍ଥାପନା ପାଇଁ ଏହା ମୌଳିକ ତଥ୍ୟ ସଂଗ୍ରହ କରି ମିଥ୍ୟାକୁ ଅପସାରିତ କରେ । ସଂକ୍ଷେପରେ କହିବାକୁ ଗଲେ ଏହାର ପଦ୍ଧତି ବିଜ୍ଞାନ ସମ୍ମତ ଓ ଉପସ୍ଥାପନା କଳାସମ୍ମତ ।"

ଅତ୍ୟନ୍ତ ଆନନ୍ଦର କଥା, ବର୍ତ୍ତମାନ ଓଡ଼ିଶା ଇତିହାସ ଲେଖନର ପ୍ରଣାଳୀ ଏଇ ଧାରାର ବିପରୀତ ନୁହେଁ । ଏହି ସମ୍ବନ୍ଧରେ ଲେଖିକାଙ୍କର ନିଜସ୍ୱ ଅନ୍ୟାନ୍ୟ ତଥ୍ୟସୂଚୀ ।

୧. ସୋମା ଚାନ୍ଦ (ସମ୍ପାଦନା ଓ ଅନୁବାଦ), ଭିନ୍ନ ଦୃଷ୍ଟିରେ ଓଡ଼ିଶା, ପ୍ରଫୁଲ୍ଲ, ଜଗତସିଂହପୁର, ୨୦୧୭ ।

1. Udishyar Itihas : A Historiographical overview in the proceedings of Odisha History Congrass, 2015.
2. The Republic of Odisha : A Subalteron Approach of Reconstructing Oriya Identity in Journal of Odisha History of XXXVIII, 2014.

***

ଲୋକକଥାରେ ଶ୍ରୀଜଗନ୍ନାଥ



ଅଭୟ ଦ୍ୱିବେଦୀ

ଭଦ୍ରାଣୀ,

ସାଳନ୍ଦୀ ନଗର, ଭଦ୍ରକ-୭୫୬୧୦୦

ସେଲ୍-୯୪୩୭୧୯୧୩୫୦

"ଭକ୍ତିର ସମୁଜ୍ଜଳ ମହିମା ଶାସ୍ତ୍ର ଓ ପୁରାଣରେ ପ୍ରକୀର୍ତ୍ତିତ । କିନ୍ତୁ ଭକ୍ତର ବିସ୍ମୟକର ଜୀବନର ବହୁ ରହସ୍ୟ ଅଧିକ ଭାବରେ ଲୋକକଥା ଓ ଆଖ୍ୟାୟିକାରେ ରୂପ ପାଇଛି ।"

ଆମ ଶାସ୍ତ୍ର ଓ ପୁରାଣରେ ପବିତ୍ର ଚାରିଧାମର ବିସ୍ତୃତ ବର୍ଣ୍ଣନା ରହିଛି : ବଦ୍ରିନାଥ,ଦ୍ୱାରକା,ରାମେଶ୍ୱରମ୍ ଏବଂ ପୁରୀ । ବଦ୍ରିନାଥରେ ଭଗବାନ ବିଷ୍ଣୁ, ଦ୍ୱାରକାରେ ଭଗବାନ ଶ୍ରୀକୃଷ୍ଣ ଏବଂ ରାମେଶ୍ୱରମ୍‌ରେ ଭଗବାନ ଶିବ ପୂଜା ପାଉଥିବାବେଳେ ପୁରୀର ଆରାଧ୍ୟ ହେଉଛନ୍ତି ଶ୍ରୀଜଗନ୍ନାଥ । ପ୍ରତିଟି ଧାମର ଇଷ୍ଟଙ୍କୁ କେନ୍ଦ୍ର କରି ଅନେକ ଲୋକକଥା ଓ କିଂବଦନ୍ତୀ ରହିଛି । ଥରେ ଭଗବାନ ବିଷ୍ଣୁ ବଦ୍ରିନାଥର ପ୍ରାକୃତିକ ଶୋଭାରେ ବିମୋହିତ ହୋଇ ସେଠାରେ ଅବସ୍ଥାନ କରିବା ପାଇଁ ଇଚ୍ଛା ପ୍ରକଟ କରିଥିଲେ । ପ୍ରଭୁଙ୍କୁ ପାର୍ବତ୍ୟ ଇଲାକାର କଠୋର ଜଳବାୟୁରୁ ରକ୍ଷା କରିବା ପାଇଁ ମାତା ଲକ୍ଷ୍ମୀ ସେଠାରେ ବେରୀ(ବଦ୍ରି) ବୃକ୍ଷ ରୂପରେ ଆବିର୍ଭାବ ହେଲେ । ଫଳରେ ଭଗବାନ ବିଷ୍ଣୁ ସେଠାରେ ବଦ୍ରିନାଥ ନାମରେ ଅଭିହିତ ହୋଇ ଭକ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ଏବଂ ତାଙ୍କରି ନାମ ଅନୁସାରେ ସେ ସମଗ୍ର ଇଲାକା ବଦ୍ରିନାଥ ନାମରେ ପରିଚିତ

ହେଲା । ଆଉ ଏକ ପୌରାଣିକ ମତ ହେଉଛି - ଭଗବାନ ବିଷ୍ଣୁ ଧ୍ୟାନରେ ବସିଥିବାବେଳେ ଥରେ ଦେବତା ଓ ଦାନବ ଉଭୟ ପ୍ରଭୁଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଅମରତ୍ୱ ପ୍ରାପ୍ତି ପାଇଁ ସମୁଦ୍ର ମନ୍ଥନରୁ ଅମୃତ କୃପାଭିକ୍ଷା କରିଥିଲେ । ଭଗବାନଙ୍କ ପକ୍ଷେ ଏ ଅନୁରୋଧ ଏଡାଇବା ସମ୍ଭବ ହେଲା ନାହିଁ । କିନ୍ତୁ ତାଙ୍କର ସର୍ତ୍ତ ଥିଲା - ସମୁଦ୍ରରୁ ନିର୍ଗତ ପ୍ରଥମ ବିନ୍ଦୁ ସେ ପାନ କରିବେ । ସମୁଦ୍ର ମନ୍ଥନରୁ ପ୍ରଥମେ ବିଷ ଉଦ୍‌ଗୀରଣ ହେଲା । ଭଗବାନ ଜାଣିଥିଲେ ବିଷ ପାନ ପରେ ସମଗ୍ର ସୃଷ୍ଟି ଧ୍ୱଂସ ପାଇଯିବ । ତେଣୁ ସୃଷ୍ଟିର ରକ୍ଷା ନିମନ୍ତେ ତାଙ୍କର ସର୍ତ୍ତ ଉଦ୍ଦିଷ୍ଟ ଥିଲା । ସେହି ବିଷର ପ୍ରଭାବକୁ ପ୍ରତିହତ କରିବା ନିମନ୍ତେ ସେ ହଜାର ହଜାର ବର୍ଷ ଧରି ଏକ ପାର୍ବତ୍ୟ ଅଞ୍ଚଳରେ ବେରି(ବଦ୍ରି)ବୃକ୍ଷ ରୂପରେ ଧ୍ୟାନରେ ବସିଥିଲେ । କ୍ରମଶଃ ସେ ଅଞ୍ଚଳ ବଦ୍ରି-ବିଶାଳ ନାମରେ ଅଭିହିତ ହୋଇ ପରେ ବଦ୍ରିନାଥରେ ରୂପାନ୍ତରିତ ହୋଇଗଲା । ଆଦିଗୁରୁ ଶଙ୍କରାଚାର୍ଯ୍ୟ ଅଷ୍ଟମ ଶତାବ୍ଦୀରେ ବଦ୍ରିନାଥ ମନ୍ଦିର ନିର୍ମାଣ କରିଥିଲେ ।

ଭଗବାନ ଶ୍ରୀକୃଷ୍ଣ ଶତ୍ରୁ କବଳରୁ ଯାଦବମାନଙ୍କ ସୁରକ୍ଷା ନିମନ୍ତେ ମଥୁରାରୁ ରାଜଧାନୀ ଦ୍ୱାରକାକୁ ସ୍ଥାନାନ୍ତରିତ କରିଥିଲେ । ଦ୍ୱାରକା ନଗରୀ ପ୍ରତିଷ୍ଠା ପୃଷ୍ଠଭୂମିର କାହାଣୀ ଏହିଭଳି : ଶ୍ରୀକୃଷ୍ଣ ମଥୁରାରେ କଂସଙ୍କୁ ନିହତ କରିବା ପରେ, କଂସଙ୍କ ପିତା ଉଗ୍ରସେନଙ୍କୁ ଜେଲରୁ ମୁକ୍ତ କରି ତାଙ୍କୁ ମଥୁରାର ସିଂହାସନରେ ବସାଇଲେ । ଶ୍ରୀକୃଷ୍ଣ ନିଜେ ରାଜା ନ ଥିଲେ ମଧ୍ୟ ମଥୁରାର ଶାସନ ବ୍ୟବସ୍ଥା ତାଙ୍କରି ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା । କଂସଙ୍କ ନିଧନ ପରେ ତାଙ୍କ ଦୁଇ ପତ୍ନୀ ଅସ୍ତି ଓ ପ୍ରାପ୍ତି ପିତା ଜରାସନ୍ଧଙ୍କ ସମ୍ମୁଖରେ କାନ୍ଦ କାନ୍ଦ ହୋଇ ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣାଇ ଶ୍ରୀକୃଷ୍ଣଙ୍କୁ ଦଣ୍ଡ ଦେବା ପାଇଁ ନିବେଦନ କରିଥିଲେ । ନିଜ ବିଧବା କନ୍ୟାଙ୍କ ଦୁଃଖରେ ବିଗଳିତ ହୋଇ ପରାକ୍ରମଶାଳୀ ଦାନବ ସମ୍ରାଟ ଜରାସନ୍ଧ, କୁରୁକ୍ଷେତ୍ର ମହାସମରରେ କୌରବ ପାଣ୍ଡବ ଦୁଇ ପକ୍ଷଙ୍କର ମିଳିତ ସେନା ଠାରୁ ଆହୁରି ଅଧିକ ସେନା ନେଇ ମଥୁରା ନଗର ଉପରେ ଆକ୍ରମଣ କଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ସେନା ଅକ୍ଲେଶରେ ସମସ୍ତ ଦାନବ ସେନାଙ୍କୁ ନିହତ କରିଦେଲେ । ଏହାର କିଛି କାଳ ପରେ ଜରାସନ୍ଧ ପୁନଶ୍ଚ ସମସ୍ତ ଦାନବଙ୍କୁ ଏକତ୍ର କରି ଆହୁରି ବିରାଟ ସେନା ନେଇ ମଥୁରା ଆକ୍ରମଣ କଲେ । ଏଥର ମଧ୍ୟ ସମସ୍ତ ଦାନବ ସେନା ନିହତ ହେଲେ । ଜରାସନ୍ଧ ପୁନଶ୍ଚ ଅବଶିଷ୍ଟ ଦାନବମାନଙ୍କୁ ଏକତ୍ର କରି ମଥୁରା ଆକ୍ରମଣ କଲେ ଏବଂ ଦାନବମାନେ ନିହତ ହେବା ପରେ ରଣକ୍ଷେତ୍ରରୁ ପଳାୟନ କଲେ । ଜରାସନ୍ଧଙ୍କୁ ମୁକ୍ତ ଛାଡିବାର ଶ୍ରୀକୃଷ୍ଣଙ୍କର ଉଦ୍ଦେଶ୍ୟ ଥିଲା - ସେ ଦାନବମାନଙ୍କୁ ଏକତ୍ର କରୁଥିବେ ଏବଂ ଶ୍ରୀକୃଷ୍ଣ

ସେମାନଙ୍କୁ ଅକ୍ଲେଶରେ ନିହତ କରିପାରିବେ । ମଥୁରା ନଗରୀରେ ବାରମ୍ବାର ଯୁଦ୍ଧର ବିଭୀଷିକା ତାଣ୍ଡବ ସୃଷ୍ଟି କରୁଥିବାରୁ ପ୍ରଜାମାନେ ଶାନ୍ତିରେ ବସବାସ କରି ପାରୁ ନ ଥିଲେ ଏବଂ ସାମଗ୍ରୀକ ଭାବେ ରାଜ୍ୟର ସମୃଦ୍ଧି ପରାହତ ହେଉଥିଲା । ଏହି ଦୃଷ୍ଟିରୁ ଭଗବାନ ଶ୍ରୀକୃଷ୍ଣ ରାଜଧାନୀ ମଥୁରାରୁ ସମୁଦ୍ର ମଧ୍ୟରେ ଦ୍ୱାରକାକୁ ସ୍ଥାନାନ୍ତରିତ କରିଥିଲେ ।

ରାବଣର ନିଧନ ନିମନ୍ତେ ଲଙ୍କା ଆକ୍ରମଣ କରିବା ପୂର୍ବରୁ ଏବଂ ଅନ୍ୟ ଏକ ଆଖ୍ୟାୟିକା ଆଧାରରେ ଯୁଦ୍ଧ ପରେ ସମସ୍ତ ପାପକ୍ଷୟ ନିମନ୍ତେ ଶ୍ରୀରାମଚନ୍ଦ୍ର ସମୁଦ୍ର ତଟରେ ଶିବଲିଙ୍ଗ ପ୍ରତିଷ୍ଠା କରି ଭଗବାନ ଶିବଙ୍କର ଆରାଧନା କରିଥିଲେ । ଯେଉଁ ସ୍ଥାନରେ ଶ୍ରୀରାମଚନ୍ଦ୍ର ଶିବଲିଙ୍ଗ ପ୍ରତିଷ୍ଠା କରିଥିଲେ, ଆଜି ତାହା ରାମେଶ୍ୱରମ୍ ନାମରେ ଅଭିହିତ । ରାବଣ ଥିଲେ ଭଗବାନ ଶିବଙ୍କର ପରମ ଭକ୍ତ । ତାଙ୍କରି ବରଦାନ ବଳରେ ସେ ଥିଲେ ପରାକ୍ରମଶାଳୀ । ତେଣୁ ଲଙ୍କା ପ୍ରବେଶ କରିବା ପୂର୍ବରୁ ଶ୍ରୀରାମଚନ୍ଦ୍ର ବାଲିରେ ଶିବଲିଙ୍ଗ ନିର୍ମାଣ କରି ଶିବଙ୍କର ଆରାଧନାପୂର୍ବକ ଯୁଦ୍ଧରେ ଜୟଲାଭ କରିବା ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ । ଶିବଙ୍କ କୃପାରୁ ସେହି ବାଲି ଲିଙ୍ଗ କ୍ରମଶଃ ଶିଳାରେ ପରିଣତ ହୋଇଗଲା । ଆଉ ଏକ ଆଖ୍ୟାୟିକା ହେଉଛି : ଲଙ୍କା ବିଜୟ ପରେ ସୀତା ଏବଂ ଲକ୍ଷ୍ମଣଙ୍କୁ ସାଥିରେ ନେଇ ଶ୍ରୀରାମଚନ୍ଦ୍ର ଲଙ୍କାରୁ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ, ସମୁଦ୍ର ତଟରେ ଭଗବାନ ଶିବଙ୍କୁ ଆରାଧନା କରିବା ପାଇଁ ମାତା ସୀତା ଆଗ୍ରହ ପ୍ରକାଶ କରିଥିଲେ । ଶ୍ରୀରାମଚନ୍ଦ୍ର ମଧ୍ୟ ଯୁଦ୍ଧଜନିତ ପାପ କ୍ଷୟ ନିମନ୍ତେ ଶିବଙ୍କ ପୂଜା ନିମନ୍ତେ ସମ୍ମତି ପ୍ରଦାନ କରିଥିଲେ । ତେଣୁ ଶିବଲିଙ୍ଗ ଆଣିବା ନିମନ୍ତେ ଭକ୍ତ ହନୁମାନଙ୍କୁ କାଶୀ (ଅନ୍ୟ ଏକ ମତରେ କୈଳାଶ ପର୍ବତ) ପଠାଗଲା । କିନ୍ତୁ ତାଙ୍କ ଆସିବାରେ ବିଳମ୍ବ ହେବାରୁ ଶ୍ରୀରାମଚନ୍ଦ୍ର ବାଲିରେ ଶିବଲିଙ୍ଗ ନିର୍ମାଣ କରି ପୂଜା ଆରାଧନା ଆରମ୍ଭ କରିଦେଲେ । ହନୁମାନ ଶିବଲିଙ୍ଗ ସାଥିରେ ଧରି ଫେରିବା ପରେ ପ୍ରଭୋ ଶ୍ରୀରାମଚନ୍ଦ୍ରଙ୍କୁ ବାଲିରେ ନିର୍ମିତ ଶିବଲିଙ୍ଗ ଆରାଧନା କରୁଥିବାର ଦେଖି ଉତ୍କ୍ଷିପ୍ତ ହୋଇ ଭାବିଲେ ତାଙ୍କର ସବୁ ଶ୍ରମ ବ୍ୟର୍ଥ ହେଲା । କ୍ରୋଧିତ ହନୁମାନ ବାଲି ଶିବଲିଙ୍ଗକୁ ଭାଙ୍ଗି ଦେବା ପାଇଁ ନିଜର ଲାଞ୍ଜ ବୁଲାଇ ଦେଲେ । କିନ୍ତୁ ସେହି ବାଲିମୂର୍ତ୍ତିରେ ଶିବ ପ୍ରତିଷ୍ଠା ହୋଇ ସାରିଥିଲେ । ଫଳରେ ହନୁମାନ ଶକ୍ତ ଧକ୍କା ଖାଇ ବହୁ ଦୂରରେ ଛିଟିକି ପଡିଲେ । ହନୁମାନଙ୍କର ଦୁର୍ଦ୍ଦଶା ଦେଖି ଶ୍ରୀରାମଚନ୍ଦ୍ରଙ୍କୁ ଦୟା ଆସିଲା । ସେ ହନୁମାନଙ୍କୁ ଶାନ୍ତ କରିବା ପାଇଁ ତାଙ୍କ ସର୍ବାଙ୍ଗରେ ଘିଅ ଓ ସିନ୍ଦୂର ବୋଳିଥିଲେ ଏବଂ ସେହି ସମୟରୁ ହନୁମାନ ବିଗ୍ରହରେ

ଘିଅ ସିନ୍ଦୂର ବୋଳିବା ପରଂପରା ଆରମ୍ଭ ହେଲା । ଏଥି ସହିତ ଶ୍ରୀରାମଚନ୍ଦ୍ର ହନୁମାନ ଆଣିଥିବା ବିଗ୍ରହ ମଧ୍ୟ ଆରାଧନା କରିଥିଲେ । ଆଜି ମଧ୍ୟ ଶ୍ରୀରାମେଶ୍ୱରମ୍ ମନ୍ଦିରରେ ଦୁଇ ଲିଙ୍ଗ ଆରାଧନାର ପରଂପରା ରହିଛି । ପ୍ରଥମେ ହନୁମାନ ଆଣିଥିବା ବିଶ୍ୱଲିଙ୍ଗମ ଦର୍ଶନ ପରେ ଭକ୍ତମାନେ ରାମଲିଙ୍ଗମ ଦର୍ଶନ କରିଥାନ୍ତି ।

ଉପରୋକ୍ତ ତିନୋଟି ପବିତ୍ର ଧାମର ଉପାସ୍ୟ ଦେବତାଙ୍କର ନିର୍ଦ୍ଦିଷ୍ଟ ସ୍ୱରୂପ ରହିଛି : ବିଷ୍ଣୁ, ଶ୍ରୀକୃଷ୍ଣ ଏବଂ ଶିବ । କିନ୍ତୁ ପୁରୀ ଧାମର ଇଷ୍ଟ ଶ୍ରୀଜଗନ୍ନାଥଙ୍କୁ ନେଇ ବିଭିନ୍ନ କିଂବଦନ୍ତୀ, ଆଖ୍ୟାୟିକା ପ୍ରଚଳିତ । କେହି ତାଙ୍କୁ ଜନଜାତି ସଂପ୍ରଦାୟର ଆରାଧ୍ୟ ଭାବେ ବିବେଚନା କରନ୍ତି ତ, କେହି ଜୈନ ଧର୍ମର ଏବଂ ଆଉ କେହି ବୁଦ୍ଧଙ୍କର ଅବତାର ଭାବେ ଆରାଧନା କରନ୍ତି । ଏପରିକି ତନ୍ତ୍ର ସାଧକମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଇଷ୍ଟ ଭାବେ ଗ୍ରହଣ କରିଛନ୍ତି । ଆଉ କେହି ବିବେଚନା କରିଛନ୍ତି ସେ ଶୂନ୍ୟବାଦ ରହସ୍ୟମୟସ୍ଥିତିର ପ୍ରତିନିଧିତ୍ୱ କରିଛନ୍ତି । ବୈଷ୍ଣବମାନେ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ଆରାଧ୍ୟ ଭାବେ ଉପାସନା କରନ୍ତି । ଏହି କ୍ରମରେ ରଥଯାତ୍ରା ପ୍ରସଙ୍ଗରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଗୋଟିଏ କବିତା ସ୍ମରଣକୁ ଆସିଯାଏ :

ରଥଯାତ୍ରା ଲୋକାରଣ୍ୟ ମହାଧୂମ୍‌ଧାମ୍ ,
ଭକ୍ତର ଲୁଟିଏ ପଥେ କୋରିଚେ ପ୍ରଣାମ ।
ରଥ ଭାବେ ଆମି ଦେବ, ପଥ ଭାବେ ଆମି,
ମୂର୍ତ୍ତି ଭାବେ ଆମି ଦେବ, ହସେ ଅନ୍ତର୍ଯ୍ୟାମୀ ।

ରଥଯାତ୍ରା ସମୟରେ ବିଭିନ୍ନ ସଂପ୍ରଦାୟର ଭିନ୍ନ ଭିନ୍ନ ମତାବଲମ୍ବୀ ଶ୍ରୀଜଗନ୍ନାଥଙ୍କର ଦର୍ଶନ ନିମନ୍ତେ ବ୍ୟାକୁଳ ହୋଇ ଉଠନ୍ତି, କାହିଁକି ? ସେ କାହାର ? ଏହାର ଉତ୍ତର ସରଳ ଭାଷାରେ କୁହାଯାଇପାରେ - ସେ ସମସ୍ତଙ୍କର, ସେ ସାରାଜଗତର । ତାଙ୍କ ଭକ୍ତଙ୍କ ମଧ୍ୟରେ କିଛି ଭେଦଭାବ ନାହିଁ । ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ସମସ୍ତ ଭକ୍ତଙ୍କ ପାଇଁ ନିଜସ୍ୱ ସାଧନାର ଆଧାରରେ ଜୀବନ୍ତ ଅନୁଭୂତି ହୋଇ ରହିଛନ୍ତି । ତାଙ୍କ କରୁଣାରୁ କେହି ବଞ୍ଚିତ ନୁହନ୍ତି ।

ଥରେ ଗୋସ୍ୱାମୀ ତୁଳସୀ ଦାସ ଶୁଣିବାକୁ ପାଇଲେ ଶ୍ରୀଜଗନ୍ନାଥ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅବତାର । ବିଷ୍ଣୁ ଯେହେତୁ ଶ୍ରୀରାମଚନ୍ଦ୍ର ରୂପରେ ଜନ୍ମଗ୍ରହଣ କରିଥିଲେ, ତାଙ୍କର ପ୍ରତ୍ୟୟ ହେଲା ଶ୍ରୀଜଗନ୍ନାଥ ହେଉଛି ଶ୍ରୀରାମଚନ୍ଦ୍ରଙ୍କର ସ୍ୱରୂପ । କହିବା ବାହୁଲ୍ୟ, ସନ୍ଥ ତୁଳସୀ ଦାସ ଥିଲେ ପ୍ରଭୁ ଶ୍ରୀରାମଙ୍କର ଏକାନ୍ତ ଅନୁଗତ । ତେଣୁ ସେ ଅତି ଶ୍ରଦ୍ଧା ଓ ଆଗ୍ରହର ସହିତ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀରେ

ପହଞ୍ଚିଲେ । କିନ୍ତୁ ଦୀର୍ଘକାଳ ଜଗନ୍ନାଥଙ୍କ ବିଗ୍ରହ ପରେ ମଧ୍ୟ ତାଙ୍କର ସାମାନ୍ୟତମ ପ୍ରତ୍ୟୟ ହେଲା ନାହିଁ – ଏ ହେଉଛନ୍ତି ଶ୍ରୀରାମଚନ୍ଦ୍ର । ତେଣୁ ସେ ମନଦୁଃଖରେ ବାଇଶ ପାହାଚ ଦେଇ ଫେରୁଥିବାବେଳେ, ଗୋଟିଏ ମାଙ୍କଡ ତାଙ୍କ ଦେହରୁ ଚାଦର ଟାଣି ନେଲା । ସନ୍ଧ୍ୟା ସମୟ । ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ମିଳିଲା ନାହିଁ, ପୁନଶ୍ଚ ଏ ମାଙ୍କଡର ପ୍ରାଦୁର୍ଭାବ – ସନ୍ଥ ଗୋସ୍ୱାମୀ ବିବ୍ରତ ହୋଇ ପଡିଲେ । ସେହି ସମୟରେ ଦିବ୍ୟ ଆଲୋକରେ ଜାଜୁଲ୍ୟମାନ ଜଣେ ବ୍ୟକ୍ତି ସେଠାରେ ପହଞ୍ଚି ମାଙ୍କଡକୁ ଆଗନ୍ତୁକଙ୍କର ଚାଦର ଫେରାଇ ଦେବା ପାଇଁ ଅନୁରୋଧ କଲେ । ଆଶ୍ଚର୍ଯ୍ୟର କଥା, ମାଙ୍କଡ ତୁରନ୍ତ ତାହା ପାଳନ କରିଥିଲେ । ଏଥିରେ ତୁଳସୀ ଗୋସ୍ୱାମୀ ସ୍ତମ୍ଭୀଭୂତ ହୋଇଗଲେ ।

ସେହି ରାତିରେ ସନ୍ଥ ତୁଳସୀ ଦାସ ସ୍ୱପ୍ନରେ ଶ୍ରୀରାମଚନ୍ଦ୍ରଙ୍କ ସ୍ୱର ଶୁଣିଲେ – ‘ ମୋତେ ଚିହ୍ନିବାରେ ତୁମେ କେମିତି ବିଫଳ ହେଲ ? ମୁଁ ସେଇଥିପାଇଁ ହନୁମାନ ଏବଂ ବିଭୀଷଣଙ୍କୁ ପଠାଇଲି ।’ ସନ୍ଥ ଗୋସ୍ୱାମୀଙ୍କର ପରତେ ଆସିଲା – ଯେଉଁ ମାଙ୍କଡ ତାଙ୍କ ଚାଦର ଛଡେଇ ନେଇଥିଲା ସେ ପରମଭକ୍ତ ହନୁମାନଙ୍କ ବିନା ଆଉ କେହି ନୁହନ୍ତି ଏବଂ ଦିବ୍ୟ ଆଲୋକରେ ବିଭୂଷିତ ବ୍ୟକ୍ତି ହେଉଛନ୍ତି ସ୍ୱୟଂ ବିଭୀଷଣ । ଲୋକ ମୁହଁରେ କଥା ରହିଛି – ପ୍ରତିଦିନ ରାତିରେ ହନୁମାନ ଏବଂ ବିଭୀଷଣ ଜଗନ୍ନାଥ ମନ୍ଦିର ଦର୍ଶନ କରନ୍ତି । ପରଦିନ ସନ୍ଥ ଗୋସ୍ୱାମୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ବିଗ୍ରହରେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଦର୍ଶନ କରିଥିଲେ ।

ଭକ୍ତ ଓ ଭଗବାନଙ୍କ ସଂପର୍କ ଏକାନ୍ତ ବ୍ୟକ୍ତିଗତ । ଭକ୍ତର ଯନ୍ତ୍ରଣା ଦୂର କରିବା ପାଇଁ ପ୍ରଭୋ ଶ୍ରୀ ଜଗନ୍ନାଥ କେତେ ବ୍ୟକ୍ତିଗତସ୍ତରକୁ ପ୍ରବେଶ କରିପାରନ୍ତି , ଅନେକ ଲୋକକଥାରେ ଏହାର ଭୁରି ଭୁରି ବର୍ଣ୍ଣନା ରହିଛି । ଭକ୍ତ ଅର୍ଜୁନ ମିଶ୍ରଙ୍କ ଦୃଷ୍ଟାନ୍ତ ନିଆଯାଉ । ଅର୍ଜୁନ ମିଶ୍ର ସର୍ବଦା ଜଗନ୍ନାଥଙ୍କୁ ସ୍ମରଣ କରି ଗୀତା ଅଧ୍ୟୟନରେ ମଗ୍ନ ରହୁଥିଲେ । ଦିନେ ସନ୍ଧ୍ୟାରେ ମିଶ୍ରଙ୍କର ପତ୍ନୀ ଦୁଃଖଭରା ସ୍ୱରରେ ଅଭିଯୋଗ କରିଥିଲେ – ଆଜି ରାତି ଭୋକରେ ଶୋଇବାକୁ ପଡିବ । ଘରେ ଖୁଦ ମୁଠାଏ ବି ନାହିଁ । ଯଦି ଆଜି କିଛି ନ ଆଣିବ, କାଲି ମଧ୍ୟ ସେହି ଦୁର୍ଦ୍ଦଶା ଭୋଗିବାକୁ ପଡିବ । ସେହି ସମୟରେ ମିଶ୍ର ମହୋଦୟ ଶ୍ରୀମଦ୍ ଭଗବତ ଗୀତାର ଯେଉଁ ଅଧ୍ୟାୟ ଅଧ୍ୟୟନ କରୁଥିଲେ ସେଥିରେ ଭଗବାନ ଶ୍ରୀକୃଷ୍ଣଙ୍କୁ କହୁଛନ୍ତି – ‘ଯିଏ ମୋତେ ନିଜକୁ ସମର୍ପଣ କରିଦିଏ, ମୁଁ ତାହାର ସମସ୍ତ ଦାୟିତ୍ୱ ବହନ କରିଥାଏ ।’ ମାତ୍ର ପତ୍ନୀଙ୍କ ପାଖରୁ ପରିବାରର ଦୁର୍ଦ୍ଦଶା ଶୁଣିବା ପରେ ବିବ୍ରତ ହୋଇ ଶ୍ରୀମଦ୍ ଗୀତାର ସେହି ପୃଷ୍ଠାକୁ କଲମରେ ଆମ୍ଭୁଡି ଆଣି ଖାଦ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଘରୁ ବାହାରିଗଲେ ।

ସେହି ସମୟରେ ମୂଷଳ ଧାରାରେ ବର୍ଷା ଆରମ୍ଭ ହୋଇଗଲା । କିଛି ମୁହୂର୍ତ୍ତ ପରେ ଦ୍ୱାର ସମ୍ମୁଖରେ ଶବ୍ଦ ଶୁଣି ମିଶ୍ରଙ୍କର ପତ୍ନୀ କବାଟ ଖୋଲିବା ମାତ୍ରେ ଗୋରା ଓ ଶ୍ୟାମଳ ବର୍ଣ୍ଣର ଦୁଇ ଜଣ ବାଳକ କାନ୍ଧରେ ମହାପ୍ରସାଦ ଧରି ଘରକୁ ପ୍ରବେଶ କଲେ । କାନ୍ଧରୁ ଭାର ରଖୁଥିବାବେଳେ ମିଶ୍ରଙ୍କର ପତ୍ନୀ ଶ୍ୟାମଳ ବର୍ଣ୍ଣର ବାଳକଙ୍କ ପିଠିରେ ଗଭୀର ତାଜା କ୍ଷତ ଦେଖି ତାହାର କାରଣ ପଚାରିବାରୁ ବାଳକ ହି ହସି କହିଥିଲେ - ' ମୁଁ ଆପଣଙ୍କ ଦାୟିତ୍ୱରେ ଅବହେଳା କରିଥିବାରୁ ଆପଣଙ୍କ ସ୍ୱାମୀ ମୋ ଉପରେ କ୍ଷୁବ୍ଧ ହୋଇ ମୋତେ ଦଣ୍ଡ ଦେଇଛନ୍ତି ।' ଏହାପରେ ଦୁହେଁ ଘରୁ ଉଭାନ ହୋଇଗଲେ ।

କିଛି ସମୟ ପରେ ଅର୍ଜୁନ ମିଶ୍ର ବିଷାଦ ଚିତ୍ତରେ ଖାଲି ହାତରେ ଘରକୁ ଫେରନ୍ତେ ପତ୍ନୀ ତାଙ୍କୁ ପ୍ରଶ୍ନ କଲେ - 'ତୁମେ ଗୋଟିଏ କୋମଳମତି ବାଳକ ପ୍ରତି ଏତେ ନିର୍ଦ୍ଦୟ ହେଲ କେମିତି ? ତୁମ ମାଡରେ ତା ପିଠିରୁ ଧାର ଧାର ହୋଇ ଲହୁ ବୋହୁଛି ।' ଅର୍ଜୁନ ମିଶ୍ର ହଠାତ କିଛି ବୁଝି ପାରିଲେ ନାହିଁ । ସବୁ ଶୁଣିସାରିବା ପରେ ପତ୍ନୀଙ୍କୁ କୋଳଗ୍ରତ କରି ଭାବବିହ୍ୱଳ ସ୍ୱରରେ କହିଲେ - 'ତୁମେ ଭାଗ୍ୟବତୀ । ସ୍ୱୟଂ ଜଗନ୍ନାଥ ବଳଭଦ୍ରଙ୍କୁ ସ୍ୱନୟନରେ ଦେଖିଛ । ମୁଁ ମୂଢ଼ ଜାଣିଛି ଶ୍ରୀମଦ୍ ଭଗବତ୍ ଗୀତା ତାଙ୍କ ଶରୀର । ତଥାପି ମୁଁ ତାଙ୍କୁ କଷ୍ଟ ଦେଇଛି । ହେ ପ୍ରଭୋ ! ମୋତେ କ୍ଷମା କର ।'

ଭକ୍ତିର ସମୁଜ୍ଜଳ ମହିମା ଶାସ୍ତ୍ର ଓ ପୁରାଣରେ ପ୍ରକୀର୍ତ୍ତିତ । କିନ୍ତୁ ଭକ୍ତର ବିସ୍ମୟକର ଜୀବନର ବହୁ ରହସ୍ୟ ଅଧିକ ଭାବରେ ଲୋକକଥା ଓ ଆଖ୍ୟାୟିକାରେ ରୂପ ପାଇଛି । ବରେଣ୍ୟ ତପସ୍ୱୀ ଶାଣ୍ଡିଲ୍ୟ ବିଶଦଭାବରେ ଆମକୁ ପ୍ରଥମେ ଭକ୍ତିମାର୍ଗ ସଂପର୍କରେ ସୂଚନା ଦେଲେ । ପରେ ପରେ ବ୍ରହ୍ମକୈବର୍ତ୍ତ ପୁରାଣ, ବିଷ୍ଣୁ ପୁରାଣ, ହରିବଂଶ ଏବଂ ସର୍ବାଗ୍ର ଶ୍ରୀମଦ୍ଭାଗବତରେ ଭକ୍ତିତତ୍ତ୍ୱର ମହତ୍ତ୍ୱବିଚାର ମଣିଷକୁ ଭକ୍ତିର ପରମ ପଥ ଅନୁସରଣ କରିବା ପାଇଁ ପ୍ରବୁଦ୍ଧ କଲା । ସେହି ସମସ୍ତଙ୍କୁ କେନ୍ଦ୍ର କରି ଗଢ଼ି ଉଠିଲା କେତେ ଲୋକକଥା, କିଂବଦନ୍ତୀ । ଭିନ୍ନ ଭିନ୍ନ ଇଲାକାରେ ଏହାର ରୂପ ଚରିତ୍ର ମଧ୍ୟ ଭିନ୍ନ ହେଲା, ଯଦିଓ କେନ୍ଦ୍ର ଅପରିବର୍ତ୍ତିତ ରହିଲା ।

ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଯେତେ ସମସ୍ତ ଆଖ୍ୟାୟିକା ରହିଛି, ତାହା ମୁଖ୍ୟତଃ ତିନୋଟି କଥାବସ୍ତୁକୁ କେନ୍ଦ୍ରକରି ଗଢ଼ିଉଠିଛି : ଦାରୁବ୍ରହ୍ମଙ୍କର ଆବିର୍ଭାବ, ସମର୍ପିତ ଭକ୍ତଙ୍କର ଦୁଃଖ ନିବାରଣ ଓ ଅହଂକାରୀ ଭକ୍ତଙ୍କର ଦର୍ପଦଳନ । ସମସ୍ତେ ଶ୍ରୀଜଗନ୍ନାଥଙ୍କର ସନ୍ତାନ । କିନ୍ତୁ ଭକ୍ତର ଜୀବନଧାରା ସ୍ୱତନ୍ତ୍ର, ତାହାର ସ୍ୱଭାବ ଅସାଧାରଣ । ସଂସାରର ସାଧାରଣ ଯୁକ୍ତି ଓ ବିଚାର ଦ୍ୱାରା, ମାନବ-ବୁଦ୍ଧିର ସାଧାରଣ

ମୂଲ୍ୟାୟନ ଦ୍ୱାରା ଭକ୍ତର ଜୀବନ-ବୈଚିତ୍ର୍ୟର ରହସ୍ୟଭେଦ ସମ୍ଭବ ନୁହେଁ । ଭକ୍ତ ଜୀବନରେ ଭଗବାନଙ୍କ ଲୀଳା ଯେଉଁ ବିଚିତ୍ର ଭଙ୍ଗୀରେ ରୂପାୟିତ ହୁଏ, ତାହା ସାଧାରଣ-ଜୀବନଧାରାର ସଂପୂର୍ଣ୍ଣ ବହିର୍ଭୂତ , ସାଧାରଣ ମଣିଷର ବିବେଚନା ଶକ୍ତିର ତାହା ବହୁ ଉର୍ଦ୍ଧ୍ୱରେ । ଭଗବତ୍ କୃପା ଓ ସୁଗଭୀର ବିଶ୍ୱାସ ବ୍ୟତୀତ ଭକ୍ତ ଜୀବନର ଅଲୌକିକ ଘଟଣାବଳୀର ମହିମା ଉପଲବ୍ଧି ଦୁସ୍କର । ଭକ୍ତ ଓ ଭଗବାନଙ୍କର ସୁମଧୁର ସଂପର୍କ ; ନାନା ବିଚିତ୍ର ଘଟଣାର ଅଲୌକିକ ପରିସର ଭିତରେ ବିସ୍ମୟକର ଠାଣୀରେ ଲୋକକଥା, କିଂବଦନ୍ତୀ ଓ ଆଖ୍ୟାୟିକାରେ ପରିସ୍ଫୁଟ ହୋଇଥାଏ । ଭଗବାନ ଯେମିତି ଭକ୍ତର ପ୍ରେମ ଲାଗି ଲାଳାୟିତ, ସେହିଭଳି ଭକ୍ତର ଭର୍ତ୍ସନା ଓ ଧିକ୍‌କାର ମଧ୍ୟ ତାଙ୍କ ପାଇଁ ସୁଖକର ଏବଂ ଅହଂକାରୀ ଭକ୍ତର ସେ କିପରି ଦର୍ପଦଳନ କରନ୍ତି, ତାହାର ନିଖୁଣ ଚିତ୍ର ଆମେ ବିଭିନ୍ନ ଲୋକକଥାରେ ପାଇଥାଉ । ସେଠାରେ ଶାସ୍ତ୍ର ପୁରାଣର ଦର୍ଶନ କିମ୍ବା ତତ୍ତ୍ୱର ଲେଶମାତ୍ର ସ୍ପର୍ଶ ନ ଥାଏ,; କିନ୍ତୁ ଭକ୍ତି-ସ୍ରୋତ ପାରାବାରରେ ରୂପାନ୍ତରିତ ହୋଇଯାଏ ।

ଏହିଭଳି ଏକ ଚମତ୍କାର ଆଖ୍ୟୟିକା - ଖିଲେ ପାନ । ହାଇଦ୍ରାବାଦର ବିରାଟ ଧନୀ ବ୍ୟକ୍ତି ଜଗତ ଶେଠ୍ ଶ୍ରୀକ୍ଷେତ୍ରରେ ପହଞ୍ଚି ଶ୍ରୀଜଗନ୍ନାଥଙ୍କୁ ଭୋଗ ଅର୍ପଣ କରିବା ପାଇଁ ଲକ୍ଷେ କଉଡିର ଥଳୀ ପଣ୍ଡା ପରିଛାଙ୍କୁ ଅର୍ପଣ କରିଛନ୍ତି । ଏତେ ପରିମାଣ ଅର୍ଥରେ ଶ୍ରୀଜଗନ୍ନାଥଙ୍କୁ ସେମାନେ କି ନୈବେଦ୍ୟ ଅର୍ପଣ କରିବେ, ତାହା ସ୍ଥିର କରି ନ ପାରି ସେବକମାନଙ୍କର ମଥା ଘୁରିଯାଇଛି । ଯାହା ହେବ, ନୀତି ଆଧାରରେ ପାଳିତ ହେବ । ଯଦି ସେମାନେ ଅର୍ଥ ଫେରାଇ ଦିଅନ୍ତି, ଚାରିଆଡେ ପ୍ରଭୁଙ୍କର ନିନ୍ଦା ହେବ । ସମସ୍ତେ ଚିନ୍ତାରେ ଘାରି ହେଉଥିବାବେଳେ, ଶ୍ରୀଜଗନ୍ନାଥ ଅଧ ନିଶୀଥରେ ସପନରେ ଉଭା ହୋଇ ବଡ ସେବକଙ୍କୁ ହସି ହସି କହୁଛନ୍ତି -ଜଗତ ଶେଠକୁ କହ, ମୁଁ ତ ଛପନ ପଉଟି ଭୋଗ ଖାଉଛି । ଆଉ କିଛି ଖାଇବାର ନାହିଁ । ସବୁଦିନ ବିଡିଆ ପାନ ଖାଇ ପାଟି ଅରୁଚି ହେଲାଣି । ଯଦି ପାରିବ, ଗଜମୋତି ଚୂନ ଲଗେଇ ଖିଲେ ପାନ ଦଉ । ସେତିକିରେ ମୁଁ ସନ୍ତୁଷ୍ଟ ହେଇଯିବି ।'

ଗଜମୋତି ଚୂନର ପାନ - ଏତକ ଶୁଣିବା ପରେ ଜଗତ ଶେଠଙ୍କ ମଥାରେ ଚଡକ ପଡିଛି । ସବୁ ହାତୀ ମଥାରେ ମୋତି ନ ଥାଏ । କେତେ ହାତୀ ମାରି ଗଜ ସଂଗ୍ରହ କଲେ ପାନ ଖିଲେ ପ୍ରଭୁଙ୍କୁ ଦେଇ ପାରିବ - କ୍ଷଣକେ ତାଙ୍କ ଗର୍ବ ଧ୍ୱଂସ ହୋଇଛି । ଯିଏ ପାନ ଖିଲେ ଦେବା ପାଇଁ ଯୋଗ୍ୟ ନୁହେଁ ତା'ର କି ଅବା ସାମର୍ଥ୍ୟ ପ୍ରଭୁଙ୍କୁ ଖାଇବାକୁ ଦେବ । ମୁଣ୍ଡରୁ ପଗଡି ଖୋଲି ନଙ୍ଗଳା ପାଦରେ ପାଗଳଙ୍କ ଭଳି

ଦଉଡି ଦଉଡି ମନ୍ଦିର ଭିତରେ କାନ୍ଦି କାନ୍ଦି ଲୋଟିଗଲେ ଜଗତ ଶେଠ । 'ହେ କ୍ଷମାର ସାଗର ! ହେ ଦୟାର ଭଣ୍ଡାର ! କ୍ଷମ କ୍ଷମ ମହାପ୍ରଭୁ ହେ ମୋତେ, ପାନ ଖଣ୍ଡିକୁ ମୋ ଶକତି ପାଉନି, କି ଭୋଗ ମୁଁ ଦେଇ ପାରିବି ସତେ ।' ଜଗତ ଶେଠଙ୍କ ଧନର ଅହଂକାର ପାଣି ଫୋଟକା ଭଳି ମିଳେଇ ଯାଇଛି ।

ଭକ୍ତ ଶିରୋମଣି ରାଜା ଇନ୍ଦ୍ରଦ୍ୟୁମ୍ନ, ନୀଳମାଧବଙ୍କୁ ଠାବ କରିଥିବା ବିଦ୍ୟାପତି, ଶବର ଶ୍ରେଷ୍ଠ ବିଶ୍ୱାବସୁ ଏମାନେ ସମସ୍ତେ ପୁରାଣର କଥାବସ୍ତୁ । ସତ୍ୟଯୁଗରେ ମାଳବ ଦେଶ ଅବନ୍ତୀ ନଗରୀର ସୂର୍ଯ୍ୟବଂଶୀ ରାଜା ବିଷ୍ଣୁପ୍ରାଣ ଇନ୍ଦ୍ରଦ୍ୟୁମ୍ନ ଥିଲେ ଅତୀବ ପୁଣ୍ୟବନ୍ତ । ସେ ବ୍ରହ୍ମାଙ୍କ ପଞ୍ଚମ ପୁରୁଷ ଭାବେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ । ସେ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ବ୍ୟାକୁଳ ହୋଇ ଉଠିଲେ । ସେ ଖବର ପାଇଲେ ଉତ୍କଳ ଦେଶର ପୁରୁଷୋତ୍ତମ କ୍ଷେତ୍ରରେ ସ୍ୱୟଂ ନାରାୟଣ ଅବସ୍ଥାନ କରୁଛନ୍ତି । ତେଣୁ ତାଙ୍କର ଦର୍ଶନ ନିମନ୍ତେ ରାଜଦରବାରର ପୁରୋହିତଙ୍କ ସାନ ଭାଇ ବିଦ୍ୟାପତିଙ୍କୁ ପୁରୁଷୋତ୍ତମ କ୍ଷେତ୍ର ପ୍ରେରଣ କରିଛନ୍ତି । ବିଦ୍ୟାପତି ନୀଳାଚଳ ପର୍ବତରେ ବାସ କରୁଥିବା ଶବର ଶ୍ରେଷ୍ଠ ବିଶ୍ୱାବସୁଙ୍କୁ ସାକ୍ଷାତ କରି ନୀଳମାଧବଙ୍କ ସନ୍ଧାନ ପାଇ ସେହି ଆନନ୍ଦ ସ୍ୱରୂପ ବ୍ରହ୍ମଙ୍କୁ ଦର୍ଶନ କରି ଧନ୍ୟ ହୋଇଛନ୍ତି । ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ନୀଳମାଧବ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ମହାପ୍ରଭୁଙ୍କୁ ଧ୍ୟାନରେ ରଖି ଅଶ୍ୱମେଧ ଯଜ୍ଞ ଆୟୋଜନ କରିଛନ୍ତି ଏବଂ ତା ଉତ୍ତାରୁ ଦାରୁବ୍ରହ୍ମର ସନ୍ଧାନ ପାଇଛନ୍ତି । 'ସମୁଦ୍ର ତଟରେ ଏପରି ଏକ ବୃକ୍ଷ ଅଛି ଯାହାର ମୂଳ ବାଲି ଭିତରେ ପୋତି ହୋଇ ରହିଥିବାବେଳେ ଡାଳଗୁଡିକ ସମୁଦ୍ର ଜଳ ମଧ୍ୟରେ ରହିଛି । ବୃକ୍ଷର ରଙ୍ଗ ମଂଜୁଆତି ବର୍ଣ୍ଣ ଏବଂ ସେଥିରେ ଶଙ୍ଖ ଚକ୍ର ଚିହ୍ନ ଶୋଭା ପାଉଛନ୍ତି ।' ବ୍ରାହ୍ମଣମାନେ ଦିବ୍ୟବୃକ୍ଷକୁ କୂଳକୁ ଆଣିବା ପରେ ଶୂନ୍ୟବାଣୀ ହୋଇଛି - 'ଭଗବାନ ଅପୌରୁଷେୟ ଓ ପ୍ରତ୍ୟକ୍ଷ । ସେ ନିଜେ ନିଜର ରୂପକୁ ପ୍ରକଟ କରିବେ । ଏବେ ଯେଉଁ ବୃଦ୍ଧ ବର୍ଦ୍ଧକୀ ଶସ୍ତ୍ର ଧରି ଉପସ୍ଥିତ ଅଛନ୍ତି ସେ ମୂର୍ତ୍ତି ନିର୍ମାଣ କରିବେ । କିନ୍ତୁ ତାଙ୍କର ସମସ୍ତ କାର୍ଯ୍ୟ ଗୋପନ ରହିବ ।' ପରେ ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ,ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ - ଏହି ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିମନ୍ତେ ସୁଦୃଶ୍ୟ ମନ୍ଦିର ନିର୍ମାଣ କରିଛନ୍ତି ।

ପୁରାଣର ଏହି ଗାଥା ସହିତ ବହୁ ଲୋକକଥା ଯୋଡି ହୋଇଯାଇଛି ; ଯଦିଓ ଅନ୍ତଃସ୍ୱରରେ ସାମାନ୍ୟତମ ବିଭେଦ ସୃଷ୍ଟି ହୋଇନାହିଁ । ବିପ୍ର ବିଦ୍ୟାପତି ଉତ୍କଳ ଧାମରେ ଜଙ୍ଗଲରେ ବାଟବଣା ହୋଇ ବୁଲୁଥିବାବେଳେ ସୁନ୍ଦରୀ ଶବର ଯୁବତୀ ଲଳିତାଙ୍କୁ ଭେଟିଛନ୍ତି । ଲଳିତା ହେଉଛନ୍ତି ଶବର ରାଜା ବିଶ୍ୱାବସୁଙ୍କ କନ୍ୟା

। କ୍ରମେ ଦୁହିଁଙ୍କର ବିବାହ ସଂପନ୍ନ ହୋଇଛି । ସେଠାରେ ଅବସ୍ଥାନ କରୁଥିବାବେଳେ ବିଦ୍ୟାପତି ଲକ୍ଷ୍ୟ କରିଛନ୍ତି, ବିଶ୍ୱାବସୁ ନିତି ବ୍ରାହ୍ମ ମୁହୂର୍ତ୍ତରେ ଗଭୀର ଜଙ୍ଗଲରେ ଉପାସନା କରିବାକୁ ଯାଉଛନ୍ତି ଏବଂ ପରେ ଜାଣିଛନ୍ତି - ସେ ହେଉଛନ୍ତି ନୀଳମାଧବ । ଲଳିତାଙ୍କ ସହାୟତାରେ ବ୍ରହ୍ମଙ୍କର ସନ୍ଧାନ ନେଇ ପରେ ଅପହରଣ କରି ନେଇଛନ୍ତି ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରରେ ଉପନୀତ ହୋଇ ଦାରୁବିଗ୍ରହଙ୍କୁ ସ୍ଥାପନ କରିଛନ୍ତି ଏବଂ ବିଦ୍ୟାପତି ଯେଉଁ ବ୍ରହ୍ମ ଅପହରଣ କରି ନେଇଥିଲେ, ତାହା ନାଭିପଦ୍ମରେ ସ୍ଥାପନ କରିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି ।

ଏହି ପ୍ରସଙ୍ଗରେ ଶ୍ରୀଜଗନ୍ନାଥ ଲୋକକଥାରେ ଆଉ ଜଣେ ପ୍ରମୁଖ ଚରିତ୍ର ହେଉଛନ୍ତି - ଭଗବାନ ଶ୍ରୀକୃଷ୍ଣଙ୍କୁ ଜଙ୍ଗଲରେ ଭ୍ରମ କ୍ରମେ ନିହତ କରିଥିବା ଜରା ଶବର । ହରିଣର କାନ ଭାବି ଜରା ଶବର ତୀର ଚଳାଇବା ପରେ ଶ୍ରୀକୃଷ୍ଣଙ୍କର ଦେହାନ୍ତ ଘଟିଛି । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଜରା ଶବରକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି , ନିୟତିର ଖେଳା ସଂପକରେ ଅବଗତ କରାଇଛନ୍ତି । ମର୍ମାହତ ଜରା ଶବର ବେଦନାରେ ଭାଙ୍ଗି ପଡିଥିବାବେଳେ ତୁରନ୍ତ ଅର୍ଜୁନ ଉପସ୍ଥିତ ହେବାପରେ ଦୁହେଁ ମିଶି ଭଗବାନଙ୍କର ଅନ୍ତିମ କ୍ରିୟା ସମାପନ କରିଛନ୍ତି । ଯଦିଓ ଶ୍ରୀକୃଷ୍ଣଙ୍କ ଶରୀରର ଅବଶେଷ ସମୁଦ୍ରରେ ସମର୍ପଣ କରାଯାଇଥିଲା, ସେଥିରୁ କିଛି ଅଂଶ ଜରା ଶବର ନିଜ ପାଇଁ ସାଇତି ରଖିଥିଲେ । ତାହା ହିଁ ଥିଲା ତାଙ୍କ ପାଇଁ ଗଣ୍ଠି ଧନ ଏବଂ ସମଗ୍ର ସମାଜ ପାଇଁ ବ୍ରହ୍ମଙ୍କର ଅଂଶବିଶେଷ । ଜରା ଶବର ମନ ଦୁଃଖରେ ସେ ଜଙ୍ଗଲରୁ ଚାଲି ଚାଲି କଳିଙ୍ଗ ଦେଶର କଣ୍ଢିଲୋରେ ଉପନୀତ ହୋଇଛନ୍ତି ଏବଂ ତାଙ୍କରି ବଂଶଧର ହେଉଛନ୍ତି ବିଶ୍ୱାବସୁ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କର ବଂଶଧର ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କର ସେବକ ଭାବେ ଦଇତାପତି ନାମରେ ଅଭିହିତ ହୋଇଛନ୍ତି ।

ଐତିହାସିକ ପୃଷ୍ଠଭୂମିରେ ବିଭିନ୍ନ ଗୋଷ୍ଠୀ ବା ସଂପ୍ରଦାୟ ଜଗନ୍ନାଥଙ୍କ ଉପରେ ଆଧିପତ୍ୟ ବିସ୍ତାର କରିଛନ୍ତି । ଏବେକାର ଯାଜପୁର ଅତୀତରେ ଯଜ୍ଞପୁର ନାମରେ ଅଭିହିତ ଥିଲା ଏବଂ ସେ କ୍ଷେତ୍ର ତନ୍ତ୍ର ସାଧନା ନିମନ୍ତେ ଖ୍ୟାତ ଥିଲା । ବୌଦ୍ଧଧର୍ମ ଦୁଇ ଭାଗ ହେବା ପରେ ସେଥିରେ ତନ୍ତ୍ର ସାଧନା ମୁଣ୍ଡ ଟେକିଥିଲା । ତାହାକୁ କେନ୍ଦ୍ର କରି ଓଡିଆ ଭାଷାରେ ବହୁ କାବ୍ୟକବିତା ଓ ଲୋକକଥା ସୃଷ୍ଟି ହୋଇଥିଲା । ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧ ରୂପରେ,ବଳଭଦ୍ରଙ୍କୁ ସଂଘ ରୂପରେ ଏବଂ ସୁଭଦ୍ରାଙ୍କୁ ଧର୍ମ ରୂପରେ ଅବତାରଣା କରାଯାଇଥିଲା । ତା ପୂର୍ବରୁ ମଧ୍ୟ ଖାରବେଳଙ୍କ ଶାସନକାଳରେ ଶ୍ରୀଜଗନ୍ନାଥ ଜୈନ ବୁଦ୍ଧଙ୍କ ରୂପରେ ପୂଜା ପାଉଥିଲେ । ନାଥ ସଂପ୍ରଦାୟ ଶ୍ରୀଜଗନ୍ନାଥଙ୍କୁ ନିଜର ଇଷ୍ଟ ମଣି ଆରାଧନା କରିଥାଆନ୍ତି । ଆନନ୍ଦର କଥା, କୌଣସି ବିଚାରଧାରା କାହାରି ପ୍ରତିଦ୍ୱନ୍ଦୀ ହୋଇନାହାନ୍ତି ବରଂ ପରସ୍ପରର ପରିପୂରକରେ ପରିଣତ ହୋଇଛନ୍ତି ।

ଗୋଟିଏ ଚମତ୍କାର ଲୋକକଥାରେ ଏହି ନିବନ୍ଧ ଶେଷ କରିବି । ବହୁ ବର୍ଷ ତଳର କଥା । ସେତେବେଳେ ପୁରୀ ସହର ଏତେ ପ୍ରଶସ୍ତ ହୋଇ ନ ଥିଲା । 'କର-ମା' ନାମରେ ଜଣେ ଦରିଦ୍ର ବିଧବା ବୁଢ଼ୀ ଶ୍ରୀମନ୍ଦିର କଡରେ ବାସ କରୁଥିଲା । ଭିକରେ ଯାହା ମିଳେ, ସେଥିରେ ତା'ର ଗୁଜୁରାଣ ମେଣ୍ଟିଯାଏ । ସବୁଦିନ ସକାଳେ ଖେଚିଡି ତିଆରି କରି ଠାକୁରଙ୍କୁ ଅର୍ପଣ କରିବା ପରେ ଭିକମାଗିବାକୁ ଚାଲିଯାଏ । ଠାକୁର ସେ ଖେଚିଡିର ସ୍ୱାଦରେ ଅତ୍ୟନ୍ତ ସନ୍ତୁଷ୍ଟ ଥାଆନ୍ତି । ଦିନେ ଠାକୁରଙ୍କର ଲୋଭ ହେଲା - କର-ମା' ହାତରୁ ଖେଚିଡି ଖାଇବେ । ବାଳକ ବେଶରେ ପହଞ୍ଚିଗଲେ । ମାଗିଲେ - କରମା , ଭୋକ ଲାଗୁଛି ମୋତେ ଖେଚିଡି ଦିଅ । କରମା ତାଜୁବ ହେଇଗଲା । ଭଲ ଘରର ପିଲାଟିଏ । ଜଣେ ଭିକାରୁଣୀକୁ ଖାଇବାକୁ ମାଗୁଛି । ତଥାପି ଶରଧାରେ ଖେଚିଡି ବାଢ଼ିଦେଲା । ସବୁଦିନ ସେ ବାଳକ ସେହି ସମୟରେ ଆସିଯାଏ, ଖେଚିଡି ଖାଏ, ପୁଣି ହସି ହସି ଚାଲିଯାଏ ।

ଦିନେ ପ୍ରଭୁଙ୍କର ପ୍ରଥମ ସେବକ ଠାକୁରଙ୍କ ମୁହଁରେ ଖେଚିଡି ଦେଖିବାକୁ ପାଇଲେ ଏବଂ ସେହି ଦିନ ନିଶୀଥରେ ସ୍ୱପ୍ନ ଦେଖିଲେ - ପ୍ରଭୁ ବାଳକ ବେଶରେ କରମା ବୁଢ଼ୀ ହାତରୁ ଖେଚିଡି ଖାଉଛନ୍ତି । ପର ଦିନ ସେବକ କରମାଙ୍କୁ ପଚାରିଲେ - ତୁମ ପାଖକୁ କେହି ବାଳକ ସବୁଦିନ ଆସନ୍ତିକି ? ବୁଢ଼ୀ ଆଶ୍ଚର୍ଯ୍ୟ ହୋଇ କହିଲେ - ଏଥିରେ ପଚାରିବାର କ'ଣ ଅଛି ? ସେ ସବୁଦିନ ଆସେ , ମୁଁ ଖେଚିଡି ବାଢ଼ିଦିଏ । ସେ ଶାନ୍ତିରେ ଖାଇ ଚାଲିଯାଏ । ଏକଥା ଶୁଣିବା ମାତେ ସେବକ ବୁଢ଼ୀର ପାଦତଳେ ଲୋଟିଗଲେ - 'ମା, ତୋ ଭଳି ଭକ୍ତ ସଂସାରରେ ବିରଳ । ସେ ବାଳକ ଆଉ କେହି ନୁହଁନ୍ତି - ସ୍ୱୟଂ ଜଗନ୍ନାଥ । ସେ ତୁମ ହାତରୁ ଖେଚିଡି ପାଉଛନ୍ତି । ତୁମେ ଧନ୍ୟ ମା ।' କର-ମା ବୁଢ଼ୀ ଅପଲକ ନୟନରେ ଶ୍ରୀମନ୍ଦିରକୁ ଚାହିଁ ରହିଥିଲା । ସତେ ଯେମିତି ପ୍ରଭୁଙ୍କର ଅପାର କରୁଣାରେ ସେ ଭିଜି ଯାଉଥିଲା ।

***

ସଂଗୋପନ କାହାଣୀ



ମନୋଜ ଦାସ

"ବହୁବର୍ଷ ଭିତରେ ସେ କାନ୍ଦିବା ଭୁଲିଯାଇଥିଲେ । ଆଜି କାନ୍ଦି ପକାଇଲେ ।"

ଏଇ ଉଦ୍ଦୁଉଦିଆ ଦୁଇପହରଟାରେ ! ହେମନ୍ତ ଖୁବ୍ ଗୋଟାଏ ତତଲା ଧମକ୍ ଦେବାର ମତଲବ ନେଇ ରୁମ୍ ବାହାରକୁ ଆସି ହତବାକ୍ ହୋଇ ଦେଖିଲା ସାନଭାଇ ନୁହେଁ, ଖୋଦ୍ ବାପା ନୂଆ ଚକ୍‌ଚାକ୍ ସାଇକେଲଟିକୁ ଧଡଧାଡ୍ ଶବ୍ଦ କରି ପିଣ୍ଡା ତଳକୁ ନେବାର ଚେଷ୍ଟା କରୁଛନ୍ତି । ହେମନ୍ତ ଆଡୁ ଅମାୟିକ ଭାବରେ ଆଖି ଫେରାଇ ନେଇ ସିଏ କହିଲେ - "ଇୟେ- ମୁଁ ଟିକିଏ ଯା'ଙ୍କ - ହେମବାବୁଙ୍କ ଘର ଆଡୁ ଆସୁଛି । ତୋର ତ ଏବେ କୁଆଡ଼େ ଯିବାର ନଥିବ ।

ହେମନ୍ତ ଥତମତେଇ ଯାଇ କହିଲା, "ମୋ କଥା ନୁହେଁ ଯେ, ତେବେ ଏ ଖରାଟାରେ ଆପଣ କାର୍ କିମ୍ବା ରିକ୍ସାଟାଏ... ।"

"ନାଇଁ ମ !"

ଶରତବାବୁ ସାଇକେଲ ଧରି ଫାଟକ ବାହାରକୁ ଚାଲିଗଲେ । ହେମନ୍ତ ଗୋଟାଏ କିଂକର୍ତ୍ତବ୍ୟବିମୂଢ ଅନୁଭୂତି ନେଇ ଦୁମ୍‌କିନା ଯାଇ ଖଟ ଉପରେ ପଡିଗଲା ।

ଶତାବ୍ଦୀର ଏକ-ଚତୁର୍ଥାଂଶ କାଳ ଅବାରିତ ଭାବେ କାର୍ ଚଢି, ମୋଟା ପେନ୍‌ସନ୍ ସହ ଅବସର ନେବା ପରେ ଆଜି ତା'ର ବାପା ଏତେବେଳେ ବିଚ୍ ବଜାରରେ ସାଇକ୍ଲିଂ କରୁଥିବେ !

ଆଶ୍ଚର୍ଯ୍ୟ! କାର୍‌ରେ ବୁଲିବାଟାକୁ 'ସଫୋକେସନ୍' ବୋଲି ଆଖ୍ୟା ଦେଇ ସେ ଅବଶ୍ୟ କିଛିଦିନ ହେଲା ରିକ୍ସା ଚଢୁଥିଲେ । ତା'ପରେ ଆଜି ହଠାତ୍ ଏ ସାଇକେଲ୍ ।

ଲମ୍ୱମାନ ପିଚୁରାସ୍ତା । ଉତ୍ତାପରେ ତରଳି ଯାଇ ସ୍ଥାନେ ସ୍ଥାନେ ବିଚ୍‌କିଟିଆ ଚିକ୍ ଚିକ୍ କରୁଛି ।

ଶରତବାବୁ ସାଇକେଲ ଛୁଟାଇଛନ୍ତି । ସିସ୍ ସିସ୍, ବ୍ରେକ୍ । ଶରତବାବୁ କଣ୍ଠ ଖୁବ୍ ଧୀର କରି ଡାକିଲେ- "ହେ ଚିନାବାଦାମବାଲା ।" ଅତି ବିଳମ୍ବିତ ଗତିରେ ଚିନାବାଦାମବାଲା ନବାବଙ୍କ ନାତି ଭଳି ନୟନ ମେଲି ଅନାଇଲା । ଦୁଇ ଚାରି ସେକେଣ୍ଡ । ହଠାତ୍ ତା'ର ମଦାଳସ ଆଖିରେ ଯୁଗାନ୍ତକାରୀ ପରିବର୍ତ୍ତନ ଦେଖାଦେଲା ଓ ସେ ସ୍ପ୍ରିଙ୍ଗଖେଳନା ଭଳି ଏକାକୁଦାରେ ଠିଆ ହୋଇପଡି ନିଜର କର୍ତ୍ତବ୍ୟ ସ୍ଥିର କରିନେଇ ଏଟେନସନ୍ କରି କହିଲା - "ସଲାମ, ସାହେବ !"

ଶରତବାବୁ କହି ପକାଇଲେ - "ସଲାମ ସାହେବ ? ତୁ କ'ଣ ମୋତେ ଚିହ୍ନିଛୁ କିରେ ? ଚିନାବାଦାମବାଲା ହାତ ଦଲିଲା - "ହଁ, ହଜୁର !" ଶରତବାବୁଙ୍କ ଛାତି ଧଡ଼ଧଡ଼ ହେଲା । ସେ ଚାରିଆଡୁ ଆଖି ଫେରାଇ ନେଇ ଚୁପ୍‌ଚୁପ୍ କହିଲେ - "ଚାରିପଇସାର ବାଦାମ ଦେଲୁ ! କୁଇକ୍ କୁଇକ୍ !"

ପଞ୍ଜାବି ପକେଟରେ ବାଦାମ ଭର୍ତ୍ତି କରୁ କରୁ ହଠାତ୍ ତାଙ୍କର ମନେପଡିଲା ଏବଂ ସେ ଆତଙ୍କିତ ହୋଇ କହିଲେ- "ଆରେ ହେ ! ମୁଁ ତ ପଇସା - ମାନେ ମନିବ୍ୟାଗଟି ଛାଡିଆସିଛି !"

କୃତାର୍ଥ ହୋଇ ଚିନାବାଦାମବାଲା କହିଲା - "ହେଉ ସାହେବ । ଯେ କୋଉକଥା ! କୋଠିରୁ ନେଇନେବି ନାହିଁ ?"

"ଆରେ ନାହିଁ, ନାହିଁ । କୋଠିକୁ ଯିବା ଦରକାର ନାହିଁ । ଆଗାମୀ କାଲି ଏତେବେଳକୁ ତୁ କଅଣ ଏଇଠି ଥିବୁ ? ମୁଁ ଦେଇଯିବି । ଖବରଦାର, କୋଠିକୁ ଯିବୁ ନାହିଁ ।"

ସାଇକେଲ ଚାଲିଛି । ଏଇ ରାସ୍ତାଟାରେ ସହର ବିଶେଷ ପ୍ରସାର ଲାଭ କରିନାହିଁ । ପିଚୁରାସ୍ତା ଶେଷ ହେଲା । ଏଥର ନାଲି ଧୂଳି । କଦାଚିତ୍ ଧୂଳିର ଧୂମାଳ-ବାନା ଉଡ଼ାଇ ଉଡ଼ାଇ କେଁ-କଟର ଶଗଡ଼ । ଶରତବାବୁ ବଡ଼ ରାସ୍ତା ଛାଡ଼ି ଏଥର ଡାହାଣକୁ ବଙ୍କେଇଲେ । ଆହୁରି ନିଛାଟିଆ । ଦୁଇ ପଟେ ପୂର୍ବତନ ଜମିଦାରଙ୍କ ବିସ୍ତୃତ ଆମ୍ବବଗିଚା, ଗୁଡ଼ାଏ କପୋତର ଡାକ; ହେଣ୍ଡେଲଟା କମ୍ପରୋଗୀ ଭଳି ଥରୁଚି । ଦୁର୍ବଳତା ? ହୁଟ୍ ! ଶରତବାବୁ ନିଜକୁ ପ୍ରବୋଧ ଦେଲେ - ବହୁ ବର୍ଷର ଅନାଭ୍ୟାସ ଫଳରେ ଏୟା । ଦୁଇ ଚାରିଥର ଚଢିଲେ ସେ ଅଲିମ୍ପିକ୍ ସାଇକ୍ଲିଷ୍ଟ୍ ବନିଯିବେ ।

ଇଃ, ବାପ୍‌ରେ ଆଖୁକ୍ଷେତ ! ବଢିଛି ଚମତ୍କାର ! ଶରତବାବୁ ପ୍ରଥମେ ରାସ୍ତାକଡ଼ର ଗୋଟାଏ ଆମ୍ବଗଛ ଦିହକୁ ସାଇକେଲ ଡେରି ଦେଉଥିଲେ । ତା'ପରେ ଭୁଲ ସୁଧାରି

ସାଇକେଲ ନିଜ ସାଥିରେ କିଆରୀ ଭିତରକୁ ଥୋଡ଼ାଏ ବାଟ ଓଟାରି ନେଇ ଯାଇ ବେଶାବେଶ - ଘଞ୍ଚ ହିଡ ଉହାଡରେ ଶୁଆଇ ଦେଲେ । ଏଥର ରାସ୍ତାରୁ ଦେଖାଯିବନି ।

ହାତ ଅବଶ୍ୟ କିଞ୍ଚିତ୍ ଦୋଦୋପାଞ୍ଚ ହେଲା । ରୋମମୂଳ ସବୁ ଟାଙ୍କୁରି ଉଠିବା ଭଳି ଲାଗିଲା, କିନ୍ତୁ ସେ କଣ୍ଟାବେଢା ଭିତରକୁ ହାତ ବଢ଼େଇ ମଟାସ୍ କରି ପତଳା ଆଖୁ ଖାଡିଟିଏ ଭାଙ୍ଗିଆଣି ପାରିଲେ । ରୁମାଲ ବିଛାଇ ବୁଦା ଉହାଡରେ ବସି ବହୁବର୍ଷ ପରେ ସେ ନିଜର ଦନ୍ତପଂକ୍ତିର ଶକ୍ତତା ସମ୍ପର୍କରେ ପୁନଃ-ନିଶ୍ଚିତ ହେଲେ । ଯେତେବେଳେ ଦୁଇ କଳ ବାହି କେତେ ଟୋପା ଗାଢ଼ ଆଖୁରସ ପଞ୍ଜାବିର ଚରିତ୍ରକୁ କଳଙ୍କିତ କଲା, ଶରତବାବୁ ସେତିକିବେଳେ କିଏ ଯେପରି ସେଇ ପଟେ କଥାବାର୍ତ୍ତା କରି ଆସୁଥିବାର ଶୁଣିଲେ । ସେ ହିଡ଼ ତଳେ ମିଶିଯିବାକୁ ଚେଷ୍ଟା କଲେ ।

ସୂର୍ଯ୍ୟାସ୍ତ ସମୟକୁ ଶରତବାବୁ ଘରକୁ ଫେରିଆସି ପୋଷାକପତ୍ର ପରିବର୍ତ୍ତନ କରିବାବେଳକୁ ସ୍ତ୍ରୀ ଆସି ପଚାରିଲେ - "ହଇହେ, ତମେ କୁଆଡେ ଟୋକାଟାକଳିଆଙ୍କ ଭଳି ସାଇକେଲ ଚଢି ହେମବାବୁଙ୍କ ବସାଆଡ଼େ ଯାଇଥିଲ !"

ଶରତବାବୁ ମୁରୁକି ହସି ଭିନ୍ନ ଧରଣର କଥା ଗୋଟାଏ କହିବାକୁ ଯାଉଥିଲେ । କିନ୍ତୁ ସେ ସବୁ ବୃଥା ବୋଲି ମନେକରି କହିଲେ - "ବୁଝୁନ, ବୃଥାଟାରେ ଘରେ ବସି ବସି ପଟ୍ରୋଲଗୁଡ଼ାଏ ଖର୍ଚ୍ଚ କରି କ'ଣ ଲାଭ ?"

ହେମନ୍ତଙ୍କ ମା' ପାଇଁ ଏଭଳି ଯୁକ୍ତିଯୁକ୍ତ କଥା ସର୍ବଦା ମୂଲ୍ୟବାନ୍ । ସେ ଆପ୍ୟାୟିତା ହୋଇ ଚାଲିଗଲେ ଏବଂ ଶରତବାବୁ ଦୀର୍ଘ ନିଶ୍ୱାସଟିଏ ଛାଡିଲେ । ସନ୍ଧ୍ୟା ହେଲା । ଚଟାଣରେ ଚକାପାରି ବସି ସେ ପୁରୁଣା ଆଲମିରାଟିର ସବା ତଳ ଥାକରୁ ବହୁବର୍ଷ ଧରି ବନ୍ଧାହୋଇ ରହିଥିବା ବହି ଓ ଖାତାପତ୍ରର କେତୋଟି ପୁଟୁଳା କାଢିଲେ । ଦୁଇ ତିନି ଯୁଗର ଗଣ୍ଠି ଖୋଲିବା ସହଜ ନୁହେଁ । ତଥାପି ବ୍ଲେଡ଼ରେ କାଟିବାକୁ ମନ କହୁନାହିଁ ।

ପୋକ କାଟି ଛିନ୍ନଛତ୍ର କରିଦେଲାଣି । ଏଇଟା ପାଟନା ୟୁନିଭର୍ସିଟି ଏନ୍ଟ୍ରାନ୍ସ ଇଂରାଜୀ ସିଲେକ୍ସନ । ବଡ଼ ବଡ଼ ଅକ୍ଷରରେ ଦ୍ୱିତୀୟ ପୃଷ୍ଠାରେ ଲେଖା - ଶ୍ରୀମାନ୍ ଶରତ ଚନ୍ଦ୍ର ପଟ୍ଟନାୟକ । ଏ ଷ୍ଟୁଡ଼େଣ୍ଟ ଅଫ୍.... ଇତ୍ୟାଦି । ଉପରେ 'ଗଡ଼ ଇଜ୍ ଗୁଡ଼୍' । ଆର୍ଟ କାଗଜରେ ଛାପା ମହାମାନ୍ୟ ସମ୍ରାଟଙ୍କ ମୁହଁ ଅସରପା ଘୁଅରେ ବଡ଼ କରୁଣ ଦେଖାଯାଉଛି । ଏଇ ଖାତା ଇଣ୍ଟରମିଡ଼ିୟେଟ୍ କ୍ଲାସର । ଶେଷ ପୃଷ୍ଠାରେ ଲିଭନ୍ତ ମ୍ରିୟମାଣ ଅକ୍ଷର - "ସି ଇଜ୍ ଲୁକିଂ ଏଟ୍ ୟୁ ।" ଶରତବାବୁଙ୍କ ଦିହ ଭିତରେ ବିଦ୍ୟୁତ୍ ଖେଳିଗଲା । ଏ ହସ୍ତାକ୍ଷର ଶଶାଙ୍କର । 'ସି'ଟି ହେଉଛି ମିସ୍ ସୁପ୍ରଭା ଦାସ; ଅର୍ଥାତ୍ ସୁପ୍ରଭା ତାଙ୍କରି ଆଡ଼େ ଲୁକିଂ !

ହାୟ ରେ ! କେବଳ ତା' କପାଳର ବିନ୍ଦୁଏ କୁଙ୍କୁମ, ରୋଲ୍ଡ଼ଗୋଲଡ୍ ଚେନ୍‌ରେ ବନ୍ଧା ଚିକ୍‌ମିକ୍ ରିଷ୍ଟଓଆଚ୍ ଏବଂ ହସନ୍ତ ଅବସ୍ଥାରେ ତା'ର ଗାଲର ବିନ୍ଦୁଏ ବିଦ୍ୟୁତାଭ ଘୂର୍ଣ୍ଣି ଛଡ଼ା ଆଉ କିଛି ମନେପଡୁନାହିଁ । ସୁପ୍ରଭା ଦାସ ! ସିଏ ଯେଉଁଦିନ ଯାହା

ଆଡ଼େ 'ଲୁକିଂ' କରୁଥିଲା, ଜୀବନରେ ଅନ୍ତତଃ ସେଇ ଦିନକ ପାଇଁ ଡାଏରୀ ଲେଖିବା ସକାଶେ ସେ ବଡ଼ ଜୋର୍ ପ୍ରେରଣା ଅନୁଭବ କରୁଥିଲା ।

ହଠାତ୍ ଦିନେ ସଭିଏଁ ଦେଖିଲେ, ବିଜ୍ଞାନ ବିଭାଗ ପଛପଟ କାନ୍ଥରେ ଏକ ସର୍ବଜନପ୍ରିୟ ଗାଣିତିକ ଚିହ୍ନ ଆଙ୍କି ତା' ଗୋଟିଏ କଡ଼ରେ ଚକ୍‌ଖଡ଼ି ଯୋଗେ ସୁପ୍ରଭାର ନାମ ଏବଂ ଅନ୍ୟ କଡ଼ରେ ନବାଗତ ଭୂଗୋଳ ଅଧ୍ୟାପକ ନରେନ୍ ଚାଟାର୍ଜୀଙ୍କ ନାମ ଲେଖା ହୋଇଛି । କିଛିଦିନ ନଯାଉଣୁ ଅନ୍ତର୍ଦ୍ଦେଶୀୟ ବୈବାହିତ ନିମନ୍ତ୍ରଣପତ୍ର ଜଗତରେ ନବଯୁଗର ସୂତ୍ରପାତ କରି ସୁପ୍ରଭା ଓ ନରେନ ଉଭୟଙ୍କ ଦସ୍ତଖତରେ ଛପା ହୋଇଥିବା ଖଣ୍ଡିଏ ଖଣ୍ଡିଏ ନିମନ୍ତ୍ରଣପତ୍ର ସୁପ୍ରଭାର ସମସ୍ତ ସହପାଠୀ ପାଇଲେ ।

ଶରତ ବାବୁଙ୍କ ଜୀବନରେ ସେ ଦିନଟି ଅବିସ୍ମରଣୀୟ । କାରଣ ସନ୍ଧ୍ୟାର ଅନ୍ଧକାରରେ ମୁହଁ ଲୁଚାଇ ନଈକୂଳରେ ବସି ନିଜର ଆଖି ପୋଛି ପୋଛି ସେ ଖଣ୍ଡିଏ ବଡ଼ ଧରଣର ରୁମାଲ ସନ୍ତସନ୍ତିଆ କରି ପକାଇଥିଲେ ।

ଶରତ ବାବୁ ଗୋଟିଏ ପରେ ଗୋଟିଏ ପ୍ୟାକେଟ୍ ଖୋଲି ବହି ଓ ଖାତାଗୁଡ଼ିକୁ ଲୁଗାକାନିରେ ପୋଛିପାଛି ଦେଉଥିଲେ । "ଏମ୍ପାୟାର" କାଳିର ଲେଖା ସବୁ ଅସ୍ପଷ୍ଟ ହୋଇ ଆସିଲାଣି । ଆଖିର ଦ୍ୟୁତି ବି ନିଷ୍ପ୍ରଭ । ଖୁବ୍ ମୁହଁ ପାଖକୁ ଆଣି ପଢ଼ିଲାବେଳକୁ ସେଥିରେ ଚୁମାଦେବାକୁ ଇଚ୍ଛା ହେଉଛି ।

ଇତିହାସ ଖାତାର ଗୋଟିଏ ପୃଷ୍ଠାରେ ଶରତବାବୁ ଅଟକିଗଲେ । ଫଟୋଟିଏ ଅଠାଳିଆ ହୋଇ ଖାତା ସହିତ ଜଡିଯାଇଛି । ଖୁବ୍ ସତର୍କତା ସହକାରେ ସେ ଖଣ୍ଡି ବାହାର କରି ବହୁ ସମୟ ଧରି ସେ ତାକୁ ନିରୀକ୍ଷଣ କଲେ । ତା'ପରେ ଆଲମିରାଟିର ଉପର ଥାକରୁ ଖଣ୍ଡିଏ ସାଦା ଲଫାପା ଆଣି ତହିଁ ଭିତରେ ତାକୁ ଭର୍ତ୍ତି କରି ନିଜ ପକେଟରେ ପୂରାଇଲେ ।

ପରଦିନ ସକାଳଠୁଁ ଶରତବାବୁ ଦୁଆର ପିଣ୍ଡାରେ ଆରାମଚୌକି ପକାଇ ବସି ରହିଲେ - ଚିନାବାଦାମବାଲା ପହଞ୍ଚିଯିବ କି ! ଅଣିଟି ଚଟାପଟ୍ ତାକୁ ଦେଇ ବିଦା କରିଦେବାକୁ ପଡିବ । ଅନ୍ୟମାନେ ଦେଖିଲେ ବଡ଼ ଅଡୁଆ କଥା ହେବ ।

ସେଦିନ ଦୁଇପ୍ରହର ବେଳକୁ ମଧ୍ୟ ହେମନ୍ତ ସାଇକେଲ୍ ଶବ୍ଦ ଶୁଣିଲା; ସେ କିନ୍ତୁ ଆଉ ପଦାକୁ ଆସିଲା ନାହିଁ ।

ଶରତବାବୁ ରାସ୍ତାକଡ଼ର ପୂର୍ବ ପରିଚିତ ଗୁମୁଟି ପାଖରେ ପହଞ୍ଚି ଦେଖିଲେ ଚିନାବାଦାମବାଲା ବାଳକ ଆଜି ଶୋଇପଡ଼ି ନାହିଁ । ଆଖିରେ ତା'ର ଗଭୀର କୌତୂହଳ । ସେ ସଲାମ୍ ବଜାଇଲା । ଶରତବାବୁ ତାକୁ ଦିଅଣିଟିଏ ବଢ଼ାଇ ଦେଲେ ।

"ଛଅରିଟା ପଇସା ଫେରାଇ ଦେବି, ନା ଚିନାବାଦାମ ଦେବି ? ଆଜି ଖୁବ୍ ତଟକା ।"

"ପଇସା ଦରକାର ନାହିଁ କି ବାଦାମ ବି ନୁହେଁ; ତୁ ନେ ।"

"ସାର୍ ସାର୍, ସେ କଥା ହୋଇପାରେ ? ଭଗବାନ କ'ଣ ଭାବିବେ ?"

"ଚୁପ୍ ।"

ଶରତବାବୁ ପେଡ଼ଲ୍ ମାରି ଚାଲିଗଲେ । କିଛିଦୂର ଯିବା ପରେ କିନ୍ତୁ ତାଙ୍କ ମନରେ ଗୋଟାଏ ଆତଙ୍କ ଉଙ୍କି ମାରିଲା - ବାଦାମବାଲା ବେଶି ବାହାଦୁରୀ ଦେଖେଇ ଅଣିଟି ଫେରାଇବା ପାଇଁ କୋଠିରେ ପହଞ୍ଚିଯିବ ନାହିଁ ତ ! ସାଇକେଲ ବୁଲାଇ ସେ ପୁଣି ପଛକୁ ଫେରିଲେ । କିନ୍ତୁ ବାଦାମବାଲା ସେତେବେଳକୁ ସେଠୁ ଚାଲିଗଲାଣି ।

ପିଚୁ ରାସ୍ତା ଟପି, ଜମିଦାରଙ୍କ ସହକାର ପଛରେ ପକାଇ, ଗୋଟା ଗୋଟା ଶଗଡ ବା ଟ୍ରକର ଧୂଳିଝଡକୁ ବେଖାତିର କରି ସେ ଆଜି ନାଲି ରାସ୍ତା ଉପରେ ବହୁ ଦୂର ଆଗେଇଗଲେ ।

ନିଛାଟିଆ ପଥରେ ଏକୁଟିଆ ବିରାଟ ବୋଝଟିଏ ମୁଣ୍ଡାଇ ଛିନ୍ନବସ୍ତ୍ରା ବୁଢୀଟିଏ ଚାଲିଛି । ପିଠି ପଟେ ତା'ର ଝାଳର ସ୍ରୋତ ଖରାରେ ଜଳୁଛି । ଶରତବାବୁ ଖୁବ୍ ଜୋର୍‌ରେ ଅଥଚ ନିଃଶବ୍ଦରେ ସାଇକେଲ ଚଳାଇ ଠିକ୍ ତା' ପୁଁ ଫୁଟେ ପଛରେ ଧାଇଁକିନା ବ୍ରେକ୍ ଦେଇ ବେଲ୍ ବଜାଇଦେଲେ । ସ୍ତ୍ରୀ ଲୋକଟା ଅତର୍କିତ ଭାବରେ କାଉଳି ମାଉଳି ଖାଇ ପଡି ଯାଉଁ ଯାଉଁ ବର୍ତ୍ତିଗଲା । ମନେ ମନେ ଗଭୀର ଆତ୍ମତୃପ୍ତି ଲାଭ କରି ଶରତବାବୁ ଆହୁରି କିଛି ଦୂର ଆଗକୁ ଯାଇ ଏଥର ସାଇକେଲ ଫେରାଇଲେ । ଭାରି ଇଚ୍ଛା ହେଉଥିଲା, କାହା ସହ ଟିକିଏ ଗପସପ କରନ୍ତେ । ମନେ ମନେ ତାଙ୍କର ଧାରଣା ହେଲା, ବୁଢୀଟି ଚମକି ପଡ଼ି ହୁଏତ 'ଏକ' କରି ପକାଇଥିବ । ବିଲ୍ଲରୀ ! ଶରତବାବୁଙ୍କ ମନ ସହାନୁଭୂତିରେ ଭରିଗଲା ।

ସନ୍ଧ୍ୟାବେଳେ ନିଜ ବୈଠକଖାନାରେ ବସି ଗୁହା ପିଉ ପିଉ ସେ ଅନୁଭବ କଲେ, ମନ ଯଦିଚ ବେଶ୍ ପ୍ରଫୁଲ୍ଲ, ଦେହଟା ଟିକିଏ କ୍ଲାନ୍ତ ହୋଇପଡିଛି । କିନ୍ତୁ ଏ କ୍ଲାନ୍ତିକୁ ଅସ୍ୱୀକାର କଲେ ଚଳିଯିବ । ଇମିତି କେତେ ଆଉ ସେ ସାଇକ୍ଲିଂ କରିଛନ୍ତି କି ! ଏକଦା ଗୋଟାଏ ଗ୍ରୀଷ୍ମଛୁଟିରେ ତ ପୁଣି ତିନିଥର କଟକରୁ କୋଣାର୍କ ସାଇକେଲରେ ଯିବା ଆସିବା କରିଥିଲେ ! ଯଦିଓ ପଇଁତିରିଶି ବର୍ଷ ତଳେ ।

"ଜଗଜ୍ଜ୍ୟୋତିବାବୁ କି ? ଆସ ଆସ, ବସ । ହେମନ୍ତ କୁଆଡେ ବାହାରି ଯାଇଚି; ତମେ ବସ । ସେ ଆସିଯିବ ।"

ହେମନ୍ତର ବନ୍ଧୁ ଜଗଜ୍ଜ୍ୟୋତି କୃତାର୍ଥ କୃତାର୍ଥ ଭାବ ଦେଖାଇ ଟେବୁଲ୍ ସାମନା ଚୌକିରେ ବସିଲେ । ଶରତବାବୁ ପାଟିକରି ଆଉ କପେ ଗୁ ପାଇଁ ବରାଦ ଦେଲେ ।

- "ଆଉ, ଜଗଜ୍ଜ୍ୟୋତିବାବୁ ! କ'ଣ ହାଲଚାଲ କୁହ ।"

ହେମନ୍ତର ବନ୍ଧୁମାନଙ୍କ ଭିତରୁ ଏଇ ଯୁବକଟିକୁ ଶରତବାବୁ ବେଶ୍ ପସନ୍ଦ କରନ୍ତି । ବିନୟୀ, ଗମ୍ଭୀର, ଅଥଚ ସରଳ ପ୍ରକୃତିର ପିଲା । ଆଜିକାଲି ଅଧିକାଂଶ ଟୋକା ଯାହା ହଉଛନ୍ତି ! ଛିଃ ! ତେଣୁ ରିଟାୟାର୍ କରିବା ପରଠାରୁ ଯେତେବେଳେ କାହା ସହିତ

ହେଲେ ଗପସପ କରିବା ପାଇଁ ପାଟି ଆକୁପାକୁ କରେ, ସେତେବେଳେ ଜଗଜ୍ଜ୍ୟୋତିକୁ ପାଇଲେ ଶରତବାବୁ ସିଗାରେଟ୍‌ରୁ ଧୂଆଁ ଛାଡ଼ିଲା ଭଳି ଆରାମ କରି କଥା କୁହନ୍ତି । କିମିତି ସିଏ ଏବଂ ତାଙ୍କ ଘନିଷ୍ଠ ବନ୍ଧୁ ଶଶାଙ୍କ ଚୌଧୁରୀ ପ୍ରିନ୍ସିପାଲ୍ ହାବାର୍ଡ ସାହେବଙ୍କ ମେମ୍‌କୁ ମିଛ ଭୂତ ଦେଖେଇ ଫିଟ୍ କରାଇ ଦେଇଥିଲେ, କିପରି ତାଙ୍କ ସହପାଠୀ ଗୋଟାଏ ଜମିଦାର ପୁଅର ଧାରଣା ଥିଲା ଯେ, ସାହେବମାନଙ୍କ ଶିଘାଣିତକ ଜମାଟ କରି କାଚ ତିଆରି ହୁଏ, ଇତ୍ୟାଦି ଇତ୍ୟାଦି କେତେ କଥା । ଆଜି ବି ଶରତ ବାବୁ ଗପୁଥିଲେ । କିନ୍ତୁ ବଡ଼ ଭାବପ୍ରବଣ ତାଙ୍କ କଣ୍ଠ ଏବଂ ସ୍ୱର ବଡ଼ ଧୀର । ଜଗଜ୍ଜ୍ୟୋତି ଅତି ସୁବୋଧ ଭାବରେ ଶୁଣୁଥିଲେ ।

– "ହଁ, ଯାହା କହୁଥିଲି, ସେତେବେଳେ ଆମ ଭାଇସ୍-ପ୍ରିନ୍ସିପାଲ ଥିଲେ ମିଷ୍ଟର ପ୍ରିନ୍ନୟ ସେନ୍ । ବଡ଼ ଚମତ୍କାର ଲୋକ । ଭଦ୍ରଲୋକଙ୍କର ବଡ଼ ଆଗ୍ରହ ଥିଲା, ତାଙ୍କ ପିଲାପିଲିଙ୍କୁ ଓଡ଼ିଆ ଶିଖାଇବେ । ମୁଁ ଓଡ଼ିଆରେ ସର୍ବୋଚ୍ଚ ନମ୍ବର ପାଇ ଆଇ.ଏ. ପାସ୍ କରି ଥାର୍ଡ ଇୟରରେ ଭର୍ତ୍ତି ହୋଇଥାଏଁ । ହଠାତ୍ ଦିନେ ପ୍ରୋଫେସର୍ ସେନ୍ ମୋତେ କହିଲେ, "ହଇହେ ବାବୁ, ତମେ ତ ଖୁବ୍ ପାଖରେ ବସା ନେଇ ରହିଛ, ଟିକିଏ ମଝିରେ ଆସି ମୋ ଝିଅ ଡଲିକୁ ଓଡ଼ିଆ ଶିଖାଇ ଦିଅନ୍ତ ନାହିଁ ?"

ଶରତବାବୁ ଈଷତ୍ ହସି ଟହାତକ ଶେଷ କଲେ:- "ଯେତେବେଳେ ପ୍ରୋଫେସର୍ ସେନ୍‌ଙ୍କ ଭଳି ଗୁରୁ କହୁଛନ୍ତି, ଆଉ ଉପାୟ କ'ଣ ! ଗଲି । ପ୍ରଥମ ସପ୍ତାହରେ ଥରେ ଦୁଇଥର । ତା'ପରେ ଦୈନିକ ସନ୍ଧ୍ୟାରେ ।"

ଶରତବାବୁ କଥା କହୁ କହୁ ଦୀର୍ଘନିଶ୍ୱାସ ଛାଡ଼ିଲେ । ଜଗଜ୍ଜ୍ୟୋତି ପଚାରିଲେ, ଡଲିଦେବୀ ଓଡ଼ିଆ ଶିଖିଗଲେ ?"

ଶରତବାବୁଙ୍କ ମୁହଁରେ ରଙ୍ଗିନ୍ ହସ । କରୁଣ, ସ୍ନିଗ୍ଧ । ଟିକିଏ ରହି ସେ କହିଲେ – "ପ୍ରଥମେ ପ୍ରଥମେ ମନଦେଇ କିଛି ଶିଖି ପକାଇଲେ । ତା'ପରେ... ହେଁ ହେଁ ।"

– "ଆଜ୍ଞା ?"

ଶରତବାବୁ କଣ୍ଠ ଆହୁରି ଧୀର କରି କହିଲେ "ମାନେ, ତା'ପରେ ତାଙ୍କର ଶିଖିବା ପାଇଁ କି ମୋର ଶିଖାଇବା ପାଇଁ ବିଶେଷ ଆଗ୍ରହ ନଥିଲା । ଅବଶ୍ୟ ମୁଁ ଦୈନିକ ସନ୍ଧ୍ୟାରେ ସେଠାକୁ ନଯାଇ ରହିପାରୁ ନଥିଲି । ମାନେ – ଆମ ଭିତରେ ହେଁ ହେଁ.... !"

– ଜଗଜ୍ଜ୍ୟୋତି ସଲଜ୍ଜ ଭାବରେ କହିଲେ – "ଆଜ୍ଞା ହଁ, ହେଁ ହେଁ ।"

କିଛି ସମୟ ନୀରବତା । ହଠାତ୍ ଶରତବାବୁ ପ୍ରାୟ ରୁଦ୍ଧକଣ୍ଠରେ କହିଲେ – "ମାନେ ତା'ର ଫଟୋଟି ମୁଁ ଆଜିଯାଏ..." ସେ ନିଜ ପଞ୍ଜାବି ଛାତି ପକେଟରୁ ଖଣ୍ଡିଏ ଲଫାଫା କାଢି ଜଗଜ୍ଜ୍ୟୋତି ହାତକୁ ବଢାଇଦେଇ ବାକ୍ୟ ଶେଷ କଲେ, "ରଖିଛି" । ଜଗଜ୍ଜ୍ୟୋତି ତହିଁ ଭିତରୁ ଧୀରେ ଧୀରେ ବାହାର କରି ଫଟୋଟି ଦେଖି ପୁଣି ଟେବୁଲ ଉପରେ ଥୋଇଦେଲେ । ଶରତବାବୁ ତତ୍‌କ୍ଷଣାତ୍ ତାହା ପକେଟରେ ପୂରାଇଲେ ।

କିଛି ସମୟ ଧରି ଦୁଇଜଣ ଚୁପ୍‌ଚାପ୍ ବସି ରହିଲେ । ତା'ପରେ ଶରତବାବୁ କହିଲେ, "କିଛିଦିନ ପରେ ଟାଇଫୟେଡ୍‌ରେ ଡଲି ମରିଗଲା । ପ୍ରଫେସର ସେନ୍ ଚାକିରିରୁ ବିଦା ନେଇ ତାଙ୍କ ଘର ପୂର୍ବବଙ୍ଗକୁ ଚାଲିଗଲେ । ବାସ୍; ସବୁ ଶେଷ ହେଲା ।"

ଜଗଜ୍ଜ୍ୟୋତି ଉଠିଲେ । ସଙ୍ଗେ ସଙ୍ଗେ ଶରତବାବୁ ବି ଉଠିପଡ଼ି କହିଲେ, ଏ ସବୁ କଥା କେଉଁଠି ହେଲେ ଆଲୋଚନା କରିବ ନାହିଁ, ଜଗଜ୍ଜ୍ୟୋତି ବାବୁ !"

ସେଦିନ ରାତିରେ ଶରତବାବୁଙ୍କୁ ଖୁବ୍ ଭଲ ନିଦ ହେଲା । ତହିଁ ପରଦିନ ଯାକ ସେ ତାଙ୍କ ପୁରୁଣା ବହିପତ୍ର ଘଣ୍ଟାଘଣ୍ଟିରେ ବିତାଇଲେ । ତହିଁ ପରଦିନ ଦୁଇପହରେ ଠିକ୍ ନିଦଅଳସ ଭାଙ୍ଗିଆସିବା ବେଳକୁ ଶୁଣିଲେ ଝିଅ ଉର୍ମିଳା ହେମନ୍ତକୁ କହୁଛି - "ଭାଇ, ଏ ଫଟୋଟି କା'ର ଚିହ୍ନିଲ ! ବାପାଙ୍କ ଘରେ ପଡିଥିଲା ।"

ହେମନ୍ତ କହୁଥିଲା - "ଆରେ ! ଏଇଟା ଅରଜୁ ବାଈର ଛବି । ଭାରତରେ ପ୍ରଥମେ ସିନେମା ତିଆରି ହବା ବେଳକୁ ଏ ଜଣେ ନାମଜାଦା ଅଭିନେତ୍ରୀ ଥିଲେ । ତା' ପୂର୍ବରୁ ବିଖ୍ୟାତ ନର୍ତ୍ତକୀ ଥିଲେ । କିହୋ ଜଗଜ୍ଜ୍ୟୋତି, ତୁମେ ପରା ସିନେମା ଶିଳ୍ପର ଇତିହାସ ଉପରେ ପଢାପଢି କରୁଛ ?" ଜଗଜ୍ଜ୍ୟୋତି କେବଳ କହିଲେ - "ହୁଁ ।"

ଶରତବାବୁ ଉଠି ବସିଲେ । ତାଙ୍କ ଦିହରୁ ଗମ୍‌ଗମ୍ ଝାଳ ବହିଯାଉଥିଲା । ତକିଆ ଓଲଟାଇ ଦେଖିଲେ, ତଳେ ଫଟୋଟି ନାହିଁ ।

ସେ ଧୀରେ ଧୀରେ ଉଠି ଦିହରେ ପଞ୍ଜାବିଟି ଗଳାଇ ଅନ୍ୟ ଦ୍ୱାର ଦେଇ ପଦାକୁ ବାହାରିଗଲେ । ଚାଲି ଚାଲି ପିଚୁ ରାସ୍ତା ଶେଷ ହେଲା । ନାଲି ବାଟରେ କିଛି ଦୂର ଯାଇ ବାଟ ଭାଙ୍ଗି ଯେତେବେଳେ ନିଛାଟିଆ ଆଖୁକିଆରୀ ପାଖରେ ପହଞ୍ଚିଲେ, ସେତେବେଳକୁ ଆଉ ଚାଲିବାର ଶକ୍ତି ନଥିଲା । ଘାସ ଭୂଇଁ ଉପରେ ବସି ପଡ଼ି ସେ ରୁମାଲ ବାହାର କଲେ । ଆଖି ଫିଟାଇ ଲୁହ ବାହାରି ଆସିବାକୁ ଚାହୁଁଥିଲା । ଏଡ଼େ ସହଜରେ ସେ ଧରା ପଡ଼ିଗଲେ ? ଜଗଜ୍ଜ୍ୟୋତି ତେବେ ପ୍ରଥମରୁ ଜାଣିଥିଲା, ସେ ସବୁ ପ୍ରେମଫ୍ରେମ କଥା ମିଛଟାରେ କହୁଥିଲେ ବୋଲି ! କଅଣ ଭାବିଥିବ ସିଏ ? କେବେ କାହା ଛବିଟାଏ ବହି ଭିତରେ ରହିଯାଇଥିଲା । ଏମାନଙ୍କ ଜନ୍ମ ସେବେ ନାହି । କିଏ ଜାଣିଥିଲା, ଚିହ୍ନି ଦେବେ । ଜଗଜ୍ଜ୍ୟୋତି, ଉର୍ମିଳା, ହେମନ୍ତ ଏମାନେ ଆଉ ଗୋଟାଏ ଯୁଗର ମଣିଷ । ଶରତବାବୁ ନିଜକୁ ମଣିଲେ ଚୂଡ଼ାନ୍ତ ଅସହାୟ ।

ଜଗଜ୍ଜ୍ୟୋତି ଓ ଉର୍ମିଳା ବହୁଦିନ ଗପସପ କରିବାର ସେ ଦେଖିଛନ୍ତି । ଆଜି ପ୍ରଥମ କରି ମନେ ହେଲା, ହୁଏତ.... ସେମାନେ ହୁଏତ...ଛାଡ, ସେମାନେ ଆଉ ଗୋଟାଏ ଯୁଗର ମଣିଷ । ଈଃ, କ'ଣ ଭାବିଥିବ ଜଗଜ୍ଜ୍ୟୋତି ! ହୁଏତ ଦିନେ ସିଏ ଉର୍ମିଳା ପାଖରେ ସବୁ ଗପିଦେବ !

ବହୁବର୍ଷ ଭିତରେ ସେ କାନ୍ଦିବା ଭୁଲିଯାଇଥିଲେ । ଆଜି କାନ୍ଦି ପକାଇଲେ ।

***

ଗୋଟେ ପାରାଗ୍ରାଫ୍‌ର କାଳ୍ପନିକ ପୁନର୍ଲିଖନ



ଡ. ରାମଚନ୍ଦ୍ର ବେହେରା

ଲ' କଲେଜ ରୋଡ, ଠାକୁରପାଟଣା,
କେନ୍ଦ୍ରପଡ଼ା - ୭୫୪୨୬
ମୋ : ୯୪୩୭୩୭୭୨୧୯

"ଟାଙ୍କୁରି ଉଠିଲା ଦେହ । ପ୍ରଥମଟି ହେଉଚି, ଦୁଇଟି ବଳଦ ବେକରେ ବନ୍ଧାଯାଇଥିବା ଘଣ୍ଟିର ସଙ୍ଗୀତ । କ୍ଷଣକ ପାଇଁ ମନେପଡ଼ିଗଲା, ସକାଳେ ଠାକୁରପୂଜା କଲାବେଳେ ମା'ର ବାମ ହାତରେ ଥିବା ଘଣ୍ଟି ଏପ୍ରକାର ଶବ୍ଦ ସୃଷ୍ଟି କରେ; ମାତ୍ର ତା'ର ଧ୍ୱନି ଜଣାପଡ଼େ ତ୍ୱରାନ୍ୱିତ ଓ କ୍ଷିପ୍ର । ବର୍ତ୍ତମାନର ଧ୍ୱନିରେ ନଥିଲା ଅର୍ଜେନ୍ଟି ।"

ପଚାଶ ବର୍ଷ ତଳର ଗୋଟେ ସାନ ଅନୁଭୂତି ଉପସ୍ଥାପନ କରିବ ଏଇ ଲେଖା । ବାସ୍ତବିକ ତାହା ୧୯୭୨ ମସିହାର ଘଟଣା ।

ଅଧ୍ୟାପକ ଭାବରେ ମୁଁ ମାତ୍ର ଦୁଇ ତିନି ବର୍ଷର ଅଭିଜ୍ଞ । ସେତେବେଳେ ପିଲାଙ୍କ ବିଶ୍ୱବିଦ୍ୟାଳୟ ପରୀକ୍ଷା ଖାତା ଡାକରେ ଆସୁଥିଲା ମୂଲ୍ୟାୟନ ପାଇଁ ନିର୍ଦ୍ଧାରିତ ଅଧ୍ୟାପକଙ୍କ ପାଖକୁ । ତାଙ୍କ ମୂଲ୍ୟାୟନ ତଦାରଖ କରିବା ପାଇଁ ଥିଲେ ଅଧିକ ଅଭିଜ୍ଞ ମୁଖ୍ୟ ପରୀକ୍ଷକ । ଅନେକ କ୍ଷେତ୍ରରେ ଅନୁଚିତ ଘଟଣା ଘଟୁଥିଲା । ପଇସାପତ୍ର ବିନିମୟରେ ନମ୍ବର କିଣାଯାଉଥିବାର ଖବର ପହଞ୍ଚୁଥିଲା । ଏ ବିଷୟରେ ଲେଖିବା ମୋର ଉଦ୍ଦେଶ୍ୟ ନୁହେଁ । ଆମେ ସମସ୍ତେ ଜାଣୁ ଯେ ଅନୈତିକ ଉପାୟରେ ଅସମ୍ଭବ ଜଣାପଡୁଥିବା କାମ ସଂପାଦିତ ହୋଇଯାଇପାରେ, ଦେଶର ପ୍ରତିରକ୍ଷା ସଂକ୍ରାନ୍ତୀୟ ଗୁପ୍ତ ଦଲିଲ ବିକ୍ରି କରିବା ସମେତ । ଯାହା ପାଖରେ କାମ ଅଛି ସେ ଲୋକର ଦୁର୍ବଳତା, ପ୍ରବଣତା, କୌଣସି ଜିନିଷ ପ୍ରତି ଆସକ୍ତି, ଆଗ୍ରହ ଇତ୍ୟାଦି ତ୍ରୁଟିହୀନ ଭାବରେ ଚିହ୍ନଟ କରିପାରିଲେ ହାସଲ କରିହୁଏ ସଫଳତା ।

ମୁଁ ଏସବୁ ଜଣାଶୁଣା କଥା ଭିତରକୁ ଯାଉନି । ୧୯୭୨ ମସିହାରେ

ସେତେବେଳରୁ ପ୍ରି-ୟୁନିଭରସିଟି ପରୀକ୍ଷା ଖାତାର ମୂଲ୍ୟାୟନ ପାଇଁ ମୁଁ ଥିଲି ଅନ୍ୟତମ ପରୀକ୍ଷକ । ମୁଁ ପାଇଲି ପୁରୀ ଓମେନ୍ସ କଲେଜର ଆର୍ଟସ୍ ଖାତା । ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ବହି ଓ ବିଷୟରୁ ଦୀର୍ଘ ଓ ସଂକ୍ଷିପ୍ତ ଉତ୍ତର ଦେବା ପାଇଁ ପ୍ରଶ୍ନ ସହିତ, ପରୀକ୍ଷାର୍ଥୀର ଇଂରାଜୀ ଭାଷାରେ ସାମର୍ଥ୍ୟ ଆକଳନ ପାଇଁ ଅନ୍ୟ ପ୍ରଶ୍ନ ମଧ୍ୟ ପଚରାଯାଉଥିଲା, ଯେପରିକି ପ୍ରବନ୍ଧ କିମ୍ବା ଚିଠି, ଦରଖାସ୍ତ ଲେଖନ; ପ୍ରେସି ଏବଂ ପାରାଗ୍ରାଫ୍ ଲେଖନ ଇତ୍ୟାଦି । ସେତେବେଳେ ବି.ଏ. ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀମାନଙ୍କୁ କୌଣସି ଏକ ଅଚିହ୍ନା ଇଂରାଜୀ କବିତାର ସମାଲୋଚନାତ୍ମକ ବିଶ୍ଳେଷଣ ଲେଖିବା ପାଇଁ କୁହାଯାଉଥିଲା । ପ୍ରଶ୍ନପତ୍ରର ଏଇ କମ୍ପୋଜିସନ୍ ଅଂଶଟି ଥିଲା ପରୀକ୍ଷାର୍ଥୀଙ୍କ ପାଇଁ ଏକ ଆହ୍ୱାନ । ଇଂରାଜୀରେ ଦୁର୍ବଳମାନଙ୍କ ପାଇଁ ମୁଣ୍ଡବ୍ୟଥା ଓ ନିଦ୍ରାହୀନତାର କାରଣ ।

ଏବେ ପ୍ରି-ୟୁନିଭରସିଟି ଆର୍ଟସ୍ ଖାତା ଦେଖିବା ପ୍ରସଙ୍ଗ । ଶହେ ଶଢ଼ ବିଶିଷ୍ଟ ପାରାଗ୍ରାଫ୍ ଲେଖିବା ପାଇଁ ଯେଉଁ ଶୀର୍ଷକ ଦିଆଯାଇଥିଲା, ତା' ମଧ୍ୟରେ ଥିଲା- ତୁମର ସ୍ମରଣୀୟ ଯାତ୍ରା (ଇଂରାଜୀରେ - ୟୋର୍ ମେମୋରାବଲ୍ ଜର୍ଣ୍ଣି) । ବିକଳ୍ପ ଭାବରେ ଅନ୍ୟ କେଉଁ ଟପିକ୍ ପ୍ରଶ୍ନପତ୍ରରେ ଥିଲା, ତାହା ମନେ ନାଇଁ । ଏବେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଇଥିବା, କିନ୍ତୁ ସେତେବେଳେ ଅତ୍ୟନ୍ତ ସକ୍ରିୟ ଥିବା ଟିଉଟରିଆଲ୍ କ୍ଲାସ୍‌ରେ ପାରାଗ୍ରାଫ୍, ପ୍ରେସି, ଲେଟର ରାଇଟିଙ୍ଗ୍ ଇତ୍ୟାଦି ସହିତ ଅଭ୍ୟସ୍ତ କରାଇବା ପାଇଁ ଚେଷ୍ଟା କରାଯାଉଥିଲା । ଷୋଳ ଜଣ ଛାତ୍ରଛାତ୍ରୀ ବିଶିଷ୍ଟ ଏଇ କ୍ଲାସ୍‌ଗୁଡିକ ଥିଲା ଅତ୍ୟନ୍ତ ଜୀବନ୍ତ ଓ ଫଳପ୍ରଦ । ପାରାଗ୍ରାଫ୍ ରାଇଟିଙ୍ଗ୍ ବାବଦରେ ଯେଉଁ ଶୀର୍ଷକ ଆଲୋଚିତ ହେଉଥିଲା କିମ୍ବା ଲେଖିବାପାଇଁ ପିଲାମାନଙ୍କୁ କୁହାଯାଉଥିଲା, ସେମାନଙ୍କ ମଧ୍ୟରୁ ଏଇ କେତୋଟି ଥିଲେ ମୁଖ୍ୟ-ତୁମ ଜୀବନର ଲକ୍ଷ୍ୟ, କଲେଜରେ ତୁମର ପ୍ରଥମ ଦିନ, ତୁମର ସ୍ମରଣୀୟ ଯାତ୍ରା, ଅଲ୍ ଦାଟ୍ ଗ୍ଲିଟର୍ସ ଇଜ୍ ନଟ୍ ଗୋଲ୍ଡ ଏବଂ ଆହୁରି ଅନେକ ।

ପୁରୀ ଓମେନ୍ସ କଲେଜରୁ ଆସିଥିବା ଆର୍ଟସ୍ ପରୀକ୍ଷାର୍ଥୀମାନେ ପ୍ରାୟତଃ ତୁମର ସ୍ମରଣୀୟ ଯାତ୍ରା ଉପରେ ପାରାଗ୍ରାଫ୍ ଲେଖିଥିଲେ । ଅନେକେ ଲେଖିଥିଲେ ରେଳଯାତ୍ରା ସମ୍ପର୍କରେ । ଗନ୍ତବ୍ୟସ୍ଥଳ ଥିଲା କଲିକତା; ଏପରିକି ବମ୍ବେ ଭଳି ମହାନଗର । ସେମାନେ ବସିଥିଲେ ଝରକା ପାଖ ସ୍ଥାନରେ । ଉପଭୋଗ କରୁଥିଲେ ଜଙ୍ଗଲ, ଗାଁ, ରେଳ ଅଟକି ରହିଥିବା ଷ୍ଟେସନର ଦୃଶ୍ୟ । ସେମିତି ପିକ୍‌ନିକ୍ ପାଇଁ କିମ୍ବା କୌଣସି ମନ୍ଦିରକୁ ଦିଅଁ ଦର୍ଶନ ପାଇଁ ବସ୍ ଯୋଗେ ଯାତ୍ରା । ଏ ଗାଡିରେ ମଧ୍ୟ ପରୀକ୍ଷାର୍ଥୀ ଝରକା ପାଖ ସ୍ଥାନ ଅଧିକାର କରେ ବାହାରର ଦୃଶ୍ୟ ଦେଖି ବିଭୋର ହେବା ପାଇଁ ।

ଏମିତି ଜଣାଶୁଣା, ଗତାନୁଗତିକ ଷ୍ଟିରିଓଟାଇପ୍ ପାରାଗ୍ରାଫ୍ ପଢି ମୂଲ୍ୟାୟନ କରିବା ଅବସରରେ ମୋତେ ବିସ୍ମିତ ଓ ଆନନ୍ଦିତ କଲାଭଳି ଗୋଟେ ଉତ୍ତର ଖାତା ପାଖରେ ପହଞ୍ଚିଲି । ମୋର ଏବେ ବି ଝାପ୍ସା ମନେଅଛି, ସୁନ୍ଦର ହସ୍ତାକ୍ଷରରେ ପ୍ରାୟତଃ ତ୍ରୁଟିହୀନ ଇଂରାଜୀରେ ଲେଖାଯାଇଥିବା ଉତ୍ତର । ଆଶ୍ୱସ୍ତ ହେଲି । ହାଲ୍‌କା ବି ଲାଗିଲା ।

ଖାତାର ପ୍ରାୟ ଶେଷ ଆଡ଼କୁ ରହିଥିଲା ପାରାଗ୍ରାଫ୍- ତୁମର ସ୍ମରଣୀୟ ଯାତ୍ରା । ମାତ୍ର ଗୋଟିଏ ଦୁଇଟି ବାକ୍ୟ ପଢିବା ପରେ ମୋ ଭିତରେ ସଞ୍ଚରିଗଲା ମୁଗ୍ଧଭାବ । ମୁଁ ସଳଖ ବସିଲି । ଜାଗ୍ରତ, ସଜାଗ ହୋଇପଡ଼ିଲି । ମୁଁ ପହଞ୍ଚିଯାଇଥିଲି ଏକ ବ୍ୟତିକ୍ରମ ପାରାଗ୍ରାଫ୍ ପାଖରେ । ବର୍ଣ୍ଣିତ ଯାତ୍ରାଟି ବାସ୍ତବିକ ପ୍ରତୀୟମାନ ହେଲା ଏକ ସହଜ, ସରଳ, ମନମତାଣିଆ କବିତା ଭାବରେ ।

ଅନ୍ୟମାନଙ୍କର ସ୍ମରଣୀୟ ଯାତ୍ରା ଥିଲା ଟ୍ରେନ୍,ବସ୍,ଟାକ୍ସି ସମ୍ପର୍କିତ । ଯେମିତିକି ଜଣେ ପାଠକ ସେଥିରୁ ପାଇପାରିବ ଏକ ସମ୍ଭ୍ରାନ୍ତ, ଆଧୁନିକ ଆଭାସ । ମୋତେ ମୁଗ୍ଧ କରିପାରିଥିବା ଏଇ ପାରାଗ୍ରାଫ୍‌ଟି କିନ୍ତୁ ଥିଲା ଶଗଡ଼ରେ ଯାତ୍ରା ଅନୁଭୂତି । ଏପର୍ଯ୍ୟନ୍ତ ମନେଥିବା ସେଇ ପାରାଗ୍ରାଫ୍‌ଟି ଥିଲା ଏହିଭଳି ।

ମାମୁଙ୍କ ଗାଁକୁ ଯିବା ତାହା ଥିଲା ପ୍ରଥମ । ଆମ ସହରର ବସ୍‌ଷ୍ଟାଣ୍ଡରେ ଦିନ ଗୋଟାଏ ବେଳେ ବସ୍‌ରେ ବସି ପ୍ରାୟ ଚାରିଟା ବେଳେ ମୁଁ ଓହ୍ଲାଇଲି ଗୋଟେ ଛୋଟ ବସ୍‌ଷ୍ଟପ୍‌ରେ । ସେଠାରୁ ମାମୁଁଙ୍କ ଗାଁ ପ୍ରାୟ ଆଠ କିଲୋମିଟର ଦୂର । ମାମୁଁ ମୋ ପାଇଁ ଗୋଟେ ଶଗଡ଼ ପଠାଇଥିଲେ । ରାସ୍ତା ଭଲ ନ ଥିଲା । ରାସ୍ତା ଦୁଇକଡ଼ରେ ଅକ୍‌ଟୋବର ମାସର ସବୁଜ ଧାନକ୍ଷେତ ଦିଗ୍‌ବଳୟ ପର୍ଯ୍ୟନ୍ତ । ମୁଁ ପରିଚିତ ନ ଥିବା ସୁନ୍ଦର ବାସ୍ନା ଆସୁଥିଲା କ୍ଷେତରୁ । ଦୁଇ ବଳଦ ବେକରେ ବନ୍ଧାଯାଇଥିବା ଘଣ୍ଟି ଓ ଶଗଡ ଚକରୁ ବାହାରୁଥିବା ଶବ୍ଦ ସଙ୍ଗୀତ ସୃଷ୍ଟି କରୁଥିଲେ । ମୁଁ ଏଇ ପ୍ରଥମ ଶଗଡ଼ ଯାତ୍ରା ଉପଭୋଗ କରୁଥିଲି । ଗୁଣୁଗୁଣୁ ଗୀତ ଗାଉଥିଲି ପଶ୍ଚିମ ଦିଗକୁ ଖସିଯାଉଥିବା ସୂର୍ଯ୍ୟକୁ ଚାହିଁ । ମୁଁ କେବଳ ଅବାକ୍ ହୋଇ ନ ଥିଲି । ଖାତା ଦେଖୁଥିବା ମୋ ପେନସିଲ ସ୍ତବ୍ଧ ସ୍ଥାଣୁତା ନେଇ ଅଟକିଯାଇଥିଲା ପାରାଗ୍ରାଫ୍ ଶେଷରେ । ଗୋଟେ ପ୍ରି-ୟୁନିଭରସିଟି ପରୀକ୍ଷା ଦେଉଥିବା ଝିଅ ଏମିତି ବିଷୟ ଚୟନ କରିପାରେ ପାରାଗ୍ରାଫ୍ ପାଇଁ । ଏହା ଥିଲା ଅପ୍ରତ୍ୟାଶିତ ମୋ ପାଇଁ । ମୁଗ୍ଧ ହେବା ପାଇଁ ଥିଲା ଯଥାର୍ଥତା ।

ଏବେ ମୋର ମନେହୁଏ ଯେ ସୃଜନଶୀଳତା ଏମିତି ଦୁଃସାହସିକତା ପ୍ରଦର୍ଶନ କରେ- ଯାହାକୁ ସ୍ପିରିଟ୍ ଅଫ୍ କ୍ରିଏଟିଭ୍ ଆଡ୍‌ଭେଞ୍ଚର ବୋଲି କୁହାଯାଇପାରିବ । ଏହା ପରିବେଷଣ କରିପାରେ ଏମିତି ଘଟଣା ଓ ଚରିତ୍ର ଯାହା ଆମ ଅଭିଜ୍ଞତାର ପରିସର ମଧ୍ୟରେ ନ ଥିଲା: କିନ୍ତୁ ଯାହା ସ୍ୱାଭାବିକ ଅଭିଜ୍ଞତାର ପ୍ରତିକୂଳ ନୁହେଁ । ଆମେ ବିସ୍ମିତ ହେଉ । ଏଇଥିପାଇଁ ଯେ ସୃଜନଶୀଳ ସତ୍ତାଟି ସ୍ୱୟଂ ବିସ୍ମୟାଭିଭୂତ ହୋଇଥାଏ । ବିଷୟବସ୍ତୁର ନୂତନତା ଦ୍ୱାରା, ସୃଷ୍ଟିର ଧାରା ଓ ଶାଶ୍ୱତତା ତାହା ଜରିଆରେ ପ୍ରତିଫଳିତ ହେଉଛି ବୋଲି ବିଭୋର ଉପଲବ୍ଧି ଦ୍ୱାରା ।

ପୂର୍ଣ୍ଣ ସଂଖ୍ୟା ଦଶରୁ କେତେ ନମ୍ବର ଦାବି କରେ ଏଇ ବ୍ୟତିକ୍ରମ ଅନନ୍ୟ ଉତ୍ତରଟି ? ମୋର ସ୍ପଷ୍ଟ ମନେଅଛି, ମୁଁ ସହସା ନିର୍ଦ୍ଧାରଣ କରିପାରିଲି ନାହିଁ । ମୂଲ୍ୟାୟନ

ହୋଇ ସାରିଥିବା ଉତ୍ତର ଖାତାର ପୂର୍ବବର୍ତ୍ତୀ ପୃଷ୍ଠା ଓଲଟାଇଲି ଅଯଥାରେ । ସବୁ ଠିକ୍ ଓ ଯଥାର୍ଥ ଥିଲା ବୋଲି ହୃଦବୋଧ ହେଲା । ପାରାଗ୍ରାଫ୍‌ର ମୂଲ୍ୟାୟନ ପରେ, ଉତ୍ତର ଖାତାର ଅବଶିଷ୍ଟ ପୃଷ୍ଠା ପଢି ନମ୍ବର ଦେଲି । ସନ୍ତୁଷ୍ଟ ହେଲି ଯେ ଉତ୍ତର ଗୁଡିକର ମାନ ଅନୁପାତରେ ନମ୍ବର ଦିଆଯାଇଛି । ଦେଖା ସରିଥିବା ଉତ୍ତର ଖାତା ସହିତ ଏହାକୁ ସାମିଲ କରିବା ପୂର୍ବରୁ ଗୋଟିଏ କବିତାରେ ପରିଣତ ହୋଇସାରିଥିବା ପାରାଗ୍ରାଫଟିକୁ ଆହୁରି ଦୁଇଥର ପଢ଼ିବାର ପ୍ରଲୋଭନ ଏଡ଼ାଇବା ସମ୍ଭବ ହୋଇ ନଥିଲା ।

ପ୍ରଥମ ଏବଂ ଚାକିରିକାଳ ମଧ୍ୟରେ ଶେଷଥର, କୌତୂହଳ ଏବଂ ନିଶ୍ଚିତ ଭାବେ ନିର୍ମଳ ଆବେଗ ଯୋଗୁ, ସାମ୍ନା କାନ୍ଥରେ, ପେନ୍‌ସିଲ୍ ସାହାଯ୍ୟରେ ଲେଖି ରଖିଲି ଝିଅର ରୋଲ୍ ନମ୍ବର । ଲେଖି ରଖିବା ଆବଶ୍ୟକ ଯେ ସେତେବେଳେ ମାଟ୍ରିକ୍‌ରୁ ଆରମ୍ଭ କରି ଅନ୍ୟ ପରୀକ୍ଷା ଫଳ ପ୍ରକାଶିତ ହେଉଥିଲା ଖବରକାଗଜରେ । ଇଂରାଜୀରେ ଅତ୍ୟନ୍ତ ସନ୍ତୋଷଜନକ ଉତ୍ତର ଲେଖିଥିବା ଝିଅର ପରୀକ୍ଷା ଫଳ ଜାଣିବା ପାଇଁ ଥିଲା ଉତ୍ସାହ ଓ ଉତ୍କଣ୍ଠା ।

ପୂର୍ବବର୍ଷ ୧୯୭୧ ମସିହାରେ ସଂହାରକାରୀ ବାତ୍ୟାର କରାଳ ତାଣ୍ଡବ ଯୋଗୁ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ଅନ୍ୟ ଜିଲ୍ଲା ବିଧ୍ୱସ୍ତ ହୋଇଯାଇଥିଲା । ଆମେ ପ୍ରାୟ ବାରଜଣ ନୂଆ ଜଏନ୍ କରିଥିବା ଅଧ୍ୟାପକ ରହୁଥିଲୁ ଆଜବେଷ୍ଟସ ଢ଼ଙ୍କା ଗୋଟେ ମେସ୍‌ରେ । ଏହା ନିର୍ମିତ ହୋଇଥିଲା, ସେତେବେଳକୁ ବନ୍ଦ ହୋଇସାରିଥିବା ଇଂଜିନିୟରିଂ ସ୍କୁଲର ହଷ୍ଟେଲ ପିଲାଙ୍କ ପାଇଁ । ଅକ୍ଟୋବର ମାସ ଶେଷ ଆଡ଼କୁ ସଂଘଟିତ ହୋଇଥିବା ଏଇ ଭୟଙ୍କର ବାତ୍ୟା ନିଜର ଶକ୍ତି ସଂଗ୍ରହ ଆରମ୍ଭ କରିଥିଲା ଅପରାହ୍ନ ଚାରିଟା ବେଳକୁ । ଆମେ ରାତି ପ୍ରାୟ ନ'ଟା ବେଳେ ରାତ୍ରୀଭୋଜନ ଶେଷ କଲାବେଳକୁ ପୃଥିବୀର ମୂଳଦୁଆ ଥରହର ହେବା ଆରମ୍ଭ କରିଥିଲା । ରାତି ଏଗାରଟା ବାରଟା ବେଳକୁ ଆମ୍ଭେ ସମ୍ପୂର୍ଣ୍ଣ ଭାବେ ତ୍ରସ୍ତ ଓ ଅସୁରକ୍ଷିତ ହୋଇପଡିଥିଲୁ । ଆମେ ଉପାୟହୀନତାର ବଳୟ ଭିତରେ ଥିବାବେଳେ କାଗଜ ଫର୍ଦ୍ଦ ଭଳି ଉଡ଼ିଗଲା ଆଜବେଷ୍ଟସ୍ ସିଟ୍ ।

କଲେଜ ରାସ୍ତାର ଗୋଟିଏ ପାଖରେ ଆମର ଏଇ ମେସ୍ । ରାସ୍ତାର ଆରପାଖରେ, ମେସ୍ ସାମ୍ନାରେ ତିନି ମହିଲା ବିଶିଷ୍ଟ ପୁରୁଷ ଛାତ୍ରାବାସ । ଏହା ପଛରେ ଦୁଇମହଲା ବିଶିଷ୍ଟ ଆନେକ୍ସ ବିଲ୍‌ଡିଙ୍ଗ୍ । ଧ୍ୱଂସ କବଳିତ ଆମ ମେସ୍‌ରୁ ଆମେ କିପରି ଏଇ ଆନେକ୍ସ ବିଲ୍‌ଡିଙ୍ଗ୍‌ରେ ପହଞ୍ଚିଲୁ, ତାହା ପରିଣତ ହୋଇ ରହିଚି ଲୋମଟାଙ୍କୁରା ଅନୁଭୂତିରେ । ଆମର ଆଶଙ୍କା ଥିଲା ଯେ ଆମେ ପହଞ୍ଚିପାରିବୁ ନାଇଁ ଲକ୍ଷ୍ୟସ୍ଥଳରେ । ଉଡିଯିବୁ ପାଗଳ, ଉତ୍‌କ୍ଷିପ୍ତ ପବନର ଅଭୂତପୂର୍ବ ଗତିରେ । ପରବର୍ତ୍ତୀ ସମୟରେ ଆମେ ଶୁଣିବାକୁ ପାଇଥିଲୁ ଯେ ଗୋଟିଏ ଦୁଇଟି ବାଛୁରୀକୁ ଆପାତତଃ ଉଡ଼ାଇ ନେଇଥିଲା ଏଇ ମାରାତ୍ମକ ପବନ । ସେମାନଙ୍କ ମଲା ଦେହ ଆବିଷ୍କୃତ ହୋଇଥିଲା ଗଛ ଡାଳରେ ।

ସମୁଦାୟ ଦୁଇ ମହଲା ବିଲ୍‌ଡିଙ୍ଗ୍ ଖାଲି ଥିଲା ଯଥେଷ୍ଟ ସଂଖ୍ୟକ ଅନ୍ତେବାସୀ ନ ଥିବାରୁ । ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିବା ମେସ୍‌ରୁ ଓଦା ଜୁତୁବୁତୁ ଆମ ଜିନିଷ ସ୍ଥାନାନ୍ତରିତ ହେଲା ଉପର ମହଲାକୁ । ମୁଁ ଅନ୍ୟ ଜଣେ ସହକର୍ମୀ ବନ୍ଧୁଙ୍କ ସହିତ ରହିଲି ଗୋଟିଏ ରୁମ୍‌ରେ । କେନ୍ଦ୍ରାପଡ଼ାର ନିକଟବର୍ତ୍ତୀ ଅଞ୍ଚଳରେ ଯେଉଁ ଅଧ୍ୟାପକ ବନ୍ଧୁମାନଙ୍କର ଘର, ସେମାନେ ଗାଁକୁ ବାହାରି ଯାଆନ୍ତି ଶନିବାର ଅପରାହ୍ନରେ କ୍ଲାସ୍ ଶେଷକରି । ଫେରନ୍ତି ସୋମବାର ସକାଳେ ।

ଏତେ କଥା ଲେଖିବାର କାରଣ, ପୁରୀ ଓମେନ୍ସ କଲେଜର ଖାତା ଦେଖିଥିଲି ଏଇ ହଷ୍ଟେଲ୍ କୋଠାର ଗୋଟିଏ ରୁମ୍‌ରେ ଅବସ୍ଥାନ କରିବା ଅବକାଶରେ । ସଂପୃକ୍ତ ଖାତାର ମୂଲ୍ୟାଙ୍କନ ପରେ ଏବଂ କାନ୍ଥରେ ରୋଲ୍ ନମ୍ବର ଲେଖିବା ପରେ, ମୁଁ ଆସିଲି ବାରଣ୍ଡା ଉପରକୁ । ତାଲା ପଡ଼ିଥିବା ରୁମ୍ ସାମ୍ନାରେ ପଦଚାରଣ କଲି । ଅବଶ୍ୟ ଅକାରଣରେ ନୁହେଁ; କାହିଁକିନା ସେ ପର୍ଯ୍ୟନ୍ତ ବଳଦ ବେକର ଘଣ୍ଟିର ଧ୍ୱନି ଓ ସବୁଜ କ୍ଷେତର ବାସ୍ନା ବଳବତ୍ତର ଥିଲା । ଏହା ସତେ ଅବା ଆଚ୍ଛନ୍ନ କରି ରଖିଥିଲା ସେହି ଖାତାକୁ । ଘଟୁଥିଲା ତାହାର ବିକିରଣ ।

ସମ୍ଭବତଃ ମୋ ପ୍ରତିକ୍ରିୟା ଅତିରଞ୍ଜିତ ଥିଲା; ଆନୁପାତିକ ନୁହେଁ । ଝିଅଟି ଯେଉଁ ଆଠ କିଲୋମିଟର ଖରାପ ରାସ୍ତା କଥା ଲେଖିଥିଲା, ତାହା ସତେ ଅବା ଥିଲା ବସ୍‌ଷ୍ଟପ୍‌ରୁ ଆମ ଗାଁକୁ ରାସ୍ତା ଯାହା ବିଭାଜିତ ହୋଇ ରହିଥିଲା ପୋଲବିହୀନ ତିନିଟି ପାହାଡ଼ୀ ଝରଣା ଯୋଗୁ ଏବଂ ସବୁଜ ଧାନ କ୍ଷେତର ବାସ୍ନା ପ୍ରସଙ୍ଗ । ତାହା ଝିଅର ମାମୁଁଙ୍କ ଗାଁର ବାସ୍ନା । ମୋ ଗାଁର ବାସ୍ନା । ସୁଧୀବୃନ୍ଦ, ଆପଣଙ୍କ ଗାଁର ବାସ୍ନା ।

ହୁଏତ ପାରାଗ୍ରାଫ୍‌ରେ ଉପସ୍ଥାପିତ ହୋଇଥିବା ପରିବେଶ, ମୋ ଅଞ୍ଚଳର ପରିବେଶ । ଆପଣଙ୍କ ଅଞ୍ଚଳର ବି । ତେବେ ମୁଁ ପାରାଗ୍ରାଫ୍ ପ୍ରତି ମୁଗ୍ଧ ହେବାର ଆଉ କିଛି କାରଣ ଥାଇପାରେ । ମୁଁ କହିସାରିଚି ଯେ ଝିଅର ଇଂରାଜୀ ଥିଲା ଆପାତତଃ ତ୍ରୁଟିହୀନ । କହିସାରିଚି ଯେ ଏମିତି ଏକ ବିଷୟ ଚୟନ କରି ସେ ପ୍ରଦର୍ଶନ କଲା ସୃଜନଶୀଳତା ଯାହା ଏକାଧାରାରେ ରୋମାଞ୍ଚକର ଏବଂ ସୁନ୍ଦର ।

କହିରଖେ ଯେ, ପ୍ରକାଶିତ ପରୀକ୍ଷା ଫଳ ମୋଠାରେ ସୃଷ୍ଟି କରିଥିଲା କିଞ୍ଚିତ ନୈରାଶ୍ୟ । ସେ ହାସଲ କରିଥିଲା ଦ୍ୱିତୀୟ ଶ୍ରେଣୀ । ତେବେ ସେ ସମୟ ଆର୍ଟସ୍ ଷ୍ଟ୍ରିମ୍‌ରେ ପ୍ରଥମ ଶ୍ରେଣୀ ପାଇବା ଥିଲା ଦୁର୍ଲଭ ଘଟଣା ।

ଆହୁରି ଦୁଇ ତିନିଟି ନଗଣ୍ୟ ତଥ୍ୟ ଉପସ୍ଥାପନ କରିବାର ଲୋଭ ଏଡ଼ାଇ ପାରୁନି ବୋଲି କ୍ଷମା ଦେବେ ।

ପ୍ରଥମ: ୧୯୭୨ ମସିହା ବେଳକୁ ମୋର କେତୋଟି ଗପ ପତ୍ରିକାରେ ପ୍ରକାଶିତ ହୋଇସାରିଥିଲା । ପୁନରାବୃତ୍ତି କରୁଚି ଯେ ମୋର ପ୍ରଥମ ଗପ ସେତେବେଳେ କଲିକତାରୁ

ପ୍ରକାଶିତ ହେଉଥିବା 'ନବରବି'ରେ ସ୍ଥାନିତ ହେବା ପୂର୍ବରୁ, ପତ୍ରିକାର ସଂପାଦନା ତଦାରଖ କରୁଥିବା ଖ୍ୟାତିସଂପନ୍ନ ଗୋଇନ୍ଦା ଔପନ୍ୟାସିକ ଦିବଂଗତ କଣ୍ଠୁରି ଚରଣ ଦାସଙ୍କ ଅବିଶ୍ୱସନୀୟ ପ୍ରଶଂସାମୂଳକ କାର୍ଡ ପାଇଲି । ଗପର ନୂତନତା, ଉପସ୍ଥାପନ ଇତ୍ୟାଦିକୁ ସେ ପ୍ରଶଂସା କରିଥିଲେ ଏବଂ ନବରବି ସହିତ ମୋର ସହଯୋଗ କାମନା କରିଥିଲେ । କ୍ଲାସ୍‌ରେ ଅଧ୍ୟାପନା ସହିତ ସୃଜନଶୀଳତାର ସ୍ପନ୍ଦନ ଯୋଗୁ ମନ୍ତ୍ରମୁଗ୍ଧ ଅବସ୍ଥା ମୋର ଜୀବନଚର୍ଯ୍ୟା ନିୟନ୍ତ୍ରଣ କରୁଥିଲା । ଏହା ଅନ୍ୟ ଏକ କାରଣ, ସଂପୃକ୍ତ ପାରାଗ୍ରାଫ୍‌କୁ ଶ୍ରଦ୍ଧା କରିବାର ।

ସେହି ମସିହା ବେଳକୁ, ଏକଦା ସମୃଦ୍ଧ ଓ ସମ୍ପ୍ରାନାସ୍ପଦ ଆମ ପରିବାରର ଅବକ୍ଷୟର ଧାରା ଆରମ୍ଭ ହୋଇ ସାରିଥିଲା । ଘର ପଛ ପର୍ଯ୍ୟାପ୍ତ ସ୍ଥାନକୁ ବ୍ୟବହାର କରାଯାଉଥିଲା ଖଳା ଭାବରେ । ଧାନ କ୍ଷେତରୁ ଆସୁଥିବା କଳେଇ ଥାକମରା ହୋଇ ରଖାଯାଉଥିଲା ଚାରିପାଖରେ । ଧାନକଟା ପ୍ରକ୍ରିୟା ସରିବା ପରେ, ଯତ୍ନର ସହିତ ଗୋବର ଦ୍ୱାରା ଲିପାଯାଇଥିବା ପରିଚ୍ଛନ୍ନ ସ୍ଥାନରେ ତିନିଟି ଲେଖାଏଁ ବେଙ୍ଗଳା ପଡୁଥିଲା ଅମାରକୁ ଧାନ ଅଣାଯିବା ପାଇଁ । ପାଖ ଜଙ୍ଗଲରୁ ଅଣାଯାଉଥିବା ସବୁଜ ଶାଳ ଡାଳ ଦ୍ୱାରା ଖଳା ଚାରିପାଖର ବାଡ଼ ବୁଜାଯାଉଥିଲା । ପ୍ରତ୍ୟେକ ବର୍ଷ ଏଇ ପ୍ରକ୍ରିୟାରୁ ରକ୍ଷା ପାଇବା ପାଇଁ ବାପା ନିର୍ମାଣ କରାଇଥିଲେ ଇଟା ପାଚେରି ଖଳା ଚାରିପାଖରେ । ପୂର୍ବଦିଗ ପାଚେରିର ଶେଷ ମୁଣ୍ଡକୁ ଆପାତତଃ ବିଚ୍ଛିନ୍ନ ଓ ଅପାଙ୍‌କ୍ତେୟ ହୋଇ ଡେରା ହୋଇଥିଲା, କିଛି ବର୍ଷ ପୂର୍ବେ ଗତିଶୀଳ ଓ ସକ୍ରିୟ ଥିବା ଆମ ଶଗଡ଼ର ଗୋଟେ ଚକ । ଗତିଶୀଳତା ହିଁ ଜୀବନ । କିଛି ବର୍ଷ ପୂର୍ବେ ସକ୍ରିୟ ଥିବା ଏଇ ଚକ ସତେ ଅବା ଏକ ପ୍ରତୀକ ହୋଇଯାଇଥିଲା କ୍ରମେ ଧିମେଇ ଯାଉଥିବା ଆମ ପରିବାରର ଅବସ୍ଥା ଭଳି । ଏ ଅବସ୍ଥା ଊର୍ଦ୍ଧ୍ୱମୁଖୀ ହୋଇପାରିନାଇଁ । ସବୁଜ ଧାନ କ୍ଷେତର ଅନନ୍ତ ମହିମାଣ୍ଡିତ ମହକ ଏବଂ ଅବିଭାଜିତ ଗତିଶୀଳତାର ଧ୍ୱନିମିଶ୍ରିତ ପ୍ରବାହର ଅବତାରଣା ମଧ୍ୟ କାରଣ, ପାରାଗ୍ରାଫ୍ ପ୍ରତି ବିଭୋର ହେବା ମୂଳରେ ।

ଏ ପାରାଗ୍ରାଫର ଲେଖିକା ଏବେ କେଉଁଠି, କ'ଣ କରୁଛନ୍ତି ? ଜାଣିବାର ଉପାୟ ପାଇଁ । ଜାଣିବା ଦରକାର ବା କ'ଣ । କିନ୍ତୁ ପରବର୍ତ୍ତୀ ଶିକ୍ଷା ବର୍ଷମାନଙ୍କରେ, ପିଲାମାନଙ୍କର ଟିଉଟରିଆଲ୍ କ୍ଲାସ୍ ନେବା ଅବସରରେ ମୁଁ ଉପସ୍ଥାପନ କରୁଥିଲି, ମୋର ସ୍ମରଣୀୟ ଯାତ୍ରା ଶୀର୍ଷକ ପାରାଗ୍ରାଫ୍ କିପରି ଲେଖାଯାଇପାରେ ।

ଏକାଧିକ ବାର ମୁଁ ଏଇକଥା ଭାବିଚି - ମନେ କରାଯାଉ, ପ୍ରାୟ ପଚାଶ ବର୍ଷ ହେଲା ନାମହୀନ ଅଦେଖା ଝିଅଟି ଅକସ୍ମାତ ଦେଖା ହୋଇଗଲା । ତା' ସହିତ ମୋର କାଳ୍ପନିକ କଥୋପକଥନ ଏଭଳି ହୁଅନ୍ତା ।

ତୁମର ପ୍ରାୟ ଶହେ ଶବ୍ଦ ପରିମିତ ପାରାଗ୍ରାଫ୍ ବହୁତ ଭଲ ହୋଇଚି । ମୁଁ ତାକୁ କହନ୍ତି ମୁଗ୍ଧ ପ୍ରଶଂସାରେ ।

ଆପଣଙ୍କୁ ଭଲ ଲାଗିଲା, ସାର୍? ତା' ସ୍ୱରରେ ହୁଏତ ଥାଆନ୍ତା ଅବିଶ୍ୱାସ । ଆନନ୍ଦ ତ ନିଶ୍ଚୟ ।

ତୁମେ ଏଇ ଯେଉଁ ଯାତ୍ରା ବିଷୟରେ ଲେଖିଲ, ତାହା ବାସ୍ତବ ଅଭିଜ୍ଞତା ଆଧାରିତ ଥିଲା; ନୁହେଁ କି ? ମୁଁ ପଚାରନ୍ତି କୌତୂହଳ ବଶତଃ ।

ସେ ନିରୁତ୍ସାହିତ ଦେଖାଗଲା ଟିକିଏ । କୁଣ୍ଠିତ ଦେଖାଗଲା ଏଇଥିପାଇଁ ଯେ ସେ ଏକ ଦୁର୍ବଳ ଓ ଅଭାବଗ୍ରସ୍ତ ପରିସର ଉନ୍ମୋଚନ କରିବାକୁ ଯାଉଚି ଯାହା ସେ ଲେଖିଥିବା ପାରାଗ୍ରାଫ୍‌ର ଗରିମା ଓ ସୌଷ୍ଠବକୁ ଲୁଣ୍ଠନ କରିବ । ସେ ମୁଣ୍ଡ ଟେକିଲା, ଚାହିଁଲା ମୋ ଆଡ଼େ । କହିଲା ସଂଶୟପୂର୍ଣ୍ଣ, ତ୍ରୁଟି ସ୍ୱୀକାର କରିବା ସ୍ୱରରେ - ନା ସାର୍ ।

ମାନେ ? ବିସ୍ମିତ ହେଲି ମୁଁ । ଜାଣିବାକୁ ଚାହିଁଲି - ମାମୁଁଙ୍କ ଗାଁକୁ ଶଗଡ଼ରେ ଯିବା କଥାଟା ତେବେ କ'ଣ ମନଗଢ ?

ହଁ । ସେ କହିଲା କିଛି ସମୟ ପରେ; କିନ୍ତୁ ତା'ର ଚିନ୍ତାଶୀଳ ମୁହଁ ସୂଚଉଥିଲା ଯେ ଏ ସଂକ୍ରାନ୍ତରେ ତା'ର ବକ୍ତବ୍ୟ ଅଛି; ଯାହା ସ୍ପଷ୍ଟ ହୋଇପାରୁ ନଥିଲା । ତେବେ ସେ ପଚାରିଲା - ପାରାଗ୍ରାଫ୍‌ଟା କ'ଣ ଏକ ବାସ୍ତବ ଯାତ୍ରାର ବିବରଣ ଭଳି ଲାଗୁଚି, ସାର୍ ?

ଅଫ୍‌କୋର୍ସ । କହିଲି ଟିକିଏ ଜୋର୍ ଦେଇ । ଏହା ବାସ୍ତବ ନୁହେଁ; କାଳ୍ପନିକ ବୋଲି ଜାଣିବା ପରେ ତୁମର ସେଇ ଲେଖା ପ୍ରତି ମୋର ଶ୍ରଦ୍ଧା ଆହୁରି ବଢିଯାଇଛି । ଆହୁରି କହିଲି - ଶଗଡ଼, ଅସଜଡ଼ା ରାସ୍ତା, ଧାନ କ୍ଷେତର ମହକ ଇତ୍ୟାଦି । ଏସବୁର ଚମତ୍କାର ସଂହତି ଯୋଗୁ ସୁନ୍ଦର ପାରାଗ୍ରାଫ୍ ।

ସେ ଯଥେଷ୍ଟ ଆତ୍ମବିଶ୍ୱାସ ଅନୁଭବ କରୁଥିଲା ନିଜ ବକ୍ତବ୍ୟ ଉପସ୍ଥାପନ କଲାବେଳେ - ସାର୍, ସତକଥାଟି ହେଉଚି, ମୁଁ ଶଗଡ଼, ଖରାପ ରାସ୍ତା ଇତ୍ୟାଦି ଦେଖିଚି ବିଭିନ୍ନ ସମୟରେ, ପରିବେଶରେ । ଧାନ କ୍ଷେତର ମହକ ବି ମୋତେ ଆହ୍ଲାଦିତ କରିଚି କେତେଥର ।

ଏବଂ ତାହା ହିଁ ସୃଜନଶୀଳତାର ଆଲୌକିତ କାରିଗରୀ । ବିଭିନ୍ନ ସମୟ, ପରିସ୍ଥିତିରେ ଦେଖିଥିବା, ଶୁଣିଥିବା, ପଢିଥିବା ଚିତ୍ର ଓ ଚରିତ୍ର ସତେ ଅବା ଉଠିଆସନ୍ତି ଚେତନ-ଅବଚେତନ ଅଞ୍ଚଳରୁ । ସେ ପର୍ଯ୍ୟନ୍ତ ଅସଂଲଗ୍ନ; ଏପରିକି ପରସ୍ପରର ପରିପନ୍ଥୀ, ଏସବୁ ଏକୀଭୂତ ହୋଇଯାଆନ୍ତି । ସୃଷ୍ଟି ହୋଇଯାଏ ପୂର୍ଣ୍ଣାଙ୍ଗ, ଜୀବନ୍ତ ଏକା ଶଗଡ, ଧାନ କ୍ଷେତର ମହକ ଇତ୍ୟାଦି ସାମୂହିକ ସମନ୍ୱୟ ଉପସ୍ଥାପନ କରେ ଏକ ସାବଲୀଳ, ନୂଆ ଏବଂ ଚମକପ୍ରଦ ଚିତ୍ର । ଏହା ଆମ ଅଭିଜ୍ଞତାର ସମର୍ଥନ ହାସଲ କରେ; ପ୍ରତିକୂଳତା ନୁହେଁ ।

କହିଲ - ମୁଁ ଚାହେଁ, ତୁମେ ଆଉ ଗୋଟିଏ ଲେଖା ଲେଖନ୍ତ..... । ମୁଁ ଅନେଇଲି ତା' ମୁହଁରୁ ତା'ର ପ୍ରତିକ୍ରିୟା ଏବଂ ସମ୍ମତି-ଅସମ୍ମତି ଜାଣିବା ପାଇଁ ।

କି ପ୍ରକାର ଲେଖା ଲେଖିବି ବୋଲି ଆପଣ ଚାହାଁନ୍ତି, ସାର୍ ? ସେ ପଚାରିଲା ସେ ପର୍ଯ୍ୟନ୍ତ ଆହ୍ୱାନଟି ନିର୍ଦ୍ଦିଷ୍ଟ ହୋଇ ନଥିଲା ବୋଲି ।

ତୁମ ଲେଖାର ଶୀର୍ଷକ ହେବ - ମୋର ସ୍ମରଣୀୟ ଯାତ୍ରା । ମୁଁ ପୁଣି ଦେଖିଲି ତା'ର ବିଚଳିତ ମୁହଁକୁ ।

ଶହେ ଶବ୍ଦ ମଧ୍ୟରେ ? ସେ ପଚାରିଲା ।

ନା ! ମୋର ସ୍ପଷ୍ଟୀକରଣ ଥିଲା - ତୁମେ ଯେତେ ବଡ଼ ଲେଖାଟେ ଲେଖିପାରିବ ଏ ସଂକ୍ରାନ୍ତରେ । ଦ୍ୱିତୀୟ କଥାଟି ହେଉଚି, ତୁମେ ଯେତେ ସମୟ ନେଇପାରିବ ଏହାକୁ ଲେଖିବା ପାଇଁ । ଦିନେ, ଦୁଇଦିନ ଦଶଦିନ । ତରବର ହେବାର କୌଣସି କାରଣ ନାଇଁ । ତୁମେ ପରୀକ୍ଷା ଦେଉନ । ପରୀକ୍ଷା ହଲ୍‌ରେ ତୁମର ବସିବାର ନାଇଁ ।

ସେ ରିଲାକ୍ସଡ୍ ଦେଖାଗଲା ଅବଶ୍ୟ; କିନ୍ତୁ ଚିନ୍ତାସ୍ପଷ୍ଟ ହୋଇପଡିଲା । ଆତ୍ମପ୍ରତ୍ୟୟ ଦେଖାଗଲା ନାଇଁ ତା'ଠାରେ । ତା' ବକ୍ତବ୍ୟ ଥିଲା - ଏଇଟା ମୋ' ପାଇଁ ପରୀକ୍ଷା ଦେବା ଭଳି କଥା, ସାର୍ । ନିଜ ସହିତ ପ୍ରତିଯୋଗିତା କରିବା । ମୋର ଆଶଙ୍କା ହୁଏ, ସାର୍, ଯେ ପରୀକ୍ଷା ହଲ୍‌ରେ ଲେଖିଥିବା ପାରାଗ୍ରାଫ୍‌ର ସମକକ୍ଷ ପାରାଗ୍ରାଫ୍‌ଟେ ଲେଖିବାର ସାମର୍ଥ୍ୟ ସମ୍ଭବତଃ ମୋ'ଠାରେ ନାଇଁ । ହଲ୍‌ରେ ତାହା ଲେଖାଯାଇଥିଲା ପ୍ରଚଣ୍ଡ ଚାପ ଯୋଗୁଁ । ତାହା ଯୋଗୁ ମନୁଷ୍ୟର ଶ୍ରେଷ୍ଠତ୍ୱ ପ୍ରକାଶିତ ହୋଇଯାଏ । ଏବେ ସେମିତି ଚାପ ଅନୁଭବ କରିବାର ଅବକାଶ ନାହିଁ । ସେକେଣ୍ଡଲି ହାତରେ ଅଛି ପର୍ଯ୍ୟାପ୍ତ ସମୟ । ମୋର ଡର ଏଇଥିପାଇଁ ଯେ ମୋର ପୁନର୍ଲିଖନ ଆପଣଙ୍କଠାରେ ସୃଷ୍ଟି କରିବ ନୈରାଶ୍ୟ ।

ୱେଲ୍, ତୁମେ ତୁମର ଏଇ ଆଶଙ୍କାକୁ ପ୍ରତିହତ କର ଅଧିକ ଉତ୍କୃଷ୍ଟ ଲେଖା ଜରିଆରେ । ମୁଁ ତାକୁ ପ୍ରୋତ୍ସାହିତ କଲି । ଯୋଗକଲି - ଏହା ତୁମ ଉପରେ ଚାପ ପ୍ରୟୋଗ କରିବ । ଉଇସ୍ ୟୁ ଅଲ୍ ଦି ବେଷ୍ଟ୍ । ନାଓ, ଗୋ ଆହେଡ୍ । ତୁମ ଲେଖା ସରିଲେ ଦେଖାହେବ । ଆଉ ଗୋଟେ କଥା । କୌଣସି କାରଣରୁ ଏହା ଲେଖିବା ଯଦି ଓ ତୁମ ପାଇଁ ସମ୍ଭବ ନ ହୁଏ, ତେବେ ମଧ୍ୟ କିଛି ଭାବିବାର ନାଇଁ । ମୁଁ ଆଦୌ ମାଇଣ୍ଡ୍ କରିବି ନାଇଁ । କେବଳ ମୁଁ ନୁହେଁ; ଲେଖାର ପାଠକମାନେ ଅତ୍ୟନ୍ତ ଆଗ୍ରହର ସହିତ ଉପଭୋଗ କରିବାକୁ ଚାହିଁବେ ତୁମର ନିଜ ସହିତ ଏଇ ଫ୍ରେଣ୍ଡଲି ମ୍ୟାଚ୍ ।

ଏହାର ତିନିଦିନ ପରେ ସେ ମୋ ଆଗରେ । ତା' ବ୍ୟାଗ୍‌ରୁ ସେ ବାହାର କଲା ଦୁଇ ତିନି ଖଣ୍ଡ କାଗଜ । ସେଥିରେ ବର୍ଣ୍ଣିତ ମୋ ସ୍ମରଣୀୟ ଯାତ୍ରା । ଆପଣ ବି ପଢୁଛନ୍ତି ଏହାକୁ -

ବାପା ନୁହଁନ୍ତି, ମା' ହିଁ ଅଧିକ ଉତ୍ସାହ ଓ ତତ୍ପରତା ଦେଖାଇଲା ଯେ ଏଇ ଦଶହରା ଛୁଟିରେ ମାମୁଙ୍କ ଗାଁ ଆଡୁ ବୁଲିଆସେ । ତା'ର ଯୁକ୍ତି ଥିଲା - ତୁ ବର୍ଷକର ହୋଇଥିଲୁ ସେତେବେଳେ । ପ୍ରାଣବାୟୁ ଉଡିଗଲା ଭଳି ଜଣାପଡୁଥିବା ଗୋଟେ ଦିଆଶିଲି ଖୋଳ ବସ୍‌ରେ ତୋତେ ଧରିଯାଇଥିଲି ତୋ ମାମୁ ଘରକୁ । ରାସ୍ତା ଯାକର ଧୂଳି ଗାଡ଼ି ଭିତରେ । ସେଥିରେ ଥାଆନ୍ତି ତିନି ଚାରିଟା ଛେଳି-ମେଣ୍ଢା, ଛ'-ସାତଟା କୁକୁଡ଼ା । ଦୁନିଆ ଜାଗାରେ ରହୁଥିଲା ସେ ଧଇଁଆ ଗାଡ଼ି । କେଉଁଠି ଟିକିଲ ରହିଗଲେ ଆଗକୁ ଯିବା ପାଇଁ ଗୋଟେ ମଙ୍ଗୁ ନଥିଲା ସିଏ । ବସ୍ ରହିବା ଜାଗାରୁ ମାମୁଁଙ୍କ ଗାଁ ପୁଣି ପାଞ୍ଚ-ଛ' କୋଶ ବାଟ । ମାମୁଁଘରେ ପହଞ୍ଚିଲା ବେଳକୁ ଦୁଇ ହାତରେ ଦରଜ ଯେ କାହିଁରେ କ'ଣ । ଚାଲି ଚାଲି ଏତେ ବାଟ । କାଖେଇବାକୁ ପଡିଥିଲା ତୋତେ । ତୋ ହେଲ୍‌ଥ ଭାରି ଭଲ ଥିଲା ସେତେବେଳେ । ହଁ ପରା । ତୋତେ ଯିଏ ଦେଖୁଥିଲା ଏଇକଥା ମୋ ମୁହଁରେ ନୁହେଁ, ପଛରେ କହୁଥିଲା । ବାର ଲୋକଙ୍କ ନଜର ପଡ଼ିଲା ମୋ ଛୁଆ ଉପରେ । କୁଆଡେ ଗଲା ସେଦିନର ହେଲ୍‌ଥ ଲୋ, ମା' ରାଣୀ ?

ମା' ଏକଥା ଅତିକମ୍‌ରେ ହଜାରେ ଥର କହିଥିବ । ପରେ ମୁଁ ନିଶ୍ଚିତ ହେଲି, ଅତୀତର ଏଭଳି କଥା, ବିଶେଷତଃ ବାପଘର କଥା ସମ୍ପର୍କୀୟ କଥା, କହିବାରେ ମା'ମାନେ ଥକି ଯାଆନ୍ତି ନାଇଁ; ବରଞ୍ଚ ଅନୁଭବ କରନ୍ତି ପୁଲକ । ଝିଅ ହୋଇଥିବାର ସ୍ମୃତି ସେମାନଙ୍କୁ ପ୍ରଗଲ୍ଭ, ରୋମାଞ୍ଚିତ କରେ । ସେ ଶେଷ କରିବାକୁ ଚାହୁଁଥିଲା ତା' କଥା - ତା'ପରେ ଆଉ କୋଉ ସୁବିଧା ହେଇଚି ଯେ ଯାଇଥାନ୍ତୁ ସେଠାକୁ ? ତୋର ମାଟ୍ରିକ୍ ପରୀକ୍ଷା ପରେ ସେଠାକୁ ଯିବୁ ବୋଲି ତୋ ମାଇଁ ଡେର୍ ଜିଗର କରିଥିଲା । ଦୁଇ ତିନିଟା ଚିଠି ଲେଖିଥିଲା ତା' ଢିମା ଢିମା ଅକ୍ଷରରେ । ମନାକଲି । ଯୋଉ ଗରମ ହେଉଥାଏ । ସୂର୍ଯ୍ୟ କ'ଣ ଆକାଶରେ ଥିଲା ? ନାଇଁ ପରା ! ଢାଳି ହୋଇଯାଇଥିଲା ବସୁମାତା ଉପରେ । ତାକୁ ନିର୍ଭର ଜବାବ ଦେଇଥିଲି - ଅନି ଦଶହରା ଛୁଟିରେ ଯିବ ତୁମ ଆଡ଼େ ।

ଦୁଇ କିଲୋମିଟର ଦୂର ହାଇସ୍କୁଲକୁ ଯାଉଥିଲି ରିକ୍ସାରେ, ପଡୋଶୀ କୁନି ସହିତ । ପରେ ସିନା ସାଇକେଲ୍ କିଣାଗଲା ମୋ ପାଇଁ । ସେଇ ରିକ୍ସାରେ ବାପାଙ୍କ ସହିତ ଆସିଲି ବସ୍‌ଷ୍ଟାଣ୍ଡକୁ । ବାପା ସେମିତି ବେଶି ଆଗ୍ରହୀ ନଥିଲେ ମୁଁ ଏକୁଟିଆ ଏତେ ବାଟ ଅତିକ୍ରମ କରି ମାମୁଁ ଘରକୁ ଯାଏ ବୋଲି । ସେ ଟିକିଏ ଗମ୍ଭୀର ପ୍ରକୃତିର ଲୋକ । ମା' ଭଳି କାରଣ ଅକାରଣରେ ବକର ବକର ହେବା ତାଙ୍କ ସ୍ୱଭାବ ବିରୁଦ୍ଧ । ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପର୍ଯ୍ୟନ୍ତ ସେ କିନ୍ତୁ ମୋତେ ସତର୍କ କରାଉଥାନ୍ତି । ଚିନ୍ତିତ, ଉଦ୍‌ବିଗ୍ନ ଦେଖାଯାଉଥାନ୍ତି । ଯିବି ନାଇଁ ମାମୁଁ ଘରକୁ; ଚାଲ ଫେରିଯିବା - ଏତକ ଶୁଣିଲେ ସତେ ଅବା ଆଶ୍ୱସ୍ତ ହୁଅନ୍ତେ । ଖୁସିହୋଇ, ମୋ ସୁନାନାକି ଝିଅ ବୋଲି ଗଦଗଦ ହୋଇପଡନ୍ତେ ।

ବସ୍ ଛାଡିବାର ପ୍ରାୟ ପନ୍ଦର ମିନିଟ୍ ପୂର୍ବରୁ ଆମେ ପହଞ୍ଚି ଯାଇଥିଲୁ ଷ୍ଟାଣ୍ଡରେ । ମୋ ଉଦ୍‌ବେଗ ବଢିଯାଇଥିଲା ବାସ୍ତବିକ । ଶେଷହୀନ ଲହଡ଼ି ଭଳି ଝାଳ ଉତୁରି ଆସୁଥିଲା ଦେହରୁ । ବିକଳ ଲାଗୁଥିଲା; ଶୋଷ ହେଉଥିଲା ଅଯଥାରେ । ସୃଷ୍ଟି ହୋଇଯାଉଥିଲା କମ୍ପନ ମୋ ସ୍ମୃତିକୁ ଟଳମଳ କରି । ଯା ସତ୍ତ୍ୱେ ବାପାଙ୍କ ମନରେ ପ୍ରତ୍ୟୟ ସୃଷ୍ଟି କରିଥିଲି ଯେ ତାହା ଗୋଟେ ମାମୁଲି ଆହ୍ୱାନ । ତା' ଠାରୁ ଆହୁରି ବଡ଼ ଅଭିଯାନ ପାଇଁ ଅଛି ମୋ' ଠାରେ ସାହସ ଓ ଆତ୍ମବିଶ୍ୱାସ ।

ମା' ବର୍ଣ୍ଣନା କରିଥିବା ରାସ୍ତା ନଥିଲା ତାହା । ଆହୁରି ମଧ୍ୟ କେଡ଼େ ବଡ଼ ପରିଷ୍କାର ବସ୍ ଆଗେଇ ଯାଉଥିଲା ପିଚୁ ରାସ୍ତା ଉପରେ ତେବେ ବସ୍‌ଷ୍ଟାଣ୍ଡ ଛାଡିବା ମାତ୍ରେ ଏବଂ ବାପାଙ୍କ ଚିନ୍ତାଗ୍ରସ୍ତ ମୁହଁ କ୍ରମଶଃ ଦୂରେଇ ଯାଇ ହଜିଯିବା ମାତ୍ରେ, ମୁଁ ସତେ ଯେପରି ବିଚ୍ଛିନ୍ନ ହୋଇଗଲି ପରିଚିତ ପୃଥିବୀରୁ; ଏପରିକି ନିଜ ଠାରୁ । ମୁଁ ମୋ ସତ୍ତା ଏଇ ଯେପରି ହଜିଯିବ ଚଉଦ ବ୍ରାହ୍ମଣ୍ଡର ଦିଗହୀନତା ଭିତରେ । ବସ୍‌ର ଶବ୍ଦ, ପାସେଞ୍ଜରଙ୍କର କଥାବାର୍ତ୍ତା । ଲୁପ୍ତ ହୋଇଯାଇଥିଲା ମହାଶୂନ୍ୟ ଭିତରେ । ରାସ୍ତାକଡର ଦୃଶ୍ୟ; ଏପରିକି ବସ୍ ଭିତରର ମଣିଷ । ସବୁ ଜଣାପଡ଼ିଲା ଆକାରହୀନ, କିଂଭୂତକିମାକାର । ଏ ଅବସ୍ଥା ଅବଶ୍ୟ ରହିଲା ନାଇଁ ବେଶି ସମୟ । ସ୍ଥିରତା ଆସିଲା । ଥୟ ହେଲା ମୋ ଅଭ୍ୟନ୍ତର । ମୁଁ ଉପଭୋଗ କଲି ବାହାରର ଦୃଶ୍ୟ । ଆପଣାର ଲାଗିଲା ବିଶ୍ୱ ହେଉଥିବା ପବନ ।

ପାଖ ହୋଇ ଆସୁଥିଲା ମୁଁ ଓହ୍ଲେଇବାକୁ ଥିବା ବସ୍‌ଷ୍ଟପ୍ । ସମସ୍ତ ପ୍ରତିଶ୍ରୁତି ସତ୍ତ୍ୱେ ମୁଣ୍ଡ ଟେକୁଥିଲା ଆଶଙ୍କା । ମାମୁଁଙ୍କ ଗାଁକୁ ଯିବା ପାଇଁ କେଉଁ ପ୍ରକାର ବ୍ୟବସ୍ଥା କରାଯାଇଥିବ ? ଯଦି ସେମିତି କିଛି ବ୍ୟବସ୍ଥା ନଥାଏ ?

ପୁଣି ଗୋଟେ ଉଷୁମ ଢେଉ ବସ୍‌ରୁ ଓହ୍ଲାଇବା ମାତ୍ରେ । ମୁଁ ଥିଲି ଏକମାତ୍ର ପାସେଞ୍ଜର୍ ସେଠାରେ ଓହ୍ଲାଇବାରେ । ବସ୍ ପଳେଇଯିବା ମାତ୍ରେ ପୁଣି ସଞ୍ଚରିଗଲା ନିଃସଙ୍ଗତା ଓ ବିଚ୍ଛିନ୍ନତାବୋଧ । ମୁଁ ସତେ ଅବା ଝୁଲି ରହିଲି ଆମ ଘର ଓ ମାମୁଁଘର ମଝିରେ । ସେଠାରେ ଥିଲା ଦୁଇଟି ଚା' ଜଳଖିଆ ଦୋକାନ । ପାନ ଦୋକାନ ତିନି ଚାରିଟା । ରାସ୍ତା ଆରପାଖରେ ତେଜରାତି ଓ ଷ୍ଟେସ୍‌ନାରି ଦୋକାନ । ଅତ୍ୟନ୍ତ କ୍ଷୀଣ ବାଣିଜ୍ୟର ଧାରା । ଚାରି ପାଞ୍ଚ ଜଣ ଲୋକ କେଜାଣି କାହିଁକି ଏପାଖ ସେପାଖ ହେଉଥିଲେ ଧିମା ଗତିରେ । ଯେଉଁମାନଙ୍କୁ ନିଶ୍ଚିନ୍ତରେ ଶୋଇଥିବା ତିନିଟା କୁକୁର ଟିକିଏ ହେଲେ ଖାତିର କରୁ ନଥିଲେ । ଗୋଟେ ପରିତ୍ୟକ୍ତ, ଆପାତତଃ ନିଷ୍କ୍ରିୟ ଭୂଗୋଳ ।

ମୁଁ ପୁଣି ଆଶଙ୍କା ଓ ଉଦ୍‌ବେଗ ଦ୍ୱାରା କବଳିତ ହେବାକୁ ଯାଉଥିଲି ଅପରିଚିତ ଗ୍ରହରେ ।

ତୁମେ ଅନି; ନୁହେଁ କିରେ, ମା'? ଯିବ ମହାଦେବପୁର। ମାମୁଁ ଘରକୁ।

ମୋ ସାମ୍ନାରେ ଜଣେ ପ୍ରାଚୀନ ମଣିଷ। ତାଙ୍କ ବୟସ ଅନୁମାନ କରିବା ସମ୍ଭବ ନଥିଲା ମୋ ପାଇଁ। ପଇଁଚାଳିଶିରୁ ପଞ୍ଚାଅଶୀ। ଦୁଇ ତିନି ଇଞ୍ଚ୍ ଲମ୍ବ ମୁଖ୍ୟତଃ ଧଳା, ଟାଆଁସା, ନୁଖୁରା ଚୁଳ। ଦଶ ବାର ଦିନର ଧଳା ଦାଢି। ତେଲ ସହିତ ପରିଚିତ ନ ଥିବା କର୍କଶ ଶ୍ୟାମ ଦେହ। ଗୋଟେ ରଙ୍ଗ ଛଡା ବଡ଼ ଗାମୁଛା ଥିଲା ତା'ର ପରିଧାନ। କାନ୍ଧରେ ଥିଲା ସେଇ ରଙ୍ଗର ଗାମୁଛା। ଗୋଟେ ଡେଉଁରିଆ ଝୁଲୁଥିଲା କଳା ସୂତାରୁ, ବେକରୁ। ନାମହୀନ ସମସ୍ୟାରୁ ତାକୁ ପ୍ରତିରକ୍ଷା ଦେବା ପାଇଁ।

ମୁଁ ଅନେଇଲି ତାକୁ। ତା'ର ମୁକ୍ତ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ। ତା' ମୁହଁରେ ଥିଲା ପ୍ରାପ୍ତିଜନିତ ସୁଖର ହସ। ତା'ର ନିଷ୍ପ୍ରଭ ପାଣିଚିଆ ଆଖି ମଧ୍ୟ ଅଂଶଗ୍ରହଣ କରୁଥିଲା ତା' ସୁଖରେ। ସେ ହରାଇ ସାରିଥିଲା ଚାରିଟା ଆଗଦାନ୍ତ। ମୁଁ ବିସ୍ମିତ ହେବାର କାରଣ ଥିଲା। କେତେ କୋମଳ ଥିଲା ତା' ସ୍ୱର! ଆଶ୍ୱାସନାପୂର୍ଣ୍ଣ, ଭରସାଯୋଗ୍ୟ। ତା' ଦେହ ଓ ପରିଧାନରୁ ସ୍ପଷ୍ଟ ହୋଇପଡୁଥିଲା ତା' ଦାରିଦ୍ର୍ୟ କିନ୍ତୁ ଗୋଟିଏ କ୍ଷଣରେ ଜଣାପଡ଼ିଲା ମିଛ ଓ ପ୍ରତାରଣାପୂର୍ଣ୍ଣ। ତା' ଖୁସି-ଆନନ୍ଦର ସମୃଦ୍ଧି ତୁଳନାରେ। ଗୋଟେ ଶିକ୍ଷା ମିଳିଲା ଅପରିଚିତ ଲୋକଠାରୁ ଅପରିଚିତ ସ୍ଥାନରେ। ସମସ୍ତ ନାହିଁ ଭିତରେ ମଧ୍ୟ ଝଲସିପାରେ ବିସ୍ମୟକର ବିଭବ।

ହଁ। କହିଲି ମୁଁ ଆଶ୍ୱସ୍ତ ହୋଇ। ଜାଣିବାକୁ ଚାହିଁଲି - କେମିତି ଯିବି?

କେମିତି କ'ଣ କିରେ, ମା'? ତା'ର ସମଗ୍ର ଦେହ ଚଞ୍ଚଳ ହୋଇପଡିଲା। ଘୋଷଣା କଲା - ତୁମକୁ ନେବା ପାଇଁ ପରା ଆସିଚି। ଘଡ଼ିଏ ହେଲା ବସ୍‌କୁ ଅନେଇଚି। ଏଥର ବୁଲି ପଡ଼ିବା ଆଗରୁ - ଆସ।

ମୁଖ୍ୟ ରାସ୍ତାରୁ ସରୁ ଅକିଞ୍ଚନ ଧୂଳି କାଦୁଅମଖା ରାସ୍ତା। ଝଙ୍କାଳିଆ ତେନ୍ତୁଳି ଗଛଟେ। ଥିଲା ଗୋଟେ ଶଗଡ଼ ରିକ୍ସା ଭଳି ହୁଡର ପଗଡି ପିନ୍ଧି। ଏହାର ଆଗପାଖ ମୁଣ୍ଡ ଥିଲା ମାଟିକୁ ସ୍ପର୍ଶକରି। ଯୁଆଳି ମୁକ୍ତ ଥିବାରୁ। ସକ୍ଷମ ବଳଦ ହଳେ। ଗୋଟେ ଠିଆ ହୋଇଥିଲା। ଅନ୍ୟଟି ଆରାମ କରୁଥିଲା ମାଟି ଉପରେ ଶୋଇରହି ପାକୁଳି କରୁଥିବା ଅବସ୍ଥାରେ।

ଉଠ, ଶଙ୍କର, ଏଥର ଯିବା। ଲୋକଟି ଶୋଇଥିବା ବଳଦର ମୁଣ୍ଡ ଆଉଁଶିବା ମାତ୍ରେ ଆଶ୍ଚର୍ଯ୍ୟ ଆଜ୍ଞାବହତାର ସହିତ ଠିଆ ହେଲା ଯୁଆଳି ପାଖରେ ନିଜକୁ ସମର୍ପଣ କରି।

ମୁଁ ଯାତ୍ରା କରିବି ଶଗଡ଼ରେ? ମୁଁ କେବଳ ଆଚମ୍ବିତ ହେଲି, ତା' ନୁହେଁ। ବିଚିତ୍ର ଉଦ୍ଦୀପନା ଯୋଗୁଁ ଉତ୍ସାହିତ ମଧ୍ୟ ହେଲି। କୌତୂହଳପୂର୍ଣ୍ଣ ଆଗ୍ରହ ମୋ ଆଭ୍ୟନ୍ତରକୁ ଚଳଚଞ୍ଚଳ କଲା। ଅନ୍ୟ ବିସ୍ମୟଟି ହେଉଚି, ଲୋକଟିର ଭାଷା ବୁଝିବା ପାଇଁ ସକ୍ଷମ

ହେଉଥିବା ବଳଦ । ଏ ଲୋକ, ବଳଦ, ପରିବେଶ, ଅନ୍ତହୀନ ଧାନ କ୍ଷେତ । ଏଇ ବିଶାଳ ଗାଲିଚାରେ ଆଭୂଷଣ ଭଳି ଏଠାରେ, ସେଠାରେ ରହିଥିବା ଅଚିହ୍ନା ଗଛ । ବହୁ ଦୂରରେ ଅସ୍ପଷ୍ଟ ଦେଖାଯାଉଥିବା ପାହାଡ଼, ଆକାଶ-ଦିଗ୍‌ବଳୟର ଗଳାମାଳ ଭଳି । ଏସବୁ ଏବଂ ଆହୁରି ଅନେକ - ଲୋକଟିର ଦେହ, ହସ, ମଧୁର ଜିଜ୍ଞାସା - ସତେ ଅବା ଏକ ଅଲୌକିକ ଅବିଚ୍ଛେଦ୍ୟତାରେ ସମ୍ପର୍କିତ ହୋଇଯାଇଛନ୍ତି । ଯେଉଁ ଏକକଟି ପ୍ରକାଶିତ ହୁଏ, ତାହା ହିଁ ଈଶ୍ୱରଙ୍କ ସୃଷ୍ଟି ଐକ୍ୟ ।

ମା', ଯିବା ଏଥର ? ଏ ଅପ୍ରତ୍ୟାଶିତ ରଥର ସାରଥି ଅଭ୍ୟର୍ଥନା ଜଣାଇଲା ଏବଂ ତା'ର ଅଭିଜ୍ଞ ଦୃଷ୍ଟି ଚିହ୍ନଟ କଲା ମୋର ଅନଭିଜ୍ଞତା ଆଗରୁ କେବେ ବସି ନଥିଲ ଏଥିରେ ? ସେ ଆମୋଦିତ ହେଲା ସଂପ୍ରସାରିତ ସ୍ମିତହସ ଜରିଆରେ ।

ନା । ମୁଁ ଉତ୍ତର ଦେଲି ଆଦୌ ଅପ୍ରତିଭ ନ ହୋଇ ।

ଆସ, ଏଇ ଆଗକୁ । ସେ ମାର୍ଗଦର୍ଶକ ହେଲା, ଉତ୍ସାହିତ କଲା - ଉଠି ଯାଅ ଉପରକୁ । ହଁ, ହେଲା । ଥିଲା ପ୍ରଶଂସାସୂଚକ ସ୍ୱର - ବାଃ ।

ପ୍ରାୟ ପାଞ୍ଚ ଫୁଟ୍ ଲମ୍ୱ, ତିନି ଫୁଟ୍ ଓସାରର ନଡ଼ିଆ କଡା ଗଦିଟେ ଥିଲା, ସିଲେଇ କରାଯାଇଥିଲା କେତୋଟି ଅଖାର ଖୋଳକୁ ନେଇ । ଗୋଟେ ପାଖରେ ଡେରିହୋଇ ବସିଲି, ଦୁଇ ଆଣ୍ଠୁ ଉପରେ ହାତ ଓ ମୁହଁରଖି । ଜୁଆଳି ପାଖରେ ପ୍ରସ୍ତୁତ ହୋଇ ବସିଥିବା ସାରଥି ଜାଣିବାକୁ ଚାହିଁଲା - ମା', ଠିକ୍ ବସିଲ ତ ? ଯିବା ?

ମୋର ସଂକ୍ଷିପ୍ତ ହଁ ପରେ, ଦୁଇଟି ଶବ୍ଦ ଶିହରଣ ସୃଷ୍ଟି କଲା ମୋ ଭିତରେ । ରୋମାଞ୍ଚିତ ହୋଇପଡିଲି । ଟାଙ୍କୁରି ଉଠିଲା ଦେହ । ପ୍ରଥମଟି ହେଉଚି, ଦୁଇଟି ବଳଦ ବେକରେ ବନ୍ଧାଯାଇଥିବା ଘଣ୍ଟିର ସଙ୍ଗୀତ । କ୍ଷଣକ ପାଇଁ ମନେପଡ଼ିଗଲା, ସକାଳେ ଠାକୁରପୂଜା କଲାବେଳେ ମା'ର ବାମ ହାତରେ ଥିବା ଘଣ୍ଟି ଏପ୍ରକାର ଶବ୍ଦ ସୃଷ୍ଟି କରେ; ମାତ୍ର ତା'ର ଧ୍ୱନି ଜଣାପଡ଼େ ତ୍ୱରାନ୍ୱିତ ଓ କ୍ଷିପ୍ର । ବର୍ତ୍ତମାନର ଧ୍ୱନିରେ ନଥିଲା ଅର୍ଜେନ୍ୱି । ଯେତେବେଳେ ପହଞ୍ଚିଲେ ବି ଚଳିବ । ଦ୍ୱିତୀୟ ଶବ୍ଦଟି ଆସୁଥିଲା ଶଗଡ଼ ଚକରୁ । ଅଖର ଘର୍ଷଣ ଯୋଗୁ । ତାହା କିନ୍ତୁ ପ୍ରତିବାଦ କିମ୍ୱା ଉତ୍ତେଜନା ପ୍ରକାଶ କରୁ ନଥିଲା ।

ଚାରିପାଖର ଅଖଣ୍ଡ ନିରବତା ଭିତରେ ଏଇ ଦୁଇଟି ଅସ୍ଥାୟୀ, ଅଗ୍ରସର ହେଉଥିବା ସ୍ୱର । ଶୁଭିଲା ସାରଥିର ଭାଷା - ତୁମ ମାମୁଁ ଭାରି ନର୍ଭସିଆ ଲୋକ । ମୋ ଭାଣିଜୀ ଏଯାଏଁ ଘରେ ପହଞ୍ଚି ନାଇଁ ବୋଲି ଅଥୟ ଅଧୈର୍ଯ୍ୟ ହେଉଥିବେ । ଘରୁ ଆସୁଥିବେ ରାସ୍ତା ଉପରକୁ । ଅନଉଥିବେ ଏଇ ଦିଗକୁ । ଏୟା ଚାଲିଥିବ ଥରକୁ ଥର । ତାଙ୍କୁ ମୁଁ ଜାଣେ ଛୁଆଦିନୁ ।

ପରେ ପରେ ତା'ର ବକ୍ତବ୍ୟ ଥିଲା- ତୁମ ମାମୁଁ ପ୍ରଥମେ ଭାବୁଥିଲେ ସାଇକେଲ ପଠାଇବାକୁ । ଗାଁରେ ଏବେ ଆଠ ଦଶ ଜଣଙ୍କର ସାଇକେଲ । କ'ଣ ଭାବିଲେ କେଜାଣି । କହିଲେ, ନା, ସାଇକେଲ୍ । ତୁ, ବଇଷମ, ଶଗଡ଼ ନେଇ ଯା । ଝିଅକୁ ନେଇ ଆସିବୁ ।

ଦୀର୍ଘ ସମୟ ପାଇଁ ମନ୍ଥର ଗତି ଥିଲା । ଘଣ୍ଟି ଓ ଅଖର ଧ୍ୱନି ଥିଲା । ନ ଥିଲା ଆମ ଦୁଇ ଜଣଙ୍କର ଭାଷା । କେଉଁଠି କେମିତି ପଡ଼ିରହିଥିବା ଗଛର କଙ୍କାଳ । ବିକ୍ଷିପ୍ତ ବୁଦୁବୁଦୁକିଆ ଏଣୁତେଣୁ ଗଛ । ଜର୍କିଙ୍ଗ୍ ଯୋଗୁ ଦୋହଲି ଯାଉଥିଲା ଦେହ । ଯା ସତ୍ତ୍ୱେ ଗୋଟିଏ ମଧୁର ଅନୁଭୂତି । ସମସ୍ତ ଯାତ୍ରାର ସମାପ୍ତି ଭଳି ଏ ଶଗଡ଼ ଯାତ୍ରା ବି ସରିଯିବ । ସେଥିପାଇଁ ମନକଷ୍ଟ ହେଉଥିଲା ଅବଶ୍ୟ ; କିନ୍ତୁ ମାମୁଁ-ମାଇଁଙ୍କୁ ଭେଟିବାର ଉତ୍କଣ୍ଠା ବି ତୀବ୍ର ହେଉଥିଲା । ଏ ଅପରିଚିତ ନିର୍ମଳ ପରିବେଶ ପାଖରେ ମୁଁ ସତେ ଅବା ନିଜକୁ ଅର୍ପଣ କରି ଦେଇଥିଲି । ମୁଁ ପ୍ରାୟତଃ ଅଜାଣତରେ ଗୁଣୁଗୁଣେଇ ଉଠୁଥିଲି ଅଦ୍ଭୁତ ବିମୋହନ ଯୋଗୁ ।

ମୋ ପିଲାଦିନେ ଏ ଖଣ୍ଡମଣ୍ଡଳ ଥିଲା ଜଙ୍ଗଲ । ବାଘ-ଭାଲୁଙ୍କର ଥିଲା ଚରାଭୂଇଁ । ସେ କହିଲା । ଅତୀତକୁ ଝୁରି ହେଲା ଭଳି ଥିଲା ତା' ସ୍ୱର ।

ବାଘ ବି ଥିଲେ ? ତା' କଥା ପ୍ରତି ଆଗ୍ରହ ନଥିଲେ ବି ପଚାରିଲି ସୌଜନ୍ୟ ଦୃଷ୍ଟିରୁ ।

ତୁମ ମାମୁଁ ମାରିଛନ୍ତି ଦୁଇଟା ବାଘ ବନ୍ଧୁକରେ । ମା' କହିଥିବା କଥାର ପୁନରାବୃତ୍ତି କରୁଥିଲା ସେ । ଗୋଟେ ବିଳାପ ଭଳି ଶୁଭିଲା ଏଥର ତା' ସ୍ୱର - କୁଆଡ଼େଗଲା ସେ ବସୁଧା ? ସବୁ ପଦା ହୋଇଗଲାଣି । ଲଙ୍ଗଳା ଦିଶୁଚି ବସୁଧା ।

ମୋର ମନ୍ତବ୍ୟ ନ ଥିଲା । ଗୋଟେ ହାଇ । ତା'ପରେ ଦୀର୍ଘଶ୍ୱାସ । ସୂର୍ଯ୍ୟ ବୁଡିବାକୁ ଯାଉଚି । ମୋ ଭିତରେ ଗୁଣୁଗୁଣୁ ଆଉ ଉଧେଇ ପାରୁ ନଥିଲା । ମାମୁଁଙ୍କ ଗାଁ ସମ୍ପର୍କରେ କିଛି ଉତ୍ସାହଜନକ କଥା ଶୁଣିବାକୁ ଚାହୁଁଥିଲି ।

ଏବଂ ଶୁଣିଲି - ହେଇ ପରା ତୁମ ମାମୁଁ । ରାସ୍ତା କଡ଼ରେ ଠିଆ ହୋଇଚନ୍ତି । ମୁଁ କହୁଥିଲି । ସେ ଅଧୈର୍ଯ୍ୟ ହୋଇସାରିବେଶି ।

ମୁଁ ମାମୁଁଙ୍କ ପାଖରେ ଓହ୍ଲେଇ ପଡୁଥିଲି । ସେ ବାରଣ କଲେ । ଶଗଡ଼ ଅତିକ୍ରମ କଲା ଗୁହାଳ ଓ ବିଶାଳ ବାରି । ଆଶ୍ୱସ୍ତ ଓ ସନ୍ତୁଷ୍ଟ ମାମୁଁ ଆସୁଥିଲେ ଶଗଡ଼ ପଛେ ପଛେ ।

କୂଅ ପାଖରେ ଶଗଡ଼ ଅଟକିବା ପୂର୍ବରୁ ବାରନ୍ଦାରୁ ଓହ୍ଲେଇ ସାରିଥିଲେ ମାଇଁ । ମା' ଠାରୁ ଢେରଥର ଶୁଣିଥିଲି, ମାଇଁ ନାକକାନ୍ଦୁରୀ ମଣିଷ । ଖୁସିରେ, ଦୁଃଖରେ ସେ କାନ୍ଦନ୍ତି । ମୋ ହାତ ଧରି ଶଗଡରୁ ଓହ୍ଲେଇବାରେ ସାହାଯ୍ୟ କରିବା ପରେ ଏଇ ଥିଲା ତାଙ୍କର ଅଭ୍ୟର୍ଥନା । ତାଙ୍କ ଓଠ, ଆଖି, ନାକପୁଡା ହିଁ ପ୍ରକାଶ କଲେ ଭାଷା । ମୋ ମୁହଁକୁ ନିବିଡ଼ ଭାବେ ଛାତିରେ ଜାକି ଧରିବା ଜରିଆରେ ସେ ପ୍ରମାଣ କଲେ ଆତ୍ମୀୟତାର ଗଭୀରତା । ପରେ ପରେ ତାଙ୍କ ଦୁଇ ପାପୁଲି ମଝିରେ ମୋ ମୁହଁ । ମୋ କପାଳ, ଗାଲକୁ ଗେଲ କରିବା ଅବସରରେ ସେ ସୂଚନା ଦେଲେ, କେତେ ଆତୁରତା ଓ ଶୋଷ ଥିଲା

ତାଙ୍କ ଠାରେ ମୋତେ ଏଠାରେ ପାଇବା ପାଇଁ । କହିଲେ - ମା', ତୁ ସତରେ ଆସିବୁ ଆମ ପାଖକୁ ? ସତରେ ? ଆଁ ? ଆରେ, ରହ, ମୁଁ ତୋତେ ଭଲକରି ଅନୁଭବ କରିସାରେ ।

ମାମୁଁଙ୍କର ନକଲି ବିରକ୍ତି-କାହିଁକି ଗୋଟେ ନବରଙ୍ଗ ବାହାର କରୁଚ ଘଣ୍ଟାଏ ହେଲା ? ଘର ଭିତରକୁ ନିଅ ତାକୁ ।

ତିନିଟି ଘଟଣାବିହୀନ ଦିନ । ଜଣାପଡ଼ିଲା ନାଇଁ କେମିତି କଟିଗଲା ।

ପରଦିନ ସେ ଅଞ୍ଚଳର ପୁରାତନ ଶିବ ମନ୍ଦିର । ପଡ଼ୋଶୀ ଘରର ନିମନ୍ତ୍ରଣ କ୍ରମେ ମଧ୍ୟାହ୍ନ ଭୋଜନ ଓ ଲୁଡୁ ଖେଳ ।

ନୂଆ ଅଭିଜ୍ଞତା ମଧ୍ୟରେ - କୂଅରୁ ବାଲ୍‌ଟି ସାହାଯ୍ୟରେ ପାଣି କାଢିବା । ଡେଙ୍ଗରୁ ସଜନା ପତ୍ର ଅଲଗା କରିବା । କମ୍ କଥା କହୁଥିବା ମାମୁଁଙ୍କ ସହିତ ଗପସପ । ରୋଷେଇ କଲାବେଳେ ମାଇଁଙ୍କ ନିର୍ଦ୍ଦେଶ କ୍ରମେ ବସେ ଗୋଟେ ପିଢାରେ । ତାଙ୍କ ଗପ ସିମେଣ୍ଟ ଟାଇଲ୍ ଓ ଚଟାଣର ଏ ଘର ତିଆରି ଠାରୁ ଆରମ୍ଭ କରି, ଗାଁକୁ ବିଜୁଳି ଆଲୁଅ ଆସିବ ବେବାଲି ଖୁଣ୍ଟ ପୋତିବା ଯାଏ ।

ସଞ୍ଜବେଳେ ମାଇଁ ସଳିତା ତିଆରନ୍ତି । ପିନ୍ଧନ୍ତି ହକଲା ଯାଇଥିବା ଲୁଗା । ଜଳନ୍ତା ସଳିତା ଧରି ପ୍ରଶସ୍ତ ଅଗଣାରେ ଥିବା ଚଉରା ଆଡ଼କୁ ସେ ଯେତେବେଳେ ଯାଆନ୍ତି, ସ୍ୱତନ୍ତ୍ର ଦେଖାଯାଆନ୍ତି ସେତେବେଳେ । ଓଢ଼ଣା ଦ୍ୱାରା ଅଧାଅଧି ଲୁଚି ଯାଇଥିବା ତାଙ୍କ ମୁହଁ ଉଭାସିତ ହୋଇଯାଏ ସତେ ଅବା ଏକ ଦିବ୍ୟ ଆଲୋକରେ । ଦେଖାଯାଆନ୍ତି ଗମ୍ଭୀର ଓ ପ୍ରଶାନ୍ତ । ଜାଗତିକତା ଠାରୁ ବିଚ୍ଛିନ୍ନ; ପୁଣି ସଂଯୋଜିତ । ପାର୍ଥିବ; ଅଥଚ ଅଶରୀର । ମୁଁ ଜାଣେ ତାଙ୍କର ଏକ ମୁହଁର ଶେଷହୀନ ଭାଷା ମୋର ମନେରହିବ ସବୁଦିନ ପାଇଁ ।

ମୋର ଆଶଙ୍କା ଥିଲା, ସେ ଘରୁ ବାହାରିବା ପୂର୍ବରୁ, ମାମୁଁଙ୍କ ବିରକ୍ତି ସତ୍ତ୍ୱେ, ମାଇଁ କାନ୍ଦିବେ ଅସ୍ତବ୍ୟସ୍ତ ହୋଇ । ସେମିତି ହେଲା ନାଇଁ । ମୋ ବାମ ହାତରେ ସୁନ୍ଦର ସୁନାରଙ୍ଗର ରିଷ୍ଟୱାଚ୍ ପିନ୍ଧାଇ ଦେବାବେଳେ ତାଙ୍କ ଆଖି ଓଦା ଥିଲା । ସେ ଚେଷ୍ଟାକଲ ହସିବାକୁ ଏବଂ ଅତ୍ୟନ୍ତ ଦୟନୀୟ ଦେଖାଗଲେ - ମନେପକେଇ ଚାବି ଦେଉଥିବୁ । ହେଲା ? ବନ୍ଦ ହୋଇଯିବ ନ ହେଲେ ।

ମୋ ପାଇଁ ଅଣାଯାଇଥିବା ରୂପାର ପାଉଁଜି ପିନ୍ଧି ସାରିଥିଲି । ତାଙ୍କର କୁଣ୍ଠିତ ଦୁଇହାତ ମୋ ଉପରୁ କୋହଳ ହେଲା । ତାଙ୍କ ଠାରୁ ଦୂରେଇ ଯାଉଥିଲା ମୋ ପାଉଁଜିର ରିମ୍‌ଝିମ୍; କିନ୍ତୁ ତାହା ରହିବ ମୋଠାରେ ଅବିସ୍ମରଣୀୟ ହୋଇ ।

***

ଋଷି



ରଜନୀକାନ୍ତ ମହାନ୍ତି
ଧରିତ୍ରୀନ ନଗର, ଭଦ୍ରକ
ମୋ: ୮୭୬୭୯୪୪୮୫୮

"ବୁଝିଲେନା ଭାଇ । ରକ୍ତମାଂସର ତାପସୀ କେଉଁ ଯୁବକ ସହ ପଳାଇଯାଇଛି କେଉଁଠିକୁ, ଏବେ କେଉଁ ଅବସ୍ଥାରେ ଅଛି କିଏ ଜାଣେ ? କିନ୍ତୁ ମୋ ପାଖରେ ଥିବା ତାପସୀ ପବିତ୍ର ନଈଟିଏରେ ପରିଣତ ହେଇଯାଇଛି ।"

ଋଷି

ରଜନୀ କାନ୍ତ ମହାନ୍ତି

ଶୀତ ଅପରାହ୍ନର ଖରା ଝାଉଁଳି ଆସୁଥିଲା । ଆଲୁଅ ସ୍ପଷ୍ଟ ଥିଲା ସତ, କିନ୍ତୁ ତେଜ ଥିଲା ମଳିନ । ସଂବିତ୍ ଅଫିସ୍ କାମରେ ମଜ୍ଜି ଯାଇଥିଲା । ବାହାର ରାସ୍ତାର ଗହଳି, ଟ୍ରକ୍, ବସ୍, ସ୍କୁଟରର ହର୍ଣ୍ଣ, ହକରମାନଙ୍କର ଡାକରା, କୋଳାହଳ ଶବ୍ଦ ସବୁକୁ ଅତିକ୍ରମ କରି ସେ ଏକ ଫାଇଲ୍‌ରେ ଡୁବି ଯାଇଥିଲା । ନମସ୍କାର ଶବ୍ଦଟିଏ ଶୁଣି ସେ ମୁହଁ ଉପରକୁ ଉଠାଇଲା ଏବଂ ପୂର୍ବର ସେଇ ଆଚ୍ଛନ୍ନ ମୁହଁକୁ ତଳକୁ ନେଉ ନେଉ ତାର ସମ୍ମୋହନ ଭାବଟି କଟିଗଲା । ସେ ଫର୍ଚ୍ଚା ଆଖିରେ ମୁହଁ ଉପରକୁ ଉଠାଇ ଭଲ କରି ନିରୀକ୍ଷଣ କଲା । ସାମ୍ନାରେ ଯୁବକ । ମୁଣ୍ଡବାଳ, ଦାଢି, ନିଶ, ବେଶ୍ ଯତ୍ନରେ ବଢିଛି । ଧଳା ସାର୍ଟ, ଧଳା ପ୍ୟାଣ୍ଟ ପିନ୍ଧିଛି । ହାତରେ ଧଳା ବ୍ୟାଗ୍‌ଟିଏ । ଆଖି ଦୀପ୍ତ । ମୁହଁ ଉଜ୍ଜଳ । ହସ, ହସ । "ଭାଇ । ଚିହ୍ନି ପାରୁ ନାହାନ୍ତି ?" ଛୋଟ ପ୍ରଶ୍ନଟିଏ ପଚାରିଲା ସେ । ସେଇ ପ୍ରଶ୍ନ ଭିତରେ ଛିଡା ହେଇ ସାରିଥିଲା ସମ୍ବିତ୍ । ମୁହଁ ଉତ୍‌ଫୁଲ୍ଲ ହେଇସାରିଥିଲା । "ଚିହ୍ନି ପାରିବିନି ? ତମେ

ଦିଲୀପଟି ।" କହି ସମ୍ବିତ୍ ଟେବୁଲ୍ ସେ ପାଖରୁ ହାତ ବଢାଇ ଦିଲୀପ୍‌କୁ ଟାଣିନେଲା । ନିଜ ଆଡକୁ । ପାଖ ଚେୟାରରେ ବସାଇଲା ଏବଂ ଘଡିଏ ତାକୁ ଅପଲକ ଆଖିରେ ଚାହିଁ ରହିଲା । "କ'ଣ ଦେଖୁଛନ୍ତି ?" ଅଳ୍ପ ହସି ଦିଲୀପ ପଚାରିଲା । କିନ୍ତୁ ସମ୍ବିତ୍ ସେମିତି ଅପଲକ ଥିଲା । ନିମଜ୍ଜି ଯାଇଥିଲା । ଦିଲୀପ୍‌ର ମୁହଁକୁ ଚାହିଁ ଚାହିଁ । ତା ମୁଖ ମଣ୍ଡଳରେ କି ଏକ ଆକର୍ଷଣୀୟ ଶକ୍ତି ଖୁନ୍ଦି ହେଇଯାଇଛି ଯେ ବିଭୋର କରି ଦେଇଛି ତାକୁ । ବେଶ ? କେଉଁଠୁ ଆସିଲ ? କେମିତି ଆସିଲ ? ଏକାଥରକେ ଏତେ ପ୍ରଶ୍ନ ଆପେ ଆପେ ଝୁରି ଆସିଲା ସମ୍ବିତ୍ କଣ୍ଠରୁ ।

"ଏଇଠି କି ବଦଳି ହେଇ ଆସିଚି । ଆଜି ଜଏନ୍ କରିବି । ଆଉ, ଚୂଳ ଦାଢୀ କଥା ପଚାରୁଛନ୍ତି ତ ? ସେ ସବୁତ ମଣିଷର ନିଜସ୍ୱ । ଆମେ ଖାଲି ହେପାଜତ୍ କରିବା କଥା । ପ୍ରକୃତିର ଏ ଦାନକୁ ଆପଣ କାଟି ପକାଇ ପୁଣି ପ୍ରକୃତିକୁ ଫେରାଇ ଦିଅନ୍ତି । ଆଉ ମୁଁ ନ ହେଲେ ନିଜେ ତାର ଦାୟିତ୍ୱ ନେଇଯାଇଛି ।" କହିଲା ଦିଲୀପ୍ । "ତା ଠୁଁ ବଡ଼ ସତ ହେଉଚି ଆପଣଙ୍କ ଆଶୀର୍ବାଦ, ଆପଣଙ୍କ ଦାନରୁ ହିଁ ତ ମୁଁ ଏଇ ପଥରେ ଅଗ୍ରସର ହେଇଚି ।" ହାତ ଯୋଡ଼ି କୃତଜ୍ଞତା ଅର୍ପଣ କଲା ସେ । ଆଶ୍ଚର୍ଯ୍ୟ ହେଇଯାଉଥିଲା ସମ୍ବିତ୍ । ସେ କିଛି ବୁଝିପାରୁନଥିଲା । ଦିଲୀପ୍‌ର ଚାହାଣୀ, ମୁହଁ, କଥାରେ ଛଳନା କିମ୍ବା ଅତିଶୟୋକ୍ତିର ସାମାନ୍ୟତମ ଛୁଇଁ ନ ଥିଲା । ସମ୍ବିତ୍ ଆକାବାକା ଭାବକୁ ନିରେଖିଲା ଦିଲୀପ୍ । "ଚାରିବର୍ଷ ତଳର ଋଷିକୂଲ୍ୟା ନଈକୂଳ । ମନେ ପକାନ୍ତୁ ନା ପ୍ରତିଦିନ ସୂର୍ଯ୍ୟ ଉଇଁବା ପୂର୍ବରୁ ଆପଣ ଆଉ ମୁଁ ଋଷିକୂଲ୍ୟାରେ ଗାଧୋଇବାକୁ ଯାଉଁ । ଗୋଟିଏ ଦିନ ଆପଣ ତା ଆଗଦିନ ରାତିରେ ବିବେକାନନ୍ଦଙ୍କ ରଚନାରୁ କିଛି ପଢି ଯେଉଁ ଅନୁଭବ ପାଇଲେ, ସେ ସଂପର୍କରେ ମୋତେ କହିଥିଲେ । ମୁଁ ଆପଣଙ୍କ ପାଖରୁ ସେ ବହିଟି ନେଇ ଆସିଥିଲି । ତା'ପରେ ଆପଣ ଏଠାକୁ ଆସିଲେ, ମୋର ପୋଷ୍ଟିଂ ହେଲା ସୁଦୂର କୋରାପୁଟ । ସେ ବହିଟି ମୁଁ ସାଙ୍ଗରେ ନେଇଯାଇଥିଲି । ତାହା ହିଁ ହେଲା ମୋ ଜୀବନର ଶିକ୍ଷକ ।"

ସମ୍ବିତ୍ ନିଜକୁ ଫେରେଇ ନେଇଗଲା ସେ ଦିନ ଗୁଡିକର ଦାଉ ଦାଉ ସ୍ମୃତି ଗହଳିକୁ । ସେ ମୁହୂର୍ତ୍ତଗୁଡିକ ଛୁଇଁବା ଛୁଇଁବା ହଉଚି ଅଫିସରଙ୍କ ଡାକରାରେ ସେ ଛାଡି ଚାଲିଗଲା । ଦିଲୀପ୍ ସେଇଠି ବସି ଚାରିଆଡକୁ ନଜର ଢାଳୁଥିଲା । ଅଳ୍ପ ସମୟପରେ ସମ୍ବିତ୍ ଫେରିଆସି କହିଲା, "ଅଫିସର୍‌ଙ୍କୁ ତମ ଆସିବା କଥା କହିଲି ।" ଆଜି ଯଦି ଜଏନ୍ କରିବ, ତା' ହେଲେ ଜଏନିଂ ରିପୋର୍ଟ ଲେଖିଦିଅ ।

ଦିଲୀପ୍ କାଗଜ ଖଣ୍ଡେ ମାଗିନେଇ ଜଏନିଂ ରିପୋର୍ଟ ଲେଖି ସମ୍ବିତ୍‌କୁ ଦେଖାଇଲା । ସମ୍ବିତ୍ ହସି ଦେଇ କହିଲା: ତମେ ନିଜେ ଅଫିସରଙ୍କୁ ଦେଇ ଆସ । ଦିଲୀପ୍ ରିପୋର୍ଟଟି ଧରି ଅଫିସରଙ୍କ ରୁମ୍‌ରେ ପଶିଲା ପରେ ସମ୍ବିତ୍ ନିଜ ସିଟ୍‌ରୁ ଉଠିଯାଇ

ଅଫିସରଙ୍କ ଦୁଆରେ ମୁହଁ ପାଖରେ ଛିଡା ହୋଇ ଅନିଷା କଲା । ଅଫିସର୍ ଜଏନିଂ ରିପୋର୍ଟଟିକୁ ଦେଖି ଦିଲୀପ୍‌କୁ ପ୍ରଶ୍ନ କଲେ: ଆପଣ ଆଫ୍‌ଟର୍ନୁନ୍‌ରେ ଜଏନ୍ କରିବେ ?

: ହଁ, ମୁଁ ତ ଏଇ ଏବେ ଆସି ପହଞ୍ଚିଲି । ତେଣୁ ଉପରଓଳି ଜଏନ୍ କଲି । କହିଲା ଦିଲୀପ୍ ।

ଅଫିସର ଶାନ୍ତନୁ ଅଳ୍ପ ହସିଲେ । ରିପୋର୍ଟଟିକୁ ରଖି କହିଲେ,- "ଆପଣଙ୍କୁ ଶେରଗଡ ସେକ୍ଟରଟି ଦିଆଯିବ । ସେଇଠି ଆପଣ କାମ କରିବେ ।"

ଦିଲୀପ୍ ମୁଣ୍ଡ ହଲାଇ ହଁ ଭରିଲା । ଅଫିସର୍ 'ଏବେ ଯାଆନ୍ତୁ' କହିଲାରୁ ସେ ପଦାକୁ ଆସିଲା । ସମ୍ବିତ୍ ଚା' ପିଇବା ପାଇଁ ଦିଲୀପ୍‌କୁ ଡାକିଲାରୁ 'ମୁଁ ଚା ପିଉନାହିଁ, ଚାଲନ୍ତୁ ସାଙ୍ଗ ହେଇ ଯିବା ବୋଲି ଦିଲୀପ କହିଲା ଏବଂ ଦୁହେଁ ମାର୍କେଟ୍ ଭିତରକୁ ଆସିଲେ । ଶୀତ ଶୀତୁଆ ଲାଗିଆସୁଥିଲା । ହୋଟେଲ ଭିତରକୁ ପଶିଯାଇ ସମ୍ବିତ୍ କ'ଣ ଖାଇବ ବୋଲି ପଚାରିଲାରୁ 'ମୁଁ ହୋଟେଲ୍‌ରେ ଖାଇବା କେବେ ଠୁଁ ଛାଡି ଦେଲିଣି' ବୋଲି ଦିଲୀପ୍ କହିଲା । ସମ୍ବିତ୍ ତାକୁ ଆଡ଼ ଚାହାଣୀଟେ ଢଳିଲା ଏବଂ ଚା'ଟେ ପାଇଁ ହୋଟେଲ୍ ପିଲାକୁ କହିଲା । ଦୁହେଁ ହୋଟେଲ୍ ସାମ୍ନା ବେଞ୍ଚରେ ବସିଲେ । ସମ୍ବିତ ଦିଲୀପ୍‌କୁ 'ଆଉ ତୁମର ହାଲ୍‌ଚାଲ୍ କ'ଣ, କୋରାପୁଟରେ ଜୀବନ କେମିତି କଟିଲା ?' ପ୍ରଶ୍ନ କଲାରୁ ଦିଲୀପ୍ କହିଲା,- "ମୋ କଥା କ'ଣ ପଚାରୁଛନ୍ତି ? ମୁଁ ବହୁତ ଭଲରେ, ଭାରି ଆନନ୍ଦରେ ଅଛି । କୋରାପୁଟ୍ ତ ପବିତ୍ର ଜାଗା ଥିଲା । କୋଳାହଳ ବହୁତ୍ କମ୍ । ଗଛଲତା, ମଣିଷ, ପଶୁପକ୍ଷୀ ସବୁ ପ୍ରାକୃତିକ । କୃତ୍ରିମ ହେଇନାହାନ୍ତି । ଗାଁ ଗହଳୀରୁ ଟୁର୍ ସାରି ଫେରିବା ରାସ୍ତାରେ କୌଣସି ଗଛମୂଳରେ କିମ୍ବା ପାହାଡ ଗୁମ୍ଫାରେ ବସି ମୁଁ ଧ୍ୟାନ କରିନିଏ । ହଁ, ଭାଇ । ଭୁଲିଗଲି ବଡ଼ କଥାଟେ କହିବାକୁ । କୋରାପୁଟ୍‌ରେ ପୋଷ୍ଟିଂ ହେଲାପରେ ପ୍ରତି ଦି'ମାସରେ ଗାଁକୁ ଆସେ । ଗାଁରେ ଗୋଟେ ଦି ଦିନ୍ ରହି ଆସ୍କା ପଳେଇ ଆସି ମାଉସୀଘରେ ଚାରିପାଞ୍ଚ ଦିନ ରହେ । ସେମିତି ଭୋଅରୁ ଯାଏ ଋଷିକୁଲ୍ୟା ନଈକୁ ଗାଧୋଇ । ଗାଧୋଇ ବା ଲାଗି ଯେତେ ନୁହେଁ, ତାପସୀକୁ ଦେଖିବା ଲାଗି ତାଠୁଁ ବେଶୀ । ବୁଝିଲେନା ଭାଇ । ଦିନେ ବଡି ଭୋରୁ ମୁଁ ଗାଧୋଇବାକୁ ନଈ ଭିତରକୁ ପଶିଯାଇଛି ଏବଂ ଅପେକ୍ଷା କରୁଛି ତାପସୀର ଆସିବାକୁ, ଦେଖିଲି ଯେ ନଈରେ ଆଉ କେହି ନାହିଁ, ସେପାଖେ ସ୍ତ୍ରୀ ଲୋକଙ୍କ ତୁଠ ବି ଶୂନ୍‌ଶାନ୍ । ଏଇ ସମୟରେ ଆସିଲା ତାପସୀ, ସ୍ତ୍ରୀ ଲୋକଙ୍କ ତୁଠକୁ ନ ଯାଇ ସିଧା ପଶି ଆସିଲା ପୁରୁଷ ତୁଠକୁ, ମୋ ପାଖକୁ । ମୁଁ ଭୟ ପାଇଗଲି । ସେ ଆହୁରି ପାଖେଇ ପାଖେଇ ଆସିଲା । ମୁଁ ଖାଲି ପ୍ରମାଦ ଗଣୁଥାଏ । ନଈ କୂଳକୁ କେହି ଯଦି ପଳାଇ ଆସେ, ଏବଂ ଆମ ଦୁହିଁଙ୍କୁ ଗୋଟେ ତୁଠରେ ପାଖାପାଖି ଦେଖିନିଏ ତାପରେ...ମନକୁ ଭାବୁଥାଏ ମୋର ଦୋଷ କ'ଣ, ସେତ ପୁରୁଷ ତୁଠକୁ ଆସିଛି ଜାଣି ଜାଣି, ହଁ ଏଇଟା ମୋ ସଫେଇ । ତାପସୀ ଏକଦମ୍ ପାଖକୁ ଲାଗି ଆସିଲାରୁ

ମୋ ମୁହଁ ଖୋଲିଲା,- "ଏ କ'ଣ ? କିଏ ଦେଖିବ, ତମେ ଏଠାକୁ ଆସିଲ କାହିଁକି ?" ଖନି ମାରିଯାଉଥାଏ ପାଟି । ସେ କିନ୍ତୁ ସ୍ପଷ୍ଟ କହିଲା, "ଆପଣ ମୋଅରି ପାଇଁ କୋରାପୁଟ୍‌ରୁ ଗାଁକୁ, ଗାଁରୁ ମାଉସୀଘର, ମାଉସୀଘରୁ ଏ କାଳି ଅନ୍ଧାର ସମୟରେ ନଈକୁ ଆସୁଛନ୍ତି, ଆଉ ମୁଁ ସେ ତୁଠରୁ ଏ ତୁଠକୁ ଆସିପାରିବିନି ଆପଣଙ୍କ ପାଖକୁ । କେତେ ସ୍ପଷ୍ଟ ଓ ସାହସର ସହ କହିଲା ତାପସୀ । ମୁଁ କିନ୍ତୁ ଛକପକ ହେଉଥାଏ ଏବଂ ଆଶ୍ଚର୍ଯ୍ୟ ହେଇ ଯାଉଥାଏ ତା ପାଖରେ ଏତେ ଖବର ଆସିଲା କେମିତି ?

ପ୍ରେମର ଏକ ସ୍ୱତନ୍ତ୍ର ଭାଷା ଅଛି ନା କ'ଣ ? ସେ କ'ଣ ଗୋପନରେ ଏ ଖବର ସବୁ ସଂଗ୍ରହ କରିଛି ? ମୁଁ ତାକୁ କିଛି କହିବା ପୂର୍ବରୁ ସେ ପାଖାପାଖି ପାଣିରେ ବସିପଡିଲା । ଲାଜ ଲାଜରେ କହିଲା- "ଦୂରରୁ ମୋ ଗାଧୋଇବାର ଦୃଶ୍ୟ ଦେଖୁଥିଲେ ତ, ଏବେ ହାତ ପାହାନ୍ତାରେ ଦେଖନ୍ତୁ । ମୁଁ ଜାଣେ ଆପଣ ମୋତେ ଭଲପାଆନ୍ତି । ନ ହେଲେ ଏତେ ଝିଅ, ମୋ ଠୁଁ ବି ସୁନ୍ଦର, ଏଠିକୁ ଗାଧୋଇବାକୁ ଆସୁଛନ୍ତି, ଆପଣ କେବଳ ମୋତେ ନିରୀକ୍ଷଣ କରନ୍ତେ କାହିଁକି ?"

ସେତେବେଳକୁ ମୁଁ ଭୟ ଓ ଆଶଙ୍କାରେ ପୁରା ଜଡ଼ସଡ ହେଇ ପଡ଼ିଥାଏ । ମୁହୁର୍ମୁହୁ ଦେଖୁଥାଏ ନଈଆଡିକୁ । କିଏ ଆସିଗଲାକି ? ସହଜେ ମାଉସୀଘର ଗାଁ । ମୋର ତ ବଦ୍‌ନାମ ହବ, ତା ସହ ମାଉସୀଘର ବି ଅପମାନିତ ହେବେ । ତାପସୀର ଏ କଥାରେ ମୁଁ ତଳକୁ ଅନାଇ ପାଣି ଭିତରେ ଥିବା ତାପସୀକୁ ନିରେଖିଲି । ଦୂରରୁ ସେ ଯେତିକି ସୁନ୍ଦର ଦେଖାଯାଉଥିଲା, ନିକଟରୁ ଆହୁରି ସୁନ୍ଦର ଦେଖାଗଲାଣି । ନଈ ଆଡ଼କୁ ଚାହିଁଲି । ଦୂରରୁ କେହି ଜଣେ ନଈକୂଳକୁ ଆସୁଥିବାର ଦେଖି ଭୟରେ ମୁଁ ପାଣିରୁ ଉପରକୁ ଉଠିଆସିଲି ଏବଂ ମାଉସୀଙ୍କ ଘର ଆଡ଼କୁ ଚାଲିଲି । ଯାହା ଗଲି ଗଲି । ଆଉ ଋଷିକୂଲ୍ୟା ନଈକୁ ଗାଧୋଇ ଯାଇନାହିଁ । ପରେ ଖବର ନେଇ ଜାଣିଲି ତାପସୀ କଲେଜର ତାର ଜଣେ ପୁଅ ସାଙ୍ଗ ସହ ପଳେଇଯାଇଛି । ବୁଝିଲେନା ଭାଇ । କାଲି ପୁଣି ଋଷିକୂଲ୍ୟା ନଈରେ ଭୋଅରୁ ଭୋଅରୁ ଗାଧୋଇଲି । ଏତେ ଆନନ୍ଦ, ଏତେ ମୁକ୍ତି । ମୋତେ ଲାଗିଲା ଯେମିତି ସାରା ନଈଟା ତାପସୀ ପାଲଟି ଯାଇଛି । ପ୍ରତିଟି ଜଳ ବିନ୍ଦୁ ତାପସୀର ସ୍ମୃତି ରେଣୁ ପାଲଟିଛି । ତାର ସହସ୍ର ହାତ ମୋତେ ଆଉଁସି ଦେଇଯାଉଚି । ସେ ଆଉ ନାରୀ ହେଇକି ନାହିଁ । ମାୟା ହେଇକି ରହିନାହିଁ । ସେ ହେଇଯାଇଛି ପ୍ରକୃତି । "ବୁଝିଲେନା ଭାଇ । ରକ୍ତମାଂସର ତାପସୀ କେଉଁ ଯୁବକ ସହ ପଳାଇଯାଇଛି କେଉଁଠିକୁ, ଏବେ କେଉଁ ଅବସ୍ଥାରେ ଅଛି କିଏ ଜାଣେ ? କିନ୍ତୁ ମୋ ପାଖରେ ଥିବା ତାପସୀ ପବିତ୍ର ନଈଟିଏରେ ପରିଣତ ହେଇଯାଇଛି । କି ରହସ୍ୟ ଦେଖିଲେ । ସେଥିପାଇଁ ମୋର ହୃଦୟଙ୍ଗମ ହେଉଚି ଗୋଟେ ମଣିଷର ପରିମାପକ ନାହିଁ । ମାପି ହେବ ନାହିଁ ମଣିଷକୁ । ତାପସୀର ଏଭଳି ଅନୁଭବ ମୋ ଠାରେ ଆଗରୁ ନଥିଲା । କାଲି ଋଷିକୂଲ୍ୟା ନଈରେ ଗାଧୋଇଲାବେଳେ

ଏ ଅନୁଭବ ମୋର ଆସିଲା ।" ଦିଲୀପ୍ ଏହା ସବୁ କହୁଥିଲାବେଳେ ସମ୍ବିତ୍ ଚା' ଢୋକେ ଢୋକେ ପିଉଥାଏ । ତା ମନର ଆକାଂକ୍ଷା, ଉଦ୍‌ବେଗ୍ ବଢି ଉଠୁଥାଏ । କିନ୍ତୁ ଦିଲୀପ୍ ସ୍ଥିର, ତରଙ୍ଗହୀନ ଭାବରେ ଗୋଟି ଗୋଟି କହୁଥାଏ । ସମ୍ବିତକୁ ଆଶ୍ଚର୍ଯ୍ୟ ଲାଗୁଥାଏ । ଦିଲୀପ୍ ଏତେ ଆବେଗ ଅନୁଭବର ଧାରକ ହୋଇ ତାକୁ ବ୍ୟାଖ୍ୟା କରୁଛି, ଅଥଚ ଆବେଗର ଚିହ୍ନ ତା ଶରୀରରେ, ତା ମୁହଁରେ ଆଦୌ ନାହିଁ । ସମ୍ବିତ ଅନୁଭବ କଲା ଆବେଗ, ଉଦ୍‌ବେଗର ତରଙ୍ଗ ସବୁକୁ ଦିଲୀପ୍ ସଂଯତ କରିବାରେ ସକ୍ଷମ ହୋଇସାରିଲାଣି । ଦିଲୀପ ଚୁପ୍ ରହିଲାରୁ ସମ୍ବିତ୍ ପୁଣି ପ୍ରଶ୍ନକଲା- "ତୁମର ବାପା' ମା ?"

- "ମୁଁ ତ ଗୋଟିଏ ବୋଲି ପୁଅ, ଭାଇ ଭଉଣୀ ଆଉ କେହି ନାହାନ୍ତି । ବାପା ମା' ମୋ ବାହାଘର ପାଇଁ ଭାରି ବ୍ୟସ୍ତ । ହେବାଟା ସ୍ୱାଭାବିକ । କାହିଁକି ଜାଣନ୍ତିନା ? ଆଗରୁ ଝିଅଘରମାନଙ୍କରୁ ଏତେ ପ୍ରସ୍ତାବ ଆସୁଥିଲା ଯେ ବାପା ମା' ଅପେକ୍ଷା କର, ଅପେକ୍ଷା କର କହି ଟାଳି ଦେଉଥିଲେ । ଏବେ ଆଉ କେହି ପ୍ରସ୍ତାବ ଧରି ଆସୁନାହାନ୍ତି । ବାପା ଏବେ ଝିଅ ଖୋଜିବାରେ ଲାଗିଛନ୍ତି, ମୋର ମନା କରିବା ସତ୍ତ୍ୱେ । କାହାକୁ ସେ ଏ ସମ୍ପର୍କରେ କହିଲା ବେଳକୁ ସେ ବି ଚୁପ୍ ରହୁଛନ୍ତି ।"

ସମ୍ବିତ୍ ମନକୁ ମନ ଭାବିଲା, ତମେ ଯେଉଁ ସ୍ତରରେ, ଯେଉଁ ପଥରେ ଏବେ ଅଗ୍ରସର ହେଇଚ,ସେଠି କେଉଁ ବାପା ମା ତା ଝିଅକୁ ତୁମଠାରେ ସଅଁପିବାକୁ ଆଗ୍ରହ ପ୍ରକାଶ କରିବେ ? କିଛି କହିଲାନି ସମ୍ବିତ୍ । ଚା'ପିଇ ସାରିଲା ପରେ ଦୁହେଁ ଉଠିଲେ । ଦିଲୀପ୍ ଜଏନ୍ କରିସାରି ଗାଁକୁ ଚାଲିଗଲା ।

ସମ୍ବିତ୍ ସାମ୍ନାରେ କିନ୍ତୁ ଦିଲୀପ୍‌ର ଛବି ନାଚିଲା । ହୋଟେଲରୁ ଅଫିସ୍, ଅଫିସ୍‌ରୁ ବସା, ସବୁ ମୁହୂର୍ତ୍ତକୁ ଓଟାରିନେଲା ଦିଲୀପ । ଘନ ଘନ ଆଶ୍ଚର୍ଯ୍ୟ ହେଲା ସଂବିତ୍ । ଦିଲୀପ୍‌ର ଏ ପରିବର୍ତ୍ତନରେ । ଏହି ତିନି ବର୍ଷ ଭିତରେ ତା'ର ନିଜର ବିଶେଷ କିଛି ପରିବର୍ତ୍ତନ ହେଇନାହିଁ । ଅଥଚ ଦିଲୀପର ଜୀବନ ହିଁ ପରିବର୍ତ୍ତନକୁ ଅଯାଚିତ ସ୍ୱୀକୃତି ପ୍ରଦାନ କରୁଛି । ଚାକିରି କ୍ଷେତ୍ରରେ ଦିଲୀପ ତା ଠୁଁ ଜୁନିଅର ଥିଲା । ଆସ୍କାରେ ଥିବା ସମୟରେ ଉଭୟ ଭୋଆରୁ ଉଠି ଋଷିକୁଲ୍ୟା ନଈରେ ଗାଧାନ୍ତି । ଉଭୟ ଗୋଟେ ଇଉନିଟ୍‌ରେ ଚାକିରି କରୁଥିଲେ ବି ସମ୍ବିତ ହେଡ୍‌କ୍ୱାର୍ଟରରେ କାମ କରୁଥିଲା ତ ଦିଲୀପ ଆସ୍କା ନିକଟ ଏକ ଗ୍ରାମୀଣ ସେକ୍ଟରରେ କାମ କରୁଥିଲା । ରହୁଥିଲା ଆସ୍କାରେ । ଅଲଗା ଅଲଗା ଜାଗାରେ ବସା ନେଇ ରହୁଥିଲେ ବି ପ୍ରାୟ ପ୍ରତିଦିନ ଦିଲୀପ ହେଡ୍‌କ୍ୱାର୍ଟର ଅଫିସକୁ ଆସୁଥିଲା । କିଛି ସମୟ ଅତିବାହିତ କରି ଯାଉଥିଲା । ଉଭୟଙ୍କର ଦୃଷ୍ଟିଭଙ୍ଗୀ ପ୍ରାୟ ଏକ ପ୍ରକାର ମାନବବାଦୀ ଥିବା ଯୋଗୁଁ ଉଭୟ ପରସ୍ପରର ଘନିଷ୍ଠ ହୋଇଉଠିଥିଲେ । ଆପେ ବଞ୍ଚିଲେ ବାପର ନାଁ- ଏଇ ଦୃଷ୍ଟିଭଙ୍ଗୀକୁ ଉଭୟେ ଘୃଣା କରୁଥିଲେ ଏବଂ ସବୁ

ମଣିଷଙ୍କ ଭିତରେ ମୁଁ ଜଣେର ଅନୁଭବକୁ ଆନ୍ତରିକ ଆପଣେଇ ନେଇଥିଲେ । ସମ୍ବିତର ବହିପଢିବାର ଅଭ୍ୟାସ ଥିଲା ପ୍ରଚୁର ଏବଂ ଦିଲୀପ ପ୍ରକୃତିର ବିମୁଗ୍ଧ ଆଚରଣରେ ମୋହିତ ହେଇ ଘଣ୍ଟା ଘଣ୍ଟା ଗ୍ରସ୍ତ ହେଇଯିବାର ମୋହ ଥିଲା ପ୍ରଚୁର । ସମାଜର ବହୁବିଧ ଜାଗରଣକାରୀ କାର୍ଯ୍ୟକ୍ରମମାନଙ୍କରେ ସମ୍ବିତ ବେଶ୍ ଅଂଶୀଦାର ହେଇଯାଉଥିଲା ଏବଂ ଦିଲୀପ ତାକୁ ସମର୍ଥନ କରୁଥିଲେ ।

ସଞ୍ଜ ଥିଲା ଅନମନୀୟ । ଆକାଶରେ ଜହ୍ନ ଥିଲା ପ୍ରଗଲ୍ଭ । ପବନ ଥିଲା ସ୍ଥିର । ଦେହ ହାତ ଧୁଆ ଧୋଇ ସାରି, ଜଳଖିଆ ଖାଇନେଲେ ବାହାର ପିଣ୍ଡାରେ ଚେୟାରଟିଏ ପକାଇ ସମ୍ବିତ ବିବେକାନନ୍ଦଙ୍କର ବହିଟିଏ ପଢିଲା । ପଢୁ ପଢୁ ସେ ଏମିତି ମଜ୍ଜିଗଲା ଯେ ରାତି ଦଶଟା ଯାଏ ହିଁ ସେହି ଚେୟାର୍‌ରେ ବସି ରହିଲା । ପଡିଶା ଘର ଆସି ତାକୁ ସଚେତନ କରିବା ପରେ ସେ ସେଠୁ ଉଠିଲା । ସେ ଉଠିପଡ଼ିଲା ସିନା ପୂରା ଜାଗତିକ ଅବସ୍ଥାକୁ ଫେରିପାରିଲାନି । ଘର ଭିତରଟା ତାକୁ ଲାଗିଲା ଅଜବ ଅଜବ । ଆସବାବପତ୍ରଗୁଡିକ ଲାଗିଲା ତାକୁ ଭାରି ଛୋଟ । ଏତେ ଲମ୍ବା ସପଟା ତାକୁ ଲାଗିଲା ଚାଖଣ୍ଡେ । ଝର୍କାଟା ଲାଗିଲା ଦିଆସିଲି ଖୋଳ । ସେ ପଦାକୁ ପଳାଇ ଆସିଲା । ଚାହିଁଲା ଆକାଶକୁ । ତାକୁ ଅନୁଭବ ହେଲା ଯେମିତି ସେ ନିଜେ ହଁ ଆକାଶ ହେଇଯାଇଛି । ପୁଣି ସଚେତନ ହେଲା ସେ, ଘର ଭିତରକୁ ପଶିଗଲା । ଘରଟି ତାକୁ ବନ୍ଦୀଶାଳା ଭଳି ଲାଗିଲା । ସେ ପୁଣି ପଦାକୁ ପଳାଇଆସି ପଦଚାରଣା କଲା । ଆକାଶକୁ ଚାହିଁଲା । ପୁଣି ସଚେତନ ହେଇଗଲା ଏବଂ ଭାବିଲା ମୁଁ ପାଗଳ ହେଇଗଲି କି ? ରାତି ବଢିଯାଉଥିଲା । ସମ୍ବିତ ଘରୁ ବାହାର ହେଉଥିଲା । ଏମିତି ହେଉ ହେଉ ତାର ସଚେତନତା ବଢିଗଲା ଏବଂ ରାତିରେ ତାକୁ ନିଦ ଆସି ନଥିବା କଥା ଭାବି ଚିନ୍ତିତ ହେଇପଡିଥିଲା ଏବଂ ନିଦ ବଟିକା ଖାଇ ଶୋଇ ପଡିଥିଲା । ଦିଲୀପ୍‌ର କବାଟବାଡା ଓ ଡାକରାରେ ସକାଳେ ତା'ର ନିଦ ଭାଙ୍ଗିଥିଲା । ନିଦ ଭାଙ୍ଗୁ ଭାଙ୍ଗୁ ବିବେକାନନ୍ଦଙ୍କର ସେଇ ପୁସ୍ତକଟା ତା ସାମ୍ନାରେ ପଡିଲା । ସେ ବହିଟିକୁ ଉଠାଇନେଇ ଥାକରେ ରଖିଦେଲା, ଏବଂ ଏ ବହିଟି ମୋତେ ପାଗଳ କରିଦେବ ଭାବି ବହି ଉଦ୍ଦେଶ୍ୟରେ ଜୁହାର ହେଲା ଏବଂ କବାଟ ଖୋଲିଲା । ଉଭୟ ସାଙ୍ଗ ହେଇ ଋଷିକୂଲ୍ୟା ନଈକୁ ଗାଧୋଇବାକୁ ଯାଇଥିଲେ ଏବଂ ସେଇ ନଈକୂଳରେ ହିଁ ସମ୍ବିତ ଦିଲୀପକୁ ଗତ ରାତିରେ ବହିପଢା ଓ ପରବର୍ତ୍ତୀ ଅନୁଭବ ଗୁଡିକ ବଖାଣିଥିଲା । ଦିଲୀପ ଆଶ୍ଚର୍ଯ୍ୟ ହେଇ ଯାଇଥିଲା । ଗାଧୋଇ ଫେରିବା ବାଟରେ ସେ ସମ୍ବିତ ପାଖରୁ ସେଇ ବହିଟି ନେଇ ଆସିଥିଲା । ନେଇ ଆସିଚିତ, ଆଉ ଫେରାଇନି ।

ସମ୍ବିତର ସ୍ମୃତି ଚହଳି ଉଠୁଥିଲା । ସତରେ ସେଇ ବହିଟି ଦିଲୀପର ଜୀବନ ପଥରେ ଦୀପ ହେଇ ରହିଲା ।

ଶେରଗଡ ସେକ୍ଟରରେ ଦିଲୀପ କାମ କରିବାର ଦୁଇମାସ ପରେ ଅଫିସର୍ ଶାନ୍ତନୁଙ୍କ ସହ ସମ୍ବିତ ଯାଇଥିଲା । ଦିଲୀପର ବସାଘର ଭିତରକୁ ପଶିଯାଇ ଉଭୟ ଚମକି ଉଠିଥିଲେ । ବସା ଘରଟି ଗୋଟେ ମାତ୍ର ବଡ଼ ରୁମ୍ । ସେ ରୁମ୍‌ଟି ଗେରୁଆ କନାରେ ଦୁଇଭାଗ ହୋଇଛି । ଭିତର ଭାଗରେ ଏକ ଆସ୍ଥାନ ଉପରେ ଠାକୁର, ପୂଜା ପଟଳ ସାମଗ୍ରୀ । ବେଦ, ଉପନିଷଦ, ଗୀତାଠାରୁ ଆରମ୍ଭ କରି ବହୁ ପୋଥି । ସାମ୍ନାରେ ଏକ ବାଘଛାଲ । ରୁଦ୍ରାକ୍ଷ, ତୁଳସୀ ଓ ରକ୍ତଚନ୍ଦନର ମାଳା । ବାହାର ପାଖଟିରେ ଖଟଟିଏ, ଚେୟାର, ଟେବୁଲ ଏବଂ ଷ୍ଟୋଭ୍ । ଅନ୍ୟାନ୍ୟ ରୋଷେଇ ସରଞ୍ଜାମ । ଦିଲୀପ ବାହାରପାଖ ଖଟିଆରେ ଆମକୁ ବସାଇଲା । ଅଫିସର୍ ତା ସେକ୍ଟରର କାଗଜପତ୍ର, ରିପୋର୍ଟ, ରେକର୍ଡ଼ ସବୁ ପ୍ରାୟ ପାଞ୍ଚ ମିନିଟ୍ ଭିତରେ ଦେଖା ଦେଖି ସାରିଦେଲେ । ଏବଂ ଯିବାକୁ ଛିଡା ହୋଇ ପଡିଲେ । ଦିଲୀପ ନମ୍ରଭାବରେ କହିଲା, "ସାର୍, ଏତେ ଶୀଘ୍ର ଚାଲିଯିବେ ?"

: " ଆପଣ ଯାହା ସବୁ ରେକର୍ଡ, ରିପୋର୍ଟରେ ଉଲ୍ଲେଖ କରିଛନ୍ତି ତାକୁ ସବୁ ସତ୍ୟ ବୋଲି ମୁଁ ମାନି ନେଉଛି, ଫିଲ୍ଡରେ ତଦାରଖ କରିବି ।" ଏତକ କହି ଶାନ୍ତନୁ ଆସି ଜିପ୍‌ରେ ବସିଲେ । ମୁଁ ବି ତାଙ୍କ ସଙ୍ଗେ ସଙ୍ଗେ ଆସିଲି । ଦିଲୀପ ଜିପ୍ ନିକଟକୁ ଆସି ହୋଟେଲ୍‌ରେ ଖାଇବା ପାଇଁ ଅନୁରୋଧ ଜଣାଇଲାରୁ ଶାନ୍ତନୁ ପ୍ରତ୍ୟୁତ୍ତର କରିଥିଲେ- "ଆଜି ନୁହେଁ, ଆର ଥରକୁ । ଆପଣ ଯାହା ଖାଇବେ, ଆମକୁ ସେୟା ପରଶିବେ । ବାସ୍ ।"

ସେ ଦୁହେଁ ଫେରିଆସିଥିଲେ । ରାସ୍ତାରେ ଶାନ୍ତନୁ ସମ୍ବିତ୍‌କୁ ପଚାରିଲେ- "ଦିଲୀପ ବାବୁ କ'ଣ ଆଗରୁ ଏମିତି ନା ଏବେ ଏଇ ସାଧନାରେ ବ୍ରତ ହୋଇଛନ୍ତି ?"

: ଜନ୍ମରୁ ହିଁ ସେ ବ୍ରତୀ । ସମ୍ବିତ କହିଲା ।

: ମାନେ ? ଆଶ୍ଚର୍ଯ୍ୟରେ ପ୍ରଶ୍ନକଲେ ଶାନ୍ତନୁ ।

: " ସତ କଥା । ଜନ୍ମରୁ ହିଁ, ଏପରିକି ଜନ୍ମପୂର୍ବରୁ ଜିନ୍‌ସୂତ୍ରରୁ ଏଇ ପ୍ରକ୍ରିୟା ଆରମ୍ଭ ହୋଇଥାଏ, ମାତ୍ର ତାର ସଚେତନ ପର୍ବ ଉନ୍ମୀଳନ ହୁଏ ବହୁପରେ ଏବଂ ସଚେତନ ହେବାପରେ ଏହି ପ୍ରକ୍ରିୟାକୁ ତ୍ୱରାନିତ କରାଯାଏ ନିଜ ସାଧନା, ନିଜ ମାର୍ଗଦ୍ୱାରା । ଜୈବ ବିଜ୍ଞାନ ଓ ଆଧ୍ୟାତ୍ମବିଜ୍ଞାନର ଏଇ ଅପୂର୍ବ ସଂଗମ କାହିଁ କେଉଁ କାଳର । କିନ୍ତୁ ଏବେ ଏବେ ସେ ସମ୍ପର୍କରେ ଗବେଷଣା ଆରମ୍ଭ ହୋଇଛି । ଜିନ୍ ସହ ସୂକ୍ଷ୍ମାତିସୂକ୍ଷ୍ମ ସ୍ତରରେ ଅମୂର୍ତ୍ତଭାବ ଗୁଡିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଛୁଙ୍କ ସ୍ୱତଃ ନିବିଷ୍ଟ ଥାଏ । ବଂଶସୂତ୍ରରେ ପୁରୁଷ ପୁରୁଷ ଧରି, ବାତାବରଣ, ପରିବେଶକୁ ଧରି ତାର ପ୍ରକ୍ରିୟା, ବ୍ୟାପ୍ତି ଓ ଦ୍ୟୁତି ଲାଭ ହୋଇ ପରିଶେଷରେ ଜଣକଠାରେ ତାହା ପ୍ରକାଶ ପାଏ । ଏହି ପ୍ରକ୍ରିୟାରୁ ଗାନ୍ଧୀ, ଯୀଶୁ, ମହମ୍ମଦ, ଅରବିନ୍ଦ, ନାନକଙ୍କର ଜନ୍ମ । ଯୁଗ ଯୁଗରୁ ଜିନ୍ ପ୍ରକ୍ରିୟାର ଅମୃତ ପରିଣତି । ଭାଗ୍ୟ ବୋଲି ଯାହାକୁ ଆମେ କହୁ ତାହା ବି ବିଜ୍ଞାନସିଦ୍ଧ । ଜିନ୍ ହିଁ ତାର କାରଣ ଓ ସମ୍ଭାବନା ।"

ସମ୍ବିତ୍‌ଠାରୁ ଏସବୁ ଶୁଣିଲାପରେ ଶାନ୍ତନୁ ପଚାରିଲେ- " ଆପଣ ବି କ'ଣ ଏଇ ଆଧ୍ୟାତ୍ମବିଦ୍ୟାର ସାଧକ ?"

: "ମୁଁ ଏକୁଟିଆ ନୁହେଁ, ଆପଣ ବି । ତଫାତ୍ ଏତିକି, ଆପଣଙ୍କ ସଚେତନାର ଅନ୍ତରାଳରେ, ଆପଣଙ୍କର ଏହା କ୍ରିୟାରତ ଏବଂ ଦିଲୀପ ନିଜ ଚେତନାରେ ଏହାକୁ ତ୍ୱରାନ୍ୱିତ କରିଛି ସାଧନାରେ । ଏହା କିଛି ଗୋଟେ ଆଶ୍ଚର୍ଯ୍ୟ ଜନକ ଜିନିଷ ନୁହେଁ । ନିଜ ଜୀବନକୁ ନିଜେ ଗଠନ କରିବାର ଏକ ତପସ୍ୟା ।" ସମ୍ବିତ ପ୍ରସଙ୍ଗଟିକୁ ସ୍ୱାଭାବିକ କରିବାକୁ ଚେଷ୍ଟା କଲା ।

ତା'ର ତିନିମାସ ପରେ ଜିଲ୍ଲା ଅଧିକାରୀ ଇଉନିଟ୍‌ରେ କାର୍ଯ୍ୟର ମୂଲ୍ୟାୟନ କରିବାକୁ ଆସିଥିଲେ । ଇଉନିଟ୍ ଅଧୀନରେ କାର୍ଯ୍ୟରତ ସମସ୍ତ ସେକ୍ଟରର କର୍ମଚାରୀମାନେ ଉପସ୍ଥିତ ଥିଲେ ସେକ୍ଟରୱାରୀ ମୂଲ୍ୟାୟନ କରୁ କରୁ ଶେରଗଡ଼ ସେକ୍ଟରର ପାଳି ପଡିଲାରୁ ଦିଲୀପ ଛିଡା ହୋଇ ତାର ସମସ୍ତ କାର୍ଯ୍ୟାବଳୀର ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କଲା । ଜିଲ୍ଲା ଅଧିକାରୀ ଦିଲୀପର ମୁହଁକୁ ଚାହିଁ ଏମିତି ମୁଗ୍ଧ ଓ ସ୍ତବ୍ଧ ହୋଇଗଲେ ଯେ ଅପଲକ ଭାବରେ କେବଳ ଚାହିଁ ରହିଲେ । ଦିଲୀପ ତା'ର ତଥ୍ୟ ପରିବେଷଣ କରି ସାରିଥିଲେ ମଧ୍ୟ ଜିଲ୍ଲା ଅଧିକାରୀ ସେଇମିତି ତା ମୁହଁକୁ ଚାହିଁ ରହିଥିଲେ । କାର୍ଯ୍ୟ ମୂଲ୍ୟାୟନ କରିବାର ଭାବସ୍ତରରେ ସେ ନଥିଲେ । କେଉଁ ଏକ ଅନ୍ୟରାଜ୍ୟକୁ ତାଙ୍କର ଚୈତନ୍ୟ ଅତିକ୍ରମ କରି ଯାଇଥିଲା । ବାତାବରଣ ଚୁପ୍‌ଚାପ୍ ହୋଇଗଲା କିଛି ସମୟ ପାଇଁ । ଇଉନିଟ୍ ଅଫିସର ଶାନ୍ତନୁ ଜିଲ୍ଲା ଅଧିକାରୀଙ୍କ ଭାବ ଭଙ୍ଗ କରିବା ଉଦ୍ଦେଶ୍ୟରେ କହିଲେ "ସାର୍, ଏବେ.... ।"

ଚମକିଲା ଭଳି ଜିଲ୍ଲାଅଧିକାରୀ କହିଲେ, "ହଁ ହଁ ।" ପୁଣି ସେ ରିପୋର୍ଟଟିକୁ ନଜର ପକାଇ ଆଖି ଉପରକୁ ଉଠାଇ ଦିଲୀପକୁ ପ୍ରଶ୍ନକଲେ- "ଆପଣ ଏ ମାସର ଚଉଦ ତାରିଖଠାରୁ କୋଡିଏ ତାରିଖ ଯାଏ ସାତଦିନ ଟୁର୍ ଡାଏରୀରେ କୌଣସି କାର୍ଯ୍ୟ କରିନାହାନ୍ତି ବୋଲି ଲେଖିଛନ୍ତି । କାମ ନାହିଁ ତ ଦରମା ନାହିଁ । ଏ ସାତଦିନର ଦରମା ତ ପାଇ ପାରିବେ ନାହିଁ ।"

ଇଉନିଟ୍ ଅଫିସର୍ ଶାନ୍ତନୁ ସେଇଠି ଯୋଗ କଲେ- "ସାର୍, ସେ ଏଠି ନୁଆ । ଜାଣିନାହାନ୍ତି । ଫିଲ୍‌ଡ୍‌ରେ କାମ କରିନାହାନ୍ତି ସିନା, ହେଡ଼୍‌କ୍ୱାର୍ଟରରେ ରହି ରେକର୍ଡ କାର୍ଯ୍ୟ କରିଛନ୍ତି । ସେଇଟାକୁ ସେ ଡାଏରୀରେ ଲେଖିପାରିନାହାନ୍ତି । ସେ ଦିନର ଦରମା କାହିଁକି କାଟିବେ ସାର୍ ?"

ଦିଲୀପ ସ୍ପଷ୍ଟ କହିଲା- "ନା, ସାର୍ । ମୁଁ ପ୍ରକୃତରେ କିଛି କାର୍ଯ୍ୟ କରି ନାହିଁ ସେ କେତେଦିନ । ମୁଁ ସେ ଦିନ ଗୁଡିକର ଦରମା ପାଇବାକୁ ଯୋଗ୍ୟ ନୁହେଁ । ଆପଣ ଦେଲେ ବି ମୁଁ ଗ୍ରହଣ କରିବି ନାହିଁ ।"

ଦିଲୀପର କଥାରେ ସମସ୍ତେ ନୀରବ ହେଇଗଲେ । ବାତାବରଣ ଶିଷ୍ଟ, ଉଚ୍ଚାଙ୍ଗ ହେଇ ଉଠିଲା । ହୋଇଉଠିଲା ଉତ୍ତୁଙ୍ଗ, ଏକ ଭିନ୍ନ ବିଶ୍ୱର ସରହଦ୍ । ଦିଲୀପର କଥାଟି ଏକ ନୈତିକ ଦର୍ପଣ ହେଇ ଉଭାହେଲା ଯେମିତି । ଜିଲ୍ଲା ଅଧିକାରୀ ଗମ୍ଭୀର ହୋଇ ଯାଇଥିଲେ । ଦିଲୀପର ମୁହଁକୁ ଚାହିଁ କିଛି ଗୋଟେ ଖୋଜିବାରେ ଲାଗିଲେ । ତାଙ୍କ ମୁଣ୍ଡଭିତରେ ସବୁ କିଛି ଗୋଳମାଳ ହୋଇଯାଉଥିଲା । ଦୀର୍ଘ ପଚିଶବର୍ଷର ଚାକିରି କାଳ ଭିତରେ ଏପରି ଉତ୍ତର ସେ କାହାଠାରୁ ଶୁଣିନଥିଲେ । ଏଭଳି କର୍ମଚାରୀ ଯେ ଥାଇପାରନ୍ତି ସେ ବିଶ୍ୱାସ କରିପାରୁନଥିଲେ ।

ଦିନ ପ୍ରାୟ ବାରଟା ପାଖାପାଖି ସମୟକୁ ବୁଢାଲୋକଟିଏ ଅଫିସ ଭିତରକୁ ପଶିଆସିଲେ । ବେଶ୍ ସାଧା ସିଧା । ଧୋତି କୁର୍ତ୍ତା ପିନ୍ଧିଛନ୍ତି । ହାତରେ ବ୍ୟାଗ୍‌ଟିଏ । ଆଖି ଓ ମୁହଁରେ ବ୍ୟସ୍ତ ଓ ବିବ୍ରତ ହେବାର ଚିହ୍ନ । ସାମ୍ନାରେ ବସିଥିବା ଦଳେଇବାବୁଙ୍କୁ ପଚାରିଲେ "ଆଜ୍ଞା । ଦିଲୀପ୍ ଏଠାକୁ ଆସିଛି କି ?"

: ନା ତ, ଦିଲୀପ ବାବୁ ଆସିନାହାନ୍ତି । ତା ଛଡା ସେତ ଏଠି କାମ କରନ୍ତିନି, ସେ ଶେରଗଡ ସେକ୍ଟରରେ ରହିଛନ୍ତି । ତାଙ୍କର ଅଫିସ୍ ସେଠି । ଦଳେଇବାବୁ ପ୍ରତ୍ୟୁତ୍ତର କଲା । ବୁଢାଲୋକ ଜଣକର ମୁହଁ ଆହୁରି ବିବ୍ରତ ହେଇଆସିଲା ।

ଦିଲୀପକୁ ଖୋଜୁଛନ୍ତି ଜାଣି ସମ୍ବିତ ବୁଢାଙ୍କ ପାଖକୁ ଆସି ପଚାରିଲା - "ଆପଣ ତା'ର କ'ଣ ହେବେ ?"

: "ବାପା ।" ବୁଢା ଜଣକ ଉତ୍ତର କଲେ । "ମୁଁ ଶେରଗଡ଼ ଯାଇଥିଲି । ଏଇ ଫେରୁଛି । ସେଠି ପଚାରି ବୁଝିଲି ଯେ ସେ ସେଠି ନାହିଁ । ଯୋଉ ଘରଭଡା ନେଇଥିଲା ସେ ଘର ଛାଡି ଦେଇଛି । ଘର ମାଲିକ ଅଫିସ କାଗଜପତ୍ର ରଖିଛି ଯାହା । ସେଠି ଲୁଗାଦୋକାନ, ତେଜରାତି ଦୋକାନ, ଯେଉଁଠୁ ସେ ସବୁବେଳେ କିଣାକିଣି କରେ, ସେମାନେ ବି କହିଲେ ସେ ଚାରିପାଞ୍ଚଦିନ ହେଲା ନାହାନ୍ତି, ବାକି ପଇସା ଯାହାଥିଲା ସବୁ ପରିଶୋଧ କରି ଦେଇଛନ୍ତି । ଏଠି ଆସି ଦେଖୁଛିତ.... ମୋର ଗୋଟେ ବୋଲି ପୁଅ.... ।" ଏତିକି କହିସାରିଲା ବେଳକୁ ବୁଢାଙ୍କ ଆଖିସାରା ଲୁହ ବଲବଲ ।

ବାତାବରଣ କରୁଣ ଥପ୍ ଥପ୍ । ଅଫିସରେ ସମସ୍ତେ ତାଙ୍କୁ ଘେରି ଚୁପ୍ ଚାପ୍ । ସମ୍ବିତ ତାଙ୍କୁ ଧରିନେଇ କହିଲା - "ମଉସା । ଏତେ ବ୍ୟସ୍ତ ହୁଅନ୍ତୁନି । ଦିଲୀପ ହୁଏତ କୋଉଁଠିକି ଯାଇଥାଇପାରେ । କାମସାରି ଫେରିଆସିବନି ।" ବୁଝେଇଲା ଢଙ୍ଗରେ କହିଲା ସମ୍ବିତ ।

ବୁଢାଙ୍କର କୋହ ଆହୁରି ବଢିଯାଇଥିଲା । - " ଯେଉଁଠିକି ତ ଯାଇଛି ନିଶ୍ଚୟ । କିନ୍ତୁ ଫେରିବ ବୋଲି ଜାଣିବି କେମିତି ? ଭଡାଘର ତ ଛାଡିଦେଇଛି । ଅଫିସ୍ କାଗଜ ତ ଜିମା ଦେଇ ଦେଇଛି, ଏଠିକୁ ଆସିନାହିଁ । ତା ମାନେ ସେ ଆଉ ଚାକିରି କରୁନାହିଁ ।

କେଉଁଠିକୁ ଫେରିବ ?" ଏତକ କହି ବୁଢାବାବୁ ଏକପ୍ରକାର କାଠ ହୋଇ ବସିପଡିଲେ । ଅଫିସ୍‌ର ସମସ୍ତେ ବ୍ୟସ୍ତ ବିବ୍ରତ ହୋଇପଡିଲେ । ଧୈର୍ଯ୍ୟ ନ ହରାଇ ବନ୍ଧୁବାନ୍ଧବ ଘର ମାନଙ୍କରେ ଖୋଜା ଖୋଜି କରିବାକୁ ସମ୍ବିତ ବୁଢାଙ୍କୁ କହିଲା । ଇଉନିଟ୍ ଅଫିସର୍ ଶାନ୍ତନୁବାବୁ ପହଞ୍ଚି ସବୁ ଘଟଣା ଜାଣି ତଟସ୍ଥ ହୋଇଗଲେ । ସଙ୍ଗେ ସଙ୍ଗେ ଅଫିସ୍ ଜିପ୍‌ରେ ବୁଢାଙ୍କୁ ବସାଇ ଶେରଗଡ ଗଲେ । କଥାଟି ସତ୍ୟ ଥିଲା । ଦିଲୀପ ମହାରଣା ଚାରିଦିନ ଧରି ସେଠୁ କୁଆଡେ ଚାଲିଯାଇଛନ୍ତି । ଗୋଟେ ଦିନ ସକାଳୁ ବେଡିଂ ଧରି ବ୍ରହ୍ମପୁର ବସ୍‌ରେ ଚଢିବା ଦେଖିଛନ୍ତି ବୋଲି କିଛି ଲୋକ ସେଠି କହିଲେ । ଭଡାଘରର ମାଲିକ ନିଜଘରୁ ସରକାରୀ ଖାତାପତ୍ର ଆଣି ଅଫିସର ଶାନ୍ତନୁବାବୁଙ୍କୁ ଧରାଇଦେଇ କହିଲା, "ଦିଲୀପବାବୁ ମୋତେ କହିଯାଇଛନ୍ତି, କେହି ଅଫିସ୍ ଲୋକ ଆସିଲେ ଏ ରେକର୍ଡପତ୍ର ସବୁ ଦେଇଦେବାକୁ । ବାସ୍, ଆଉ କିଛି କହିନାହାନ୍ତି ।"

ଶାନ୍ତନୁ ଜିପ୍‌ରେ ନଥିପତ୍ର ରଖି ଦୀର୍ଘଶ୍ୱାସ ଛାଡିଲେ । ତାଙ୍କ ସାମ୍ନାରେ ଦିଲୀପର ବୁଢା ବାପାଙ୍କର କରୁଣ ମୁହଁ ସହ ଦିଲୀପର ଉଜ୍ଜ୍ୱଳ ଚେହେରା ଉଭା ହୋଇଯାଉଥିଲା । ଏକମାତ୍ର ଯୁବକ ପୁତ୍ର ଗୃହତ୍ୟାଗୀ ହୋଇ ସନ୍ନ୍ୟାସୀ ହୋଇଯିବା ଯୋଗୁଁ ବୁଢା ବାପାର କାରୁଣ୍ୟ ଓ ଉଦ୍‌ବେଗ: ଏହି ବିରଳ ଅନୁଭବକୁ ସେ କେବେ ହେଲେ ହେଜିନଥିଲେ ଜୀବନରେ । ସେ ବୁଢାଙ୍କୁ ଆଶ୍ୱାସନା ଦେଲେ - "ମଉସା ! ଆପଣ ବନ୍ଧୁ ବାନ୍ଧବଙ୍କ ଘରେ ଖୋଜା ଲୋଡା କରନ୍ତୁ । ସରକାରୀ ସ୍ତରରେ ଯେଭଳି ସନ୍ଧାନ ହେବା କଥା ଡିପାର୍ଟମେଣ୍ଟ ତରଫରୁ ଆମେ କରିବୁ ।"

ବୁଢାବାବୁଙ୍କୁ ସେହି ଜିପ୍‌ରେ ପ୍ରାୟ ପଚାଶ କିଲୋମିଟର ଦୂର ଗାଁରେ ତାଙ୍କୁ ଛାଡି ଦେଇ ଆସିଲେ । ସେଠି ଦିଲୀପର ମାଆ ଏସବୁ ଖବରରେ ବେସାଷ୍ଟମ ହୋଇଗଲେ ।

ଦିଲୀପର ହଠାତ୍ ଏଭଳି ଅନ୍ତର୍ଦ୍ଧାନରେ ସବୁଠୁଁ ବେଶି ଦୁଃଖ ଓ ଅବସାଦ ଲାଗିଲା ସମ୍ବିତକୁ । ସେ ନିଜକୁ ନିଜେ ଦୋଷୀ ଭାବୁଥିଲା । ସେଦିନ ଆସିବାରେ ତାକୁ ବିବେକାନନ୍ଦଙ୍କର ବହିଟି ଦେବାରୁ ଦିଲୀପର ଏଭଳି ପରିବର୍ତ୍ତନ ହେଲା ସିନା । ସେ କୌଣସି ପ୍ରକାରେ ମୁକ୍ତ କରିପାରୁନଥିଲା ନିଜକୁ ସେ ଅଭିଯୋଗରୁ । ବେଳେବେଳେ ତା ମନକୁ ଆସିଲା, ସେ ଦିଲୀପକୁ ବହିଟି ପ୍ରଦାନ କରି ଏକ ମହତ୍ତର ଜୀବନର ସନ୍ଧାନରେ ସହାୟ ହୋଇଛି, ତେଣୁ ସେ ଦୋଷୀ କାହିଁକି ? କାହିଁକି ତାର ଏ ଅନୁତାପ ?

ଦିଲୀପର ବୁଢାବାପା, ରୋଗୀଣା ମାଆର ଏ ହାଳଡାଳ ଅବସ୍ଥା ଦେଖି କାରୁଣ୍ୟର ଯେଉଁ ନଦାନ ଶୁଭୁଛି, ହୁଏତ ତାହାହିଁ ଅନୁକମ୍ପାର ଦ୍ରୋହୀ ସଜାଇ ସମ୍ବିତ୍‌କୁ ଅଭିଯୁକ୍ତ କରୁଛି ।

ତା ପକ୍ଷେ ଏତିକି ଆଶ୍ୱାସନା ଥିଲା ଯେ ସାରା ଶେରଗଡ଼ ଅଞ୍ଚଳରେ ଲୋକେ ଦିଲୀପକୁ ଦେଇଥିଲେ ଅମାପ ଶ୍ରଦ୍ଧା ଓ ପ୍ରାଣଭରି ଅନ୍ତରଙ୍ଗତା । ଦିଲୀପ ଏମିତି ଉଭାନ୍

ହୋଇଯିବାର ଘଟଣାରେ ଶିଶୁଠୁଁ ବୁଢାଯାଏ ସମସ୍ତଙ୍କର ମୁହଁରେ ଚୋ' ଚୋ' ଶବ୍ଦ । ଏହା ତ ଦିନେ ନିଶ୍ଚୟ ଘଟିଥାଆନ୍ତି । ସେ ମାହେନ୍ଦ୍ରବେଳା ପହଞ୍ଚିଲା, ତାଙ୍କୁ ରାସ୍ତା ଦେଖେଇ ନେଇଗଲା, କେହି କେହି ମନ୍ତବ୍ୟ କରିଥିଲେ ।

ଠିକ୍ ଆଠଦିନ ପରେ ଅଫିସକୁ ଚିଠିଟିଏ ଆସିଲା । ଅଫିସର୍ ଶାନ୍ତନୁ ଚିଠିଟି ଚିରି ଦେଖିଲେ ସେଇଟି ଆସିଚି ଦିଲୀପଠାରୁ । ଅଫିସ୍‌ରେ ସମସ୍ତେ ଉତ୍ସୁକ ହୋଇପଡ଼ିଲେ । ତାହା ଥିଲା ତା'ର ଚାକିରିରୁ ଅବ୍ୟାହତି ନବାର ପତ୍ର । ଚିଠିରେ ମାତ୍ର ଏତକ ଲେଖାଥିଲା - "ଏକ ଆଲୋକିତ ଜୀବନ ପାଇଁ ମୁଁ ଚାକିରିରୁ ଅବ୍ୟାହିତ ନେଉଛି, ଏହାକୁ ଗ୍ରହଣ କରିବାକୁ ଅନୁରୋଧ ।" ଚିଠିର ଷ୍ଟାମ୍ପରୁ ଜଣାପଡ଼ିଲା ଚିଠିଟି ଆସିଛି ବୃନ୍ଦାବନରୁ ।

ଚିଠିଟିକୁ ନେଇ ସଙ୍ଗେ ସଙ୍ଗେ ତା'ର ବାପାଙ୍କୁ ଜଣାଇବାର ବ୍ୟବସ୍ଥା କରିବାକୁ ଅଫିସର ସମସ୍ତେ ଉଦ୍ୟମ କରୁକରୁ ଗୋଟେ ରିକ୍ସାରେ ଆସି ପହଞ୍ଚିଲେ ଦିଲୀପର ବାପା,ମା ଏବଂ ତାଙ୍କର ପୁତୁରା । ରିକ୍ସାଭିତରୁ ହିଁ ସେମାନେ କାନ୍ଦ ବୋବାଳି କରୁଥିଲେ । ରିକ୍ସାରୁ ଅଫିସ ଭିତରକୁ ଆସି ମାଆ ତ ଏପାଖରୁ ସେ ପାଖ ଯାଏଁ କାନ୍ଦିବୋବେଇ ଗଡି ଯାଉଥାଏ: ମୋ ଦିଲୀପରେ ... ମୋ ଏକୋଇରବଳା... ସଂସାର ଛାଡିଗଲୁ କାହିଁକିରେ... । ବାପା ମୁଣ୍ଡରେ ହାତଦେଇ ଲୁହ ଗଡେଇ ଚାଲିଥାଏ । ତାଙ୍କ ହାତରେ ବି ଅଛି ଇନ୍‌ଲାଣ୍ଡଟିଏ ।

ବାପା ମା'ଙ୍କର ଏ ବୋବାଳି ଶୁଣି ଅଫିସ ସାମ୍ନାର ମଣିଷ କିଛି ବି ଉପରକୁ ଉଠି ଆସିଥାନ୍ତି । ପରିବେଶ ଆକୁଳ ଓ ଆର୍ଦ୍ର ହୋଇଉଠିଥାଏ । ଶାନ୍ତନୁବାବୁ ବୁଢାବାବୁଙ୍କ ପାଖକୁ ଆସିଗଲାରୁ ବୁଢାବାବୁ ଇନ୍‌ଲାଣ୍ଡଟିକୁ ବଢାଇଦେଲେ ଥମ୍‌କିନା ବସିପଡିଲେ । ଶାନ୍ତନୁ ଚିଠିଟିକୁ ପଢିଲେ । "ବାପା, ମାଆ । ପ୍ରଣାମ ନେବେ । ଆପଣ ଦୁଇଜଣ ମୋତେ ପୃଥିବୀକୁ ଆଣିବାରେ ସାହାଯ୍ୟ କରିଛନ୍ତି । ତାହା ବିଧି ନିର୍ଦ୍ଦେଶିତ । ଚିରକାଳ ଆପଣ ପ୍ରଣମ୍ୟ । ମୁଁ ଆଲୋକିତ ପଥରେ ଅଗ୍ରସର ହେଇଛି । ମୁଁ ଏ ଯାଏ ଆପଣ ଦୁଇଜଣଙ୍କୁ ବିସ୍ମୃତ ହୋଇନାହିଁ । କିନ୍ତୁ ସାଧନାପଥରେ ଯେତେ ଗଭୀରତାକୁ ମୁଁ ପ୍ରବେଶ କରିବି, ସ୍ମୃତି ସେତେ କ୍ଷୀଣ ହୋଇଆସିବ । ସ୍ମୃତି ଥିବାଯାଏ ମୁଁ ଏମିତି ପତ୍ର ଲେଖୁଥିବି । କିନ୍ତୁ ଆପଣ ଚିଠିଦେବେ ନାହିଁ । କାରଣ ସେ ଚିଠି ମୋ ପାଖେ ପହଞ୍ଚିବ ନାହିଁ । ମୁଁ ଏ ସ୍ଥାନରୁ ଯାଇ ସାରିଥିବି । ଏଇ ଚିଠି ଲେଖିଲା ସମୟରେ ଭାରି ବର୍ଷା ହେଉଛି । ପଚିଶ ବର୍ଷତଳେ ବି ବର୍ଷା ହେଉଥିଲା । ଏଇ ଏବର ବର୍ଷା ସହ ପଚିଶବର୍ଷ ତଳର ବର୍ଷାର ଯେଭଳି ସମ୍ପର୍କ, ମୋର ଆପଣଙ୍କ ସହ, ମାଆଙ୍କ ସହ ସେଇ ସମ୍ପର୍କ । ମୋତେ ଖୋଜିବେ ନାହିଁ, କାରଣ ପାଇବେ ନାହିଁ । ଧୀରେ ଧୀରେ ମୋର ଚିଠି ପଠାଇବା କମିଯିବ ଏବଂ ଶେଷରେ ବନ୍ଦ ହୋଇଯିବ । ପୁନଶ୍ଚ ପ୍ରଣାମ । ଆପଣଙ୍କର ଭାଗ୍ୟବାନ ପୁତ୍ର- ଦିଲୀପ ।"

ବନ୍ଧୁବାନ୍ଧବମାନଙ୍କ ମଧ୍ୟରୁ ଦିଜଣ ସେଇଦିନ ହିଁ ବୃନ୍ଦାବନ ଯାଇଥିଲେ ଦିଲୀପର

ସନ୍ଧାନରେ କିନ୍ତୁ ଫଳ କିଛି ହେଲା ନାହିଁ । ପ୍ରତିମାସ ଖଣ୍ଡିଏ ଖଣ୍ଡିଏ ଚିଠି ଧରି ଦିଲୀପର ବାପା, ମାଆ ଅଫିସ୍ ଆସୁଥାଆନ୍ତି । ସେ ଚିଠି ଆସିଥାଏ ଗୟା, କାଶି, ହରିଦ୍ୱାର, ରାମେଶ୍ୱର, କୁମାରୀକା, ତିବ୍ୱତ, ଋଷିକେଶ, କେଉଁଠୁ କେଉଁଠୁ ଦି ଧାଡି ଲେଖା । ପିତାମାତା, ନିଜ ଜନ୍ମ, ଜନ୍ମସ୍ଥାନକୁ ଦିଲୀପ ଏ ଯାଏ ସ୍ମରଣ ରଖିଥିବାର ନମୁନା । ସେ ଦିଜଣ ଅଫିସ୍‌ରେ ପହଞ୍ଚିଗଲେ ବାତାବରଣ ଭିନ୍ନ ହେଇଯାଏ । କାହାରି ତୁଣ୍ଡରୁ ଆହା ଶବ୍ଦ ବାହାରେ ତ, କେହି କେହି ତାଙ୍କୁ ଭାଗ୍ୟବାନ ମଣନ୍ତି, ଏଥିପାଇଁ ଯେ ସେ ଦୁହେଁ ଜଣେ ଆଧ୍ୟାତ୍ମିକ ଯୋଗୀଙ୍କୁ ଜନ୍ମ ଦେଇଛନ୍ତି । କିନ୍ତୁ ସେ ଦୁହେଁ ପୁତ୍ର ଚିନ୍ତାରେ ଘାରି ହୋଇ ଶୁଖିଲା କଣ୍ଟା ହୋଇ ଯାଇଥାଆନ୍ତି । ହାଡ଼ମାଳ ଦିଶିଯାଉଥାଏ ।

ଏଭଳି ଦୃଶ୍ୟରେ ସବୁଠୁଁ ବେଶି ଦୁଃଖି ହୁଏ ସମ୍ବିତ । ନିଜକୁ ସେ କ୍ଷମା କରିପାରେ ନାହିଁ । ଛାତିଭିତରେ ଓଦା ଓଦା ଲାଗେ । ସତରେ ସଂସାରରେ ଜଞ୍ଜାଳରେ ଘାଣ୍ଟି ହେବାଟା ବୋଧେ ଜୀବନର ପରିତୃପ୍ତି, ନହେଲେ ଦିଲୀପ ପାଇଁ ଏତେ ବ୍ୟାକୁଳତା କାହିଁକି ? ଯଦି ବି ପରିତୃପ୍ତି ତା' ହେଲେ ଜଣେ ଆଧ୍ୟାତ୍ମିକ ପୁରୁଷ ବା ଯୋଗୀକୁ ଦେଖିଲେ ତାଙ୍କ ପାଖରେ ମୁଣ୍ଡ ସ୍ୱତଃସ୍ଫୂର୍ତ୍ତ ଭାବରେ ନଇଁ ଆସେ କାହିଁକି ? ଏ ଦ୍ୱନ୍ଦର ସମାଧାନ କ'ଣ ? ସମ୍ବିତ ସେଇ ଦ୍ୱନ୍ଦ୍ୱଠିଁ ଅଟକି ରହିଲା ।

ଦିଲୀପର ବାପା ମାଙ୍କୁ ନିଜ ବସାକୁ ନେଇଯାଏ ସମ୍ବିତ । ସେଠି ଖୁଆଇ ପିଆଇ ଛାଡେ । ବହୁତ ବୁଝାଏ । ବୃହତ୍ତର ଜୀବନ ପାଇଁ ଦିଲୀପ ସାଧରନାରତ, ସେଠି ବାପା ମା, ଭାଇ, ଭଉଣୀ, ବନ୍ଧୁ ସଂସାର ସବୁ ପ୍ରକୃତି ଓ ପୁରୁଷର ଅଂଶମାତ୍ର । ଆପଣ କାହିଁକି ତା ପାଇଁ ଏମିତି ବ୍ୟସ୍ତ ହେଉଛନ୍ତି । ଦିଲୀପର ବାପା ସେଦିନ କିଛି ସମୟ ଚୁପ୍ ହୋଇଗଲେ । ତାଙ୍କ କପାଳର ରେଖା କୁଞ୍ଚିତ ହୋଇଉଠିଲା । ଆଖିରୁ ଉଦାସ ନିଭିଯାଇ ଏକ ଦାର୍ଶନିକ ଉଚ୍ଛ୍ୱାସର ଦୀପ୍ତି ଝଲକିଲା । ସେ ନରମ କଣ୍ଠରେ କହିଲେ- " ଆମେ ବଞ୍ଚିବୁ କେମିତି ପୁଅ, କାହା ପାଇଁ ବଞ୍ଚିବୁ ? ମଣିଷ ନିଜେ ବଞ୍ଚେ ସତ, କିନ୍ତୁ ନିଜ ପାଇଁ ବଞ୍ଚେ ନାହିଁ । ଅନ୍ୟ କିଛି ପାଇଁ ବଞ୍ଚେ ।" ବୁଢାଙ୍କର ଏ କଥାରେ ସମ୍ବିତ୍ ମୁହୂର୍ତ୍ତକ ଲାଗି ନିଷ୍ପଲକ ହୋଇଯାଇଥିଲା ।

ଦିନ ପରେ ଦିନ । ଦିଲୀପ କାହାଣୀର ଉତ୍ସୁକତା କମି କମି ସ୍ୱାଭାବିକ ହୋଇ ଆସିଲାଣି । ଅଫିସ୍‌ରେ ସେ ସମ୍ପର୍କରେ ଆଉ ବିଶେଷ ଆଲୋଚନା ହୁଏ ନାହିଁ । ଦୈନନ୍ଦିନ ଜୀବନରେ ପ୍ରତି ନିୟତ୍ ବହୁ ଅସ୍ୱାଭାବିକ, ଚମକପ୍ରଦ ଘଟଣାବଳୀ ଓ ସମ୍ବାଦର ଗହଳିରେ ମଳିଣ ପଡିଆସିଲାଣି ଦିଲୀପର କଥା । ସ୍ୱାଭାବିକତାର ନଉକାରେ ସେ ଅନୁଭବର କାତ ଶିଥିଳ ହୋଇ ଆସିଲାଣି । କିନ୍ତୁ ସମ୍ବିତର ପ୍ରତିଦିନର କିଛି ମୁହୂର୍ତ୍ତ କିନ୍ତୁ ଲାଗିରହେ ଦିଲୀପ ଠାରେ । ଅବସୋସର ଅଧ୍ୟାୟଟିଏ ସେ ପଢେ । ସାମ୍ନାରେ ଉଭା ହୁଅନ୍ତି ଦିଲୀପ, ତା ବାପା, ମା'ଙ୍କର କାନ୍ଦୁରା ପରିବେଶ । ବେଶ୍ କିଛି ମାସ ଧରି ୟା ଭିତରେ ଦିଲୀପର

ବାପା,ମା ଆଉ ଆସିନାହାନ୍ତି । ସେ ଦିନ ରବିବାର ଥିଲା । ଦିନ ପ୍ରାୟ ଗୋଟେ ପାଖାପାଖି । କବାଟ ଦେଇ ଶୋଇଥିଲା ସମ୍ବିତ । ବାହାରୁ ଠକ୍ ଠକ୍ ହେଲାରୁ ସମ୍ବିତ କବାଟ ଖୋଲିଲା । ଦେଖିଲା ଦିଲୀପର ବାପା । ଭିତରକୁ ଡାକିନେଲା । ଦିଲୀପର ଶେଷ ଚିଠିଟିକୁ ଦେଖି ତାକୁ ଝୁରି ଝୁରି ସେଇ ଦିନ ତା ମାଆ ମରିଗଲା । ହେଲାଣି ଛଅମାସ । କାନ୍ଦ କାନ୍ଦ କଣ୍ଠରେ କହୁ କହୁ ବୁଢାବାବୁ ପକେଟରୁ ଇନଲାଣ୍ଡଟିଏ କାଢି ବଢେଇ ଦେଲେ ସମ୍ବିତକୁ । ସମ୍ବିତ ଦେଖିଲା ବୁଢାବାବୁଙ୍କର ଠିକଣାଟି ଲେଖା ଅଛି ଚିଠିରେ । ମାତ୍ର ଆଉ କିଛି ନାହିଁ । ଫାଙ୍କା ଚିଠି । ଦିଲୀପର ହାତଅକ୍ଷରରେ ଠିକଣା ଲେଖା ଅଛି ।

: "ପୁଅ ଆମକୁ ଭୁଲି ପାରିନି ବୋଲି ଚିଠି ଦେଇଚି । ସମ୍ପର୍କ ନାହିଁ ବୋଲି କିଛି ଲେଖିନି । ଏ ଚିଠିକୁ ଦେଖି ତା ମାଆ ଆଖି ବୁଜିଦେଲା ।" ବୁଢା କହିଲା । ସମ୍ବିତ୍ ଘଟିଯାଉଥିବା ଘଟଣାକୁ ବଲ ବଲ ଆଖିରେ ଦେଖୁଥାଏ । ବୁଢା ପୁଣି କହିଲେ: "ଈଶ୍ୱରଙ୍କୁ ପାଇବା ଲାଗି ଦିଲୀପ ସନ୍ନ୍ୟାସୀ ପାଲଟିଗଲା । ଦିଲୀପକୁ ପାଇବାକୁ ଝୁରି ଝୁରି ତା ମାଆ ସଂସାର ଆରପାରିର ଯୋଗୀ ହୋଇଗଲା । ମୁଁ କିନ୍ତୁ ଦିଲୀପକୁ ଛାଡିବି ନାହିଁ । ତାକୁ ଫେରାଇ ଆଣିବି । ନ ହେଲେ, ମୁ ଝୁରି ଝୁରି ମରି ଯାଆନ୍ତି ନା ।" ଏତକ କହିଲା ବେଳକୁ ତାଙ୍କର କୋହ ବଢି ଯାଉଥାଏ । ସେ ଭୋ ଭୋ କାନ୍ଦିଲେ । "ବୁଝିଲ ବାବୁ । ମୁଁ ତାକୁ ନିଶ୍ଚେ ଲେଉଟାଇ ଆଣିବି ।" ସେଇ କାନ୍ଦ ଭିତରେ ବୁଢାବାବୁଙ୍କର ମୁହଁ ଦୃଢ ହୋଇ ଆସୁଥାଏ । ଯେ ମୋ ସ୍ତ୍ରୀକୁ ମୋ ଠାରୁ ଛଡ଼େଇ ନେଇଛି ମୁଁ ତାକୁ ନିଶ୍ଚେ ପୁଣି ମୋ ପାଖକୁ ଫେରେଇ ଆଣିବି । ତା ମାଆକୁ ବି । ଏତକ କହିସାରିଲା ବେଳକୁ ତାଙ୍କର ହୃତସ୍ପନ୍ଦନ ବଢିଯାଇଥାଏ । ସେ ସଁ ସଁ ହେଉଥାଆନ୍ତି ।

ଦିଲୀପର ଶେଷଚିଠିଟି ସମ୍ବିତ ହାତରେ ଓଜନିଆ ହେଇଆସିଲା ।

***

ପୁଣିଥରେ ଈଶପ୍



ଡ. କଇଳାଶ ପଟ୍ଟନାୟକ
ଡିଅର ପାର୍କ, ଶାନ୍ତିନିକେତନ
ମୋ: ୯୯୩୩୬୦୦୦୨୬

"ନେତାଙ୍କ ଆଗରେ ଜନତା ସବୁବେଳେ ନୀରବ ରହିଲା ପରି ମଳିମୁଣ୍ଡିଆ ପଶୁ ନୀରବ ରହିଲେ । ଏତେ କାମ ସିଂହ ଏକା କରିଥିବାରୁ ତାକୁ ପ୍ରଶଂସା କରି ବାହୁଡିଲେ ଚୁପ୍‌ଚାପ ।"

କପୋତ ଓ ପିମ୍ପୁଡ଼ି କଥା

ଜାଲ ଟାଣି ଦେଇ ଶିକାରୀଟା ଏଥର ଧରିନେଲା କପୋତଟିକୁ । ଜାଲରେ ଛଟପଟ ହଉହଉ କପୋତଟି ଦେଖି ପକାଇଲା ପିମ୍ପୁଡ଼ିକୁ । କହିଲା, କାମୁଡି ଦେଲୁନି ଏଥରକ ବି ଶିକାରୀ ପାଦକୁ ? ମୁଁ ଖସି ଯାଇପାରିଥାନ୍ତି ।

ପିମ୍ପୁଡ଼ି କହିଥିଲା, ଥରେ ବଂଚାଇଥିଲୁ ମୋତେ ପାଣିରେ ଭାସି ଯାଉଯାଉ । ସେ ଉପକାରର ଋଣ, ଶିକାରୀ ଗୋଡ଼କୁ କାମୁଡ଼ିବା ବାହାନାରେ ପ୍ରତି ଉପକାର କରି ମୁଁ ଶୁଝି ଦେଇଥିଲି । ଏଥର କାହିଁକି ଆଉ ଶିକାରୀକୁ ଲକ୍ଷ୍ୟଭ୍ରଷ୍ଟ କରାଇଥାନ୍ତି ? 'ଗିଭ୍ ଏଣ୍ଡ ଟେକ୍'ର ଏ ସଂସାରକୁ ତୁ ଆଉ ବୁଝିବୁ କେବେ ?

ଚିଲ ଓ କପୋତ କଥା

ଚିଲର ଭାରି ଇଚ୍ଛା କପୋତ ଦଳଟାକୁ ଖାଇଦିଅନ୍ତା । ଯେତେବେଳେ ବି ଆକ୍ରମଣ କରିଚି, କପୋତଦଳକ ସତର୍କରେ ଲୁଚି ଯାଆନ୍ତି । ଚିଲ ରକ୍ତ ଚାଉଳ ଚୋବେଇ ରହେ ।

ବାରମ୍ବାର ଆକ୍ରମଣ କରି ଚିଲ ଯେତେବେଳେ ବିଫଳ ହେଲା, ସଫଳ

ରାଜନେତାଙ୍କ ପରି ସେ ଉପାୟଟିଏ ପାଂଚିଲା । କପୋତମାନଙ୍କୁ କହିଲା, ହଇରେ ମତେ ତମର ରାଜା କରିଦେଲେ ଉଚ୍ଚ ଆକାଶରେ ବୁଲି ବୁଲି ମୁଁ ତମମାନଙ୍କ ଶତ୍ରୁମାନଙ୍କୁ ଠାବ କରି ତମକୁ ସତର୍କ କରିଦିଅନ୍ତି । ତମେମାନେ ନିରାପଦରେ ରୁହନ୍ତ ।

କପୋତଦଳକ ନିରୀହ 'ଭୋଟର' ମାନଙ୍କ ପରି । ବଡ଼ ଦୁର୍ବଳ ସ୍ମୃତିଶକ୍ତି ସେମାନଙ୍କର । ସେମାନେ ଚିଲକୁ ବିଶ୍ୱାସ କଲେ । କହିବା ବାହୁଲ୍ୟ, ଦିନ କେଇଟାରେ କପୋତଦଳର ଚିହ୍ନବର୍ତ୍ତ ମିଳିଲା ନାହିଁ ।

ସିଂହ ଓ ଛେଳି କଥା

କଳିର ମୂଳ କାରଣ, କିଏ ପ୍ରଥମେ ପାଣି ପିଇବ ? ସିଂହ କହିଲା, ସେ ରାଜା । ପାଣିରେ ତାର ପ୍ରଥମ ଅଧିକାର । ଛେଳି କହିଲା, ସେ ପ୍ରଜା । ପାଣିରେ ତାର ପ୍ରଥମ ଅଧିକାର ।

ରାଜା ଦୋଷ ଦେଲା ପ୍ରଜା ଉପରେ ସମ୍ମାନହାନୀର । ପ୍ରଜା ଦୋଷଦେଲା ରାଜା ଉପରେ ଅବିଚାରର । ରାଜା ଅସନ୍ତୁଷ୍ଟ ହେଲା । ପ୍ରଜା ବିରକ୍ତ ହେଲା । ରାଜା ଆଉ ପ୍ରଜା ଭିତରେ ଲାଗିଗଲା ମହାଭାରତ । ପ୍ରଜାର ଔଦ୍ଧତ୍ୟରେ ରାଜାର ଅହଂକାର ଫଣା ଟେକିଲା । ରାଜାର ଅହଂକାରରେ ପ୍ରଜାର ଆତ୍ମସମ୍ମାନରେ ଆଂଚ ଆସିଲା । ରାଜା କ୍ଷମତା ଦେଖାଇଲା । ପ୍ରଜା ଦମ୍ଭିଲା ହେଇ ସାମ୍ନା କଲା । ରାଜା ଅନଡ଼ । ପ୍ରଜା ଅବିଚଳ ।

ଝରଣା ବୋହିଯାଉଥିଲା ତା ବାଟରେ । ନା ପାଣି ପିଇ ପାରୁଥିଲା ରାଜା ନା ପ୍ରଜା । ଦିହିଁଙ୍କ ଭିତରେ ସଂଚରି ଯାଉଥିଲା ଶତ୍ରୁତା । ଦିହିଁଙ୍କ ଭିତରେ ବଢୁଥିଲା ଦୂରତା ।

ଚମକି ଗଲେ ଦିହେଁ । ଖୁବ୍ ଉପରେ ଦଳେ ଛଂଚାଣ । ନିର୍ବାଚନ ପରି ସେମାନେ ଆସନ୍ତି ଚାରିଆଡ଼େ ବିଚ୍ଛେଇଦେଇ ଚଞ୍ଚଳତା । ଛଂଚାଣକୁ ଭାରି ଡର ସିଂହର, ଆହୁରି ଡର ଛେଳିର । ଛଂଚାଣ ପରି ବିପଦକୁ ସାମ୍ନା କରିବାକୁ ରାଜା ଭୁଲିଗଲା ତା'ର ଶୋଷ, ତା'ର ଆକ୍ରୋଶ । ଛେଳିକୁ କହିଲା, ପ୍ରଜାକୁ ଦେଖିବା ରାଜାର କାମ । ତୁ ପ୍ରଥମେ ପାଣି ପି ।

ବାପଝିଅ କଥା

ଝିଅକୁ ଏତେଦିନ ପରେ ଦେଖି ବାପର ଛାତି କୁଣ୍ଢେମୋଟ ହେଇଗଲା । ଝିଅର ସଙ୍ଗୁଳା ପରେ ଭଲମନ୍ଦ ପଚାରିଲା । ଝିଅ କହିଲା, ସବୁ ଭଲ ଯେ ଦିଚାରି ଦିନ ଟାଣଖରା ହୁଅନ୍ତାକି ଏ ମାଠିଆ, ସୁରେଇଗୁଡା ଶୁଖିଯାଆନ୍ତା । କୁମ୍ଭାର ଘର ସେମାନେ, ଖରା ତାଙ୍କର ମିତ୍ର ।

ବାପର ମୁହଁ ଶୁଖିଗଲା । ଫେରିଆସିଲା ସେ । ବସିପଡ଼ିଲା ଠାଏ । ପୁଣି ଉଠିଲା ଆର ଝିଅ ଘରକୁ ବାହାରିଲା । ଝିଅର ସଙ୍ଗୁଳା ପରେ ଭଲମନ୍ଦ ପଚାରିଲା । ଝିଅ କହିଲା, ସବୁ ଭଲ ଯେ ଦିଚାରି ଦିନ ପିଟିକି ବର୍ଷା ହୁଅନ୍ତାକି ଏ ଗଛପତ୍ରଗୁଡା ବଞ୍ଚିଯାଆନ୍ତା । ମାଳୀ ଘର ସେମାନେ, ବର୍ଷା ତାଙ୍କର ମିତ୍ର ।

ବାପର ଛାତି ଶୁଖିଗଲା । ଦି ଝିଅଙ୍କୁ ବାହା କରେଇ ଏତେଦିନ ପରେ ପ୍ରଥମ କରି ଦେଖିବାକୁ ଆସିଥିଲା । ଦେଖିଲା ଦିହେଁ ଆପଣା ସ୍ୱାର୍ଥରେ ବ୍ୟସ୍ତ । ସ୍ୱାର୍ଥରେ ସଂସାର ଚାଲେ ? ବାପ ନିଜକୁ ପଚାରିହେଲା ।

ଏମାନେ ନିଜ ପରିବାର ଛାଡି ଆଉ କିଛି ଭାବୁନାହାନ୍ତି । ଏତେ ସଂକୀର୍ଣ୍ଣତାରେ ପୃଥିବୀ ସତେ ବଂଚିରହିବ ?

ବାପାକୁ ହଠାତ୍ ଉଠି ଫେରିଯାଉଥିବା ଦେଖି ବିସ୍ମିତ ଝିଅ ପଚାରିଲା - କୁଆଡେ ଯାଉଚ ବାପା ? ଶାନ୍ତ ବାପା ଉତ୍ତର ଦେଲା, ଦେଖି କଉଠି ଅଛି ଟିକେ ଫର୍ତ୍ତା ମନ ।

ନେତାଙ୍କ ଭାଗ

ସିଂହ ନେତା ସାଜିଲା ଆଉ ଅନ୍ୟ ମଳିମୁଣ୍ଡିଆ ପଶୁମାନଙ୍କୁ କହିଲା, ଚାଲ ଯିବା ଶହେ ଦିନିଆ କାମର ମଂଜୁରି ଆଣିବା । ସବୁନେତା ଆଗେ ଆଗେ ଚାଲିବା ପରି ସିଂହ ଚାଲିଲା । ପଛେ ପଛେ ମଳିମୁଣ୍ଡିଆମାନେ ।

ମଂଜୁରି ଆସିଲା, କାମ ହେଲା । ବିଲ୍ ଦିଆଗଲା, ପଇସା ଆସିଲା । ନେତା ସଭା ଡାକିଲେ । ଆସିଲେ ସବୁ ମଳିମୁଣ୍ଡିଆ ପଶୁ । ସିଂହ କହିଲା, ଆସିଯାଇଚି ଟଙ୍କା । ଏ ଟଙ୍କା ଚାରିଭାଗ ହେବ; ଭାଗେ ମୋର, ବୁଦ୍ଧି ଦେଇଥିବାରୁ । ଆଉ ଭାଗେ ବି ମୋର, କାମର ମଂଜୁରି ଆଣିଥିବାରୁ । ତୃତୀୟ ଭାଗ ବି ମୋର, ଏତେବଡ଼ କାମର ପରିଚାଳନା କରିଥିବାରୁ । ଆଉ ରହିଲା ଭାଗେ । ଏଥର କହ ଅଛି କାହାର ସେ ଦୁଃସାହସ, ଏ ଅଂଶଟା ଲାଗି ଭାଗିଦାର ହବ ?

ନେତାଙ୍କ ଆଗରେ ଜନତା ସବୁବେଳେ ନୀରବ ରହିଲା ପରି ମଳିମୁଣ୍ଡିଆ ପଶୁ ନୀରବ ରହିଲେ । ଏତେ କାମ ସିଂହ ଏକା କରିଥିବାରୁ ତାକୁ ପ୍ରଶଂସା କରି ବାହୁଡିଲେ ଚୁପ୍‌ଚାପ ।

ସିଂହ ଓ କୋକି କଥା

ଜଙ୍ଗଲ ଯାକ କଥା ରଟିଗଲା, ସିଂହ ଅସୁସ୍ଥ । ଗୁମ୍ଫାରୁ ବାହାରୁନାଇଁ ଏଇ କେଇଦିନ । ତାକୁ ଦେଖିଯିବାକୁ ସେ ଅନୁରୋଧ କରିଚି ପ୍ରଜାକୂଳଙ୍କୁ । ନେତାମାନେ ପ୍ରଜାଙ୍କ ଠାରୁ ଦୂରରେ ରହୁଥିବା ପରି ସିଂହ ରହୁଥିଲା ଦୂର ଏକ ଗୁମ୍ଫାରେ । ତାର ବୃତ୍ତି ଥିଲା ଶାସନ କରିବା । ସ୍ୱଭାବ ଥିଲା ମଧୁର ମିଛ କହିବା । ଅଭ୍ୟାସ ଥିଲା ଓଠରେ ସଦାସର୍ବଦା ସ୍ମିତ ରଖିବା । ସବୁଠି ସବୁବେଳେ 'ସେ ଭଲ' ଏଇ ଧାରଣା ତିଆରି କରି ଦେଉଥିଲା ।

ବଣର ପଶୁ କେହି କେହି ଗଲେ ସେ ଗୁମ୍ଫା ଭିତରକୁ । ଯେ ଗଲେ ସେ ଆଉ ଫେରିଲେ ନାହିଁ ।

ସିଂହ ଦିନେ ଗୁମ୍ଫାରୁ ବାହାରି ଆସି ପ୍ରଚଣ୍ଡ ରଡିଟିଏ କଲା । ସେ ରଡ଼ି କୋଶ

କୋଶକୁ ଶୁଣାଗଲା । ସିଂହର ସେ ରଡ଼ି ଜଣାଇଦେଲା ଏବେ ସେ ସୁସ୍ଥ । ତାର ସୁସ୍ଥତା ସହିତ ସମଗ୍ର ଜଙ୍ଗଲରେ ବ୍ୟାପିଗଲା ଆତଙ୍କ ।

ଗୁମ୍ଫା ବାହାରେ ସିଂହ ହଠାତ୍ ଦେଖି ପକାଇଲା କୋକିଶିଆଳିକୁ । 'ତୁମେ ଆସିଲନି ବନ୍ଧୁ ମତେ ଦେଖା କରିବାକୁ' ? କୋକି କହିଲା, ଆସିଚିତ ଦେଖା କରିବାକୁ ମାତ୍ର ଅପେକ୍ଷା କରିଚି । 'ଅପେକ୍ଷା' ? ବିସ୍ମିତ ସିଂହ ପଚାରିଲା । ନମ୍ର କୋକି ଉତ୍ତର ଦେଲା, ଯିଏ ତ ପଶିଲା ଗୁମ୍ଫାରେ ସେ ରହିଗଲା ଭିତରେ । ସେମାନଙ୍କର ଯିବାର ପାଦ ଚିହ୍ନତକ ମତେ ବାରଣ କଲେ ଭିତରକୁ ଯିବାକୁ । ସେଇଥିଲାଗି ମୁଁ ଅପେକ୍ଷାରେ ଅଛି । ଯେଉଁମାନେ ଏବେ ଭିତରେ, ସେମାନେ ବାହାରି ଆସିଲେ ଭିଡ଼ କମିଯିବ । ତା ପରେ ମୁଁ ଯିବି ତୁମକୁ ସଙ୍ଗୁଳି ।

ହସିଦେଲା ସିଂହ । ସମ୍ମୋହିତ କରିଦେବାର ହସ 'ଶାସକର ଯୋଗ୍ୟ ପାରିଷଦଟିଏ ହେଇପାରିବ ତମେ । ନିର୍ଭୟରେ ଭିତରକୁ ଆସ' - ସିଂହ ମଧୁର ଭାବେ କହିଲା ।

କୋକିର ଫେରିବା ପାଦଚିହ୍ନ ଏବେବି ପଡ଼ିନି ଗୁମ୍ଫା ଦ୍ୱାର ମୁହଁରେ ।

ଈଶ୍ୱର ଓ ଶଗଡ଼ିଆ କଥା

ଜଳେ ସ୍ଥଳେ ଆକାଶେ, ଘରେ ବା ବାହାରେ ଯେଉଁଠି ଯେଭଳି ବିପତ୍ତି ପଡୁନା କାହିଁକି, ତମେ ମୋର ଶିଷ୍ୟ । ଈଶ୍ୱରଙ୍କୁ ଡାକିବ । ତାଙ୍କଠୁ ତମେ ପାଇବ ତ୍ୱରିତ୍, ପ୍ରତ୍ୟକ୍ଷ ସାହାଯ୍ୟ । କେବଳ ମୋର ଶିଷ୍ୟମାନଙ୍କ ପ୍ରତି ଈଶ୍ୱରଙ୍କ କରୁଣା ଅବାରିତ ।

ଗୁରୁଙ୍କ ଏ ଦିବ୍ୟବଚନ ମନେପକାଇଲେ ଶିଷ୍ୟ । ମାଲ ଭର୍ତ୍ତି ଶଗଡ଼ର ଚକ ପଶିଯାଇଚି କାଦୁଅରେ । ବଳଦ ଟାଣି ପାରୁନାହାନ୍ତି ଗାଡ଼ି ।

ଜଙ୍ଗଲ ରାସ୍ତା । ଗାଡ଼ିଚାଳକ ସେଇ ଶିଷ୍ୟ ଆଶୁମାଡି ପ୍ରାର୍ଥନା କଲା ଈଶ୍ୱରଙ୍କୁ । ଜଣାଇଦେଲା ସେ ଅମୁକ ଗୁରୁଙ୍କ ଶିଷ୍ୟ । ଏଇ ବିପଦରେ ଈଶ୍ୱର ତାକୁ ସାହାଯ୍ୟ କରନ୍ତୁ ।


ନିର୍ଜନ ସେ ଜଙ୍ଗଲରେ ଅପ୍ରତ୍ୟାଶିତ ଦୈବବାଣୀ ଶୁଣିଲା ଶଗଡ଼ିଆ, ଅଳସୁଆମି ଛାଡ, ଅନ୍ୟ ଉପରେ ନିର୍ଭର କରିବା ଛାଡ । ନିଜକୁ ଯୋଗ୍ୟ କର । ନିଜ ଉପରେ ଆସ୍ଥା ରଖ । ସବୁ ଶକ୍ତି ଲଗେଇ ଚକକୁ ଉଠା । ଏବେ ତୋର ପ୍ରାର୍ଥନା ନୁହେଁ ପ୍ରଚେଷ୍ଟା ଲୋଡା । ଉପାସନା ନୁହେଁ ଉଦ୍ୟମ ଲୋଡା । ଯା ଶୀଘ୍ର ।

ଶଗଡ଼ିଆ ବୁଝିପାରୁନଥିଲା, ଗୁରୁଙ୍କ ନାମ କହିବାରୁ ଈଶ୍ୱର ତାକୁ ପରାମର୍ଶ ଦେଲେ ନା ଗୁରୁ ନିର୍ଭରତା ତ୍ୟାଗ କରିବାକୁ କହିଲେ ?

***

ସୁନ୍ଦରବନର ଡାଏରୀ

ଇତିହାସର ମଣିଷ



ମୂଳବଙ୍ଗଳା : ଅଭିଜିତ ସେନଗୁପ୍ତ

ଅନୁବାଦ : ଡ. ଶୁଭ୍ର ପ୍ରକାଶ ଦାସ

ମହେନ୍ଦ୍ର ଭବନ, ଭଦ୍ରକ

ମୋ: ୯୪୩୭୧୯୦୯୬୯

"ସୁନ୍ଦରବନ - ଏକ ମାୟାବୀ, ରହସ୍ୟମୟ, ରୋମାଞ୍ଚକର ନାଁ, ଏଠି ମାଟି, ମଣିଷ, ପାଣି, କାଦୁଅ, ଜଙ୍ଗଲ, ଜୀବଜନ୍ତୁ, ମାଛ, କୁମ୍ଭୀର, ବାଘ, ହରିଣ - ସବୁ ମିଳିମିଶି ଏକାକାର।"

ଘରର କାନ୍ଥରେ ଗୋଟିଏ ଶସ୍ତା ଫ୍ରେମ୍ ଭିତରେ ସିଲେଇକାମ। ସେଥିରେ ନୀଳକାଳିରେ ଢେମା ଢେମା ଅକ୍ଷରରେ ଲେଖା ହୋଇଛି - ଜୀବଙ୍କୁ ପ୍ରେମ କରେ ଯେଉଁ ଜନ, ସେହି ଜନ ସେବନ୍ତି ଈଶ୍ୱର। ଛୋଟିଆ ମାଟି ଘର। ପୁରୁଣା ଜରାଜୀର୍ଣ୍ଣ ଜିନିଷପତ୍ର ଖୁଦାଖୁନ୍ଦି ହୋଇଛି। ଗୋଟିଏ ଠଣାରେ ଅନେକ ଦିନର ଫାଇଲ ଓ ଚିଠି ଗଦା ଉପରେ ଶହେ ବର୍ଷର ଧୂଳି। ଗୋଟିଏ ବଡ଼ ଆଲମାରୀ ଭିତରେ ସଜା ହୋଇଛି ହୋମିଓପ୍ୟାଥି ଔଷଧର ଛୋଟ ଛୋଟ ଖାଲି ଶିଶି। ଟେବୁଲ ଉପରେ ଏଣେତେଣେ ପଡ଼ି ରହିଛି କେଉଁ ପୁରୁଣା ସୌଖିନ କାଳିଦୁଆତ, ବୋଧହୁଏ କେଉଁ ପ୍ରାଚୀନ ସାମୁଦ୍ରିକ ପ୍ରାଣୀର ହାଡ଼ରେ ତିଆରି ପେପରୱେଟ୍, କିଛି ଏଣୁତେଣୁ କାଗଜପତ୍ର, କେତେ ଟୁକୁରୁମୁକୁରୁ ଚିଜ - କିନ୍ତୁ କେତେ କାଳରୁ କେହି ସଫା ଟିକିଏ କରିନାହାନ୍ତି। ଏଇ ଅନ୍ଧାରିଆ ଘରେ ସବୁକିଛି ବହୁ ଦିନରୁ ଶୋଇଛନ୍ତି। ଖଟକୁ ଲାଗିଥିବା କାନ୍ଥରେ ନେତାଜୀ ଓ ରବୀନ୍ଦ୍ରନାଥଙ୍କ ଫଟୋ ସେଇ ଅନ୍ଧାରକୁ ଭେଦ କରି ସାମ୍ନାକୁ ଅନେଇ ରହିଛନ୍ତି। ଆଉ ଖଟ ଉପରେ ବସିଥିବା ଲୋକଟି ମୋ ଆଡ଼କୁ ସ୍ଥିର ଭାବରେ ଚାହିଁଛନ୍ତି। ଶାନ୍ତ ନିରୁତ୍ତାପ ଦୃଷ୍ଟି।

ଯେମିତି ଦକ୍ଷିଣ ବଙ୍ଗର ବିଷର୍ଣ୍ଣ ଶୀତର ଦ୍ୱିପହର ସେଇ ଆଖି ଯୋଡ଼ିକରେ । ତାଙ୍କ ମୁଣ୍ଡ ପଛପଟ ଝରକା ଦେଇ ସୁନ୍ଦରବନର ବିସ୍ତୀର୍ଣ୍ଣ ପ୍ରାନ୍ତରରେ ଦ୍ୱିପ୍ରହରର ହଳଦିଆ ଆଲୁଅ ଲିଭି ଲିଭି ଆସୁଛି ।

ମୁଁ ତାଙ୍କୁ ନିରୀକ୍ଷଣ କରି ଦେଖୁଥିଲି । ଢ଼ିଲା ଫତୁଆ ସାଙ୍ଗରେ ମଇଳା ଲୁଙ୍ଗିଟିଏ ପିନ୍ଧିଛନ୍ତି । ମୁଣ୍ଡରେ ଅଧା ପାଚିଲା କେଶ । ମୁହଁରେ କଞ୍ଚାଳିଆ ଦାଢ଼ି । ହଠାତ୍ ଦେଖିଲେ ମନେ ହେବ ଗାଁର କେହି ସାଧାରଣ ମାଟିକଟାଳୀ ବା ଚାଷୀ ସମ୍ପ୍ରଦାୟର କେହି ଜଣେ । ଆଉ ଟିକିଏ ଚାହିଁ ଦେଖିଲେ ଜଣାପଡ଼ିବ ଯେ ଏଇ ଆଖିର ଦୃଷ୍ଟି ନିରୀହ, ନମ୍ର କିନ୍ତୁ ସାଧାରଣ ନୁହେଁ ।

ମୁଁ ବସିଛି ଗୋଟିଏ ଗ୍ରାମ୍ୟ ଡିସପେନସରୀ ଘରେ । ଡିସପେନସରୀ ନୁହେଁ, ସେବାସଦନ । ବିବେକାନନ୍ଦ ଦାତବ୍ୟ ସେବାସଦନ । ଜୀବଙ୍କୁ ପ୍ରେମ କରେ ଯେଉଁ ଜନ, ସେହି ଜନ ସେବନ୍ତି ଈଶ୍ୱର । ତେବେ ଈଶ୍ୱର କ'ଣ ଏଇଠି ଅଛନ୍ତି ? ମୁଁ ଠିକ ବୁଝିପାରୁନଥିଲି- କାରଣ ସେଇ ଘରର ପରିବେଶରେ କେମିତି ଗୋଟେ ଅସ୍ୱାସ୍ଥ୍ୟକର ଗନ୍ଧ । ବୋଧହୁଏ ଏଠି ଦୀର୍ଘଦିନ ରହିଥିବାରୁ ତାଙ୍କ ଦେହରେ ଏମିତି ଅକାଳ ବାର୍ଦ୍ଧକ୍ୟର ଛାପ । ମୁଁ ତାଙ୍କ ଆଖିକୁ ଅନାଇ ପଚାରିଲି ।

- ଆପଣ କେତେଦିନ ହେଲା ଏଇ ଡିସପେନସରୀ ଚଳାଉଛନ୍ତି ?

- ସେବା ସଦନ ? ହଁ, ପ୍ରାୟ ତିରିଶବର୍ଷ ହେବ ।

- ତିରିଶ ବର୍ଷ !

- ହଁ, ଦେଖୁ ଦେଖୁ ତିରିଶବର୍ଷ ହୋଇଗଲା । ଭାବୁଛି ସେବାସଦନ ବନ୍ଦ କରିଦେବି । ଭାବୁଛି ସତ, କିନ୍ତୁ ପାରୁନାହିଁ ।

- କାହିଁକି ପାରୁନାହାନ୍ତି ?

- ଗରିବ ଲୋକଗୁଡ଼ା କେଉଁଠି ଯାଇ ମରିବେ ? ମରିବା ପାଇଁ ବି ସେମାନଙ୍କର ଜାଗା ନାହିଁ ।

- କେବଳ ଗରିବ ଲୋକମାନେ ହିଁ ଏଠିକୁ ଆସନ୍ତି ?

- ନା । ଯେଉଁମାନଙ୍କର ପଇସା ଅଛି ସେମାନେ ବି ଆସନ୍ତି ।

- ସେମାନେ ଔଷଧର ଦାମ ଦିଅନ୍ତି ନି ?

- ନା ।

- ଏଇଟା ତ ଅନ୍ୟାୟ । ଆପଣ ତ ଏଠି ଦାନଛତ୍ର ଖୋଲି ନାହାନ୍ତି । ସେ ମୋ କଥା ଶୁଣି ସାମାନ୍ୟ ହସିଲେ । ସେ ହସରେ କୌଣସି ଅଭିଯୋଗ ବା କଷ୍ଟ ନ ଥିଲା । ଶାନ୍ତ କ୍ଷମାମୟ ହସ । ଯେମିତିକା ହସ ଶରତଚନ୍ଦ୍ରଙ୍କ ଉପନ୍ୟାସର ମହାନୁଭବ ନାୟକମାନେ ହସି ପାରୁଥିଲେ । ଉଣେଇଶି ଶହ ଏକଷ୍ଟୋରୀ ବାସ୍ତରୀ ମସିହାରେ ଏପରି ହସଟିଏ ଦେଖିଲେ ସତରେ ଆଶ୍ଚର୍ଯ୍ୟ ଲାଗେ ।

ପଚାରିଲି, ଔଷଧ କିଣିବା ଖର୍ଚ୍ଚ ସବୁ ଆପଣଙ୍କର ? ଗଭର୍ଣ୍ଣମେଣ୍ଟ କିଛି ଦିଏ ନାହିଁ ?

- ନା । ସେ ହସିଲେ ।

- ତା ହେଲେ ଆପଣ କାହିଁକି ଏ କାମ କରୁଛନ୍ତି ? ଆପଣଙ୍କର କ'ଣ ବା ଲାଭ ଏଥିରେ ? ବୋଧହୁଏ ଶିଶୁର ଅବୋଧ ବିସ୍ମୟ ବାହାରି ପଡ଼ିଲା ମୋ କଣ୍ଠସ୍ୱରରେ । ଉତ୍ତରରେ ତାଙ୍କ ନିରୀହ ମୁହଁରେ ପ୍ରାୟ ଅପରାଧୀର ଲଜ୍ଜିତ ହସ ଫୁଟି ଉଠିଲା । ଶାନ୍ତ ଭାବରେ କହିଲେ- ଅନେକ ଦିନର ଅଭ୍ୟାସ ତ । ତେଣୁ ଛାଡ଼ି ପାରୁନି । ଏଇ ମଣିଷଙ୍କ ସେବା ନେଇ ପଡ଼ି ରହିଛି ।

ନିଜ କଥା କହୁ କହୁ ତାଙ୍କ ଗାଲରେ ଲଜ୍ଜାରେ ଆଭା ମିଶିଗଲା ।

ମୁଁ ମନେ ମନେ ଉଚ୍ଚାରଣ କଲି ମ-ଣି-ଷ-ଙ୍କ ସେ-ବା । ସତେ ଯେମିତି ବହୁ କାଳ ପୂର୍ବରୁ ଉଚ୍ଚାରିତ ଭୁଲିଯାଇଥିବା କୌଣସି ଗୋଟାଏ ଶବ୍ଦ । ପଚାରିଦେଲି- ମଣିଷଙ୍କ ସେବା କରିବା କଥା ଆପଣଙ୍କ ମନକୁ କେମିତି ଆସିଲା ?

ମୋର ଏଇ ଅଦ୍ଭୁତ ପ୍ରଶ୍ନର ଉତ୍ତରରେ ନିଶ୍ଚୟ ସୁନ୍ଦରବନର ପଡ଼ିଆ ଜଙ୍ଗଲ ଥରେଇ ଠୋ ଠୋ ଶବ୍ଦରେ ତାଙ୍କର ହସିବାର ଅଧିକାର ଥିଲା । କିନ୍ତୁ ହସ ବଦଳରେ ତାଙ୍କ ଦୁର୍ବଳ ଆଖିରେ ଫୁଟି ଉଠିଲା ଏକ ସୁଦୂର ଅତୀତଚାରଣ ଦୃଷ୍ଟି । ଟିକିଏ ନୀରବ ରହି କହିଲେ - କହିବାକୁ ଗଲେ ବହୁତ କଥା ।

ମେଦିନୀପୁରର ବଙ୍ଗଳା ସହିତ ମିଶାମିଶି ଦକ୍ଷିଣ ବଙ୍ଗର କଥିତ ଭାଷାରେ ସେ ଯାହା କହିଗଲେ ତାହା ପ୍ରାୟ ଗୋଟାଏ ଇତିହାସ । କୌଣସି ବ୍ୟକ୍ତିର ନୁହଁ, ଗୋଟିଏ ଜାତିର । ଭାରତର ସ୍ୱାଧୀନତା ଆନ୍ଦୋଳନର ଗୋଟିଏ ପର୍ବର ଇତିହାସ ।

ଶୀତଦିନର ଦ୍ୱିପ୍ରହର ଶୀଘ୍ର ସରିଆସୁଥାଏ । ଦୂରରେ କାଳୀମନ୍ଦିର କଡ଼ର ଝାଉଁ ଗଛର ମୁଣ୍ଡରେ ଶେଷ ସୂର୍ଯ୍ୟକିରଣ । ବକଖାଲି ନାଳର ସ୍ୱଚ୍ଛ ସବୁଜ ପାଣିରେ ଦୁଇଟା ନିଶ୍ଚଳ ମାଛଧରା ଡଙ୍ଗା, ଯେମିତି କିଏ ଆଙ୍କି ଦେଇଛି । ଗୋଟେ ମୁଣ୍ଡରେ ଚୁଟିବାଲା ବଗ (ଏଠି କୁହନ୍ତି 'ବୈଷ୍ଣମ୍ବ ବଗ')ଦିନର ଶେଷ ମାଛ ଆଶାରେ ଏବେବି ନାଳର ନରମ ପଙ୍କରେ ଗୋଡ଼ ବୁଡ଼ାଇ ଚୁପଚାପ ଠିଆ ହୋଇଛି । କସତଲା ଗାଁର ଜଣେ ବୁଢ଼ୀ କେଉଟୁଣୀ ଓ ତା'ର ବଢ଼ିଲା ନାତୁଣୀ ଛଙ୍କା ଜାଲରେ ନାଳ ପାଣିରେ ମାଛ ଧରିବାରେ ମଗ୍ନ । ଧାନ କଟା ହୋଇଥିବା ଜମିରେ ରିକ୍ତ ଅପରାହ୍ନ । ଏଇ ଧୂସର ଜଗତକୁ ସେ ନେଇ ଆସିଲେ ଇତିହାସର ଆବେଗ ।

- ବୟାଳିଶ ମସିହାରେ ଗାନ୍ଧିଜୀ ଯେତେବେଳେ ଭାରତଛାଡ଼ ଡାକଦେଲେ ସେତେବେଳେ ଏଇ ସେବା ସଦନର ପ୍ରତିଷ୍ଠା- ବୋଧହୁଏ ଆପଣ ଜନ୍ମ ହୋଇନଥିବେ ।

ଦ୍ୱିପ୍ରହରର ମଳିନ ଆଲୁଅ ପଶୁଥିବା ଏଇ ଅଧା ଅନ୍ଧାର ଘରେ ତାଙ୍କ କଥା ପରୀରାଇଜର କାହାଣୀ ପରି ଲାଗୁଥାଏ । ମୋ ଆଖି ଆଗରେ ହେନେରୀ ଦ୍ୱୀପର ମାଇଲ ମାଇଲ ବ୍ୟାପୀ ଗେଓଁ, ଗରାନ, ପସର, କେଓଡ଼ା ଗଛର ଜଙ୍ଗଲ ଯେଉଁଠି ନାଳ ପାଣିରେ ଅଜସ୍ର ଟିକିଟିକି 'ତେଚୋଖା' ମାଛ, ନାଳକୂଳର ଶୁଖିଲା ପଙ୍କ ଉପରେ ହରିଣ ଓ

ଘୁଷୁରୀମାନଙ୍କର ପଦଚିହ୍ନ, ଗଛମୂଳରେ ଅନ୍ଧାରୁଆ ସୁଡ଼ଙ୍ଗରେ ଜମିଥାଏ ଅସଂଖ୍ୟ 'କନ୍ତୁରା' ଶାମୁକା, କାଦୁଅ ଉପରେ ଝୋଟି ଦେଲା ଭଳି ସେମାନଙ୍କର ଦାଗ, ସେଠି ଜନମଣିଷ କେହି ନାହାନ୍ତି- ଶୂନ୍ୟ ଆକାଶରେ କେବଳ 'ବାବୁଲବାଦଶା' ଚଢ଼େଇର ଡାକ । କିଏ ବା ବିଶ୍ୱାସ କରିବ ଯେ ବୟାଳିଶ ମସିହାର ତୁମୁଳ ଅଗଷ୍ଟ ବିପ୍ଳବ ସମୟରେ ଏହି ନିର୍ଜନ ନାଳ ଜଙ୍ଗଲର ମଧ୍ୟ ନିଜସ୍ୱ ଭୂମିକା ଥିଲା ?

ତାଙ୍କ ଭାଷାରେ କୌଣସି ଅତିଶୟୋକ୍ତି ନ ଥିଲା । ମୁଁ ଚୁପ୍ ହୋଇ ତାଙ୍କ ଗପ ଶୁଣୁଥିଲି ।

ଘୋଡ଼ା ଖୁରା ଭଳି ବଙ୍କା ଏଇ ବକଖାଲି ନାଳ କୂଳରେ ତାଙ୍କ ଜନ୍ମ ଏବଂ ତାଙ୍କ ବାପା ଫ୍ରେଜରଗଞ୍ଜର ଆଦି ବାସିନ୍ଦାମାନଙ୍କ ମଧ୍ୟରୁ ଜଣେ । ପ୍ରଥମେ ଏଠି ଜଙ୍ଗଲ କାଟିବା ସମୟରେ ମେଦିନୀପୁରର ଆହୁରି ଅନେକ ଲୋକଙ୍କ ଭଳି ସେ ଏଠି ଦଶବାର ମାଣ ଜମି କିଣି ଚାଲିଆସିଥିଲେ । ମେଦିନୀପୁରର ମହିଷାଦଳ ଗାଁରେ ସେ ବଢ଼ିଛନ୍ତି । ସାତ ଆଠବର୍ଷ ବୟସରୁ ରାଜନୀତି ଅର୍ଥାତ୍ କଂଗ୍ରେସୀ । ଯୌବନରେ ଗୋଡ଼ ଦେଲା ବେଳକୁ ଆସିଗଲା ବୟାଳିଶ ମସିହା । ଅଗଷ୍ଟ ବିପ୍ଳବ । ଯୋଗଦେଲେ ମେଦିନୀପୁରର ବିଦ୍ୟୁତ୍ ବାହିନୀରେ ଏବଂ ତାପରେ ଆତ୍ମଗୋପନ କରିବା ପାଇଁ ଚାଲି ଆସିଲେ ବକଖାଲିକୁ । ଏଇଠୁ ଚାଲିଲା ଆନ୍ଦୋଳନ ସଂଗଠନର କାମ । ମହିଷାଦଳରୁ ଯେଉଁ ବିପ୍ଳବୀମାନେ ପୋଲିସ ପାଖରୁ ଲୁଚି ବୁଲନ୍ତି ସେମାନେ ଆଶ୍ରୟ ନେଉଥିଲେ ସୁନ୍ଦରବନର ଏଇ ଲୋକଟି ପାଖରେ । ସେତେବେଳେ ତାଙ୍କର ଜମିଜମା ଥିଲା । ଦେହରେ ତେଜ ମଧ୍ୟ ଥିଲା । ଚାକିରୀ ବାକିରୀ ନାହିଁ, ସ୍ୱଦେଶୀ ଡକାୟତି ଛଡ଼ା ଦ୍ୱିତୀୟ ଜୀବିକା ମଧ୍ୟ ନାହିଁ । କେବଳ ଅଛି ପାଖଆଖ ଗାଁ ଲୋକଙ୍କର ଭଲପାଇବା ଆଉ କିଛି ଚାଷଜମି । ଗାଁ ଲୋକଙ୍କ ସାହାଯ୍ୟ ଓ ମଝିରେ ମଝିରେ ଜମି ବିକ୍ରୀ - ଏହିପରି ଚାଲିଲା ବିପ୍ଳବୀମାନଙ୍କର ଭରଣପୋଷଣ । ଅନାବାଦୀ ବିଲ୍ ଗାତରେ ରହୁଥିବା ଅଜସ୍ର ବିଷାକ୍ତ ସାପଠାରୁ ବେଶି ଭୟଙ୍କର ଥିଲା ଏଠିକାର ମ୍ୟାଲିଗ୍‌ନ୍ୟାଣ୍ଟ ମେଲେରିଆ ଓ ବ୍ରିଟିଶ ପୋଲିସଙ୍କର ଗୁପ୍ତଚର । ତଥାପି ଆନ୍ଦୋଳନ କାମ ବଢ଼ିଚାଲିଲା । ସୂର୍ଯ୍ୟ ଉଇଁଲେ ବିପ୍ଳବୀମାନେ ଯାଇ ଲୁଚି ପଡ଼ନ୍ତି ଖାଲ ଆରପଟର ଚୋଙ୍ଗଲତାର ଜଙ୍ଗଲ ଭିତରେ - ଏଇ ଲତାର ଡାଳପତ୍ର ମାଟି ଉପରେ ଗୁଞ୍ଜା ଭଳି ସେମାନଙ୍କୁ ଲୁଚାଇ ରଖେ । କସତଲା ଗାଁର କେଉଟମାନେ ମାଛ ଧରିବାକୁ ଯିବା ଆଳରେ ଲୁଚେଇ ଚୋରେଇ ସେମାନଙ୍କୁ ଖାଇବାକୁ ଦେଇ ଆସନ୍ତି । ସଂଜ ହୋଇଗଲେ ସେମାନେ ପୁଣି ଫେରି ଆସନ୍ତି ଆନ୍ଦୋଳନ କାମ କରିବାକୁ ।

ସାନ ସାନ ବିପ୍ଳବୀ ନୁହନ୍ତି, ବର୍ତ୍ତମାନର ବିଖ୍ୟାତ ସୁଶୀଲ ଧାଡ଼ା, ଅଜୟ ମୁଖାର୍ଜୀଙ୍କ ଭଳି ତୁଙ୍ଗ ନେତାମାନେ ମଧ୍ୟ ଥିଲେ ତାଙ୍କର ଏହି ପୋଷ୍ୟବର୍ଗ ତାଲିକାରେ । କେବଳ ଭରଣପୋଷଣ ନୁହେଁ- ଚିକିତ୍ସା, ଔଷଧପତ୍ର ସବୁ ଦାୟିତ୍ୱ ତାଙ୍କର । ମେଲେରିଆ ଜୀବାଣୁ ସେତେବେଳେ ଜୀବନର ପ୍ରତିଟି ରକ୍ତକୋଷରେ । ଏଇ ଯେଉଁ ଖଟରେ ସେ ବସିଛନ୍ତି, ସେଇ ଖଟରେ ମେଲେରିଆ ଆକ୍ରାନ୍ତ ପ୍ରତ୍ୟେକ ବିପ୍ଳବୀ ଛଟପଟ ହେଉଥିଲେ ।

ସେମାନଙ୍କ କମ୍ପରେ ମନେହୁଏ ଯେମିତି ଖଟଟା ଭାଙ୍ଗିଯିବ । ତେଣୁ ସେ ନିଜେ ହିଁ ହୋମିଓପ୍ୟାଥି ଶିଖିବା ଅଭ୍ୟାସ କଲେ । ଏହାଦ୍ୱାରା ଯେ ଡାକ୍ତର ଖର୍ଚ୍ଚ କମିଯିବ ତା କେବଳ ନୁହେଁ- ବିବେକାନନ୍ଦ ସେବାସଦନ ନାଁର ଏହି ନିତାନ୍ତ ନିରୀହ ସଦନରେ ଚାଲିଲା ଆନ୍ଦୋଳନର କାର୍ଯ୍ୟକ୍ରମ । ଇଂରେଜ ସରକାରଙ୍କ ଟାଣୁଆ ଗୋଇନ୍ଦାମାନେ ମଧ୍ୟ ବୋକା ବନିଗଲେ । ତା'ପରେ ଇତିହାସର ଚକ ବୁଲିଗଲା । ଉଲ୍‌କା ଭଳି ଜଳି ଉଠି ଅଗଷ୍ଟ ବିପ୍ଳବ ଲିଭିଗଲା । ଦେଶ ସ୍ୱାଧୀନ ହେଲା । ବିପ୍ଳବୀମାନଙ୍କ ମଧ୍ୟରୁ କେହି କେହି ହେଲେ ପରମିଟଦାତା ମନ୍ତ୍ରୀ, କିଏ ବା ପରମିଟ -ଭିକ୍ଷୁକ ବ୍ୟବସାୟୀ, କେବଳ ଏଇ ମଣିଷ ଜଣକ ଯାହାଥିଲେ ସେଇୟା ହିଁ ରହିଗଲେ । ସୁନ୍ଦରବନର ଏକ ନଗଣ୍ୟ ଗାଁର ଏକ ନଗଣ୍ୟ ଦାତବ୍ୟ ସେବାସଦନର ଏକ ନଗଣ୍ୟ ହୋମିଓପ୍ୟାଥି ଡାକ୍ତର । ରୋଗୀ ଅର୍ଥ ତାଙ୍କରି ଗାଁର ସାଧାରଣ ଚାଷୀ- ବୟାଳିଶ ମସିହାରେ ଯାହାଥିଲା ଆଜି ବି ସେଇୟା । ସେମିତି ରହିଯାଇଛି ବିବେକାନନ୍ଦ ସେବାସଦନ । ଏକଦା ଦଶବାର ମାଣ ଜମିର ମାଲିକ ହାତରେ ଏବେ ଅଛି ସାମାନ୍ୟ ଗୁଣ୍ଠେ ଦିଗୁଣ୍ଠ ଜାଗା । ବାକି ସବୁ ଯାଇଛି ମଣିଷ ସେବାରେ ।

ପଚାରିଲି, ତେବେ ଏଠି ନ ରହି ମେଦିନୀପୁର ତ ଯାଇପାରିଥାନ୍ତେ । ଜଙ୍ଗଲ ଆଡ଼କୁ ଚାହିଁ ଧୀର ଭାବରେ କହିଲେ - କେଉଁଠି ଯିବି ? ଏଇଠି ତ ମୋର ଜନ୍ମ । ଦୁଇଟି ବଗ ଡେଣା ଝାଡ଼ି ଝାଡ଼ି ଦୂର ଝାଉଁବଣ ଆଡ଼କୁ ଉଡ଼ିଗଲେ । ବହୁତ ସମୟ ଚୁପ୍ ରହିଲା ପରେ ପଚାରିଲି ।

- କଲିକତା- ଫଲିକତା ଆଡ଼େ ଯାଆନ୍ତି କି ?

- ହଁ, ଔଷଧପତ୍ର ସରିଗଲେ କେତେବେଳେ କେମିତି ଯାଏ । ତା ଛଡ଼ା ସେଠିକୁ ଯାଇ କ'ଣ ହେବ ? ମୋତେ ସେଠି କିଏ ଚିହ୍ନିଛି ? କଲିକତାରେ କିଏ ବା କାହାକୁ ଚିହ୍ନେ ?

ବଡ଼ ପୁଅ ଟ୍ରକ ଚଲାଏ କଲିକତାରେ (ତା ନାଁ ରଖିଥିଲେ ବିପ୍ଳବବହ୍ନୀ - ହୁଏତ ଯେଉଁ ନିଆଁ ଲିଭିଯାଇଛି ଏଇ ନାଁରେ ବଞ୍ଚାଇ ରଖିବା ସ୍ମୃତିରେ) । ସିଏ କୁଆଡ଼େ ଯେ ବୁଲେ ତାର କିଛି ଠିକଣା ନାହିଁ ।

- ଓ । ମୁଁ ଚୁପ୍ ହୋଇଗଲି । ସେ କିନ୍ତୁ କହି ଚାଲିଲେ ।

- ସାନପୁଅଟା ବି ପାଠଶାଠ ପଢ଼ିଲାନି । ଏଇ ଦେଶରେ ପାଠପଢ଼ି ବି କ'ଣ ହେବ ? ଲୁଗା ବୁଣିବା ଶିଖଉଥିଲି । ଗାମୁଛା ବୁଣି ଯଦି ଦି ପଇସା ପାଇବ । ବୋଧେ ଫରେଷ୍ଟ ଗାର୍ଡ଼ର କିଛି ଗୋଟେ କାମ ପାଇଯିବ । ରେଞ୍ଜରବାବୁ କହୁଥିଲେ- ଭଦ୍ରଲୋକର ପୁଅ ରାତି - ଅଧରେ ଜଙ୍ଗଲରେ ବାରହା ଆଉ ମାଙ୍କଡ଼ ଘଉଡ଼େଇ ପାରିବୁ ? ନିଶ୍ଚେ ପାରିବ । ଟଙ୍କା ନ ଥିଲେ ଭଦ୍ରଲୋକର ପୁଅ କ'ଣ ? ଗାମୁଛା ବୁଣିପାରିବ ଆଉ ମାଙ୍କଡ଼ ଗୋଡ଼େଇ ପାରିବନି ?

ମୁଁ ଚୁପ୍‌ଚାପ୍ ବସି ଘରର ସବୁକିଛି ନିରୀକ୍ଷଣ କରୁଥାଏ । ତା'ପରେ ଧୀରେ ଧୀରେ କହିଲି - ଆପଣଙ୍କ ଜଣାଶୁଣା ମନ୍ତ୍ରୀ ତ ଥିବେ । ତାଙ୍କ ପାଖକୁ ଗଲେ -

ସେ ହସିଲେ । ସେଇ ହସ । ସେ ହସରେ ବିଦ୍ୱେଷ ବା ଦୁଃଖ ନାହିଁ । କିନ୍ତୁ ସେ ହସର ଅର୍ଥ ପାଣି ପରି ପରିଷ୍କାର । ମୋତେ ଲାଜ ଲାଗିଲା । ନିଜକୁ ସାନ ମନେ ହେଲା ।

ଅନ୍ଧାର ମାଡ଼ି ଆସୁଥାଏ । ବୁଢ଼ୀ କେଉଟୁଣୀ ଓ ତା ନାତୁଣୀ ଜାଲ ଗୋଟେଇ ଘରକୁ ଫେରୁଥାନ୍ତି । ନେତାଜୀ ଓ ରବୀନ୍ଦ୍ରନାଥଙ୍କ ଫଟୋ ଲିଭି ଆସୁଥାଏ ଅନ୍ଧାରରେ । ମାଘ ମାସର ଏଇ ଶୀତରେ ଗୋଟିଏ ପତଳା ସୂତା ଚଦର ଦେହରେ ଘୋଡ଼ି ସେ ଠିଆ ହେଲେ । କହିଲେ, ଚାଲନ୍ତୁ ଯିବା ।

- କେଉଁଠି ?

- ଲାଇବ୍ରେରୀ । ସେମାନେ ମୋତେ ମାସକୁ ଶହେ ଟଙ୍କା ଦିଅନ୍ତି ଲାଇବ୍ରେରୀ ଚଳାଇବା ପାଇଁ ।

- ତାହେଲେ ତ ସେମାନେ ଆପଣଙ୍କର ବହୁତ ଉପକାର କରିଛନ୍ତି ।

ହସିଲେ କି ନାହିଁ ଅନ୍ଧାରରେ ଜଣାପଡ଼ିଲାନି । କେବଳ କହିଲେ - ଆହୁରି ଲାଇବ୍ରେରୀ ଦରକାର । ଗାଁ ଲୋକେ ପଢ଼ିବାକୁ ଚାହାନ୍ତି ।

ଦୁଆରରେ ଚାବି ଲଗେଇ ସେ ଖାଲି ଗୋଡ଼ରେ ରାସ୍ତାରେ ଠିଆ ହେଲେ । ଆଗରେ ଶୀତ ରାତିର ଅନ୍ଧକାର । ଗତ ବର୍ଷା ଯୋଗୁଁ ଶୁଖିଲା କାଦୁଅରେ ଅସମାନ ଜମି । ଲାଇବ୍ରେରୀ ପ୍ରାୟ ଦୁଇ ମାଇଲ ଦୂର । କିନ୍ତୁ ତାଙ୍କ ଗୋଡ଼ରେ ଜୋତା ନାହିଁ । କ'ଣ ଦାରିଦ୍ର୍ୟ ନା ଅଭ୍ୟାସ ? ବୋଧେ ଖାଲି ଗୋଡ଼ରେ ମାଟିର ସ୍ପର୍ଶ ତାଙ୍କ ସାରା ଦେହରେ - ଯେଉଁ ମାଟି ପାଖରେ ସେ ଶୈଶବରୁ ରହିଛନ୍ତି ।

ଏମିତି ଭାବି ଭାବି ଚାଲୁଥାଏ । ବିଲ ଉପରେ ଡେଣା ମେଲି କୁହୁଡ଼ି ଘୋଟି ଆସୁଥାଏ । ଅଧା ଅନ୍ଧାରରେ ବକଖାଲି ଗାଁ ଝାଉଁବଣର ଉପରଭାଗ କିଞ୍ଚିତ୍ ବାରି ହେଉଥାଏ । ପୃଥିବୀଟାକୁ ଗୋଟେ ମାୟାବୀ ନଦୀର ଆରପଟର ଦେଶ ବୋଲି ମନେ ହେଉଥିଲା । ହଠାତ୍ ସେ କହିଲେ - ସବୁକିଛି ଯେମିତି ପାଲଟିଗଲା ଜାଣନ୍ତି । ସ-ବୁ । କେମିତି ଅଚିହ୍ନା ଲାଗୁଛି ସବୁ । ସୁନ୍ଦରବନ ହିଁ ସୁନ୍ଦରବନ ହୋଇ ରହିଗଲା ।

ତାଙ୍କୁ ଅନାଇ ପଚାରିଲି - କ'ଣ ପାଲଟିଗଲା ?

- କଂଗ୍ରେସ ପାଲଟିଗଲା । ମଣିଷ ପାଲଟି ଗଲା ।

ଚାରିଆଡ଼େ ଚୁପ୍‌ଚାପ୍ । ମୁଣ୍ଡ ଉପରେ ଶେଷ ବଗ ଦଳଟିଏ ଉଡ଼ିଗଲେ । ଜୁଲୁଜୁଲିଆ ପୋକ ଭଳି ଗୋଟାଏ ଦୁଇଟା ବତୀ ଜଳି ଉଠିଲା ଫ୍ରେଜରଗଞ୍ଜ ବଜାରରେ ।

-ନେତାମାନେ କେତେ କ'ଣ କୁହନ୍ତି । ଖବର କାଗଜରେ ପଢ଼େ । ଲୋକଙ୍କର ଦୁଃଖକଷ୍ଟ ଆଉ କିଛି ରହିବନି । ଅଥଚ ଦେଖନ୍ତୁ, ବକଖାଲିର ନୂଆ କ୍ୟାଣ୍ଟିନରେ ଲକ୍ଷ୍ମୀପୁରର

ବେକାର ପିଲାମାନେ କେହି ଚାକିରୀ ପାଇଲେ ନାହିଁ । ଯାହାର ଟଙ୍କା ଅଛି ସେମାନେ ନେତାମାନଙ୍କୁ ଧରି ଦୋକାନ ଖୋଲୁଛନ୍ତି । ଏମିତି କ'ଣ ଗରିବ ଲୋକଙ୍କ ଦୁଃଖ ଯିବ ?

ତାଙ୍କ ସ୍ୱରରେ ମଧବିତ୍ତଙ୍କର ସୌଖିନ ହା ହୁତାଶ ନଥିଲା । ଥିଲା ଇତିହାସର ବିଷର୍ଣ୍ଣ ନୈର୍ବ୍ୟକ୍ତିକତା । ନିର୍ଜନ ସନ୍ଧ୍ୟାରେ ତାଙ୍କ ସାଙ୍ଗରେ ଚାଲୁ ଚାଲୁ ମୁଁ ଏଇୟା ଭାବୁଥିଲି । ରାସ୍ତାକଡ଼ରେ କାନାଇ ଜାନାର ଘର ପାଖରେ ଗୋଟେ ଛୋଟ ବରଗଛ । ସେଠି ରହିଯାଇ ସେ ହଠାତ୍ କହିଲେ- ଆମେ ଯେଉଁ ରାସ୍ତାରେ ଚାଲୁଛି ତା ନାଁ ଜାଣନ୍ତି ?

ମୁଁ ଆଶ୍ଚର୍ଯ୍ୟ ହେଲି । ଗାଁ ଭିତରେ ମାଟି ରାସ୍ତା - ୟାର ପୁଣି ନାଁ କ'ଣ ? ସେ କିନ୍ତୁ କହିଲେ - ୟାର ନାଁ ବାର୍ଣ୍ଣାର ରୋଡ଼ । ଏଠି ସବୁ ରାସ୍ତାର ନାଁ ଅଛି । ସାହେବ ରାସ୍ତା ତିଆରି କରି ନାଁ ଦେଇଛନ୍ତି । ଏବେ ଅବଶ୍ୟ ଅନେକ ନାଁ ଭୁଲିଗଲେଣି । ସହରୀ ଲୋକେ ଭାବନ୍ତି, ମଫସଲ ଗାଁର ପୁଣି ଇତିହାସ କ'ଣ ? କିନ୍ତୁ ଏଠି ବି ଇତିହାସ ଅଛି ।

ପାଖ ବିଲରେ ଏ ଅବେଳରେ ବି ଗୋଟାଏ ହାଡୁଆ ଗାଈ ଚରୁଥାଏ । ସେ ଆଙ୍ଗୁଳି ଦେଖାଇ କହିଲେ - ଅନେକ ଇତିହାସ ଅଛି ଏ ଅଞ୍ଚଳରେ । ମୁଁ ସାନ ବେଳେ ସେ ଜାଗାରେ ଅନେକ ଟିଣ ଘର ଦେଖିଛି । ଜଙ୍ଗଲ କାଟିବା ପାଇଁ ମଜୁରିଆମାନେ ଏଠି ରହୁଥିଲେ । ପ୍ରାୟ ଶହେ ଦେଢ଼ଶହ ବର୍ଷ ତଳର କଥା । ଏସବୁ ଜଙ୍ଗଲ ଥିଲା । ସାହେବମାନେ ମେଦିନୀପୁରରୁ ଲୋକଙ୍କୁ ଲୋଭ ଦେଖାଇ ନେଇ ଆସୁଥିଲେ - ବିନା ପଇସାରେ ଜମି ଦେବି । ଜମିଦାର ବନେଇ ଦେବି । ଏଠି ପହଞ୍ଚି ଦେଖନ୍ତି, ଜମି କାହିଁ ? ଚାରିଆଡ଼େ ....., ଗରାନ ଗଛର ଜଙ୍ଗଲ । ପଳାଇବାର ବାଟ ମଧ୍ୟ ନାହିଁ । ଚାରିଆଡ଼େ ତ ପାଣି । ଆଉ ସବୁ ଡଙ୍ଗା ସାହେବମାନଙ୍କର । ଏଇ ଲୋକଙ୍କୁ ଲଗାଇ ସାହେବମାନେ ଜଙ୍ଗଲ ସଫା କରେଇଲେ । ତାପରେ ବିହନ ଆସିଲା ଚାଷ କରିବା ପାଇଁ । ଲୋକମାନେ ନିଜ ଭିତରେ ପରାମର୍ଶ କରି ସବୁ ବିହନକୁ ସିଝେଇ ଦେଲେ । ତାହେଲେ ଧାନ ଆଉ ଗଜା ହେବନାହିଁ କି ଏଠି ଚାଷବାସ ହେବନାହିଁ । ସେମାନେ ମୁକ୍ତି ପାଇ ମେଦିନୀପୁର ଫେରିଯିବେ । କିନ୍ତୁ ସାହେବ ଦିନେ ଏ ଚାଲାକି ବୁଝିପାରି ଲୋକଙ୍କର ଖାଇବା ପିଇବା ବନ୍ଦ କରିଦେଲେ । ଲୋକଗୁଡ଼ା ଭୋକ ଉପାସରେ ପଡ଼ିରହିଲେ । ଗୋଟିଏ ବୁଢ଼ା ଭୋକ ସହି ନପାରି ସାହେବଙ୍କ ଗୋଡ଼ ତଳେ ପଡ଼ି କାନ୍ଦିଲା । ସାହେବ କ'ଣ ଭାବି ଡରିଯାଇ ବୁଢ଼ାଟାକୁ ବୁଟ୍ ଜୋତାରେ ଗୋଇଠା ମାରିଲା ଯେ ବୁଢ଼ା ସେଇଠି ମରିଗଲା । ବାସ୍, ଏ ଖବର ପାଇ ସବୁ ଭୋକିଲା ଲୋକେ ଏକଜୁଟ ହେଲେ ଆକ୍ରମଣ କରିବା ପାଇଁ । ଖବର ପାଇ ସାହେବ ସବୁ ଡଙ୍ଗା ନେଇ ସେଠୁ ଚମ୍ପଟ । କଲିକତାକୁ ଖବର ଗଲା । ତା'ପରେ ବୁଦ୍ଧି ବାହାର କରି କାଶିମବାଜାରର ମହାରାଜା ମନୀନ୍ଦ୍ରଚନ୍ଦ୍ର ନନ୍ଦୀଙ୍କୁ ଚାଳିଶ ବର୍ଷ ଲିଜ୍ ସୂତ୍ରରେ ଏଇ ଜମି ବିକ୍ରୀ କରାଗଲା । ସେ ଆସି ବସତି ତିଆରି କଲେ, ମିଠା ପାଣିର ପୋଖରୀ ଖୋଳିଲେ, ରାସ୍ତା ବନେଇଲେ ।

ସେ ଗୁଡ଼ାଏ କାମ କରିଥିଲେ । ତେଣୁ ଫ୍ରେଜରଗଞ୍ଜର ଅନେକ ଜାଗାରେ ତାଙ୍କ ନାଁ ରହିଛି । ସେ ଖୋଳିଥିବା ଅନେକ ପୋଖରୀ ଏଠି ଅଛି । ଏଠିକାର ବୁଢ଼ାଲୋକମାନେ ଏବେ ବି ଜାଣନ୍ତି ଯେ ଲାୟାଲ ସାହେବ ମନୀନ୍ଦ୍ର ନନ୍ଦୀଙ୍କ ମ୍ୟାନେଜର । ତେଣୁ ଲାୟାଲଗଞ୍ଜ ନାଁ ହୋଇଛି । ଆଉ ଜଣେ ମ୍ୟାନେଜରଙ୍କ ନାଁରେ ହୋଇଛି ହରିପୁର ଗାଁ । ଉଣେଇଶି ଶହ ତେପନ ମସିହାରେ ଜମିଦାରୀ ଗଲାପରେ ଏସବୁ କାଶିମବାଜାର ଫ୍ଲେଟ ହାତରୁ ବି ଚାଲିଗଲା ।

ଚାଲି ଚାଲି ଆମେ ବସ୍ ରାସ୍ତାରେ ପହଞ୍ଚିଲୁ । ଚାରିପଟେ ନିଝୁମ ହୋଇଗଲାଣି । ଟିକେ କାନେଇ ଶୁଣିଲେ ସମୁଦ୍ର ଗର୍ଜନ ଅସ୍ପଷ୍ଟ ଭାବରେ ଶୁଭିବ । ସେ ହଠାତ୍ କହିଲେ - ଇତିହାସ ତ ଅନେକ ଅଛି । କିନ୍ତୁ ଆମେ ଧୀରେ ଧୀରେ ସବୁ ଭୁଲିଯାଉଛୁ । କିଏ ମନେ ରଖିବ - ସମସ୍ତେ ତ ନିଜକୁ ନେଇ ବ୍ୟସ୍ତ । ଆଉ ଦିନେ ଆପଣ ଆସନ୍ତୁ - ଆହୁରି ଅନେକ ଇତିହାସ ଶୁଣିଇବି ।

ନମସ୍କାର କରି ଏଇ ଛୋଟିଆ ମଣିଷଟି ଅନ୍ଧକାର ଭିତରେ ହଜିଗଲେ । ସେଇ ମଣିଷ - ଯାହାଙ୍କ ସ୍ମୃତିରେ ଗୋଟେ ଲୋକାଳୟର ଜନ୍ମ ପଞ୍ଜିକା ଓ ତାଙ୍କ ସମ୍ମୁଖରେ ଗୋଟିଏ ଜାତିର ପରିବର୍ତ୍ତନଶୀଳ ଅସ୍ପଷ୍ଟ ଭବିଷ୍ୟତ - ମଝିରେ ତାଙ୍କର ଅସ୍ତିତ୍ୱ ।


ବସ୍ ପାଇଁ ଅପେକ୍ଷା କରୁ କରୁ ଭାବିଲି - ସତରେ ତ ! କିଏ ମନେ ରଖିବ ଇତିହାସ ? କିଏ ମନେ ରଖିବ ଏଠିକାର ମାଟି - ପାଣି - ଜଙ୍ଗଲ ସହ ଜଡ଼ିତ ରହିଛି ଗୋଟିଏ ଆଶ୍ଚର୍ଯ୍ୟ ମଣିଷର ଜୀବନ କାହାଣୀ ?

ସେ ମଣିଷଟି ନିଜେ ବି ଜାଣନ୍ତିନି ଯେ ସେ ନିଜେ ବି ଇତିହାସର ଜଣେ । ସୁନ୍ଦରବନ - ଏକ ମାୟାବୀ, ରହସ୍ୟମୟ, ରୋମାଞ୍ଚକର ନାଁ, ଏଠି ମାଟି, ମଣିଷ, ପାଣି, କାଦୁଅ, ଜଙ୍ଗଲ, ଜୀବଜନ୍ତୁ, ମାଛ, କୁମ୍ଭୀର, ବାଘ, ହରିଣ - ସବୁ ମିଳିମିଶି ଏକାକାର । 'ପ୍ରଗତି' ନାଁରେ ଅନେକ କିଛି ହୋଇଛି ସତ, କିନ୍ତୁ ସୁନ୍ଦରବନର ନିଜସ୍ୱ ଗନ୍ଧ ଏବେ ବି ବାରିହୁଏ ।

(ଅଭିଜିତ ସେନଗୁପ୍ତଙ୍କର ସୁନ୍ଦରବନେର ଡାଏରୀ (ଚଟ୍ଟାପଦ, ୨୦୧୦) ବହିରେ ଭେଦଟି ନିଜ ଅଙ୍ଗେ ଲିଭାଇଥିବା ଅନୁଭୂତି ସୁନ୍ଦର ଭାବରେ ସଜ୍ଜିତ । ଉପରୋକ୍ତ 'ଇତିହାସର ମଣିଷ' ସୁନ୍ଦରବନର ହଜିଯାଉଥିବା ଅଛି ଓ ନାହିଁର ଅଲୌକିକ କଥିତ ଇତିହାସରୁ ଛୋଟ ଫର୍ଦ୍ଦଟିଏ । - ଅନୁବାଦକଙ୍କ କଥା)

***

ଅମାନତ



ପବିତ୍ର ପାଣିଗ୍ରାହୀ
ସାଳନ୍ଦୀ ନଗର, ଭଦ୍ରକ
ମୋ : ୯୯୩୮୦୪୨୪୬୮

"ମୋ' ବୋଉ ପାଖରୁ ଏକଥା ଶୁଣି ଦାଣ୍ଡପିଣ୍ଡାରେ ଚଉକିରେ ବସିଥିବା ଜେଜେଙ୍କ ମୁହଁ କରୁଣ ଦିଶିଲା । ସେ ଲମ୍ବା ନିଃଶ୍ୱାସଟିଏ ପକେଇ କହିଲେ - ମୁଁ ସିନା ଫି ବର୍ଷ ଜଗା ପାଖକୁ ଯାଉଚି, ହେଲେ ଖଜବୁଡ଼ା ପରି ଭାଗ୍ୟ କାହିଁ ମୋର !"

ଶେଷରେ ଜେଜେ ରାଜିହୋଇ ଯାଇଥିଲେ, ସେମାନଙ୍କ ସହ ପୁରୀ ଯିବାପାଇଁ । ସେମାନଙ୍କ ସହ ଯିବାର ପ୍ରକୃତ ଅର୍ଥ ଥିଲା, ସେମାନଙ୍କୁ ସାଙ୍ଗରେ ନେଇକି ଯିବା । କାରଣ ଆମ ଗାଁରୁ ଦଶ କିଲୋମିଟର ଦୂର ସହରରୁ ପ୍ରାୟ ପାଖାପାଖି ଦୁଇଶହ କିଲୋମିଟର ଦୂରସ୍ଥ ଜଗନ୍ନାଥଧାମକୁ ଯିବା କଥା । ସେମାନେ ବା ଭାବିଥାନ୍ତେ କିପରି, ଯେତେବେଳେ କି ଆଉ କୁଆଡେ ଯିବା ତ ଛାଡ଼, ଦଶ କିଲୋମିଟର ଦୂର ଭଦ୍ରକ ସହର ବି ସେମାନେ ଯାଉନଥିଲେ କେବେବି । ଜୀବନକୁ ନେଇ ସେମାନଙ୍କର ଇଚ୍ଛା ଓ ସ୍ୱପ୍ନ ଥିଲା ଖୁବ୍ ସୀମିତ । ବୈଚିତ୍ର୍ୟମୟ ପୃଥିବୀର ଢେର୍‌ଢେର୍ କଥା ସେମାନଙ୍କୁ ଅଜଣା ଥିଲା, ଅବଶ୍ୟ ସେସବୁ ଜାଣିବାରେ ତାଙ୍କର ଖୁବ୍ ବେଶି ଆଗ୍ରହ ନଥିଲା । ଏତେ କମ୍ ସ୍ୱପ୍ନନେଇ କିଛି ଲୋକ ପରିତୃପ୍ତିର ସହ କେମିତି ଯେ ବଞ୍ଚିପାରନ୍ତି ପୃଥିବୀରେ - ଅତି ଛୋଟ ବୟସରେ ବି ଭାବିଲେ ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା ।

ବାରମ୍ବାର ବାବୁ ଜେନା ଓ ବଙ୍କ

ଜେନା ଆମ ଘରକୁ ଆସି ଆମ ଉଚ୍ଚା ପିଣ୍ଡା ତଳେ ନିଉନ ହୋଇ ବସୁଥିଲେ । ସେମାନେ ଆମ ବିଲବାରିରେ ମୂଲ ଲାଗୁଥିଲେ ବି ତାଙ୍କ ବୟସକୁ ସମ୍ମାନଦେଇ ଆମେ ଭାଇଭଉଣୀମାନେ ତାଙ୍କୁ 'ଭାଇ' ବୋଲି ସମ୍ବୋଧନ କରୁଥିଲୁ, ଯୋଉଥିରେ ସେମାନେ ଭାରି ଖୁସି ହେଉଥିଲେ ।

ସେ ଦୁଇଭାଇଙ୍କର ଏକମାତ୍ର ଅଳି ଥିଲା ଆମ ଜେଜେଙ୍କ ପାଖରେ ଯେ ତାଙ୍କ ମା' ଓ ବାପା ଖଜ ଜେନାଙ୍କୁ ନେଇ ଟିକେ ଜଗନ୍ନାଥ ଦର୍ଶନ କରାଇଆଣନ୍ତେ ! ଅତିବେଶିରେ ଗାଁ ପାଖ ଭଦ୍ରକ ସହରକୁ କଦବାକ୍ୱଚିତ୍ ଯାଇଥିବା ସେ ଦୁଇଭାଇ କିପରି ବା ତାଙ୍କ ବାପା ମା'ଙ୍କର ଏକମାତ୍ର ଇଚ୍ଛାକୁ ପୂରଣ କରିବାକୁ ସାହସ କରିପାରିଥାନ୍ତେ, କାହାରି ବିନା ସହାୟତାରେ ! ଆଉ ତାଙ୍କ ଦୃଷ୍ଟିରେ ଜେଜେ ହିଁ ଥିଲେ ସେଥିପାଇଁ ଏକମାତ୍ର ଭରସାଯୋଗ୍ୟ ବ୍ୟକ୍ତି ।

ଜେଜେଙ୍କୁ ସମସ୍ତେ ଭେଡ଼ାବାପା ବୋଲି ଡାକୁଥିଲେ । କାହିଁକି ନା, ଆଗରୁ ଯେତେବେଳେ ଆମର ଜମିଦାରୀ ଥିଲା ବାସୁଦେବପୁରର ଭେଡ଼ା ଅଞ୍ଚଳରେ, ଜମିଦାରୀ କଥା ବୁଝିବା ସହ ଖଜଣା ଆଦାୟ ଅସୁଲ କରୁଥିଲେ ଆମ ଜେଜେ । ଜମିଦାରୀ ପ୍ରଥା ଉଚ୍ଛେଦ ପରେ ବି ବର୍ଷକେ ଥରେ ଠେକିରେ ଘିଅ, ବସାଦହି ଓ ମହିଁଷୀ ଛେନା ନେଇ ସେଠୁ କିଏ କେମିତି ଆମ ଘରକୁ ଆସୁଥିଲେ ଏବଂ ଧାନ କରଜ ବା ଟଙ୍କା ଉଧାର ନେଇ କୋର୍ଟ ଫିଁ' ଲଗା କାଗଜରେ ଲେଖାପଢା କରିଯାଉଥିଲେ । କେହି କେହି ବାରମାସିଆ ରହିବେ ବୋଲି କଥା ଦେଇ ଆମ ଘରେ ଦି' ଚାରିମାସ ରହୁଥିଲେ । ଥରେ ଘରକୁ ଗଲେ ଆଉ କିନ୍ତୁ ଫେରୁ ନଥିଲେ ବା କେବେ ବି ଉଧାର ଟଙ୍କା କି କରଜ ଧାନ ଫେରିବାର ଆମେ ଦେଖୁନଥିଲୁ ।

ଜମିଦାରୀ ଗଲାପରେ ମଧ୍ୟ ଜେଜେଙ୍କର କିଛିଟା ଖାତିର ଥିଲା । ଆମ ଗାଁ ଗୋଟାକର ଜମିବାଡ଼ିର ଖାତା ଖତିୟାନ ଓ ନକ୍ସା ସବୁ ଥିଲା ତାଙ୍କ ପାଖରେ । ଜମିବାଡ଼ିର ମାପଚୁପକୁ ନେଇ ଭାଇଭାଇ ଭିତରେ କିଛି ଦ୍ୱନ୍ଦ୍ୱ ଉପୁଜିଲେ, ସେମାନେ ଜେଜେଙ୍କ ପାଖକୁ ଧାଉଁଥିଲେ । ଜେଜେ ନକ୍ସା ବାହାର କରି ତାଙ୍କୁ ନିର୍ଦ୍ଦିଷ୍ଟ ଜମି ବିଷୟରେ ଟିପିକି ଦେଉଥିଲେ ଏବଂ ଦୂର ଗାଁରୁ ଅମିନ ଆସିଲେ ବି ଜମିଜମା ଗଣ୍ଡଗୋଳର ସମାଧାନ ପାଇଁ ସେମାନେ ଜେଜେଙ୍କ ସହାୟତା ନେଉଥିଲେ । ତାଙ୍କର ଏସବୁ ସାହାଯ୍ୟ ପାଇଁ କାହାରି ଠାରୁ କିଛି ବି ଦାବି କରୁନଥିଲେ ଜେଜେ, ତେବେ ଖୁସିରେ ଯିଏ ଯାହା ଦେଲା ଜେଜେ ମନା କରୁନଥିଲେ । କେତେବେଳେ କିଏ ହାଣ୍ଡାନି ସାର୍ଟଖଣ୍ଡେ ବା ଗାଁ ଚମାର ଦ୍ୱାରା ଗାଡ଼ିର ଟାୟାରୁ ତିଆରି ଚପଲ ହଳେ ଦେଲେ ଖୁସିରେ ନେଉଥିଲେ । ଆମେ ଯାହାକୁ ମଜାରେ କହୁଥିଲୁ 'ଚମାର ଚଟି' ।

ଗୋରୁଗାଈଙ୍କ ଯତ୍ନନେବା ଛଡ଼ା ଆଉ ପ୍ରାୟତଃ କିଛି କରିପାରୁ ନଥିଲେ ଜେଜେ ।

ଅଧିକାଂଶ ସମୟ ତାଙ୍କର ପୂଜାପାଠରେ ବିତୁଥିଲା । ସକାଳେ ଗାଧୋଇସାରି ଚିତାତିଳକ କରୁଥିଲେ ଓ ସନ୍ଧ୍ୟାରେ ଅନେକ ସମୟ ଯାଏଁ ସିଏ ଡାହାଣ ହାତରେ ଗୋଟେ କୋଥଳି ଧରି ଦି' ଅଙ୍ଗୁଳିରେ ମାଳା ଗଡ଼ଉଥିଲେ ଆଖିବୁଜି । ନିୟମ କଲାପରି ପ୍ରତିବର୍ଷ ସେ ପୁରୀକୁ ଯାଉଥିଲେ ଜଗନ୍ନାଥ ଦର୍ଶନ ପାଇଁ । ସେଠି ବେଶ୍ କିଛିଦିନ ରହି ସେ ଗାଁକୁ ଲେଉଟୁଥିଲେ । ବୟସ ହେଲାପରେ ସିଏ ରଥଯାତ୍ରା ଭଳି ଗହଳି ସମୟରେ ନଯାଇ ଫାଙ୍କା ସମୟରେ ଯାଉଥିଲେ । ପଣ୍ଡାଙ୍କ ଘରେ ରହୁଥିଲେ । ହାତରେ ରୋଷେଇ କରୁଥିଲେ । କେବେ କେବେ ମନହେଲେ ଆନନ୍ଦବଜାରରେ ଅବଡା ଖାଉଥିଲେ । ମନପୂରେଇ ସଂଜସକାଳେ ଜଗାକୁ ଦର୍ଶନ କରି ମନ ଶାନ୍ତି ହେଲାପରେ ଯାଇ ଫେରୁଥିଲେ । କେବେକେବେ ଜେଜେମା' ବା ଗାଁର ସମବୟସ୍କ ବି କେହି ଯାଉଥିଲେ ସାଙ୍ଗରେ । ତେବେ କେହି ନ ଗଲେ ବି ସେ ଏକୁଟିଆ ଜଗନ୍ନାଥ ଦର୍ଶନ ପାଇଁ ବାହାରିଯାଉଥିଲେ ।

ଖଜ ଜେନା ଓ ତା' ସ୍ତ୍ରୀକୁ ସାଙ୍ଗରେ ନେଇଯିବାକୁ କିନ୍ତୁ ଜେଜେ ସହଜରେ ରାଜି ହେଉନଥିଲେ । ସେଥିପାଇଁ ଅବଶ୍ୟ କେତୋଟି ଯୁକ୍ତିଯୁକ୍ତ କାରଣ ଥିଲା । ଆମ ଜେଜେ ଖୁବ୍ ନୈଷ୍ଠିକ ଓ ଆଜନ୍ମ ଶୁଦ୍ଧ ଶାକାହାରୀ । କେବେ କୁଆଡ଼େ ବାହାରକୁ ଗଲେ ହୋଟେଲରେ ବି ଖାଉ ନଥିଲେ । ଚୁଡ଼ା, ଗୁଡ଼, ଛେନା, କଦଳୀ ଚକଟା ଖାଇ ବରଂ ରହିଯାଉଥିଲେ । ପୁରୀରେ ଯାଇ ରହିଲାବେଳେ ଆମ ପଣ୍ଡାଙ୍କ ଘରୁ ବାସନ ଆଣି ନିଜେ ରୋଷେଇ କରି ଖାଉଥିଲେ । ଖଜ ଜେନାମାନେ ଥିଲେ ହରିଜନ । ସେମାନଙ୍କୁ ସାଙ୍ଗରେ ନେଇ ତାଙ୍କ ଦାୟିତ୍ୱ ସଂଭାଳିବା ଜେଜେକୁ କେଜାଣି କାହିଁକି ସୁବିଧା ଲାଗୁନଥିଲା । ସେଇଥିପାଇଁ ସେ ରାଜି ହେଉନଥିଲେ ମୂଳରୁ ।

ହେଲେ ବାପା ମା'ଙ୍କ ଜୀବନର ସେଇ ଏକମାତ୍ର ଇଚ୍ଛାଟିକୁ ପୂରଣ କରିବା ପାଇଁ ଦି'ପୁଅ ବାବୁ ଓ ବଙ୍କ ଥିଲେ ଦୃଢପ୍ରତିଜ୍ଞ । ଖଜ ଜେନା ଓ ତାଙ୍କର ଦୁଇ ପୁଅ ସେତେବେଳେ ଆମର ସେଇ ପିଲାମାନଙ୍କ ପାଇଁ ଥିଲେ ଅନେକ ବିସ୍ମୟର ହେତୁ । ସେଇଲାଗି ଆମ ମନରେ ତାଙ୍କ ପ୍ରତି କିଛିଟା ସମୀହା ଥିଲା । ଅଥଚ ସେଇମାନଙ୍କର ଏମିତି ଦିନଦିନ ଧରି ଗାଁ ଦାଣ୍ଡର ଧୂଳିରେ ଚେକାମାଡ଼ି ନୀରବରେ ଜେଜେଙ୍କର ଟିକିଏ ସମ୍ମତି ପାଇଁ ବସିରହିବାକୁ ଆମେ ସହଜରେ ଗ୍ରହଣ କରିପାରୁନଥିଲୁ ।

ପଣାସଂକ୍ରାନ୍ତି ଆଗରୁ ଆମ ଗାଁର ଶାହାଡାଗଛ ମୂଳରେ ବାବୁ ଭାଇ ପୂଜାକରେ ଓ ତାକୁ ଦାସୀ ଲାଗେ । ଉଦୁଉଦିଆ ଖରାବେଳେ ଆମ ବାରିପାଖ ଠାରୁ କିଛି ଦୂରରେ ଅପୂର୍ବ ଛନ୍ଦରେ ଢୋଲ ବାଜିଲେ ଆମେ ଜାଣିପାରୁ, ବାବୁଭାଇକୁ ଦାସୀ ଲାଗିଛି । ସେଇୟାକୁ ଦେଖିବାକୁ ଆମେ ସେ ବୈଶାଖର ଖରାକୁ ଖାତିର ନକରି ଧାଉଁଥିଲୁ । ବଙ୍କଭାଇ ମୁଣ୍ଡକୁ ହଲେଇ ଢୋଲ ପିଟୁଥିଲା । ଗୋଟେ ବଡ଼ ଝୁଣାଦାନୀରୁ ଝୁଣା ପିଉଁ

ପିଉଁ ବାବୁଭାଇ ଢ଼ୋଲର ତାଳେ ତାଳେ ମଥାକୁ ଆଗକୁ ପଛକୁ ଝୁଙ୍କାଉଥିଲା । ହାତରେ ଗୋଟେ ସିନ୍ଦୂରମଖା ବେତ ଧରି ମଝିରେ ମଝିରେ ଚିତ୍କାର କରୁଥିଲା । ମୁଣ୍ଡରେ ବହଳେ ସିନ୍ଦୂର ନେସିଥିବାରୁ ତା' ମୁହଁଟା କେମିତି ଗୋଟେ ଅଲଗା ଦିଶୁଥିଲା । ଦେଖଣାହାରିଙ୍କ ସଂଖ୍ୟା ଯେତିକି ବଢୁଥିଲା, ଢ଼ୋଲ ସେତେ ଜୋର୍‌ରେ ବାଜୁଥିଲା ଓ ବାବୁଭାଇ ଉପରେ ଠାକୁରାଣୀ ବେଶି ବେଶି ପ୍ରସନ୍ନ ହେଉଥିଲେ । ଠିକ୍ ସେତିକିବେଳେ ଗୋଟେ ହୃଷ୍ଟପୁଷ୍ଟ କୁକୁଡ଼ାର ବେକ କାଟି ମା'ଙ୍କ ପାଖରେ ବଳିପକାଇଲା ପରେ ସେଇ ପିଚ୍‌ପିଚ୍ ରକ୍ତ ଝରୁଥିବା ମସ୍ତକହୀନ କୁକୁଡ଼ାଟି ଶୂନ୍ୟରେ କେଇଘେରା ଚକ୍କର କାଟି ଖସିପଡୁଥିଲା ତଳକୁ । ଆଉ ବାବୁଭାଇ ଶାହାଡାଗଛ ପାଖ ଆମ୍ବଗଛକୁ ଚଢିଯାଇ ଡାଳମାନଙ୍କୁ ବେତରେ ପିଟିପିଟି, କୁହାଟ ଛାଡି ପ୍ରକମ୍ପିତ କରୁଥିଲା ଚଉଦିଗକୁ । ଶାହାଡ଼ାଗଛ ମୂଳରୁ ଆହୁରି ବେଶି ବେଶି ଝୁଣାର ଧୂଆଁ ଉଠୁଥିଲା । କେତେବେଳକେ ବାବୁଭାଇ ଗଛରୁ ଡେଇଁ ତଳେ ପଡ଼ି ମୂର୍ଚ୍ଛାଗଲା ବେଳକୁ ତା'ଦେହ ହାତରେ ଠାଏ ଠାଏ ନୋଳା ଫାଟି ରକ୍ତ ଚହଟି ଆସୁଥିଲା । ଥରି ଥରି ହଲିଦୋହଲି ସେ ଦେଖଣାହାରିଙ୍କ ପ୍ରଶ୍ନସବୁର ଉତ୍ତର ଦେଲାପରେ ତା' ବାପା ଖଜ ଜେନା ଭୋଗ ଚଢାଉଥିଲା ସେଇ ଶାହାଡ଼ା ମୂଳର ଅଦୃଶ୍ୟ ଦେବୀଙ୍କ ଉଦ୍ଦେଶ୍ୟରେ । ଦାସୀ ଛାଡ଼ିଲାବେଳକୁ ବାବୁଭାଇର ଆଖି ମନ୍ଦାରଫୁଲ ଭଳି ଲାଲ ଦିଶୁଥିଲା । ଆମକୁ ସବୁ ଭାରି ଡର ମାଡୁଥିଲା ।

ଆଉ ଅନ୍ୟ ସମୟରେ ବାବୁଭାଇ ଥିଲା ଖୁବ୍ ସାଧାରଣ । ମାଛଧରା କୌଶଳରେ ଆମ ଗାଁରେ ତା' ସମକକ୍ଷ କେହି ନଥିଲେ । ଖରାଦିନେ ପୋଖରୀମାନଙ୍କରୁ ପାଣି ଶୁଖିଆସିଲେ, ଖାଲି ହାତରେ ଦରାଣ୍ଡି ସେ ଶେଉଳ, ମାଗୁର, ଗଡ଼ିଶା ଓ ସେରଣା ଭଳି ମାଛ ଧରି ସମସ୍ତଙ୍କୁ ଚକିତ କରିଦେଉଥିଲା । ପାଣିର ଭଉଁରୀରୁ ସେ କଳିନେଉଥିଲା ମାଛର ପ୍ରକାରଭେଦ ଓ ଆକାର । ଲକ୍ଷ୍ୟକରି ସେ ଥରେ ପୋହଳ ପକେଇଲା ମାନେ ବଡ଼ କି ସାନ, କିଛି ମାଛ ସେଥିରୁ ଆଉ ଖସିବାର ବାଟ ନଥିଲା । ତା'ପରେ ତ ମ୍ୟାଜିକ ଦେଖେଇଲା ଭଳି ଥରକୁ ଥର ହାତ ପୂରେଇ ପାଣି ଭିତରୁ କଉ ମାଗୁର, ଶିଙ୍ଗି, ଫଳି ଆଦି ମାଛ ସେ ପୋହଳ ଭିତରୁ କାଢି ଆଣୁଥିଲା । ପୋଖରୀହୁଡାରେ ଆମେ ପିଲାଏ ତାଟକା ହୋଇ ଚାହିଁରହୁ କେବଳ, ଆଉ ବର୍ଷାଦିନେ, ଯେତେବେଳେ ନଈ ପୋଖରୀରେ ପାଣି ଉଛୁଳି ବିଲବାଡ଼ିରେ ପଶେ, ଅନ୍ଧାର ରାତିରେ ବେଙ୍ଗ ରଡ଼ି ଆଉ ଜୁଲୁଜୁଲିଆ ପୋକଙ୍କ ପ୍ରୋସେସନ୍ ଭିତରେ ସେ ମୁଣ୍ଡରେ ପଖିଆଟିଏ ଘୋଡ଼େଇ, ହାତରେ ଟିଣ୍‌ଟିଣ୍‌ଟିଏ ଧରି ବିଲମାନଙ୍କରେ ବୁଲିବୁଲି ରାତି ତମାମ ମାଛ ଧରୁଥିଲା । ଅଣ୍ଟାରେ ବାନ୍ଧିଥିବା ବଡ଼ ଖାଲେଇଟି ପୂରିଗଲେ ଯାଇ ସେ ଫେରୁଥିଲା ଘରକୁ । ବର୍ଷାଦିନ ବ୍ୟତୀତ ଅନ୍ୟ ସମୟରେ ସେ ମୂଲପାତି ଲାଗୁଥିଲା ଆମ ଘରେ, ନହେଲେ ଅନ୍ୟ କାହାଘରେ ।

ବଙ୍କଭାଇର ରଙ୍ଗ ତା' ବଡ଼ଭାଇଠୁ ଟିକେ ମଳିଛା । ତା' କଳା ରଙ୍ଗ ଚେହେରାକୁ

ଆହୁରି କଳା ଲମ୍ବାଲମ୍ବୀ ଝାମ୍ପୁରା ବାଳ ଓ କପାଳରେ ଲମ୍ବା ସିନ୍ଦୂର କଲି ବେଶ୍ ମାନୁଥିଲା । ଆମ ଗାଁ ସମେତ ପାଖଆଖ କେଇଖଣ୍ଡ ଗାଁରେ ସେ ଥିଲା ବେଶ ନାଁକରା ଢୋଲିଆ । ତା'ର ଗୋଟେ ଢ଼ୋଲ ପାର୍ଟି ବି ଥିଲା । ପୂଜାପର୍ବ କି ବାହାପୂନିଅରେ ଟେଳେ ଭାଙ୍ଗ ବା ଗଞ୍ଜେଇ ନହେଲେ ଦେଶୀ ମଦଟୋପେ ପକେଇଦେଇ ଢୋଲିଆଙ୍କ ମଝିରେ ଓସ୍ତାଦୀ କାଇଦାରେ ଠିଆହେଇ, ବାଳକୁ ଝାଙ୍କିଝାଙ୍କି ନୃତ୍ୟର ତାଳେ ତାଳେ ସେ ଢୋଲ ବଜେଇଲାବେଳେ ସବୁରି ଆଖି ଲାଖି ରହୁଥିଲା ତା' ଉପରେ । ତା' ହାତର କାଉଁରୀ ଛୁଆଁର ଢୋଲଟା ଯେମିତି ଜୀବନ୍ୟାସ ପାଉଥିଲା । ସେତେବେଳେ ମାଇକ୍ ବା ଡିଜେ ଇତ୍ୟାଦିର ବେଶି ପ୍ରଚଳନ ନଥିଲା । ଏଣୁ ସ୍ୱାଭାବିକ ଭାବେ ବାହାବ୍ରତ କି ଦୋଳ ମଉଛବ ବେଳେ ତା'ର ଗୁରୁତ୍ୱ ବେଶ୍ ବଢିଯାଉଥିଲା । ଗୋଟେ କଳାକାର ଭଳି ସେ ଜୀବନ ଜିଉଥିଲା ତା' ଖିଆଲରେ । ଇଚ୍ଛାହେଲେ କେବେ କେମିତି କାହାର କାମଧନ୍ଦାକୁ ଯାଉଥିଲା, ନହେଲେ ନାହିଁ ।

ତାଙ୍କ ବାପ ଖଜ ଜେନା ବି ସେମିତି କିଛି ବିଶେଷ ଦକ୍ଷତାର ଅଧିକାରୀ ଥିଲା । ଛୋଟଛୁଆଙ୍କୁ କାହାରି ନଜର କି ଦୃଷ୍ଟି ପଡ଼ିଗଲେ, ସଂଜସଂଜିଆ ବେଳେ କୋଉ ବୁଦାମୂଳେ କାହା ଝିଅ ଚମକି ପଡିଲେ, ପୁଣି ରାତିବିକାଳି କାହାକୁ ସାପ କାମୁଡିଲେ, ଆମର ସେ ଗାଁ ଗୋଟାକର ଲୋକ ଆଗ ଧାଉଁଥିଲେ ଖଜବୁଢ଼ା ପାଖକୁ । ସେ ଟିକେ ଲୁଣମନ୍ତୁରା କି ଝଡ଼ାଫୁଙ୍କାରେ ସବୁ ଠିକ୍ କରିଦେଉଥିଲା, ସେ କାଳେ ଗୋଟେ ଆଦିବାସୀ କନ୍ଧବୁଢା ଠାରୁ ଏସବୁ ବିଦ୍ୟା ସାଧିଥିଲା ବୋଲି କହେ । ଅତି ବିଷଧର ସାପ ଦଂଶିଥିଲେ ସିଏ ତା' ଗୁରୁଙ୍କୁ ସୁମରଣା କରି ଜାଣିପାରୁଥିଲା, ଆଉ କଥାଟା ତା' ଅକ୍ତିଆର ବାହାରେ ବୋଲି ଝୁଲାଇ ରୋଗୀକୁ ଡାକ୍ତରଖାନା ନହେଲେ ଆଉ କୋଉ ବଡ଼ ଗୁଣିଆ ପାଖକୁ ପଠେଇ ଦେଉଥିଲା । ଖାଲି ସେତିକି ନୁହେଁ, ଦାରୁଣ ପ୍ରସୂତୀ ବେଦନାରେ କେହି ଗର୍ଭିଣୀ ଛଟପଟ ହେଉଥିଲାବେଳେ, ଖବର ପାଇ ବୁଢା ନିଜେ କୋଉ ଅମୁହାଁ ପୋଖରୀରୁ ପାଣି କାଳେ ନେଇ ଆଣି ତା'ର ରୂପାଖଡୁ ଓ ବଟଫଳ ସହିତ ଶସ୍ତା ଶାଢ଼ୀ ଖଣ୍ଡେ ପିନ୍ଧିଥିବା ସ୍ତ୍ରୀକୁ ନିର୍ଦ୍ଦେଶ ଦେଉଥିଲା, ଉତ୍ତର ପାଖ ଘର ଡାଳରୁ କୁଟାଖିଏ ଉଲାରି ଆଣ । ତା'ପରେ ସେଇ କୁଟାଖିଆକୁ ବୁଡ଼ାଇ ସେ ମନ୍ତୁରେଇ ଦେଉଥିବା ପାଣିଢାଳକୁ ଏନ୍ତୁଡ଼ିଶାଳରେ ଚଟାଣସାରା ଛିଞ୍ଚିଦେଲେ ଖୁବ୍ ସହଜରେ ଖଲାସ ହେଇଯାଉଥିଲା ପ୍ରସୂତି । ଖଜ ଜେନା ଓ ତା' ପୁଅ ଦୁହିଁଙ୍କର ଏତେସବୁ ବିଶେଷ ଗୁଣ ଥିବା ସତ୍ତ୍ୱେ ଜଗନ୍ନାଥ ମହାପ୍ରଭୁଙ୍କ ବହୁ ଆକାଙ୍କ୍ଷିତ ଦର୍ଶନ ଟିକିଏ ବୁଢ଼ାବୁଢୀଙ୍କ ପାଇଁ ଥିଲା ଅପହଞ୍ଚ ।

ଶେଷରେ ଦୁଇପୁଅଙ୍କ ସହ ନିଜେ ଖଜ ଜେନା ବି ଆସି ଅଧିଆପଡ଼ିଲା ଭଳି ବସିଲା ଆମ ଦାଣ୍ଡପିଣ୍ଡା ତଳ ଧୂଳିରେ । ଢ଼େର୍ ସମୟ ନିଉଛାଳି ହେଇ ତୁନି ହେଇଗଲାପରେ ବାପା, ବଡ଼ବାପାଙ୍କର ତାଙ୍କ ଉପରେ ଦୟା ହେଲା କି କ'ଣ ସେମାନେ

ଆସି ଜେଜେଙ୍କୁ ବୁଝାଇଲା ପରେ ଆମ ଜେଜେ ରାଜିହୋଇଗଲେ । ଏତିକିରେ ବାପପୁଅ ତିନିହେଁ ସେଇଠି ସେଇ ଧୂଳିରେ ଜେଜେଙ୍କ ପାଦତଳେ ଲମ୍ବତମ୍ବ ହୋଇ ଶୋଇଗଲେ । ଠପ୍ ଠପ୍ ଲୁହ ଝରିଆସିଥିଲା ଖଜ ଜେନା ଆଖିରୁ । ବହୁ କଷ୍ଟରେ ଯୋଗାଡ଼ କରି ରଖିଥିବା ଟଙ୍କା ଓ ଖୁଚୁରା ପଇସା ସବୁକୁ ଅଣ୍ଟିରୁ କାଢ଼ି ଥୋଇଥିଲା ଜେଜେଙ୍କ ସାମ୍ନାରେ । କାନ୍ଦକାନ୍ଦ ହୋଇ କହିଥିଲା, 'ଯାହା ରଖିଥିଲି ଦେଲି, ଆଉ ଯଦି କିଛି ଅଧିକ ଖର୍ଚ୍ଚ ହୁଏ ଫେରିଲାପରେ ମୁଁ ସବୁ ଶୁଝିଦେବି । ଧାରୁଆ ହେବନି ।'

ଯା ପରେ ପୁରୀ ଯିବାର ଦିନ ବାର ମଧ୍ୟ ଠିକ୍ ହେଇଗଲା ସେଦିନ ।

ପୁରୀ ଯିବା ଦିନ ଖଜ ଜେନା ଓ ତା' ସ୍ତ୍ରୀ ଗାଁ ଗୋଟାକର ସବୁ ଗୁରୁଜନଙ୍କୁ ମୁଣ୍ଡିଆମାରି ଯାତ୍ରା ଆରମ୍ଭ କରିଥିଲେ; ଠିକ୍ ସ୍ୱଦେଶ ଛାଡ଼ି କେହି ବିଦେଶ ଗଲାବେଳେ ବିଦାୟ ନେଲାପରି । ଶାହାଡ଼ାମୂଳ ଠାକୁରାଣୀଙ୍କ ପାଖରେ ମାନସିକ କରିଥିଲେ - ଭଲରେ ଭଲରେ ସେମାନଙ୍କୁ ଫେରାଇ ଆଣିବା ପାଇଁ । ବାବୁ ଓ ବଙ୍କ ମଧ୍ୟ ତାଙ୍କ ସାଙ୍ଗରେ ଯାଇଥିଲେ ରେଳଗାଡ଼ିରେ ଚଢ଼େଇଦେଇ ଆସିବା ଲାଗି । ଜେଜେଙ୍କ ସହ ସେମାନଙ୍କର ପୁରୀ ଯାତ୍ରା ପ୍ରସଙ୍ଗଟି ସେମାନେ ଗଲାପରେ ବେଶ୍ ଆଲୋଚିତ ହେଇଥିଲା ସାରା ଗାଁରେ ।

ରେଳଗାଡ଼ିକୁ ଦେଖି ପ୍ଲାଟ୍‌ଫର୍ମରେ ଲମ୍ବହୋଇ ଶୋଇପଡ଼ି କାଳେ ମୁଣ୍ଡିଆ ମାରିଥିଲା ଖଜ ଜେନା । ସ୍ତ୍ରୀ ତା'ର ଭୟରେ ଶାଙ୍କୁଡ଼ିଯାଇ ଜମ୍ପାରୁ ମଙ୍ଗିନଥିଲା ରେଳରେ ଚଢ଼ିବାକୁ । ଟ୍ରେନ୍ ପ୍ଲାଟଫର୍ମ ଛାଡ଼ିଲାବେଳକୁ ବାବୁ, ବଙ୍କ ଦୁହେଁ କୌଣସି ମତେ ଟେକାଟେକି କରି ଡବା ଭିତରକୁ ପୂରେଇଲାବେଳେ ସେ ଭେଁକରି କାନ୍ଦିଉଠିଥିଲା । ପର ଷ୍ଟେସନ୍‌ରେ ଟ୍ରେନ୍ ଅଟକିବା ଯାଏଁ ସେ ସୁକୁସୁକୁ ହେଇ କାନ୍ଦି ଚାଲିଥିଲା କାଳେ ।

ଆଠଦିନ ପରେ, ଜଗନ୍ନାଥ ଦର୍ଶନ ସାରି ସେମାନେ ପୁରୀରୁ ଫେରିଲା ପରେ ଯାଇଁ ଜେଜେ ସବୁକଥା ଆମକୁ ଶୁଣେଇଥିଲେ । ଟ୍ରେନ୍‌ରୁ ଓହ୍ଲେଇ ରିକ୍ସାକୁ ଉଠିଲାବେଳେ ସେମାନେ କିପରି ନାଟକୀୟ ପରିସ୍ଥିତ ସୃଷ୍ଟି କରିଥିଲେ, ଗରୁଡ଼ସ୍ତମ୍ଭକୁ କୁଣ୍ଢେଇଧରି ଛାଡିବାକୁ କିପରି ଆଦୌ ରାଜି ହୋଇ ନଥିଲା ଖଜ, ଯିବାଠୁ ଫେରିବା ପର୍ଯ୍ୟନ୍ତ କୂଳ ଭୁଆସୁଣୀ ପରି ମୁଣ୍ଡରେ ହାତେ ଲମ୍ବର ଓଢଣାକୁ ତା' ସ୍ତ୍ରୀ କିପରି ଖସିବାକୁ ଦେଇନଥିଲା, ବାଇଶି ପାହାଚରେ ଖଜ କିପରି ଉପରୁ ତଳଯାଏଁ ଗଡ଼ିଗଡ଼ି ଆସିଥିଲା, ଜଗନ୍ନାଥଙ୍କୁ ପ୍ରଥମ ଦର୍ଶନବେଳେ ଖଜ କିପରି କୁନିଛୁଆଙ୍କ ପରି ଭୋ ଭୋ ହେଇ କାନ୍ଦିବାକୁ ଆରମ୍ଭ କରିଦେଲା ଯେ ଯେତେ ବୁଝେଇଲେ ବି କୋହ ଥମିନଥିଲା ଦେଉଳରୁ ବାହୁଡ଼ିବା ଯାଏଁ, ପୁଣି ପ୍ରଥମ କରି ମାଡ଼ି ଆସୁଥିବା ବିଶାଳ ସମୁଦ୍ରର ସୁଉଚ୍ଚ ଢେଉକୁ ଦେଖି ଖଜର ସ୍ତ୍ରୀ କେମିତି ମୂର୍ଚ୍ଛା ଯାଇଥିଲା, ତା'ପରେ ଯେତେ ଯିଏ କହିଲେ ବି ସେ ଆଉ ସମୁଦ୍ର ପାଖକୁ ଯିବାକୁ ରାଜି ହୋଇ ନଥିଲା । ଶେଷକୁ ଖଜ କେମିତି ଆଞ୍ଜୁଳାରେ ସମୁଦ୍ରରୁ

ପାଣିମୁନ୍ଦେ ଆଣି ତା' ମୁଣ୍ଡରେ ଛିଞ୍ଚି ଦେଇଥିଲା । ଏମିତି ଆହୁରି କେତେ କଥା.... ପଣ୍ଡାଙ୍କ ଘରେ ରହିଲାବେଳେ କିମିତି ସବୁ ହାସ୍ୟକର ପରିସ୍ଥିତି ଉପୁଜେଇଥିଲେ ଖଜ ଓ ତା' ସ୍ତ୍ରୀ... ସେସବୁ ଯେତେ ଶୁଣିଲେ ବି ସମସ୍ତଙ୍କୁ ମଜା ଲାଗୁଥିଲା । ଆମେ ପିଲାମାନେ ତ ମଝିରେ ମଝିରେ ଜେଜେଙ୍କୁ ଉସୁକୋଉଥିଲୁ ସେ କଥା କହିବା ପାଇଁ । ଜେଜେ ବି ବଡ଼ ଆଗ୍ରହରେ ସେସବୁ ବର୍ଣ୍ଣନା କଲାବେଳେ ଆମକୁ ସତେକି ଆଖିରେ ଦେଖିଲା ପରି ଲାଗୁଥିଲା ।

ପୁରୀରୁ ଫେରିଲା ପରେ କିନ୍ତୁ ଖଜ ଜେନାର କୋଟରଗଡ଼ ଆଖିଦୁଇଟି ସତେ ଯେମିତି ଚକ୍‌ଚକ୍ କରୁଥିଲା ଆନନ୍ଦରେ, ବିଭୋରପଣରେ, ତୀର୍ଥଯାତ୍ରା ସାରି ଫେରିଲାପରେ ସୁଫଳ ପ୍ରାପ୍ତି ପାଇଁ ସ୍ୱଚ୍ଛଳ ଲୋକ ଯେମିତି ସମସ୍ତଙ୍କୁ ଭୂରିଭୋଜନରେ ଆପ୍ୟାୟିତ କରନ୍ତି, ସେମିତି ସାମର୍ଥ୍ୟ ନଥିଲେ ବି ମା' ବାପାଙ୍କ ଇଚ୍ଛାକୁ ପୂରଣ କରିବା ପାଇଁ ଖଜର ଦୁଇପୁଅ ଦି' କାନ୍ଦି କଦଳୀ ଓ ଦି' ଗଣ୍ଡା ନଡ଼ିଆ ଆଣି ଗ୍ରାମଦେବତୀଙ୍କ ପାଖରେ ମାଜଣାକରି ବ୍ରାହ୍ମଣଙ୍କୁ କହି ଗାଁସାରା ଭୋଗ ବାଣ୍ଟିଥିଲେ । ପୁରୀରୁ ଆସିଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କର ବନ୍ଧେଇ ଫଟୋକୁ ଗୋଟେ ଖଟୁଲିରେ ରଖି ଖଜ ଓ ତା' ସ୍ତ୍ରୀ ନିୟମିତ ପୂଜାପାଠରେ ସମୟ କାଟୁଥିଲେ ।

ଏହାପରେ ଦିନସବୁ ଗଡ଼ିଚାଲିଥିଲା ନିତ୍ୟ ନୈମିତ୍ତିକ ଢ଼ଙ୍ଗରେ । ମଝିରେ ମଝିରେ ଖଜ ଜେନା ଆସୁଥାଏ, ଜେଜେଙ୍କ ସହ ଘଡ଼ିଏ ଦି'ଘଡ଼ି ସୁଖଦୁଃଖ ହୋଇ ଲେଉଟିଯାଉଥିଲା । କେବେକେବେ ଆସି ରୋଚକ କାହାଣୀମାନ ଶୁଣେଉଥିଲା । ଦିନେ ସେ ସକାଳୁ ସକାଳୁ ଆସି କହିଲା - କାଲି ରାତିରେ ବଢିଆ ସ୍ୱପ୍ନଟେ ଦେଖିଲି - ଏକୁଟିଆ କୋଇଲି ବୈକୁଣ୍ଠରେ ମୁଁ ବୁଲୁଚି, ସଂଜସଂଜିଆ ବେଳ, ଧୋବ ଫରଫର ଧୋତି ଚଦର ପିନ୍ଧି କାନ୍ଧରେ ମୋଟା ପଇତା ପକେଇ, ତ୍ରିପଣ୍ଡ କାଳିଆ ବ୍ରାହ୍ମଣଜଣେ ମୋ' ବାଟ ଓଗାଳି କହିଲେ - ଏଠିକୁ କେହି ବି ଆସନ୍ତିନି ସଂଜ ପରେ । ଅନ୍ଧାର ହେଲାଣି, ଯା' ପଳା, କାଲି ଦିନବେଳେ ଆସିବୁ । ମୁଁ ତାଙ୍କ ଗୋଡ଼ତଳେ ପଡ଼ିଗଲି । ଉଠିକି, ଚାହିଁଲା ବେଳକୁ କେହି କୁଆଡେ ନାହାନ୍ତି । ସେତିକିବେଳକୁ ଚାଉଁକିନା ମୋ' ନିଦ ବି ଭାଙ୍ଗିଗଲା । ଆଉ କି ମୋତେ ନିଦ ହୁଏ ରାତିସାରା ! ପାହାନ୍ତାରୁ ଉଠିଆସି ଗାଧେଇପାଧେଇ କାଳିଆ ଠାକୁରଙ୍କ ପୂଜା ସାରି ତମେ ଆପଣଙ୍କ ପାଖକୁ ଆସୁଚି ।' ଜେଜେ କେମିତି ଗୋଟେ ଅବିଶ୍ୱାସ୍ୟ ଦୃଷ୍ଟିରେ ଚାହିଁଲେ ଦେଖିଥିବା ।

ଆଉ କେତେବେଳେ ସିଏ ସପନରେ ବଡ଼ଦେଉଳର ନେତକୁ ଦେଖିଥିବା କଥା କହୁଥିଲା ତ' ଆଉ କେବେ ବଡ଼ ଠାକୁରଙ୍କ ମଙ୍ଗଳଆଳତି ବେଳେ କାଳିଆଠାକୁର ତାକୁ ଚାହିଁ ଅବିକଳ ମଣିଷ ପରି ମୁରୁକି ହସୁଥିବା କଥା ଗପୁଥିଲା । ପୁଣି କେବେ କହୁଥିଲା, ସେ କେମିତି ସମୁଦ୍ରରେ ଭାସିଯାଉଥିଲାବେଳେ ଜଗା କେମିତି ତାକୁ ନିଜ

ହାତରେ ଟେକିଆଣି କୂଳରେ ବାଲି ଉପରେ ଶୁଆଇଦେଲେ - ଏମିତି କେତେ କଥା ଆସି ଜେଜେଙ୍କ ପାଖରେ ବସି କହୁଥିଲା । କହୁ କହୁ ତା' ଆଖି କେବେକେବେ ଲୁହ ଛଳଛଳ ହେଇଯାଉଥିଲା । କାନ୍ଧରେ ପକେଇଥିବା ମସିଆ ଗାମୁଛାରେ ତାକୁ ପୋଛିନେଇ ସେ ପୁରୁଣା କଥାର ଖିଅ ଯୋଡୁଥିଲା, ତା'ର ଏମିତି ବାଇଚାଉଳିଆ କଥା ଶୁଣି ଜେଜେଙ୍କ ପରି ଅନ୍ୟମାନେ ବି ଭାବୁଥିଲେ ଯେ ବୟସାଧିକ୍ୟ ଯୋଗୁଁ ମଥା ବିଗିଡ଼ିଗଲାଣି ଖଜ ଜେନାର । କିନ୍ତୁ ତା'ର ସ୍ତ୍ରୀ ତା'ର ପ୍ରତିଟି କଥାକୁ ସତ ବୋଲି ମଣୁଥିଲା ।

ଜଗନ୍ନାଥଙ୍କୁ ଦର୍ଶନ କରି ଫେରିଲା ଠାରୁ ଖଜ ଜେନା କିଛି ଭିନ୍ନ ମଣିଷଟେ ପାଲଟିଯାଇଥିଲା । ଆଇଁଷ ଛାଡ଼ି ଦେଇଥିଲା, ଗାଧେଇସାରି ମଥାରେ ଚନ୍ଦନଟୋପା ଲଗାଉଥିଲା । ସଂଜସକାଳେ କିନ୍ତୁ ନିୟମିତ ଠାକୁରଙ୍କ ନାମ ନେଉଥିଲା । ମନକୁମନ ଯାହା ପ୍ରାର୍ଥନା ତା'ର ମନେପଡୁଥିଲା ଠାକୁର ପୂଜାବେଳେ ସେସବୁ ଗୁଣୁଗୁଣୋଉଥିଲା । କିଛି ତ ହେଲେ ଚୁପ୍‌ଚାପ୍ ଚାହିଁ ଆଖିରୁ ଲୁହ ଝରାଉଥିଲା ।

ବୟସ ହୋଇଯାଇଥିବାରୁ ସେ ଆଉ ମୂଲମଜୁରି ଲାଗିବାକୁ ଯାଉନଥିଲା । ତା' ସ୍ତ୍ରୀ କେବେ କେମିତି କାହାର ଚାଉଳ ପାଛୁଡା କି ଘର ଲିପାପୋଛା କରିବାକୁ ଯାଉଥିଲା । ଦି'ପୁଅ କେତେବେଳେ କିଛି ଝଗଡ଼ା ଲାଗୁଥିଲେ ବି ବାପକୁ ଭାରି ମାନୁଥିଲେ । ତାହାରି କଥା ରଖି ସେଯାଏଁ ଭିନ୍ନେ ହେଇନଥିଲେ ସେମାନେ । ଆଗରୁ ନିଇତି ଆଇଁଷ ନହେଲେ ଭାତଥାଳି ପାଖରେ ବସୁନଥିବା ଲୋକଟା ଘରେ କଚିମ କି କଙ୍କଡା ରାନ୍ଧିବାକୁ ସମ୍ପୂର୍ଣ୍ଣ ବାରଣ କରିଦେଇଥିଲା । ବଡ଼ପୁଅ ବାବୁର ଆଇଁଷିଣିଆ ପ୍ରକୃତି ଯୋଗୁଁ ଘର ବାହାର ପିଣ୍ଡାରେ କେବଳ ମାଛଶୁଖୁଆ ରାନ୍ଧିବାକୁ ଅନୁମତି ଦେଇଥିଲା । ବାପର ଏ ଅଲଗା ଢଙ୍ଗ ପୁଅ ଦିହିଁକି ଭଲ ଲାଗୁନଥିଲେ ବି କିଛି କହିପାରୁନଥିଲେ । ତା' ଦେଖାଦେଖି ଖଜର ସ୍ତ୍ରୀ ବି ଆଇଁଷ ଛାଡିଦେଇଥିଲା, ଛୁଆମାନେ ଖାଉଥିଲେ । ସାହିପଡ଼ିଶାର ଲୋକେ ଦେଖେଇ ଦେଖେଇ କହୁଥିଲେ - ଯା' ହେଉ, ଏତେଦିନେ ଚିତାଚଇତନ କାଟି ଖଜବୁଢ଼ା ବିରାଡ଼ିବୈଷ୍ଣବ ସାଜିଛି । କାହାରି କଥାକୁ ବୁଢା କାନ ଦେଉନଥିଲା ।

ଦିନେ ସକାଳୁ ସକାଳୁ ଖଜ ବିଷୟରେ ଗାଁରେ ଭାରି ଜୋର୍‌ରେ ଚର୍ଚ୍ଚା ହେଉଥିଲା । ଘଟଣାଟି ଘଟିଥିଲା ଆଗଦିନ ରାତି ଅଧରେ । ପ୍ରବଳ ବର୍ଷାରେ ଆକାଶଟି ଭାଙ୍ଗିପଡୁଥିଲା । ବିଜୁଳି ଘଡଘଡି ସାଙ୍ଗକୁ ବର୍ଷାର ଏ ତାଣ୍ଡବ ଚାଲିଥିଲା ସାରାରାତି । ନାହାକସାହି ଆଉ ବଳସାହିରେ ଲାଗଲାଗ ଦି'ଟା ଚଡ଼ଚଡ଼ି ମାରିଲା ଯେ ଚାହୁଁଚାହୁଁ ଜଳିଯାଇଥିଲା ଦୁଇଟା ତାଳଗଛ ପ୍ରବଳ ବର୍ଷାରେ ବି । ଚାରିଆଡ଼ ହାଲ୍ଲୋଳ ହେଇଯାଇଥିଲା । ସେଇଭଳି ଏକ ଘନଘୋର ରାତିରେ ପଖିଆଟିଏ ଘୋଡ଼େଇ ମିଂଜିମିଜିଂ ଜଳୁଥିବା ଟିଣ୍‌ଟିଣ୍ ଆଉ ବାଡ଼ିଖଣ୍ଡେ ଧରି ଘରର ସମସ୍ତଙ୍କ କଥାକୁ ଅଶୁଣାକରି ଗୋଡ଼ କାଢ଼ିଥିଲା ଘରୁ ଖଜବୁଢ଼ା । ପଦାକୁ ବାହାରିଲା ଯେ ପବନ ତୋଡ଼ରେ ଟିଣ୍‌ଟିଣ୍‌ଟି ଲିଭିଗଲା । ସେଇଟାକୁ ବୁଢୀ ହାତକୁ

ବଢ଼େଇଦେଇ ସେଇ ଅନ୍ଧାର ଭିତରେ ମିଶିଗଲା କାହାକୁ କିଛି ନ କହି । କଲାବେଳେ ଖାଲି ଏତିକି କହିଥିଲା - ଯାହା ସେଇ କାଳିଆର ଇଚ୍ଛା !

ମାଇଲିଏ ଦୂର ବ୍ରାହ୍ମଣ ଶାସନର ଲଖିଆ ମିଶ୍ର ଘର ଦୁଆର ମୁହଁରେ ପହଞ୍ଚିଲାବେଳକୁ ଗୋଟିପଣେ ବର୍ଷାରେ ଭିଜିଯାଇଥିଲା ବୁଢ଼ା । କବାଟ ଖୋଲି ଖଜବୁଢ଼ାକୁ ଦେଖି ଲଖିଆ ମା'ର ପିଣ୍ଡରେ ପ୍ରାଣ ପଶିଗଲା ଯେମିତି । କଥା କ'ଣ କି ସେଇ ବର୍ଷାରାତିରେ ଅସହ୍ୟ ଗର୍ଭଯନ୍ତ୍ରଣାରେ ପହିଲି ପୋଖତୀ ହେଇଥିବା ତା' ବୋହୂଟି କାଉଲୁବାଉଲୁ ହେଉଥିଲା ସଂଜପହରୁ । ଘରେ ପୁରୁଷପିଲା ବୋଲି କେହି ନାହାନ୍ତି, କାହାକୁ ଟିକେ ଖଜବୁଢ଼ା ପାଖକୁ ପଠେଇବା ପାଇଁ । ଗୋଟିଏ ବୋଲି ପୁଅ ଲକ୍ଷ୍ମଣ କଲିକତାର ଗୋଟେ ଚାହା କମ୍ପାନୀରେ । ରାତି ବଢିବା ସହିତ କଳସୀରୁ ଢାଳିଲାପରି ବର୍ଷାବି ଢାଳୁଥିଲା । ଏଣେ ବୋହୂର ଗର୍ଭକଷ୍ଟ ବଢ଼ି ଚାଲିଥିଲା । ଲଖିଆମା' ସାଇପଡ଼ିଶାର କାହା ଘରକୁ ବି ଯାଇପାରୁ ନଥିଲା । ବିକଳରେ ଠାକୁର ଘରେ ଥିବା ଜଗନ୍ନାଥଙ୍କ ଫଟୋ ପାଖରେ ହାତଯୋଡି ତାକୁ ଏ ବିପଦରୁ ଉଦ୍ଧାର କରନ୍ତୁ ବୋଲି ଡକାପାରି କାନ୍ଦୁଥାଏ ଖାଲି । ଏ ଛାତିଥରା ବଜ୍ରବିଜୁଳି ଓ ବର୍ଷାରାତିରେ ଆଉ କାହାକୁ ବା ସେ ଡାକିଥାନ୍ତା । କିଏ ବା ଏମିତି ରାତିରେ ଯାଇଥାନ୍ତା ଖଜବୁଢ଼ାକୁ ଡାକିବାକୁ । ହେଲେ ରାତିଅଧରେ କବାଟ ଖୋଲି ବୁଢ଼ାକୁ ଦେଖି ତାକୁ ଆଚମ୍ବିତ ଲାଗୁଥିଲା ଯେ ବୋହୂ ତା'ର ପୋଖତୀ ହେବା କଥା ବି ଜାଣିନଥିବା ଲୋକଟା ଏ ଘୋର ଦୁର୍ଦ୍ଦିନରେ ଆସି ତା' ଦୁଆରେ ପହଞ୍ଚିଲା କେମିତି !

ଲଖିଆ ମା'ର କୌଣସି ପ୍ରଶ୍ନର ଉତ୍ତର ନ ଦେଇ ଖଜ ପଖିଆଟାକୁ କବାଟ ପାଖରେ ଡେରିଦେଇ ଉପରକୁ ଚାହିଁ ଆଖିବୁଜି ହାତଯୋଡ଼ିଲା । ଆଉ ଅସାଡ଼ ହୋଇ ଆସୁଥିବା ଯନ୍ତ୍ରଣାକାତର ବୋହୂଟି ଥିବା ଏନ୍ତୁଡ଼ିଶାଳ ଆଡ଼କୁ ଲଖିଆମା' ସହିତ ଆଗେଇଗଲା । ଦେଖିଦେଇ ସେ ଜାଣିପାରିଲା, ପିଲାର ସ୍ଥିତି ଠିକ୍ ନାହିଁ, ପତଳା ଟୁକୁଟୁକୁ ସୁନାପାତିଆ ପରି ବୋହୂଟା ବି ଝାଉଁଳା ଫୁଲଟିଏ ପରି ପଡ଼ିଥିଲା । ତାକୁ ଏମିତି ଅବସ୍ଥାରେ ଦେଖି ବୁଢ଼ାର କୋରଡ଼ ଆଖିରୁ ବି ଲୁହ ଦି' ଟୋପା ଗଡ଼ିଆସିଲା । ଆଖି ପୋଛିଦେଇ ସେ ତା' କାମରେ ଲାଗିପଡିଲା । ବହୁତ ଚେଷ୍ଟାକରି ରାତି ପାହାପାହା ସେ ପ୍ରସୂତୀକୁ ଖଲାସ କରିପାରିଥିଲା । କୁଆଁକୁଆଁ ରାହାଛାଡି ଛୁଆଟା କାନ୍ଦିଲାବେଳକୁ ବର୍ଷା ପବନର ବେଗ ବି ଟିକେ କମିଆସିଥିଲା । ତେବେ ପୂରା ଛାଡ଼ିନଥିଲା । ଲଖିଆମା' ଖୁସିରେ ଗଦ୍‌ଗଦ୍ ହୋଇ ତାକୁ କ'ଣ ସବୁ କହୁଥିଲା, ସେସବୁକୁ ଅଜଣା କରି ବୁଢ଼ା ପଖିଆଟା ଉଠେଇ ପିଣ୍ଡା ତଳକୁ ପାଦ ବଢେଇଲା ।

ଘରେ ପହଞ୍ଚି ଧୂଆଧୋଇ ହୋଇ ଟିକେ ସାଷ୍ଟମ ହେଲା ପରେ ମୁହଁ ଖୋଲିଥିଲା ଖଜ । ତା' ସ୍ତ୍ରୀ ଓ ପୁଅ ବୋହୂମାନେ ବି ଘେରିବସିଥିଲେ ତାକୁ । ବୁଢ଼ା କହିଲା - ମୁଁ

ଶୁଇଥିନି ନିଘୋଡ ନିଦରେ, ଗାଲରେ କିଏ ଠାଏକରି ଚାପୁଡାଟେ ମାରିଦେଲା ଯେ ମୋ' ନିଦ ଭାଙ୍ଗିଗଲା । ଅନ୍ଧାରରେ ତ କିଛି ଦେଖାଯାଉ ନଥିଲା, ଏଣେ ବାହାରେ ଗଳଗଳ ବର୍ଷାର ଶବ୍ଦ । ତା'ରି ଭିତରେ ମୋତେ ଲାଗିଲା ମୁଣ୍ଡ ପାଖରେ କାଳିଆ ହେଇ କିଏ ଜଣେ ଠିଆହେଇ ମୋତେ କିଛି କହୁଚି । ଟିକେ କାନପାରିବାରୁ ଶୁଣିଲା - 'ଶାସନ ଲଖିଆ ମିଶ୍ରଘର ବୋହୂଟାର ଟାଇମ୍ ହେଇଗଲାଣି ବୋଲି ବଡ଼ ଡଳବିକଳ ହେଉଛି କଷ୍ଟରେ, ଆଉ ତୁ ଏଠି ଶୁଇଚୁ ଆରାମ୍‌ରେ ।'

ସତ କହୁଚି, ଆଗଥର ସପନରେ ଦେଖିଥିବା କୁଇଲି ବୈକୁଣ୍ଠର ସେଇ କାଳିଆ ବ୍ରାହ୍ମଣର ସ୍ୱର ପରି ଲାଗିଲା ମତେ । ମୋ' ଦିହ ତ କ'ଣ ହେଇଗଲା, ମୁଁ ଆଉ ଶୁଇମି କିସ, କିଛି ମୋତେ ଜଣା ପଡୁନଥିଲା, ବାଟରେ ଦି'ଦିଟା ତାଳଗଛ ଚଡ଼ଚଡ଼ିରେ ଜଳୁଥିବାର ଦେଖିଥିନି, ମତେ କାଇଁ ଟିକେ ବି ଡର ମାଡୁନଥିଲା । କେମିତି ସେଠି ପହଞ୍ଚିନି, କିମିତି କିସ ହେଲା, ମୁଁ କିଛି ଜାଣିପାରୁନି । ମୁଁ ତ ଜାଣିନଥିନି ଲଖିଆମା' ବୋହୂର ପୁଇତୀ ହବାକଥା ବି ।

ତା' କଥା ଶୁଣି ଘରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ବୋହୂ ଦି'ଜଣ ଚୁଲିମୁଣ୍ଡରେ ବସି କହୁଥିଲେ - ପୁରୀରୁ ଫେରିବା ପରଠୁଁ ବାପାଙ୍କ ମଥା ଆଉ କାମକରୁନି ବୋଧେ । ବାବୁ କହୁଥିଲା ବଙ୍କୁକୁ - ଆମ ବାପାଙ୍କୁ ଜଗାର ଡୋରି ଲାଗିଯାଇଚି । ସାହିପଡ଼ିଶାରେ ଯିଏ ଶୁଣିଲା ଏକଥା, କେହି ବିଶ୍ୱାସ କଲେନି । କହିଲେ, କିଏ ଆସି ଖବର ଦେଇଥିବନା । ନହେଲେ ବୁଢ଼ାକୁ ଦିଆସୀ ହେଲା ନା କ'ଣ ? ଖଜବୁଢ଼ା ଯାହା ସେଇ ଥରଟେ କହିଥିଲା, ଆଉ ଯେତେ ଯିଏ ପଚାରିଲେ ବି ପାଟି ନଫିଟେଇ ଖାଲି ହସି ଦେଉଥିଲା ଟିକେ । ତା'ର ଦିନେ ଆସିଥିଲା ଜେଜେଙ୍କ ପାଖକୁ । ଏଣୁତେଣୁ କଥା ହେଲାପରେ କେଜାଣି କାହିଁକି ଜେଜେଙ୍କୁ ମୁଣ୍ଡିଆଟେ ମାରି ଧୂଳିଟିକେ ନେଇ ମଥାରେ ମାରି ଘରକୁ ଯାଇଥିଲା । ଗଲାବେଳେ କହିକହି ଯାଉଥିଲା, ସବୁ ସେଇ କାଳିଆଠାକୁର ଆଉ ତୁମ ଦୟା ବୁଢ଼ାବାବୁ । ନହେଲେ ମୁଁ କିଏ ନା ସେ ନୀଳାଚଳ ଧାମ କିଏ ? ମୋ' ଚର୍ମଚକ୍ଷୁ ପବିତ୍ର ହୋଇଗଲା ତୁମରି ଯୋଗୁଁ । ଆଉ ମୋର କିଛି ଲୋଡ଼ା ନାହିଁ । ସେ ଚାଲିଗଲା । ସେ ଗଲାପରେ ତା' ଚଲାବାଟକୁ ପଛରୁ ଚାହିଁ ରହିଥିଲେ ଜେଜେ ।

ତା' ବିଷୟରେ ଏମିତି ନାନା ବିସ୍ମୟକର କଥାସବୁ ଶୁଣିବାକୁ ମିଳୁଥିଲା ମଝିରେ ମଝିରେ । ଯା ଭିତରେ ଦିନ ପରେ ଦିନ ଗଡ଼ି ଚାଲିଥାଏ । ସ୍ନାନପୂର୍ଣ୍ଣିମା ଦିନ ସକାଳୁ ସକାଳୁ ବାବୁଭାଇ ଆସି ଜେଜେଙ୍କୁ ଖୋଜିଲା । ମୁହଁ ତା'ର ଥମଥମ ଦିଶୁଥିଲା । ଜେଜେ ଆସିଲାପରେ କାନ୍ଦ କାନ୍ଦ ହେଇ କହିଲା, 'ମୋ ହେତୁ ହେଲା ଦିନଠୁ କେବେ ବା'କୁ ଦିହ ଖରାପହେବାର ଦେଖିନି, ଏହି ଦି'ଦିନ ହେଲା ଭାରି ଜର ତାକୁ, ଡାକ୍ତରଖାନାରୁ ପଚାରି ଯେତେ ଔଷଦ ଆଣି ଦେଲୁଣି କାହିଁରେ କିଛି କମୁନି । ଜରବାଉଳାରେ ଗୁଣୁଗୁଣୁ

ହେଇ ଖାଲି ସେଇ କାଳିଆଠାକୁରଙ୍କ କଥା କହୁଛି । କେତେ କୁଆଡ଼ର ଭଜନ ଗାଉଚି । ଆଖିଫିଟେଇ ଚାହୁଁନଥିଲା । ଆଜି ଏଇ ସକାଳୁ ଟିକେ ଭଲ ଲାଗୁନି କହି ବିଛଣାରୁ ଉଠି କେବେଠୁ କେଜାଣି ସାଇତି ରଖିଥିବା ଏଇ ଆଞ୍ଚୁଳେ ହେବ ଖୁଚୁରା ପଇସାକୁ ଗୋଟେ କନାରେ ବାନ୍ଧି ମୋ' ହାତରେ ଦେଇକି ତମ ପାଖକୁ ପଠେଇଲା । କେତେ ହେବ ମୁଁ ଜାଣିନି । କହିଛି, 'ବୁଢାବାବୁଙ୍କୁ ଦେଇ କହିବୁ - ଯେବେବି ପୁରୀ ଯିବେ, ଜଗାଠାକୁର ପାଖରେ ଭୋଗ ନଗେଇ ଦବ, ନହେଲେ ହୁଣ୍ଡିରେ ପକେଇଦବ ।' ଏତିକି କହି କନାପୁଟୁଳିଟି ଜେଜେଙ୍କ ପାଖରେ ଥୋଇଦେଇ ତରତର ପାହୁଣ୍ଡପକେଇ ଫେରିଗଲା ବାବୁ ।

ସେଇଦିନ ସଂଜବୁଡ଼େ ଖବର ଖେଳିଗଲା ଗାଁରେ - ଖଜବୁଢ଼ା ଚାଲିଗଲା । ସବୁରି ମୁହଁରେ ଥିଲା ସେଇ ଗୋଟିଏ କଥା । ହରିଜନ କୁଳରେ ଜନ୍ମ ନେଲେ କ'ଣ ହେବ, ବୁଢ଼ାର ପୁଣ୍ୟ ଥିଲା । ନହେଲେ ସ୍ନାନପୂର୍ଣ୍ଣିମା ଭଳି ଦିନରେ ତା' ଜୀବ ଯାଇଥା'ନ୍ତା ! ଦି'ଦିନ ହେଲା ଜରରେ କମ୍ପୁଥିବା ବୁଢ଼ା ସଂଜକୁ କମ୍ବଳଟେ ଘୋଡେଇ ହେଇ ପିଣ୍ଡାରେ ବସିଥିବାବେଳେ ବଡ଼ ବୋହୂକୁ ନାଲିଚା' ଟିକେ କରିବାକୁ କହି ବୁଢ଼ୀକି ଡାକି ଖଟୁଲିରେ ଥିବା ମାହାର୍ଦପୁଡ଼ିଆରୁ ଦି'ଟା ମାହାର୍ଦ ଆଣିବାକୁ କହିଲା । ବୁଢ଼ୀ ହାତରୁ ସେତକ ନେଇ ପାଣିଢୋକେ ପିଇଚି କି ନାହିଁ, ବୋହୂ ଚା' ଗ୍ଲାସ୍ ନେଇ ପହଞ୍ଚିଲା । ଆଉ ଠିକ୍ ସେତିକିବେଳେ ବୁଢ଼ା ଠକ୍‌କରି ଢୁଳେଇକି ପଡ଼ିଗଲା ପିଣ୍ଡାତଳକୁ । ସେଇ ପାଖରେ ଥିବା ପୁଅମାନେ ଧାଇଁ ଆସି ଟେକିଆଣିଲା ବେଳକୁ ବୁଢାର ନାଡ଼ି ଆଉ ଚାଲୁନି । ବାସ୍ !

ମୋ' ବୋଉ ପାଖରୁ ଏକଥା ଶୁଣି ଦାଣ୍ଡପିଣ୍ଡାରେ ଚଉକିରେ ବସିଥିବା ଜେଜେଙ୍କ ମୁହଁ କରୁଣ ଦିଶିଲା । ସେ ଲମ୍ବା ନିଃଶ୍ୱାସଟିଏ ପକେଇ କହିଲେ - ମୁଁ ସିନା ଫି ବର୍ଷ ଜଗା ପାଖକୁ ଯାଉଚି, ହେଲେ ଖଜବୁଢ଼ା ପରି ଭାଗ୍ୟ କାହିଁ ମୋର ! ରତ୍ନବେଦୀରେ ମୁଁ ଦେଖେଁ ଠାକୁରଙ୍କ ଗହଳି ଭିତରେ, ସିଏ କିନ୍ତୁ ନିରୋଳାରେ ଏକୁଟିଆ ଦେଖିଚି ତାଙ୍କୁ ରକ୍ତମାଂସର ଶରୀରରେ; କଥା ହେଉଛି ବି ତାଙ୍କ ସହ । ଆଉ କିଏ ମାନୁ କି ନ ମାନୁ, ମୁଁ ବୁଝିଗଲି ଆଜି ଏକଥା । କହିସାରି ବୋଉକୁ କହିଲେ - ମୋ ଧୋତିଜାମା ଟିକେ ସଫା କରିଦେବୁ କାଲି । ଶୀଘ୍ର ପୁରୀ ଯାଇ ସେ ଦେଇଥିବା ଅମାନତ ବଡ଼ ଠାକୁରଙ୍କଠାରେ ପଇଠ ନକଲେ ତା' ଆତ୍ମା ଶାନ୍ତି ପାଇବ ନାହିଁ । କହିସାରି ସନ୍ଧ୍ୟା ପ୍ରାର୍ଥନା କରିବାକୁ ଜେଜେ ଉଠିଗଲେ ଠାକୁରଘରକୁ । ସେଦିନ ସେ ଢ଼େର୍ ବେଳ ପରେ ସେ ଘରୁ ବାହାରକୁ ଆସିଲେ । ସେତେବେଳକୁ ତାଙ୍କୁ ମୁହଁରୁ ଉକୁଟି ଉଠୁଥିଲା ଗୋଟେ ଅଦ୍ଭୁତ ପ୍ରସନ୍ନତାର ଛାପ ।

***

କାଲୁଣୀ ମାଉସୀ



କୀର୍ତ୍ତନ ଦାଶ
ମାର୍କୋଣା, ବାଲେଶ୍ୱର
ମୋ: ୯୪୩୭୬୯୨୫୫୨

"ମୁଁ ଦି'ଶହ ଟଙ୍କା ଦେବା ବେଳକୁ କାଲୁଣୀ ମାଉସୀ ଆଂଜୁଳା ଦେଖାଇଲା ଛୁଇଁବନି ବୋଲି । ମୁଁ ତା' ହାତରେ ଟଙ୍କା ଗୁଂଜିଦେଇ ତା' ହାତକୁ ଚାପି ଦେଲି । କାଲୁଣୀ ମାଉସୀ ମୋ ମୁହଁକୁ ଚାହିଁଥାଏ । ତା'ଆଖିରେ ଲୁହ ଟଳମଳ ।"

ସାଆନ୍ତାଣୀ, ଏ ସାଆନ୍ତାଣୀ.....

ଖୁବ୍ ଉଚ୍ଚସ୍ୱରରେ ଡାକେ କାଲୁଣୀ ଗୋଖୁଣୀ । ଘରର ଭିତର ଖଞ୍ଜାରୁ ବୋଉ କହେ-କାହିଁକି ଥେଣ୍ଡି କାଲୁଣୀଟା ରାଉରାଉ ହେଉଛୁ ।

କାଲୁଣୀ ଡାକେ, ବୋଉ ଶୁଣେନା । କିଛି ସମୟ ପରେ ବୋଉ ଆସି ଦେଖେ କାଲୁଣୀ ଚିଙ୍ଗୁଡ଼ିରୁ ଚେପା ଛଡ଼େଇ କେଳେଇ ରଖୁଛି ।

ବୋଉ କହେ, କାହିଁକି ମାଛ ଆଣିଲୁ । କ'ଣ ହେବ ? ଆମର ପରା ରନ୍ଧା ବଢ଼ା ସରିଲାଣି । କାଲୁଣି କହେ, ଭାଜକି ରଖିଦେ । ସଜ ତଟକା ମାଛ କ'ଣ ଖରାପ ହୋଇଯାଉଛି । ବୋଉ ଉପର ମନରେ ମନା କରୁଥାଏ । ପୁଣି କହେ ହଉ, ଆଣିଲୁଣିତ ଆଉ କ'ଣ କରିବା କିନ୍ତୁ ଆଜି ପଇସା ନାହିଁ । କାଲୁଣୀ କହେ ମୁଁ କ'ଣ ପଇସା ମାଗୁଛି, ଚାଉଳ ଦଉନୁ । ବୋଉ ତା'କୁ ବିଡିବା ପାଇଁ କହେ, ଧାନ କୁଟା ହେବାକୁ ହଲର୍‌କୁ ଯାଇଛି । ଘରେ ଚାଉଳ ନାହିଁ । ଧାନ ଦଉନୁ, ବୋଉ ପୁଣି ବାହାନା କରି କହେ- ଧାନ ଅମାରରୁ ବାହାରିନାହିଁ, ବାର ନାହିଁ ବୋଲି । ସବୁ ଶୁଣିସାରି କାଲୁଣୀ କହେ, ହଉ ! ତମ ପାଖରେ କ'ଣ ପଇସା ବୁଡିଯାଉଛି । ଭୋକରେ ମୋ ହଂସା ଉଡିଲାଣି । ପଖାଳ ଗଣ୍ଡେ ଦେ ।

ବୋଉ ଘରକୁ ଯାଏ, ବେଲାଏ ପଖାଳ, ଅଧଚାଟିଏ (ଦେଶୀ) ପିଆଜ, ତେନ୍ତୁଳି ଖଟା ଆଉ ଯାହା ଘରେ ଭଜା କି ତରକାରୀ ହେଇଥାଏ କାଲୁଣୀକୁ ଦିଏ । କାଲୁଣୀ ଖାଉଁ ଖାଉଁ ଗପେ । ବୋଉ କ'ଣ ପଦେ ଅଧେ କହିଲେ ତା'କୁ ଭଲକରି ଶୁଭେନି କିନ୍ତୁ ସେ ତା'ର କହିଚାଲିଥାଏ ଢିଙ୍କିଶାଳରୁ ଢେଙ୍କାନାଳଯାଏ କେତେ କଥା । ଦୁଃଖ ସୁଖ, ଚାଷବାସ, ଘରକଥା, ପୁଅଘଇତା କଥା । ତା' ଭିତରେ ପୁଣି ପଚାରିଦିଏ-ସାଆନ୍ତାଣୀ, ତେନ୍ତୁଳି ଗୁଳାଏ ଦେଉନ । ତମେ ତ ଜାଣିଛ, ଆମର ତ ଭେଡା ରାଇଜ, ଖଟା ମିଳେନି । କଇଁଆ ଗଛତ ନାହିଁ ଖଟା କୁଆଡୁ ଆସିବ । ଖାଇ ସାରି କାଲୁଣୀ ବାସନ ଧୋଇ ଅଇଁଠା ମାରିଦିଏ । ଘଡିଏ ବସେ । ବୋଉ ତାକୁ ତେନ୍ତୁଳି ଖଟା ଗୁଳାଏ, ଆମ୍ବୁଳ ମେଞ୍ଚେ ଦିଏ । ସେଇଥିରେ ତା'ର ବେଶ୍ ଖୁସି । ବୋଉକୁ ତାରିଫ୍ କରି କହେ- ତମ ପଖାଳର ବାସ୍ନା ଅଲଗା । ହଉ, ସାଆନ୍ତାଣୀ, ତମ ବାଡିରେ ପରା କଇଥ ଗଛ ଅଛି । କଇଥ ଦି'ଟା ଦଉନ । ନାତୁଣୀ ଖାଇବ । କଇଥ, ଖଟା, ଆମ୍ବୁଳ ନେଇ କାଲୁଣୀ ମୋତେ ଖୋଜେ । ପଚାରେ ପୁଅ ନାହିଁକି ?

ମୋତେ ବୋଉ ଡାକେ । ମୁଁ ଆସିଲେ ମୋତେ ଦେଖି ଭାରି ଖୁସି ହୁଏ କାଲୁଣୀ । ଆଶୀର୍ବାଦ ଦିଏ । କହେ, କଉ ମାଛ ପାଇଲେ ତୋ ପାଇଁ ଆଣିବି ।

କାଲୁଣୀ ଗଲା ପରେ ମୁଁ ବୋଉକୁ ପଚାରେ - କାଲୁଣୀ ମୋତେ ଦେଖିଲେ କାହିଁକି କଉ ମାଛ କଥା କହେ ?

ବୋଉ ମୋତେ ଆକଟ କରି କହେ- ଛି, ସେମିତି କ'ଣ କହନ୍ତି । କାଲୁଣୀ ମାଉସୀ ବୋଲି କହିବୁ । ଆମେ ସିନା ସମବୟସୀ ବୋଲି ଥଟ୍ଟା ମଜା ହେଉଛୁ । ତୋ ଠୁଁ ସେ କେତେ ବଡ, ମା' ସମାନ ।

ହେଲା ଯେ, କାଲୁଣୀ ମାଉସୀ ମୋତେ ଦେଖିଲେ କାହିଁକି କଉ ମାଛ କଥା କହେ ? ତୁ ସେତେବେଳେ ମାଇନର ସ୍କୁଲରେ ପଢୁଥିଲୁ । ତୋତେ ଟାଇଫଏଡ୍ ହୋଇଥିଲା । ମାସେ କାଳ ରୋଗରେ ପଡିଲୁ । ତୋର ତ ହୋସ୍ ନଥାଏ । ମୁଁ ନନା, ମାନେ ତୋ ବଡ ମାମୁଁଙ୍କୁ ଖବର ପଠେଇଲି । ସେ ତ ହୋମିଓପାଥ୍ ଡାକ୍ତର ନା । ତାଙ୍କରି ଔଷଧରେ ତୁ ଭଲ ହେଲୁ । ତା' ପରେ ନନା କହିଲେ-ରୁକ, କଉ ମାଛ ମିଳିବ ? ମାସେ ଯାଏ ପ୍ରତିଦିନ ଗୋଟେ କଉମାଛ ଝୋଳ କରି ଖାଇବାକୁ ଦେବୁ । ମୁଁ କାଲୁଣୀ ମାଉସୀକି କହିଲି । ସେ କହିଲା- ଏଇ କଥା, ମୁଁ ଯେଉଁଠୁ ହେଲେ ଆଣି ଦେବି । ମାସେକାଳ ସେ କଉମାଛ ଆଣେ ତୋ ପାଇଁ । ଥରେ ତା' ଦେହ ଭଲ ନଥିଲା । ତା'କୁ ଜ୍ୱର ହୋଇଥିଲା, ସେଇଥିରେ ମଧ୍ୟ ସେ ତୋ ପାଇଁ ଗୋଟେ କଉ ମାଛ ଧରି ମେଳକସାହିରୁ ଅଣ୍ଡରାଇ ପାଞ୍ଚମାଇଲ ବାଟ ଚାଲି ଚାଲି ଆସିଥିଲା । ସେଇଥିପାଇଁ ତୋ ଉପରେ ତା'ର ଭାରି ଆଖି । ତୋତେ ଦେଖିଲେ କଉ ମାଛ କଥା ପଚାରେ ।

ସେବେଠୁଁ କାଲୁଣୀ ମାଉସୀ ଯେବେ ଆସେ ବୋଉକୁ ଡାକେ । ମୁଁ ଘରେ ଥିଲେ ବୋଉକୁ ଯାଇ ଖବର ଦିଏ କାଲୁଣୀ ମାଉସୀ ଆସିଛି ବୋଲି ।

ସେଇ କାଲୁଣୀ ମାଉସୀ ।

୧୯୭୧ ମସିହାର ମହାବାତ୍ୟା । ମହାବାତ୍ୟାର ତିନିଦିନ ପରେ କାଲୁଣୀ ମାଉସୀ ଆସିଲା । ନଥ୍ କରି ବସିପଡିଲା ଦାଣ୍ଡ ପିଣ୍ଡାରେ । କିଛି ସମୟ ପରେ ବୋଉ ଦାଣ୍ଡ ପଟକୁ ଆସି ଦେଖିଲା କାଲୁଣୀ ବସିଛି । ବୋଉକୁ ଦେଖିଲା ମାତ୍ରେ ଭୋ ଭୋ କାନ୍ଦି ଉଠିଲା କାଲୁଣୀ ମାଉସୀ । ଧାର ଧାର ଲୁହ ଟପ୍ ଟପ୍ ଖସି ପଡୁଥିଲା ତା' ଆଖିରୁ । କାନ୍ଦ ଶୁଣି ମୁଁ ଦାଣ୍ଡ ପଟକୁ ଆସିଲି ଘଟଣା କ'ଣ ଜାଣିବା ପାଇଁ ।

ସେ ଦିନ ଏକ ଅଦ୍ଭୁତ ଦୃଶ୍ୟ ଦେଖିଲି । କାଲୁଣୀ ମାଉସୀ ଆଖିରୁ ଲୁହ ପୋଛିଦେଉଥିଲା ବୋଉ । ବ୍ରାହ୍ମଣ ଘରର ବୋହୂ ବୋଲି କାଲୁଣୀ ଗୋଖଣୀର ଛାଇ ମାଡୁନଥିବା ବୋଉ ତା' ନିଜ ଲୁଗା କାନିରେ ଲୁହ ପୋଛିଦେଉଥିଲା ।

କାଲୁଣୀ ମାଉସୀ କାନ୍ଦି କାନ୍ଦି କହୁଥିଲା- ସାଆନ୍ତାଣୀ ତିନିଦିନ ହେଲା ଛୁଆଙ୍କ ପେଟକୁ ଭାତ ଦାନାଟିଏ ଯାଇନି । ରାସ୍ତା କଡରେ ପଡିଛୁ । ଲୁଗା ବେଢେଇ ରହୁଛୁ । ଗୋପାଳ ତେଲି ଘରକୁ ଯାଇଥିଲି । ସିଧା ସିଧା ମନା କରିଦେଲା । ବନ୍ଧା ନରଖି ଚାଉଳ କି ପଇସା କିଛି ଦେଇ ପାରିବନି । ସାଆନ୍ତାଣୀ, ମନା କରିବୁନି ଚାଉଳ ଦି'ସେର ଦେବୁ । ମୁଁ ମାଛ ଦେଇ ଶୁଝିଦେବି । ଦବୁନା ? ଅବିଶ୍ୱାସ ଦୃଷ୍ଟିରେ ବୋଉକୁ ଚାହିଁଥିଲା କାଲୁଣୀ ମାଉସୀ ।

ହଉ, ହଉ କହି ବୋଉ ଚାଲିଗଲା ଘର ଭିତରକୁ । ବେଳେ ପଖାଳ ବାଢିଦେଲା । ପଖାଳ ବେଳାକୁ ଚାହିଁ ରହିଥାଏ କାଲୁଣୀ ମାଉସୀ । ହଁ ଲୋ କାଲୁଣୀ, ଚାଉଳ ଦେବି । ତୁ ଆଗେ ପଖାଳ ଗଣ୍ଡେ ଖାଇଦେ । କାଲୁଣୀ ଖାଉଥାଏ, କାନ୍ଦୁଥାଏ । ବୋଉ ମୋତେ ଘର ଭିତରକୁ ଡାକିଲା । ଗୋଟେ ଟୋକେଇରେ ଗ'ଣ୍ଡ ଟୋକେଇଏ ଚାଉଳ ମୋତେ ଦେଇ କହିଲା- ନେଇଯା' କାଲୁଣୀ ମାଉସୀକୁ ଦେବୁ ।

ମୋତେ କୋଟି ପରମାୟୁର ଆଶୀର୍ବାଦ ଦେଇ ବୋଉକୁ କହିଲା- ତମ ଋଣ ମୁଁ ଜୀବନରେ ସୁଝି ପାରିବିନି ।

ଏ ଘଟଣାର ପ୍ରାୟ ସାତ ବର୍ଷ ପରେ ।

ମୋର ପାଠ ପଢା ପରେ ମୁଁ ଚାକିରି କଲିଣି । ଦୁର୍ଗାପୂଜା ଛୁଟିରେ ଘରେଥାଏ । ଦାଣ୍ଡ ପଟୁ ଶୁଭିଲା- ସାଆନ୍ତାଣୀ..... । ମୁଁ ଘରୁ ବାହାରି ଆସିଲି । ମୋ ପଛେ ପଛେ ବୋଉ । ମୋତେ ଦେଖି କାଲୁଣୀ ମାଉସୀ କହିଲା- ଯା' ହେଉ ମୋ ପୁଅକୁ ଦେଖିଲି । ବହୁତ ଦିନ ହେଲା ତୋତେ ଦେଖି ନଥିଲିରେ ବାପା । ଭଲ ହେଲା । କଉ ମାଛ ଆଣିଛି ।

ବୋଉ ପଚାରିଲା କାହିଁ ଆଉ ତୋର ତ ଦେଖା ନାହିଁ ।

କାଲୁଣୀ ମାଉସୀ କହିଲା- ନାଇଁ ସାଆନ୍ତାଣୀ ମୁଁ ଆଉ ଆସୁନାହିଁ । ଦି'ପୁଅ ବେପାର କଲେଣି । ବଅସ ବି ହେଇଗଲାଣି । ଆଉ ଗାଁ ଗଣ୍ଡା ଯାଇ ପାରୁନି । ପୁଅମାନେ ବି ମନା କରୁଛନ୍ତି । ଆଜି ବହୁତ ଜିଗର କରି ଆସିଲି । ଆଣ ଦଣ୍ଡିରିଟା ଆଣ ।

-କି ମାଛ ଲୋ ?

ଏଇ ଡାଟରା ଚିଙ୍ଗୁଡି ଆଉ ମୋ ପୁଅ ପାଇଁ କଉ ମାଛ । ବୋଉ ଦଣ୍ଡିରିଟା ଆଣିଲା । ପୁଣି କାଲୁଣୀ ମାଉସୀ କହିଲା- ନାଇଁ ସାଆନ୍ତାଣୀ ବେଲାଟା ଆଣ- ମୁଁ ମାଛ ଦି'ଟା କେଳେଇ ଦେଇଯିବି ।

ବୋଉ ପଚାରିଲା- ଆଲୋ ପଖାଳ ଖାଉଛୁନା । କାଲୁଣୀ ମାଉସୀ କହିଲା ହଁ, ଖାଇବିଯେ ଅଗେ ମାଛ ଦି'ଟା କେଳେଇ ଦେଇସାରେ ।

ପଖାଳ ଖାଇ କାଲୁଣୀ ମାଉସୀ ଯିବାକୁ ବାହାରିଲା । ବୋଉ ପଚାରିଲା କେତେ ମାଛ ଲୋ, କେତେ ପଇସା ? କେଲୁଣୀ ମାଉସୀ କହିଲା ପଇସା ଥାଉ, ମୁଁ କ'ଣ ଆଉ ବେପାର କରୁଛି ଯେ ମାଛ ଓଜନ କରି ଆଣିଛି ।

ବୋଉ ମୋତେ ଆଖି ଠାରିଦେଲା । ମୁଁ ଦି'ଶହ ଟଙ୍କା ଦେବା ବେଳକୁ କାଲୁଣୀ ମାଉସୀ ଆଂଜୁଳା ଦେଖାଇଲା ଛୁଇଁବନି ବୋଲି । ମୁଁ ତା' ହାତରେ ଟଙ୍କା ଗୁଂଜିଦେଇ ତା' ହାତକୁ ଚାପି ଦେଲି । କାଲୁଣୀ ମାଉସୀ ମୋ ମୁହଁକୁ ଚାହିଁଥାଏ । ତା'ଆଖିରେ ଲୁହ ଟଳମଳ ।

***

ସନାଇ



ବାସୁଦେବ ବାରିକ୍
ପ୍ରଗତିମାର୍ଗ, ପ୍ରାଚୀନଗର, ଭଦ୍ରକ
ମୋ - ୯୪୩୭୧୪୭୮୧୮

"ପ୍ରେମୀ ପାଗଳ ସନାଇକୁ ଚାହିଁ ରହିଲି ପରିତୃପ୍ତ ନୟନରେ । ସତରେ କବି ମନ କେବେ ଥକ୍‌କା ଯାଏ ନାହିଁ । ସେ ଜୀବନ୍ତ ଓ ଅକ୍ଷୟ । ସନାଇର ପ୍ରେମ ଅମର ହେଇ ରହିବ, କେବେ ଆଉ ପ୍ରେମିକା ସହ ସାକ୍ଷାତ ନ ହେଲେ ବି ।"

ଶୀତୁଆ ସକାଳେ ସାଳନ୍ଦୀ କୂଳ ସମତଳ ଜାଗାରେ ସନାଇ ସହ ଆମେ ବସୁ ଦୀର୍ଘ ସମୟ । ହାତରେ ବହିପତ୍ର ଓ ଖାତା କଲମ । ତା' ନିର୍ଦ୍ଦେଶରେ ଜଣେ ପଢ଼ିବ ଇଂରାଜୀ ବା ଓଡ଼ିଆ କବିତାଟିଏ ପାଠ ବହିରୁ । ସମସ୍ତେ କରିବେ ସମୀକ୍ଷା ନିଜ ଇଚ୍ଛା ଅନୁଯାୟୀ । ସବା ଶେଷରେ ସନାଇର ପାଳି । ସମସ୍ତଙ୍କ ଠାରୁ ସେ ବୟସରେ ବଡ଼, ଏକା କ୍ଲାସରେ ପଢ଼ିଲେ ବି । ଜଣେ ଅନୁଭବୀ ବିଜ୍ଞ ଛାତ୍ର । ଆଜି ଅଛି ଇଂରାଜୀ କବିତା । ସମୀକ୍ଷା ନ କରି ସନାଇ ଆରମ୍ଭ କଲେ, ଏହା ଏକ କବିତା ଇଂରାଜୀ ଭାଷାରେ ।

ଆଉ କ'ଣ ଗପ ହେଇଥାନ୍ତା ? ଶ୍ୟାମ କହେ ।

ବୃନ୍ଦାବନ କହେ, ସମୀକ୍ଷା କରି ପାରିବ ନାହିଁ ବୋଧେ, ସେଇଥିପାଇଁ ବାଆଁରଉଚି । ଏଥିରେ ରାଗିଉଠେ ସନାଇ, ଶଃ.... ତମେ ସବୁ ସିଆଣିଆ ହେଇଚ । ଆଚ୍ଛା କୁହତ, କବିତା ମାନେ କ'ଣ ?

ସମୀକ୍ଷା ନକରି ଇଏ କି ପ୍ରଶ୍ନ । ସନାଇ, କହୁନ, ତମେ କିଛି କହିପାରିବ ନାହିଁ ବୋଲି । ଶ୍ୟାମର କଟାକ୍ଷ ।

ହଉ ଶୁଣ । ସନାଇ ଆରମ୍ଭ କରେ, କବିତା ସମୀକ୍ଷା ସଂକ୍ଷିପ୍ତ ହେବା ଉଚିତ । ଏପରିକି କବିର ନାଁକୁ ଗୋଟିଏ ବାକ୍ୟ କରିବ ।

ଯଥା ? ଶ୍ୟାମ ପ୍ରଶ୍ନ କରେ । ସନାଇ କହେ, ଏଠି କବି ହେଲେ ମାଥ୍ୟୁ ଆର୍‌ନୋଲଡ୍ । ଆମେ ମାଥ୍ୟୁ ଆର୍‌ନୋଲଡ଼ ପରେ ଫୁଲଷ୍ଟପ୍ ଦବା । ମାନେ ଏହା ଏକ ବାକ୍ୟ ବୋଲି କୁହାଯିବ ? ପ୍ରଶ୍ନ କରେ ବୃନ୍ଦାବନ । ଶ୍ୟାମ କହେ, ତମକୁ ବାକ୍ୟ ସଂଜ୍ଞା ବି ଜଣାନାଇଁ ?

ଏହାପରେ ରାଗି ଉଠେ ସନାଇ, ବହିପତ୍ର ଥୋଇ ଠିଆହୁଏ । କ'ଣ କହିଲ ବେ ଶଃ.....ମୋତେ ଜଣାନାଇଁ, ତମେ ଗୁଡ଼ା ଭୂସ୍ ପଣ୍ଡିତ ?

ଉଭୟ କହନ୍ତି, ସତ କଥା ତ । ଏଥିରେ ରାଗୁଚ କାହିଁକି ? କ୍ଲାସରେ କେଉଁ ମନଯୋଗୀ ହେଇ ବସ, ମନ କୁଆଡ଼େ ଥାଏ ଯେ !

ଭାଉଜ ଆଡ଼େ, ମୁଁ କହେ । ମନେ ମନେ ପ୍ରେମିକ । ସେ ଏ ବିଷୟରେ କିଛି ଜାଣିନାଇ, ବାବୁ ଆମର ପ୍ରେମ କରୁଛନ୍ତି ।

ତୁ କିମିତି ଜାଣିଲୁ ବେ ? ସନାଇ ରାଗିଉଠି କହେ । ମୁଁ କହେ, ତମର ମନେନାହିଁ ଆମେ ଦିହେଁ କଲେଜ ଯାଉଥିଲେ । ଆମ ଆଗରେ କଲେଜ ଝିଅଟି ଚାଲିଥାଏ । ତମେ ମୋତେ ଚୁପି ଚୁପି କହିଲ, ଇଏ ତୋ ଭାଉଜ । ଆମ ଗାଁର, ଦୁଇବର୍ଷ ତଳ ବେଚର ଛାତ୍ରୀ, ସୁନ୍ଦର କି ନୁହେଁ ! ସତରେ ଝିଅଟି ସୁନ୍ଦର ଥିଲା । ମୁଁ କହିଲି ସେ କିପରି ଆମ ଭାଉଜ ହେଲା ? ତମେ କହିଲ, ମୁଁ ତାକୁ ଭଲ ପାଇଚିରେ । ମୁଁ ପ୍ରଶ୍ନ କଲି, ସେ ଏକଥା ଜାଣେ ? ତମେ କହିଲ, ଜାଣିବା ଦରକାର ନାହିଁ । ମୁଁ ତାକୁ ଭଲ ପାଉଛି ଅର୍ଥ ସେ ମୋତେ ନିଶ୍ଚୟ ପସନ୍ଦ କରିବ ।

ମୁଁ ଥଟ୍ଟା କରି କହିଲି, ଦିଆସି ମାଙ୍କଡ଼ ।

ସେଇଦିନ ଠୁଁ ସେ ଝିଅ ଆମ ଆଗ ଦେଇ ଗଲେ, ଆମ ଭିତରୁ କେହି ଜଣେ ରଡ଼ିବ– ସନାଇ, ଭାଉଜ ! ତମର ରାଗ କାହିଁରେ କ'ଣ । ମିଛ କହିଲି ସନାଇ ?

ସନାଇର କ୍ରୋଧ ଦ୍ୱିଗୁଣିତ ହେଇଗଲା । ଥରିଲା । ଆଗକୁ ମାଡ଼ିଯାଇ ଓହଳି ଥିବା ଆମ୍ବଡ଼ାଳ ଭାଙ୍ଗି ଆମ ଆଡ଼େ ଦୌଡ଼ିଲା, ପିଟିବ,ରାଗ ମେଣ୍ଟେଇବ । ହେଲେ ସେ ଥିଲା ସାମାନ୍ୟ ପୃଥୁଳ, ଧୋତି କମିଜ ପିନ୍ଧା, ଆମ ପେଣ୍ଟ ପିନ୍ଧା ଟୋକାଙ୍କୁ କିମିତି ଧରିପାରିବ ? ତଥାପି ଆମ ଆଡ଼କୁ ଆଗଉଥିଲା । ଆମେ ନଈପଠା ଡ଼େଇଁ ପାଖ ଧାନକ୍ଷେତ ଆଡ଼େ ଦୌଡ଼ିଲୁ । କ୍ଷେତ ହିଡ଼ରେ ରୀତିମତ କସରତ । ଶ୍ୟାମର ଦୁଷ୍ଟାମୀ ବଢିଗଲା । ସେ କୌଶଳ କରି ସନାଇ ଦେହରୁ ଧୋତି କାଢିନେଲା । ସେ ସେତେବେଳେ କ୍ଲାନ୍ତହେଇ ଠିଆ ହେଇଥିଲା ଓସାରିଆ ହିଡ଼ରେ । ସଂପୂର୍ଣ୍ଣ ନିମ୍ନଭାଗ ଅନାବୃତ୍ତ । ଚିତ୍କାର କରି ସନାଇ ତଳେ ବସିପଡ଼ିଲା ।

ପରେ ପ୍ରଫୁଲ୍ଲ ଠାରୁ ଧୋତି ପାଇ ପିନ୍ଧିଲା ସନାଇ ଏବଂ କାହାକୁ କିଛି ନକହି ସିଧା ବସାକୁ ଫେରି ଗଲା । ସତରେ ଏପରି ଜୋକ୍ ପାଇଁ ଆମେ ଲଜ୍ଜିତ ହେଇ ଫେରିଲୁ ବହିପତ୍ର ଧରି ।

ସେଦିନ ମଧ୍ୟାହ୍ନ ଭୋଜନ ପାଇଁ ଆମେ ତିନିହେଁ ମାଉସୀର ମେସ୍‌କୁ ଗଲୁନାହିଁ । କାରଣ ଆମର ଆଶଙ୍କା ଥିଲା ଏକଥା ମାଉସୀ କାନକୁ ଯାଇଥିବ । ପ୍ରଫୁଲ୍ଲ ଠାରୁ ସେ ଆଦାୟ କରିଥିବ । ମାଉସୀ ଥିଲା ବୟସ୍କ ଓ ସନାଇକୁ ପୁଅଠୁଁ ଅଧିକ ଭଲ ପାଉଥିଲା । ତା'ପାଇଁ ଅଳ୍ପ ହଉ ପଛେ, ନୂଆ ଜିନିଷଟିଏ ତିଆରି କରିଦବ । ଅଥଚ ଆମେ ମାସ ଶେଷରେ ସମାନ ପଇସା ଗଣୁଥିଲୁ ।

ରାତି ୮ଟା ହବ, ମୁଁ, ଶ୍ୟାମ ଓ ବୃନ୍ଦାବନ ତିନିହେଁ ମେସକୁ ଖାଇବା ପାଇଁ ଗଲୁ । ଦେଖିଲୁ ଦୁଆରେ ବସିଛି ମାଉସୀ, ହାତରେ ମୋଟା ଡ଼ାଙ୍ଗ । ଶ୍ୟାମ ପାଖେଇ ଯାଇ କହିଲା, ବିଲେଇ ମାଛ ଖାଇଦେଲା କି, ତାକୁ ଜଗିବୁ ମାଉସୀ ? ଏତିକି କଥାରେ ମାଉସୀ ଶ୍ୟାମକୁ ପାହାରେ ଦେଲା ଏବଂ 'ବୋଉଲୋ, ମରିଗଲି ଲୋ' କହି ଶ୍ୟାମ ଡ଼ିଆଁମାରିଲା । ଟିକିଏ ଦୂରରେ ଥାଇ କହିଲା, ମୋତେ କାହିଁକି ପିଟିଲୁ ? ମାଉସୀ କହିଲା, ତୁ ଆଜି ସନାକୁ ଏମିତି କାହିଁକି କଲୁ ? ଶ୍ୟାମ ଆମ ଆଡ଼େ ଚାହିଁ କହିଲା, ଇଏ ଦି' ଜଣ ବି ଥିଲେ । ମାଉସୀ ରାଗି ଯାଇ କହିଲା, ସମସ୍ତଙ୍କୁ ସାବାଡ଼ କରିବି ।

ବୃନ୍ଦାବନ କହିଲା, ସନାଇ ଆମକୁ ଗାଳିକରିଚି । ପ୍ରତିବାଦ କରି ମାଉସୀ କହିଲା, ମିଛ କଥା, ମୋ ପୁଅ କେବେ ଏହା କରିବ ନାହିଁ । ମୋତେ ଚାହିଁ କହିଲା, ସନା ତମମାନଙ୍କୁ ଗାଳି କରିଚି ? ମୁଁ କିଛି ନକହି ଚୁପ୍ ରହିଲି । ମାଉସୀ କହିଲେ, ମୁଁ ଜାଣେ ପରା, ତୁ ମଉନ ମୁହାଁ, ସବୁ ଜାଣିଥିବୁ, କିଛି କହିବୁ ନାହିଁ । ହଉ, ଖାଇବ ଚାଲ ।

ଭିତରକୁ ଯାଇ ଦେଖିଲୁ ସନାଇ ବସି ଖାଉଛି । ତା' ପାଖରେ ପ୍ରଫୁଲ୍ଲ । ସନାଇ ଆମକୁ ଦେଖି କିଛି କହିଲା ନାହିଁ । ମାଉସୀ ଆମକୁ ଖାଇବାକୁ ଦେଲା । ସମସ୍ତେ ଖାଇସାରି ସନାଇ ବସିଥିବା ଜାଗାରେ ବସିଲୁ, ମାଉସୀର ନିର୍ଦ୍ଦେଶରେ ।

ମାଉସୀ ମଝିରେ ବସି କହିଲା, ମୋ ପୁଅ ସନା ସମସ୍ତଙ୍କ ଠୁଁ ବଡ଼, ତାକୁ କେହି କିଛି କହିବ ନାହିଁ । ଆଜି ଯଉ କାମ କଲ, ସମସ୍ତେ ଭୁଲ୍ ମାଗ । ଆମେ ସମସ୍ତେ ଭୁଲ୍ ମାଗିଲୁ । ମୁହଁ ମୋଡ଼ି ସନାଇ କହିଲା, ଗୋଇଠା ମାରି ବିଷ୍ଣୁ । ତେବେ ସ୍ଥିର ହେଲା ପୂର୍ବ ପରି ଛୁଟି ଦିନରେ ସାଳନ୍ଦୀ କୂଳରେ ବସି ଆଲୋଚନା ହେବ । ସନାଇ ସାଙ୍ଗରେ ଲାଗିବୁ ନାହିଁ ।

ଓଡ଼ିଆ କବିତାର ନାଁ ଥିଲା 'ବିରହୀ ମନର ବ୍ୟଥା' । ସନାଇ ବୁଝାଇଲା । ଶ୍ୟାମ କହିଲା, ବିରହ, ବିରହୀ, ମନବ୍ୟଥା ବିଷୟରେ ଟିକିଏ ବୁଝେଇ ଦିଅ । ଏଥର ସନାଇ ଉଦାହରଣ ସହ ବୁଝେଇଲା ।

ବୃନ୍ଦାବନ କହିଲା, କିଏ ବେଶୀ ବିରହୀ, ନାରୀ ନା ପୁରୁଷ ?

ମୁଁ କହିଲି, ଉଭୟ । ବିରହକୁ ତଉଲିବା ସମ୍ଭବ ନୁହେଁ, ସେମାନେ ପରସ୍ପରର ଅନ୍ତରଙ୍ଗ

ହେଇଯାନ୍ତି ଅଜାଣତରେ, କେତେଦୂରେ ଜହ୍ନ, କେତେ ଦୂରେ କୁମୁଦିନୀ ..... ସେ ତାହାର ।

ଠିକ୍ କହିଲୁ, ସନାଇ ମୋ କଥାକୁ ସମର୍ଥନ କଲା ସାମାନ୍ୟ ହସି ।

ହଠାତ୍ ପ୍ରଶ୍ନ କଲା ଶ୍ୟାମ, ଯେଉଁ ଲୋକ ମନେ ମନେ ଜଣେ ଝିଅକୁ ଭଲପାଏ, ତା' ଅଜାଣତରେ । ସେ କ'ଣ ଜଣେ ବିରହୀ ?

ସନାଇ ନିଜ ସମୀକ୍ଷା ପର୍ବ ବନ୍ଦ କରି ଶ୍ୟାମକୁ କଟମଟ କରି ଚାହିଁଲା । ବୃନ୍ଦାବନ କହିଲା, ଶାନ୍ତି ଭାଉଜ କଥା ସେ କହିନାହିଁ ।

ସନାଇ ଆହୁରି ରାଗି ଯାଇ କହିଲା, ତୁ ଶଃ..ଅସଲ ବଦମାସ, ନିଆଁ ଲଗଉଚୁ ।

କଥାଟା ଖରାପ ଦିଗକୁ ଗତି କରୁଥିଲା । ମୁଁ କହିଲି, ସନାଇ,ଆଜି ପଢ଼ା ଏତିକି ଥାଉ,ଚାଲ ଛକରେ ବରା ଘୁଗୁନି ଖାଇବା, ପ୍ରଫୁଲ ପଇସା ଦବ ।

ସନାଇ କହିଲା, ତୁ କାଇଁକି ପଇସା ଦବୁନି ? ଶ୍ୟାମ ହସ୍ତକ୍ଷେପ କରି କହିଲା, ପଇସା ଦବା ଦର୍କାର ନାହିଁ । ଯିଏ ବଡ଼, ତା'ନାଁରେ ବାକି ଚଢେଇଦବା । ଶଃ .... ସନାଇର ଏତିକିରେ ଶ୍ୟାମ ଦୌଡ଼ିଲା ।

ସେଦିନ ଆମେ ଆଗପଛ ହେଇ କଲେଜକୁ ଯାଉଥିଲୁ ରାସ୍ତାରେ । ଆମ ଆଗରେ କିଛି ଝିଅ ଥିଲେ । ହଠାତ୍ ସନାଇ କହିଲା, ଦେଖ, ଦେଖ, ତମ ଭାଉଜ ଯାଉଚି । ସମସ୍ତେ ସେଆଡ଼େ ଚାହିଁଲୁ । ବୃନ୍ଦାବନ ଆମକୁ ଚିହ୍ନଟ କରିଦେଲା । ପ୍ରକୃତରେ ସୁନ୍ଦର ଗଢ଼ଣର, ଧୀର ସ୍ଥିର ଭାବର ଝିଅଟିଏ । ଏଥର ଶ୍ୟାମ ଆମକୁ ଅଟକାଇ ସନାଇ ଉଦ୍ଦେଶ୍ୟରେ କହିଲା, ଗତକାଲି ଶାନ୍ତି ଭାଉଜ ଠୁଁ ଚିଠି ପାଇଲି, ଲେଖିଛି; ତମ ଭାଇ ତ ବିଦେଶ ଭୂଇଁରେ ରହିଲେ, ତମେ ଟିକେ ଆସୁନ.... ବିରହିଣୀ ମନର ବ୍ୟଥା ଲେଖିଚି । ...

ତାକୁ ଆଉ କୁହାଇ ନଦେଇ ସନାଇ ଗର୍ଜିଉଠି କହିଲା, ଶଃ ...ପାପୀ, ନର୍କରେ ପଡ଼ିବୁ...

ସନାଇ ଜ୍ଞାନ ଓ ବୁଦ୍ଧିରେ ଆମଠୁଁ ବହୁ ଉର୍ଦ୍ଧ୍ୱରେ । ସାହିତ୍ୟର ମଂଜ କଥା କହେ । ଏକଥା ଆମେ ଜାଣିଚୁ କିନ୍ତୁ ତା' ସାଂଗରେ ନ ଲାଗିଲେ ଆମର ହଜମ ହୁଏ ନାହିଁ ।

ଏପରି ଅନେକ କଥା ଓ ବ୍ୟଥାର କାହାଣୀ ଭିତରେ ଜଡ଼ି ରହି ଆମେ ଜୀବନ ବିତେଇଛୁ ବି.ଏ. ଶେଷ ପର୍ଯ୍ୟନ୍ତ । ତା' ପରଠୁଁ ଆମର ବିଚ୍ଛେଦ ଯୋଗ । ପରବର୍ତ୍ତୀ ଅଧ୍ୟାୟରେ ସନାଇ ଓଡ଼ିଆ ଭାଷା ଓ ସାହିତ୍ୟରେ ଅଧ୍ୟାପକ, ମୁଁ ଇଂରାଜୀରେ ଅଧ୍ୟାପକ ଓ ବୃନ୍ଦାବନ ହାଇସ୍କୁଲର ପ୍ରଧାନଶିକ୍ଷକ । କିନ୍ତୁ ଶ୍ୟାମ ଓ ପ୍ରଫୁଲ୍ଲ ବିଷୟରେ କିଛି ଜାଣି ହେଲାନି । ସେମାନେ ନିଶ୍ଚୟ ଭଲ ଜାଗାରେ ଥିବେ ବୋଲି ଅନୁମାନ ।

ଦିନେ ସନାଇର ଇନ୍‌ଲାଣ୍ଡ ଚିଠି ପାଇଲି, ସେଥିରେ ଭାଉଜ ବେଶି ଲେଖିଥିଲେ । ଚିଠିଟି ପଢିସାରିବା ପରେ ମୁଁ ସ୍ଥାଣୁ ହେଇଗଲି ।

ଆମ ସମୟର ପ୍ରାଜ୍ଞ, ପି.ଏଚ.ଡ଼ି.କରିଥିବା ଓ ଅନେକ ମୂଲ୍ୟବାନ ପୁସ୍ତକର ସ୍ରଷ୍ଟା ସନାଇ ଏବେ କେବଳ ଅଧ୍ୟାପକ,ବିନା ପ୍ରମୋଶନରେ ଜିଇ ରହିଛନ୍ତି ଜାଣି ହାତବାକ୍ ହେଇଗଲି । ମୁଁ ଜାଣିଥିଲି ସନାଇ ଅନ୍ୟାୟକୁ ପସନ୍ଦ କରିନି, କାହାର ବଚସ୍କର ହୁଏନି, ଠିକ୍ ସମୟରେ ଯାଇ ପଢ଼ାଏ, ଚୁଗୁଲି ନକରି ଏପରିକି ଅଧ୍ୟକ୍ଷଙ୍କୁ ତେଲ ମାରିବାକୁ ପସନ୍ଦ କରେନି । ଜଣେ ବିଚାରବନ୍ତ, ସ୍ୱାଧୀନ ଚେତା ମଣିଷ ଏହା କରିବ କାହିଁକି ? ସେଇ ମହତ ପୁରୁଷର ଏଇ ଦଶା !

ସନାଇର ଦୁଃଖରେ ଭାଙ୍ଗିପଡ଼ିଲି କିନ୍ତୁ କିଛି କରିପାରିଲି ନାହିଁ । ଅଧ୍ୟକ୍ଷ ଥାଇ ଅନ୍ୟ ଅଧ୍ୟକ୍ଷଙ୍କୁ ଏପ୍ରୋଚ୍ କରିବା କିମ୍ବା ଏ ବ୍ୟାପାରରେ ମଧ୍ୟସ୍ଥ ହେବାକୁ ଚାହିଁଲି ନାହିଁ । ଏହା କଲେ ସେ ସନାଇ ବିରୋଧରେ ଅନେକ ପ୍ରତିକୂଳ ମନ୍ତବ୍ୟ ଦେବେ । ମୁଁ ସହି ପାରିବିତ ?

ତଥାପି ସନାଇକୁ ଫୋନ କରି କହିଲି, ବଡ଼ ବିଚିତ୍ର ଦୁନିଆ । ମୁଁ ଜାଣେ ତମର କିଛି ଦୋଷ ନଥିବ । କିନ୍ତୁ ଟିକିଏ ନଇଁ ଯାଅ, ଅଧ୍ୟକ୍ଷଙ୍କ ସହ ସାଲିସ୍କର । ତମ ସଂସାରର ସୁଖ ତମ ଉପରେ ନିର୍ଭର କରୁଚି । ଆଜିର ଦିନରେ ସତ କହି କେହି ତିଷ୍ଠି ପାରିନି ।

ମୋ କଥାରେ ସନାଇ ରାଗି ଯାଇ କହିଲେ, କାଇଁକି ନଇଁବି, ମୋର କିଛି ଦୋଷନାହିଁ । ସନାଇ ନଇଁଲେ ନାହିଁ, ଅଧ୍ୟକ୍ଷ ଶୁଣିଲେ ନାହିଁ । ଶେଷରେ ସନାଇଙ୍କର ସି.ସି.ଆର. ଖରାପ ବୋଲି ଅଧ୍ୟକ୍ଷଙ୍କ ରିପୋର୍ଟ ଗ୍ରହଣ କରାଗଲା । କେଶ୍ ହାଇକୋର୍ଟ ପର୍ଯ୍ୟନ୍ତ ଗଲା, କିଛି ହେଲା ନାହିଁ ।

ଚରମ ବ୍ୟର୍ଥତା ଓ ମନସ୍ତାପରେ ସନାଇଙ୍କ ଶେଷ ଜୀବନ କଟିଲା । ସେ ଅବସର ନେଲେ ।

ଇଏ କ'ଣ ସନାଇର ଜୀବନ ଥିଲା,ସ୍ୱପ୍ନ ଥିଲା ? ସତରେ ଭାବି ହୁଏନାହିଁ । ଏତେ ବଡ଼ ପ୍ରତିଭାର ଅବସାନ ହେଇଗଲା ! ଏମିତି କୁଆଡ଼େ ଗଲେ ବୃନ୍ଦାବନ, ଶ୍ୟାମ ଓ ପ୍ରଫୁଲ୍ଲ ଏବଂ ସେମାନେ ଏସବୁ ଜାଣିଛନ୍ତି ତ ! ସତରେ ଯୌବନ କାଳର ହସ,କାନ୍ଦ, ଥଟ୍ଟା,ମଜଲିସ୍ ଆଦିର ସୁଖଦ ଅନୁଭୂତି ବାର୍ଦ୍ଧକ୍ୟରେ ଏତେ ବିଡ଼ମ୍ବିତ ହେଇଯାଏ ! ସନାଇ, ତମ ଘରକୁ କେତେଥର ଯାଇଛି । ଭାଉଜଙ୍କ ପରଷାରେ ପ୍ରୀତ ହେଇଚି । ତମେ ମଧ୍ୟ ଆମ ଗାଁକୁ ଦୁଇଥର ଯାଇଛ । ମୋ ଭାଉଜ ସୁଆଦିଆ ଖାଦ୍ୟ ଖାଇ ପୁଲକିତ ହେଇଚ । ଆମ ଗାଁ ପୋଖରୀରେ ଗାଧୋଇବା ବେଳେ କଇଁଫୁଲ ଆଣିବାକୁ ଯାଇ ଅଥଳ ଜଳରେ ଗୋଡ଼ ଖସେଇଛ । କଇଁ ଫୁଲ ନେଇ କୂଳକୁ ଆସି ସେଠାରେ ଠିଆ ହୋଇଥିବା କୁଆଁରୀକୁ ବଢେଇଚ ଶାନ୍ତି ଭାଉଜ ଭାବି । ଝିଅ ଚାଲି ଯାଇଚି ନ ନେଇ, ତମେ ଏଥିରେ ଆଘାତ ପାଇଚ ।

ଏହାର ଦି' ବର୍ଷ ପରେ ପୁଣି ଆମ ଗାଁକୁ ଆସିଚ, ତମ ଆଖି ଘୂରି ବୁଲିଚି ସବୁଆଡ଼େ, ନିରାଶ ହେଇ କହିଚ,କି'ରେ, ଦେଖୁ ନାଇଁ ତ ତୋ' ଭାଉଜକୁ ? ମୋ' ଆଖିରେ ଲୁହ ଜକେଇଚି, ମନକୁ କହିଚି, ତମେ ଯାହାକୁ ଖୋଜୁଚ, ସେ ଇଏ ନୁହଁ ।

ସନାଇ ନିଜ ରାଜ୍ୟକୁ ଫେରିଆସେ, ଥକ୍‌କା ହେଇ ବସେ । ଭାରି ଦୁଃଖ ଲାଗେ ମୋତେ । କହେ, ଥରେ ଭାଉଜକୁ କହୁନା ? ସେ ତ କିଛି ଜାଣିନି । ସନାଇ ଖୁସି ହେଇ କହେ, ସେ ଦିନେ ନା ଦିନେ ଜାଣିବ । ମୋତେ ଅନୁଭବ କରିବ, ଏ ପରା ଟେଲିପାଥି । ଆଶ୍ଚର୍ଯ୍ୟ ! କବି ବି ଜଣେ ପ୍ରେମ ପାଗଳ ବୋଲି ସନାଇ ପ୍ରମାଣ କରିଚି । ସେଇଥି ପାଇଁ ସନାଇ ପରି ପ୍ରେମିକମାନେ ହିଁ କବି ହୁଅନ୍ତି । ସେ ନିଜକୁ ପ୍ରେମ କରେ, ମାନସୀକୁ ପ୍ରେମ କରେ । ପ୍ରକୃତିକୁ ପ୍ରେମ କରେ, ନିଜ ସ୍ୱପ୍ନକୁ ପ୍ରେମ କରେ । ସନାଇ କ୍ଷେତ୍ରରେ ସେଇଆ ହିଁ ହେଇଚି ।

ସନାଇ ବିଷୟରେ ବହୁକଥା ଭାଳି ହୁଏ ନିରୋଳାରେ । ଶ୍ରୀମତୀଙ୍କ ସହ ଆଲୋଚନା ହୁଏ । ସନାଇ କେମିତି ଅଛି ବୋଲି ଆଶଙ୍କା ସୃଷ୍ଟି ହୁଏ । କେଉଁଠି ଅଛି ସେ, ଆଉ କ'ଣ ଦେଖା ହେବନି ଆମର ?

ସନାଇ ଭାଷାରେ ଇଏ ଟେଲିପାଥିର ଭାଷା । ହଠାତ୍ ସନାଇର ଫୋନ ଆସିଲା । ମୋ ସହରରେ ରହୁଛନ୍ତି ତାଙ୍କ ପୁଅ ପାଖରେ, ମୋତେ ଦେଖାକରିବାକୁ ଚାହୁଁଛନ୍ତି । ମୁଁ ନିଜେ ତାଙ୍କ ପାଖକୁ ଗଲି ପୁଅ ସାଙ୍ଗରେ । ସାକ୍ଷାତ ହେଲା, ଏବେ ମୋ ସାମ୍ନାରେ ସନାଇ, ୮୬ ବର୍ଷର କବି, ସମୀକ୍ଷକ ଡ଼.ସନାଇ, ଯୁବ ସୁଲଭ ଏବେ ବି ରହିଚି । କଥା ହେଲୁ ଦୀର୍ଘ ସମୟ ।

ଫେରିବା ସମୟରେ କାନ ପାଖରେ କହିଲେ ସନାଇ, ତୋ' ଭାଉଜ ସାଙ୍ଗରେ ଦେଖା ହେଇଥିଲା ?

ମୁଁ ଉତ୍ତର ଦେଲି, ହଁ, କେତେଥର ଦେଖା ହେଇଚି, ସେ ଏବେ ବୈଧବ୍ୟ ଯନ୍ତ୍ରଣା ଭୋଗୁଛନ୍ତି ।

ସଂଗେ ସଂଗେ ସନାଇ କହିଲେ, ମୁଁ ତ ଅଛି, ତାକୁ ବିଧବା କଲା କିଏ ?

ପ୍ରେମୀ ପାଗଳ ସନାଇକୁ ଚାହିଁ ରହିଲି ପରିତୃପ୍ତ ନୟନରେ । ସତରେ କବି ମନ କେବେ ଥକ୍‌କା ଯାଏ ନାହିଁ । ସେ ଜୀବନ୍ତ ଓ ଅକ୍ଷୟ । ସନାଇର ପ୍ରେମ ଅମର ହେଇ ରହିବ, କେବେ ଆଉ ପ୍ରେମିକା ସହ ସାକ୍ଷାତ ନ ହେଲେ ବି । ତା'ର ପ୍ରତୀକ୍ଷା ଚିନ୍ତା ଆନନ୍ଦ ଇ ଆନନ୍ଦ । ତା' 'ଭଲ ପାଇବାର ମୃତ୍ୟୁ ନାହିଁ' ।

ସନାଇ ବୋଧହୁଏ ମୋତେ ବୁଝିପାରିଲେ । ସେ କହିଲେ, ଦୀର୍ଘଦିନ ଧରି ମୁଁ ପ୍ରଭୁ ଜଗନ୍ନାଥଙ୍କ ଠାରେ ଶରଣ ପଶିଛି । ସିଏ ଯାହା କରିବେ । ତାଙ୍କର ଏପରି ମନ୍ତବ୍ୟରେ ମୁଁ ଅଧିକ ଭାଙ୍ଗିପଡ଼ିଲି ।

ସତରେ ସେ ହିଁ ସାହାଭରସା । ତାଙ୍କ ସାମାନ୍ୟ ପଲକରେ ଭାଗ୍ୟ ବଦଳିଯିବ । ସ୍ୱଚ୍ଛଳ ହେଇଯିବ ତାଙ୍କ ମନ ଓ କର୍ମର କସରତ ।

***

ଦିବ୍ୟ ଅନୁଭବ

ଝରଣା ପଟ୍ଟନାୟକ
କୁଆଁସ, ଭଦ୍ରକ
ମୋ: ୯୪୩୭୫୪୪୦୪୫

"ଏ ସୁଯୋଗ ମୁଁ ପାଇଛି । ରତ୍ନସିଂହାସନକୁ ଛୁଇଁବାର ଉତ୍କଣ୍ଠା ମୋର ପୂର୍ଣ୍ଣତାରେ ପରିଣତ ହୋଇଛି ।"

ତୁଳସୀ, ଦୟଣାର ମହମହ ବାସ୍ନା, ଦୀପ, ଧୂପ କର୍ପୁର ଆଳତୀର ଅପୂର୍ବ ସୁଗନ୍ଧ ବିମୁଗ୍ଧ କରେ ଭକ୍ତଟିଏକୁ ଯେତେବେଳେ ସେ ଜଗନ୍ନାଥଙ୍କ ଡୋରିରେ ବାନ୍ଧିହୋଇ ଭିତର କାଠ ପାଖରେ ଠାକୁରଙ୍କୁ ଦର୍ଶନ କରିବାର ସୁଯୋଗ ପାଏ । ସେ ଦର୍ଶନ ପ୍ରାଣରେ କମ୍ପନ ସୃଷ୍ଟି କରେ ।

ଏ ସୁଯୋଗ ମୁଁ ପାଇଛି । ରତ୍ନସିଂହାସନକୁ ଛୁଇଁବାର ଉତ୍କଣ୍ଠା ମୋର ପୂର୍ଣ୍ଣତାରେ ପରିଣତ ହୋଇଛି ।

ପ୍ରଭୁ ଜଗନ୍ନାଥଙ୍କୁ ନେଇ କିଛି ଅନୁଭୂତି ବଖାଣିବାକୁ ଗଲାବେଳେ ମୋ ମନରେ ସଂଶୟ ସୃଷ୍ଟି ହେଉଛି । କୋଉ ଭାଷା କୋଉ ଶବ୍ଦ ଦେଇ ଗୁନ୍ଥିବି ମୋ ଅନୁଭୂତିର ମାଳା ! ସ୍ୱୟଂ ମହାପ୍ରଭୁ ଭାଷାତୀତ ! ତାଙ୍କୁ ନେଇ ଅନନ୍ୟ ଅନୁଭବ ପ୍ରକାଶ କଲାବେଳେ ଭାବ, ଭାଷା ଉପରେ ସବାର ହେବାକୁ ଲାଗିପଡ଼େ । ହାରମାନେ ଶବ୍ଦ, ଲିପି । ତଥାପି ମୁଁ କଲମ ଚଳେଇଛି ସେ ହାର୍ କୁ ଜିତ୍ ମନେକରି ! ଜଗନ୍ନାଥ ସବୁଠି । ସବୁରି ଭିତରେ । ମୋ ଆତ୍ମାରେ । ମୋ କଲମକୁ ଚଳଚଞ୍ଚଳ କରାଇ ତାଙ୍କୁ ନେଇ ମୋର ଅନୁଭୂତି ବଖାଣିବାର ସୁଯୋଗ ତାଙ୍କ ଛଡ଼ା ମୋତେ କିଏ ବି ଦେବ !

ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ସୁଯୋଗ ମୁଁ ଥରେ ବି ହାତଛଡ଼ା କରିବାକୁ ଚାହିଁନାହିଁ । ହେଲେ ମୋ ଚାହିଁବାରେ କ'ଣ ଅଛି ? ଲୀଳାମୟଙ୍କର ଶୁଭଦୃଷ୍ଟି ନପଡ଼ିଲେ କିଏ ବି ସକ୍ଷମ ହେବନି ଚକାଡୋଳା ସହିତ ଚକ୍ଷୁ ମିଳାଇବାକୁ ।

ମୋ କ୍ଷେତ୍ରରେ ଠିକ୍ ସେଇଆ ହୋଇଥିଲା । କାର୍ତ୍ତିକ ମାସର ଶୁକ୍ଳ ନବମୀ ତିଥି ହେବ ବୋଧେ । ହବିଷ୍ୟାଳିଙ୍କର ଭିଡ଼ । ତା ସହିତ ସାଧାରଣ ଜନତାଙ୍କର କାର୍ତ୍ତିକ ପରି ଧର୍ମମାସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ଆଗ୍ରହ ବେଢ଼ା ଭିତରକୁ ଲୋକାରଣ୍ୟ କରିଥିଲା । ମୁଁ ପରିବାର ସହିତ ମନ୍ଦିର ବେଢା ଭିତରେ ଡେରିରେ ପହଞ୍ଚିଥିଲୁ । ତା'ର ଏକମାତ୍ର କାରଣ ଥିଲା ଦର୍ଶନ କରିବା ଆଗରୁ ବନ୍ଧୁଙ୍କ ଘରେ ଭୁରିଭୋଜନ ପକେଇ ଆସିବା ।

ମୁଁ ଯେତେବେଳେ ଭୁବନେଶ୍ୱରରୁ ପୁରୀ ଜଗନ୍ନାଥ ଦର୍ଶନ କରିବାକୁ ବାହାରେ ମୁଁ ସଜଲୁଗାପଟା ପିନ୍ଧି ବାହାରେ । ସେ ଲୁଗାରେ ମୁଁ ଆଗରୁ ଖାଇନଥାଏ । ଯେକୌଣସି ଦେବାଦେବୀଙ୍କୁ ଦର୍ଶନ କରି ଗଲାବେଳେ ମୁଁ ମୋ ନୀତିରୁ ବିଚ୍ୟୁତ ହୋଇ ନଥାଏ । ମନେ ମନେ ସାରିଆଙ୍କ ଲିଖିତ ସେଇ ଗୀତ ପଦିକ, (ଥକ୍କାମନ ଚାଲଯିବା, ଚକାନୟନ ଦେଖିବା) ଗାଇ ବାଇଶି ପାହାଚ ଉଠେ ମୁଁ ।

ବନ୍ଧୁଙ୍କର ବାଧବାଧକତାରେ ଖାଦ୍ୟ ଖାଇ ମନ୍ଦିର ଆସିଲି । ଯାହା ମୋ ଜୀବନ କାଳ ଭିତରେ ଦର୍ଶନ ଆଗରୁ ପ୍ରଥମ ଅନୁଭୂତି ଥିଲା । ଶେଷରେ ସାତ ପାହାଚ ଅତିକ୍ରମ କରି ମନ୍ଦିର ଭିତରେ ପଶିବା ସମ୍ଭବ ହେଲା ନାହିଁ ମୋ ପକ୍ଷରେ । ଭିତରେ ଏତେ ଭିଡ଼ ! ବହୁ ସମୟ ଅପେକ୍ଷା କଲାପରେ ମୋ ପୁଅ ମୋ ହାତ ଟାଣି ଭିଡ ଠେଲି ଠେଲି ଭିତରକୁ । ଲୋକମାନେ ଠେଲୁଥାଆନ୍ତି । ବାହାର କାଠ ଯାଏଁ ଯିବା ସମ୍ଭବ ହେଲାନି । ମନେ ମନେ ଗୁଣିହେଲି ମୁଁ କ'ଣ ଏତେ ବଡ଼ ଭକ୍ତ ! ନା । ଆଦୌ ନୁହେଁ ।

ଦର୍ଶନ ନପାଇ ମନ୍ଦିର ବେଢାରୁ ବାହାରି ସିଂହଦ୍ୱାର ଟପିଲାବେଳେ ଭାବିଲି ମୋ ପରି ଅଧମକୁ କାହିଁକି ବି ଠାକୁରେ ଦର୍ଶନ ଦେବେ । ମିନତି କଲି । ଗୁହାରି ଜଣେଇଲି । ମନଃକ୍ଷୁରେ ଦେଖି ପାରିଲି ସେଇ ଦୁଇଡୋଳାକୁ । ସୂର୍ଯ୍ୟଚନ୍ଦ୍ର ପ୍ରକଟ ସେଇ ଆଖିରେ କହିଲି; ପ୍ରଭୁ ! ଆପଣ ମୋର ଆନନ୍ଦ ଆଶ୍ରା ଆଉ ଭରସା । ପୁଣି ଥରେ ଆସିବି । ନିରାଶ କରିବନି ପ୍ରଭୁ ।

ଆଉ ଏକ ଅମୃତ ଅନୁଭବ :-

ମହାପ୍ରଭୁଙ୍କର ଘୋଷଯାତ୍ରାର ସପ୍ତମଦିନ । ଆଡପ ମଣ୍ଡପରେ ପ୍ରଭୁ ଜଗନ୍ନାଥ ବିଦ୍ୟମାନ । ଗୁଣ୍ଡିଚ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଛନ୍ତି । ଠାକୁରଙ୍କ ରୀତିନୀତି ଠିକ୍ ଭାବରେ ଚାଲିଛି । ବାଲଭୋଗ, ଖେଚୁଡି ଭୋଗ, ଅଭଡା ଭୋଗ, ମିଠା, ପିଠା ଶୁଖିଲା ଭୋଗ ସବୁ ପ୍ରସ୍ତୁତ ହେଉଛି । ଭୋଗ ଲାଗୁଛି । ମାତ୍ର ପୂଜା ପଣ୍ଡା ପ୍ରତିହାରୀ ଅନ୍ୟାନ୍ୟ ସେବକମାନଙ୍କ ବ୍ୟତୀତ ସାଧାରଣ ଜନତା ଅଭଡା ପାଇବାରୁ ବଞ୍ଚିତ । କାରଣ ଲୋକାରଣ୍ୟ

ବଡ଼ଦାଣ୍ଡ, ମନ୍ଦିର ରଥଖଳା ଏଥର ଜନଶୂନ୍ୟ । ଉଙ୍କି ମାରିବାକୁ ନାହାଁନ୍ତି କେହି ।

ମହାମାରୀ କରୋନା ପଥରୋଧ କରିଛି ସମସ୍ତଙ୍କର । ରଥଯାତ୍ରା ଯାତ୍ରୀଶୂନ୍ୟ । ଭକ୍ତଶୂନ୍ୟ । ଶୂନ୍‌ଶାନ୍ ବଡ଼ଦାଣ୍ଡ ।

ରଥଗଡା ହୋଇଛି । ଚତୁର୍ଦ୍ଧାମୂର୍ତ୍ତିଙ୍କର ସ୍ନାନଯାତ୍ରା ହୋଇଛି । ହୋଇଛି ମଧ୍ୟ ଦିବ୍ୟରୂପ ଦର୍ଶନ, ଚକ୍ଷୁଦାନ । ପହଣ୍ଡି ହୋଇଛି ରଥାରୁଢ ହୋଇଛନ୍ତି ତିନି ଠାକୁର ସୁଦର୍ଶନଙ୍କ ସହିତ । ରଥ ଗଡିଛି ବଡ଼ଦାଣ୍ଡରେ । କରୋନା ମହାମାରୀ ଲକ୍ଷ୍ମଣ ତିନିଗାର ଟାଣି ଦେଇଛି । ବଡ଼ଦାଣ୍ଡରେ କେହି ନାହାଁନ୍ତି ।

ପୁଅ ଜ୍ୟୋତି ସହିତ ଭଦ୍ରକରୁ ଆସୁଥିଲି ଭୁବନେଶ୍ୱର । ବାଟରେ କଥା ହଉହଉ କହିଲି, ଜୀବନ ଏବେ ମୋର ସରିସରି ଆସିଲାଣି । ସତୁରି ଟପିଲା ପରେ ନିଶ୍ୱାସକୁ ଆଉ କି ଭରସା । ଏଥର ଆଉ ଦର୍ଶନ ନାହିଁ । ଭକ୍ତଙ୍କ ପ୍ରତି ଏଥର ଠାକୁରମାନେ ବିମୁଖ । ତେଣୁ ବଞ୍ଚିତ ଆମେ ସମସ୍ତେ । ହେଲେ ଠାକୁରଙ୍କ ନୀତିକାନ୍ତ ଠିକ୍ ଭାବରେ ଚାଲିଥିବ । ଅଭଡା ମଧ୍ୟ ନୀତି ନିୟମ ଅନୁସାରେ ରନ୍ଧା ହେଉଥିବା ମୁଁ କିନ୍ତୁ ଏ ପର୍ଯ୍ୟନ୍ତ ଆଡପ ଅଭଡା ପାଇବାର ସୁଯୋଗ ପାଇନାହିଁ । ପୁରୀ ଜିଲ୍ଲାର ଝିଅହୋଇ କେମିତି ଏ ପର୍ଯ୍ୟନ୍ତ ମୁଁ ଏଥିରୁ ବଞ୍ଚିତ ହୋଇଛି ବୁଝିପାରୁନାହିଁ । ଲମ୍ବା ଏ ଜୀବନର ଅବଧି ଭିତରେ ଜଗନ୍ନାଥଙ୍କ ଦର୍ଶନ ସାରି ଆନନ୍ଦବଜାରରେ ଅଭଡା ଖାଇ ଘରକୁ ଫେରିଛି । ମାତ୍ର ଆଡପ ଅଭଡା କେବେ ଖାଇନାହିଁ । ମନରେ ଦୁଃଖ ଆସୁଛି । ଏ ବର୍ଷଟା ମଧ୍ୟ ଚାଲିଗଲା ଫାଙ୍କାଫାଙ୍କାରେ ।

ପୁଅଗାଡ଼ି ଚଲେଇଲାବେଳେ ତାର ବାରମ୍ବାର ଫୋନ୍ ଆସେ । ମୁଁ ବିରକ୍ତ ହୁଏ । ମୋ କଥା ସେଦିନ ସେ ଶୁଣୁଥିଲା କି ନଶୁଣୁଥିଲା ମୁଁ ଜାଣିନାହିଁ । ତା' କଥାବାର୍ତ୍ତାରୁ ମୁଁ ଯାହା ଜାଣିଲି ତାହା ଠାକୁରଙ୍କ ଅଭଡା ବଣ୍ଟନ ବିଷୟରେ । ପୁଅର ଜଣେ ସାମ୍ବାଦିକ ବନ୍ଧୁ ପୁରୀରୁ ତାକୁ କହୁଥିବା କଥା ମୋ କାନରେ ପଡିଲା । ସେ କହୁଥିଲେ, "ସେବକ ଦୁଃଖୀନନା ପ୍ରତିଦିନ ଠାକୁରଙ୍କ ବଡଭୋଗ ଭୁବନେଶ୍ୱର ନେଇ ଯାଆନ୍ତି । ଗୋଟିଏ ଗାଡିରେ ବଡବଡ କୁଡୁଆ ଆଣି ଅଫିସର, ମନ୍ତ୍ରୀ ସାମ୍ବାଦିକମାନଙ୍କୁ ବିକ୍ରି କରନ୍ତି । ଆଜି ସେ ସାମ୍ବାଦିକ ନିଜେ ଗାଡିରେ ଆସୁଛନ୍ତି । ଆହୁରି ବି ସେ ପୁଅକୁ କହିଲେ, "ତୁମର ଯଦି ଅଭଡା ନବାକୁ ଇଚ୍ଛା ଇୟୁନିଟ୍ ଥ୍ରୀର ଏଇ କ୍ୱାଟରକୁ ଆସିଯିବ ।"

ପୁଅ ମୋବାଇଲ ଫୋନ୍‌ର ସାଉଣ୍ଡ ବଢେଇ କଥା ଶୁଣୁଥିଲା । ମୋ କାନରେ ପଡୁଥିଲା ସେ ଅମୃତଭରା ଶବ୍ଦ । ମୋ ଭିତରେ ଅମୃତ ଉପଲବ୍ଧ । ପାଟିରୁ ଶବ୍ଦ ବାହାରିଲା ନାହିଁ । ପୁଅ କହିଲା, "ତୋ ଇଚ୍ଛାକୁ ପୂରଣର ବାଟ ଫିଟିଗଲା । ଠାକୁରେ ଚାହିଁଲେ । ତୋ ପାଖରେ ଆସି ଅଭଡା ପହଞ୍ଚିଗଲା ।

ମୋ ଆଖିରୁ ଧାର ଧାର ଲୁହ ଗଡୁଥିଲା । ବେଳକୁ ବେଳ ମୋ ଭିତରେ ଠୁଳ ହେଉଥିଲା ସମର୍ପଣ ଭାବ ।

***

ଈଶ୍ୱରଙ୍କ ଦରବାରରେ କନ୍ୟାପିତାଙ୍କ ସମ୍ମିଳନୀ

ରାଧୁ ମିଶ୍ର
ରାଉରାକେଲା।
ମୋ: ୯୧୭୯୫୪୯୫୪୯

"ଈଶ୍ୱର ସ୍ତବ୍ଧ ହୋଇଗଲେ। ତାଙ୍କ ସୃଷ୍ଟିରେ ଏଭଳି ମଣିଷ ବି ଅଛନ୍ତି? ପର ମୁହୂର୍ତ୍ତରେ ସ୍ମିତ ହସି କହିଲେ - ତୁମେ ହିଁ ମୋର ସୃଷ୍ଟିକୁ ଠିକ୍ ବୁଝି ପାରିଛ ବତ୍ସ ! ତଥାସ୍ତୁ। ଭଦ୍ରଲୋକ ଆନନ୍ଦରେ ଈଶ୍ୱରଙ୍କ ଚରଣ ତଳେ ଶତେକବାର ମୁଣ୍ଡ ପିଟି ମୁଣ୍ଡରେ ଭକ୍ତି ଗଦ୍‌ଗଦ୍ ଆବୁଟିଏ ଫଳାଇ ପ୍ରସ୍ଥାନ କଲେ।"

ଏବଂ ତା'ପରେ ଦୃଶ୍ୟ ହେଲା ଈଶ୍ୱରଙ୍କ ଦରବାର-କୌଣସି ଏକ ବିଶାଳ ଷ୍ଟାଡିୟମ ଭଳି, ଯେଉଁଠି ପଡ଼ିଆ ଭର୍ତ୍ତି ଚୌକି ଓ ଚତୁର୍ଦ୍ଦିଗର ଗ୍ୟାଲେରୀରେ କୋଟି କୋଟି କନ୍ୟାପିତା ସମାସୀନ। ମନେ ହେଉଛି, ସାରା ଦରବାରଟା ଯେମିତି ଅସଂଖ୍ୟ ଅର୍ଦ୍ଧନମିତ ପତାକାର ନିବିଡ଼ ଅରଣ୍ୟଟିଏ।

ଈଶ୍ୱର ମାଇକ୍ ଧରି ମେଘମନ୍ଦ୍ର ସ୍ୱରରେ ଘୋଷଣା କଲେ- ହେ କନ୍ୟାପିତାମାନେ! ତୁମ୍ଭେ ମୋହର ଅତ୍ୟନ୍ତ ପ୍ରିୟଜନ ଅଟ। କାରଣ ତୁମ୍ଭେ ହିଁ ମୋର ସୃଷ୍ଟିକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛ। କିନ୍ତୁ କନ୍ୟା ଚିନ୍ତାରେ ତୁମେ ଢୋଳଉଥିବା କୁକୁଡାର ପ୍ରାୟେ ମୁଣ୍ଡ ଝୁଲାଇ ସର୍ବଦା ଚିନ୍ତାକୁଳ ରହୁଛ ଜାଣି ମୁଁ ବ୍ୟଥିତ ହୋଇ ପଡ଼ିଛି। କନ୍ୟାର ଯେଉଁ ନିର୍ଦ୍ଦିଷ୍ଟ ଚିନ୍ତାରେ ତୁମର ଇହ ଓ ପରକାଳ ସଙ୍କଟଗ୍ରସ୍ତ, ସେଇ ଚିନ୍ତାରୁ ମୁଁ ତୁମକୁ ପରିତ୍ରାଣ କରିବାକୁ ଚାହେଁ। ତୁମେ ନିଜର ସମସ୍ୟାଗୁଡିକୁ ନିଃସଙ୍କୋଚରେ ପ୍ରକାଶ କର।

ହଠାତ୍ ସମଗ୍ର ଦରବାରରେ ହୈଚୈ ସୃଷ୍ଟି ହେଇଗଲା। ଏଭଳି ଛପରଫଡ଼ା ଉଦ୍ୟତ ଗଙ୍ଗାକୁ ଧାରଣ କରିବା ପାଇଁ

କନ୍ୟାପିତାମାନଙ୍କ ଚନ୍ଦାମୁଣ୍ଡ ଗୁଡ଼ିକର ପୂର୍ବ ପ୍ରସ୍ତୁତି ନଥିଲା । ପରକ୍ଷଣରେ ହୈ ଚୈର ସମୁଦ୍ର ଭିତରୁ ଉଦୟ ହେଲେ ଜଣେ ଚିନ୍ତାଶୀଳ ପ୍ରତିନିଧି । ସେ ଅତ୍ୟନ୍ତ ବିନମ୍ରତାର ସହ ଅନୁରୋଧ କଲେ- ସାର୍, ଏ ତ ମହାନ୍ ପାରିବାରିକ ପ୍ରଶ୍ନଟିଏ, ଯାହାର ନିଷ୍ପତ୍ତି ଆମେ ଏକା ତ ନେଇପାରିବୁ ନାଇଁ । ଆମକୁ କିଛି ସମୟ ରିହାତି ଦେଲେ ଅନ୍ତତଃ ଘରୁ ତା' ମାଆକୁ ଟିକେ ପଚାରି ଆସନ୍ତୁ ।

ଈଶ୍ୱର କହିଲେ-ତଥାସ୍ତୁ ।

ଦେଖୁଁ ଦେଖୁଁ ଦରବାରର ସାଢେ ତିନି ଭାଗ ଆସନ ଖାଲି ହେଇଗଲା । ଯେଉଁମାନଙ୍କର ନିଜର ନିଷ୍ପତ୍ତି ଉପରେ ଭରସା ରହିଛି କିମ୍ବା ପଚାରି ଆସିବାକୁ ଘରେ ବା ବାହାରେ କୌଣସି 'ତା ମାଆ' ନାହାନ୍ତି,ଏଭଳି ମାତ୍ର ଅଧ ପା' କନ୍ୟାପିତା ବାକି ରହିଗଲେ ।

ଈଶ୍ୱର ଘୋଷଣା କଲେ- ଜଣେ ଜଣେ କରି ନିଜର ସମସ୍ୟା ଅତି ସଂକ୍ଷେପରେ ବୟାନ କର । ସେଇ କିସମର ସମସ୍ୟାରେ ଗ୍ରସ୍ତ ବାକିମାନେ ହାତ ଟେକିଦେବ । ଏଭଳି କଲେ ଯାଇ ପୃଥିବୀର ଅସଂଖ୍ୟ ଝିଅଙ୍କ ଗାଲରୁ ତେଲ ଖସିବା ପୂର୍ବରୁ ହିଁ ତାଙ୍କର ସମସ୍ୟା ଦୂର ହୋଇପାରିବ ।

ପ୍ରଥମ କନ୍ୟା ଉବାଚ:

ମୋ' ଝିଅ ତିନିଥର ମାଟ୍ରିକ୍ ଫେଲ୍ ହୋଇ ନିରାଶ ହୋଇଗଲାଣି ପ୍ରଭୋ । ତା' ହାତରେ ପାଠ ହେବାର ଆଉ ଆଶା ନାଇଁ । ତେଣେ ବରଘର ଅନ୍ତତଃ ଆଇଏ ପାସ୍ କଲା ପରେ ବାହାଘର କରିବାକୁ ଜିଦ୍ କରୁଛନ୍ତି । ଆପଣ ତା' ପାଇଁ ଯେ କୌଣସି ୟୁନିଭର୍ସିଟିରୁ ଅରିଜିନାଲ୍ ବିଏ ସାର୍ଟିଫିକେଟ୍ ଖଣ୍ଡେ ଯୋଗାଡ଼ କରିଦିଅନ୍ତୁ ପ୍ରଭୋ ।

ହାତ ଉଠିଲା ପ୍ରାୟ ଏକ କୋଟି ଅଠସ୍ତରୀ ଲକ୍ଷ । ଈଶ୍ୱର କହିଲେ ତଥାସ୍ତୁ । ଖୁସି ହୋଇ କନ୍ୟାପିତାମାନେ ଈଶ୍ୱରଙ୍କ ଭୁରି ଭୁରି ପ୍ରଶଂସା କରି ପ୍ରସ୍ଥାନ କଲେ ।

ଦ୍ୱିତୀୟ କନ୍ୟାପିତା ଉବାଚ:

ମୋ ଝିଅ ବି.ଏ ବି.ଏଡ୍ ମଣିମା । ବିଏରେ ସେକେଣ୍ଡ କ୍ଲାସ୍ ଅନର୍ସ ବି ପାଇଛି । ତା' ପାଇଁ ଚାକିରିଟିଏ ଖୋଜି ଖୋଜି ନୟାନ୍ତ ହୋଇଗଲିଣି । ବିନା ଚାକିରିରେ ଆଜିକାଲି ବର କୋଉଠୁ ମିଳୁଛନ୍ତି । ଆଉ ବିନା ଲାଞ୍ଚ ବା ବ୍ୟାକିଂରେ ଚାକିରି ବି ତ ମିଳୁନି । ଆପଣ ମୋ ଝିଅର ବ୍ୟାକିଂ ହେଇଯାଆନ୍ତୁ ମଣିମା । ହଁ ଆଉ ପଦେ ହଜୁର । ସେକ୍ରେଟେରୀ / ମେନେଜର / ଅଫିସରମାନେ କଅଁଳିଆ ଝିଅଙ୍କ ଉପରେ ଆଖି ପକେଇ ଦିଅନ୍ତି, ମୁଁ ଜାଣିଛି । ଛାମୁ ଟିକେ ସେକ୍ରେଟେରିଆଣୀ / ଅଫିସରିଆରି କି ମେନେଜରିଆଣୀ ଥିବା ଜାଗାରେ ଝିଅକୁ ଖଞ୍ଜି ଦେବେ ।

ହାତ ଉଠିଲା ପ୍ରାୟ ଦୁଇ କୋଟି ଅଶୀ ଲକ୍ଷ । ଈଶ୍ୱର କହିଲେ- ତଥାସ୍ତୁ । କନ୍ୟାପିତାମାନେ ଈଶ୍ୱରଙ୍କ ଭଜନ ଗାଇ ପ୍ରସ୍ଥାନ କଲେ ।

ତୃତୀୟ କନ୍ୟାପିତା ଉବାଚ:

ମୁଁ ବୁଢା ଲୋକ ହଜୁର । ବରପାତ୍ର ଖୋଜିବାର ଆଉ ବଳ ବୟସ ନାହିଁ । ନିଜ ଲୋକ ବୋଲି ବି ତ ଆଉ କେହି ନାହାଁନ୍ତି । ଝିଅ ମୋର ସେମିତି କିଛି ଉର୍ବଶୀ ନୁହଁ କି ମୁଁ କୁବେର ନୁହଁ ଯେ କେହି ନିଜେ ଆସି ମୋର କବାଟ ବାଡ଼େଇବ । ବିନା ଯୌତୁକରେ ଭଲ ଜାତିଆ ବରପାତ୍ରଟିଏ ଯୋଗାଡ଼ କରି ଦିଅନ୍ତ ଯଦି ତମର ବହୁତ ଧର୍ମ ହବ ହଜୁରେ ।

ହାତ ଉଠିଲା ପ୍ରାୟ ସାଢେ ଚାରିକୋଟି । ଈଶ୍ୱର କହିଲେ- ତଥାସ୍ତୁ । କନ୍ୟାପିତାମାନେ ଈଶ୍ୱରଙ୍କ ଘର ଧନଧାନ୍ୟ ଗୋପଲକ୍ଷ୍ମୀରେ ପରିପୂର୍ଣ୍ଣ ହେଉ ବୋଲି କାମନା କରି ପ୍ରସ୍ଥାନ କଲେ ।

ଚତୁର୍ଥ କନ୍ୟାପିତା ଉବାଚ:

ମୋ ଝିଅର ଚାକିରି ଲୋଭରେ ଉତ୍ତମ ବରପାତ୍ରଟିଏ ଜୁଟିଛି ୟୋର୍ ଅନର୍ । ହେଲେ ମୋ ଝିଅ ବଡ଼ ଦୁରୁବଳିଆଟା । କିନ୍ତୁ ମିଲର୍ଡ, ସେମାନେ ତାକୁ ଅଲ୍‌ବଡ୍ ଚାକିରି କରେଇବେ, ଆଉ ମୋ ଝିଅ ଛୁଆ ସମ୍ଭାଳି ଚାକିରିକୁ ପାରିବ ନାଇଁ । ଦୟା କରିବ ତ ଏମିତି କର, ଜୀବନ ସାରା ସେ ଘରେ ବସି ଦରମା ଗଣ୍ଡାକ ପାଉଥାଉ ।

ହାତ ଉଠିଲା ପ୍ରାୟ ଛଅ କୋଟି ତିରିଶ ଲକ୍ଷ । ଈଶ୍ୱର କହିଲେ- ତଥାସ୍ତୁ । କନ୍ୟାପିତାମାନେ ଈଶ୍ୱରବାବୁ ଅମର ରହେ ବୋଲି ଧ୍ୱନି ଦେଇ ପ୍ରସ୍ଥାନ କଲେ ।

ପଞ୍ଚମ କନ୍ୟାପିତା ଉବାଚ :

ମହାପ୍ରଭୋ, ମୋ ଝିଅ ଗୋଟିଏ ଅଜାତିଆ ବେକାର ପିଲାର ପ୍ରେମରେ ପଡ଼ି ତାକୁ ବାହା ନହେଲେ ଦଉଡ଼ି ଦେଇଦେବ ବୋଲି ଧମକ ଦଉଛି । ଯଦି ସେ ଦଉଡ଼ି ଦେଇଦିଏ କି ତା' ସାଙ୍ଗରେ ପଳେଇଯାଏ, ମୁଁ ଆଉ କାହା ଆଗରେ ମୁହଁ ଦେଖାଇବି ଠାକୁରେ ? ଏଇ ଧର୍ମ ସଙ୍କଟରୁ ମୋତେ ଉଦ୍ଧାର କରନ୍ତୁ । ତା' ଭାଗ୍ୟରେ ଜାତିର ଯୋଗ୍ୟ ପିଲାଟିଏ ଜୁଟେଇ ଦିଅନ୍ତୁ ପ୍ରଭୋ, ସେଇଠି ସେ ପୂର୍ବ ପ୍ରେମକୁ ଭୁଲି ସୁଖରେ ସଂସାର କରୁ ।

ହାତ ଉଠିଲା ପ୍ରାୟ ସାତ କୋଟି ପଞ୍ଚସ୍ତରୀ ଲକ୍ଷ । ଈଶ୍ୱର କହିଲେ - ତଥାସ୍ତୁ ।

କନ୍ୟାପିତାମାନେ ଈଶ୍ୱରଙ୍କ କୋଟି ପରମାୟୁ କାମନା କରି ପ୍ରସ୍ଥାନ କଲେ ।

ଷଷ୍ଠ କନ୍ୟାପିତା ଉବାଚ :

ମୋର ଗୋଟିଏ ବୋଲି ଝିଅ ମହାରାଜ । ତା' ପାଇଁ ଯାହାକୁ ଠିକ୍ କରିଛି ସେ ବାବୁ ହିମାଳୟର ସିଆଚୀନ୍ ଗ୍ଲେସିୟର ଇଲାକାରେ ବନ୍ଧୁକ ଧରି ଜୱାନ୍ ଅଛନ୍ତି । ଛାମୁ ତାଙ୍କୁ କୌଣସି ପ୍ରକାରେ ଆମ ଗାଁକୁ ବଦଳି କରାଇ ଆଣନ୍ତୁ ମଣିମା । ଅନ୍ତତଃ ମୋ ଶେଷ ଜୀବନରେ ଝିଅ, ଜୋଇଁଙ୍କୁ ପାଖରେ ଟିକେ ଦେଖୁଥିବି ।

ହାତ ଉଠିଲା ପ୍ରାୟ ତିନିକୋଟି କୋଡ଼ିଏ ଲକ୍ଷ । ଈଶ୍ୱର କହିଲେ - ତଥାସ୍ତୁ ।

କନ୍ୟାପିତାମାନେ ଈଶ୍ୱର ଶେଷ ଜୀବନରେ ତାଙ୍କ ପୁତ୍ରକନ୍ୟାଙ୍କ ଗହଣରେ ରହନ୍ତୁ ବୋଲି କାମନା କରି ପ୍ରସ୍ଥାନ କଲେ ।

ସପ୍ତମ କନ୍ୟାପିତା ଉବାଚ :

ମୋ ଝିଅ ଦି'ଥର ଗର୍ଭପାତ କରାଇ ବଦନାମର ଅଥଳ ସାଗରରେ ବୁଡି ଯାଇଛି ଧର୍ମାବତାର । ଆଉ ସେ ଏ ଜୀବନରେ କିଛି ହେବାର କୌଣସି ଆଶା ନାହିଁ । ଆପଣ କୌଣସି ପ୍ରକାରେ ତା' କପାଳର କଳଙ୍କକୁ ପୋଛି ପକାଇ ତାକୁ ଅକ୍ଷତ ଯୋନି କରିଦିଅନ୍ତୁ ପ୍ରଭୋ, ଆପଣଙ୍କର ବହୁତ ଧର୍ମ ହେବ ।

ହାତ ଉଠିଲା ପ୍ରାୟ ସାଢେ ଚାରି କୋଟି । ଈଶ୍ୱର କହିଲେ - ତଥାସ୍ତୁ ।

କନ୍ୟାପିତାମାନେ ଈଶ୍ୱରଙ୍କ ଚରଣ ତଳେ ଆନନ୍ଦରେ ଲମ୍ବ ଲମ୍ବ ହୋଇ ପ୍ରସ୍ଥାନ କଲେ ।

ଅଷ୍ଟମ କନ୍ୟାପିତା ଉବାଚ :

ଆଜ୍ଞା, ଚାରିଟା ଝିଅର ବାପ ମୁଁ, ଅଧମ ଚାକିରିଆଟେ । କେହି ମୋଟର ସାଇକେଲ୍ ଖଣ୍ଡେ ଡିମାଣ୍ଡ କଲେ ବି ଝିଅମାନେ ଅଭିଆଡ଼ି ରହିଯିବେ । ଦେଇ ପାରିବ ତ କହିବି । ମୋ ଝିଅମାନେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନେଇ କୋଟିପତି ଜ୍ୱାଇଁଙ୍କୁ ପ୍ରାପ୍ତ ହୁଅନ୍ତୁ ।

ହାତ ଉଠିଲା ପ୍ରାୟ ଆଠ କୋଟି । ଈଶ୍ୱର କହିଲେ - ତଥାସ୍ତୁ । କନ୍ୟାପିତାମାନେ ଈଶ୍ୱରଙ୍କୁ 'ଥ୍ୟାଙ୍କୁ' କହି ଆନନ୍ଦରେ ପ୍ରସ୍ଥାନ କଲେ ।

ନବମ କନ୍ୟାପିତା ଉବାଚ :

ହଜୁର ଏ ମହଙ୍ଗା ଯୁଗରେ ଆପଣଙ୍କ ଆଶୀର୍ବାଦରୁ ମାଳେ ଛୁଆର ଜନକ ହେଇଛି । ସଭିଙ୍କ ମୁହଁରେ ଆଧାର ମୁଠେ ଯୋଗାଇଲା ବେଳକୁ ତ ଚଡ଼ି ସାତସିଆଁ ହେଇଯାଉଛି । ଝିଅଙ୍କୁ ଡିମାଣ୍ଡ ଦେଇ ବାହା କରେଇବି କ'ଣ । ବଡ଼ଝିଅ ସବୁ ଯଦି କୌଣସି ପ୍ରକାରେ ବାହା ହେଇ ଚାଲିଯାଆନ୍ତି ବି, ଆଉ କିଛି ବର୍ଷ ପରେ ବାକି ଅଣ୍ଡାବଚ୍ଚାଙ୍କୁ ଘୋଡ଼େଇ ରଖିବା ପାଇଁ ମୋ ଡେଣାରେ ବଳ ବି ରହିବ ନାଇଁ । ଦଉଛ ତ ହୃଦୟ ଖୋଲିକରି ଦିଅ ..... ଝିଅମାନଙ୍କୁ ପୁଅ କରିଦିଅ ପ୍ରଭୋ । ବୁଢା କାଳରେ ମୋର ମୁଣ୍ଡ ବ୍ୟଥା ନହେଇ ସେମାନେ ମୁଣ୍ଡ ଉପରେ ଉଭା ଛତ୍ର ହେଇ ଯାଆନ୍ତୁ ।

ହାତ ଉଠିଲା ଜଣକ ବ୍ୟତୀତ ବାକି ସମସ୍ତଙ୍କର ।

ହଠାତ୍ ଉଦାସିଆ ବାଦଲ ଖଣ୍ଡେ ଈଶ୍ୱରଙ୍କ ମୁଖଚନ୍ଦ୍ରକୁ ଢାଙ୍କି ଦେଇ ତାଙ୍କୁ ତେଜହୀନ କରିଦେଲା । ସେ ମୁହୂର୍ତ୍ତେ ଚିନ୍ତାମଗ୍ନ ହେଲେ । ପର ମୁହୂର୍ତ୍ତରେ କୌଣସି ପ୍ରକାରେ ଓଠରେ ସ୍ମିତ ହସ ଖେଳାଇ କହିଲେ- ତଥାସ୍ତୁ । କନ୍ୟାପିତାମାନେ 'ଦାତାର

ସକଳ ମନୋବାଞ୍ଛା ପୂର୍ଣ୍ଣ ହେଉ' ବୋଲି ଉଚ୍ଚ ସ୍ୱରରେ ଘୋଷଣା କରି ପ୍ରସ୍ଥାନ କଲେ ।

ଶେଷ ଦୃଶ୍ୟର ଶେଷତମ ଲୋକଟି


ଅନନ୍ତର ଈଶ୍ୱର ତା' ମାଆକୁ ପଚାରିବାକୁ ଯାଇଥିବା କୋଟି କୋଟି କନ୍ୟାପିତାଙ୍କ ଆସିବା ପଥକୁ ଅନାଇ ହାଇଟିଏ ମାରୁମାରୁ ହଠାତ୍ ଗ୍ୟାଲେରୀର କୋଣକୁ ବସିଥିବା ଜଣେ ଭଦ୍ରଲୋକ ତାଙ୍କ ଦୃଷ୍ଟି ପଥାରୂଢ଼ ହେଲେ । ନିର୍ନିମେଷ ଛଳଛଳ ଆଖିରେ ଅନାଇଥିବା ସେଇ ଭଦ୍ରଲୋକଙ୍କ ନିକଟକୁ ଯାଇ ଈଶ୍ୱର ପୁଚ୍ଛା କଲେ- ବତ୍ସ, ତୁମର କିଛି ଯାଚନା ନାହିଁ ?

ଭଦ୍ରଲୋକ ଈଶ୍ୱରଙ୍କ ଚରଣ ତଳେ ମୁଣ୍ଡ ବାଡେଇ ଆଖି ଲୁହରେ ତାଙ୍କ ପାଦ ପଖାଳି ଦେଲେ ଓ କହିଲେ- କ୍ଷମା କରିବେ ଜଗତ୍‌ପିତା । ବକ ମେଳରେ ମୁଁ କାକଟିଏ ଅନୁପ୍ରବେଶ କରିଛି । ଆପଣଙ୍କ ମାୟା ସୃଷ୍ଟିର ସବୁ ପ୍ରକାର ସ୍ୱାଦ, ସକଳ ପ୍ରକାରର ଅନୁଭୂତି ମୁଁ ପାଇସାରିଛି । ତଥାପି ବିଶାଳ ଶୂନ୍ୟତାଟିଏ ରହିଯାଇଛି ହୃଦୟରେ । ନିରାଶ କରିବେନି ପରାତ୍ପର ! ଛଅଟି ସନ୍ତାନର ଜନକ ହୋଇ ମଧ୍ୟ ମୁଁ କାକବନ୍ଧ୍ୟା ହେଇ ରହିଯାଇଛି । ଭଦ୍ରଲୋକ ଲୋତକାପ୍ଲୁତ ନୟନରେ କହିଲେ - ମୋତେ କନ୍ୟାଟିଏ ଦରକାର ପ୍ରଭୋ ! ଈଶ୍ୱର ସ୍ତବ୍ଧ ହୋଇଗଲେ । ତାଙ୍କ ସୃଷ୍ଟିରେ ଏଭଳି ମଣିଷ ବି ଅଛନ୍ତି ? ପର ମୁହୂର୍ତ୍ତରେ ସ୍ମିତ ହସି କହିଲେ - ତୁମେ ହିଁ ମୋର ସୃଷ୍ଟିକୁ ଠିକ୍ ବୁଝି ପାରିଛ ବତ୍ସ ! ତଥାସ୍ତୁ । ଭଦ୍ରଲୋକ ଆନନ୍ଦରେ ଈଶ୍ୱରଙ୍କ ଚରଣ ତଳେ ଶତେକବାର ମୁଣ୍ଡ ପିଟି ମୁଣ୍ଡରେ ଭକ୍ତି ଗଦ୍‌ଗଦ୍ ଆବୁଟିଏ ଫଳାଇ ପ୍ରସ୍ଥାନ କଲେ ।

ଈଶ୍ୱର ସହାସ୍ୟ ବଦନରେ ଚାହିଁ ରହିଲେ ତାଙ୍କ ଯିବା ବାଟକୁ ।

***

ବାପାଙ୍କ ବ୍ୟାଗ୍



କୈଳାସ ବେହେରା
ତିହିଡି, ଭଦ୍ରକ
ମୋ - ୭୦୦୮୭୪୫୧୭୦

"ଭିଟାମାଟି ଓ ଝାଟିମାଟି ଏଇ ଘରଟି ପରି ଏ ବ୍ୟାଗ୍ ସହ ସମ୍ପର୍କ ଅତି ନିବିଡ଼। ସେଦିନ ବାପାଙ୍କ ଅଭାବୀ ମୁହଁ ଓ ଆଜିର ବୋଉର ରୋଗିଣା ମୁହଁ ଭିତରେ ଅନେକ ସାମଞ୍ଜସ୍ୟ। ସେଦିନର ବାପାଙ୍କର ସେ ପ୍ରିୟ ବ୍ୟାଗ୍ ଓ ଆଜି ବୋଉର ତାହାକୁ ନୀରବ ସମର୍ପଣ ଭିତରେ ସେ ଅନୁଭବ କଲା ଏକ ଗହନ ବ୍ୟଥା।"

ଶୁଭ୍ରାଂଶୁ ବାବୁ ବାଲକୋନି ଲନରେ ବସି ଲାପଟପରେ ଅଫିସ କାମ କରୁଥିଲେ। ପତ୍ନୀଙ୍କ ଫରମାସିରେ ସେ ଏଇ ନଗଦା ନଗଦି ଭୁବନେଶ୍ୱର ଉପକଣ୍ଠରେ ଫ୍ଲାଟଟିଏ କିଣିଛନ୍ତି। ବାଙ୍ଗାଲୋରର ଏକ ସଫ୍ଟୱେୟାର କମ୍ପାନୀରେ କାର୍ଯ୍ୟରତ। 'ୱାର୍କ ଏଟ୍ ହୋମ୍' ଅର୍ଥାତ୍ ଘରେ ରହି ଅଫିସ କାମ। ବେଳେବେଳେ ଶୁଭ୍ରାଂଶୁ ବାବୁଙ୍କୁ ଯିବାକୁ ହୁଏ କିଛି ଜରୁରି ମେଲ୍ ଅଫିସରୁ ଆସିଲେ। ପ୍ରାୟତଃ ଫ୍ଲାଇଟରେ ହିଁ ଯା'ନ୍ତି । ପତ୍ନୀ ସୁନୀତା କଫି କପଟି 'ଟି-ପୟ' ଉପରେ ରଖି ଇସାରା ଦେଲେ ଶୁଭ୍ରାଂଶୁଙ୍କୁ। ଦି' ଢ଼ୋକ ପିଇଛନ୍ତି କି ନାହିଁ ତାଙ୍କ ଫୋନଟି ବାଜିଉଠିଲା। ଫୋନଟି ଗାଁରୁ ଆସିଥିଲା, ଦାଦାଙ୍କର। ତା' ମା' ଗୁରୁତର ଭାବେ ଅସୁସ୍ଥ। ଏଣୁ ଯିବାକୁ ହେବ ଗାଁକୁ। ଟିକେ ବ୍ୟସ୍ତବିବ୍ରତ ଜଣାପଡିଲେ ଶୁଭ୍ରାଂଶୁ ବାବୁ। ଦାଦାଙ୍କୁ କହିଲେ କ'ଣ କରିବି ? ଅଫିସ କାମରୁ ଟିକିଏ ବି ଫୁରସତ୍ ନାହିଁ। 'ଇୟର ଏଣ୍ଡିଙ୍ଗ୍' ଚାଲିଛି। ମୁଁ 'ଫୋନ-ପେ'ରେ ପଇସା ପଠେଇଦେଉଛି। ଆପଣ ଟିକେ ଚିକିତ୍ସା ସୁବିଧା କରାଇ ଦିଅନ୍ତୁ। ନିଶ୍ଚିତ ମୁଁ ଅଳ୍ପଦିନ ଭିତରେ ପହଂଚିବି।

ଫୋନରେ କଥାଭାଷା ଶୁଣୁଥିବା ପତ୍ନୀ ସୁନୀତା ହଠାତ୍ କହିଉଠିଲେ- କେତେଥର କହିଛି ଗାଁର ସେଇ ଘରଡିହ ତକ ବିକିଦିଅ ଆଉ ମା'ଙ୍କୁ କେଉଁଠି ଗୋଟେ ରହିବାର ବ୍ୟବସ୍ଥା କରିଦିଅ । ଆମ ପିଲାମାନେ ସେ ଗାଁରେ କ'ଣ ଆଉ ଚଳିପାରିବେ ? ପତ୍ନୀଙ୍କର ଗାଁ ଓ ମା'ଙ୍କ ପ୍ରତି ସର୍ବଦା ବିମୁଖଭାବ । ଘରଡିହ ବିକିବା କଥା ଶୁଣି ଶୁଭ୍ରାଂଶୁ ବାବୁ ଚିହିଙ୍କି ଉଠିଲେ । ତାଙ୍କ ମନରେ ଅତୀତଟା ଅକସ୍ମାତ୍ ଆସି ଉଭା ହେଲା । ଶୈଶବର ସ୍ମୃତିକୁ ସାଉଁଟିବାରେ ଲାଗିଲେ ସେ । ଆଖି ସାମ୍ନାରେ ଭାସି ଉଠିଲା ଝାଟିମାଟି ଘରର କଥା । ଅନ୍ୟମନସ୍କ ହୋଇ ଯାଉଥିଲେ ସେ । ମୋବାଇଲର ରିଂ ବାଜିଲା ପରେ ଯାଇ ସେ ପ୍ରକୃତିସ୍ଥ ହେଲେ । ଏକ ପ୍ଲଟିଂ ସଂସ୍ଥାରୁ ଫୋନ ଆସିଥିଲା ପ୍ଲଟଟିଏ କିଣିବା ପାଇଁ । କିଚେନ ରୁମ୍ ଆଡ଼େ ଚାଲି ଯାଉଥିଲେ ସୁନୀତା । ପୂର୍ବବତ ଲାପଟପରେ ଅଫିସ କାମରେ ବ୍ୟସ୍ତ ରହିଲେ ଶୁଭ୍ରାଂଶୁ ।

ଏଣେ ମା'ଙ୍କ ସ୍ୱାସ୍ଥ୍ୟରେ ଆଦୌ ସୁଧାର ଆସୁନଥାଏ ବୋଲି ତାଙ୍କ ପାଖକୁ ଖବର ବରାବର ଆସୁଥାଏ । ଅଗତ୍ୟା ଗାଁରେ ପହଁଚିଲେ ଶୁଭ୍ରାଂଶୁ ବାବୁ । ମା' ସମ୍ପୂର୍ଣ୍ଣ ଶଯ୍ୟାଶାୟୀ । ଖାଲି ଅସ୍ପଷ୍ଟ କଣ୍ଠରେ କହିଲେ, ତୁ ଆସିଛୁ ଶୁଭ !

ବହୁବର୍ଷ ପରେ ଗାଁକୁ ଫେରିଛନ୍ତି ଶୁଭ । ଘରର ମାଟିକାନ୍ଥରେ ଠାଏଠାଏ ଅତଡା ଖସିଲାଣି । ପ୍ରିୟ ସଜନା ଗଛଟା ନିର୍ବିକାର ଭାବେ ଛିଡା ହୋଇଛି ଅଗଣାରେ ଆଉ ତେନ୍ତୁଳି ଗଛଟା ବି ବୁଢ଼ା ହେଇଗଲାଣି ଯା' ଭିତରେ । କିଛି ପିଲା ତେନ୍ତୁଳି ତୋଳିବାକୁ ଢେଲା ଫିଙ୍ଗୁଥାନ୍ତି ଆଉ କିଛି ତାଙ୍କୁ ବଲବଲ କରି ଚାହିଁଥାନ୍ତି । ସନା କକେଇ ଓ ରମା କକେଇଙ୍କ ସେ ଘର ଆଉ ନାହିଁ । ତା' ସ୍ଥାନରେ ଛିଡାହେଇଛି ପକ୍କାଘର । ଇତିମଧ୍ୟରେ ଅନେକ ବଦଳି ଗଲାଣି ଗାଁର ଚିତ୍ରପଟ । ଅନେକ ବ୍ୟସ୍ତ ଜୀବନର ପରିଧିରୁ ସେ ଏତେଦିନ ପରେ ଟିକେ ମୁକୁଳି ପାରିଛନ୍ତି । ନିଜକୁ ଅନୁଭବ କରୁଥାନ୍ତି ଯେ ସେ ଯେମିତି ଆଜି ଆକାଶର ମୁକ୍ତ ବିହଙ୍ଗ । ଆପାର୍ଟମେଣ୍ଟର ନିବୁଜ କୋଠରୀରେ ବନ୍ଦୀ ଜୀବନଠାରୁ ଏଠି ରହିଛି ଭରପୂର ଆନନ୍ଦ ।

ପେଜୁଆ ଆଖିରେ ଭଲକରି ଅନାଉଥିଲା ତା ମା' । ବାଷ୍ପରୁଦ୍ଧ କଣ୍ଠରେ ତା' ମା' କହୁଥିଲେ, ମୁଁ ତ ପାକଲା ତାଳ, କେତେବେଳେ ଯେ ଝଡିଯିବି । ନାତିଟା ମୋର କେତେ ବଡ଼ ହେଲାଣି ! ଟିକେ ସୁମୀ ଆଉ ନାତିଟାକୁ ଆଣିଲୁନି ? ତା'ର କହିବାକୁ ଯୁ' ନଥିଲା ଯେ ସେମାନେ ଏବେ ସହରୀ ମଣିଷ । କେତେବେଳେ ଉଡନ୍ତା ଚଢେଇ ଫର୍ ଫର୍ ତ କେତେବେଳେ ପଞ୍ଜୁରୀ ଆବଦ୍ଧ ଜୀବ । ଗାଁର ମମତାଠାରୁ ଅନେକ ଦୂରରେ ସେମାନେ ।

ଶୁଭ୍ରାଂଶୁ ବାବୁଙ୍କ ହାତରେ ସମୟ କମ୍ ଥିଲା । ଅଫିସ କାମର ଚାପ । ତାଙ୍କର ଇଚ୍ଛା ହେଉଥିଲା ନଈପଠା ଆଡୁ ଆଉ ଆମ୍ବତୋଟା ଆଡୁ ଘେରାଏ ବୁଲି ଆସିବାକୁ । ନଈ କୂଳର ସେ ଝଙ୍କାଳିଆ ଜାମୁକୋଳି ଗଛଟା ଆଉ ଅଛିକି ନାହିଁ କେଜାଣି !

ଏତିକିବେଳେ ମା' କହିଲେ- ଶୁଣ ଶୁଭ ! ତୋ ସନାଦାଦାକୁ କହି କିଛି ସଜନା ଛୁଇଁ ଓ ତେନ୍ତୁଳି ସେଇ କଣଘର ବ୍ୟାଗରେ ରଖିଛି, ଗଲାବେଳେ ନେଇଯିବୁ । ଏତକ କହି, ସେଇ କଣଘର ଆଡକୁ ହାତ ଠାରୁଥିଲା ମା' ।

ଇତିମଧ୍ୟରେ ସମୟ ଢେର ବଦଳି ଗଲାଣି, ହେଲେ ବଦଳିନି ତା ମା' । ଏ ଦୁନିଆଁରେ ମା' କ'ଣ କେବେ ବଦଳିପାରେ ? ଶୁଭ୍ରାଂଶୁ ସେଇ କଣଘର ଆଡ଼କୁ ଚାହିଁଲା । ସେଇ ଘରଟି ସହ ଅନେକ ସ୍ମୃତି ଜଡ଼ିତ ହେଇ ରହିଛି । ଏବେବି ସେଇଟି ସେ ସିନ୍ଧୁକଟି ସେମିତି ଅଛି । ସେଇ ସିନ୍ଦୁକ ଭିତରୁ ଅନେକଥର ସେ ତେନ୍ତୁଳି ଲୁଚାଇ ଖାଇଛି । ଅଳନ୍ଧୁରେ ଭର୍ତ୍ତି ହେଇଥିବା ସେ ଘର ଭିତରକୁ ପଶିଗଲା ସେ । ଦୃଷ୍ଟି ପଡିଲା, ମଇଳା ପରିତ୍ୟକ୍ତ ସେଇ ବ୍ୟାଗଟି ଉପରେ । ବ୍ୟାଗକୁ ଦେଖିଲା ପରେ ତା'ର ଆକର୍ଷଣ ଯେତିକି ବଢିଯାଇଥିଲା, ସଂକୋଚବୋଧ ବି ତାକୁ ମାଡ଼ି ମାଡ଼ି ବସୁଥିଲା । ମନକୁମନ ପ୍ରଶ୍ନ କରୁଥିଲା, ଏ ବ୍ୟାଗକୁ ନେଇ ସେ କ'ଣ ରାଜଧାନୀ ଯିବ ! ନିରିଖେଇ ଚାହିଁଲା ସେ ବ୍ୟାଗକୁ । ଏଇ ବ୍ୟାଗକୁ ମା' ସେହିଦିନୁ ସାଇତି ରଖିଚି ! ତା' ବାପାର ପ୍ରିୟ ବ୍ୟାଗ ଇଏ । ବାପା ଯିବାର ଅନେକ ବର୍ଷ ହେଇ ଗଲାଣି । ଅନେକଥର ସେ ଏହି ବ୍ୟାଗଧରି ବାପାଙ୍କ ସହ ହାଟକୁ ଯାଇଛି । ପନିପରିବା ଓ ତେଜେରାତି ସାମଗ୍ରୀ ଆଣିଛି । ଥରେ ପାଣି ଛଟାଛଟି ଖେଳୁଖେଳୁ ତା'ର ବସ୍ତାନି ଓଦା ହୋଇଯାଇଥିଲା ଯେ ସେ ସେଇ ବାପାଙ୍କ ବ୍ୟାଗରେ ବହି ପୂରାଇ ସ୍କୁଲ ନେଇଯାଇଥିଲା । ବାପା ପରିବା ଆଣିବା ପାଇଁ ଅନେକ ଖୋଜିଲେ ଓ ଏଥିପାଇଁ ସେ ବାପାଙ୍କ ଠାରୁ ପ୍ରବଳ ମାଡ଼ଗାଳି ବି ଖାଇଥିଲା ।

ଭିଟାମାଟି ଓ ଝାଟିମାଟି ଏଇ ଘରଟି ପରି ଏ ବ୍ୟାଗ୍ ସହ ସମ୍ପର୍କ ଅତି ନିବିଡ଼ । ସେଦିନ ବାପାଙ୍କ ଅଭାବୀ ମୁହଁ ଓ ଆଜିର ବୋଉର ରୋଗିଣା ମୁହଁ ଭିତରେ ଅନେକ ସାମଞ୍ଜସ୍ୟ । ସେଦିନର ବାପାଙ୍କର ସେ ପ୍ରିୟ ବ୍ୟାଗ୍ ଓ ଆଜି ବୋଉର ତାହାକୁ ନୀରବ ସମର୍ପଣ ଭିତରେ ସେ ଅନୁଭବ କଲା ଏକ ଗହନ ବ୍ୟଥା । ଆବେଗର ଅଶ୍ରୁ ବୁନ୍ଦାଏ ଝରିପଡିଲା ତା' ଆଖିକଣରୁ ।

***

ରଥ ନିର୍ମାଣର ଶାସ୍ତ୍ରୀୟ ପଦ୍ଧତି

ଭାସ୍କର ମିଶ୍ର
ପୁରୀ
ମୋ: ୯୪୩୭୨୮୧୧୦୨

"ଶ୍ରୀଅରବିନ୍ଦଙ୍କ ଭାରତ ଭାବନା ଆଦୌ ଭାବାଳୁତା ବା ଭାବପ୍ରବଣତା ନଥିଲା ବରଂ ତାହା ଥିଲା ଏକ ଅନ୍ତରଙ୍ଗ ଅନୁଭୂତିର ଅକୃତ୍ରିମ, ଅକପଟ ଅଥଚ ଅଭ୍ରାନ୍ତ ପରିପ୍ରକାଶ ।"

ସମଗ୍ର ଭାରତବର୍ଷରେ ଦେବତାମାନଙ୍କ ନିମନ୍ତେ ଯେତେ ପ୍ରକାରର ରଥ ବ୍ୟବହାରରେ ଆସୁଛି, ତାହା ମଧ୍ୟରେ ଶ୍ରୀକ୍ଷେତ୍ରର ତିନିରଥ ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ । ବହୁ ପ୍ରାଚୀନ ସମୟରୁ ରଥତ୍ରୟର ନିର୍ମାଣ ପଦ୍ଧତି ଶିଳ୍ପଶାସ୍ତ୍ରାନୁମୋଦିତ । ରଥ ନିର୍ମାଣ ସମ୍ବନ୍ଧରେ ମାନସାର, ଅପରିଜିତା ପୁଚ୍ଛା, ଶୁଲ୍ବ ସୂତ୍ର, ବିଶ୍ୱକର୍ମୀୟ ରଥ ନିର୍ମାଣ ପଦ୍ଧତି, ଗୃହକର୍ଣ୍ଣିକା, ଶିଳ୍ପସାର ସଂଗ୍ରହାଦି ଗ୍ରନ୍ଥମାନଙ୍କରେ ସବିଶେଷ ବିଧିବିଧାନ ରହିଛି ।

"ଶିଳ୍ପସାର ସଂଗ୍ରହ" ପୋଥିର ୨ୟଖଣ୍ଡରେ ରଥର ମୂଳରୁ ଚୂଳ ପର୍ଯ୍ୟନ୍ତ ମୋଟ୍ ୨୭ ଭାଗ କରାଯାଇଛି । ପ୍ରତ୍ୟେକ ଭାଗକୁ ଚଉଠା ଓ ଚଉଠାର ଦେଢ଼ ଭାଗକୁ ଅଙ୍ଗୁଳ ବା କଳା କୁହାଯାଏ । ରଥର ତଳ ଚକଡ଼ା (ଚଉଡ଼ା)ର ଦୈର୍ଘ୍ୟ ୨୭ ଚଉଠା । ଏହି ଚକଡ଼ାକୁ ୯ ଭାଗ କରି ୧୦ ଧାରଣା ପକାଯାଏ । ପ୍ରଥମ ୬ ଧାରଣାର ଲମ୍ବ ୨୭ଚଉଠା, ୨ୟ ଧାରଣାର ଲମ୍ବ ୨୧ ଚଉଠା ଓ ୩ୟ ଧାରଣାର ଲମ୍ବ ୧୫ ଚଉଠା । ମୁହାଣର ଲମ୍ବ ୧୫ ଚଉଠା, କୁତୁକାର ଲମ୍ବ ଧାରଣା ମଝାଲକୁ ୩ ଚଉଠା, ଏପରି

ଚାରିକୋଣରେ ୮ କୁଡୁକା ଦେବ । ବଡ଼ ଦୁଇ ଅଖ ଲମ୍ବ ୩୦ ଚଉଠା, ଛୋଟ ଦୁଇ ଅଖ ଲମ୍ବ ୨୪ ଚଉଠା । ଏହି ଏକ ଚଉଠାକୁ ୧୨ ଭାଗ କରାଯାଏ । ୧୭ ଚଉଠ ୮ ଅଙ୍ଗୁଳରେ ବଡ଼ ଅଖ ଦୁଇଗୋଟି ପୁଡ଼ା ଡାଇ ହାଣିବ । ଗୁଳିର ଉଚ୍ଚ ୫ ଚଉଠ ୮ ଅଙ୍ଗୁଳ, ଗୁଳି ବହଳ ଛାଡ଼ି ଅଖରେ କାନ କିଳା ବିନ୍ଧ କରିବ । ମୁହାଣକୁ ଗୁଳି ନିଶ୍ୱାସ ୮ ଅଙ୍ଗୁଳ ଛାଡ଼ି ଧାରଣାରେ ଅଖର କାବିଳା କଣ୍ଢା ବିନ୍ଧ କରିବ । ମୁହାଣ ମଝାଲକୁ ୮ ଚଉଠ ୪ ଅଙ୍ଗୁଳ ଛାଡ଼ି ବଡ଼ ଅଖ କାବିଳା ବିନ୍ଧ ଧାରଣାରେ କରିବେ ।

୧୦ ବାହି ପ୍ରକାରେ ଗୋଜଫୁଲି କରି ଜଳନ୍ତରିଆ ଖୋଜ ବିନ୍ଧ କରିବ । ଧାରଣା ବାହି ଉପରେ ଜିଆ ୮ ଚଉଠରେ ନାଇକା ବିନ୍ଧ କରିବ । ନାଇକା ପାଖ ଜଳନ୍ତରିଆ ଖୋଜ ୪ ଚଉଠ ୧୨ ଅଙ୍ଗୁଳ ଉଚ୍ଚ ରଖି ଖୁସି କରିବ । ଏଥି ଉପରେ ଛନ୍ଦା ପକାଇବ । ଚକଡ଼ା ଚାରିପାଖ ଧାରଣାକୁ ଛନ୍ଦାକୁ ଟୀକା ମାରିବ । ଧାରଣା ଉପରଠାରୁ ଜିଆ ମିଶି ନାଇକା ୧୪ ଚଉଠ ରଖି ଖୁସି କରିବ । ସିଂହାସନର ଉଚ୍ଚ ୧୨ ଅଙ୍ଗୁଳ କରିବ । ଜିଆ ବହଳ ୧୨ ଆଙ୍ଗୁଳ କରିବ । ଓସାର ୧ ଚଉଠା ନାଇକା ଉପରେ ୮ ଚଉଡ଼ାଇ ଚଉତାଳ କରିବ ।

ପ୍ରଥମେ ଭୂଇଁ ଲଦିବ । ଭୂଇଁ ବହଳ ୫ ଅଙ୍ଗୁଳ ଫୁଲି ଠାରୁ ଭୂଇଁ ଅଁଳା, ୨ ଚଉଠ ୪ ଅଙ୍ଗୁଳ । ଭୂଇଁ ମଝାଲ ସୂତାଠାରୁ ୨ ଅଙ୍ଗୁଳ ରଖି ଗଇ ହାଣିବ । ପାଖୁଡ଼ା ୩ ଚଉଠ ୪ ଅଙ୍ଗୁଳ, କୋଣ ପାଖୁଡ଼ା ୧ ଚଉଠ ୪ ଅଙ୍ଗୁଳ, ଫୁଲି ଠାରୁ ୧ ଚଉଠ ଲେଖା ଛାଡ଼ି ଦୁଇ ପାଖୁଡ଼ା ବସାଇବ । ଏହିପରି ଚାରିପାଖେ ୧୬ ଗୋଟି ପାଖୁଡ଼ା ମାରିବ । ଫୁଲି ଠାରୁ ୧ଚଉଠ ୨ ଅଙ୍ଗୁଳ ଲେଖାରେ ହଂସପାଦି ପକାଇ ୧ ଚଉଠ ଉଚ୍ଚରେ ଚଢ଼େଇ ଖୋଜ ବସାଇବ । ଏଥି ଉପରେ ପାଖୁଡ଼ା ହଂସ ପାଦି ମାରିବ । ଚାରିପାଖେ ହାରାମାଳି ମାରିବ । ଏଥି ଉପରେ ୬ ଚଉଠରେ ବିନ୍ଧ କରି ୮ ଅଙ୍ଗୁଳ ଛାଡ଼ି ଓରା ପକାଇବ । ଏହାପରେ ୨ୟ ଭୂଇଁ, ୨ୟ ପାଖୁଡ଼ା ମାରିବ । ଏପରି ଚାରିଦିଗେ ୧୨ ପାଖୁଡ଼ା ମାରିବ । ତୃତୀୟପୁର ଭୂଇଁ ଚଉତାଳ ୬ ଚଉଠରେ କରିବ ।

ପ୍ରଥମ ପଟଳ ଲମ୍ବ ୮ ଚଉଠ, ରାହା କାଟଣ ଶେଷ ଠାରୁ ୧୪ ଅଙ୍ଗୁଳ ଉଚ୍ଚ, ୨ୟ ରାହା ମଧ୍ୟ ୧୨ ଅଙ୍ଗୁଳ ଉଚ୍ଚରେ କାଟଣ ହେବ । ଏହିପରି ଚାରିପାଖ ପଟଳ କରିବ । ପ୍ରଥମ ସାତପୁର ପଟଳ ଉଚ୍ଚ ୨ ଚଉଠ, ସାତପୁରରେ କୋଣ ଓରା ପକାଇ ପଟଳ ଲଦିବ । ପଟଳ ଭୂଇଁ ଉପରଠାରୁ ବଡ଼ ଖୋଜ ମଧ୍ୟ ଚୈତାଳରେ ୨ ଚଉଠ ୧୨ ଅଙ୍ଗୁଳ ରଖି ବସାଇବ । ଏଥି ଉପରେ ପାରାଭାଡ଼ି ଭୂଇଁ ୩ ଚଉଠ ୮ ଅଙ୍ଗୁଳରେ ଚଉତାଳ କରି ବସାଇବ । ପ୍ରଥମ ସାତପୁର ପଟଳ ଉପରେ ପଟଳ ଭୂଇଁ ଲଦା ହେବ । ୨ୟ ରାହା ୨ ଅଙ୍ଗୁଳ ଲେଖାରେ ପୁରକୁ ପୁର ସାତପୁର କାଟିବ । ୨ୟ ସାତପୁର ପଟଳ ୨ ଚଉଠ କରିବ । ଏଥି ଉପରେ ୧ ଚଉଠ ଉଚ୍ଚରେ ମାଙ୍କଡ଼/ଛନ୍ଦା ଦୁଇଗୋଟି ଚଉତାଳ

କରି ପକାଇବ । ଦଧିନଉତି ୨ ଚଉଠ ଉଚ୍ଚରେ ମାଙ୍କଡ଼ଛନ୍ଦା ଉପରେ କଳସ ଚକ୍ର ପତାକା ଦେବ । କଳଶା ଶିଖା ଠାରୁ ପାରାଭାଡ଼ି ଭୂଇଁ ତଳ ପର୍ଯ୍ୟନ୍ତ ଦଧିନଉତି ଖୋଜ ଦେବ ।”

ରଥର ପାଦ ଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ଥିବା ଅଂଶଗୁଡ଼ିକ ମଧ୍ୟରେ ଚକ, ଦଣ୍ଡିଆ, ଅର, ବାଙ୍କି, ହଂସପଟା, କଣି, ଶଙ୍ଖଦ୍ୱାର, ଜାଲି, ଗାଇପଟା, ସିଂହାସନ, କନକ ମୁଣ୍ଡେଇ, ଭୂମି, ଷୋଳ ନାହାକ, ମଗରଦଣ୍ଡା, ବସନ୍ତ, ଦୁଆରଘୋଡ଼ା, ସାରଥୀ ପୀଢ଼, କୁମ୍ଭପଟି, ରାହୁପଟି, ଆଠ ନାହାକା, ପୀଢ଼, ଋଷି ପଟା, ଦଣ୍ଡା, ପାରାଭାଡ଼ି, ଖପୁରୀ, ପାଦ, ଓଲଟ, ଶୁଆ, ଦଧିନଉତି, କଣ୍ଡି, ଦଣ୍ଡ, ଚକ୍ର ଓ କେତନ ।

ଶିଳ୍ପ ଶାସ୍ତ୍ରାନୁଯାୟୀ ରଥର ଅଙ୍ଗ ଗୁଡ଼ିକୁ ସାଧାରଣତଃ ୧୩ଟି ମୁଖ୍ୟ ଅଙ୍ଗରେ ବିଭକ୍ତ କରାଯାଇଛି । ଯଥା (୧) ଚକ୍ରପୀଠ (୨) ଅରଦଣ୍ଡା(୩) ଗଗରା(୪) ମୂଳନାଭ(୫) ବରାଣ୍ଡି (୬) ହଂସପଟା(୭) ରଥଗର୍ଭ(୮) ପାରାଭାଡ଼ି(୯) କଳସପୀଠ, (୧୦) ଦଧିନଉତି (୧୧) କର୍ଣ୍ଣଅଳା (୧୨) ଧାତୁ କଳସ (୧୩)ଆୟୁଧ ଧ୍ୱଜା ।

ରଥ ନିର୍ମାଣର ପୃଷ୍ଠଭୂମି

ସାମ୍ୟ, ମୈତ୍ରୀର ପ୍ରତୀକ ଶ୍ରୀଜଗନ୍ନାଥ ମହାପ୍ରଭୁ ଯେଉଁ ରଥରେ ବିରାଜମାନ କରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନ ଯାତ୍ରା କରନ୍ତି, ସେହି ରଥର ନାମ ‘ନନ୍ଦିଘୋଷ’ । ସେହିପରି ଶ୍ରୀବଳଭଦ୍ରଙ୍କ ରଥର ନାମ ‘ତାଳଧ୍ୱଜ’ ଓ ଶ୍ରୀ ସୁଭଦ୍ରାଙ୍କ ରଥର ନାମ ‘ଦେବଦଳନ’ ‘ଦର୍ପଦଳନ’ ବା ‘ପଦ୍ମଧ୍ୱଜ’ ।

ପ୍ରତ୍ୟେକ ବର୍ଷ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ସମ୍ମୁଖସ୍ଥ ରଥଖଳାରେ ନୂତନ ଭାବେ ତିନୋଟି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ଏ ବାବଦରେ ବିଭିନ୍ନ କାର୍ଯ୍ୟ ରାଜ୍ୟ ତଥା ଜିଲ୍ଲା ପ୍ରଶାସନ, ବିଧିବିଭାଗ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ଓ ପୌର ପ୍ରଶାସନ ତରଫରୁ ମିଳିତ ଭାବେ ସମ୍ପାଦିତ ହୋଇଥାଏ ।

ରଥ ନିର୍ମାଣ ତଥା ରଥଯାତ୍ରାର ପ୍ରଥମ ଶୁଭାରମ୍ଭ ହୋଇଥାଏ ସରସ୍ୱତୀ ପୂଜା ଶ୍ରୀପଞ୍ଚମୀ ତିଥିଠାରୁ । କେତେକ ନିର୍ଦ୍ଦିଷ୍ଟ ତିଥିରେ ରଥମାନଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଯଥା - ଶ୍ରୀପଞ୍ଚମୀ (ସରସ୍ୱତୀ ପୂଜା) ଦିନ ରଥକାଠ ପୁରୀରେ ପହଞ୍ଚିବା ସଙ୍ଗେ ସଙ୍ଗେ ଅନୁକୂଳ ନୀତି ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ହୋଇଥାଏ । ଶ୍ରୀରାମନବମୀ ଦିନ ରଥକାଠ ଚିରା କାର୍ଯ୍ୟରେ ଅନୁକୂଳ ସ୍ଥାନୀୟ କରତକଳରେ ହୋଇଥାଏ । ଅକ୍ଷୟ ତୃତୀୟା ଦିନ ତିନି ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହୋଇଥାଏ । ଉକ୍ତ ଦିନ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଅନ୍ୟାନ୍ୟ ବ୍ରାହ୍ମଣମାନଙ୍କ ଦ୍ୱାରା ରଥ ନିର୍ମାଣ ଉପଲକ୍ଷେ ନିର୍ମାଣ କାର୍ଯ୍ୟର ଯଜ୍ଞ ଓ ଆନୁସଙ୍ଗିକ ପୂଜା, ନୀତି ଇତ୍ୟାଦି ଅନୁଷ୍ଠିତ ହେବା ସଂଗେ ସଂଗେ ପୂଜାପଣ୍ଡାମାନେ ତିନି ରଥ ନିର୍ମାଣର ଶୁଭାରମ୍ଭ ନିମନ୍ତେ

ଆଜ୍ଞାମାଳ ପ୍ରଦାନ କରିଥାନ୍ତି । ଏଠାରେ ବିଶ୍ୱକର୍ମା ମହାରଣା, ରୂପକାର, ଭୋଇ ଇତ୍ୟାଦି ସେବକମାନେ ଶାଢ଼ୀ ବନ୍ଧାଇଥାନ୍ତି । ଏହାପରେ ନୃସିଂହ ଚତୁର୍ଦ୍ଦଶୀ ଦିନ ଗୁଜ ଅନୁକୂଳ, ଶ୍ରୀକ୍ଷେତ୍ର ଭଉଁରୀ ଦିନ ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଚକଡେରା ହୋଇଥାଏ ଓ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସି ଏହା ଉପରେ ଲାଗି କରାଯାଇଥାଏ । ଦେବସ୍ନାନ ପୂର୍ଣ୍ଣିମା ଦିନ ପ୍ରତି ରଥର ଚାରିନାହକ ଡେରା ଅନୁକୂଳ ଓ ନେତ୍ରୋତ୍ସବ ଦିନ (ରଥଯାତ୍ରା ପୂର୍ବଦିନ) ଅପରାହ୍ନ ସୁଦ୍ଧା ତିନିଟି ଯାକ ରଥ ସୁସଜ୍ଜିତ ହୋଇ ଶ୍ରୀନଅରସ୍ଥିତ ରଥଖଳାରୁ ଟଣା ହୋଇ ସିଂହଦ୍ୱାର ସମ୍ମୁଖରେ ରଖାଯାଇଥାଏ ।

ବହୁ ପ୍ରାଚୀନ ସମୟରୁ ମହାପ୍ରଭୁମାନଙ୍କର ରଥ ନିର୍ମାଣ ନିମନ୍ତେ ନୟାଗଡ଼, ଖୋର୍ଦ୍ଧା, ଦଶପଲ୍ଲା, ରଣପୁର ଇତ୍ୟାଦି ଜଙ୍ଗଲରୁ ଆବଶ୍ୟକୀୟ କାଠ ନଦୀ ଦ୍ୱାରା ପୁରୀକୁ ଆସୁଥିଲା । ଏହି କାଠ ସବୁ ନଦୀରେ ଭେଳା କରି ଅଣାଯାଉଥିଲା । ପୁରୀଠାରୁ ୧୦ କି.ମି. ଦୂର ମାଳତୀପାଟପୁର ନିକଟସ୍ଥ କାଠ ପୋଲ ଠାରୁ ଏହି କାଠଗୁଡ଼ିକ ଶଗଡ଼ରେ ବୁହା ହେଉଥିଲା । ପୁରୀରେ ପ୍ରତିଷ୍ଠିତ କେତେକ ମଠ ରଥ କାଠ ବୁହାଯିବା ପାଇଁ ଶଗଡ଼ମାନ ଯୋଗାଉଥିଲା । ଏହି ପରମ୍ପରା ବହୁ ବର୍ଷ ଧରି ଲୁପ୍ତହୋଇ ଯାଇଅଛି । ସଂପ୍ରତି ପରିବହନ ମାର୍ଗର ସୁବିଧା ଦୃଷ୍ଟିରୁ ଟ୍ରକ୍ ଯୋଗେ ଏହି କାଠ ଆସି ପୁରୀ ବଡ଼ଦାଣ୍ଡ ତଥା ରଥଖଳା ଠାରେ ରଖାଯାଉଅଛି । ରଥ ସଂହିତା (Car Festival Code) ଅନୁଯାୟୀ ତିନୋଟି ରଥ ନିର୍ମାଣ ପାଇଁ ୧୧୩୯ ଖଣ୍ଡ କାଠ ଆସିଥାଏ । ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଉପରିବର୍ଣ୍ଣିତ କାଠ ଯୋଗାଇ ଆସୁଅଛନ୍ତି । ନୟାଗଡ଼ ଓ ଖୋର୍ଦ୍ଧା ଡ଼ିଭିଜନର ଅରଣ୍ୟ ଅଧିକାରୀମାନେ ୮୬୨ ଖଣ୍ଡ ଅସନ, ଧଉରା ଓ ଫାସୀ ଇତ୍ୟାଦି କାଠ ପଠାଇଥାନ୍ତି । ଏଥିମଧ୍ୟରୁ ୭୨ ଖଣ୍ଡ ଫାସୀ ଅଟେ । ଏତଦ୍‌ବ୍ୟତୀତ ରଣପୁର ଜଙ୍ଗଲରୁ ୨୭୪ ଖଣ୍ଡ କଆକାଠ ଓ ତିନୋଟି ଶିମୁଳି କାଠ ଆସିଥାଏ ।

ତିନିରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଅନୁଷ୍ଠିତ ହେବା ସହିତ ତତ୍ ପରଦିନ ଠାରୁ ନିର୍ମାଣ ଆରମ୍ଭ ହୋଇ ନେତ୍ରୋତ୍ସବ ଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥାଏ । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଅନ୍ତର୍ଭୁକ୍ତ ବିଶ୍ୱକର୍ମା ମହାରଣା, ଭୋଇ, ରୂପକାର, ଚିତ୍ରକାର, ଦରଜୀ, କମାର ପ୍ରମୁଖ ସେବକମାନେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । ତନ୍ମଧ୍ୟରେ ସମୁଦାୟ ୬୦ ଜଣ ମହାରଣା, ୭୫ଜଣ ଭୋଇ, ୧୫ଜଣ କମାର, ୧୫ରୁ ୨୦ଜଣ ଚିତ୍ରକାର, ୭/୮ ଜଣ ଦରଜୀ, ୧୫ ଜଣ ରୂପକାର ସେବକ ଅନ୍ତର୍ଭୁକ୍ତ । ମହାପ୍ରଭୁମାନଙ୍କ ବ୍ୟବହୃତ ତିନିଗୋଟି ରଥର ଗଠନ ପଦ୍ଧତି ଶିଳ୍ପଶାସ୍ତ୍ରାନୁମୋଦିତ । ପରମ୍ପରା ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ଓ ମାପ ଅନୁସାରେ ଏହି ରଥତ୍ରୟର ନିର୍ମାଣ କରାଯାଇଥାଏ ।

ଏହା ବ୍ୟତୀତ ପ୍ରତି ରଥରେ ୪ଟି ଲେଖାଏଁ ଅଶ୍ୱ, ଗୋଟିଏ ସାରଥୀ, ଦୁଇଟି ଶୁଆ, ରଥବାଡ଼, ୯ଟି ଲେଖାଏଁ ପାର୍ଶ୍ୱଦେବତା ଇତ୍ୟାଦି ଖଞ୍ଜା ଯାଇଥାଏ । ସୂଚନା ଯୋଗ୍ୟ ଯେ, କେବଳ ନବକଳେବର ବର୍ଷ ନୂତନ ଭାବେ ସାରଥୀ, ଅଶ୍ୱ, ପାର୍ଶ୍ୱଦେବତା, ଠେକେରା ବାଡ଼ (ରଥବାଡ଼), ରଥ ବ୍ରେକ୍, ହଂସପଟା ଓ କନ୍ୟାପଟା ଇତ୍ୟାଦି ନିର୍ମାଣ କରାଯାଇଥା । ଏଥି ନିମନ୍ତେ ଶାଳ, ଗମ୍ଭାରୀ ଇତ୍ୟାଦି କାଠ ସ୍ୱତନ୍ତ୍ର ଭାବେ ଜଙ୍ଗଲ ବିଭାଗ ଯୋଗାଇଥାନ୍ତି ।

ତିନି ରଥ ନିର୍ମାଣ କାର୍ଯ୍ୟ ଶେଷ ହେବା ପୂର୍ବରୁ ପ୍ରାୟ ୧୪ଜଣ ଦରଜୀ ସେବକଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ତିଥିରୁ ଆରମ୍ଭ ହୋଇଥିବା ରଥ ମଣ୍ଡଣି କନା ପ୍ରସ୍ତୁତ କରାଯାଇ ତିନି ରଥରେ ସୁସଜ୍ଜିତ କରାଯାଇଥାଏ । ଏହି କନା ମୁଖ୍ୟତଃ ନାଲି, ହଳଦିଆ, ନେଳି ଓ କଳା ରଙ୍ଗର ଅଟେ । ପ୍ରାୟ ଏକ ହଜାର ମିଟରରୁ ଉର୍ଦ୍ଧ୍ୱ କନା ତିନିରଥର ମଣ୍ଡଣି, ଘେର, ଚାନ୍ଦୁଆ ନିମନ୍ତେ ଆବଶ୍ୟକ ହୋଇଥାଏ ।

ପରମ୍ପରା ଅନୁଯାୟୀ ନନ୍ଦିଘୋଷ ରଥ ପାଇଁ ନାଲି ଓ ହଳଦିଆ କନା, ତାଳଧ୍ୱଜ ରଥ ପାଇଁ ନାଲି ଓ ନେଳି କନା ଓ ଦର୍ପଦଳନ ରଥ ପାଇଁ ନାଲି ଓ କଳା କନା ବ୍ୟବହାର ହୋଇଥାଏ । ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଉଚ୍ଚତା ଯଥାକ୍ରମେ ୪୫ ଫୁଟ ୬ ଇଞ୍ଚ, ୪୫ ଫୁଟ ଓ ୪୪ ଫୁଟ ୬ ଇଞ୍ଚ ଅଟେ ।

ରଥଯାତ୍ରା ପର୍ବ ଶେଷ ହେବା ପରେ ପ୍ରତିବର୍ଷ ରଥଗୁଡ଼ିକୁ ଭାଙ୍ଗି ଦିଆଯାଏ । କେବଳ ସାରଥୀ, ଘୋଡ଼ା, ପାର୍ଶ୍ୱଦେବତା, ସଖୀ, ପିତ୍ତଳର କଦଳୀ ଗଛ, ମଗର ଓ ରଥବାଡ଼ ଇତ୍ୟାଦି ସାଇତି ରଖାଯାଏ । ଉଲ୍ଲେଖ ଯୋଗ୍ୟ ଯେ ୧୯୯୯ ମସିହାଠାରୁ ରଥଟଣା ସମୟରେ ତିନୋଟି ରଥର ବ୍ରେକ୍‌କୁ ପକାଇବା ଓ ଉଠାଇବା ପାଇଁ ମନ୍ଦିର ପ୍ରଶାସନ ତରଫରୁ 'ପୁଲି' ବ୍ୟବସ୍ଥା ପ୍ରଚଳନ କରାଯାଇଅଛି ।

***

ଖୁଲେ ପାନ

ସ୍ୱର୍ଗତ ପଦ୍ମନାଭ ବେହେରା

କମ୍ପି ଉଠୁଛି ସାରା ନୀଳାଚଳ
ଚମକ ଖେଳିଛି ସବୁରି ପ୍ରାଣେ
ହାଇଦରାବାଦୁ ଶେଠ ଆସିଅଛି
ଝଲକ ଖେଳାଇ ଆପଣା ଦାନେ ।

ଚହଳ ପକାଇ ଅହମିକା ଭରେ
ଘୋଷଣା କରୁଛି ବାରକୁ ବାର
ଏକଇ ଭୋଗରେ ଖରଚ କରିବ
ଲକ୍ଷେ କଉଡି ସତ୍ୟ ତାର ।

ପଣ୍ଡା ପରିଛା ମଥା ଘୂରୁଅଛି
କିପରି ରଖିବେ ମହତ ଦାନ
ନୋହିଲେ ବଣିକ ବିରାଗେ ଫେରିବେ
ଲୁଚିଯିବ ସିନା ଏ ଜାତି ମାନ ।

ନିଜ ଦେଶେ ଯାଇ ବିଦେଶୀ ଧନିକ
ଗରବ ଉଛୁଳା ବୁକୁରେ ତାର
ପ୍ରଚାର କରିବ ସକଳ ମିଥ୍ୟା
ନୀଳାଚଳ ନାଥ ପୂଜାର ଭାର ।

ବିଶ୍ୱରେ ଯା'ର ଦେଉଳ ମହାନ
ଉଡଇ ଯାହାର ଅଜେୟ ବାନା
ମହାନ ସେ ଦିଅଁ ଭୁଞ୍ଜେ ରତନ
ଥାଳିରେ ଛପନ ପଉଟି ଦାନା ।

ତିନି ଜଗତରେ ପଡିଅଛି ହୁରି
ମହାପରସାଦ ମିଳିବ କାହିଁ
ପଣ୍ଡା ପୂଜକ ସକଳେ ପୂଜ୍ୟ
ଦାଣ୍ଡ ତା ସମ ନାହିଁ ଯେ ନାହିଁ ।

ସକଳ ସପନ ହୋଇଲା ଅସାର
ଖରଚ ନୋହିଲା ଟଙ୍କା ଥଳି
ଶ୍ରେଷ୍ଠ କେସନେ ଏ ଦେଶ ଦେବତା
ଶ୍ରେଷ୍ଠୀ ନ ପାରେ ହୃଦୟେ କଳି ।

ପଣ୍ଡା ପରିଛା ସବୁରି ବଦନେ
ଖେଳି ଯାଇଅଛି କାଳିମା ରେଖା
ଶେଠର ପିଆଦା କରଇ ତାଗିଦା
ହିସାବ ଫରଦ ହେଲା କି ଲେଖା ?

ସହି ନୁହେଁ ଆଉ ତିଳେ ହେଲେ ଡେରି
ଆଜ ରାତେ ଯାହା କରୁଛ ଭାଳି
କର ଚଞ୍ଚଳ ନୋହିଲେ ଫେରିବୁ
ସ୍ୱଦେଶେ ସୁରୁଜ ଉଦୟେ କାଲି ।

ଆଶା ତ ଆମର ପଣ୍ଡ ହୋଇଲା
ପୁଣ୍ୟ ଲୁଚିଲା ବହୁତ ଦୂରେ
କାହିଁକି କହ ତ କରିବୁ ବା ହେଲା
ଫେରିଯିବୁ ଏବେ ଆପଣା ପୁରେ ।

ସବୁରି ମନରେ ଚିନ୍ତା ଲହରୀ
ପଣ୍ଡା ଯେ ଆହା ! ଆହତ ସ୍ୱରେ
କହିଲେ- "କହିବି କାଲି ଯା' ଠାକୁରେ
ଆଦେଶିବେ ସବୁ ବିନୟ ଭରେ ।"

ନୟନୁ ବହୁଛି ଦି'ଧାର ଲୋତକ
କଇଁ କଇଁ କାନ୍ଦେ ସେବକ ପ୍ରାଣ
ରାତି ବଢିବାରୁ ଚିନ୍ତା ବଢୁଛି
ରଖିବେ କି ପ୍ରଭୁ ଏ ଜାତି ମାନ !

ଅଧ ନିଶୀଥରେ ସପନ ଦେଖିଲେ
ଆଗେ ଉଭା ହୋଇ ଜଗତ ନାଥ
ହସି କହୁଛନ୍ତି "ଜଗତ ଶେଠରେ
ମାଗ ଖିଲେ ପାନ ପତାଇ ହାତ ।

କାମନା ମୋହର ଜାଗିଛି କେବଳ
ତା' ଠାରୁ ଖାଇବି ଖିଲିଏ ପାନ
ମରା ହୋଇଥିବ ଖାଲି ଗଜମୋତି
ଚୂନରୁ ଅଳପ ଏତିକି ଜାଣ ।

ସବୁଦିନ ଖାଇ ଖାଇ ମୁଁ ବିଡିଆ
ଫିକା ପଡିଲାଣି ଅଧର ତଳ
ରଙ୍ଗ ଅଧରେ ରଁଗେଇବା ପାଇଁ
ବଳିଛି ଟିକିଏ ଶରଧା ମୋର ।

ଭକତ ବାସନା ଯଦି ବା ଜାଗିଛି
ଖିଲିଏ କେବଳ ଦେଉ ସେ ପାନ
ଆଗ ଖାଇ ଭାଇ ଭଉଣୀ ତିନିହେଁ
ବଣାଇବୁ ଭୋଗ କି ଦେବ ଆନ ।"

ରାତି ନ ପାହୁଣୁ ପଣ୍ଡା ଧାଇଁଛି
ଧନିକରେ ଏହି ଶୁଭ ବାରତା
ହରଷ ଉଛୁଳା ବଦନେ କହିବ
କହିଛନ୍ତି ଯା ବଡ଼ ଦେବତା ।

ଘର ଆଗେ ଶୁଭେ ଗହଳ ଚହଳ
ନିରେଖି ଧନିକ ଭକତ ଭାବେ
ହିସାବ ଫରଦ ଆସିଛି ଏଥର
ଦେଖିବ ଖରଚ ହେବ କି ଭାବେ ।

ବଡ଼ ପଣ୍ଡା ଯେ ବଚନ ଭାଷିଲେ
"ଜଗତ ନାଥଙ୍କ ଆଦେଶ ଏହି
ତୋଷ ହେବେ ଗଜ - ମୋତିଚୂନ ସହ
ପାନ ଖିଲେ ଖିଲେ ତମଠୁଁ ନେଇ ।

ସାରା ଜଗତର ବଡ଼ ଠାକୁର ସେ
ଧନିକ ସମାଜେ ତୁମେ ତ ବଡ
ଶାମୁକାର ପୋଡା ଚୂନ ବଦଳରେ
ମୋତିଚୂନ ଦେଇ କିଣ ହେ ଗଡ ।"

ଶୁଣି ଚମକିଲେ ଜଗତ ଶେଠ ଯେ
ଚକ୍ର ପରାଏ ଘୂରିଲା ମଥା
ବଦନେ ଖେଳିଲା ଅକାଳ ବଉଦ
ଆଚଁବିତ ଏ କି ଶୁଣିଲେ କଥା ।

ଗଜମୋତି ଯାର ମୂଲ ଅକଳନ
କାହୁଁ ବା ପାଇ ସେ ପୋଡିବେ ଚୂନ
ପୁଣି ସବୁ ଗଜ ଶିରେ ମୋତି ନାହିଁ
ଭାବି ପାଲଟିଲେ ଦୁଖେ ମଉନ ।

କଥାଏ ରହିଛି ମଲେ ବଞ୍ଚିଲେ
ଗଜ ମୂଲ ପରା ଲକ୍ଷେ ଟଙ୍କା
କେତେ ଗଜ ମାରି ମୋଟି ପୋଡା ହେଲେ
ମିଳିବ ଯେ ଚୂନ ! ଜାଗଇ ଶଙ୍କା ।

ବୁଝିଗଲେ ଶେଠ ଗୂଢ଼ ରହସ୍ୟ
ଗରବ ପାଣିର ଫୋଟକା ସମ
କ୍ଷଣକେ ମିଳାଇ ଗଲା ଅଜାଣତେ
ତୁଟିଲା ମନରୁ ସକଳ ଭ୍ରମ ।

ବୁଝିପାରିଲେ ସେ କାଳିଆ ଠାକୁର
ସବୁଠାରୁ ବଡ଼ ତିନି ଜଗତେ
ପାନ ଖିଲିକୁ ତ ପଇସା ନ ମିଳେ
କି ଭୋଗ ଅବା ସେ ମାଗିବେ ସତେ !

ମଥାରୁ ଖୋଲିଲେ ପଗଡି ଶେଠଜୀ
ଚାଲିଲେ ପାଦରୁ ପାଦୁକା ଖୋଲି
ଅହମିକା ମେରୁ ଚୂନା ହୋଇଗଲା
ହାତେ ଅଛି ସବୁ ଟଙ୍କା ଥଳି ।

ବାଟେ ଯାଉଁ ଯାଉଁ ସେବକ ଗହଣେ
ଶହ ଶହ ଲୋକ ହୋଇଗଲେ ଠୁଳ

ହାଇଦରାବାଦ ଶେଠ ଦେବ ଭୋଗ
ବଡ ଠାକୁରେ ଯେ ଦେଖିବା ମୂଳ ।
ଚକିତ ହୋଇଗଲେ ବିଶାଳ ଜନତା
ଜଗତ ଶେଠର ନୟନୁ ବହେ ।
ଅଜାଣତେ ଏକ ଲୁହର ଝରଣା
ହୃଦୟ ଉଛୁଳେ ଅସରା କୋହେ ।

"କ୍ଷମାର ସାଗର ! ଦୟାର ଭଣ୍ଡାର
କ୍ଷମ କ୍ଷମ ମହାପ୍ରଭୁ ହେ ମୋତେ
ପାନ ଖଣ୍ଡିକୁ ତ ଶକତି ପାଉନି
କି ଭୋଗ ମୁଁ ଦେଇ ପାରିବି ସତେ !

ଧନର ଗରବେ ଅଜାଣତେ କଲି
ତବ ପାଦତଳେ ବହୁତ ଦୋଷ
ତୁମେ ନ କ୍ଷମିଲେ କିଏ ସେ କ୍ଷମିବ ?
କି ଦେଇ ତୁମରେ କରିବି ତୋଷ ?"

ଲୁହ ଛଳ ଛଳ ନୟନେ ଆକୁଳେ
ରଙ୍ଗା ଚରଣେ ପଡିଲେ ଯାଇ
ଲଜ୍ଜା ଆନତ ମଉ ବଣିକ
ଅନୁତାପ କଲେ ଅତୀତ ପାଇଁ ।

***

କବିଟିଏ, ନାରୀଟିଏ

ପ୍ରତିଭା ଶତପଥୀ

ସେ ଛାଡିଆସିଲା ସେଇଠି-
ତେରବର୍ଷତଳେ ତା'ର କବିତା ପ୍ରେମୀକୁ,
ଭିନ୍ନଜାତି, ଭିନ୍ନରୀତି
ଚକ୍‌ଚକ୍ ଶ୍ମଶ୍ରୁଳ, ପଗଡି-
ତୀକ୍ଷ୍ଣ ଅନ୍ତର୍ଭେଦୀ ଆଖି ।
କବିଟିଏ, ନାରୀଟିଏ କହିବ କାହାକୁ ଭଲା
କୁହା ନଯିବା କଥା ଯାହା
ଅନୁଭବରେ, ଆସେ ଯଦି
ପ୍ରକାଶ କରିବାକୁ ଚାହିଁଲେ
କେମିତି କହିପାରିବ ?
ଅନୁଭବକୁ ତା'ର ଖଣ୍ଡଖଣ୍ଡ କାଟି
ପୂରେଇଦେଲେ ସୁଟ୍‌କେଶ୍‌ରେ
ସେଥିରୁ ବି ରସ ବୋହିବ-
ଆଦ୍ୟ ଯୌବନ, କୈଶୋର ନସରୁଣୁ
ଯୌବନ
କେଡ଼େ ଅପରିଣତ ।
ଦର୍ପଣ ସାମ୍ନା ସଜସଜ ଉନ୍ମୀଳିତ ଦେହ
ଫ୍ରକ୍ ଭିତରର ଉଦ୍‌ବିଗ୍ନତା
କହିବ କାହାକୁ
ନା ଦେଖାଇବ କାହାକୁ ?
ମଧ୍ୟଯୌବନ କାଳର
ସମବୟସ୍କ ସେ କବିତାପ୍ରେମୀ,
ଅଳ୍ପଦେଖାରେ କବିତାଶୁଣି
ଚିଠିଲେଖିଲା-
'ସଂକ୍ଷିପ୍ତ ହୋଇପାରେ

ସାକ୍ଷାତର ସମୟ
ହେଲେ, ତୁମର ମୋର ସାକ୍ଷାତର
ଗଭୀରତା ଅମାପ ।'
ସାକ୍ଷତର ଗଭୀରତା ?
ସେ ପୁଣି କଅଣ ?
ବୟସବେଳେ ଯିଏ
ପତିର ଦେହ-ତୃଷାରେ
ବ୍ୟବହୃତ କେବଳ
ସେ କେମିତି ବୁଝନ୍ତା-
ସାକ୍ଷାତର ଗଭୀରତା ?
ତେଣୁ
ସେ ଲୁଚି ରହିଲା
ଥରିଲା, ଛଟପଟ ହେଲା
ଧାଇଁଯିବାକୁ ଇଚ୍ଛାକଲା,
ଅନୁମାନ କଲା
କେଡ଼େ ଥର୍ଥର, ଏକୁଟିଆସେ ।
କିଏ ଯଦି ଭଲପାଏ, ଖୋଜେ
ସେ ଆଘାତ ପାଏ ।
ସାକ୍ଷାତର ଗଭୀରତାକୁ
ସେ କଳିସାରିଛି
ସେବେଠୁଁ- ସେ ଚିଠି ପଢିଲାବେଳୁ ।
ଭୟ ପାଇଛି
ଗଭୀରତାରେ ବୁଡିଯିବ ଯଦି ।
ଦୁଇ ହାତରେ
ଗଭୀରତାକୁ ବୁଜି ଧରିଚି-
ଆଜି
କ୍ଷମା ଚାହୁଁଚି ସେ -
ସେଦିନର ସେ କବିତାପ୍ରେମୀର
ସାକ୍ଷାତର ଗଭୀରତାଠୁଁ ।

ମାର୍ଫତ୍- ଡଃ. ଡି. ପଟ୍ଟନାୟକ
୧,ଗ୍ରିନ୍ ପାର୍କ ପଟିଆ ଷ୍ଟେସନ ରୋଡ
ପୋ-କିଟ୍ ଭୁବନେଶ୍ୱର-୭୫୧୦୨୪

ଭେଟାଭେଟି

ଡ. ଗିରିବାଳା ମହାନ୍ତି

ତାକୁ ଖୋଜୁଚି, ଖୋଜିଚାଲିଚି ।
ଅନେକଙ୍କଠି ଦେଖିଚି
ସେ ପ୍ରାୟ ଦେହଲଗା ହେଇ ରହିଥାଏ ।
ଯାହାକୁ ପଚାର- କିଏ କହେ ସେ
ମୋର । କିଏ କହେ ସେ ତାକୁ ଚିହ୍ନେ ।
କିଏ କହେ, ହେଇତ ଏଇଠି ଥିଲା
ଟିକକ ଆଗରୁ ।
ଆଉ କିଏ କହେ,
ସିଏ ଏଠି ଅଛି ସେଠି ନାଇଁ
ସେ ଟଙ୍କା ଦେଲେ ମିଳେନାଇଁ ।

ମୁଁ ତାକୁ କମ୍ ଦେଖେ ।
ଖୁବ୍ କମ୍ ।
ଦେଖାହେଲେ ପଚାରିବାକୁ ଚାହେଁ,
ସବୁବେଳେ ଭାବେ ପଚାରିବି-
ତୁ ଏତେ ତରକା କାହିଁକି
ଲୋଭ ଦେଖାଉ
ହାତ ବଢେଇଲାବେଳକୁ
ଖସିଗଲୁଣି ଖସଡ଼ା ପରି ।
ପଚାରିବି କାହାକୁ ?
ଦଣ୍ଡେ ଏକାଠି ହେଲେ ତ ।
ମୁଁ ଖୋଜେ, ଖୋଜିଚାଲେ
ଖୋଜୁଚି ।
ତା ନଥିବାପଣ କୋରିପକାଏ ମୋତେ
ଚିନ୍ତାପରି ଶୋଷିନିଏ ।
ଆଜି ଦେଖିଲାବେଳକୁ
ସେ-

ଅପର୍ଚ୍ଛନିଆ ଭୋରକୁ ମୁହଁ କରୁଥିବା
ସୂର୍ଯ୍ୟ କି ଆଉ ।
ପାଖରେ ଠିଆ ହେଇ
ମୁରୁକି ମୁରୁକି ହସୁଚି ।

ଆଗ୍ରହରେ ହାତ ଧରି ପକେଇଲି
ତୁ ଆସିଲେ ଭାରି ଭଲ ଲାଗେ
ଆସୁନୁ କାହିଁକି ? ରହିଯାଉନୁ
ଏଇଠି, ମୋ ସହ ।
କୁଣ୍ଢେଇ ପକେଇଲା ସେ ବି-
ଏଇ ପ୍ରଥମ ଥର
ଶିହରି ଉଠିଲି ମୁଁ, ଏଇ ପ୍ରଥମ ଥର ।

କହିଲା, ମୁଁ ତୋର ହବାପାଇଁ ତ ଛଟପଟ
ତୁଇ ଲୋଡୁନି ମୋତେ
ଏକୁଟିଆ ପଣର ଅନ୍ଧାର ଆଡ଼କୁ ଘୁଞ୍ଚିଯାଇ
କବାଟ କିଳିଦଉ
ଦୁଃଖ ଛାତିରେ ଲୋଟିପଡୁ ।
ଜାଣୁତ ଦୁଃଖ ପାଖକୁ ମୁଁ ଆସେନାଇଁ ।
କହିଲା, ଆଉ ଶେଷ ସୂର୍ଯ୍ୟ ପରି
ଉଭେଇଗଲା ।

ଡ଼ିଅର ପାର୍କ, ଶାନ୍ତିନିକେତନ
ମୋ: ୯୯୩୩୪୯୨୧୩୬

ମୁଁ ନଗଡ଼ା

ହୃଷୀକେଶ ମଲ୍ଲିକ

ଡାକିଦେଲେ ସହର, ହେଲେ ଦୂର
ମୁଁ ଢେର ଦୂର.....
ଏଠି ପାଣି ନାହିଁ, ବିଜୁଳି ନାହିଁ
ଏଠି ସିଲଟ ନାହିଁ, ଅକ୍ଷର ନାହିଁ ।
ସଂଜ ହଉହଉ ମୁଁ ବିଛଣା ଧରେ
'ଏକା' ଦି' ଜଣ ହେଇ ଯୋଡ ପଡେ
ଖସି ଯାଇଥିବା ଫେରକାନି ଢାଙ୍କିଦବାକୁ
ଠେଲାଠେଲି ହେଇ ଉପରୁ ଓହ୍ଲାଁନ୍ତି
ତରାଏ, ଜହ୍ନ ଖୁସି ହୁଏ ।
ଛୁଆଏ ବୁଲଂତି ଡଂଗର ସାରା
ଖରାବେଳେ; କିଏ କ'ଣ ଖାଏ,
କ'ଣ ପିଏ, ମୋର କି' ଯାଏ ।
ଥରେ ଖାଲି, ଗଣେ ରାତିରେ
ଥରେ ମିଳାଏ, ଅଛନ୍ତି କି ନା'
ଖରା ପଡିଲେ....
ଯେମିତି ଚରେଇ ନବା ଆଗରୁ
ଚରେଇ ଫେରିବା ପରେ ଘୁଷୁରିଆ
ତା' ଘୁଷୁରି ଗଣେ ।
ରାତିରେ ତମ ସହର ଦିଶେ
ଆକାଶ ପରି ଉଛା
ଦିଆଯାଇଥିବା କଥା କୁଷ୍ମାଂଡ ହେଇ
ବଳି ପଡେ ସଂଧ୍ୟ ପୂଜାରେ...
ତଳେ ଖଣି ଚାଲେ, କ୍ଷେତ ଫଳେ
ମୋ' ମେହନତିରେ ।
କେତେବେଳେ ଦଳ ମୁରବୀ ଅଡେଇ ନିଏ
ଲଂଠନ ଜୁକୁଜୁକୁ କନା- ଘେରକୁ, ଆଉ

ଚିହ୍ନେଇ ଦିଏ ବଟମ୍...
କି' ପାଏ ତହିଁରୁ କିଏ ବସିଲା ଗାଦିରେ ।
... ମୁଁ ତ ଖର୍ଚ୍ଚ ପାଏ ।
ନଗଡ଼ା' ମୁଁ: ଏତିକି ଜାଣେ
କି' ପାଏ ତହିଁରୁ ଜାଣି
ମୋ' ଦେଶ କିଏ ।
ଆଂବ ଟାକୁଆର ଛତୁଆ, ମୋ' ଘୁମାରେ
ବଣ ଛତୁ, ବଣ ଶାଗ
ମୋ' ପାଛିଆରେ
ଚଢେଇ ଗାଏ ଗୀତ ମୋ' ଗଛ ଡାଳରେ
ବର୍ଷା କରେ ବେହୁଦା ମୋତେ
ସାଇ-ନାଚରେ
ମୁଁ 'ନଗଡ଼ା', ମୋ' ଏଂଡୁଳିଆ ପେଟ
ସିଠାସିଠା ଆଖିରେ
ତମ କ୍ୟାମେରା ଘୂରେ... ।

ନିରାପଯର, ୩୩୧/୧୯୦୫/୪୦,
ଶ୍ରୀଅରବିନ୍ଦ ନଗର, ଚନ୍ଦ୍ରଶେଖର ପୁର
ଭୁବନେଶ୍ୱର-୭୫୧୦୨୬
ଭ୍ରାମ୍ୟଭାଷ: ୯୮୫୩୨୮୭୭୫୫

ମାଟି ଉଠାଇନିଏ ଫଟୋ

ଅବନୀ କୁମାର ପ୍ରଧାନ

ମାଟି ଉଠାଇନିଏ ଫଟୋ ।
ତୁମର
ମୋର
ସଭିଙ୍କର, ସଚରାଚରର
ଆମ କଲା କର୍ମର ।
ତୁମେ କ'ଣ କଲ ମୁଁ କ'ଣ କଲି
ତୁମେ କ'ଣ ନକଲ ମୁଁ କ'ଣ ନକଲି....
ଏସବୁ ଚିତ୍ରପଟର ଦୃଶ୍ୟ, ମାଟି ଉଠାଇନିଏ ଫଟୋ ।
ନିଦାଘର ରୌଦ୍ରଝରା ଆକାଶର ରଂଗ
ସନ୍ଧ୍ୟାର ପୁରୁପୁରୁ କୋମଳ ଗାଂଧାର
ଅଂଧାର ଆଲୋକର ବିସ୍ମୟ
ବିଭୀଷିକାମୟ ପୃଥିବୀ
ଯୁଦ୍ଧ
ଯୁଦ୍ଧର କାରଣ
ଯୁଦ୍ଧର ନହୋଇ ପାରୁଥିବା ନିରାକରଣ
ସାମ୍ରାଜ୍ୟ
ସମ୍ରାଟ
ଆଉ ସାମ୍ରାଜ୍ୟ ପତନର ଦୃଶ୍ୟ
ସବୁକୁ ମାଟି ଉଠାଇନିଏ ଫଟୋ ।
ଆଶ୍ୱିନର ନୀଳ ନିର୍ମେଘ ଆକାଶରୁ ଶୁଭିଲେ
ଦେବୀ ଆବାହନୀ ମଂତ୍ର
ଦେବୀ ଓହ୍ଲାଇ ଆସନ୍ତି ତରବରେ ମାଟିକୁ
ଶୁଣି ଅରଣା ମହିଷ୍ୟର କୁହାଟ ।
ଭୋର୍ ଆକାଶର ଫରଝ ଫାଟିବା ଦୃଶ୍ୟ
ଲିଭି ଆସୁଥିବା ଫିକା ଦରମଲା ଜହ୍ନର,
ଉଇଁ ଆସୁଥିବା ଲାଲ୍ ପେଣ୍ଡୁଳା ସୂର୍ଯ୍ୟର
ମାଟିରୁ ଭୋକିଲା ଅଂଧାରୀ ମଣିଷର ଆର୍ତ୍ତସ୍ୱର

ଅଧରାତି ପୋଲତଳୁ ଦରନଂଗୁଳୀ ଯମୁନା ବେଙ୍ଗାର
ଗହମ ରଂଗର ଦେହ
ଏସବୁକୁ ମାଟି ଉଠାଇନିଏ ଫଟୋ ।
ଏବେ ତ ଯୁଦ୍ଧ ।
ଏଠି ସେଠି, ତୁମଠି ମୋ'ଠି, ପୁରୁଷ ଆଉ ପ୍ରକୃତି ଠି
ଧ୍ୱଂସର ଛିଟିକା ଚିହ୍ନ, ବିଚ୍ଛିନ୍ନ, ବିକ୍ଷିପ୍ତ
ସୀମା ମାନଚିତ୍ର ସଂକୁଚିତ ତ ନିୟଂତ୍ରିତ
କେହି କେହି ଗୁପତରେ ତୋଳୁଛନ୍ତି ସୁଡ଼ଂଗ
ଆଉ କେହି ତ ନିଶ୍ଚିହ୍ନ ।
ମୋକ୍ଷ ପାଇଁ ତ ନାମ, କାମନା ପାଇଁ
ଘଟଉଛି ଯୁଦ୍ଧ ।
ଯୁଦ୍ଧ କ'ଣ କ୍ରମିକ ବିକାଶର କାରଣ
ନା ଦୁଃଖର କାରଣ ?
ହାତ କ'ଣ ବିନା ଯୁଦ୍ଧରେ ତଳୁ ଉଠେ ?
ସବୁ ଯୁଦ୍ଧ ଆଉ ସଂଘର୍ଷ
କେବଳ ହିଁ ନିଜ ଭିତରେ ବାହାରେ
ସ୍ୱାମୀ ସ୍ତ୍ରୀ ସଂପର୍କରେ
ବାପ ପୁଅରେ ।
ଯେତେ ସଦୁକ୍ତି ସଦାଚାର
ବ୍ୟାଖ୍ୟାନ ବଖାଣ
ମାନବିକତା ନାଁ ରେ ଧ୍ୱନି ପ୍ରତିଧ୍ୱନି ହୋଇ
ପ୍ରତିବିଂବିତ ।
ସବୁ ଖର୍ଚ୍ଚ ହୋଇ ଯାଇ ଯଦି ଲାଗିଯାଏ ଯୁଦ୍ଧରେ
କେଉଁଠି ଲଟ୍‌କି ଗଲା ସେ' ମାନବୀୟ ଅବବୋଧ ?
ସବୁକୁ ମାଟି ଉଠାଇନିଏ ଫଟୋ ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ଭଦ୍ରକ - ୭୫୭୧୦୦

ପଖାଳ ସଭାଗ

ହୃଦାନନ୍ଦ ପାଣିଗ୍ରାହୀ

ପଖାଳ ପାଣିରେ ଗଢ଼ା
ଆମ ଆଶା, ଭାଷା
ନରମ ମରମ ।
ଘରର ଈଷାଣ କୋଣରେ
ଆମ ରୋଷଶାଳ
ସେଇଠି ଥାପନା ହେଇଥାଏ
ଗୋଟେ ମାଟିପିଣ୍ଡି
ସେ ପିଣ୍ଡିରେ ଥୁଆ ହୋଇଥାଏ
ମାଟି ହାଣ୍ଡିର ପଖାଳ ।
ବଳକା ଭାତରେ ପାଣି ମିଶେଇ
ତଇରି ହୁଏ ପଖାଳ
ନସିଭଂଗା କାଞ୍ଚୁଡି ଆମ୍ବର ସଂଜିବନୀଟିକକ
ସେଥିରେ ଛିଞ୍ଚିଡ଼ି ପଡ଼ିଲେ
ଚୌଦିଗକୁ ଛୁଟିଯାଏ
ତା'ର ମହମହ ସୁବାସ ।
ଓଡ଼ିଆଘରେ ଦୋଓଡ଼ ଝିଅର ଖୁସିବାସି, କୋଳାହଳ
ମିଳେନି ସେମିତି ଅନ୍ୟ କଉଁଠି,
ଲଙ୍କା, ଲୁଣ, ବଡ଼ିଚୁରା, ଆମ୍ବଚଟଣି
ଖଇଡ଼ା ଶାଗର ଯୋଟକରେ
ପେଟପୂରେ,
ଓଠରୁ ଝରେ ପରମତୃପ୍ତି
ସେ ଅମୃତ ପେଟକୁ ଗଲେ
ଦିଶେ ଚଉଦଭୁବନ ।
ଦିନଥିଲା,
ଗାଆଁ ଦାଣ୍ଡରେ କେନ୍ଦରାସୁର ଶୁଭିଗଲେ
ଫିଟିଯାଉଥିଲା ଘରର କିଳିଶି
ବିଛୁରି ପଡୁଥିଲା ଦାନ ଧର୍ମ, ଦୟାମାୟାର ଭାବ
ଶରଣର କ୍ଷଣ ଭାବରେ ବିଭୋର ହେଇ

ମା'ସନ୍ତୋଷୀ ବାଢ଼ି ଦଉଥିଲେ ଶାଗପଖାଳ
ଥୋଇ ଦେଉଥିଲେ ପାଣି ନୋଟା, ନୁଣକାଠୁଆ
କଞ୍ଚାଲଙ୍କା, ରନ୍ଧାତୁଣ,
ସେଇ ଆତ୍ମୀୟତାରେ ଥିଲା ଆତ୍ମଶୁଦ୍ଧି
ନଥିଲା ବଢ଼େଇ, ନଥିଲା ଫୁଲାଣ
ଚହଟି ଉଠୁଥିଲା ସବୁଠି କେବଳ
ପରସ୍ପରର ଆତ୍ମବିଶ୍ୱାସ ।
ଏବେ ଆଉ ସେତେଟା ଆଦର ନାହିଁ ପଖାଳର
ଜୀବନକୁ ଛୁଇଁ ସାରିଚି
ଅତିମାତ୍ରାରେ ଦୁର୍ବାର ଲାଳସା
ନୂଆନୂଆ ସନ୍ତୋଷରେ ମିଶି ସାରିଚି ନୂଆରଂଗ, ନୂଆବିଷ
ପଖାଳ ପାଲଟି ସାରିଚି
ଆମ ଜଗତୀକରଣର ଅଂଶ ବିଶେଷ ।
ହୋଟେଲ ବଜାରରେ ନୂଆ ରଂଗଢ଼ଙ୍ଗରେ
ବଢ଼ିଚି ତା' ଭାଉ
ଠାଏ ଠାଏ ପାଳନ କରାଗଲାଣି ପଖାଳ ଉତ୍ସବ
ନୂଆ ଶୈଳୀରେ ରୂପଦେଇ କେହି କେହି ଛାଡ଼ିଲେଣି
ହ୍ୱାଟସ୍‌ଆପ୍, ଫେସ୍‌ବୁକରେ
ଅରଜିଲେଣି ହଜାର ହଜାର ଲାଇକ୍ କମେଣ୍ଟ୍
କିନ୍ତୁ କୁଆଡ଼େ ଉଭେଇଗଲା
ଦୁଃଖୀ ଜନତାର ମୁହଁ, ଆମ ସଂଗତି, ଆମ ସୁଖଶାନ୍ତି ?
ଇଟା, କଂକ୍ରିଟ୍, ଝାଂଜି ମରିଜିକାଲ ହା-ହୁତାଶରେ ଏକ
ବାଟଟିଏ ପାଉନି ଜୀବନ
ସୁଖ ଖୋଜି ଖୋଜି ନାକେଦମ୍ ମଣିଷ
ନା ମେଣ୍ଟୁଚି ଶୋଷ
ନା ସରୁଚି ଆମର କଷଣ ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ଝାଡ଼ପଟା, ପୋ : ଦୋଳସାହି, ଜିଲ୍ଲା : ଭଦ୍ରକ

ମାୟା

ପ୍ରଭାତ ନିଳନୀ ମହାପାତ୍ର

କୋଉଦିନୁ ସତେ
ମୁଁ ଛାଡ଼ିଦେଇଛି ତୋ ହାତରେ,
ତୁ ଦଉଡ଼ି ଧରିଣ
କି ବାଉଁଶ ଉପରେ ରଖି
ଖେଳା ବାଉଁଶରାଣୀ ଖେଳ,
ସର୍କସରେ ଖେଳାଳୀ ପରି
ଖେଳା ଶୂନ୍ୟରେ ଦୋଳି ଖେଳ,
ମୋର କିଛି ଆପତ୍ତି ନାହିଁ
ମୁଁ ସେମିତି ରହିବି ନିର୍ବିକାର ।
କାରଣ ନିଜକୁ ସମର୍ପି ଦେଇ ତତେ
ଉପରକୁ ଟେକି ଦେଇଛି ହାତ ।
ତତେ କିଏ କେତେ ଗାଳି କଲେ
କିଏ କହିଲା ସାପ ତ
କିଏ ପୁଣି କହିଲା
ଦଗାଦିଆ, ନାଟୁଆ ବୋଲି
ତୁ ହସିଦେଲୁ ଓ ହସି ରହିଲୁ
ଚୁପ୍‌ଚାପ୍ ସିଂହାସନରେ ।
ତୋ ନୀଳଚକ୍ର ମାୟାରେ
କେତେ କିଏ ଆସିଲେ,
କୃଷ୍ଣ, ଗଜାନନ, ଭୈରବ
କେତେ ବେଶରେ ଦେଖିଲେ
କାକୁତି କଲେ
ଶରଧାବାଲିରୁ ହାତେ
ଦେବା ପାଇଁ ବୋଲି
ତୋର କ'ଣ ମନ ତରକିଲ ?
ଭିଡ଼ ଭିତରେ ଅକ୍ତାମକ୍ତା
ଭକ୍ତଟିଏ ଲୁହ ଢ଼ାଳିଲା ଆଖିରୁ
ଗରୁଡ଼ ଖମ୍ଭ ପଛରେ ଛିଡ଼ା ହୋଇ
ତେବେ ବି ତୁ ସେମିତି ହସିଲୁ
ଯେମିତି କହୁଥିଲୁ
ସେ ମାୟାରେ ଯିଏ ପଡ଼େ
ଯିଏ ତ ଏମିତି ଆସେ ବାରମ୍ବାର
ଛୁଇଁବାକୁ ବାଇଶି ପାହାଚ
ଆଖିରୁ ଚାଲିବାକୁ
ଖୁସି ଆଉ ପ୍ରାପ୍ତିର ଲୁହ ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ସାମରାଏପୁର, ଭଦ୍ରକ

କହିବ

କିଶୋର ପାଣିଗ୍ରାହୀ

ଏଇ ଛତିଶିକୁ
ଯେତେବେଳେ ଏ ଜାତିକୁ
ଶହେ ବର୍ଷ ହବ,
ଠିକାରେ ଶିକ୍ଷକ
ଦାଦନ ଶ୍ରମିକ
ଟଙ୍କିକିଆ ଭୋକ
କୋଉଠି ପହଂଚିଥିବ ଏମାନଙ୍କ ଅଙ୍କ;
କହିବ ?
କୋଉକୋଉ ମନ୍ଦିର ଆଗରେ
ଦାନୀପଣର ପ୍ରମାଣ ଓ ପୁଣ୍ୟ ଅର୍ଜିବାକୁ
ଭିକାରିଟେ ଖୋଜିଖୋଜି ନୟାନ୍ତ ହବାକୁପଡ଼ିବ,
କହିବ ?

ଅଳିଆଗଦାରୁ ନବଜାତ ଶିଶୁ,
ପାର୍କ ପଛପଟେ ଶେଷ ସୁରାକ ବୋଲି
ଛିଡ଼ା ସାଣ୍ଡେଲ୍ ଛାଡ଼ି
ଟ୍ୟୁସନରୁ ଫେରିନଥିବା ଝିଅଙ୍କର ସଂଖ୍ୟା
ବର୍ଷକୁ କେତେରେ ପହଂଚିଥିବ,
କେତେରେ ପହଂଚିଥିବ ବଳାତ୍କାର
ଏନ୍‌କାଉଂଟର୍ ମାମ୍‌ଲା,
ଭୋକକୁ, ଢୋକକୁ
କେତେ ମିଛ ପ୍ରତିଶ୍ରୁତିର ଓଦାକନା
ବାହାନାର ବାନା ହେଇ ଉଡୁଥିବ
ଦେଶରୁ ବିଦେଶ; କହିବ ?

ଓଳିଆ ଭିତରେ କାଲିକା କ୍ଷେତର ବିହନ
କେତେ କଠା ହେଇ ଆଉ କେତେ
ଗଜାମରୁଡ଼ିକୁ ଦିନ ଗଣୁଥିବ,
କହିବ ?

ନିରାମୟ ଯୋଜନା ଭିତରୁ
ଗୋଟେ ଅଧେ କେହି ନିରୋଗ ଥିବାର ଖବର
କୋଉ ନିରପେକ୍ଷ ଗଣମାଧ୍ୟମରେ
ଦୈବାତ୍ ଆସିଯିବ ଯଦି
କହିବ ।

ଭୋଟରଙ୍କ ଆକାଶଛୁଆଁ ଦରବୃଦ୍ଧି ଘଟି
କେତେରେ ପହଂଚିଥିବ
ମୁଣ୍ଡପିଛା ନୋଟର ବାରାଦି ?
ଶୋଇପଡ଼ିଥିବା ସ୍ୱାଭିମାନ ଆଉ ମର୍ଦ୍ଦପଣର
ଯଦି କେବେ ନିଦ ଭାଙ୍ଗିଯାଏ,
କହିବ;
ମୁଣ୍ଡବିକା ଗଣତନ୍ତ୍ରରେ 'ଶତଶୃଙ୍ଗ' ଶଙ୍ଖଧ୍ୱନି
କେବେ ଯଦି ରକ୍ତରେ ଫୁଟାଣି ଆଣିବ,
କହିବ ।

ସଂରକ୍ଷଣ ହାର କେତେ ପ୍ରତିଶତ
କରିଦବା ପରେ
ଛତିଶିକୁ ଧୂଆ ଓ ଅଧୂଆ ମୂଳା
ସମାନ ହୋଇଯିବ,
କେତେ ଦିନକୁ ରାତି କଲା ପରେ
ପିତୃଲୋକେ ଅଧା ଦେଖିଥିବା ସବୁ ସ୍ୱପ୍ନକୁ
ସାକାର ହବାକୁ ସମୟ ଅଂଟିବ,
କହିବ ।

ଗାଆଁ ଗାଆଁରେ
ଜରାଶ୍ରମ ସଂଖ୍ୟା
କେତେରେ ପହଂଚିଥିବ ?
ଆତ୍ମୀୟତାର କେତେ
ଗହୀରକୁ ଚରିଥିବେ
ଛଳ-ଚେର, ଖଳଚର
ଅନାସ୍ଥାର ପାଚେରୀ ଡେଇଁ
କୁହୁଳେଇ ସାରିଥିବେ
ନିରନ୍ତର ସ୍ନେହର ବୈକୁଣ୍ଠପୁର,
କାନ୍ଧ-ଗାମୁଛାରେ ନାକ ଓ
ପାଟିକୁ ଘୋଡ଼େଇ
ପୋଡ଼ାଛାତିର ଗନ୍ଧ ଆଡ଼େଇ
ମଣିଷପଣିଆ ସଂପର୍କର
ରଇ ଶୀତଳାଇ
ମୁହଁପୋତି ଫେରିଆସୁଥିବ
ଏମିତି କେତେ କାଳ
କହିବ;
କହିବ ?

ବିରୁହାଁ, ଜାହାଙ୍ଗୀର ଭଦ୍ରକ,
ଫୋନ୍: ୭୦୦୮୧୧୭୯୬୪

ଆସ ବାରେ

ସୁକାନ୍ତି ମହାପାତ୍ର

ଆଖିପତାରୁ ନିଦ ହଜିଗଲେ
ପାହାନ୍ତି ପ୍ରହରେ,
ତୁମ ଛବି ନାଚି ଉଠେ ମନ ଆକାଶରେ ।
ନବୀନ ଅରୁଣ ସାଥେ ତମେ ଆସ
ଅରୁଣ ସ୍ତମ୍ଭ ନିକଟେ ମୁଁ ଥାଏ
ନୀଳଚକ୍ର ବାନା ଉଡୁଥାଉ
ଭୂମିରୁ ଭୂମାକୁ ଏକ ସେତୁଟିଏ ପରି ।
ନିଶ୍ୱାସ ଅଟକି ଯାଏ
ସମ୍ବିତ ମୋ ଥ' ହୋଇ ରହେ
ତୁମ ରଙ୍ଗା ଅଧରର ମଧୁଝରା ହସ ଯେବେ
ରେଣୁ ରେଣୁ ହୋଇ ଲାଖି ରହେ
ନିରୁଦ୍ଧ ମୋ ଚେତନାର କୋହେ ।
ଆକାଶର ନୀଳରଙ୍ଗ ଭରା ତୁମ ଅଙ୍ଗ ସୁଷମାରେ
ସେ ରଂଗରେ ଭିଜି ଭିଜି ଆଖି ମୋର ନୟାନ୍ତ ହେଲାଣି
ମଙ୍ଗଳ ଆରତି ସହ 'ମହାବାହୁ' ଧ୍ୱନି
ଆଜି ସତେ ମୋତେ କେତେ ଅଥୟ କଲାଣି ।
ଆସୁଚ କି ସତେ !
ଦେଖ ମୋ'ର ବାଲି ରଥ ସଜାଡ଼ି ରଖିଛି
ମହୋଦଧି ତଟେ ।
ବଡ଼ଦାଣ୍ଡେ ବହୁ ଭିଡ଼ ଅତୀବ ଗହଳି
କେତେ ଯେ ଭଗତେ ହେଉଛନ୍ତି ନିଉଛାଳି
'ମଣିମା' 'ମଣିମା' ଡାକ ପଡୁଛି ଉଛୁଳି
ତା' ମଧ୍ୟେ କି ଶୁଣିପାର ତୁମେ
ତୁମ ନାମ ବାଜୁଛି ମୋ' ହୃଦୟ ସ୍ପନ୍ଦନେ ?
ଆସ ଆଜି ଅବତରି ଆସ ବାରେ
ଅସରା କୃପାସାଗରୁ ବିନ୍ଦୁଟିଏ ଦେଇ
ସିନ୍ଧୁ ସମ ଜଗତର ଅନ୍ଧକାର ଫେଇ
ଜହ୍ନ ହୋଇ ଅସୀମ ପୁଲକେ
ତାରା ହୋଇ ଅତୁଳ ଦ୍ୟୁତିରେ
ଉଇଁଆସ ଆଜି ମୋ ଆକାଶେ
ବିଜେ କର ମୋ'ର ଶୂନ୍ୟ ରଥେ
ନିଃଶବ୍ଦ ମୋ' ଚେତନା ଗହ୍ୱରେ
ବାଜି ଉଠୁ ପୁଣିଥରେ
ମୋହନ ସେ ବଂଶୀ
ଉଲ୍ଲାସେ, ବିଭୋରେ ।

ଅଧ୍ୟାପିକା, ଇଂରାଜୀ ବିଭାଗ,
ଚରମ୍ପା ମହାବିଦ୍ୟାଳୟ, ଭଦ୍ରକ

କୋରୋନା

ବିଜୟ ମହାପାତ୍ର

ଗୋଟେ ଭଲକଥା ହେଲା ସହରରେ
ହାତୀ ଭାଲୁ ଓ ମୃଗମାନେ ବୁଲିଲେଣି ।
ଏବେ ସେଇଦିନକୁ ଫେରିଯିବାକୁ ହେବ:
ଜହ୍ନ ଓ ବାଘ ମାମୁଁ ହେବେ
ଚୋରଣୀ ବିଲେଇନାନୀ କ୍ଷୀର ପିଇଯିବ ହାଣ୍ଡିରୁ
କିଂତୁ ସମସ୍ତ ପ୍ରୟାସ ସତ୍ତ୍ୱେ ଫେରାର ହେବନି
ଲକ୍ଷଲକ୍ଷ ଜୀବନ - ଯାହା ଅର୍ଥହୀନ !

କ'ଣ କରିବାକୁ ହେବ ?
ବୁଲେଇ ବଙ୍କେଇ ଗାଁ କି ସହରମାନଙ୍କ
ନାଁ ବଦଳେଇ ଦେଲେ ହେବ,
ଆମେ ଆମର ଠିକଣା ଭୁଲକରି
ଲେଖିଦେବା ଚିଠିରେ କି ହ୍ୱାଟ୍‌ସଆପ୍‌ରେ,
ଯାହା ହେଲେ ବି ସେ ପହଂଚିଯିବ ଆମ ଜିଭ, ନାକ
କି ଆଖିରେ ଓ ଆମକୁ କହିବ:
ତୁମେ ଫେରସ୍ତ ନଦୀ ହୋଇ ବୋହିଯାଅ
ନହେଲେ ତୁମ ନାଆଁକୁ ବି ଅଦଳ ବଦଳ
କରିହେବ ଅନାୟାସେ ବିଧାନସଭାରେ !

ମୁଁ ପଲ୍‌ଟିକ୍ସ କରୁନାହିଁ !
ଦେଖ ନିର୍ମଳ ହେଲାଣି ଗଂଗା ଯମୁନାର ପାଣି
ପବନ ସଫା ହେଲାଣି ଦିଲ୍ଲୀରେ
ବହୁଦୂରରୁ ଦେଖାଗଲେଣି କାଞ୍ଚନଜଂଘା ଓ ହିମାଚଳ,
ତୁମେ ଆଇସୋଲେସନ୍ କି କ୍ୱାରେନ୍‌ଟାଇନ୍ କର
ମୋ ନଜର ସେଥିକି ନାଇଁ
ମୁଁ ଚାହୁଁଛି ଭଲ କି ମନ୍ଦ ହେଉ ଫଳାଫଳ !

ବାଂଶଡ଼ା, ଧାମରା, ଭଦ୍ରକ

ଯାଯାବର

ଡ. ମମତା ସାହୁ

ତୁମେ ବେଜାଏ ପ୍ରଶ୍ନ ପଚାରିଲ
ମୋ ଥରିଲା ଓଠ ନିରୁତ୍ତର
ତୁମେ ପଚାରିଲ ଘର କଥା, ଭାତ କଥା
ମୁଁ ଶୁଣିଲି ଜହ୍ନକଥା, ତାରା କଥା
ଏଗୁଡ଼ା ତୁମ ସଂସାରୀପଣରେ ତୁଚ୍ଛ କଥା
ଯାହାକୁ ନେଇ ମୁଁ ସଂପାତିଲି ମୋ ଘର ।
ହିସାବ କଲ ତୁମେ କେତେ ଗଲା କେତେ ରହିଲା
ଗଢ଼ଣ ଭବିଷ୍ୟତର ।
ମୁଁ ବାଉଳା ହେଲି ପିଲା ଖେଳ,
କୈଶୋରରେ ଆନମନା ମୁହୂର୍ତ୍ତର ଗୋଲାପି ରଂଗକୁ
ପୋଡ଼ିଲି କ୍ଷୀର, ପୋଡ଼ିଲି ଚା'
ଲୁଣିଆ କଲି ତରକାରୀ
ରଖିଲି ନାହିଁ ଦେହପା'ର ନଜର
ମାତିଲି ବାୟା ହେବାର ।
ଅନେକ ରାତିର ନିଦକୁ ବାଣ୍ଟିଦେଲି ପବନକୁ
ସୂର୍ଯ୍ୟୋଦୟର ରକ୍ତିମା ଆକାଶ ସଂଜକୁ
ଭାବି ହେଲି ସମୁଦ୍ରରେ ଠିକଣା ହଜେଇ ଥିବା ଧୀବର ପୁଅକୁ
ଅଶିଣର ଅଣଚଶ ପବନରେ ଧକ୍କା ଖାଇ
ଦାନା ବାନ୍ଧୁଥିବା ଧାନଗୁଡ଼ିକର ନିର୍ବଂଶୀପଣିଆକୁ ।
ତୁମେ ମୋତେ ବାହାର କରିଦେଇ ଚଉହଦିରୁ
କହିଲ ଯା'....ବାହାର, ପାଗଳ
ମାଟି ଆକାଶ ପବନର ମୋହରେ
ଆଉଁସିଲି ଅକୁହା ଦୁଃଖସବୁକୁ
କାଖରେ ଜାକି କାନ୍ଦଣାମାନଙ୍କୁ
ସରି ଆସୁଥିବା ରାତିର ସ୍ୱପ୍ନକୁ ନେଇ
ମଜ୍ଜିଗଲି ନୀଳପଦ୍ମର ପ୍ରେମରେ
ମୋ ଠିକଣା ଏବେ ପବନରେ ଫେରାର୍ ।

ସାଳନ୍ଦୀ ନଗର, ଭଦ୍ରକ
ଫୋନ୍: ୭୦୦୮୧୬୭୭୧୩

ବାଡ଼ିରୁ ଆଣିଲି କୋଶିଳା ଶାଗ

ଡକ୍ଟର ଅରୁଣ କୁମାର ପଣ୍ଡା

ବାଡ଼ିରୁ ଆଣିଲି କୋଶିଳା ଶାଗ
ବଡ଼ିଚୁରା ଦେଇ ଖଡ଼ିଲି ଆଗ
ବାଢ଼ିଲି ପଖାଳ ଭାତ
ଖାଇ ଦେଇ ପେଟେ ଯାଇଛି ଗୋପାଳ
ଦେଖିବ ଗୁଣ୍ଡିଚା ଯାତ ।
ପୋଖରୀ ହୁଡ଼ାରେ କଳମଲତା
ଆଈ ତୋଳୁଛନ୍ତି ନୁଆଇଁ ମଥା
ଗରମ ଗରମ ଭଜା
ରସୁଣ ଛୁଙ୍କରେ ଘର ମହକଇ
ଖାଇବାକୁ ଲାଗେ ମଜା ।
ମୂଳା ଶାଗ ଲାକେ ଭାରି ବଢ଼ିଆ
ସଜନା ଶାଗରେ କୋରା ନଡ଼ିଆ
ପୁରୁଣି ଆଣିଲି କାଟି
ଶଂଖ ସାରୁ ଢେଇ ମେଞ୍ଚି ମେଞ୍ଚି ହେଲା
ଶିଳରେ ବେସର ବାଟି ।
ପାଳଙ୍ଗ-ପକୁଡ଼ି, ସୁଆଦ ଅତି
ମୁଠି ଶାଗ ସଂଗେ ଲାଉ, ବିଲାତି
ମଦରଙ୍ଗା, ଲେଉଟିଆ
ମେଥି ଫୁଟାଣରେ କଞ୍ଚାଲଙ୍କା ଥିଲେ
ଜମିଯାଏ ଖିଆପିଆ ।
ପିତାଗମା ଶାଗ ପତର ପୋଡ଼ା
କଲରା ପତର ବେସନ ବୁଡ଼ା
କଅଁଳିଆ ପୋଇରାଇ
ଆମ୍ବିଳିତ ଶାଗ ଖଟାଳିଆ ଲାଗେ
ହାତ ଚାଟି ଭାତ ଖାଇ ।

ବଥୁଆ ଶାଗ ତ ଛନଛନିଆ
ହିଡ଼ ତଳେ ବଢ଼େ ସୁନୁସୁନିଆ
ସରାଗେ ଆଣିଲି ତୋଳି
ରାତିରେ ଖାଇଲେ ଭଲ ନିଦ ହୁଏ
ଖେଳାଏ ସପନ ଦୋଳି ।
କଖାରୁ ଡଙ୍କ ଓ ମାରିସ ଖଡ଼ା
ଆଳୁ-ବାଇଗଣ ସହିତ ଯୋଡ଼ା
ପିତା ଟିକେ ମେଥି ଶାଗ
ନିଇତି ଖାଇଲେ ପାଟିକୁ ବଢ଼ିଆ
ଦେହକୁ ରଖଇ ବାଗ ।

ସା/ପୋ : ତୋଟାପଡା, ଭାୟା : ଘଣ୍ଟେଶ୍ୱର
ଜିଲ୍ଲା : ଭଦ୍ରକ

ଅପରାହ୍ନର ସୂର୍ଯ୍ୟୋଦୟ

ହରେକୃଷ୍ଣ ବାରିକ

ଘର ସାମ୍ନା ଚମ୍ପା ଗଛର
ଶାଖାରୁ ଶାଖାରୁ ପତ୍ରମାନଙ୍କୁ
କିଏ ପୁଳେ ପୁଳେ ଭିଡି ନେଇଛି -
ଯେମିତି କେହି କାମୁକ
କୁଆଁରୀର ଉଚ୍ଛୁଳା ଯୁବାକୁ
ଝୁଣି ନେଲା ପରି !
ବେବାକ ଲଙ୍ଗଳା କରି ।
ମୋ ଦେହର ସେମିତି ଚିକ୍କଣ ଚମକୁ
ବିଟପୀ କେ' ଲୋଳିତ କରି !
ଝାମ୍ପୁରା ମଥାନ, ଟାଙ୍ଗରା ଭୂଇଁ ....
ଦୀପ୍ତିତ ନୟନ ଲେଞ୍ଜରା - କୋତରା
ମାଢି ପଡିଛି ପଡିଆ ...
ଝୁଲି ପଡିଛି ଉଦ୍ଧତ ମଥା,
ଅବା ଭୂଇଁରୁ ଦରାଣ୍ଡୁଛି
ଝରା ଯଉବନ ।
ଦେହଟା ଲାଗୁଛି ମହଣେ ଭାରି
ପାଦ ହାଙ୍କିବାକୁ ଯୁ - ନାହିଁ ।
ଦଦରା ଦେହେ ଦୋହଲୁଛି ବିଦୀର୍ଣ୍ଣ ବସନ
ଅବା କେରା କେରା ବରଓହଳ
ବୟସଟା ଗଡି ଗଲାଣି ....
ନଈଧାରରୁ ଅତରା କୋରିଲା ପରି
ବୁଢି ହେଉନି କୋଇଲିକୁ
ଚିହ୍ନି ହେଉନି କଇଁକୁ
ବାରି ହେଉନି ବିଷ୍ଟା କି ମହକ
"ମରା - ମଅରା" ଭଜେ ତୁଣ୍ଡ
ଯୁବାକାଳର ଚୋରା ମନ ଦିଆନିଆ ଭାବ

ମଉନାବତୀକୁ ଖୋଜୁଛି
ପଚାରିବାକୁ ତା' ଘର - ବର କଥା
ନିଧିଆର ସ୍ତ୍ରୀ ମଲାପର ଜୀବନ...
ହଁ ଜୀବନଟା ଯୁଆଡେ ଯାଉଛି, ଯାଉ...
ଗାତକୁ, ଚୁଲିକୁ ବା ନଈକୁ ...
ଯେତେ ଥାଉ ବାଟ
ଗୋଟେ ତ ଘାଟ
ଅପରାହ୍ନର ଏଇ ଛାଇ
ଯାଇଛି ବେଜାଏ ଲମ୍ବି...
ଅକସ୍ମାତ୍ ହୃଦୟବାସୁକି
ଚାହିଁଲା ଚେଇଁ - କର ଲେଉଟାଇ
ପଦୁଅଁ ହସୁଛି
ଶଙ୍ଖ ଶୁଭୁଛି -
ହାତ ବି ହଲୁଛି
କେ' ବା' ଯାଏ ମୋ ସେଠି
ଅଯୋଧ୍ୟାର ରାମଲାଲା
ଆ ଆ ଡାକୁଛି
ଭାରତ ମାଆର ସୀମା କଡେ କଡେ
ଢୁ - ଢୁ - ଢୋ - ଢା ଶୁଭୁଛି
କୁହ, ଥମିବ କେବେ ଭାଇ ?

ଅବା ପୁଣି ଯବନ କି ଫିରିଙ୍ଗ !
ଆବୋରିବେ ଗାଦି
ଜୟଚନ୍ଦ୍ରମାନେ ମାତିଛନ୍ତି
ସୂର୍ଯ୍ୟାସ୍ତ ଦେଖିଲେ
ଓଁ ଧ୍ୱନି ନୀରବିଲେ
ବିଜୟର ଉତ୍ସବ ପାଳିବେ
ତଥାପି, ହୃଦୟେ ଜଳେ ମୋ
କୋଟି ନବୋଦୟସୂର୍ଯ୍ୟ
ଫେରିବି ଜୟ ଜଗନ୍ନାଥ ଧ୍ୱନିରେ

କ୍ରାନ୍ତିର ବାନା ଧରି
ସୂର୍ଯ୍ୟାସ୍ତ ପୂର୍ବୁ କୋଟି ସିଂହ ଠୁଳ କରି ।

"ସଂପାଦକ ସୁଧା"
ରାଜକନିକା, କେନ୍ଦ୍ରାପଡା
ମୋ -୯୩୪୮୨୮୧୧୩୮

ଦୁଃଖ ସହ ସନ୍ଧି

ରଘୁନାଥ ପାତ୍ର

ଦୁଃଖ ତ ଅନେକ
ଦୁଃଖର ଠିକଣା କେଉଁଠି.. ?

ମନ୍ଦିରରେ ନା ମସଜିଦରେ
ଗୀର୍ଜା ନା ଗୁରଦ୍ୱାରରେ
ସେ ସଂସାରୀ ନା ବ୍ରହ୍ମଚାରୀ
ନେତା ନା ଅଭିନେତା
କିଛି ପରିଚୟ ନାହିଁ
କିନ୍ତୁ ଯେମିତି ପିଛା ଧରିଥିଲା ସେ...

ହଠାତ ହାତ ଧରିଦେଲା ମୋର

ପଚାରିଲି
ଆରେ ତମେ କେଉଁଠି ଥିଲ
ଧୀର ଉତ୍ତର ଟେ
ମୁଁ କାହାକୁ କଷ୍ଟ ଦିଏନି

ତେବେ ଦୁଃଖ ଦିଅ କାହିଁକି.. ?

ମୋ କର୍ତ୍ତବ୍ୟ ଭୁଲେନି
ସୁଖରେ ମସଗୁଲ ମଣିଷ ମାନଙ୍କୁ
ବେଳେ ବେଳେ ଦଂଶନ କରେ
କଷ୍ଟ ପାଇଲେ ସୁଖ ମିଳେ
ଯନ୍ତ୍ରଣାର ଆଘାତରେ
କଷଟି ପଥର ରେ କଷା ହୋଇ
କେତେ ନିଖୁଣ ଏ ଜୀବନରେ

ଯନ୍ତ୍ରଣାର ଧୂ ଧୂ ଖରାକୁ
ଲୁ ମାଡ଼ ରେ ଜଳିଗଲା ପରି ଲାଗେ
ମୋ ଚାରିପଟେ ସୁଖ
ଅନୁଭବ କରେ ଅନେକ
ସତେ ଯେମିତି ଏବେ ସିଦ୍ଧପୁରୁଷଟେ

ସବୁ ଜାଣିଗଲାପରେ
ମୋ ସାମ୍ନାରେ ମୁଁ
ଯନ୍ତ୍ରଣା ଲମ୍ବି ଲମ୍ବି ଯାଏ
ମାପିବା ଅସମ୍ଭବ ସେ ଯନ୍ତ୍ରଣାର ସୀମା
ଗାଁ ରୁ ସହର
ବିବ୍ରତ ଲାଗେ

ଏ ନିର୍ମୁଳି ଲଟାର ମୂଳ କେଉଁଠି.. ?

ମନେ ଅଛି
ଜୀବଥିଲେ ଲୋଭ ଅଛି
ତାର ଅନ୍ତ କେଉଁଠି
ଠିକଣା ଖୋଜିବାର ଇଚ୍ଛାରେ
ନିଜେ ଠିକଣା ଭିତରେ ହଜିଗଲାବେଳେ

ମୁଁ ଖୋଜିଛି
ତୁମେ ଖୋଜିବ
ଆଖିରେ ନୁହଁ ଅନୁଭବରେ
ତା ଥିବା ନ ଥିବାର ଠିକଣା
ଅଥଚ ନିଜ ଭିତରେ ସେ ଥିବ
ପୋଷାକ ପରି ପିନ୍ଧିହୋଇଥିବ ଦେହରେ
କାହାକୁ କହିହେବ ନା
ଦେଖେଇବି ହେବ
ଲଂଗଳା ହୋଇଗଲେ ବି ସେ
କୋଉ ବା ଚାଲିଯାଏ
ଲଜ୍ଜାଟିଏ ହୋଇ
ସନ୍ଧିଟିଏ ହୋଇ
ହାତ ଧରି ଚାଲିଥାଏ ଅହରହ
ଯାହାକୁ ମୋ ଛାଇ ବି
ଆଜିଯାଏ ପିନ୍ଧିପାରି ନାହିଁ

ତିହିଡ଼ି, ଭଦ୍ରକ
ମୋ: ନ:- ୮୨୪୯୫୦୨୧୭୫

କେହି ଜଣେ ତମ ପାଇଁ

ମନୋଜ କୁମାର ଭଳ

ଅମାନିଆ ନିଦଙ୍କ ପିଠିରେ
ଅନାମିକା ସ୍ୱପ୍ନମାନେ
ବେଳେବେଳେ
ଲାଭ ହୋଇ ଆସୁଥିବା ଭଳି
ତମ ମୁଦା ଓଠ ଫରୁଆରେ
ଉଙ୍କି ମାରୁଥାଏ ଯେବେ
ଦାଆ ପରି ଦ୍ୱିତୀୟା ଜହ୍ନ
ଜହ୍ନର ମାୟାରେ ପୂନେଇର ପୁଣ୍ୟତିଥି
ସାକାର ହେଲାଭଳି
ତମରି ସାନ୍ନିଧ୍ୟ ପାଇ
ଅନବରତ ଧନ୍ୟ ହେଉଥାଏ
କାହାରି ନା କାହାରି ଇଚ୍ଛାମତି ଭାଗ୍ୟ ।
ଅରୁଆ ଚାଉଳ ଚୁନାକୁ ପାଣିରେ ବତୁରେଇ
ଯେମିତି ଠାକୁରଙ୍କ ପୂଜା ପରେ
ପକାଯାଇଥାଏ ଝୋଟି
ଶ୍ରଦ୍ଧାରେ ପଖାଳି ସେମିତି
ସମସ୍ତ ଭଲ ପାଇବାକୁ
କେହି ଜଣେ ତମ ପାଇଁ
ବୁଣି ଚାଲିଛି ପ୍ରେମର ମୁରୁଜ
ଦିଅ ବଢ଼ାଇଦିଅ ଲକ୍ଷ୍ମୀପାଦ
ହସି ଉଠିବ ମଲା ମାଟି ।

ଆଲୁଅ ଆସିଲେ ଅନ୍ଧାର ହଟିବା ଭଳି
ଦେଖ, ତମ କଥା ଶୁଣି କେମିତି
ଯନ୍ତ୍ରଣା କବର ତଳୁ .... ଉଠୁଛି
ଆକ୍ତା ମାକ୍ତା ସୁଖଙ୍କ ଆୟୁଷ
ନଈ ମୁହାଣରେ
ମାଟି ଅତଡା ଖାଇବାପରି
ଭାଙ୍ଗି ଯାଉଛି ବେଦନା ନଈରେ ଲମ୍ଫ
ମାରୁଥିବ
ଦୁଃଖଙ୍କର ଔଦ୍ଧତ୍ୟ ସାହାସ ।
ବିଶ୍ୱାସ ରଖ;
ତମେ ଆସିଲେ ନା
ବଦଳି ଯିବ ଦୁନିଆର
ସବୁ କିଛି ଦୃଶ୍ୟ ପଟ ।

ଚଞ୍ଚଳା ନିବାସ
ପ୍ରତାପପୁର, ନାଲଗୁଣ୍ଡା
ମତୋ, ଭଦ୍ରକ

ରଜ ପରବ

ନିମାଇଁ ମିଶ୍ର

ମୋତେ ଛୁଅନା, ଛୁଅନା, ଛୁଅନା
ମୁଁ ରଜସ୍ୱଳା ବସୁମତୀ
କୁଆଁରୀ ମନର କଅଁଳ ଜହ୍ନ ମୁଁ
ଯୁବା ହୃଦେ ପୂର୍ଣ୍ଣରାତି ।
ବୃଦ୍ଧା ମନେ ଲେପେ ଦରଦୀ ଚନ୍ଦନ
ସଭିଁଙ୍କୁ ପରସ ଭିତ୍ତି
ବରଷକ ଥରେ କର୍ମ ଅବସରେ
ତିନିଦିନ ଯାଏ ବିତି ।
ସୁଖ ଆନନ୍ଦର ପସରା ଧରିଛି
ବାଣ୍ଟୁଅଛି ସବୁ ପୂରେ
ପିଠାପଣା ଆଜି ମହା ଆନନ୍ଦେ
ନବବସ୍ତ୍ର ଘରେ ଘରେ ।
ଦୋଳି ଗୀତ ଆଉ ତାଆସ ଖେଳ
ବହୁ ଚୋରି ପଶାପାଲି
ସଜାଇଛି ବିହି ନାନା କୁସୁମରେ
ମନେ ଗୋ ଅପାର ଫୁର୍ତ୍ତି
ଅଳସ, ବିଳାସ, ମିଳନ, ବ୍ୟଞ୍ଜନ
ପରିପୂର୍ଣ୍ଣ ପରିତୃପ୍ତି
ଉଲ୍ଲାସ ଉତ୍‌ଫୁଲ୍ଲ ରଜ ମଉଜ ଏ
ସଭିଁ ମୁଖେ ଶୋଭାଦୀପ୍ତି

ପାଂଚପଡ଼ା, ଚାନ୍ଦବାଲି
ମୋ: ୯୪୩୮୨୭୩୩୪୦

ବିଶ୍ୱନିୟନ୍ତା ତୁ ଜଗତର ନାଥ

ଶୁଭ୍ରାଂଶୁ ଶେଖର ମାହୁନ୍ତ

କଂସ କାରାଗାରେ ଦେବକୀ ଗର୍ଭରେ
ଜନ୍ମନେଲ ଦାମୋଦର ।
ଲୁହାର ଶିକୁଳି ନିମିଷେ ଫିଟିଲା
ଲୀଳା ଯେ ତୁମ ଅପାର ।
କଂସର ଭୟରେ ଅନ୍ଧାର ରାତିରେ
ତୁମକୁ ମୁଣ୍ଡରେ ଧରି,
ପିତା ବସୁଦେବ ନିରାପଦେ ନେଇ
ହୋଇଲେ ଯମୁନା ପାରି ।
ମଥୁରାପୁରକୁ ଛାଡ଼ି ଗୋପପୁରେ
ହୋଇଲ ନନ୍ଦ ନନ୍ଦନ,
ଦିବାନିଶି ଝୁରୁଥିଲା ଯେ ଦେବକୀ
କେ' ବୁଝିବ ମାଆ ମନ ॥
ପଡ଼ିଶା ଘରର ପାକହାଣ୍ଡି ଭାଙ୍ଗି
ଖାଇଲ ସର ଲବଣୀ,
କଇଁ କଇଁ ହୋଇ କାନ୍ଦୁଥିଲ ତୁମେ
ଯଶୋଦାଙ୍କ ଗାଳି ଶୁଣି ।
ପୁତ୍ରସ୍ନେହେ ବିଗଳିତ ଯେ ଜନନୀ
ଦେଖି ପାରେନାହିଁ ଲୁହ,
ଅଳି ଅର୍ଦ୍ଧଳିକୁ ସହ୍ୟ କରେ ସିନା
ରୋକି ସେ ପାରେନି କୋହ ॥
ଅନାବିଳ ପ୍ରେମେ ବାନ୍ଧି ଦେଇଥିଲ
ଆନମନା ହେଲା ଭାଇ
ଯମୁନା କୂଳରେ ଚାହିଁ ବସୁଥିଲା
ପାଣି ଆଣିବାକୁ ଯାଇ ॥

ସହସ୍ର ଗୋପୀଙ୍କ ମନ ଚୋରି କରି
ହୋଇଲ ମଉଡ଼ମଣି,
ଦଣ୍ଡେ ନ ଦେଖିଲେ ଝୁରି ହେଉଥିଲେ
ସବୁ ପାରୁଥିଲ ଜାଣି ।
ଦ୍ୱାପର ଯୁଗରେ ପାଣ୍ଡବ ସପକ୍ଷେ
ହୋଇ ଅର୍ଜୁନ ସାରଥୀ,
ବିନା ଅସ୍ତ୍ରେ ତୁମେ ପରାଜିତ କଲ
ବଡ଼ ବଡ଼ ମହାରଥୀ ।
ସଖା ସୁଦାମାର ଖୁଦଭଜା ପାଇଁ
ରତ୍ନ ସିଂହାସନ ଛାଡ଼ି,
ଅତି ଆନନ୍ଦରେ ବିଭୋର ହୋଇଲ
ସଖାକୁ ଛାତିରେ ଭିଡ଼ି ।
କଳିଯୁଗେ ତୁମେ ରତ୍ନ ସିଂହାସନେ
ବସିଅଛ ଚକାଆଖି,
ଧନ୍ୟ ହୋଇଅଛି ଅସାର ଜୀବନ
ତୁମ ଦିବ୍ୟରୂପ ଦେଖି ।
ଗର୍ବ ଅହଂକାର କରୁଅଛ ଖର୍ବ
କେହି ନୁହଁ ଆଉ ବଳି
ଆଶିଷ ଟିକକ ଦେଉଥା' ଅଜାଡ଼ି
କରୁଛି ଏତିକି ଅଳି
ବିଶ୍ୱନିୟନ୍ତା ହେ ଜଗତରନାଥ
କୋଟିରେ ଗୋଟିଏ ତୁମେ
ତୁମ ପ୍ରେମେ ସାରା ବିଶ୍ୱ ଆଜି
କାଳିଆ ତୁମରି ନାମେ ।

ଗୋଳାପୋଖରୀ
ତିହିଡ଼ି, ଭଦ୍ରକ
ମୋ: ୮୨୪୯୦୦୨୨୯୧

ସଂଜ୍ଞା ସନ୍ଧାନ

ବିପ୍ଲବ ରଞ୍ଜନ ପତି

ମାଟିକୁ ପଚାରିଲି
ସ୍ୱାଧୀନତାର ମାନେ କ'ଣ ?
ସେ କହିଲା ଦେହରେ ଦିନେ ପତାକାଟେ
ଫୋଡ଼ିହେବା ଆଉ ଫି ବର୍ଷ
ତାର ଜନ୍ମଦିନ ପାଳିବା ହିଁ
ସ୍ୱାଧୀନତା ତା ପାଇଁ ।

ନେତାଟିଏକୁ ପଚାରିଲି ସେଇ ପ୍ରଶ୍ନ
ସେ କହିଲା ଆଜି ଯାଏ
କୋଉ ମିଳିଛି ନା ମିଳୁଛି
ଚୌକି ବଦଳୁଛି କ୍ଷମତା ବଦଳୁଛି
ଯୋଉଟା ଗାନ୍ଧୀ ପାଇଲେନି
ସେଇଟା ପାଇଁ ମୁଁ ଖୁବ୍ ସଂଘର୍ଷ କରୁଛି
ମୋ ହାତରେ କ'ଣ ଅଛି ?

ଆକାଶକୁ ପଚାରିଲି ସେଇ ଏକା ପ୍ରଶ୍ନ
ସେ କହିଲା ନିଜକୁ ଶୂନ କରିଦେବାହିଁ
ସ୍ୱାଧୀନତା
ସମସ୍ତେ ଖାଲି ଦେଇ ଚାଲ
ରକ୍ତ, ମତ, ସତ, ସ୍ୱାର୍ଥ, ଇଜ୍ଜତ, ମହତ
ତାରାମାନଙ୍କ ପରି ସାଧାରଣଙ୍କ ସଂଖ୍ୟା ଏତେ ଯେ
ତୁମେ ନ ଦେଲେ ଆଉ କିଏ ଦେବେ
କଳା କି କୌଶଳ ସବୁ ତାଙ୍କୁ ଜଣା
ଟଙ୍କାକରେ କିଲେ ଚାଉଳ କିଣି ଆଣି
ଲୁହ ଭରା ଡେକଚିରେ ପଶିଦେବା ହିଁ
ସ୍ୱାଧୀନତା ।

ଜଣେ ସ୍ୱାଭିମାନୀଙ୍କୁ ପଚାରିଲି
ସ୍ୱାଧୀନତା ମାନେ କ'ଣ
ସେ କହିଲେ
ସ୍ୱାଧୀନତା ମାନେ ଇଚ୍ଛା ମୃତ୍ୟୁ ପାଇଁ ଆବେଦନ କ୍ଷମତା
ନୁହେଁ ଆତ୍ମହତ୍ୟା ।

ବୁଝିଗଲି ସ୍ୱାଧୀନତା
ଶୋଷକୁ ପାଣି ନୁହଁ ଲୁହ
ମୁହଁ ନୁହଁ ଗୋଟେ କୋହ
ନିଜ ନିଜର ଭୋକ ପାଇଁ
ଭାତ ଭାଗ କଲାବେଳକୁ
ହାତରେ ଟିପେ ନିର୍ମାଲ୍ୟ.....

ମମତା ମନ୍ଦିର, ଝିଙ୍କିରିଆ,
ଆରସା, ତିହିଡ଼ି, ଭଦ୍ରକ- ୭୫୬୧୩୯
ଭ୍ରାମ୍ୟଭାଷ-୭୦୦୮୦୫୯୬୦୧

ସ୍ମୃତିରେ ରଜ

ଶାନ୍ତିଲତା ଗିରି

ଜ୍ୟେଷ୍ଠ ଅନ୍ତେ ଆଦ୍ୟ ଆଷାଢ଼ ପ୍ରବେଶେ
ଆସିଅଛି ପୁଣି ରଜ
ସେକାଳ ପଖାଳ ନାହିଁ ଆଉ ଏବେ
ନାହିଁ ସେଇ ରଜ ସଜ । ॥ ୧ ॥

ପାଶ୍ଚାତ୍ୟ ସଂସ୍କୃତି ରାଜତ୍ୱ କଲାଣି
ଆମ ଗାଁ ସହରରେ
ଆମେ ବି ସ୍ୱାଗତ କରୁଅଛୁ ହେଲେ
ବିରୋଧ କରିବୁ ଥରେ ॥ ୨ ॥

ଅବକ୍ଷୟ ମୁଖୀ ଗାଁ ପରିବେଶ
ସମାଧିସ୍ଥ ପରମ୍ପରା
ଆପଣା ସଂସ୍କୃତି ବାଟବଣା ହୁଏ
ବଦଳି ଯାଉଛି ଧାରା । ॥ ୩ ॥

ସେଦିନ ପରିକା ବର ଓହଳରେ
ସପନ ହେଲାଣି ଦୋଳି
ଭାଇଚାରା ଭାବ ବାଟ ହୁଡ଼ିଲାଣି
ପରସ୍ପର ମଧ୍ୟେ କଳି । ॥ ୪ ॥

ରଜ ପୋଡ଼ପିଠା ଆରିସା କାକରା
କରୁନାହିଁ ମାଆ ଘରେ
ଆମ୍ବ ପଣସର ନିଆରା ସ୍ୱାଦକୁ
ମଦ ମାଂସ ଏବେ ସାରେ । ॥ ୫ ॥

ଲୁଡୁ ତାସ ପାଲି ନାହିଁ ଆଉ ଏବେ
ନାହିଁ ସେ ବାଗୁଡ଼ି ଖେଳ
ପବ୍‌ଜି ଖେଳରେ ଦିନ ରାତି ବିତେ
ଜମେ ନାହିଁ ଜମା ମେଳ । ॥ ୬ ॥

ଗାଆଁର କୁଆଁରୀ ମଡର୍ଣ୍ଣ ହେଲେଣି
ଖେଳନ୍ତିନି ଆଉ ପୁଚି
ଗାଧୁଆ ତୁଠରୁ ହଳଦୀ ବାଟୁଆ
ଦୂରକୁ ଗଲାଣି ଘୁଞ୍ଚି ।। ୭ ।।
ଆଦ୍ୟ ଆଷାଢ଼ର ମୌସୁମୀ ପ୍ରଭାବେ
ବର୍ଷା କଲେ ଟିପି ଟିପି
ତରୁଣ ତରୁଣୀ ଉଚ୍ଚାଟ ହୁଅନ୍ତି
ମୋବାଇଲରେ ଗପି ଗପି । ।। ୮ ।।
ବଦଳେ ମଣିଷ ବଦଳେ ଭାବନା
ପାଲଟି ଯାଉଛି ସ୍ମୃତି
ଆଶଙ୍କା ରହୁଛି କାଳେ ଏ ସମୟ
କରି ଦେବ ସବୁ ଇତି ।। ।। ୯ ।।
ଆମରି ସଂସ୍କୃତି ଆମ ପରମ୍ପରା
ବଜାୟ ରଖିବା ପାଇଁ
ଆସ ଭାଇ ହାତ ମିଳାଅ ମୋ ସହ
ନୂତନ ସଂକଳ୍ପ ନେଇ । ।। ୧୦ ।।

କମାରିଆ ବଜାର, ଭଦ୍ରକ

ଜଗନ୍ନାଥ ଜଣାଣ

ମଥୁରା ମୋହନ ବେହେରା

ଭାବ ବିନୋଦିଆ ଠାକୁର ହେ ତୁମେ
ଭବେ ବନ୍ଧା ତବ ଡୋରୀ,
ଭାବର ଅଭାବୁଁ ଅନିତ୍ୟ ଏକ ଧରା
ଅସାର ଜୀବନ ତରୀ ॥
ଗରିବ, ବିଚରା ପେଟ ବିକଳରେ
ଆର୍ତ୍ତେ ଡାକେ ତ୍ରାହି ତ୍ରାହି,
ତୁମେ ଦୁଃଖହାରୀ ନ ଶୁଣ ଗୁହାରୀ
କେ ପାରିବ ଅବା ସହି ॥
ଦାସିଆ ବାଉରୀ କି ଭାବେ ବାନ୍ଧିବା
ନେଲ ଫଳ ହାତପାତି
ଯୁଗଯୁଗ ଧରି ତପସ୍ୟା କରିଣ
ନ ପାଆନ୍ତି ଗତି ମୁକ୍ତି ॥
ବଳରାମ ଭକ୍ତ ବାଙ୍କି ମୁହାଣରେ
ଗଢୁଥିଲା ବାଲିରଥ
ସେହି ରଥେ ପ୍ରଭୁ ହେଲ ବିରାଜିତ
ସ୍ତବ୍ଧ କଲ ଯୋଗଜାତ ॥

ଭକ୍ ସାଲବେଗ ଡାକିଲା ଯୋଜନୁଁ
ଶୁଣିଥିଲ କର୍ଣ୍ଣଡେରି
ତା' ଆସିବା ଯାଏ ଅଟକିଲା ରଥ
ଭକତ ବତ୍ସଳ ହରି ॥
କି ଭାବରେ ବନ୍ଧା ଆହେ ମହାବହୁ
ବୋଲାଅ ଭକତବନ୍ଧୁ
ତୁମରି କୃପାରେ ନାହିଁ ଥଳକୂଳ
ସର୍ବମୁଖେ କୃପାସିନ୍ଧ ॥
ସକଳ ସମର୍ପି ଡାକୁଛି ମୁଁ ଯେତେ
ନ ଶୁଣ ହେ ଦୟାମୟ
କେଉଁ ଭାବ ଆଉ ଉଣା ହେଲା ମୋର
କୁହ ଆହେ କଳାମୁହଁ ॥

ସଂପାଦକ
ସାହିତ୍ୟ ସଂସ୍କୃତି ବିକାଶ ପରିଷଦ
ବିନ୍ଧାବଜାର, ପୀରହାଟ, ଭଦ୍ରକ

ସେବେକାର ରଜ

ଶଶୀକାନ୍ତ ବେହେରା

ନାତୁଣୀକୁ ଡାକି କହିଲେ ଜେଜେ ମା' କାଲି ପରା ହବ ରଜ
ଉଦଣ୍ଡୀକଂ ପରି ସକାଳୁ ବୁଲୁଛୁ କରୁନାହୁଁ ସଜବାଜ
ହଳଦୀ ଦି'ଖଣ୍ଡ ଶୀଳରେ ବାଟି ଦେ' ଦେହରେ ଲଗାଇ ହେବୁ
ମଞ୍ଜୁଆତି ପତ୍ର ସାଥିରେ ଖଇର ମାରି ହାତ ପଚେଇବୁ
ଗହଣା ଗାଣ୍ଠିକୁ ସଫା କରିଦେବୁ ଭିଜାଇ ସିଠା ପାଣିରେ
ଖସାତେଲ ମାଖି ମୁଣ୍ଡ କୁଣ୍ଢେଇବୁ ସରୁଦାନ୍ତ ପାନିଆରେ
କଜଳପାତିରୁ ଧାରେ କଳାନେଇ ପିନ୍ଧିବୁ ଆଖି ପତାରେ
ପଟକା ଅଳତା ଲଗାଇଦେବୁ ତୋ ଦୁଇପାଦ ଧାରେ ଧାରେ
ସଞ୍ଜ ଫୁଟା ସଜ ମଲ୍ଲୀ ଗଜରାକୁ ଗୁରେଇ ବାନ୍ଧିବୁ ଖୋସା
ସୂତା କାଞ୍ଚେଲିକୁ ତନ୍ତ ବୁଣା ମଠା ପିନ୍ଧିଲେ ଓଡ଼ିଆ ଯୋଷା ।
ଘର ପଛପଛ ଆମ୍ବଗଛ ଡାଳେ ଝୁଲାଇ ଦେ' ପଟା ଦୋଳି
କିଣି ରଖିଥା ଲୁଡୁପଟା ଦାନ ଦି'ଜଣ ବସିବା ଖେଳି ।
ତିନିଦିନ ପାଇଁ କରଞ୍ଜ ଗଛରୁ ଭାଙ୍ଗିଦିଏ ଦାନ୍ତ କାଠି
ବଟୁଆ ଖୋଲି ତୁ ଚିରିଦେଏ ପାନ ଗୁଆ ରଖିଦେଏ ବାଟି
ନାଶ ଘୁଣ୍ଟି ମୋର କରାଟ ଭରିଦେ ପରିବା ରଖିଥା କାଟି
ପୋଡ଼ପିଠାଟିଏ ପୋଡ଼ିଦେ କାଲିକୁ ପଡ଼ିଶାରେ ଦେବା ବାଣ୍ଟି
ପାଚିଲା ପଣସ କୋଷା କାଢ଼ିଦେଏ ଆମ୍ବ କାଟି ଫାଳି ଫାଳି
ରଜଭାର ଘେନି କୁଣିଆ ଆସିଲେ ପାଶେ ପରଷିବୁ ଥାଳି
କୁଆଁ କାଠିନେଏ ପେଟରା ଖୋଲି ତୁ ବାସି ଲୁଗା ଦେଏ କାଢ଼ି
ଉଲୁଣିରେ ସବୁ ଗୋଟା ଗୋଟା କରି ଯତନେ ରଖି ସଜାଡ଼ି ।
ଗଞ୍ଜିଆରେ ଅଛି ପଇସା ନେଇ ଯା ରିବନ ଆଣିବୁ କିଣି
ବାଛି ବାଛି କରି ଦରବ ଗୁଡ଼ିକୁ ଆଣିଥିବୁ ମନ ଜାଣି ।
ଆଜି ହାଣ୍ଡି ଧୁଆ ପାଇଟି ସକଳ ସାରିଦେଏ ବେଳାବେଳି
ଗେହ୍ଲେଇ ନାତୁଣୀ ସଜବାଜ ହେଇ କାଲିକୁ ଝୁଲିବୁ ଦୋଳି ।

ନିର୍ବାହୀ ଅଧିକାରୀ ସେବାନିବୃତ୍ତ
ପରମାନନ୍ଦପୁର ବାହାବଳପୁର,ତିହିଡ଼ି, ଭଦ୍ରକ
ମୋ: ୮୨୬୦୮୩୫୨୦୫

କାହିଁକି ଏମିତି ହେଲା

ବାବୁରାମ ରାଉତ

ଭଲ ଥିଲା ଆମ ଗାଁ ଚାଟଶାଳୀ
ଅବଧାନ ବେତ ଭୟ
ନାହାନ୍ତି ସେ ଗୁରୁ ନାହିଁ ଚାଟଶାଳୀ
ଆଜି ଦଣ୍ଡ ମୁକ୍ତ ବିଦ୍ୟାଳୟ ।
ଶ୍ରେଣୀ ଗୃହେ ଛାତ୍ର ଯିଏ ଯାହା କରୁ
ଗୁରୁଙ୍କ ମୁହଁରେ ତୁଣ୍ଡି
ବେଳ ଅବେଳରେ ଆକଟ କରିଲେ
ବନ୍ଧା ହୋଇଯିବେ ଫାଣ୍ଡି ।
ଭଲଥିଲା ଆମ ବୁଢ଼ୀ ମା' କାହାଣୀ
ଶିଖିବାର କିଛି ଥିଲା
ଏବେ ଦିନରାତି ମୋବାଇଲି ଦେଖି
ବାଲୁଙ୍ଗା ହେଲେଣି ପିଲା ।
ଭଲଥିଲା ଆମ ଧୋତି, କୁର୍ତ୍ତା ଶାଢ଼ୀ
ଓଡ଼ିଆର ସ୍ୱାଭିମାନ
ବିଦେଶୀ ଫେସନେ ଖୋଲା ମେଲା ପିନ୍ଧି
ବାଟ ଘାଟେ ଅଘଟନ ।
ଭଲଥିଲା ଆମ ପୂଜା ପାରବଣ
ଭକ୍ତିଭାବ ଥିଲା ପୁରି
ନାହିଁ ଆଜି ସେହି ଧର୍ମୀୟ ଭାବନା
ନିଶାକୁ ନେଲେ ଆବୋରି ।
ଭଲଥିଲା ଆମ ବାପା ବୋଉ ଡାକ
ସେ ଡାକେ ଅମୃତ ଝରେ
ଡାଡି, ମମି, ଡାକି, ବୁଢ଼ୀ ବୁଢ଼ା କାଳେ
ପୁଅ କି ଆଉ ପଚାରେ ।

ଭଲଥିଲା ଆମ ଭାଗବତ ଟୁଙ୍ଗୀ
ଧର୍ମ ଚର୍ଚ୍ଚାହୁଏ ନିତି
ସେଠି ଆଜି କ୍ଲବ ନାମରେ ଚାଲିଛି
ଘରବୁଡ଼ା ରାଜନୀତି ।
ଭଲଥିଲା ଆମ ଗାଁ ପଞ୍ଚୁଆତି
ଦୋଷୀ ପାଉଥିଲା ଦଣ୍ଡ
କୋର୍ଟ କଚେରୀ ଧାଇଁ ଧାଇଁ ଆଜି
ଚନ୍ଦା ହୋଇଯାଏ ମୁଣ୍ଡ ।
ଭଲଥିଲା ଆମ ଭାଇଚାରା ପଣ
ଆଜି ସବୁ ବିପର୍ଯ୍ୟସ୍ତ
ଧରମ ନାମରେ ଧମାକା ଚାଲିଛି
ନିଜ ସ୍ୱାର୍ଥେ ସର୍ବେ ବ୍ୟସ୍ତ ।
ବଞ୍ଚି ରହୁ ଆମ ଭାଷା ଓ ସାହିତ୍ୟ
ସଂସ୍କାର ସଂସ୍କୃତି କଳା
ହେ ଯୁବ ସମାଜ ଦିଅ ଟିକେ ଧ୍ୟାନ
କାହିଁକି ଏମିତି ହେଲା ।

ସୟା, ଧୂଳିପଦା, ତିହିଡ଼ି, ଭଦ୍ରକ

ଦେହ ଓ ମନ

ଜୟନ୍ତ କୁମାର ମହାନ୍ତି

ଦେହ ସଙ୍ଗେ ମନ ଅତୁଟ ବନ୍ଧନ
ଯେ ରଖିବ ଯେତେ ଦିନ,
ହସି ହସାଇବ ଆନନ୍ଦ ଲଭିବ
ସୁଖମୟ ତା' ଜୀବନ ।
ଅବୁଝା ମନଟା ବୁଝେ ନାହିଁ ସିନା
ଦେହ ସଙ୍ଗେ ସଦା କଳି,
ମାୟା ମମତାର ଅଶାନ୍ତ ଅନଳେ
ଜୀବନଟା ଦିଏ ଜାଳି ।
ସ୍ନାନ କାଳ ପାତ୍ର ପରଖିଲେ ନେତ୍ର
କରି ମନ ସଙ୍ଗେ ମିତ୍ର,
ଶରୀରର ଭାର ହୋଇ ଗଳାହାର
ଝୁଲସିବ ନିରନ୍ତର ।
ଅସତ ଶରୀର ଝୁଣ୍ଟିବାର ବାର
ମନକୁ କରି ଅମନ,
ଅମାନିଆ ମନ ତୁଟାଇ ବନ୍ଧନ
ଅଲୋଡା ନାମେ ଦହନ ।
ସୁସ୍ଥ ସ୍ଥିର ଦେହେ ମନ ହଲିଯାଏ
ପରିସ୍ଥିତି ପରିବେଶେ,
ମୁକା ବିଲା ଭାର କଲେ ଆପଣାର
ନୂଆ ଦିଶା ଆପେ ଦିଶେ ।
ସ୍ଥିର ଚିତ୍ତମନେ ସକଳ ସାଧନ
ମହକେ ମାନସ ଫୁଲ,
ତା'ବାସ କହର ଜଗତେ ଆଦର
ଚହଟିବ କାଳ କାଳ ।

ସହକାରୀ ଶିକ୍ଷକ
ପୀରହାଟ ଶାନ୍ତିଶୈଳେଶ୍ରୀ ଉଚ୍ଚବିଦ୍ୟାଳୟ, ଚନ୍ଦ୍ରକାଟବିନ୍ଧା
ମୋ: ୯୩୪୮୭୬୦୬୧୮

କାଳିଆକୁ ଜଣେଇ ଦେଲି

ଦମୟନ୍ତୀ ରାଉତ

ମନ କଥା ମୋର ଜଣେଇ ଦେଲି ମୁଁ
ବୁଝିବୁ ତୁ କାଳିଆରେ
ଯେତେ କାମସବୁ ପଛକୁ ପକେଇ
ଶୁଣିବୁ ମୋ' କଥା ବାରେ ।
ତୁ ରହିଲୁ ସିନା ବଡଦେଉଳରେ
ମୋତେ ଦେଲୁ ଚାଳଘର
କେତେକେତେ ବେଶ ନିଇତି ନଉଛୁ
ମୋ' ହାତରେ ଭଙ୍ଗାଥାଳ ।
ତୁ ଖାଉ ନିଇତି ଷାଠିଏ ପଉଟି
ଅବଢା ଛପନ ଭୋଗ
ଏମିତି ମୋ ଭାଗ୍ୟ ମିଳେ ନାହିଁ ମୋତେ
ବାସିପଖାଳକୁ ଶାଗ ।
ତୁ ପିନ୍ଧୁଛୁ ନିତି କେତେ ପାଟମଠା
ମୋ' ଶାଢୀଟା ତାଳିପକା
ଚିରା ସାତସିଆଁ ପିନ୍ଧିବା ପାଇଁ କି
ମୋହରି କରମେ ଲେଖା ।
ପତିତ ଉଦ୍ଧାର ପାଇଁକି ତୋହର
ଉଡୁଛି ଦେଉଳେ ନେତ
ଅନାଥଙ୍କ ନାଥ ବୋଲିକି ବହିଛୁ
ନାମ ତୋ' ଜଗତନାଥ ।
ସରିଯିବ ନାହିଁ ଭଣ୍ଡାରରୁ ଦେଲେ ତୋ'
କରୁଣା କୃପାସାଗର
ବଡ଼ଦାଣ୍ଡୁ ଦମୟନ୍ତୀର ଘେନିବ
କୋଟିଏ ଭକ୍ତି ଜୁହାର ।

ଜଗନ୍ନାଥପୁର, ନିଯୁକଲୋନୀ, ଭଦ୍ରକ
ଫୋନ୍: ୬୩୭୦୨୫୫୯୫୧

ବରଷକ ପରେ ଆସିଛି ରଜ

ଗୋଲକ ପ୍ରସାଦ ବୈୟାରୀ

ବନସ୍ତେ ଡାକିଲା ଗଜ ।
ବରଷକ ପରେ ଆସିଛି ରଜ ।
ଆସିଛି ରଜଲୋ ଧରି ନୂଆ ସଜବାଜ
ବଉଳଲୋ.....(୧)
ଖାଇବା ଆମ୍ବ, ପଣସ, ପିଇବା ହରଷେ ନଡ଼ିଆ ରସ
ନଡ଼ିଆ ରସଲୋ, ଆଜି ରଜନୀ, ଦିବସ.... (୨)
ହରଷେ ଖେଳିବା ଦୋଳି, ଝିଅ ବୋହୂ ପିଲା ସଭିଏଁ ମିଳି
ସଭିଏଁ ମିଳିଲୋ, ଦାଣ୍ଡ ପଡିବ ଉଚ୍ଛୁଳି ।
ରଜପାନ ଖାଇ, ଖାଇ ଗୀତ ଗାଉଥିବା ହାତ ହଲେଇ
ହାତହଲେଇ ଲୋ, ହିଂସା ଦ୍ୱେଷ ଭୁଲି ଯାଇ ।
ଗାଆଁକୁ ଗାଆଁ ବୁଲିବା, ଦଳଦଳ ହୋଇ ସକଳେ ଯିବା,
ସକଳେ ଯିବାଲୋ, ହସି ହସି ହସାଇବା ....(୩)
ଆଜି ଏ ରଜ ପରବ, ଓଡିଆ ଜାତିର ଗର୍ବ ଗୌରବ
ଗର୍ବ ଗୌରବ ଲୋ, ଭୁଲି ଯିବା ଭେଦଭାବ ।

ଅଚକ, ମହରମପୁର,
ଦୋଳସାହି, ଭଦ୍ରକ
ପିନ୍ - ୭୫୬୧୨୭
ମୋ: ୭୮୭୩୯୧୬୭୪୪

ଏଠି ଫିକା ଫିକା ଲାଗେ ରଜ

ବୈକୁଣ୍ଠନାଥ ଓଝା

ଆକାଶରେ ଏବେ ବଉଦ ଭାସିଲା
ମନରେ ନାଚଇ ଗାଆଁ
ରଜ ଦୋଳି ଖେଳ ସହରେ ଲାଗିଛି
ବୋଉ ଡାକେ ଆ ଆ ।୧ ।
ତୋତେ ଛାଡି ବୋଉ ଏଇଠି ଅଛିଲୋ
ଭେଳିକି ସହରେ ବନ୍ଧା
ମମତାବୋଧର ହାତ ବଢାଇଲେ
ଶୂନ୍ୟତାକୁ କହେ ଆହା ।୨ ।
ଟିପି ଟିପି ତୋର ଶରଧା ଚନ୍ଦନ
କପାଳେ ଲାଗିଛି ବୋଉ
ଝିପି ଝିପି ରହି ବରଷା ଖସିଲେ
ଶ୍ୱାସ ମରୁନାହିଁ ଆଉ ।୩ ।
ଗାଁରେ ବରଷା ସହରେ ବରଷା
ମନରେ ବରଷା ଖେଳ
ରଜ ମଉଜରେ କବିତା ପଢୁଛି
ମନରେ ରହୁନି ମେଳ
ଖାଲି ବହେ ଗମଗମ ଝାଳ
ସାଇତା ଆବେଗ ଯାହା ମନେଥିଲା
ଚୋରାଇ ନେଲା ସମୟ
ମୋ କବିତା ପିଲାଟି ଛୋଟ ଢେଉ ନେଇ
ସମୟ ନଈରେ ଖେଳୁଛି ଖେଳ ।୪ ।
ମାଟିର ମମତା ସହରୀ ସଭ୍ୟତା
ଭିତରେ ଶୂନ୍ୟତା ଏଠି
ଛଳରେ ଛଳରେ ଖାଲି କୋଳା କୋଳି
ଦରଦୀ ହୁଏନା ବୋଳି । ୫ ।

ଏଠି ସାଲିସ୍ ହୁଅନ୍ତି ପାଲିସ୍
ନୀରବତା ଖାଏ ତଡା
କାଦୁଅ ପିଙ୍ଗାରେ ଦେଶ ଆଗେଇଛି
ବାଚାଳ ହୁଅଇ ଜଡା । ୬ ।
ଟିକିଏ କହିବି ସାଙ୍ଗରେ ରହିବି
ରୋଷ ଘେନ ନାହିଁ ଜମା
ବଉର ଭରସା ହାତର ପରସା
ସହରେ ମିଳେନା ଜମା । ୭ ।
ଆଜି ମୁଁ ଛୁଇନି ରଜ ପାନ ସାଥେ
ପୋଡ ପିଠା ଆଳୁଦମ୍
କି କାକରା ସାଙ୍ଗକୁ ଦହିପରା ପୁଣି
ଆରିସାରେ ଥିବା ଦମ୍
ଭାଇ କୁଆଡୁ ଆସିବ ଦମ୍
ପେଟ ଖାଲି ନାହିଁ
ହଜମ ହେଉନି
ଘରଣୀଙ୍କ ଖାଇବମ୍
ଏଠି କୁଆଡୁ ଆସିବ ଦମ୍ । ୮ ।

ଭଦ୍ରକ

ସମୟର ତାଳେ ତାଳେ

ବିଶ୍ୱମୈତ୍ରୀ ନାୟକ

କ୍ଷଣ କ୍ଷଣ ହୋଇ ବହିଯାଏ କାଳ
ଜୀବନ ଯମୁନା କୂଳେ
ଦିନ ପରେ ମାସ ବର୍ଷ ପରେ ଋତୁ
ଚାଲିଥାଏ ଅବିରଳେ
ସକାଳ ସୂରୁଜ ଉଠିବା ଆଗରୁ
ଫୁଲ ମାନେ ଥାନ୍ତି ଫୁଟି
ଗଗନର ତାରା ହସି ହସି କରି
ସତେ ଗୋଲାପି ବାଣ୍ଟନ୍ତି
ଫୁଲ ଫୁଟି ପରେ ଝରିବା ଆଗରୁ
ବାସ ଦିଏ ଚହଟାଇ
ସୁନ୍ଦରତା ଦେହ ଅତି ମନୋହର
ମନକୁ ନିଅଇ ମୋହି ॥
ନଈ ବୋହିଯାଏ ଫୁଲ ଝରିଯାଏ
କାଳ ଚାଲିଯାଏ ସିନା
ସେ ସମୟ ବଳେ ଜୀବନ ଗଠନ
ନୁହଇ କରମା ବିନା
କରି ଶୁଭ କର୍ମ ପାଳ ନିଜ ଧର୍ମ
ଜୀବନ ବୀହୁଡ଼ି ଜାଳି
ଜଳି ଜଳାଇବା ଆଲୋକ ବର୍ତ୍ତିକା
ଜୀବନକୁ ଦେବା ଟାଳି
ଜ୍ଞାନର ପ୍ରଦୀପ ଜଳାଇବା ବିଶ୍ୱେ
ପୁଲକିତ କରି ପ୍ରାଣ
ହିଂସା ଈର୍ଷା ଆଉ ଅମାନବିକତା
ତେଜି ଦେବା ପ୍ରତିକ୍ଷଣ ॥
ଜୀବନ ସାର୍ଥକ ହୋଇବ ଆମର
ହସିବ ସାରା ସଂସାର
ନଥିବ କା ମନେ ଦୁଃଖ ଅବସାଦ
ସଭିଏଁ ହେବେ ନିଜର ।

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ଭଦ୍ରକ

ଜହ୍ନ ଆଉ କଳଙ୍କ

କୃପାସିନ୍ଧୁ ମହାନ୍ତି

କେତେବେଳେ
ଜହ୍ନରୁ କଳଂକ ତ
କେତେବେଳେ
କଳଂକରୁ ଜହ୍ନ
ଖୋଜିଖୋଜି ବିତିଗଲା
ଜୀବନର ଅନେକ ଅଭୁଲା ମୁହୂର୍ତ୍ତ ।

ଅନେକଥର ତୂଳିଧରି
ଆଙ୍କିବାକୁ ଚେଷ୍ଟା କରିଛି
କଳଂକର ଚିତ୍ରପଟ୍ଟ
କେତେବେଳେ ସେ ଚିତ୍ରରେ
ଓହ୍ଲେଇ ଆସିଛି ଜହ୍ନ ତ
କେତେବେଳେ ବିବର୍ଣ୍ଣ ସକାଳ
କେବେବି ସେ ଚିତ୍ରକୁ
ଜୀବନ୍ୟାସ ଦେବାକୁ
ସମର୍ଥ ହୋଇପାରିନି
ମୋ ତପସ୍ୟା ।

ବାରମ୍ବାର ସେମାନଙ୍କ
ନୀରବତା
ମୋତେ କହି ଚାଲିଛି
ସବୁ ଆଲୁଅର ଆଖିରେ
ପୁଅଡ଼ୋଳା ହୋଇ
ଲୁଚିଥାଏ ଗୋଟେ ଅନ୍ଧାର
ସବୁ ଅନ୍ଧାରର ଓଠରେ

ଭଦ୍ରକ

ସେ ଆମ ବାପା

ଗୟାଧର ସେଠୀ

ରାତି ପାଇଲେ ବାପା
ରୋଜଗାର ପାଇଁ ବାହାରିଯାଏ
ଖରା ବରଷାକୁ ମାନନ୍ତି ନାହିଁ
ବିଲରେ ଦିନଟି କଟେ
ଦୁଃଖରେ ବାପା ସେ ସୁଖରେ ବାପା
ହିମାଳୟ ପରି ଅଟେ ।
ଦିନ ରାତି ଖଟି ନଖାଇ ନପିଇ
ମୁଣ୍ଡ ଝାଳ ତୁଣ୍ଡେ ମାରି
ଉଜ୍ଜଳତା'ର ଭବିଷ୍ୟତ ହେଉ
ମନେ ସଦା ଚିନ୍ତା ଭାରି,
ଆମ ସୁଖ ପାଇଁ ଖଟନ୍ତି ବିଲରେ
ରକତକୁ କରି ପାଣି
ନିଜ ସୁଖ ଭୁଲି ଆମ ସୁଖ ପାଇଁ
ସବୁତ ଦିଅନ୍ତି ଆଣି ।
ଜାଣିଶୁଣି କେବେ ବାପା ମାଆଙ୍କର
ଆଖିରେ ନ ଦେବ ଲୁହ
ତାଙ୍କ ସୁଖ ପାଇଁ ଭୁଲି ଯିବି ମୁହିଁ
ଜୀବନରେ ଯେତେ ମୋହ ।

ସଂସାର ବୋଝକୁ ଗଣ୍ଠୁଳି କରି
ମୁଣ୍ଡରେ ମୁଣ୍ଡେଇ ଥାନ୍ତି
ସୁଖ ପସରା ମେଲାଇ ଦେଇ
ଆମକୁ ଯିଏ ହସାନ୍ତି ।
ବାଟ ଚାଲିବାର ସାମର୍ଥ୍ୟ ପାଇଲି
ସେ ହେଉଛି ଆମ ବାପା ।
ଘରର ଜୀବନ ଓ ଅଭିମାନ
ସନ୍ତାନର ନିର୍ଭରତା
ତୁମେ ମୋ ଆଦର୍ଶ ତୁମରି ଆଶିଷ
ଝରୁ ସଦା ଶିରେ ମୋର
ତୁମ ପାଇଁ ପରା ଦେଖିଛି ଦୁନିଆ
ତୁମେ ମୋ ପରମେଶ୍ୱର ।

ଭଦ୍ରକ

ନିଜକୁ କରିଛି ମୁଁ ଚୋରି

ସୁବାସ ମହାନ୍ତି

ସାରା ଆକାଶରେ ତୁମେ
ରାତିର ସୂର୍ଯ୍ୟ
ଦିନର ଜହ୍ନରେ
ଦେଖୁଛି ମୁଁ ତୁମ ମୁହଁ,
ତୁମ ବିନା ମେଘ ଦେଉଛି ଧୋକା
ଶ୍ରାବଣରେ ଭିଜୁନି ମୋ ଦେହ ।
ପଥହୁଡ଼ା ମୁଁ ତୁମ ପାଇଁ
ତୁମେ ଦେଇଛ ଅଶେଷ ଯନ୍ତ୍ରଣା
କେବେ ଭୁଲିବାର ନାହିଁ ।
ଦରପୋଡ଼ା କାଗଜର
ନଷ୍ଟ ପଦ୍ୟ ଆଜି ମୋ ପରିଚୟ
ତଥାପି ମୁଁ ଭାବୁଛି
ତୁମ ପରି ନୁହଁ ଆଉ କେହି ।
ଦୁନିଆଁ ଆଖିରେ ତୁମେ

ମୋ ଠାରୁ ହେଇଛ ସୁଦୂର
ଆମ ଦୂରତା ଯାଇଛି ବଢ଼ି,
ସହଜେ ମୋତେ ଦେଇଛ ଫୋପାଡ଼ି
ମୋ ଭିତରୁ ତୁମକୁ
ମୁଁ ପାରୁନି ଜମା କାଢ଼ି ।
ତୁମ ପାଖେ ଅଛି କେଉଁ ଯାଦୁ
ତୁମେ ଜାଣିଥିବ
ତୁମ ସାଥେ ପଡ଼ି ନିଜେ ମୁଁ
ନିଜକୁ କରିଛି ଚୋରି ।
କେଉଁଠି ଦେଇଛ ବାନ୍ଧି
ଛନ୍ଦି ଦେଇଛି ମୁଁ ପ୍ରତିକ୍ଷଣେ
ଛିଡ଼ାଇ ହେଉନି ତୁମ ପ୍ରୀତି ଡୋରି ।

ବାଂଶଡ଼ା, ଧାମରା, ଭଦ୍ରକ

ପ୍ରକାଶ ପାଇଲା

ଯଶସ୍ୱୀ ସ୍ତମ୍ଭକାର ତଥା ସୁଲେଖକ

ଅଭୟ ଦ୍ୱିବେଦୀଙ୍କ

ସଦ୍ୟତମ ସଂକଳନ

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଚହଳ ପକାଇଥିବା ପ୍ରସଙ୍ଗ



ପ୍ରକାଶକ : ପ୍ରଗତି ଉଦ୍ୟୋଗ, ଭଦ୍ରକ

ଫୋନ୍ : ୭୫୦୪୨୨୪୨୪୦



ଅଭୟ ଦ୍ୱିବେଦୀ

ଓଡିଆ ଭାଷା ହିଁ ଓଡିଆ ଅସ୍ମିତାର ସନ୍ତକ

ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଶାସନକାଳ (୧୪୩୫-୧୪୬୬) ଓଡିଶା ଇତିହାସର ସୁବର୍ଣ୍ଣଯୁଗ ଭାବେ ଅଭିହିତ । ଏହି ସମୟରେ ଓଡିଶାର ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀ ଠାରୁ ଦକ୍ଷିଣରେ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏଥିରେ ଏବେକାର ପଶ୍ଚିମବଙ୍ଗର ପଶ୍ଚିମାଂଶ, ଆନ୍ଧ୍ରପ୍ରଦେଶର ବହୁ ଅଂଶ, ମଧ୍ୟପ୍ରଦେଶର ପୂର୍ବ କେନ୍ଦ୍ରାଞ୍ଚଳ ଏବଂ ଝାଡଖଣ୍ଡ ଅନ୍ତର୍ଭୁକ୍ତ ଥିଲା । ସେଥି ନିମନ୍ତେ ଗଜପତି କପିଳେନ୍ଦ୍ର ଦେବ "ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର" ଉପାଧିରେ ଭୂଷିତ ହୋଇଥିଲେ । (ଗୌଡେଶ୍ୱର - ବଙ୍ଗର ଅଧିଶ୍ୱର; ନବ କୋଟି - ନ କୋଟି; କର୍ଣ୍ଣାଟ - ବିଜୟ ନଗର ସାମ୍ରାଜ୍ୟ ; କଳବର୍ଗ - ବାହମାନୀ ସାମ୍ରାଜ୍ୟର ପୂର୍ବତନ ରାଜଧାନୀର ନାମ) । ଗଜପତି କପିଳେନ୍ଦ୍ରଦେବ ନିଜକୁ ଓଡିଶାର ଇଷ୍ଟ ଶ୍ରୀଜଗନ୍ନାଥଙ୍କର ପ୍ରଥମ ସେବକ ଭାବେ ଘୋଷଣା କରିଥିଲେ ଏବଂ ସେହି ପରଂପରା ଅବ୍ୟାହତ ରହିଛି । ଅତୀତରେ ଆମ ରାଜ୍ୟ ବିଭିନ୍ନ ନାମରେ ପରିଚିତ ଥିବାବେଳେ, ତାଙ୍କରି ସମୟରୁ ରାଜ୍ୟ ଓଡିଶା ନାମରେ ପରିଚିତ ହେଲା । ଗଜପତି କପିଳେନ୍ଦ୍ର ଦେବଙ୍କ ୧୪୪୩ ମସିହା ଜଗନ୍ନାଥ ମନ୍ଦିର ଶିଳାଲେଖାରେ 'ଓଡିଶାରାଜ୍ୟ' ଉଲ୍ଲେଖ ରହିଛି ।

ତାଙ୍କ ଶାସନକାଳକୁ ନେଇ ଏବେ ମଧ୍ୟ ଆମେ ଗର୍ବରେ ଉତ୍‌ଫୁଲ୍ଲିତ ହେଉଁ । ଏହାର ମୁଖ୍ୟ କାରଣ - ଗଜପତି କପିଳେନ୍ଦ୍ର ଦେବ କଥିତ ଓଡିଆ ଭାଷାକୁ 'ରାଜ ଭାଷା' ଅର୍ଥାତ ଶାସନବ୍ୟବସ୍ଥାର ଭାଷା ଭାବେ ସ୍ୱୀକୃତି ଦେଇଥିଲେ । ଓଡିଆ ଭାଷା, ଓଡିଶାର ଅସ୍ମିତାରେ ରୂପାନ୍ତରିତ ହୋଇଗଲା । ସ୍ୱାଭିମାନର ସନ୍ତକ ଓଡିଆ ଭାଷାକୁ ନେଇ ଓଡିଆ ଜାତି ଗର୍ବ କରିବାରୁ ସେ ସମୟରେ ଓଡିଶା , ଭାରତୀୟ ଉପମହାଦେଶର ସର୍ବବୃହତ ସାମ୍ରାଜ୍ୟରେ ପରିଣତ ହୋଇଥିଲା । ଶୁଦ୍ରମୁନି ଶାରଳା ଦାସ ହେଉଛନ୍ତି ଗଜପତି କପିଳେନ୍ଦ୍ର ଦେବଙ୍କର ଓଡିଶାକୁ ସର୍ବଶ୍ରେଷ୍ଠ ଅବଦାନ । ଶାରଳା ବିରଚିତ ମହାଭାରତ,ବିଲଙ୍କା ରାମାୟଣ, ଚଣ୍ଡୀ ପୁରାଣ ଓଡିଆ ସାହିତ୍ୟର ଆଦି ଓଁକାର ଧ୍ୱନି ।

ଅତୀତରେ ଓଡିଆ ଭାଷାକୁ କେନ୍ଦ୍ର କରି ଆମ ରାଜ୍ୟରେ ଦୁଇଟି ଆନ୍ଦୋଳନ ସଂଗଠିତ ହୋଇଛି - ଭାଷା ସୁରକ୍ଷା ଆନ୍ଦୋଳନ ଏବଂ ଭାଷା ଭିତ୍ତିକ ଆନ୍ଦୋଳନ । ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ କିଛି ସରକାରୀ ଅଧିକାରୀ ଏବଂ ଓଡିଆ ଭାଷା ପ୍ରତି ବିଦ୍ୱେଷ ମନୋଭାବ ପୋଷଣ କରୁଥିବା ଅଣଓଡିଆ କର୍ମଚାରୀଙ୍କ ଦ୍ୱାରା ରାଜ୍ୟରୁ ଓଡିଆ ଭାଷାକୁ ନିଶ୍ଚିହ୍ନ କରିବା ନିମନ୍ତେ ଯେଉଁ ହୀନ ଚକ୍ରାନ୍ତ ଆରମ୍ଭ ହୋଇଥିଲା, ଭାଷା ସୁରକ୍ଷା ଆନ୍ଦୋଳନ ଥିଲା ତାହାର ପ୍ରତିବାଦର ସ୍ୱର । ଏ ଆନ୍ଦୋଳନର ସମୟ ସୀମା ୧୮୭୦ -୧୮୭୩ ମସିହା, ମାତ୍ର ତିନି ବର୍ଷ । କିନ୍ତୁ ୧୮୪୦ ମସିହାରୁ ଏହାର ତିନି ଦଶନ୍ଧିର ସୁଦୀର୍ଘ ପୃଷ୍ଠଭୂମି ବିଦ୍ୟମାନ । ଏହାର ନେତୃତ୍ୱ ନେଇଥିଲେ ଏ ଜାତିର ବ୍ୟାସ, ଭାଷା ସାହିତ୍ୟର ସେନାପତି ସରସ୍ୱତୀ ଫକୀରମୋହନ । ଏହି ଆନ୍ଦୋଳନର ସଫଳତା ଭାଷା ଭିତ୍ତିକ ରାଜ୍ୟ ଗଠନ ପାଇଁ ଶକ୍ତି ଓ ସାମର୍ଥ୍ୟ ଯୋଗାଇଥିଲା । ବଙ୍ଗ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶରେ ଥିବା ଓଡିଆ ଭାଷାଭାଷୀ ଅଞ୍ଚଳକୁ ଓଡିଶା ଡିଭିଜନ୍ ସହିତ ମିଶାଇ ଗୋଟିଏ ଶାସନ ଅଧୀନରେ ରଖିବା ନିମନ୍ତେ ଯେଉଁ ବ୍ୟାପକ ଆନ୍ଦୋଳନ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା , ତାହା ଭାଷା ଆନ୍ଦୋଳନ ନାମରେ ଅଭିହିତ । ଏହାର ନେତୃତ୍ୱ ନେଇଥିଲେ ଶତାବ୍ଦୀର ସୂର୍ଯ୍ୟ ମଧୂସୁଦନ ଦାସ । ଭାଷାଟିଏ ଥିଲା ବୋଲି ଭୂମିଟିଏ ପାଇଥିଲେ । ୧୯୩୮ ମସିହାରେ ମାଦ୍ରାସ ବିଧାନସଭାରେ ଭାଷା ଭିତ୍ତିରେ ଚାରୋଟି ସ୍ୱତନ୍ତ୍ର ରାଜ୍ୟ : ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଏବଂ କେରଳ ଗଠନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା । କିନ୍ତୁ ବ୍ରିଟିଶ ପାର୍ଲାମେଣ୍ଟ ତାହା ପ୍ରତ୍ୟାଖାନ କରିବା ଫଳରେ ସେ ପ୍ରସ୍ତାବ ଅକାଳରେ ମୃତ୍ୟୁବରଣ କରିଥିଲା ।

୨୦୨୪ ମସିହାରେ ଓଡିଆ ଅସ୍ମିତାକୁ କେନ୍ଦ୍ର କରି ଯେଉଁ ବ୍ୟାପକ ଆନ୍ଦୋଳନ ସଂଗଠିତ ହୋଇଥିଲା, ତାହାର ପରିମାଣ ସ୍ୱରୂପ କେବଳ ରାଜନୈତିକ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଲା ନାହିଁ, ଓଡିଆ ଭାଷା-ସାହିତ୍ୟକୁ ନେଇ ପ୍ରତିଟି ଓଡିଆ ପ୍ରାଣରେ ନବ ଜାଗରଣ ସୃଷ୍ଟି ହେଲା ।

'ଘାସଫୁଲ' ପତ୍ରିକା ଓଡିଆ ଭାଷା-ସାହିତ୍ୟ-ସଂସ୍କୃତିର ବାହକ ଏବଂ ସେହି ଦିଗରେ ଅଧିକ ଅଗ୍ରସର ହେବା ପାଇଁ ସଙ୍କଳ୍ପବଦ୍ଧ ।

***